ପ୍ରବାଦ ଓ ପ୍ରବଚନ ସଂକଳନ

ସଂକଳକ

ଅଧ୍ୟାପକ ସର୍ବେଶ୍ୱର ଦାଶ

Digitized by srujanika@gmail.com

ପ୍ରବାଦ ଓ ପ୍ରବଚନ ସଂକଳନ

ସଂକଳକ :
ଅଧ୍ୟାପକ ସର୍ବେଶ୍ୱର ଦାଶ
ଅବସରପ୍ରାପ୍ତ ଅଧ୍ୟକ୍ଷ,
ସରକାରୀ ଟ୍ରେନିଂ କଲେଜ, ଅନୁଗୁଳ

ଗ୍ରନ୍ଥ ମନ୍ଦିର

Digitized by srujanika@gmail.com

ପ୍ରକାଶକ : ଅଭିରାମ ମହାପାତ୍ର
ଗ୍ରନ୍ଥ ମନ୍ଦିର, ବିନୋଦବିହାରୀ, କଟକ-୨
ଗ୍ରନ୍ଥ ମନ୍ଦିର, ବାରବକ୍ସ, ବ୍ରହ୍ମପୁର

ମୁଦ୍ରକ : ଜୟରାମ ମହାପାତ୍ର
ଗ୍ରନ୍ଥ ପ୍ରକାଶନୀ, ସୁତାହାଟ, କଟକ

ପ୍ରଥମ ସଂସ୍କରଣ : ଡିସେମ୍ବର, ୧୯୮୫

ମୂଲ୍ୟ : ଟ ୨୦.୦୦

Digitized by srujanika@gmail.com

ସୂଚୀ

ବିଷୟ	ପୃଷ୍ଠା
୧। ଅନୁଭବ ଓ ଉପଦେଶ	୧
୨। ଅନ୍ଧ, ଅନ୍ଧତ୍ୱ, ଅନ୍ଧକାର ଓ ଅନ୍ଧବିଶ୍ୱାସ	୫
୩। ଅର୍ଥନୀତି ଓ ଆୟବ୍ୟୟ	୭
୪। ଇତିହାସ ଓ କିଂବଦନ୍ତୀ	୧୦
୫। ଇନ୍ଦ୍ରିୟ ଓ ଇନ୍ଦ୍ରିୟାନୁଭୂତି	୧୩
୬। ଈଶ୍ୱରବିଶ୍ୱାସ ଓ ଭଗବଦ୍‌ଭକ୍ତି	୧୪
୭। ଉଦ୍‌ଯୋଗ ଓ ଆଳସ୍ୟ	୧୬
୮। ଐକ୍ୟ ଓ ସଂହତି	୧୯
୯। କର୍ମ, ଭାଗ୍ୟ ଓ ଅଦୃଷ୍ଟ	୨୦
୧୦। କୃଷି	୨୩
୧୧। ଖାଦ୍ୟ ଓ ବସ୍ତ୍ର	୩୨
୧୨। ଗୃହ, ଗୃହସ୍ଥ ଓ ଗୃହିଣୀ	୪୦
୧୩। ଗୋପାଳନ ଓ ପ୍ରାଣିତତ୍ତ୍ୱ	୪୭
୧୪। ଗ୍ରାମ୍ୟ ଜୀବନ	୫୩
୧୫। ଘର-ସଂସାର	୫୭
୧୬। ଘୃଣା ଓ ଚଳଣି	୬୬
୧୭। ଚୌର୍ଯ୍ୟବୃତ୍ତି	୬୯
୧୮। ଛଳନା ଓ ପ୍ରତାରଣା	୭୧
୧୯। ଜଗନ୍ନାଥ ସଂସ୍କୃତି	୭୪
୨୦। ଜନ୍ମ ଓ ମୃତ୍ୟୁ	୭୬
୨୧। ଜଳବାୟୁ ଓ ପାଣିପାଗ	୭୮
୨୨। ଜାତି ଓ ବର୍ଣ୍ଣ ବିଚାର	୮୦

Digitized by srujanika@gmail.com

୨୩ ।	ଜ୍ୟୋତିଷ ବଚନ	୮୩
୨୪ ।	ଟଙ୍କା-ପଇସା ଓ ଦେଣା-ପାଉଣା	୮୪
୨୫ ।	ଠଗଠମାଲି	୮୭
୨୬ ।	ତୁଳନା ଓ ଦୃଷ୍ଟାନ୍ତ	୯୪
୨୭ ।	ଦଣ୍ଡବିଧାନ ଓ ନ୍ୟାୟ-ବିଚାର	୧୦୩
୨୮ ।	ଦାନ ଓ କାର୍ପଣ୍ୟ	୧୦୫
୨୯ ।	ଦେଶ, କାଳ ଓ ପାତ୍ର	୧୦୭
୩୦ ।	ଦୋଷ ଓ ଗୁଣ	୧୦୯
୩୧ ।	ଧନୀ-ଦରିଦ୍ର, ବଡ଼-ସାନ ଓ ସବଳ-ଦୁର୍ବଳ	୧୧୪
୩୨ ।	ଧର୍ମ, ଅଧର୍ମ ଓ ପାପ-ପୁଣ୍ୟ	୧୧୮
୩୩ ।	ନାରୀ-ଚରିତ	୧୨୦
୩୪ ।	ନାଁ-ଢଆ ଓ ପ୍ରହେଳିକା	୧୨୪
୩୫ ।	ନିଶାଦ୍ରବ୍ୟ ଓ ନିଶା-ସେବନ	୧୨୬
୩୬ ।	ନୃତ୍ୟ-ଗୀତ ଓ କାବ୍ୟ-କବିତା	୧୨୭
୩୭ ।	ପର-ଆପଣା	୧୨୭
୩୮ ।	ପାରିବାରିକ ଜୀବନ	୧୩୦
୩୯ ।	ପୌରାଣିକ ପ୍ରବଚନ	୧୩୩
୪୦ ।	ପ୍ରୀତି ଓ ପ୍ରଣୟ	୧୩୮
୪୧ ।	ବନ୍ଧୁବାନ୍ଧବ ଓ ସାଇପଡ଼ିଶା	୧୪୦
୪୨ ।	ବାଣିଜ୍ୟ ବ୍ୟବସାୟ	୧୪୧
୪୩ ।	ବାଲ୍ୟ, ଯୌବନ ଓ ଜରା	୧୪୩
୪୪ ।	ବିଶେଷୋକ୍ତି	୧୪୫
୪୫ ।	ବୃତ୍ତି ଓ ଧନ୍ଦା	୧୫୯
୪୬ ।	ଚରିତହୀନା ନାରୀ	୧୬୨
୪୭ ।	ଜୀବ-ଜନ୍ମମସ୍ତୁ ଓ କଥାସ୍ୱପା	୧୬୩
୪୮ ।	ମାନବ ପ୍ରକୃତି ଓ ମନସ୍ତତ୍ତ୍ୱ	୧୬୫

Digitized by srujanika@gmail.com

୪୯ ।	ମାତ୍ରାଜ୍ଞାନ ଓ ପରିମିତବୋଧ	୧୬୦
୫୦ ।	ମୂର୍ଖ ଓ ପଣ୍ଡିତ	୧୬୧
୫୧ ।	ଯାତ୍ରଯାତ୍ରା, ପର୍ବପର୍ବାଣି ଓ ଓଷା-ବ୍ରତ	୧୬୨
୫୨ ।	ରଜା ଓ ପ୍ରଜା	୧୬୪
୫୩ ।	ରୋଗ ଓ ସ୍ୱାସ୍ଥ୍ୟ	୧୭୭
୫୪ ।	ଲୋକ-ଗଳ୍ପ	୧୭୯
୫୫ ।	ଲୋକ-ଚରିତ୍ର	୧୮୧
୫୬ ।	ଶାସନ ଓ ଶୃଙ୍ଖଳା	୧୯୧
୫୭ ।	ଶିକ୍ଷା ଓ ସଂସ୍କୃତି	୧୯୫
୫୮ ।	ସମାଜଚିତ୍ର ଓ ସାମାଜିକ ମୂଲ୍ୟବୋଧ	୧୯୬
୫୯ ।	ହାସ୍ୟ ଓ ବ୍ୟଙ୍ଗ	୨୦୨

Digitized by srujanika@gmail.com

ଅନୁଭବ ଓ ଉପଦେଶ

୧ । ଅକାଳେ ନିୟମ ନାସ୍ତି । (ଦୁଃସମୟରେ ନିୟମକୁ ମାନି ଚଳିବା ସମ୍ଭବ ନୁହେଁ ।)

୨ । ଆଁ କଲେ ବତିଶ ଦାନ୍ତ ଦିଶେ । (ପେଟର ଗୁମର ପଦାରେ ପଡ଼ିଯିବା ।)

୩ । ଆଖି ଫୁଟୁ, ବଥା ଯାଉ ।

୪ । ଆଗତ ପଞ୍ଝା, ସବୁ କଞ୍ଝା । (କଞ୍ଝା ଫଳ ପାଚିଲେ ଖାଇବାର ଆଶା ଓ ଭବିଷ୍ୟତରେ ଫଳ ପାଇବା କଥାକୁ ଭାବିବା, ଏକା କଥା । ଆଗତ ପାଞ୍ଚ ଭଲ ନୁହେଁ ।)

୫ । ଆ ବଳଦ ମତେ ବିନ୍ଧ । (ଜାଣିଶୁଣି ବିପଦକୁ ବରଣ କରିବା ।)

୬ । ଆଗ, ସୁନା ପାଗ; ପଛ, ଗୁହ ପୋଛ । (ମା'ମାନେ ପିଲାଙ୍କୁ ଶୀଘ୍ର କାର୍ଯ୍ୟ ସମାପନ କରିବା ପାଇଁ ଉତ୍ସାହିତ କରିବା ବାକ୍ୟ ।)

୭ । ଆପେ ସଖି, ଆପଣା ମହତ ଆପେ ରଖି । (ନିଜର ସମ୍ମାନ ନିଜର କାର୍ଯ୍ୟ ଉପରେ ନିର୍ଭର କରେ ।)

୮ । ଆଶା ବୈତରଣୀ ନଦୀ । (ମନୁଷ୍ୟର ଆଶାର ସୀମା ନାହିଁ ।)

୯ । ଏମନ୍ତ ଭାବରେ କହିଯାଉଥିବ, କେହି ନ ବୋଲିବ ଝୁଟ ।
ଏମନ୍ତ ଭାବରେ ବସିଯାଉଥିବ କେହି ନ ବୋଲିବେ ଉଠ ।
ଏମନ୍ତ ମଜାରେ ଚାଲିଯାଉଥିବ, କେହି ନ କହିବ ଝୁଣ୍ଟ ।

୧୦ । ଔଷଧାର୍ଥେ ସୁରାପାନ । (ଔଷଧ ପାଇଁ ବ୍ୟବହାର କରାଗଲେ ସୁରାପାନ ଦୂଷଣୀୟ ନୁହେଁ ।)

୧୧ । କଞ୍ଚା ନିଦ ଭଙ୍ଗାଇବ ନାହିଁ । (ଅଳ୍ପକ୍ଷଣ ପୂର୍ବେ ଶୋଇଥିବା ବ୍ୟକ୍ତିର ନିଦ ଭଙ୍ଗାଇବା ଉଚିତ ନୁହେଁ ।)

୧୨ । କଥା ମାଜିଲେ ମୋଟ, ସୂତା ମାଜିଲେ ସରୁ । (ଗୋଟିଏ କଥାକୁ ଧରିବସି ବାରମ୍ବାର ଆଲୋଚନା କଲେ ତାହା କ୍ରମେ ବଡ଼ ଆକାର ଧାରଣ କରେ ।)

୧୩ । କାମ ସାର ବସ, ଭଗାର ମାର ହସ ।

୧୪ । ଖଳ ଲୋକ ମେଳ, ଖଣ୍ଟ ସଙ୍ଗେ ଗୋଳ, ଖଣ୍ଡିଆ କଟୁରି, ଢାଙ୍କିଶାଳ ଗୁହାଳ— ସଖି ଗୋ, ମନ୍ଦ ଏ ।

୧୫ । ଖାଇବ ଯା'ର, ଗୁଣ ଗାଇବ ତାର । (ଉପକାରୀ ବ୍ୟକ୍ତିର ପ୍ରତ୍ୟୁପକାର କରିବା ।)

୧୬ । ଗଛ ଚଢ଼ି ନଜାଣେ ଯେ, ଲୁଆ ଅଁଠା ଖାଏ ସେ ।

୧୭ । ଗଡ଼ ହୋଇକରି ନଥାଏ ଟାଣ, ଘର ଗିରସ୍ତର ନଥାଏ ପଣ,
ଟୋଇଲା ମାଈପର ନଥାଏ ଠଣ, କହେ ହନାଇ ଏ ଚାହିଁରେ ଗଣ ।

Digitized by srujanika@gmail.com

୧୮ । ଗାଁମୁଣ୍ଡ ଘର ଗ୍ୱେରକୁ, ବୁଢ଼ାକାଳ ବାଘ ପରକୁ ।

୧୯ । ଗାଳିଦେଲେ ଦେହ ଛିଣ୍ଡିଯିବ ନାହିଁ ।

୨୦ । ଘର କରିବୁ ସାଇରେ, ପରତେ ନ ଯିବୁ ବାଇରେ, ପରିହାସ କରିବୁ ଆଇରେ ।

୨୧ । ଘର ପୋଡ଼ିଲେ ବନ ଦ'ପନ୍ଦରେ କାଠ ।

୨୨ । ଘମ୍ମା, ଘଙ୍ଗୁଡ଼ା, ପାଲୁଡ଼ା—ଏ ତିନହେଁ ଭୁରୁଡ଼ା । (ଏମାନେ ନିଜର ଉକ୍ତ ପ୍ରକାର କାର୍ଯ୍ୟକୁ—ଘମ୍ମାଇବା, ଘଙ୍ଗୁଡ଼ି ମାରିବା ଏବଂ ପାଡ଼ିବା—ସ୍ୱୀକାର କରନ୍ତି ନାହିଁ ।)

୨୩ । ଚଟଗ୍ଯା ସାରୀ, ଚକଣିଆ ଭଣ୍ଡାର,
ଗୃହି-ଜଲକା, ବାଚପୀ ନାରୀ—ସଖି ଗୋ ! ବଡ଼ ମନ୍ଦ ଏ ।

୨୪ । ଗ୍ଢିଲେ ଦଣେ, ଗ୍ଲଲେ କୋଣେ ।

୨୫ । ଚିତା ଦେଖୁଛୁ, ଧର୍ମ ପଗ୍ଭୁରୁଛୁ । (ବାହ୍ୟ ନିଦର୍ଶନ ଦେଖି ପୁନର୍ବାର ପରିଚୟ ପଗ୍ଭରିବା ।)

୨୬ । ଚରୁଲି କଥା ଭଲ, ମୁନିବ ଘଦ ଶୁଣେ

୨୭ । ଛଅଗାଁ ଗଲେ ପୋଷେ, ନଅଗାଁ ଗଲେ ମୋଷେ । (ଭିକ୍ଷୁକର ଅନୁଭୂତି)

୨୮ । ଗ୍ଡ଼ି ପିତୃକାର୍ଯ୍ୟ, କର ଗ୍ଜକାର୍ଯ୍ୟ ।

୨୯ । ଜନ୍ମବେଳେ ଷଷ୍ଠୀ ନାହିଁ, ମରଣବେଳେ ଔଷଧ ନାହିଁ ।

୩୦ । ଜାଉ ଦହଡ଼ (ଡହଡହ) ପାଖେଇ ଖା । (ତାହାହେଲେ ହାତ ପୋଡ଼ିଯିବ ନାହିଁ ।)

୩୧ । ଜାଉ ଖାଇବ ନା ମାଛି ହୁରୁଡ଼େଇବ । (ଦୁଇଟି କାର୍ଯ୍ୟ ଏକସଙ୍ଗରେ କରିବା ବିରକ୍ତିଜନକ ।)

୩୨ । ଜୀବନ ଥିଲେ ସବୁ ଅଛି । (ବଞ୍ଚି ରହିଥିଲେ ଧନ-ମାନ, ପୁତ୍ର-କନ୍ୟା ସବୁ ମିଳିବ ।)

୩୩ । ଝପଝପ ଗ୍ଲ, ଝୁଣ୍ଟିପଡ଼ିଲେ ଗାଳି,
ଝାଳ ଗମଗମ, ଚବଡ ବାଲ—ସଖି ଗୋ, ମନ୍ଦ ଏ ।

୩୪ । ଝାଟିମାଟି ଗ୍ଲଘର, ନିଆଁ-ପାଣିକି ସଦା ଡର ।

୩୫ । ଠକୁରୁ ଠକୁରୁ ଗ୍ଲକ, ସବ ନୁହେଁ ଘୋଡ଼ା ପାଲଙ୍କି ।

୩୬ । ଡଗଡଗ ଗ୍ଲକ, ସବ ନୁହେଁ ଘୋଡ଼ା ପାଲଙ୍କି ।

୩୭ । ଡାଳ ଡାଳ କରି କାଢ଼ୁଛୁ ପାଣି, କଙ୍କାଳ ଖାଉଛି ତିନି କହୁଣି ।

୩୮ । ତଡ଼ିଲା ପାଣିରେ କେଉଁଠି ଘର ପୋଡ଼ିଗଲାଣି; ନା ମଣିଷକଥାରେ ମଣିଷ ମଲାଣି ?

୩୯ । ତିନିଘର କୁଣିଆ ଉପାସ ରହେ । (ଅନ୍ୟ ବ୍ୟକ୍ତି କୁଣିଆଙ୍କର ତତ୍ତ୍ୱ ନେବ ବିଗ୍ଭରି କେହି ଦାୟିତ୍ୱ ନ ନେବା ହେତୁ ।)

Digitized by srujanika@gmail.com

୪୦ । ତୁଣ୍ଡ ଶୁଖେଇବ ଦାନ୍ତା ଦେଖି, କେବେ ନୋହିବ ନଶମାଖୀ । (ଦାନ୍ତା ଦେଖି ପ୍ରାର୍ଥନା କଲେ ତାହା ସଫଳ ହୁଏ ।)

୪୧ । ତୋଳିବାକୁ ମନ୍ଦସ୍ତ ଦିନ, ଭାଙ୍ଗିବାକୁ କ୍ଷଣେ । (କୌଣସି ବସ୍ତୁ ଗଢ଼ିବା କଷ୍ଟ; କିନ୍ତୁ ଭାଙ୍ଗିବା ଅତି ସହଜ ।)

୪୨ । ଥିର ଥିର ଚାଲୁଥିବ, ଧୀର ଧୀର ବୋଲୁଥିବ ।

୪୩ । ଥାଉ ମାନ, ଯାଉ ଧନ ।

୪୪ । ଧକଧକ ମନ, ଦୁମୁଦୁମୁ ଗମନ, ଦାନ ଦେଲା ଲୋକଠାରେ କଲେ ଅଭିମାନ— ସଖି ଗୋ, ମନ୍ଦ ଏ ।

୪୫ । ଧନ ଯାଏ, କଥା ରହେ । (ଧନଦାନକର କଥା ବହୁକାଳକୁ ମନେରହେ ।)

୪୬ । ଦେଖିଲେ ଏକାଠେଇଁ ଠୁଳ, ବାଣ୍ଟିଦେଲେ ନିର୍ମୂଳ । (ଏକାଠି ଜମା ହୋଇଥିବା ଜିନିଷ ଆଖିକୁ ବହୁତ ଦେଖାଯାଏ; କିନ୍ତୁ ବାଣ୍ଟି ଦେଲେ ସରିଯାଏ ।)

୪୭ । ନ ଦେବୁ ଧନ, କହିବୁ ଦିବ୍ୟ ବଚନ ।

୪୮ । ନିଆଁ ନ ଥାଇ ଧୂଆଁ ବାହାରେ ନାହିଁ । (କାରଣ ନ ଥାଇ କାର୍ଯ୍ୟ ଦେଖାଯିବା ସମ୍ଭବ ନୁହେଁ ।)

୪୯ । ନୂଆ ନୂଆ ଶାଗ, ନୂତନ ଅନୁରାଗ, ନାତିନାତୁଣୀଙ୍କଠାରେ ବୁଢ଼ାର ସରାଗ— ସଖି ଗୋ, ଭଲ ଏ ।

୫୦ । ପଂଶସ ରୋପା, ପରପୁଅକୁ ପରତେ ନ ଯିବୁରେ ବୋପା !

୫୧ । ପର କେବେ ଆପଣାର ହୁଏ ?

୫୨ । ପରତେ ନ ଯିବୁ ଦାଣ୍ଡ ସୁନାରି, ପରତେ ନ ଯିବୁ ବନ୍ଧପୀ ନାରୀ ।
ପରତେ ନ ଯିବୁ ଗଣ୍ଠିକଟାକୁ, ପରତେ ନ ଯିବୁ ଚୁଟିକଟାକୁ ।
ପରତେ ନ ଯିବୁ ଡଲୀରେ ପୂଜା, ଖାଏ ବାଣ ପୁଣି ରୋଷାଏ ସୁଜା ।

୫୩ । ବଡ଼ ଥିଲେ ପଗର, ସାନ ଥିଲେ ବଗର ।

୫୪ । ବିନାଶ କାଳେ ବିପରୀତ ବୁଦ୍ଧି ।

୫୫ । ବିପଦ ସାଙ୍ଗସରିସା ଧରି ଆସେ । (ବିପଦ ବେଳେ ଏକାଧିକ ବିପଦ ଦେଖା- ଦେଇଥାଏ ।)

୫୬ । ବିଷ୍ଠାକୁ ଘାଣ୍ଟିଲେ ଗନ୍ଧେଇବ ଯିନା; ବାସିବ ନାହିଁ । (ନୀଚ ଓ ଘୃଣ୍ୟ କାର୍ଯ୍ୟର ଅଧିକ ଆଲୋଚନା ଅବାଞ୍ଛନୀୟ ।)

୫୭ । ବୁଡ଼ିପାରିଲା ବେଳର କଥା ମୁଣ୍ଡ ଶୁଖେଇଲାବେଳକୁ ନ ଥାଏ । (ବିପଦକାଳର ଉଦ୍‌ବେଗ ମନୁଷ୍ୟ ଶୀଘ୍ର ଭୁଲିଯାଏ ।)

୫୮ । ବେଳବେଳକ ଭାବ, ଯୁଗ-ଯୁଗକୁ କଥା । (ମନୁଷ୍ୟର କେତେକ ଅନୁଭୂତି ଜୀବନରେ ପାଶୋରିଯାଏ ନାହିଁ ।)

Digitized by srujanika@gmail.com

୬୯ । ଭୋଗୀକୁ ଆୟୁଷ ନାହିଁ, ରୋଗୀକୁ ମରଣ ନାହିଁ ।

୭୦ । ଯେଉଁଠି ଠିକନ୍ତି, ସେଇଠି ଶିଖନ୍ତି । (ମନୁଷ୍ୟ ଅଭିଜ୍ଞତାରୁ ଶିକ୍ଷା କରେ ।)

୭୧ । ଯାଚଲା ପଦାର୍ଥ ଗ୍ରହନ୍ତି ନାହିଁ ।

୭୨ । ରୋଗର ଶେଷ, ଋଣର ଶେଷ, ରଖିଲେ ସର୍ବନାଶ ।

୭୩ । ସବୁ ଯାଉ ମହତ ଥାଉ, ମହତ ଗଲେ ନ ମିଳେ ଆଉ ।

୭୪ । ସବୁଥିରେ ଥିବ, କାହିଁରେ ନ ଥିବ ।

୭୫ । ସମ୍ପଦବେଳେ ନ କରିବ ଗୁମର, ବିପଦବେଳେ ନ ହୋଇବ କାତର ।

୭୬ । ହାତୁଁ ଦେଇ ପରେ ନୋହିବ ଲଗା,
ମାଗନ୍ତାଙ୍କ ଠେଇଁ ନୋହିବ ମଗା,
ଷଣ୍ଢ ବେକରେ ନ ଦେବ ପଘା ।

୭୭ । କାନ ଦେବ, ଜିଭ ଦେବ ନାହିଁ । (ସବୁ ଶୁଣିବ; କିନ୍ତୁ ହଠାତ୍ ନିଜର ମତାମତ ବ୍ୟକ୍ତ କରିବ ନାହିଁ ।)

୭୮ । ଦେଖିଲା ସାପକୁ ଗାତରେ ନ ପୂରାଇବା । (ସାପକୁ ଦେଖିଲାକ୍ଷଣି ମାରିପକାଇବା) ।

୭୯ । ନଳ ଆଗରେ ବଳ କାହାର ? (ଭୂମି ନେଇ ଦୁଇ ପକ୍ଷଙ୍କ ମଧ୍ୟରେ ବିବାଦ ହେଲେ ନଳ ବା ଭୂମିମାପ କରିବା ପଦ୍ଧତିଦ୍ୱାରା ଯାହା ନିର୍ଣ୍ଣୀତ ହୁଏ, ତାହାକୁ ଉଭୟ ପକ୍ଷ ବାଧ୍ୟ ହୋଇ ମାନନ୍ତି ।)

୮୦ । କାଲି ଜଡ଼ା ତୁମେ ହସ କାହିଁକି,
ତୁମେ ଯହିଁକି, ଆମେ ତହିଁକି ।

୮୧ । ନେଞ୍ଚେ ପାଇବୁ ନାହିଁ କି ମେଞ୍ଚେ ଖାଇବୁ ନାହିଁ ।

୮୨ । କୃଷ୍ଣ ବଚନ ମିଠା ଛଅଣ ପାଶୋର ନ ଯାଏ ମନୁ,
ଧନଦନକର କଥା ମନେପଡ଼ିଗଲେ ଘାରିହୋଇଯାଏ ତନୁ ।

୮୩ । ନଖରେ ଛିଣ୍ଡିବା କଥା କୁରାଢ଼ି ଯାଏଁ କିଆଁ ଯିବ ?

୮୪ । ନିଜ ବୁଦ୍ଧିରେ ଯୋଗୀ ହେବ, ପରବୁଦ୍ଧିରେ ରଜା ହେବ ନାହିଁ ।

୮୫ । ନିଜ ବୁଦ୍ଧିରେ ଘାସ କାଟିବ, ପରବୁଦ୍ଧିରେ ଘୋଡ଼ା ଚଢ଼ିବ ନାହିଁ ।

୮୬ । ଦିନେ ଗଲେ ଯୁଗେ ଯାଏ । (ଦୁଃଖୀ ଲୋକ ପକ୍ଷରେ ଗୋଟିଏ ଦିନ କଟିଲେ ଗୋଟିଏ ଯୁଗ ଗଲା ପରି ଜଣାପଡ଼େ ।)

୮୭ । ଦିନକ ଯାଏ, କ୍ଷଣକ ନ ଯାଏ । (ମନୁଷ୍ୟ ଜୀବନରେ ଏପରି ଗୋଟିଏ ଗୋଟିଏ ଘଡ଼ିସନ୍ଧିବେଳ ଆସି ପହଞ୍ଚେ ଯାହା ଅତିକ୍ରମ କରିବା ଦୁରୂହ ହୋଇପଡ଼େ ।)

୮୮ । ଦୁଃଖୀ ଆଗରେ ଦୁଃଖ କହିଲେ ପାଶି ପରି ଯାଏ,
ସୁଖୀ ଆଗରେ ଦୁଃଖ କହିଲେ ମୁଡ଼ କୁହସା ଦିଏ ।

Digitized by srujanika@gmail.com

୭୯ । ସୁଖର ଦିନ ଘୋଡ଼ାରେ ଧାଏଁ, ଦୁଃଖର ଦିନ ହାତୀ ଚଢ଼ି ଯାଏ । (ସୁଖର ଦିନ ଜଣାପଡ଼େ ନାହିଁ, ଦୁଃଖର ଦିନ ଦୀର୍ଘ ବୋଧହୁଏ ।)

୮୦ । ସୁଖୀ ଲୋଡ଼େ ଆପଣା ଜାଡ, ଦୁଃଖୀ ଲୋଡ଼େ ଆଳୁଅ ଗାଡ ।

୮୧ । ସତ କହିବ ନାଁ ମିଛ କହିବ, ନାଁ ଯାହା ଅଙ୍ଗେ ନଭେଇଛୁ ତାହା କହିବ ।

ଅନ୍ଧ, ଅନ୍ଧତ୍ୱ, ଅନ୍ଧକାର ଓ ଅନ୍ଧବିଶ୍ୱାସ

୧ । ଅନ୍ଧ ପାଣି ବୋହିଲେ ଦିନ ଜଣ କମେଇ । (ଅଯୋଗ୍ୟ ବ୍ୟକ୍ତି ହାତରେ କାର୍ଯ୍ୟର ଦାୟିତ୍ୱ ଦେଲେ ଜଣକ ସ୍ଥାନରେ ଦିନ ଜଣ ଲୋଡ଼ା ହୁଅନ୍ତି ।)

୨ । ଅନ୍ଧ ଆଗେ ଦୀପ, ବଧିର ଆଗେ ଗୀତ । (ଅନ୍ଧ ଆଲୋକର ଏବଂ ବଧିର ଗୀତର ମହତ୍ତ୍ୱ ବୁଝିବା ପାଇଁ ଅକ୍ଷମ) ।

୩ । ଅନ୍ଧର କି ଦିନରାତି । (ଚକ୍ଷୁହୀନ ବ୍ୟକ୍ତି ପକ୍ଷରେ ଦିନରାତି ସମାନ ।)

୪ । ଅନ୍ଧ ଲେଖାରେ ଚନ୍ଦ୍ର ସୂର୍ଯ୍ୟ ନାହାନ୍ତି । (ନିଜର ଅଜ୍ଞତା ହେତୁ ପ୍ରକୃତ ସତ୍ୟକୁ ଅସ୍ୱୀକାର କରିବା ।)

୫ । ଅନ୍ଧ ଗାଁରେ ଏକଆଖିଆ ରଜା । (ମୂର୍ଖ ଅଥବା ଅଯୋଗ୍ୟ ଲୋକଙ୍କ ପାଖରେ ଅଳ୍ପଜ୍ଞ ବ୍ୟକ୍ତି ନିଜର ବାହାଦୁରି ଦେଖାଏ ।)

୬ । ଅନ୍ଧର ଗାଈକୁ ଖୋଦା ଜଗୁଆଳ । (ଅସହାୟ ବ୍ୟକ୍ତିର ଭଗବାନ ଏକମାତ୍ର ଭରସା) ।

୭ । ଅନ୍ଧର ସାକ୍ଷୀ ସୁର ଦାସ । ଅନ୍ଧ କଣାକୁ ସାକ୍ଷୀ ଦେବା ନ୍ୟାୟ । (ଅନ୍ଧ ବ୍ୟକ୍ତି ଅଳ୍ପଜ୍ଞ ବ୍ୟକ୍ତିକୁ ସାକ୍ଷୀ ରୂପେ ଉପସ୍ଥାପିତ କରିବା ।)

୮ । ଅନ୍ଧ ହାତେ ରତ୍ନମୁଦି । (ଅଯୋଗ୍ୟ ବ୍ୟକ୍ତି ହସ୍ତରେ ମହା ମୂଲ୍ୟବାନ୍ ବସ୍ତୁ ଅର୍ପଣ ।)

୯ । ଅନ୍ଧ ହାତରେ ବଇଠା ଥିଲେ କି ପଦାର୍ଥ ତାକୁ ଦିଶେ ? (ଅନଧିକାରୀ ବ୍ୟକ୍ତି ହାତରେ ଅଧିକାର ଦେଲେ ସେ ତାର ସଦ୍‌ବ୍ୟବହାର କରି ଜାଣେ ନାହିଁ ।)

୧୦ । ଅନ୍ଧ ହାତୀ ଦେଖିବା ନ୍ୟାୟ । (ଅନ୍ଧ ହାତୀର କୌଣସି ଗୋଟିଏ ମାତ୍ର ଅଙ୍ଗକୁ ସ୍ପର୍ଶଦ୍ୱାରା ଅନୁଭବ କରି ତାହାକୁ ହାତୀ ବୋଲି କହିବା ପରି ବିଷୟର ଅଂଶ ମାତ୍ର ଜାଣି ତାହାକୁ ପୂର୍ଣ୍ଣ ବୋଲି ବିଚାରିବା ।)

୧୧ । ଅନ୍ଧାର ଘର, କେହି ନ ଜାଣନ୍ତି କାହାର ନାଉ । (ଅନ୍ଧାରରେ ସବୁ ଲୋକ ସମାନ) ।

Digitized by srujanika@gmail.com

୧୨ । ଆଖିଯୋଡ଼ିକ ଗଲା, କଉଡ଼ି ବୁଜୁଳିଟି ଗଲା । (ଧନନାଶ ଓ ପ୍ରାଣପୀଡ଼ା) ।

୧୩ । ବାପ ଓଲା, ଝିଅ ଚଢ଼େ ଦୋଳି, ମା' ଓଲା, ଝିଅ ବସେ କୋଳି ।
ବାପ ଓଲା, ପୁଅ ଖାଏ ଖଡ଼ା, ମା' ଓଲା ପୁଅ ଚଢ଼େ ଘୋଡ଼ା ।

୧୪ । ଅନ୍ଧାରୁଆ ଗୋହିରିକ କଅଁା ଫୋପଡ଼ ମାଡ଼ । (ଲୋକ ଅସୁବିଧାରେ ପଡ଼ିଥିବା-ବେଳେ ତାହିଁ ଉପରେ ପୁଣି ଦଣ୍ଡ ଦେବା ।)

୧୫ । ଅନ୍ଧାର ଘରେ କାଳୀ ଗୋଖ ସମାନ । (ଯେଉଁଠାରେ ଗୁଣ ବା ମହତ୍ତ୍ୱ ନିର୍ଣ୍ଣୟର ସୁଯୋଗ ନାହିଁ, ସେଠାରେ ଭଲ ମନ୍ଦ ସବୁ ସମାନ ।)

୧୬ । ଅନ୍ଧାର ଘରେ ଜନ୍ମର ଆଲୁଅ ଯେତକ ଦିନ ଗଲା, ସେତକ ଦିନ ଭଲ । (ଅପ୍ରତ୍ୟାଶିତ ଭାବରେ ପ୍ରାପ୍ତ ଅର୍ଥ ବା ସୁଯୋଗ ଯେତକ ଦିନ ପାଖରେ ଥିଲେ ମଧ୍ୟ ମଙ୍ଗଳକର ।)

୧୭ । ଅନ୍ଧାର ଘରକୁ ଟେକା ଫିଙ୍ଗିବା ।

୧୮ । ଅନ୍ଧାରରେ ବାଡ଼ି ବୁଲାଇବା । (ଅନିଶ୍ଚିତ ପ୍ରାପ୍ତି ଆଶାରେ ଅନୁମାନ ଉପରେ ନିର୍ଭର କରି କାର୍ଯ୍ୟ କରିବା ।)

୧୯ । ଅନ୍ଧାର ଘରେ ମାଣିକ । (ଅତ୍ୟନ୍ତ ଦରିଦ୍ର ଓ ଅଖ୍ୟାତ ପରିବାରରେ ପ୍ରତିଭାଶାଳୀ ଓ ଗୁଣବାନ୍ ପୁତ୍ର ଜନ୍ମଗ୍ରହଣ କରିବା ।)

୨୦ । ଅନ୍ଧାରେ ଖାଇଲେ ଗୁଡ଼, ଆଲୁଏ ଖାଇଲେ ଗୁଡ଼ । (ପରିସ୍ଥିତିର ପରିବର୍ତ୍ତନ ଯୋଗୁ ବସ୍ତୁର ପ୍ରକୃତ ସ୍ୱରୂପରେ କୌଣସି ପରିବର୍ତ୍ତନ ହୁଏ ନାହିଁ ।)

୨୧ । ଏକ ତିସ୍ତ, ମଣିଷମସ୍ତ । (ଗୋଟିଏ ତିସ୍ତ ଦେଖିବା ଅମଙ୍ଗଳକର । ଅନ୍ଧବିଶ୍ୱାସ ।)

୨୨ । ଛଅ ନାଖ, ତିନି ପୁରୁଷା; ଯହିଁ ଗଲେ ତହିଁ ଫସର୍‌ଫସା । (ଅନ୍ଧବିଶ୍ୱାସ)

୨୩ । ନଅ ଛଅ ତେର, କେବେଁ ନ ଯିବ ଘର, ଯେବେ ଯିବ ଘର, ତେବେ କରିବ ଜର ।

୨୪ । ନେଉଳ ଭାଇ, ଯେଣେ ଇଚ୍ଛା ତେଣେ ଯାଇ । (ନେଉଳ ଦର୍ଶନ କରି ଯାଆନ୍ତେଲେ ଶୁଭ ହୁଏ ବୋଲି ଅନ୍ଧବିଶ୍ୱାସ ଅଛି ।)

୨୫ । ପାଆକେ ସାପ, କୋଶକେ ତେଲି, ଯାତ୍ରା ଦେଖି ନ ଯିବ ଫେଲି । (ଯାତ୍ରା-କାଳରେ ସାପ ଓ ତେଲି ଦର୍ଶନ ଅଶୁଭକାରକ ।)

୨୬ । ଓଳତଳେ, ଠିଆ ନୋହିବ ସନ୍ଧ୍ୟାକାଳେ ।

୨୭ । ଓଷଦ ପିଇ, ତାଟିଆ ଉଗୁଡ଼େଇ ।

୨୮ । ନ ଖାଇବୁ ବାବୁ ତୁ ରେ କଲଜକା ଗୁଆ, ପୁରୁଷପଣରେ ହେବୁ ମାଇପିଗୁହଁଆ ।

୨୯ । ନ ଖାଇବୁ ବାବୁ ତୁ ରେ ହୁମତଳ ଘିଅ, ଜାଣିଶୁଣି ବନ୍ଧ୍ୟା ହେବୁ ଜନକର ଝିଅ ।

୩୦ । ନ ଖାଇବୁ ବାବୁ ତୁ ରେ ସାତ ଦିନେ ମଣ୍ଡା,
ଗୁହାଳ କଣରେ ତତେ କରିଦେବେ ମେଣ୍ଢା ।

୩୧ । ପେଚ୍ଚା ବୋବାଏ ଯାହାର ବାଡ଼ି, ତା' ଘରେ ପଶିବ ବଢ଼ଧୋଇଚ୍ଛ ।

Digitized by srujanika@gmail.com

୩୨ । ଦେଖୁଛି ସରୁଆ, ମୁହଁଟି ଚେପା, ଏହାଙ୍କୁ ପରତେ ନ ଯିବୁରେ ବୋପା !

୩୩ । ଆଉଁନୟନ ବଙ୍କା ଭୁରୁ, ଏହାଙ୍କୁ ଜାଣିବ ଠକଙ୍କ ଗୁରୁ ।

ଅର୍ଥନୀତି ଓ ଆୟବ୍ୟୟ

୧ । ଅଳପ ଆୟୀ, ବହୁତ ବ୍ୟୟୀ, ଶ୍ରେଷ୍ଠ ପଣତ ପରାୟେ ସେହୁ । (ସ୍ୱଳ୍ପ ଆୟ ଶ୍ରେଷ୍ଠ ପଣତ ପରି ସର୍ବଦା ନଅଣ୍ଟ ହୁଏ ।)

୨ । ଅଳଙ୍କାର ଅବଳା, ଉଧାର ଦେଲେ ଗଲା । (ନାରୀପରି ଅଳଙ୍କାର ଅନ୍ୟକୁ ଉଧାର ଦେଲେ ତାର ଇଜ୍ଜତ୍ ରହେନାହିଁ ।)

୩ । ଆଖୁ ଖଣ୍ଡିଏ ଦବୁନି ତ ଗୁଡ଼ ଖଣ୍ଡିଏ ଦବୁ । (ଅଳ୍ପକରେ ଋଣମୁକ୍ତ ନ ହୋଇ ବହୁତ ଅର୍ଥ ଦେବାକୁ ବାଧ୍ୟ ହେବା) ।

୪ । ଆୟ ଦେଖି ବ୍ୟୟ କର ।

୫ । ଆରେ ଭାଇ, ଅର୍ଜି ପାରିଲେ ଗର୍ଜି ଖାଇ ! (ଲୋକର ବ୍ୟୟ ତାର ଆୟ ଉପରେ ନିର୍ଭରକରେ । ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ଅଧିକ ଉପାର୍ଜନ ଆବଶ୍ୟକ ।)

୬ । ଆୟ ଦଶ ବ୍ୟୟ ଦଶ, ସବୁବେଳେ ହସହସ,
ଆୟ ଦଶ ବ୍ୟୟ ବାଆର, ଦଉଡ଼ିରେ ଭାଇ ସାହୁଘର,
ବ୍ୟୟ ଆଠ ଆୟ ଦଶ, ନିଶରେ ହାତ ମାରି ବସ ।

୭ । କଉଡ଼ି ନ ଥାଏ ମୂଲେଇ ଥାଏ, ନା ଦେଖୁଥିଲେ ପେଟ ଫୁଲେଇଥାଏ ।

୮ । ନିକଟ ତଉଲ ସାନବଡ଼କୁ, ଯେଝୁ ବଡ଼ ହୁଏ ସେଝୁ ତଲକୁ ।

୯ । କଡ଼ାକେ ଭରି, କଡ଼ାକେ ମରି, କଡ଼ାକେ ଘର-ଦୁଆର କରି । (ଅଳ୍ପଧନକୁ ପାଣ୍ଠି କରି ଲୋକେ ବଡ଼ଲୋକ ହୁଅନ୍ତି ।)

୧୦ । କଲନ୍ତର ଆଗରେ ଘୋଡ଼ା ଦଉଡ଼ିପାରେ ନାହିଁ । (କରଜ ଟଙ୍କାର ସୁଧ ହୁ-ହୁ ବଢ଼ିଯାଏ ।)

୧୧ । ଗରିଆ ପୋଡିବ ତ କରିଆ ପିନ୍ଧ । (ସଂଚୟ ପାଇଁ ବ୍ୟୟ-ସଂକୋଚ ଏକାନ୍ତ ଆବଶ୍ୟକ ।)

୧୨ । ଗହମ ଗୋଟିଗଣିତା ରୁଟି ଖାଉଛୁ କିଏ ? (ବ୍ୟୟ-ସଂକୋଚର ଚରମ ସୀମା) ।

୧୩ । ଘରେ ଥାଏ ସିଆନ୍, ହାଟକୁ ଯାଏ ଗୁଆଁର । (ବୁଦ୍ଧିମାନ୍ ଲୋକ ସ୍ୱାବଲମ୍ବୀ; ତେଣୁ ତାକୁ ପ୍ରତ୍ୟେକ ଜିନିଷ ପାଇଁ ହାଟକୁ ଯିବାକୁ ପଡ଼େ ନାହିଁ ।)

୧୪ । ଘୋଡ଼ାଟାଏ ଦେଇ ସରିଟାଏ ଆଣିବା । (ମୂଲ୍ୟବାନ୍ ବସ୍ତୁ ବିନିମୟରେ ତୁଚ୍ଛ ବସ୍ତୁ ଆଣିବା ।)

Digitized by srujanika@gmail.com

୧୫ । ଚମ ଧନ ନଧନ ଧନ, କଂସା ପିତଳ ଅଧା ଧନ, ସୁନାରୁପା ପୁରା ଧନ । (ବ୍ୟବହାର ଦ୍ୱାରା ସୁନାରୁପାର ମୂଲ୍ୟ ହ୍ରାସ ହୁଏ ନାହିଁ ।)

୧୬ । ଛେଳି ନ ବେଉଣ୍ଟ ବୋଦା କାଢ଼ିଆ । (ଅନିଶ୍ଚିତ ଭବିଷ୍ୟତ ପ୍ରାପ୍ତି ଆଶାରେ ଆଗରୁ ବ୍ୟୟ କରିବା ।)

୧୭ । ଗ୍ରେଟ କାନ କୁଆଡ଼କୁ ପାଏ ନାହିଁ । (ନିଅଣ୍ଟିଆ ପରିସ୍ଥିତି) ।

୧୮ । ଝାଡ଼େ ଥିଲେ ରଜାର ହାତୀ । (ବନ୍ୟ ସମ୍ପଦ ଜାତୀୟ ସମ୍ପଦ) ।

୧୯ । ଟଙ୍କା ଥିଲେ ମା' ବାପ ଛଡ଼ା ସବୁ ମିଳେ ।

୨୦ । ଟଙ୍କାଭୁତ ଡକାଯିବ, ମଲ୍ଲ ସେ କଷାନ ମଲ୍ଲ ସେ ଖେତ । (ଟଙ୍କା ଆକାରରେ ମଜୁରି ଦେବା ରୀତିର ପ୍ରସାର ପୂର୍ବେ ନ ଥିଲା ।)

୨୧ । ଠାକୁର ଖାଇ ଖଣ୍ଟୁଲି ଖାଇବା । (ଲାଭ୍ୟାଂଶ ଭୋଗ କରି ମୂଳଧନ ଖାଇଯିବା ।)

୨୨ । ଥିଲା ହାତ ସଲବଲ, ନ ଥିଲା ହାତ କଲବଲ । (ଧନ ପାଖରେ ଥିବାବେଳେ ଲୋକ ଅପବ୍ୟୟ କରେ ଏବଂ ଧନ ସରିଯିବା ପରେ ଖର୍ଚ୍ଚପାଇଁ କଷ୍ଟ ପାଏ ।)

୨୩ । ଥିଲେ ବୋହୂ (ଷଣ୍ଢ଼ୁ) ବାପର ଶ୍ରାଦ୍ଧ ହୁଏ, ନ ଥିଲେ ଆପଣା ବାପର ଶ୍ରାଦ୍ଧ ନୁହେଁ । (ଧନ ଥିଲେ ଅନେକ ଅନାବଶ୍ୟକ ବ୍ୟୟ କରାଯାଏ ଏବଂ ଧନ ନ ଥିଲା ବେଳେ ପିତୃଶ୍ରାଦ୍ଧ ପରି ଅବଶ୍ୟ-କର୍ତ୍ତବ୍ୟ କାର୍ଯ୍ୟ ମଧ୍ୟ ବାଦ୍ ପଡ଼େ ।)

୨୪ । ଥିଲେ ବାଘର ଆହାର, ନ ଥିଲେ ସାପର ଆହାର । (ପାଖରେ ଧନ ଥିଲାବେଳେ ଲୋକ ଭୂରି ଭୋଜନରେ ଦିନ ଯାପନ କରେ ଏବଂ ପାଖରେ ଧନ ନ ଥିଲାବେଳେ କୌଣସି ପ୍ରକାରେ ପ୍ରାଣ ରକ୍ଷାକରେ ।

୨୫ । ଥୋଡ଼ିଆ ଦେଖିଲେ ମୁଣ୍ଡବୋଝିଆ ପଳାନ୍ତି । (ପରିବହନ ବ୍ୟବସ୍ଥାର ଉନ୍ନତି ହେତୁ ସେମାନଙ୍କର ଆବଶ୍ୟକତା ଅନୁଭୂତ ହୁଏ ନାହିଁ ।)

୨୬ । ଦୀପ ଡେଙ୍ଗଲେ ହାତ ଚକ୍‌କଣ । (ପରର ଧନ କାରବାର କରିବା ଲୋକର ମଧ୍ୟ ଆର୍ଥିକ ଲାଭ ହୁଏ ।)

୨୭ । ଦୂବ ଦୁଆରି, ପନାସି ଚାଟି ଚନ୍ଦ୍ର ସୂର୍ଯ୍ୟଙ୍କର ଘର / ଖୁଦ ଦେବତା ଡାକୁଅଛନ୍ତି ମଣିମା ବଜେ କର । (ଦାରିଦ୍ର୍ୟର ସୀମାରେଖା ତଳେ ଥିବା ଲୋକଙ୍କ ଦୁରବସ୍ଥା ସମ୍ବନ୍ଧରେ କଟାକ୍ଷ ବଚନ) ।

୨୮ । ଦେଉଳକୁ ମୁକୁଶିଆଳ (ମୁଖଶାଳା) ବଳିଯିବା । (ଆୟକୁ ବ୍ୟୟ, ଲାଭକୁ କ୍ଷତି, ମୂଳଧନକୁ ସୁଧ ବଳିପଡ଼ିବା ।)

୨୯ । ନକଡ ଆଗରେ କ ଯୁକତ ।

୩୦ । ପଇସା ନେବ ଗଣି, ପାଣି ପିଇବ ଛାଣି ।

୩୧ । ପଇସା ଥିଲେ ବାଘଦୁଧ ମିଳେ ।

Digitized by srujanika@gmail.com

୩୨ । ବସି ଖାଇଲେ ନଈବାଲି ସରେ । (ଉପାର୍ଜନ ନ କରି ଘରେ ବସି ଆଲସ୍ୟରେ ବ୍ୟୟ କଲେ ନଈବାଲିପରି ଅକଳନା ସମ୍ପତ୍ତି ମଧ୍ୟ ନିଃଶେଷିତ ହୋଇଯାଏ ।)

୩୩ । ବାପ ଘେପିଲି ଡାଳ, ପୁଅ ମୁଣ୍ଡକୁ କାଳ । (ବାପ କରିଯାଇଥିବା ଋଣ ବଢ଼ି ବଢ଼ି ପୁଅକୁ ବିପଦରେ ପକାଏ ।)

୩୪ । ଭାତ ଥିଲେ କେତେ ଭାତୁଆ ଆସନ୍ତି ।

୩୫ । ଭାତ ବଞ୍ଚିଲେ ସହସ୍ରେ କୁଆ ।

୩୬ । ପଇସା ବଞ୍ଚିଲେ ଲୋକର ଅଭାବ ରହେ ନାହିଁ ।

୩୭ । ଭାତ ନାହିଁ ଯା'ର, ଜାତ ନାହିଁ ତାର । (ଧନହୀନ ବ୍ୟକ୍ତି ବା ଦେଶ ଦୁର୍ବଳ ।)

୩୮ । ଭାତ ମହରଗରେ ପତର ଶସ୍ତା । (ମୂଳ ବସ୍ତୁର ଦୁଷ୍ପ୍ରାପ୍ୟତା ହେତୁ ଆନୁଷଙ୍ଗିକ ବସ୍ତୁର ମୂଲ୍ୟ ହ୍ରାସ ପାଏ ।)

୩୯ । ଭୋଗ କରିବାକୁ ଜଣେ, ଖଟି ମରୁଥାନ୍ତି ପଣେ । (ପୁଞ୍ଜିବାଦୀ ଅର୍ଥନୀତିର ଲକ୍ଷ୍ୟ ।)

୪୦ । ମେଣ୍ଢା ଧୋଉ ଧୋଉ ନିକାଲ । (ଅପବ୍ୟୟ ଯୋଗେ ବହୁ ସଞ୍ଚିତ ଧନ ମଧ୍ୟ କ୍ଷୟ ହୋଇଯାଏ ।)

୪୧ । ଯଥା ଆୟ, ତଥା ବ୍ୟୟ । (ଆୟ ବ୍ୟୟ ସମାନ ।)

୪୨ । ଯେଉଁ ମୁଣ୍ଡକୁ ଯେଉଁ ଖୁର । (ଆୟ ଅନୁଯାୟୀ ବ୍ୟୟ ।)

୪୩ । ଯେଡ଼େ ବାଉଁଶକୁ ତେଡ଼େ ପୋଲ ।

୪୪ । ଯେଡ଼େ ଲୁଗା, ତେଡ଼େ କାନି ।

୪୫ । ଯେଡ଼େ ବଡ଼ ପାଟି, ତେଡ଼େ ବଡ଼ ଗୁଣ୍ଡା ।

୪୬ । ଯେଡ଼େ ପୋଥିକୁ ସେଡ଼େ ଡୋର । (ଆୟ ଅନୁଯାୟୀ ବ୍ୟୟ ।)

୪୭ । ଯେତିକ ଚୂନାକୁ ସେତିକ ପିଠା । (ଆୟ ଦେଖି ବ୍ୟୟ ।)

୪୮ । ଯେତିକ ଗୁଡ଼କୁ ସେତିକ ମଧୁର । (ଆୟ ଅନୁଯାୟୀ ବ୍ୟୟ ।)

୪୯ । ଯେବେ ଆଣିବୁ ଅରଜି, ତେବେ ଖାଇବୁ ଗରଜି । (ବ୍ୟୟ ଆୟ ଉପରେ ନିର୍ଭରଶୀଳ ।)

୫୦ । ରଣ ଝଣ ଯିବ, ମାଟି ଗୋଡ଼ ପଡ଼ିଥିବ । (ଭୂସମ୍ପଦର ସ୍ଥାୟିତ୍ୱ ଅଧିକ ।)

୫୧ । ଶସ୍ତାରେ ଅବସ୍ଥା । (ଜିନିଷର ସ୍ଥାୟିତ୍ୱ ଓ ଉପାଦେୟତ୍ୱ ପ୍ରତି ଦୃଷ୍ଟି ନ ଦେଇ କେବଳ ଶସ୍ତା ଦର ପ୍ରତି ଦୃଷ୍ଟି ଦେଲେ ମଣିଷ କ୍ଷତିରେ ପଡ଼େ ।)

୫୨ । ସଞ୍ଚି ଥିଲେ କପାମଞ୍ଜି କଉଡ଼ି । (ସାଇତି ରଖିଥିଲେ ସାମାନ୍ୟ ଜିନିଷ ମଧ୍ୟ ବହୁ ମୂଲ୍ୟରେ ବିକ୍ରି ହୁଏ ।)

୫୩ । ସମୁଦ୍ରରେ ପାଣି ବରଷା । (ଆବଶ୍ୟକ ନ ଥିବା ସ୍ଥଳରେ ଦେବା ।)

୫୪ । ସମୁଦ୍ରକୁ ଶଙ୍ଖେ ପାଣି । (ପ୍ରୟୋଜନ ଅନୁସାରେ ଯୋଗାଣ ଅତି କମ୍ ହେବା ।)

Digitized by srujanika@gmail.com

୫୫ । ହାଡ଼ା ବାରବୋଡ଼କୁ ଖଜା କାହାଣେ । (ଅଳ୍ପ ମୂଲ୍ୟର ବସ୍ତୁ ପାଇଁ ବହୁ ବ୍ୟୟ କରିବା ।)

୫୬ । ହାତୀ ଗଳିଯାଏ, ପିମ୍ପୁଡ଼ି ନ ଗଳେ ।

୫୭ । ବୋହିଯାଉଥାଏ ସୁଅମୁହଁରେ ପିମ୍ପୁଡ଼ି ଗାତରେ ଲାଗେ । (ବଡ଼ ବଡ଼ ବିଷୟରେ ଅପର୍ଯ୍ୟାପ୍ତ ବ୍ୟୟ ହେଉଥିବାବେଳେ ସାମାନ୍ୟ ବିଷୟରେ ବ୍ୟୟକୁଣ୍ଠତା ପ୍ରକାଶ କରିବା ।)

୫୮ । ଯାହାର ଉଦରେ ଧାନ, ତା କଥାରେ ଟାଣ । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ । ମନୁଷ୍ୟର ଆତ୍ମମର୍ଯ୍ୟାଦାବୋଧ ତାର ଆର୍ଥିକ ସ୍ଥିତି ଉପରେ ନିର୍ଭରଶୀଳ ।)

୫୯ । ଅବସ୍ଥା ଦଅଣ୍ଡା ଢକଡ଼ା । (ଘୋର ଆର୍ଥିକ ଦୁରବସ୍ଥା ।)

ଇତିହାସ ଓ କିଂବଦନ୍ତୀ

୧ । ଅଇଲା କଳାପାହାଡ଼, ଭାଙ୍ଗିଲା ଲୁହାର ବାଡ଼, ପିଇଲା ମହାନଦୀ ପାଣି; ସୁବର୍ଣ୍ଣ (ସୁବର୍ଣ୍ଣ) ଥାଳରେ ହେଡ଼ା (ଘାସ) ପରଷିଲେ ମୁକୁନ୍ଦ ଦେବଙ୍କ ରାଣୀ । (କଳାପାହାଡ଼ର ଓଡ଼ିଶା ଆକ୍ରମଣ ସମ୍ବନ୍ଧରେ ଐତିହାସିକ କିଂବଦନ୍ତୀ) ।

୨ । ଆଳି ଝୁଲଣ, ଓଲକଣା ମେଳଣ, ଅସୁରେଶ୍ୱର ରାମନବମୀ, ପୁରୀ ଚନ୍ଦନ । (ଉତ୍କଳର ଏହି ଚାରିଗୋଟି ଯାତ୍ରା ଲୋକପ୍ରସିଦ୍ଧ ।

୩ । କଟକ ସହରରେ ଘୋଡ଼ା ଅପୂର୍ବ ? (ପୂର୍ବେ କଟକରେ ବହୁତ ଘୋଡ଼ା ଥିଲେ ।)

୪ । କଟକରେ ରାତି ନାହିଁ, ପୁରୁଷୋତ୍ତମରେ ଜାତି ନାହିଁ । (କଟକ ଓଡ଼ିଶାର ବୃହତ୍ତମ ସହର ହୋଇଥିବାରୁ ଏଠାରେ ରାତିତମାମ ଜନସମାଗମ ଦୃଷ୍ଟ ହୁଏ । ପୁରୀ ମନ୍ଦିରରେ ଜାତିବର୍ଣ୍ଣ-ନିର୍ବିଶେଷରେ ସମସ୍ତେ ଏକଜ ପ୍ରସାଦ ସେବନ କରନ୍ତି ।)

୫ । କଟକ ଚନ୍ଦ୍ରୀ ବାଇମୁଣ୍ଡିକ । (କିଂବଦନ୍ତୀ ଅଛି ଯେ ବାଇମୁଣ୍ଡିର ଉଦ୍ୟମ ଓ ଅଧ୍ୟବସାୟକ୍ରମେ କାଠଯୋଡ଼ି ପଥରବନ୍ଧ ମରକତ କେଶରୀଙ୍କ ଦ୍ୱାରା ନିର୍ମିତ ହେବା ଫଳରେ କଟକ ସହର ବନ୍ୟା-ପ୍ରକୋପରୁ ରକ୍ଷାପାଇଥିଲା । ସେହିପରି ଜଣେ ସାମାନ୍ୟ ବ୍ୟକ୍ତି କୌଣସି ଗୁରୁତର ବିଷୟରେ ମୁଣ୍ଡ ଖେଳାଇବା ।)

୬ । କାମ କରି କରି କୂର୍ମ ପାଲଟିଯିବା । (ଐତିହାସିକ କିଂବଦନ୍ତୀ—ଇନ୍ଦ୍ରଦ୍ୟୁମ୍ନ ରାଜା ଜଗନ୍ନାଥଙ୍କ ମନ୍ଦିରତୋଳାରେ ପଥର ବୋହିବା ପାଇଁ ବହୁ ଶ୍ରମିକ ନିଯୁକ୍ତ କରିଥିଲେ । ସେମାନେ କଠିନ ପରିଶ୍ରମ କରି ଶେଷରେ କୂର୍ମ ପାଲଟିଯାଇଥିଲେ ବୋଲି ଲୋକବିଶ୍ୱାସ ।)

Digitized by srujanika@gmail.com

୭ । କାଶିଆ କପିଳାର ଭେଟ କାହିଁ । (କପିଳେନ୍ଦ୍ର ଦେବ ପିଲାଦିନେ କାଶୀନାଥ ମିଶ୍ର ନାମକ ଜଣେ ବ୍ରାହ୍ମଣ ବାଳକ ସଙ୍ଗେ ଏକାଠି ଗାଈ ଚରାଉଥିଲେ । କପିଳେନ୍ଦ୍ର ଦେବ ନିଜର ପ୍ରତିଭା ଓ ସାଧନା ବଳରେ ଉତ୍କଳ ସିଂହାସନରେ ଅଧିରୂଢ଼ ହୋଇଥିଲେ । ବହୁ କାଳ ପର୍ଯ୍ୟନ୍ତ ଦୁଇ ବନ୍ଧୁଙ୍କ ମଧ୍ୟରେ ଭେଟ ହୋଇ ନଥିଲା ।)

୮ । କଣାରକ କାମ କେଡ଼େ ସୁନ୍ଦର ଲୋ ଲେଖନ ମୂନରେ କମ,
ସେଠି ଯାଇ ଖାଲି ବସିଁ ଥାନ୍ତା ଲୋ ପଶି ନ ପାରନ୍ତା ଯମ ।

୯ । କଇରେ ବାଳିଆ ଚଢ଼ୁଥିଲା; କଜଳ ସିନ୍ଦୂର ନାଆ ଲୋ ରାଣ୍ଡ ପୁଣି ଋଷିଆ (କାଳିଆ) ଲେଉଟିଲା । (ଯୁଗଯୁଗର ପରିବର୍ତ୍ତନରେ ବିଧବା-ବିବାହର ପ୍ରବର୍ତ୍ତନ ପ୍ରତି ଉପଲକ୍ଷ୍ୟ । ସିପାହି-ବିଦ୍ରୋହର ନେତା ଋଷି ଖୁଣ୍ଟିଆଙ୍କ ପୁନର୍ବାର ଆତ୍ମପ୍ରକାଶ ସମ୍ବନ୍ଧରେ କିଂବଦନ୍ତୀ ।)

୧୦ । ନାଳିଆମୁହିଁ ଖଣ୍ଡ । (କଟକ ଜିଲ୍ଲାର ନାଳିଆମୁହିଁ ନାମକ ସ୍ଥାନରେ ପୂର୍ବେ ବହୁତ ଡକାୟତି ହେଉଥିଲା । ଦସ୍ୟୁମାନେ ପଥିକମାନଙ୍କୁ ଅତର୍କିତ ଭାବରେ ଆକ୍ରମଣ କରି ସର୍ବସ୍ୱ ଲୁଟିନେଉଥିଲେ ।)

୧୧ । ପାଠ ପଢ଼ିବ, ମଧୁବାବୁ ସଙ୍ଗେ ଲଢ଼ିବ, କାଳିଆ ଘୋଡ଼ା ମୁଁ ଚଢ଼ିବ । (ଉତ୍କଳ-ଗୌରବ ମଧୁସୂଦନ ଦାସଙ୍କ ସମ୍ବନ୍ଧରେ କିଂବଦନ୍ତୀ ।)

୧୨ । ବଳ ଯା'ର, ବୁଢ଼ାପଙ୍କ ତାର । (ଅନୁଗୁଳରେ ପ୍ରଚଳିତ କିଂବଦନ୍ତୀ—ବୁଢ଼ାପଙ୍କ ନାମକ ଗ୍ରାମପାଇଁ ଅନୁଗୁଳ ଓ ଢେଙ୍କାନାଳ ରାଜାଙ୍କ ମଧ୍ୟରେ ବିବାଦ ହୋଇ ଅନୁଗୁଳ ରାଜା ବିଜୟୀ ହେବାରୁ ସେ ବୁଢ଼ାପଙ୍କର ଅଧିକାରୀ ହେଲେ ।)

୧୩ । ବାରଶହ ବଢ଼େଇରେ ଡାହୁ ନାଁ ପୁଅରେ ଡାହୁ । (କୋଣାର୍କ ମନ୍ଦିର ନିର୍ମାଣ ସମ୍ବନ୍ଧୀୟ କିଂବଦନ୍ତୀ ।)

୧୪ । ବିନୋଦବିହାରୀ ଗୁଡ଼େଇଣ, ସଦେଇ ଚରଣ ପାଚେରି । (କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳରେ ପ୍ରଚଳିତ କିଂବଦନ୍ତୀ ।)

୧୫ । ଭଲା ରାମଚଣ୍ଡୀ ଭଲାରେ; କଳାପାହାଡ଼କୁ ଦୁଆରେ ବସାଇ ଭଲା ପାଣି ଆଣି ଗଲାରେ । (କଳାପାହାଡ଼ ଓଡ଼ିଶାର ସବୁ ଦେବଦେବୀଙ୍କର ମୂର୍ତ୍ତିକୁ ଭାଙ୍ଗି ଖଣ୍ଡିଆ କରିଦେଇଥିଲେ ମଧ୍ୟ ରାମଚଣ୍ଡୀଙ୍କୁ ପାରି ନ ଥିଲା । ରାମଚଣ୍ଡୀ ପାଣି ଆଣିବା ବାହାନାରେ ମନ୍ଦିର ତ୍ୟାଗ କରି ଯାଇଥିଲେ ବୋଲି କିଂବଦନ୍ତୀ ଅଛି ।)

୧୬ । ରାଉତ ରାତ କପିଳା ଖାଏ । (କପିଳେନ୍ଦ୍ର ଦେବ ଉତ୍କଳୀ ସୈନ୍ୟମାନଙ୍କର ସେନାପତି ଥିବାବେଳେ ସମସ୍ତ ସମୟରେ ସୈନ୍ୟମାନଙ୍କ ସଙ୍ଗେ ମିଳିମିଶି ଆହାର କରୁଥିଲେ ।)

Digitized by srujanika@gmail.com

୧୭ । ରୁକୁଣାରଥ ଅଣଲେଉଟା । (ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଯେଉଁ ରଥରେ ବସି କରି ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାନ୍ତି, ସେହି ରଥକୁ ରୁକୁଣାରଥ ବୋଲିଯାଏ । ରଥ ବାହୁଡ଼ାବେଳେ ଏହି ରୁକୁଣାରଥର ମୁହଁ ବୁଲି ନ ଯାଇ ବିପରୀତ ପାଖରେ ଦ୍ୱାର ଖୋଲି ରଥକୁ ଫେରାଯାଏ । ଜଣେ ବ୍ୟକ୍ତି କୌଣସି ସ୍ଥାନକୁ ଯାଇ ଆଉ ନ ଫେରିଲେ ବା ଫେରିବାର ସମ୍ଭାବନା ନ ଥିଲେ ଏହା ଉଲ୍ଲେଖ କରାଯାଏ ।)

୧୮ । ଶିବେଇ ସାଆନ୍ତରା ଦେଉଳ ତୋଳାଇବା ନ୍ୟାୟ । (ଯେଉଁଠାରେ କୋଣାର୍କ ମନ୍ଦିର ନିର୍ମିତ ହୋଇଅଛି, ସେଠାରେ ଏକ ଗଭୀର ଗଣ୍ଡ ଥିଲା । ଶିବେଇ ସାଆନ୍ତରା ଗଣ୍ଡର କୂଳରୁ ପୋତି ନ ଯାଇ ଗଣ୍ଡ ମଝିରେ ପଥର ପକାଇବାରୁ ଗଣ୍ଡ ପୋତି ହେଲା ନାହିଁ କିମ୍ବା ଦେଉଳ ତୋଳାଯାଇପାରିଲାନାହିଁ । ଦିନେ ଶିବେଇ ସାଆନ୍ତରା ଆତ୍ମଗୋପନ କରି ମନଦୁଃଖରେ ଏକ ବୁଢ଼ୀ ଘରେ ଆଶ୍ରୟ ନେଇଥିବା ବେଳେ ବୁଢ଼ୀ ତାହାଙ୍କୁ ଗରମ ଜାଉ ଥାଳିରେ ବାଢ଼ି ଖାଇବାକୁ ଦେଲା । ଶିବେଇ ସାଆନ୍ତରା ଥାଳି ମଝିରୁ ଗରମ ଜାଉ ଖାଇବାରୁ ତାଙ୍କର ହାତ ତାତି-ଯିବା ଦେଖି ବୁଢ଼ୀ କହିଲା—'ଆରେ ବାପ ' ତୁ କଣ ଶିବେଇ ସାଆନ୍ତରା ପଥର ଦେଉଳ ତୋଳିବା ପରି କରୁଛୁ ।' ଏ ଘଟଣାରେ ଶିବେଇ ସାଆନ୍ତରା ନିଜର ଭ୍ରମ ବୁଝିପାରି ଗଣ୍ଡକୁ କୂଳରୁ ପଥର ପକାଇ ପୋତିବାରୁ ଦେଉଳ ତୋଳାହେଲା ।)

୧୯ । ସାତଥର ଯିବ ଗଙ୍ଗା; ଥରେ ଯାଇଥିବ ଚନ୍ଦ୍ରଭାଗା, ମୁହଁ ପଡ଼ିଯିବ ରଙ୍ଗା । (ପୂର୍ବେ ଯାନବାହନର ଅଭାବ ଓ ଗମନାଗମନର ଘୋର ଅସୁବିଧା ହେତୁ କୋଣାର୍କ ନିକଟବର୍ତ୍ତୀ ଚନ୍ଦ୍ରଭାଗା ତୀର୍ଥକୁ ଯିବା ଅତ୍ୟନ୍ତ କଷ୍ଟସାଧ୍ୟ ଥିଲା ।)

୨୦ । ହଳଦି ମଖାମଖି; ନାରଣ ଗଡ଼ ପାରିହୋଇଲେ କୁଟୁମ୍ବ ଦେଖାଦେଖି । (ପୂର୍ବେ କଲିକତାରୁ ବାଲେଶ୍ୱର ପର୍ଯ୍ୟନ୍ତ ପଥ ଦସ୍ୟୁ ଓ ଠଗମାନଙ୍କ ଦ୍ୱାରା ପୂର୍ଣ୍ଣଥିବାରୁ ପଥିକମାନଙ୍କର ଜୀବନ ସଂକଟାପନ୍ନ ବିବେଚିତ ହେଉଥିଲା ।)

୨୧ । ହାତୀ ସୁନାକଳସ ଢାଳିବା । (ରାଜାଙ୍କର ପୁଅ ବା ଅନ୍ୟ ଉତ୍ତରାଧିକାରୀ ନ ଥିଲେ ପାତ୍ର, ମନ୍ତ୍ରୀ, ସାମନ୍ତ, ସେନାପତି ପ୍ରଭୃତି ପୂର୍ବ ରାଜାଙ୍କ ପାଟହାତୀକୁ ପାଣିଭରା ସୁନାକଳସ ଦେଇ ଛାଡ଼ିଦିଅନ୍ତି । ହାତୀଟି ନିଜ ଥୋରପାହାରରେ ସେ କଳସଟି ଧରି ବୁଲୁ ବୁଲୁ ଯାହା ଉପରେ ଢାଳିଦିଏ, ସେ ରାଜା ହୁଏ ।)

୨୨ । ଆଗେ ଆଗେ ଚାଲିଥିବୁ ରେ ଭଗତ, ମୁଁ ତୋ ପଛେ ପଛେ ଥିବ / ମୁହିଁ ମାଡ଼ିଥିବ ଝୁମୁକା କଟଉ, ଝୁମୁଝୁମୁ ହେଉଥିବ । ଆଗେ ଆଗେ ଯିବୁ ପଛକୁ ନ ଚାହିଁ, ଚାଲିବୁ ମୁଁ ଚାଲୁଥିବ / ଯେଉଁଠେଇଁ ତୁ ପଛକୁ ଚାହିଁବୁ ସେଇଠେଇଁ ରହିଯିବ । (ସାକ୍ଷୀଗୋପାଳଙ୍କ ସତ୍ୟବାଦୀ ଆଗମନ ସମ୍ବନ୍ଧୀୟ କିଂବଦନ୍ତୀ ।)

Digitized by srujanika@gmail.com

୧୩। ଗାଲ ମାଧବ । (ମହାରାଜା ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥ ମନ୍ଦିର ନିର୍ମାଣ ଶେଷକରି ମନ୍ଦିର ପ୍ରତିଷ୍ଠା ନିମିତ୍ତ ବ୍ରହ୍ମାଙ୍କୁ ନିମନ୍ତ୍ରଣ କରିବାକୁ ଗଲେ । ଇତିମଧ୍ୟରେ ବହୁ କାଳ ଅତୀତ ହେଲା ଏବଂ ମନ୍ଦିର ସମୁଦ୍ରବାଲିରେ ପୋତି ହୋଇ ପଡ଼ିଲା । ଉତ୍କଳର ରାଜା ସେହି ମନ୍ଦିରକୁ ବାଲୁକାସ୍ତୂପ ମଧ୍ୟରୁ ଉଦ୍ଧାର କରି ତାହାକୁ ନିଜ ମନ୍ଦିର ବୋଲି ଦାବୀ କଲେ । ପରେ କର୍ମିମାନଙ୍କ ସାକ୍ଷ୍ୟଦ୍ୱାରା ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥ ମନ୍ଦିର ତୋଳାଇଥିବା ବିଷୟ ପ୍ରମାଣିତ ହେଲା । କେହି ନିଜେ ନ ଗଢ଼ି ଅନ୍ୟ ଗଢ଼ା ପଦାର୍ଥକୁ ନିଜ ଗଢ଼ା ବୋଲି ଦାବୀ କଲେ ତାକୁ 'ଗାଲ ମାଧବ' ବୋଲି କହନ୍ତି ।)

୧୪। ବାଂଝ ଗାଈଠାରୁ ଲୋଡ଼େ ଗୋରସ,
ବରଗୀଠାରୁ ଦୟା କରେ ଆଶ,
ବେଶ୍ୟାଠାରୁ ଯେ ସ୍ନେହ କରେ ଆଶା,
କହେ ଦନାଇ ଏ ଫସରଫସା । (ମରହଟ୍ଟା ବର୍ଗୀ ଆକ୍ରମଣ ସମ୍ବନ୍ଧରେ କିଂବଦନ୍ତୀ ।)

୧୫। ଏଇ କଥାକୁ / ନାଆ ପେଲିଦେଲି କଲିକତାକୁ । (ପୂର୍ବେ ଓଡ଼ିଶାରୁ କଲିକତାକୁ ଜଳପଥରେ ଯାତ୍ରା କରୁଥିଲେ ।]

ଇନ୍ଦ୍ରିୟ ଓ ଇନ୍ଦ୍ରିୟାନୁଭୂତି

୧। ଆଖିରେ ଆଙ୍ଗୁଠି ଗେଞ୍ଜିବା ନ୍ୟାୟ । (କୌଣସି ଲୋକକୁ ଜୋରଜବରଦସ୍ତି କରି ଦେଖାଇଦେବା ।)

୨। ଆଖି ଆଗରେ ଆଙ୍ଗୁଠି ହଲାଇବା । (ଅବଜ୍ଞା ବା ବିରକ୍ତି ପ୍ରକାଶ କରିବା ।)

୩। ଆଖିରେ ଧୂଳି ପକାଇବା । (ପ୍ରତାରିତ କରିବା ବା ଠକିନେବା ।)

୪। ଆଖିଟି ବଡ଼, ପେଟଟି ସାନ । (ଯେଉଁ ଲୋକର ଆପଣା ପେଟର ଅଟକଳ ନ ଥାଏ ଏବଂ ପତରରେ ବହୁତ ଗୁଡ଼ାଏ ଖାଦ୍ୟ ବଢ଼ାଏ; ଅଥଚ ଖାଇପାରେ ନାହିଁ ।)

୫। ଆଖି ନ ଫିଟୁଣୁ ମହାଭାରତ । (ଅତି ବାଲ୍ୟବୟସରୁ ବଡ଼ ବଡ଼ କଥାରେ ମୁଣ୍ଡ ପୂରାଇବା ।)

୬। ଆଖି ବଡ଼ ପେଟ ସାନ, ହାଣ୍ଡି କୁଣ୍ଢେଇ ପୋଛି କରି ଆଣ । (ଅତ୍ୟଧିକ ଖାଦ୍ୟ-ଲାଳସା ।)

୭। ଆଖିର ଭୋକ କେବେ ଯାଏ ନାହିଁ । (ଯେତେ ସୁନ୍ଦର ଦୃଶ୍ୟ ଦେଖିଲେ ମଧ୍ୟ ପୁଣି ଦେଖିବାକୁ ଇଚ୍ଛା ହୁଏ ।)

Digitized by srujanika@gmail.com

୮। କାନକୁ ନ ଅଣ୍ଟେ ଗୀତ, ଆଖିକୁ ନ ଅଣ୍ଟେ ବତ୍ତ।
୯। ନାକ ନକଟକୁ ଲାଜ ନ ଯାଏ।
୧୦। ପଇଡ଼ପାଣିରେ ପୁଷ୍ଟାଏ ମାଛ, ଆଖିରେ ଦେଖିଲେ ହୁଅଇ ମିଛ।
୧୧। ପାଟି ସୁଆଦ, ପେଟ ନ ଜାଣଇ ତହିଁର ଭେଦ। (ପେଟରେ ସ୍ୱାଦ-ଅସ୍ୱାଦର ଭେଦ ନାହିଁ।)
୧୨। ପାଣିକ ଛେଳ। (ଛେଳି ପରି ପାଣିକୁ ଭୟ କରିବା।)
୧୩। କାନକୁ ନ ଅଣ୍ଟେ ଗୀତ / ମା'କୁ ନ ଅଣ୍ଟେ ସୁତ।
୧୪। ଚଟୁ କି ଜାଣେ ତିଅଣର ସୁଆଦ। (ସ୍ୱାଦ ଏକ ଇନ୍ଦ୍ରିୟଗ୍ରାହ୍ୟ ବିଷୟ। ତେଣୁ ନିର୍ଜୀବ ବସ୍ତୁ ପକ୍ଷରେ ସ୍ୱାଦ ଗ୍ରହଣ ଅସମ୍ଭବ।)
୧୫। ଯାହା ନ ଦେଖିବ ଦୁଇନୟନେ, ପରତେ ନ ଯିବ ଗୁରୁବଚନେ।
୧୬। ଯାହା ନ ଦେଖିବ ଆପେ, ପରତେ ନ ଯିବ ବାପେ। (ପ୍ରତ୍ୟକ୍ଷ ଦୃଷ୍ଟ ବିଷୟ କେବଳ ବିଶ୍ୱାସଯୋଗ୍ୟ।)
୧୭। ଆଖି ବୁଜିଲେ ଦୁନିଆ ଅନ୍ଧାର।
୧୮। ଆଖି ଗଲେ ସବୁ ଗଲା। (ଆଖି ସର୍ବଶ୍ରେଷ୍ଠ ଜ୍ଞାନେନ୍ଦ୍ରିୟ।)

ଈଶ୍ୱରବିଶ୍ୱାସ ଓ ଭଗବଦ୍‌ଭକ୍ତି

୧। ଆଲ୍ଲା ଦିଅନ୍ତି ତ ଛପର ଫାଡ଼ି ଦିଅନ୍ତି। (ଭଗବାନ ଦୟା କଲେ ମନୁଷ୍ୟର ଦୁଃଖର ଅବଶେଷ ରହେ ନାହିଁ।)
୨। ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ନିମନ୍ତେ। (ଈଶ୍ୱରବିଶ୍ୱାସ।)
୩। ଜୀବ ଦେଇଛି ଯେ, ଆଧାର (ଆହାର) ଦେବ ସେ। (ଏକାନ୍ତ ଈଶ୍ୱରନିର୍ଭରଶୀଳ ବ୍ୟକ୍ତିର ଉକ୍ତି।)
୪। ଜୀବରେ ଦୟା, ନାମରେ ବିଶ୍ୱାସ। (ଈଶ୍ୱରବିଶ୍ୱାସୀ ଲୋକର ଲକ୍ଷଣ।)
୫। ଝାଡ଼ର ଦେବତାକୁ ପଞ୍ଚବାଉଡ଼ୀ ପୂଜାରୀ। (ଦେବତା ଯେନି ପୂଜାରୀ।)
୬। ଡର କାହାକୁ ଭୟ କାହାକୁ, ଠାକୁରେ ଅଛନ୍ତି ଚଉବାହାକୁ। (ଦୃଢ଼ ଈଶ୍ୱର-ବିଶ୍ୱାସ ଥିଲେ ମନୁଷ୍ୟ କାହାରିକୁ ଭୟ କରେନାହିଁ।)
୭। ତୁଳସୀ ପତ୍ରରେ କି ସାନ ବଡ଼। (ପ୍ରସାଦରେ ଅଳ୍ପ ବହୁତ ବିଚାର୍ଯ୍ୟ ନୁହେଁ।)
୮। ଦୃଢ଼େ ତରନ୍ତି, ମୂଢ଼େ ତରନ୍ତି / ମଝିମଝିକିଆ ବୁଡ଼ି ମରନ୍ତି। (ଜ୍ଞାନୀ ତଥା ସରଳ ବିଶ୍ୱାସୀ ମୂର୍ଖ ଉଭୟ ମୁକ୍ତିର ଅଧିକାରୀ ହେବାପାଇଁ ଯୋଗ୍ୟ; କିନ୍ତୁ ସଂଶୟବାଦୀ ବ୍ୟକ୍ତିର ମୁକ୍ତି ନାହିଁ।)

Digitized by srujanika@gmail.com

୯ । ଧଣ ମାଣ ଭକ୍ତ । (ବାଧବାଧକତାରେ ଭକ୍ତର ଉଦୟ ସମ୍ଭବପର ନୁହେଁ ।)

୧୦ । ନରମୁହେଁ ନାରାୟଣ ।

୧୧ । ନର ହିଁ ନାରାୟଣ । (ଈଶ୍ୱରଜ୍ଞାନରେ ମନୁଷ୍ୟର ସେବା କର୍ତ୍ତବ୍ୟ ।)

୧୨ । ପୀରଙ୍କୁ ଫୁସୁଲାଇବା । (ଆପଦ ସମୟରେ ଠାକୁରଙ୍କୁ ଭୋଗ ଯାଚ ପରେ ନ ଦେବା ।)

୧୩ । ପୂଜିଲେ ଦେବତା, ନ ପୂଜିଲେ ପଥର । (ଦେବତାର ଦେବତ୍ୱ ମନୁଷ୍ୟର ଭକ୍ତି ଓ ନିଷ୍ଠା ଉପରେ ନିର୍ଭର କରେ ।)

୧୪ । ବଣ-ଦିଅଁଙ୍କୁ ପତର-ଶାଢ଼ୀ ଲୁଗାଏ ।

୧୫ । ମାନିଲେ ଦେବତା, ନ ମାନିଲେ ପଥର । (ଦେବତ୍ୱ ଭକ୍ତର ନିଷ୍ଠା ଉପରେ ନିର୍ଭର କରେ ।)

୧୬ । ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ ।

୧୭ । ଯାହାର ମନ ଯେଡ଼େ, ତାର ପ୍ରଭୁ ତେଡ଼େ । (ମନୁଷ୍ୟର ନିଷ୍ଠା ଅନୁଯାୟୀ ଫଳ ପାଏ ।)

୧୮ । ଯେ ପାଞ୍ଚେ ପରର ମନ୍ଦ, ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ ।

୧୯ । ଯେତେ ପୂଜାପୂଜି ଦାମୋଦରଙ୍କୁ / ଯେତେ ନଦନଦୀ ସମୁଦ୍ରକୁ ।
(ଯେଉଁ ଦେବତାଙ୍କୁ ପୂଜା କଲେ ମଧ୍ୟ ତାହା ଯଥାର୍ଥରେ ଭଗବାନଙ୍କ ପୂଜା; କାରଣ ସବୁ ଦିଅଁ ଦେବତା ଭଗବାନଙ୍କ ପରିପ୍ରକାଶ ମାତ୍ର ।)

୨୦ । ମନରେ ନାହିଁ କି ମାଳାରେ ନାହିଁ / ଭଜି ଭଜି କରି ପାଇବୁ କାହିଁ ? (ଦୃଢ଼ ଭକ୍ତି ବିନା ଭଗବାନଙ୍କୁ ପାଇବା ସମ୍ଭବପର ନୁହେଁ ।)

୨୧ । ମାର ତାଳି, ଉଠା ଥାଳି / ବାପା ଯାଇଛନ୍ତି ଲଙ୍କାଗିରି । (କୌଣସି ପ୍ରକାରେ ଠାକୁରପୂଜା ବଢ଼ାଇବା ।)

୨୨ । ମାରେ ହରି ରଖେ କିଏ / ରଖେ ହରି ମାରେ କିଏ ? (ଭଗବାନ ହିଁ ମନୁଷ୍ୟ-ଜୀବନର ଏକମାତ୍ର ନିୟାମକ ।)

୨୩ । ଯାହା କରିବେ ସାଇଁ, ତାହା କାହାର ହାତରେ ନାହିଁ । (ଭଗବାନ ହିଁ ସର୍ବମୟ କର୍ତ୍ତା ।)

୨୪ । ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର ।

୨୫ । ମାଳି ଧଇଲେ କି ହେଲି ବଇଷ୍ଣମ,
କାଳି ବୋଲି ହେଲେ ହେଲି କରଣ;
ତାଳି ମାଇଲେ କି ପୂଜା ହୋଇଗଲା,
ଗାଳିରେ କି କେବେ ହୁଏ ମରଣ ?

୨୬ । ପଞ୍ଚମୁଖେ ହରି; ହରିମୁଖେ ଜଗତ ।

Digitized by srujanika@gmail.com

ଉଦ୍‌ଯୋଗ ଓ ଆଳସ୍ୟ

୧। ଅଲସୁଆ କପାଳକୁ ଗଙ୍ଗା ବଳେ କଣବା । (ଅଲସୁଆ ଲୋକ ଗଙ୍ଗାସ୍ନାନକୁ ଯାଇ-ପାରେନାହିଁ । କପାଳକୁ ବାରୁଣୀ ଯୋଗ ପଡ଼ିଲେ ତା ଘର ପାଖ ନଦୀ, ପୋଖରୀ ବା ଗାଡ଼ିଆ ଗଙ୍ଗାସ୍ନାନ ଫଳ ଦିଏ ।)

୨। ଅଲସୁଆ ଘୋଡ଼ାକୁ ମେଘ ଆଶ୍ରା । (ଆଳସ୍ୟପରାୟଣ ବ୍ୟକ୍ତିର ବାଳେ ଛଳନା ।)

୩। ଅଲସୁଆର ବାରବାଟି ଗପ । (ଅଲସୁଆ ଓ ନିକମା ଲୋକର ଗାଲୁଗିଣ ଓ ବୃଥା ପ୍ରୌଢ଼ି ପ୍ରଦର୍ଶନ ।)

୪। ଆରେ ଅଲସୁଆ ମଠ ନ କର / ଯେତେବେଳେ ପଡ଼େ ତୋହ ଉପର ।

୫। ଇଷ୍ ବୋଇଲେ କି ଶ୍ଳେଷ୍ଟ କାଟେ ? (କୁରାଡ଼ିରେ ଶ୍ଳେଷ୍ଟ ମାରିବାବେଳେ ମୁହଁରୁ ଇଷ୍ ଶବ୍ଦ ବାହାରିପଡ଼େ । କିନ୍ତୁ କେବଳ ଇଷ୍ ଶବ୍ଦ ଉଚ୍ଚାରଣ କଲେ ଯେ ଶ୍ଳେଷ୍ଟ କାଟିବ, ତାହା ନୁହେଁ ।)

୬। କାମ ନ ଥାଇ ମୁକୁର ସେବା । (କାମ ନ ଥିଲେ ଆରଶୀ ଧରି ମୁହଁ ଦେଖିବା ବା ସେହିପରି ଅନ୍ୟ କୌଣସି ମୂଲ୍ୟହୀନ କାର୍ଯ୍ୟରେ କାଳ ଅତିବାହିତ କରିବା ।)

୭। କାଳକଯାକ ଥିଲା ବସି / ଆଷାଢ଼ ମାସରେ ପାରୁଛି ଘସି । (ଆଳସ୍ୟପରାୟଣ ଦୀର୍ଘସୂତ୍ରୀ ବ୍ୟକ୍ତି ପ୍ରତି କଟାକ୍ଷ-ବଚନ ।)

୮। କୁଟାଖଣ୍ଡିକ ଦିଖଣ୍ଡ ନ କରିବା । (ଆଳସ୍ୟପରାୟଣ ଅକର୍ମଣ୍ୟ ବ୍ୟକ୍ତି ।)

୯। କୁମ୍ଭାରଘର ବୋହୂ, ଝାଟିକି ନ ଗଲେ ମାଟିକି ଯାଉ । (ପରିଶ୍ରମୀ ଲୋକ ଅଲସୁଆ ହୋଇ ବସିରହିପାରେ ନାହିଁ; କୌଣସି ନା କୌଣସି କାର୍ଯ୍ୟ କରେ ।)

୧୦। କୋଡ଼ିହଣାଠାରୁ ମିହନ୍ତ ନାହିଁ ।

୧୧। ଗୋରୁ ଠାପୁଆ ବଞ୍ଚନ୍ତି, ମଣିଷ ଠାପୁଆ ମରନ୍ତି ।

୧୨। ଘରଯାକ ଓଲେଇ ଦୁଆରମୁହଁରେ ପୋଖରୀ ବସିବା । (ପଣ୍ଡ ଶ୍ରମ ।)

୧୩। ଚମ ଢଉଡ଼, ହାଡ଼ ଥିଲେ ଅଛି କଉଡ଼ି । (ମନୁଷ୍ୟ ଯେତେ ଦୁର୍ବଳ ହେଉ ପଛେ ଅସ୍ଥି-ଚର୍ମ ଥିଲା ପର୍ଯ୍ୟନ୍ତ ଧନ ଉପାର୍ଜନ କରିପାରେ ।)

୧୪। ଚମରେ ପିଆରି ନା କାମରେ ପିଆରି । (ଲୋକେ ମନୁଷ୍ୟର ରୂପକୁ ଆଦର କରନ୍ତି ନାହିଁ; କାମକୁ ଆଦର କରନ୍ତି ।)

୧୫। ଟୋକାଟାକର ଟଟୁଘୋଡ଼ା / ଖାଆନ୍ତି ବହୁତ କାମ ଥୋଡ଼ା ।

୧୬। ଠାପୁଆ କପାଳକୁ ବର୍ଷା ହେବା ।

୧୭। ଠାପୁଆ ବଳଦ ରକ୍ଷା ପାଏ, ଠାପୁଆ ମଣିଷ ନାଶ ପାଏ ।

Digitized by srujanika@gmail.com

୧୮ । ଠେଙ୍ଗା ଓଳଉ ଓଳଉ ଘୃଷ୍ଟର ଯାଇ ମଙ୍ଗଳପୁରରେ । (ଆଳସ୍ୟପରାୟଣତାର ପରିଣାମ ।)

୧୯ । ଭୁଲେଇ ଭୁଲେଇ ଚାଲଇ ବାଟ, କସ ହେବ ମାରି ତେନ୍ତୁଳ ଛାଟ । (ଅଳସୁଆ ବ୍ୟକ୍ତିକୁ ଯେତେ ଦଣ୍ଡ ଦେଲେ ମଧ୍ୟ ସେ ତା'ର ଅଭ୍ୟାସ ଛାଡ଼େ ନାହିଁ ।)

୨୦ । ଚୋଠ ଜଗିଥିଲେ ଧୋବ ପିନ୍ଧବ ।

୨୧ । ଯୋଉଁଆକୁ ଯାଚିଆ । (ଲୋକ ନିଜ ଶ୍ରମ ଓ ନିଷ୍ଠାବଳରେ ଉଚ୍ଚତର ପଦବୀରେ ପ୍ରତିଷ୍ଠିତ ହୁଏ ।)

୨୨ । ଧନ ସଞ୍ଚିଥାଇ ଯେବଣ ପ୍ରାଣୀ, ଧରଣି ବିକଳ ହୁଅନ୍ତି ପୁଣି;
ଧୂଳି ନ ଲାଗଇ ଯେବଣ ପାଦ, କହେ ଦନାଇ ଏ ବଡ଼ ପ୍ରମାଦ ।

୨୩ । ନ ଲାଗିବାର ଗୁଡ଼, ବାରଖଣ୍ଡି ଭୁଡ଼ । (ଯେଉଁ ଲୋକର କାମ କରିବାର ଇଚ୍ଛା ନ ଥାଏ ସେ ଚଢ଼ା ମଜୁରି ହାଙ୍କି ବସେ ।)

୨୪ । ନାଗିଖିଆକୁ ମାଗିଖିଆ ସରି ନୁହେଁ ।

୨୫ । ପାଗ ବାନ୍ଧୁ ବାନ୍ଧୁ କଟେଇ ବରଖାସ୍ତ । (ଆଳସ୍ୟପରାୟଣ ଦୀର୍ଘସୂତ୍ରୀ ବ୍ୟକ୍ତି ପ୍ରତି ଆକ୍ଷେପୋକ୍ତି ।)

୨୬ । ପେଲିଲା କୁକୁର କି ପାରିଧି କରେ । (ବାଧ୍ୟବାଧକତାରେ କାର୍ଯ୍ୟ ସିଦ୍ଧ ହୁଏ ନାହିଁ ।)

୨୭ । ପୋଲା ଖିଆ, ମେଲା ଶୁଆ । (ଶ୍ରମ ନ କରି ଅନ୍ୟ ଉପରେ ନିର୍ଭର କରି ଚଳୁଥିବା ବ୍ୟକ୍ତି ।)

୨୮ । ବଗରେ ବଗ ! ଧାନ କୁଟିବୁ ? ନା ମୋ ନଳୀଗୋଡ଼ ଭାଙ୍ଗିଯିବ ।
ବଗରେ ବଗ ! ମାଛ ଖାଇବୁ ? ତହିଁକି ଗୋସେଇଁ ଆଗ ।
(ଖାଦ୍ୟଲୋଲୁପ ଆଳସ୍ୟପରାୟଣ ବ୍ୟକ୍ତି ପ୍ରତି କଟାକ୍ଷ-ବଚନ ।)

୨୯ । ବସିବାଠାରୁ କାଟିବା ଭଲ । (ଆଳସ୍ୟରେ ସମୟ ଅତିବାହିତ କରିବାଠାରୁ ସାମାନ୍ୟ କାର୍ଯ୍ୟ କରିବା ଭଲ ।)

୩୦ । ବସ୍‌ଲା ଲୋକ କସ୍‌ଲେ ମଲା, କସ୍‌ଲା ଲୋକ ବସ୍‌ଲେ ମଲା । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ । ଉଦ୍‌ଯୋଗୀ ପୁରୁଷ ଆଳସ୍ୟରେ ବସିରହିଲେ ଏବଂ ସୁସ୍ଥ ଆଳସ୍ୟ-ପରାୟଣ ଲୋକ କାର୍ଯ୍ୟ କଲେ ରୋଗାକ୍ରାନ୍ତ ହୁଅନ୍ତି ।)

୩୧ । ମଠରେ ଖାଇ ଖଟରେ ଗଡ଼ଗଡ଼େଇବା । (ଉଦ୍ୟମହୀନ ଓ ଚିନ୍ତାଶୂନ୍ୟ ଭାବରେ କାଳଯାପନ କରିବା ।)

୩୨ । ମୟୂର ବେଶ ପଡ଼ିଲାବେଳକୁ ପେଚା ରଜା ହେବା ନ୍ୟାୟ । (ଆଳସ୍ୟପରାୟଣତା ହେତୁ ସୁଯୋଗ ହରାଇବା ।)

Digitized by srujanika@gmail.com

୩୩ । ମାଗି ଖାଏ ଯେ ଲାଗେ ନାହିଁ, ଲାଗି ଖାଏ ଯେ ମାଗେ ନାହିଁ । (ଭିକ୍ଷୁକ ଓ ପରିଶ୍ରମୀ ବ୍ୟକ୍ତିର ତୁଳନା ।)

୩୪ । ଯତ୍ନ କଲେ ରତ୍ନ ମିଳେ । (ଉଦ୍ୟୋଗ ସମ୍ବନ୍ଧ ଉନ୍ନତିର ମୂଳ ।)

୩୫ । ଯାଗର ନୁହେଁ କି ପାଗର ନୁହେଁ, ମା ବୋଇଲା ଭଗର ନୁହେଁ । (ଅଯୋଗ୍ୟ ଅକର୍ମଣ୍ୟ ବ୍ୟକ୍ତି ସବୁଥିରୁ ବଞ୍ଚିତ ହୁଏ ।)

୩୬ । ଯିଏ ଦୁଧ ଖାଇବ, ସେ ନାତ ସହିବ । (ସୁଖଭୋଗ କରିବାକୁ ହେଲେ ପ୍ରଥମେ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ।)

୩୭ । ମୁଣ୍ଡ ଅରଜିଲେ, ତୁଣ୍ଡ ଖାଏ ।

୩୮ । ଯେ ମାଗି ଖାଇଲାଣି, ସେ କି ଲାଗି ଖାଇବ ?

୩୯ । ଯୋଦ୍ଧା ହାତରେ ଯେ ଚଉଦପା । (ଆତ୍ମନିର୍ଭରଶୀଳ ହେବା । ସମସ୍ତଙ୍କ ସମକକ୍ଷ ହେବା । ପ୍ରତ୍ୟେକ ମନୁଷ୍ୟ ନିଜ ହାତରେ ୩½ ହାତ ଉଚ୍ଚ ଅଟେ ।)

୪୦ । ଯେତେ ଜଳକୁ ଯିବ, ସେତେ ଫଳ ପାଇବ । (ଶ୍ରମ ଓ ନିଷ୍ଠା ଅନୁଯାୟୀ ଫଳ ।)

୪୧ । ସଳଖ ସୁନ୍ଦର ଭେଣ୍ଡିଆଟିଏ, ହାତ ଗୋଡ଼ ନାହିଁ ଖଣ୍ଡିଆଟିଏ । (ସବଳ ଓ ସୁନ୍ଦର ଅଥଚ ଅକର୍ମଣ୍ୟ ଆଳସ୍ୟପରାୟଣ ଲୋକ ।)

୪୨ । ହାତ ଅଲସେ ନିଶ ବଙ୍କା । (ଘୋର ଆଳସ୍ୟପରାୟଣତାର ପ୍ରତୀକ ।)

୪୩ । ହାତ ନ ଲାଗେ ଗୋଡ଼ ନ ଲାଗେ, ଚକୁଳି ପିଠା ଖଣ୍ଡି ସୁଆଦ ଲାଗେ । (ବିନା ପରିଶ୍ରମରେ ସୁଖଭୋଗର ଇଚ୍ଛା ପୋଷଣ କରିବା । ଆଳସ୍ୟପରାୟଣ ଭୋଜନପ୍ରିୟ ବ୍ୟକ୍ତି ।)

୪୪ । ହାତ କାଟେ କି ହତିଆର କାଟେ । (ହାତ ବିନା ହତିଆର ଅକାମି ।)

୪୫ । ହାତ ନ ଲଗିଲେ ଜାଉ ଫୁଟେ ନାହିଁ । (ବିନାପରିଶ୍ରମରେ ଅତି ସାମାନ୍ୟ କାର୍ଯ୍ୟ ମଧ୍ୟ ହୋଇପାରେନାହିଁ ।)

୪୬ । ହାତରେ ଖଡ଼ା ନ ଛିଣ୍ଡିବା । (ଅତ୍ୟନ୍ତ ଅକର୍ମଣ୍ୟ ଲୋକ ।)

୪୭ । ହାତ ପାତିଲେ କି ଗଛରୁ ଫଳ ପଡ଼ିବ ? (ବିନା ପରିଶ୍ରମରେ ଫଳଲାଭ ଅସମ୍ଭବ ।)

୪୮ । କିଏ ବାଟିଲେ ଘଷିଲେ ପୋଡ଼ ପିଠା,
କିଏ ଚୁଲିରେ ହଗିଲେ ପୋଡ଼ପିଠା ।
(ବିନା ପରିଶ୍ରମରେ ଫଳଭୋଗ କରିବାର ଅଭିଳାଷ ପ୍ରତି ବ୍ୟଙ୍ଗୋକ୍ତି ?)

୪୯ । ହେଲା କଲେ ଭେଲା ବୁଡ଼େ । (ଆଳସ୍ୟପରାୟଣତା ଓ ଉଦ୍ୟମହୀନତା ମନୁଷ୍ୟର ସର୍ବନାଶର ମୂଳ ।)

୫୦ । ଘିଅଖିଆ ଦେହ ତରଳିପଡ଼ୁଛି । (ବିନା ପରିଶ୍ରମରେ ଦେହରୁ ଝାଳ ବୋହୁଥିବା ଲୋକପ୍ରତି କଟାକ୍ଷ-ବଚନ ।)

Digitized by srujanika@gmail.com

୫୧ । ଚେକ ଚେକ କରି କାଟିଲି ଭଜା, ଖାଇବା ଆଗରୁ ଘଡ଼ିଏ ସିଝା ।

୫୨ । ଜର କଲା ଧାନ କୁଟା ବେଳକୁ, ଗୁଡ଼ିଗଲା ଭାତଫୁଟା ବେଳକୁ ।

୫୩ । ଭଙ୍ଗା ଡିଙ୍ଗି ଶାଳ ରୁଅ; ହେଲା ଗୁହାଳକୁ କେତେ କଣ୍ଢାଉଛୁ, ପାଇଛୁ କି ପୋଲା ଦନ୍ତ ।

୫୪ । ଚେଇଁ ଶୋଇବ ଯିଏ, ତାକୁ ଉଠାଇବ କିଏ ?

୫୫ । ନିୟତ ଘେନ ବରକତ । (ନିଷ୍ଠା ଅନୁଯାୟୀ ମନୁଷ୍ୟ ପୁରସ୍କୃତ ହୋଇଥାଏ ।)

୫୬ । ଉଦ୍ୟମ କଲେ ସର୍ବସିଦ୍ଧି, ଜାଣିବ ଏହୁ ମହାବିଧି ।

୫୭ । ଆପଣା ଶିଙ୍ଗରେ ଭୁଇଁ ତାଡ଼ିବା । (ସ୍ୱାବଲମ୍ବୀ ହେବା ।)

୫୮ । ଅଳସେଇକୁ ପୁଅ ସାଉ, ଦୋଳିରେ ବସେଇ ଗାଏ ଗୀତ ।

୫୯ । ପାଇଟିକି ପାରିବ ନାହିଁ, ଖାଇବାରେ ହାରିବ ନାହିଁ ।

ଐକ୍ୟ ଓ ସଂହତି

୧ । ଏକମନ ହେଲେ ସମୁଦ୍ର ସୁଖେ । (ଏକତାବଳରେ ଅସାଧ୍ୟ ସାଧନ କରିହୁଏ ।)

୨ । ଏକା ବକା । (ଲୋକ ଏକୁଟିଆ ଥିଲେ ତାହାର ସବୁ ବୁଦ୍ଧି ହଜିଯାଏ ।)

୩ । ଏକାଟିଆ ବାହାଘର, ମୁଣ୍ଡି ମୁଣ୍ଡି ଶାହାଡ଼ା । (ସହଯୋଗ ଓ ସଂହତି ବିନା ମନୁଷ୍ୟ ଜୀବନର ପରିପୂର୍ଣ୍ଣତା ବ୍ୟାହତ ହୋଇଥାଏ ।)

୪ । କାଠ କହିଲା ମୋତେ କିଏ ହାଣୁଛୁ ? କୁରାଢ଼ି କହିଲା ତୋ ଭାଇ ମୋ ଭିତରେ ପଶି ତୋତେ ହାଣୁଛି । (ଆପଣା ପକ୍ଷର କୌଣସି ଲୋକ ଶତ୍ରୁ ପକ୍ଷରେ ଯୋଗ ଦେଇ ନିଜ ଦଳର ଅନିଷ୍ଟ ଘଟାଇବା ।)

୫ । ଛଣପାଲ ଏକ ଗଣ୍ଡି ହେଲାରୁ ତାକୁ ଇନ୍ଦ୍ରଦେବତା ପାରନ୍ତି ନାହିଁ । (ଛଣକୁ ଏକମୂଳ କରି ଘର ଛୁଆଣି କଲେ ଘରେ ବର୍ଷା ହୁଏ ନାହିଁ । ସେହିପରି ଏକତା-ବଳରେ ବଡ଼ ଶତ୍ରୁକୁ ମଧ୍ୟ ହରାଇବା କଷ୍ଟକର ନୁହେଁ ।)

୬ । ଧନ ଥେଣ୍ଟିଆ କାକୁଡ଼ିବାଡ଼ି, ଖାଏ ଶିଆଳ ବେକ ମୋଡ଼ । (ଯେଉଁ ସମ୍ପତ୍ତିରେ ଏକାଧିକ ସ୍ୱାମୀ ତାହା ରକ୍ଷଣାବେକ୍ଷଣ ଅଭାବରୁ ଉଜୁଡ଼ିଯାଏ ।)

୭ । ପାଣି ପିଟିଲେ କି ଦ'ଭାଗ ହୁଏ । (ସମଭାବାପନ୍ନ ବ୍ୟକ୍ତିମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି ବିଡ଼ମ୍ବନାରେ ପର୍ଯ୍ୟବସିତ ହୁଏ ।)

୮ । ପିମ୍ପୁଡ଼ି ଭେଳା ବାନ୍ଧିଲେ ସମୁଦ୍ର ପାର ହୋଇଯାନ୍ତି । (ଏକତାଦ୍ୱାରା ଅସାଧ୍ୟ ହୋଇ କୌଣସି କାର୍ଯ୍ୟ ନାହିଁ ।)

Digitized by srujanika@gmail.com

୯ । ବାର ଓଡ଼ିଆକୁ ତେର ଚୂଲ୍ହା । (ଓଡ଼ିଆମାନଙ୍କ ମଧ୍ୟରେ ଏକତାର ଅଭାବ ପ୍ରତି ଲକ୍ଷ୍ୟ ।)

୧୦ । ମଇଁଷି ଶିଙ୍ଗ ଫଟା, ଯୁଝିଲା ବେଳକୁ ଗୋଟା । (ମଇଁଷିମାନେ ଏକଥ ମିଳି ଶତ୍ରୁର ସମ୍ମୁଖୀନ ହେବାପରି ବାହ୍ୟଶତ୍ରୁ ସମକ୍ଷରେ ଆଭ୍ୟନ୍ତରୀଣ ଭେଦଭାବ ଭୁଲି ସଂଘବଦ୍ଧ ଭାବରେ ପ୍ରତିରୋଧ କରିବା ।)

୧୧ । ଯୋଗୀ, ବଇଦ, କୁକୁର, ଘୋଡ଼ା; କେବେ ନୁହନ୍ତି ଯୋଡ଼ା ଯୋଡ଼ା । (ଏମାନଙ୍କ ମଧ୍ୟରେ ସହଯୋଗ ଓ ଏକତା ରହେ ନାହିଁ ।)

୧୨ । ପାଣିରେ ପାଣି ମିଶେ, ରକ୍ତରେ ରକ୍ତ ମିଶେ । (ସାଦୃଶ୍ୟଯୁକ୍ତ ଦୁଇ ବସ୍ତୁର ମିଳନ ସମ୍ଭବପର ।)

୧୩ । ଭାଙ୍ଗିଲା କାଚ କି ଯୋଡ଼ି ହୁଅଇ । (ଥରେ ଐକ୍ୟ ବିଘ୍ନିତ ହେଲେ ତାର ପୁନଃ ପ୍ରତିଷ୍ଠା ଅତ୍ୟନ୍ତ କଷ୍ଟକର ହୋଇଥାଏ ।)

୧୪ । ଯୋଡ଼ାକୁ ଘୋଡ଼ା ସରି ନୁହେଁ । (ଏକତା ନିକଟରେ ଶକ୍ତି ପରାହତ ହୁଏ ।)

୧୫ । ସବୁ ବାଡ଼ିକୁ ଏକ ବିଡ଼ା । (ସକଳପ୍ରକାର ଅନୈକ୍ୟ ମଧ୍ୟରେ ଯାହା ଏକତା ସୂତ୍ରରେ ବାନ୍ଧିରଖେ ।)

କର୍ମ, ଭାଗ୍ୟ ଓ ଅଦୃଷ୍ଟ

୧ । ଅକର୍ମୀ ଯେଉଁଠି ଯାଏ, ଗମ୍ଭୀରାରୁ ଲିଙ୍ଗ ଛାଡ଼ି ପଳାଏ । (କର୍ମହୀନ ବ୍ୟକ୍ତି ପ୍ରତି କୌଣସି ଦେବତା ପ୍ରସନ୍ନ ହୁଅନ୍ତି ନାହିଁ । ତାର ସମସ୍ତ ଶ୍ରମ ପଣ୍ଡ ହୁଏ ।)

୨ । ଅଖ ବୁଲୁଥିଲେ ଚକ ବୁଲୁଥାଏ, ବୁଲି ପଡ଼ୁଥାଏ ପନ୍ଥ;
ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହ ॥
(ଭାଗ୍ୟର ପରିବର୍ତ୍ତନ ଅନୁଯାୟୀ ମନୁଷ୍ୟକୁ ସୁଖ ଓ ଦୁଃଖ ଭୋଗ କରିବାକୁ ପଡ଼େ ।)

୩ । ଅଜଗରକୁ ଦାତାରାମ, ମୁଖେ ବୋଲେ ରାମ ରାମ । (ଆଳସ୍ୟପରାୟଣ ବ୍ୟକ୍ତି ପରିଶ୍ରମ ନ କରି ଜୀବନଧାରଣ କରିବା ପାଇଁ ଦୈବ ଉପରେ ନିର୍ଭର କରିବା ।)

୪ । ଅତି ସୁକୁମାରୀ ରାଜଦୁହିତା, କରମରେ ଅଛି ଯୋଗୀ ଘରିତା । (ଧନୀ ବା ଦରିଦ୍ର ସମସ୍ତେ ଭାଗ୍ୟର ଅଧୀନ ।)

୫ । ଅପାଳ ପାଉଁଶିଆର କପାଳ ବଡ଼ । (ଅଯୋଗ୍ୟ ବ୍ୟକ୍ତି କର୍ମବଳରୁ ସଂପଦ ଲାଭ କରିବା ।)

Digitized by srujanika@gmail.com

୬ । ଅଭାଗ୍ୟକୁ ଏପରି ଘଟେ, ଅର୍ଣ୍ଣି ସୁନା ପିତଳ ପାଲଟେ । (ଭାଗ୍ୟ ଖରାପ ଥିଲେ ହସ୍ତଗତ ଧନ ଉଭେଇଯାଏ ।)

୭ । ଅଭାଗା କପାଳକୁ ସମୁଦ୍ର ଶୁଖେ । (ଭାଗ୍ୟହୀନ ବ୍ୟକ୍ତିର ଅସରନ୍ତି ଧନ କେଉଁଆଡ଼େ ଉଭାଇଯାଏ ।)

୮ । ଆର ଜନ୍ମରେ ଲଙ୍କାମରଚ ଗଛ (ଲେଉଟିଆ କଆଁର) ହୋଇ ଶୁଖିବା । (ଲୋକବିଶ୍ୱାସ । କର୍ମଫଳ ଭୋଗ ଅନିବାର୍ଯ୍ୟ ।)

୯ । କଦଳୀ ଗଛରେ ମଞ୍ଜକଳା ମାରିବା ନ୍ୟାୟ । (ଅଲକ୍ଷିତ କାରଣରୁ କୌଣସି ଲୋକର ସର୍ବସ୍ୱ ନଷ୍ଟହେବା ।)

୧୦ । କପାଳେ ଥିଲେ ଗୋପାଳେ ଦେବେ ।

୧୧ । କପାଳେ ନ ଥିଲେ ଗୋପାଳେ କାହୁଁ ଦେବେ ? (ଭାଗ୍ୟ ଅନୁସାରେ ମନୁଷ୍ୟ ଫଳ ଭୋଗକରିଥାଏ ।)

୧୨ । କପାଳଗୁଣେ ଗୋପାଳ ଗୋସେଇଁ । (କର୍ମବଳରେ ଗୋପାଳ ନାମକ ଜଣେ ମୂର୍ଖ ବ୍ରାହ୍ମଣରୂପେ ପୂଜା ପାଉଥିବା ପ୍ରବାଦ ଲକ୍ଷ୍ୟକରି କୁହାଯାଇଛି ।)

୧୩ । କପାଳ ଛଡ଼ା ବାଟ ନାହିଁ । (ଭାଗ୍ୟ ହିଁ ବଳବାନ୍ ।)

୧୪ । କପାଳ ଫାଟିଲା ବେଳକୁ ଘର ଛିଙ୍କି କୁମ୍ଭୀର ହୁଏ । (ଅଭାଗ୍ୟ ବେଳକୁ ଆପଣା ଲୋକେ ଶତ୍ରୁତା ଆଚରଣ କରନ୍ତି ।)

୧୫ । କପାଳ-ଲିଖନ କେ କରିବ ଆନ ?

୧୬ । କପାଳରେ କାଉ ଉଡ଼ିବା । (ମନ୍ଦ ଭାଗ୍ୟ) ।

୧୭ । କରମଗୁଣେ କରମଙ୍ଗା ଫଳେ, ଲଉ ଲଗେଇଲେ ଚଳଣା ଫଳେ । (ଭାଗ୍ୟ ଉପରେ ମନୁଷ୍ୟର ସୁଖସମ୍ପଦ ନିର୍ଭରଶୀଳ ।)

୧୮ । କରମ ପଡ଼ିଲେ ଧରମ ଗୁଡ଼େ, ସରମ କଥାରେ ମରମ ସଢ଼େ ।

୧୯ । କରମ ମନ୍ଦ, ଢଅଁ ଦେବତା କପାଁ ନିନ୍ଦ ।

୨୦ । କରମ ଲିଖନ କେ କରିବ ଆନ ।

୨୧ । କାହାର ପୁଷମାସ, କାହାର ସର୍ବନାଶ ।

୨୨ । କାହାକୁ କହିବା, କପାଳରେ ସିନା କର ମାରିବା ।

୨୩ । କେତେବେଳେ ଶଗଡ଼ ଉପରେ ନାହା, କେତେବେଳେ ନାହା ଉପରେ ଶଗଡ଼ । (ଭାଗ୍ୟ ପରିବର୍ତ୍ତନ ଅବସ୍ଥା ବିପର୍ଯ୍ୟୟ ।)

୨୪ । କେତେବେଳେ ପାଲିଙ୍କି ଉପରେ ପାଟଛତା, କେତେବେଳେ ବେଙ୍ଗ ଉପରେ କୋରଡ଼ା । (ସୁଖ-ଦୁଃଖ ଭାଗ୍ୟାଧୀନ ।)

୨୫ । କେବେ ତେଲ ଶାଢ଼ି ବନେ ଲଣ୍ଡା, କେବେ ଖଣ୍ଡ ଖଣ୍ଡ ମୁଣ୍ଡା ମୁଣ୍ଡା । (ଭାଗ୍ୟ ପରିବର୍ତ୍ତନଶୀଳ ।)

Digitized by srujanika@gmail.com

୨୬ । ଗଙ୍ଗା ଯା, ଗୟା ଯା; କରମ ଘେନ ବୁଲୁଥା । (ପ୍ରତ୍ୟେକ କ୍ଷେତ୍ରରେ କର୍ମର ପ୍ରାଧାନ୍ୟ ।)

୨୭ । ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଓଟାରେ ତେଣିକି ଯାଇ । (ମନୁଷ୍ୟ ଦୈବାଧୀନ ।)

୨୮ । ଦଇବ ବାମ ହେଲବେଳକୁ ବୁଦ୍ଧି ହଜିଯାଏ ।

୨୯ । ଦଇବୀ କଲେ ଦଇବ କାଟେ । (ହୋମ-ଯାଗାଦି ଦୈବୀ ଅନୁଷ୍ଠାନଦ୍ୱାରା ଋଷ୍ଟ ଖଣ୍ଡନ ହୁଏ ।)

୩୦ । ଧାଇଁବୁ ଯେତେ ଫୁଟିବୁ ସେତେ, କରମେ ଯେତେ ପାଇବୁ ସେତେ । (କର୍ମାନୁଯାୟୀ ଫଳ ।)

୩୧ । ନଆଶ୍ରିତକୁ ଦଇବ ସାହା ।

୩୨ । ପରଶୁ ଶିଳା, ଦଶା ଅବଲରେ ମାଙ୍କଡ଼ା ହେଲା । (କର୍ମଅବଲରୁ ସ୍ୱର୍ଣ୍ଣମଣି ମାଙ୍କଡ଼ା ପଥର ପାଲଟିବା ପରି ପ୍ରଭୁତ୍ୱବାନ୍ ବ୍ୟକ୍ତିର ବୁଦ୍ଧି ଲୋପପାଇବା ।)

୩୩ । ବିଧାତା ଶିର ଉର୍ଣ୍ଣ ଚଢ଼ୁ ଦଅନ୍ତୁ । (ଯେ ଯେତେ ଦୁଃଖ ସହିପାରିବ ତାକୁ ସେହି ଭଳି ଦଅନ୍ତୁ ।)

୩୪ । ମନ ଜଗତି ଉପରେ ଥାଏ, କର୍ମ ବଥାଳି ବସ୍ତୁଥାଏ ।

୩୫ । ଯାହାକୁ କହିବ ମର ମର, ସେ ପାଇବ ଦେବୀର ବର (ସେ ହେବ ଫର୍ଫର୍ ।)

୩୬ । ଯେ ତୋତେ ମାଇଲା ତାକୁ ତୁ ନମାର, ତାକୁ ମାରୁଥିବ ଆନ,
ଦେଖୁଥିବ ତୋର ଦୁଇ ନୟନ, ଶୁଣୁଥିବ ଦୁଇ କାନ ।

୩୭ । ଯେଣେ ଇଚ୍ଛା ତେଣେ ଯା, କର୍ମଘେନ ବୁଲୁଥା ।

୩୮ । ଯେମିତି କର୍ମ, ସେମିତି ଫଳ ।

୩୯ । ଯୋଗକୁ ବ୍ରହ୍ମା ଖଣ୍ଡନ୍ତି ନାହିଁ । (ଯେତେ ଶକ୍ତିଶାଳୀ ବ୍ୟକ୍ତି ହେଲେ ମଧ୍ୟ ଯାହା ଭବିତବ୍ୟ ତାହାର ଅନ୍ୟଥାଚରଣ କରିବା ଅସମ୍ଭବ ।)

୪୦ । ଶଗଡ଼ପଇ ଡଳ ଉପର (ଭାଗ୍ୟ ପରିବର୍ତ୍ତନ ।)

୪୧ । ହାଟରେ ସିନ୍ଦୁର ନାହିଁ କି ଅଭାଗୀ କପାଳରେ ନାହିଁ ।

୪୨ । କ୍ଷଣକେ ଶଙ୍ଖମହୁରି, କ୍ଷଣକେ ପାଲଦଉଡ଼ି । (ମନୁଷ୍ୟ ଜୀବନର ଅନିଶ୍ଚିତତା ସମ୍ବନ୍ଧରେ ଉକ୍ତି ।

୪୩ । ଲଲାଟ-ଲିଖନ କେ କରିବ ଆନ, ଲଲାଟେ ଥିଲାକୁ ରାମ ଗଲେ ବନ ।

୪୪ । ଲବିର, ସୁନା ଫୁଲ ବୋଲି କାନରେ ଖୋସିଲି ମୋ କରମକୁ କାନଶିର ।

Digitized by srujanika@gmail.com

କୃଷି

୧ । ଅଇଲରେ ଠେଙ୍ଗା ଶ୍ରାବଣ, ଭାଦ୍ରବ ଛଣଶ ଦନ ;
ଆଶ୍ୱିନ ମାସର ଗହ୍ୱଲାଗହ୍ୱଳ, କାର୍ତ୍ତିକେ ପାଇବ ଧନ ।
(ଧାନ ରୋଇବା ସମ୍ବନ୍ଧରେ କୃଷି-ବଚନ ।)

୨ । ଅଳପ ଗ୍ରୁଷ କୁଟୁମ୍ବ ପୋଷ, ବହୁତ ଗ୍ରୁଷ ରଜାକୁ ପୋଷ ।
(ବହୁତଗୁଡ଼ାଏ ଜମି ଗ୍ରୁଷ କଲେ କେବଳ ଖଜଣା ଗଣିବା ସାର ହୁଏ ।)

୩ । ଅଣୀ ଗରଗଡ଼ ନଉ ବାଳୁଙ୍ଗା । (ଗରଗଡ଼ ଅଣୀ ଧନେ ଏବଂ ବାଳୁଙ୍ଗା ନବେ ଧନେ ପାଚେ ।)

୪ । ଆଷ୍ଢ଼ ବଙ୍କା, ନ ଭୁଢ଼େ ଡଙ୍କା; ଜଡ଼ା ବଙ୍କା, ନ ଭୁଢ଼େ ଟଙ୍କା ।

୫ । ଜନ୍ମକୁ ବୁଣିଲେ କର୍ମକୁ ଫଳେ । (ଭାଦ୍ରବ ମାସରେ ଧାନ ବୁଣିଲେ ଫସଲ ଅମଳ ଆଶା ଅତ୍ୟନ୍ତ କ୍ଷୀଣ)

୬ । ପୂର୍ବେ ଇନ୍ଦ୍ରଧନୁ ପଶ୍ଚିମେ ରୋହୁ, ନାଥ ବୋଲେ ପୂତା ନଷ୍ଟେ ପଡ଼ଇ ଧୋଇ ।

୭ । ଶ୍ରାବଣ ଧୋଇ, ବାଧଇ ନାହିଁ,
ଭାଦ୍ରଅ ଧୋଇ କଛୁ କଛୁ ରହୁ,
ଅଶିଣ ଧୋଇ, ନଷ୍ଟଲଙ୍କ ହୋଇ ।

୮ । ସାତପୁଷ୍ୱା ଯାଉଛୁ ଖସି,
ଇନ୍ଦ୍ରମାଆ କାନ୍ଦେ ବାଡ଼ ପନ୍ଦାଡ଼େ ବସି ।
(ଭାଦ୍ରବ ମାସରେ ବର୍ଷା ନ ହେଲେ ମରୁଡ଼ି ସୁନିଶ୍ଚିତ ।)

୯ । ଆଗ ଯାର, ପାଗ ତାର ।

୧୦ । ଆଗ ନୋହିଲେ ପାଗ । (କୃଷିକାର୍ଯ୍ୟରେ ବିଳମ୍ବ କରିବା ଉଚିତ ନୁହେଁ ।)

୧୧ । ଆଗେ ବୁଣ୍ ପଛେ ବୁଣ୍, ଗର୍ଭଣାକୁ ଟୁଣ୍ଟୁଣ୍ । (ଆଗେ ହେଉ ବା ପଛେ ହେଉ ବୁଣା ହୋଇଥିବା ସବୁ ଧାନ ଗର୍ଭଣା ସମୟାନ୍ତକୁ ଥୋଡ଼ ହୁଏ ।)

୧୨ । ଆଗେ ତେନ୍ତୁଳ ପଛେ ତାଳ, ଘର ଗୁସିଆଁର ପୂରିଲା କାଳ । (ଘାଣ୍ଡରେ ତେନ୍ତୁଳ ଓ ବାଡ଼ ପଟେ ତାଳ ଗଛ ଲଗାଇବା ଅଶୁଭ ।)

୧୩ । ଆଠ ଦୁମୁକାଣି, ଷୋଳ ଅସରା,
ବତଣି ଝିପିଝିପି ଚଉଷଠି କୁଣ୍ଡାଝରା, ତେବେଯାଇ ଚଷାର ପେଟ ହୁଏ ପୁରା ।
(ଧାନ ଫସଲ ପାଇଁ ବର୍ଷାପାଣିର ଆବଶ୍ୟକତା ସମ୍ବନ୍ଧରେ ଉକ୍ତି ।)

୧୪ । ଆଠରଚକା ଷୋଳ ବର୍ଷି, ତେବେ ଦେଖିବ ଧାନର କର୍ଷି । (ଧାନ ପାଇଁ ବର୍ଷାର ଆବଶ୍ୟକତା ସମ୍ବନ୍ଧରେ ଉକ୍ତି ।)

Digitized by srujanika@gmail.com

୧୫ । ଆଠ ବନ୍ଧୁଡ଼ା ଷୋଳ କୋଡ଼ା, ତେବେ ଖାଇବ ବାଇଗଣ ପୋଡ଼ା । (ବାଇଗଣ ଚାଷ ପାଇଁ ଉତ୍ତମ ଚାଷର ଉପଯୋଗିତା ସମ୍ବନ୍ଧରେ ଉକ୍ତି ।)

୧୬ । ଆଣି ପୋଡ଼ଲ ଡାଲ, ସେ ହେଲା ମୋତେ କାଳ ।

୧୭ । ଆମ୍ବର ବଣ, ଆମ୍ବ ସରଗଲେ ଝାଙ୍କୁଆ ବଣ ।

୧୮ । ଆମ୍ବ ସଡ଼କା, ତେନ୍ତୁଳ ବଙ୍କା, କୁକୁର ଲାଙ୍ଗୁଡ଼ ନୁହେଁ ସଳଖା । (ଯେତେ ଯତ୍ନ କଲେ ମଧ୍ୟ ଏଗୁଡ଼ିକ ସିଧା ହୁଏ ନାହିଁ ।)

୧୯ । ଆମ୍ବ କଡ଼ମଡ଼, ତେନ୍ତୁଳ ଚେମଡ଼ । (ଅବସ୍ଥା ଦେଖି ବ୍ୟସ୍ତ କରିବା ।)

୨୦ । ଆମ୍ବ ପାଚିଲେ ଡମ ରଜା, ନଈ ବଢ଼ିଲେ କେଉଟ ରଜା । (ଆମ୍ବ ପାଚିଲେ ଶ୍ରେଷ୍ଠ ଜାତିର ଲୋକେ ଆମ୍ବ ଖାଇ ବଞ୍ଚନ୍ତି । ନଈ ବଢ଼ିଲେ କେଉଟର ଭଲ ରୋଜଗାର ହୁଏ ।)

୨୧ । ଆପେ ବଣିଜ, ପୁତେ ଚାଷ ; ଗୋତି କରେ ସର୍ବନାଶ । (କେବଳ ପର ଉପରେ ନିର୍ଭର କଲେ ଚାଷକାର୍ଯ୍ୟ ଭଲ ହୁଏ ନାହିଁ ।)

୨୨ । ଆପେ ଚଷିବୁ ପୁରା ଚାଷ, ଛଡା ଜୋତା ଅଧା ଚାଷ, ମୂଲିଆ ଚାଷ ଫସରଫାସ । (ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ବିନା ଚାଷକାମ ଭଲ ହୁଏ ନାହିଁ ।)

୨୩ । ଆରେ ଛପାଭାଇ ମୋ ବୋଲ ଶୁଣ, ବେଲ ଥାଉଁ ଥାଉଁ ବୁଣିବୁ ଧାନ ।

୨୪ । ଆଷାଢ଼େ ବୁଏ ବଲ୍‌କେ, ଶ୍ରାବଣେ ବୁଏ ଫଲ୍‌କେ, ଭାଦ୍ରବେ ବୁଏ ରୁଷକେ, ଆଶିନେ ବୁଏ କସକେ । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ କୃଷିବଚନ ଋତୁ ଅନୁଯାୟୀ ଧାନ ବୁଣିବାର ଆବଶ୍ୟକତା ।)

୨୫ । ଆଷାଢ଼ ମାସରେ ବରୁଣ ଚାଷ, ଅତି ଭାଗ୍ୟ ଥିଲେ ପାଇ ; ଠିଆ ହୋଇ ବୁଣିଥିଲେ ବସି କରି ଖାଇ । (ସହଳ ଧାନ ବୁଣିବାର ଆବଶ୍ୟକତା ।)

୨୬ । ଉକୁଣି ମୁଣ୍ଡରେ ଖୋଷା, ପଛବୁଣା ଚଷା, ଗ୍ରାଇ ତଳିଆ ବେଉସା— ସଖି ଗୋ, ମନ୍ଦ ଏ ।

୨୭ । ଉଠିଲା ଗଛ ପତ୍ରରୁ ଜାଣି ।

୨୮ । ଉଖି ମୁଠି, ଆଡ଼ ଦ ମୁଠି, କଆର ମଝିରେ ପୋତିବୁ କାଠି, ବିଲରେ ରଖିବୁ ପାଣି ସମାନ, ପର୍ବତ ଶିଖରେ ବୁଣିବୁ ଧାନ, ଯେବେ ନୋହିବ ତହିଁରେ ଧାନ, ତେବେ କାଟିବୁ ଡାକର କାନ । (ଧାନ ଫସଲ ସମ୍ବନ୍ଧରେ ଡାକବଚନ ।)

୨୯ । କକଡ଼ା ହତା, ସିଂହ ଚଉଠା, କନ୍ୟେ ନିଘଞ୍ଚ ରୋ,
ଭୂଲରେ ରୋଇଲେ ମୂଳରେ ଫଳେ ବଡ଼ ବଡ଼ କରି ଥୋ ।
(ଧାନ ରୋଇବା ସମ୍ବନ୍ଧରେ କୃଷିବଚନ ।)

Digitized by srujanika@gmail.com

୩୦ । କକଡ଼ା ବରଷା ମଞ୍ଜିରେ ସାର,
ମିଥୁନ ବରଷା ନଈରେ ଧାର ।
(ଶ୍ରାବଣ ମାସରେ ଭଲ ବର୍ଷା ହେଲେ ଧାନ ଫସଲ ଭଲ ହୁଏ ।)

୩୧ । କକଡ଼ା କଣିଆ ବହିଲା ବା, ମୂଲ ଲେଉଟାଇ ଦଅଲୋ ମା' । (ଶ୍ରାବଣ ମାସରେ ଭଲ ବର୍ଷା ନ ହେଲେ ଧାନ ଫସଲ ଭଲ ହୁଏ ନାହିଁ ।)

୩୨ । କଦଳୀର ପୁଅ ବାଉଁଶର ନାତି, ଆପଣା ଇଚ୍ଛାରେ ବଢ଼ାନ୍ତି ଜାତି । (କଦଳୀ ଓ ବାଉଁଶ ବୃକ୍ଷ ସମ୍ବନ୍ଧରେ ପ୍ରବଚନ ।)

୩୩ । କଦଳୀ, ବାଉଁଶ, କଅାଁ; ଏ ତିନିରୁ ନାହିଁ ପରଖିଆ । (ପାଖରେ ଥିବା ଅନ୍ୟ ଗଛର ସାର ଗ୍ରହଣ କରି ଏମାନେ ନିଜକୁ ପୁଷ୍ଟ କରନ୍ତି ।)

୩୪ । କନ୍ୟେ କଦଳୀ, ମିଥୁନେ ଆମ୍ବ । (ଆଷାଢ଼ ମାସରେ ଆମ୍ବଗଛ ଏବଂ କାର୍ତ୍ତିକ ମାସରେ କଦଳୀଗଛ ଲଗାଇବା ଭଲ ।)

୩୫ । କରକଟେ ଝରଝର, କନ୍ୟରେ କାନ / ସିନେ ବାଏ, ତୁଳେ ବରଷିଲେ କାହିଁ ରଖିବୁ ଧାନ । (ଧାନବୃକ୍ଷ ପାଇଁ ଉପଯୁକ୍ତ ପାଣି-ପାଗ ସୂଚନା ।)

୩୬ । କାର୍ତ୍ତିକ ମାସରେ ଦାଣ୍ଡରେ ପାଣି / ହାଟୁଆ କାଢ଼ିଲେ ବଡ଼ ଗଉଣୀ । (କାର୍ତ୍ତିକ ମାସରେ ଭଲ ବର୍ଷା ହେଲେ ଧାନ ଫସଲ ଭଲ ହେବା ଫଳରେ ଧାନ ଶସ୍ତା ହୁଏ ।)

୩୭ । କାର୍ତ୍ତିକେ ନ ଥାଏ ଅଫୁଲା, ମଗୁଶୁରେ ନ ଥାଏ ଅପାଚିଲା । (ଧାନ ଫୁଲଉଡ଼ାଇବା ଓ ପାଚିବା ସମ୍ବନ୍ଧରେ କୃଷି-ବଚନ ।)

୩୮ । କେବେଁ ନ କରିବୁ ଟିକରା ବୃକ୍ଷ, କର ଦେଇ ନାହିଁ ଲଭରେ ଆଣ । (ଟିକରା ଜମିରେ ଭଲ ଫସଲ ହୁଏ ନାହିଁ ।)

୩୯ । ଖତ ବରଷେ, ପଙ୍କ ପୁରୁଷେ । (ଖତ ଅପେକ୍ଷା ପଙ୍କ ଜମିର ଉର୍ବରତା ବଢ଼ାଇବାରେ ଅଧିକ ଉପଯୋଗୀ ।)

୪୦ । ଖରା ସହେ ମେରୁ, ଖରା ସହେ ଗୋରୁ, ଖରା ସହେ ମୂଲିଆ ବାପୁଡ଼ା, ଖରା ସହେ ତରୁ ।

୪୧ । ଖାଇଲା ବ୍ରାହ୍ମଣ, ଚିନ୍ତିଲା ମୂଷା, ଭୋଦଆ ଗଉଡ଼, କାର୍ତ୍ତିକଆ ଚଷା, କହେ ଦନାଇ କେ ଦେଖେ ଦଶା । (ଏମାନେ ହଟହଟା ହୁଅନ୍ତି ।)

୪୨ । ଖାଲବିଲ ବୃକ୍ଷ, ଖଣ୍ଡିଖିରି ଲାସ, ଖଟିଥିବ ଗୁଣ ଚିନ୍ତ ନରପତି ପାଶ—ସଖୀ ଗୋ, ଭଲ ଏ ।

୪୩ । ଖୁଁ ଖୁଁ କାଶ, ନଈପାରି ବୃକ୍ଷ, ମଇଲିଆ ଟେକା, କଚେରି ଭଲିଆ ଟୋକା— ସଖୀ, ବଡ଼ ମନ୍ଦ ।

୪୪ । ଗଉଡ଼ ବୁଡ଼ିଲେ ଦିନେ, ଚଷା ବୁଡ଼ିଲେ ବରଷେ, ସେନ୍ତ ବୁଡ଼ିଲେ ପୁରୁଷେ ।

Digitized by srujanika@gmail.com

୪୫ । ଗଛର ଛାଇ, ମଣିଷର ଭାଇ; ଯହିଁ ପଡ଼େ ତହିଁ ଉଭାଇ ଯାଇ । (ଗଛଛାଇରେ ଭଲ ଫସଲ ହୁଏ ନାହିଁ ।)

୪୬ । ଗଜା ମରୁଡ଼ିରେ ମୁକ୍ତ ଯାଏ, କ୍ଷେତ ମରୁଡ଼ିରେ ବନ୍ଧନ ଥାଏ । (ମରୁଡ଼ି ସମ୍ବନ୍ଧରେ କୃଷି-ବଚନ ।)

୪୭ । ଗାଁ ଧୋଓବା ପୋଖରୀ ତଳ, ଯାକୁ ଦେଉଥିବ ଆଗତ କର । (ଏ ଶ୍ରେଣୀର ଜମି ଅତ୍ୟନ୍ତ ଉର୍ବର ।)

୪୮ । ଗାଈ କରିଥିବ ଖୁରଣ୍ଡ଼, ବଳଦ କରିବ ଚେପା; ଆଖୁ ବିଲରୁ ମାଣେ ନ କରିବ, ପାଏ କରିବ କପା । (ଆଖୁଚାଷ, କପାଚାଷ ଓ ଗୋପାଳନ ସମ୍ବନ୍ଧରେ ଉପଦେଶ ।)

୪୯ । ଗୁଆ ଗଛ ମୂଳେ ଚୁଙ୍ଗୁଡ଼ି ଜିଅନ୍ତୁ । (ଗୁଆ ଗଛ ବିଶେଷ ପାଣି ଦରକାର କରେ ।)

୫୦ । ଗୁଆ ଟାଣ ପାନ, ବୁଆ ଟାଣ ଧାନ, ଚୂନ ଟାଣ ନାସ, ଲୁଣ ଟାଣ ମାଛ । (ବୁଆଧାନଠାରୁ ବୁଆଧାନରେ ଭଲ ଫଳ ହୁଏ ।)

୫୧ । ଚଷା ହେଲେ ବରଷେ, ମୂଳିଆ ହେଲେ ଦିବସେ, ଗେରସ୍ତ ହେଲେ ପୁରୁଷେ ।

୫୨ । ଚଷା, ଲକ୍ଷେ ପୋଷା । (ଚଷା ଲକ୍ଷ ଲକ୍ଷ ଲୋକଙ୍କୁ ଅନ୍ନବସ୍ତ୍ର ଯୋଗାଇ ପୋଷଣ କରେ ।)

୫୩ । ଚଷା ମୂଷା ସମାନ । (ଉଭୟ କଠିନ ପରିଶ୍ରମୀ ।)

୫୪ । ଚାଷ ତରତର ବଣିଜ ମଠ । (ପାଗଯୋଗ ଦେଖି ଯଥାସମୟରେ ଚାଷକାର୍ଯ୍ୟ କରାଯିବା ଉଚିତ ।)

୫୫ । ଚାଷ ହେଲେ ବରଷେ, ପାଠ ହେଲେ ପୁରୁଷେ ।

୫୬ । ଚାଷ ନାହିଁ ଯାର, ବାସ ନାହିଁ ତାର । (କୃଷିପ୍ରଧାନ ଦେଶରେ ଚାଷର ଏକାନ୍ତ ପ୍ରୟୋଜନୀୟତା ।)

୫୭ । ଚାଷ ଯେବେ କର ବସିବ ସଙ୍ଗେ ଥିବ ପୁଅ । (ପରଲୋକ ଦେଇ ଚାଷକାମ ଭଲ ହୁଏ ନାହିଁ ।)

୫୮ । ଚାଷୁଣୀ ସାହିରେ କର୍ପୂରି ପଡ଼ିଲେ ବୋଲେ ଛଣ ସାର ମୁଦ ।

୫୯ । ଚାଷୁଣୀ କି ଜାଣେ କର୍ପୂରର ଗୁଣ, ଶୁଙ୍ଘି ଶୁଙ୍ଘି କହେ ସୈନ୍ଧବ ଲବଣ । (ଯେ ଯେଉଁ ବିଷୟରେ ଅବଗାହି ନୁହେଁ, ସେ ସମ୍ବନ୍ଧରେ ତାର ଅନଭିଜ୍ଞତା ସ୍ୱାଭାବିକ ।)

୬୦ । ଚକଟା ମାଟି, ଖରା କଲେ ଯାଏ ଫସରଫାଟି; ବରଷାରେ ଯାଏ ଫାଟିଫୁଟି । (ଚକଟା ମାଟିର ଲକ୍ଷଣ ।)

୬୧ । ଛନ୍ଦେ କଉଡ଼ି, ବନ୍ଧେ ଧାନ । (ବ୍ୟବସାୟରେ ଉନ୍ନତି ପାଇଁ କପଟାଚରଣ ଏବଂ ଭଲ ଧାନ ଫସଲ ପାଇଁ ବନ୍ଧ ପକାଇ ପାଣି ଅଟକାଇବା ଲୋଡ଼ାହୁଏ ।)

Digitized by srujanika@gmail.com

୬୨ । ଗ୍ରୁଡ଼ିରୁ ଚଉଦ ଧଣରୁ ବୃଣ, କମଣ କଣରୁ ବୃକ୍ଷ କଆର; ବୁଣ ଖରଞ୍ଜି ପକା ଖତ, ହୁଡ଼ ଖଣ୍ଡିରେ ନ ଦେବୁ ହାତ; ଦାର୍ଘରେ ହାତେ, ପ୍ରସ୍ଥରେ ହାତେ, ହୁଡ଼ ବାନ୍ଧିବୁ ଘାସ ସହିତେ; ପର୍ବତ ଶିଖରେ ବୁଣିବୁ ଧାନ, ଯେବେ ନ ହେବ ତହିଁରେ ଧାନ, ତେବେ କାଟିବୁ ତାକର କାନ । (ଧାନବୃକ୍ଷ ସମ୍ବନ୍ଧରେ ଉପଦେଶ ।

୬୩ । ଛୁଆକେ ଆଶ୍ ନାହିଁ, ବୁଢ଼ା ବଳଦେ ବୃକ୍ଷ୍ ନାହିଁ । (ଉଭୟ ଅନିଶ୍ଚିତ ।)

୬୪ । ଛେଳି ଗୋଡ଼ରେ ଯଦି ଧାନ ମଳାହୁଅନ୍ତା, ତେବେ ବଳଦ କାହିଁକି ଲୋଡ଼ା ହୁଅନ୍ତା ? (ଅକ୍ଷମ ବ୍ୟକ୍ତି ଉପରେ କୌଣସି ଦାୟିତ୍ୱ ଅର୍ପଣ କରିବା ପ୍ରତି ଉପଲକ୍ଷ୍ୟ ବଚନ ।)

୬୫ । ଛେଳି ନ ଖାଇ ଡାଳ ନାହିଁ, ବମା ନ ଖାଇ ଫଳ ନାହିଁ । (ଫଳରେ ପୋକ ଲାଗିବା ସମ୍ବନ୍ଧରେ ଉକ୍ତି ।)

୬୬ । ଜଳ ବଢ଼ୁନେ ସୃଷ୍ଟି ନାଶ, ଜଳ ବଢ଼ୁଲେ (ଗହଳେ) ସୃଷ୍ଟି ନାଶ । (ଉଭୟ ଧୋଇ ଓ ମରୁଡ଼ି କୃଷିପାଇଁ କ୍ଷତିକାରକ ।)

୬୭ । ଜ୍ୟେଷ୍ଠେ କଦଳୀ ଆଷାଢ଼େ କଆ, ପୋତ ନପୋତ ହୁଅଇ ଠିଆ ।
ହାତେ ବୃଖଣ୍ଡକେ ଖୋଳିବ ଗାତ, ପତର ଖଣ୍ଡିକେ ନ ଦେବ ହାତ ।
ବୃଖଣ୍ଡେ ଗ୍ରୁଡ଼ ସିଙ୍ଗିବ ଭଣ୍ଡା, ତେବେ ସେ ଦେଖିବ କଦଳୀ ପେଣ୍ଡା ।
(କଦଳୀବୃକ୍ଷ ସମ୍ବନ୍ଧରେ ଉପଦେଶ ।)

୬୮ । ଟିକର ଭୂଇଁ ବୃକ୍ଷ, ଟୋକାଙ୍କ ସଙ୍ଗେ ପରିହାସ, ସଖୀ ମନ୍ଦ ଏ । (ଠେଙ୍ଗ ଜମିରେ ଭଲ ଫସଲ ହୁଏ ନାହିଁ ।)

୬୯ । ତେଙ୍ଗା ନଡ଼ିଆ, ବାଙ୍ଗର ଗୁଆ, ମଟିମଟିକିଆ ତାଳ;
ମଞ୍ଜି ଲଗାଇ ଗଛ କଲେ ଫଳୁଥିବ କାଳ କାଳ । (ନଡ଼ିଆ, ଗୁଆ ଓ ତାଳ ବୃକ୍ଷ ସମ୍ବନ୍ଧରେ ଉକ୍ତି ।)

୭୦ । ତିନି ବରଷରେ ଧାନ ବାଳୁଙ୍ଗା, ତିନି ପୁରୁଷରେ କୁଳ ବାଳୁଙ୍ଗା । (ଉପଯୁକ୍ତ କର୍ଷଣ, ହେଫାଜତ ଓ ଶିକ୍ଷା ଅଭାବରୁ ଏପରି ହୋଇଥାଏ ।)

୭୧ । ତୁଳା ପକାଇ ମଣିବ, ପଥର ପକେଇ ଚଷିବ । (ବଳଦକୁ ପ୍ରଥମେ ଉଶ୍ୱାସିଆ କାମ ଦେଇ ହଳରେ ତାଲିମ କରିବା ପରେ କଠିନ କାମ ଦେଇ ହଳ ବୁଲେଇବ ।)

୭୨ । ତୁଳରେ ବର୍ଷିଲେ ମୂଳରେ ଫଳେ । (କାର୍ତ୍ତିକ ମାସରେ ବର୍ଷା ହେଲେ ଖରିଫ ତଥା ରବିଫସଲ ଭଲ ହୁଏ ।)

୭୩ । ଥୋଡ଼ ବଢ଼ଣା, ଫୁଲ ବାଇଶା । (ଧାନ ଥୋଡ଼ ହେବା ଓ ଫୁଲ ଉଡ଼ାଇବା ସମ୍ବନ୍ଧରେ କୃଷିବଚନ ।)

୭୪ । ଦାତା ଦେଖି କରିବୁ ଅଳି; ବଳ ଦେଖି ବୁଣିବୁ ତଳି । (ଭଲ ଧାନତଳି ଉଠାଇବାକୁ ହେଲେ ଉପଯୁକ୍ତ ଜମି ନିର୍ବାଚନ କରିବା ଉଚିତ ।)

Digitized by Srujanika@gmail.com

୭୫ । ଝଡକୁ ମଲା ମଲା, ଖରାକୁ ନିର୍ମଳା; ନାଥ ବୋଲେ ପୁତାରେ ଖାଇକ ଗୁଞ୍ଜି ପଲା । (ଅନାବୃଷ୍ଟିର ଲକ୍ଷଣ ।)

୭୬ । ଦୀର୍ଘ ହାତେ ପ୍ରସ୍ଥ ହାତେ, ହୁଡ଼ ବାନ୍ଧିବ ଘାସ ସହିତେ,
ଚଷା ଖାଇ ମାନରେ, ଯହିଁ ପାଣି ତହିଁ ଧାନରେ ।
(ଧାନଗୃଷ ପାଇଁ ପାଣିର ଆବଶ୍ୟକତା ସମ୍ବନ୍ଧରେ ଉକ୍ତି ।)

୭୭ । ଦୂର କଳନ୍ଦ, ନିକଟ ବାଲି । (ଦୂରସ୍ଥ ଉର୍ବର ଭୂମିଠାରୁ ନିକଟସ୍ଥ ନୀରସ ଜମିରୁ ଅଧିକ ଲାଭ ମିଳିଥାଏ ।)

୭୮ । ଦେଖାଦେଖି ଗୃଷ, ଲଗାଲଗି ବାସ—ସଖି ଗୋ, ଭଲ ଏ । (ଗୃଷ ପାଇଁ ପର୍ଯ୍ୟବେକ୍ଷଣର ଆବଶ୍ୟକତା ।)

୭୯ । ଦୋଳ ବାସି, ଜଳ ବାସି, ଅଗି ବାସି, କି କରିବ ଖଡ଼ି ଘସି । (ଦୋଳପୂର୍ଣ୍ଣିମା, ଅଗ୍ନିପୂର୍ଣ୍ଣିମା କମ୍ବା ବର୍ଷା ହେବାପରେ ଧାନ ବୁଣିବା ପାଇଁ କଆରକୁ ପ୍ରଥମେ ଗୃଷ କରିବ । ଏଥିପାଇଁ ଜ୍ୟୋତିଷଗଣନା କରିବା ଆବଶ୍ୟକ ନୁହେଁ ।)

୮୦ । ଧାନ କଆର ପାଚିଲା, ଚଷାମାଇପ ନାଚିଲା ।

୮୧ । ଧାନ କୋଇଲି, କୁଟି କୁଟି ମଲି ବୋହୂ ପୋଇଲି । (କୋଇଲିବାଇ ନାମକ ଧାନରୁ ଚାଉଳ ବାହାର କରିବାକୁ ଖୁବ ପରିଶ୍ରମ କରିବାକୁ ପଡ଼େ ।)

୮୨ । ଧାନ ବଉଳା, ବନ୍ଧୁ ମଉଳା । (ବଉଳା ନାମକ ଧାନ ମଉଳା ବନ୍ଧୁ ପରି ଉତ୍କୃଷ୍ଟ ।)

୮୩ । ଧାନଯାକରେ ମକର, କେଉଁ ନୁହେଁ ନାକର / ଯେବେ ହେବ ନାକର ତେବେ ନେବ ଖପର । (ମକରଧାନ ବହୁତ ଫଳେ; କିନ୍ତୁ ଭଲ ପାଗଯୋଗ ନ ହେଲେ ଏକାବେଳକେ ନଷ୍ଟ ହୋଇଯାଏ ।)

୮୪ । ଧାନ ନାଁ ଷାଠିକା, ନଉ ଦିନେ କାଟିଆ । (ବିଆଳି ଧାନ ବୁଣିବାଠାରୁ ନବେ ଦିନରେ ପାଚେ ।)

୮୫ । ଧାର ଶ୍ରାବଣରେ ଦିନେ ବରଷା ନ ହେଲେ ଲକ୍ଷ ଭରଣ ଧାନ ଲୁଟି ହୁଏ । (ଲୌକିକ ବିଶ୍ୱାସ ।)

୮୬ । ଧୂଳିଆ ଗୁଣ୍ଡି ଗୃ, କାଦୁଆ ଗଛା, ଚଷା ବୋଲେ ଧାନ ହାଟକୁ ନେମା । (ଆଷାଢ଼ ମାସ ଆରମ୍ଭରେ ବର୍ଷା ନ ହୋଇ ଶ୍ରାବଣ ଶେଷକୁ ବର୍ଷା ହେଲେ ଧାନ ଫସଲ ନଷ୍ଟ ହେବା ଯୋଗୁ ଧାନ ମହରଗ ହୁଏ ।)

୮୭ । ନଈ ଆଡ଼େ ଗୃଷ, ଅଳୁଡ଼ି ପୁଅକୁ ଆସ, ସଖି ଗୋ ମନ୍ଦ ଏ ।

୮୮ । ନଈକୂଳିଆ ଡେଣ୍ଡା, ଗୁଆଇତଳିଆ ଭେଣ୍ଡା, ଛେନାପଣାରେ ମରିଚ ଗୁଣ୍ଡା—ସଖି ଗୋ ଭଲ ଏ ।

Digitized by srujanika@gmail.com

୮୯ । ନଡ଼ିଆ ଲଗେଇ ବଙ୍ଗଳା ଘା, ଗୁଆ ଲଗେଇ ଘରେ ବସିଥା । (ନଡ଼ିଆ ଗଛ ବଢ଼ିବା ପାଇଁ ବିଶେଷ ଯତ୍ନ ଲୋଡ଼େ ନାହିଁ; କିନ୍ତୁ ଗୁଆ ଗଛର ବିଶେଷ ଯତ୍ନ ନେବାକୁ ପଡ଼େ ।)

୯୦ । ପଣା, ଆମ୍ବ ପାଚେ କଣା କଣା । (ପଣାସଂକ୍ରାନ୍ତିକୁ ଆମ୍ବ ପାଚିବା ଆରମ୍ଭ କରେ ।)

୯୧ । ଫଗୁଣ ଗୁଣ୍ଡି, ଭାଦ୍ରବ ବିଣ୍ଡି । (ଫଗୁଣ ମାସରେ ଧାନବିଲ ଉତ୍ତମରୂପେ ହଳ କଲେ ଓ ଭାଦ୍ରବ ମାସରେ ଧାନ କିଆରି ଭଲ ଭାବରେ ବାଛିଲେ ଭଲ ଧାନ ହୁଏ ।)

୯୨ । ଫଗୁଣେ ଚଷ, ସୁନା କଷ; ଚଇତେ ଚଷ, କୁଟୁମ୍ବ ପୋଷ;
ବୈଶାଖେ ଚଷ, ହାକିମ ପୋଷ; ଜ୍ୟେଷ୍ଠେ ଚଷ, ଛତରେ ପଶ ।
(ଧାନକ୍ଷେତ ଚାଷ ସମ୍ବନ୍ଧରେ ଉକ୍ତି ।)

୯୩ । ଫଳ ନାହିଁ କି ଫୁଲ ନାହିଁ, କିସ ଲାଭ ସେ ଗଛ ଲଗାଇ ?

୯୪ । ବନ୍ଧୁ ତଳିଆ ବାସ, ନଈ ତଳିଆ ଚାଷ, ଅନ୍ତୁଡ଼ିପୁଅକୁ ଆଶ, ସଖି ଗୋ ମନ୍ଦ ଏ ।

୯୫ । ବନ୍ଧ ତଳ ବାସ, ବନ୍ଧ ତଳ ଚାଷ ।

୯୬ । ବାଇଶା ଗରଗଡ଼ା, ତେଇଶା ଝଡ଼ା; ପାଗ ପାଇଲେ ଉଠେ ମୁନ୍ଦଦା ବାପୁଡ଼ା । (ଧାନକ୍ଷେତରେ ବାଇଶି ବର୍ଷ ପର୍ଯ୍ୟନ୍ତ ଗରଗଡ଼ ମଞ୍ଜିରୁ ଗଛ ଉଠେ; ତେଇଶି ବର୍ଷ ପର୍ଯ୍ୟନ୍ତ ବାଳୁଙ୍ଗା ମଞ୍ଜିରୁ ଗଛ ଉଠେ । ମୁନ୍ଦଦା ନାମକ ଘାସ ପାଗ ପାଇଲେ ବହୁ ବର୍ଷ ପରେ ମଧ୍ୟ ଉଠେ ।)

୯୭ । ବାଡ଼ି ଫଳ ଓ କରେ, ପେଟ ପୁଅ ଓ କରେ । (ବାଡ଼ିରେ ଲଗାଇଥିବା ପନି-ପରିବାର ବିଶେଷ ଉପଯୋଗିତା ।)

୯୮ । ବିଲକୁ ସୁନ୍ଦର କଣ୍ଠ, ମୁଣ୍ଡକୁ ସୁନ୍ଦର ବେଣ୍ଡି । (କୋଡ଼ିରେ ବିଲ ହୁଡ଼ର ଘାସ ସଫାକରିବା । ଏହାକୁ ହୁଡ଼କଣ୍ଠ କହନ୍ତି ।)

୯୯ । ବୁଆ ଶୁଖିଲେ ଥୋଇବୁ କାହିଁ; ରୁଆ ଶୁଖିଲେ ପାଇବୁ ନାହିଁ । (ବୁଣା ହୋଇଥିବା ଧାନଗଛର ମୂଳ ଶୁଖିଲା ରହିଲେ ଧାନ ଭଲ ଫଳେ । କିନ୍ତୁ ରୁଆ ଧାନଗଛ ମୂଳରେ ପାଣି ନ ରହିଲେ ଗଛ ମରିଯାଏ ।)

୧୦୦ । ବ୍ରାହ୍ମଣ ଚାଷ; ହଳ ଟୁଙ୍ଗୁଟୁଙ୍ଗୁ ଉପରେ ଘାସ,
ମହାନ୍ତି ଚାଷ; ପିଣ୍ଡାରେ ବସ,
ବଙ୍ଗାଳୀ ଚାଷ, ହୁକା ଗୁଡ଼ୁଗୁଡ଼ୁ, ଖୁଁ ଖୁଁ କାଶ ।
(ଚଷା ବ୍ୟତୀତ ଅନ୍ୟ ଜାତିଙ୍କ ପକ୍ଷରେ ଚାଷ ସମ୍ବନ୍ଧରେ ବ୍ୟଙ୍ଗୋକ୍ତି ।)

୧୦୧ । ବ୍ରାହ୍ମଣୀ ହାତରେ ଅଡ଼ା । (ଜ୍ୟୋତିଷମତରେ ଯେଉଁ ବର୍ଷ ଶନି ଗ୍ରହ ମିଥୁନ, କନ୍ୟା, ଧନୁ ଓ ମୀନ ରାଶିରେ ରହନ୍ତି, ସେ ବର୍ଷ ପୃଥିବୀକୁ ଶସ୍ୟ ଯୋଗାଇବାର ଭାର ସାବିତ୍ରୀ ବା ବ୍ରାହ୍ମଣୀ ହାତରେ ରହେ ଓ ଦେଶରେ ଘୋର ମହର୍ଘ ପଡ଼େ ।)

Digitized by srujanika@gmail.com

୧୦୨। ଭାଦୁଅ ବର୍ଣ୍ଣି , ଅଶିଣ ଗୁଣ୍ଡି । (ଭାଦୁଅ ମାସରେ ଧାନ ବଢ଼ିଯାଇ ଘାସ ବର୍ଣ୍ଣି କିଆରିରେ ମଡ଼ାଗଲେ ଏବଂ ଆଶ୍ୱିନ ମାସରେ ଝିପିଝିପି ବର୍ଷା ହେଲେ ଧାନ ଫସଲ ଭଲ ହୁଏ ।)

୧୦୩। ମଞ୍ଜି ଗୁଣେ ଫଳ, ତୀର୍ଥ ଗୁଣେ ଜଳ । (ଚାଷ ପାଇଁ ଉତ୍ତମ ବିହନର ଆବଶ୍ୟକତା ।)

୧୦୪। ମଠୁଆ ବଳଦ କରିବୁ ଯେବେ, ଜୀବ ଥାଉଁ ଥାଉଁ ମରିବୁ ତେବେ । (ଚାଷକାର୍ଯ୍ୟ ପାଇଁ ମଠୁଆ ବଳଦର ଅନୁପଯୋଗିତା ।)

୧୦୫। ମଜୁରି ପାଇଲେ, ଖଜୁରି ତାଡ଼େ । (କୃଷି-ଶ୍ରମିକର ଦକ୍ଷତା; ତାର ମଜୁରି ହାର ଉପରେ କେତେକାଂଶରେ ନିର୍ଭରଶୀଳ ।)

୧୦୬। ମଣିଷ ଫୁଲଇ ଖାଇଲେ ଭାତ, କ୍ଷେତ ଫୁଲୁଥାଇ ପାଇଲେ ଖତ । (ଉତ୍ତମ ଫସଲ ପାଇଁ ସାରର ଏକାନ୍ତ ଆବଶ୍ୟକତା ରହିଅଛି ।)

୧୦୭। ମାଘ ବରଷା, ମା ପରଷା ।
ମାଘ ବରଷେ, ସୁନା ଖସେ; ଚଷାର ମାଇପ ଖିଲ୍‌ଖିଲ୍ ହସେ ।
(ମାଘ ମାସରେ ବର୍ଷା ହେଲେ ଭଲ ଫସଲ ହୁଏ ।)

୧୦୮। ମାଘ ଚକଟା, ଫଗୁଣ ଫଟା, ଚଇତେ ଝାଞ୍ଜି,
ତେବେ ସେ ଜାଣିବ ମୁଗର ପାଞ୍ଜି ।
(ମାଘ ମାସରେ ଭଲ ବର୍ଷା, ଫାଲ୍‌ଗୁନରେ ଟାଣ ଖରା ଏବଂ ଚୈତ୍ରରେ ଝାଞ୍ଜି ଖରା ହେଲେ ମୁଗ ଫସଲ ଭଲ ହୁଏ ।)

୧୦୯। ମୂଳାର ମୂଳକାଟ, ପାଳଙ୍ଗ ଢନ କାଟ ।

୧୧୦। ମୂଳୀ ବାଉଁଶ, ମୂଳ ବୁଡ଼ଗଲେ ଚୂଲ୍ ପାଉଁଶ ।

୧୧୧। ଯଦ ବରଷେ ମାଘର ଶେଷ, ଧନ୍ୟ ସେ ରାଜା ଧନ୍ୟ ସେ ଦେଶ । (ମାଘ ମାସ ଶେଷରେ ବର୍ଷା ହେଲେ ଭଲ ଫସଲ ହୁଏ ।)

୧୧୨। ଯହିଁ ଚାଷ, ତହିଁ ବାସ ।

୧୧୩। ରଙ୍ଗିଆରାଇ; ତାକୁ ନ ଛାଡ଼ିବୁ ଚଷା ଭାଇ । (ରଙ୍ଗିଆରାଇ ଧାନ ବୁଣିଲେ ଭଲ ଫଳେ ।)

୧୧୪। ରାଶି ମୁଠି, ହଳ ଚଉଠି ।

୧୧୫। ରାହୁଆ ମାଟି, ଖରା କଲେ ଯାଏ ଫସରଫାଟି; ମେଘ ଅସରାକେ ବେସର ବାଟି । (ମଟାଳ ମାଟି ଖରାହେଲେ ଫାଟିଯାଏ ଓ ବର୍ଷା ହେଲେ କାଦୁଆ ହୋଇଯାଏ ।)

୧୧୬। ରୁଆ ଧାନ ଥୁଆ ।

୧୧୭। ରୁଆରୁଆ ବତର ମୂଳ ।

୧୧୮। ଲମ୍ବା ନଡ଼ିଆ, ଚକା ଗୁଆ । (ଏ ଉଭୟ ଉତ୍କୃଷ୍ଟ ।)

୧୧୯। ଲମ୍ବ ଚାଷ, ଘରେ ଉପାସ ।

Digitized by srujanika@gmail.com

୧୨୦ । ଲାଉ କାଉ, ଆଖି ଫିଟିଲେ ନ ମରନ୍ତ ଆଉ । (ଲାଉ ଗଛ ବେଶି ଯତ୍ନ ଦରକାର କରେ ନାହିଁ ।)

୧୨୧ । ଲାଉ ଗଛରେ ଚଲଣା ନ ଫଳେ । (ଗଛ ଅନୁଯାୟୀ ଫଳ ।)

୧୨୨ । ଶଏ କାଷ୍ଠ ବତର ମୂଳ, (ବନ୍ଧନ ଗଜା ହେବାପାଇଁ ବତରର ପ୍ରୟୋଜନୀୟତା ।)

୧୨୩ । ଶୁଖା ଶ୍ରାବଣ, ଧୂଳିଆ ଭାଦୁଅ,
ଅଶିଣ ମାସରେ ନ ଲାଗଇ କାଦୁଅ ।

୧୨୪ । କାର୍ତ୍ତିକ ମାସରେ ବାଆ ବରଷା, କ୍ଷେତ ଗୁଡ଼ିକର ପଳାଏ ଚଷା ।

୧୨୫ । ଶ୍ରାବଣ ମାସର ଆଦ୍ୟ ଚଉଠି,
ଗୃହ ଦଗୁଁ ଯେବେ ମେଘ ନ ଉଠି
ଦକ୍ଷିଣ ଦଗରୁ ବହଇ ବାଆ,
ହଳବଳ ଧରି ଦେଶାନ୍ତର ଯା । (ଅନାବୃଷ୍ଟି ଓ ମରୁଡ଼ିର ଲକ୍ଷଣ ।)

୧୨୬ । ଷାଠିଏ ଓଡ଼ ଗୁଳା, ତହିଁରୁ ଅଧ ମୂଳା,
ତହିଁରୁ ଅଧ ଧାନ, ତହିଁରୁ ଅଧ ପାନ ।
(ଆଖୁ ଫସଲ ପାଇଁ ଷାଠିଏ ଥର ଚାଷ, ମୂଳା ପାଇଁ ୩୦ ଥର, ଧାନ ପାଇଁ ୧୫ ଥର ଓ ପାନ ପାଇଁ ଆଠ ଓଡ଼ ଚାଷ ଲୋଡ଼ା ହୋଇଥାଏ ।)

୧୨୭ । ଉଇଁ ନ ଦଶେ, ହସି ପଶେ, ଉତ୍ତର ମେଘ ଦକ୍ଷିଣେ ଆସେ,
ଘଣ୍ଟ ଗୋବରରେ ଅଂଶେଇ ବସେ, ଡାକ ବୋଲେ ପୁତା ନିଶ୍ଚେ ବରଷେ ।

୧୨୮ । ପୂର୍ବେ ଆଡ୍ରାବଳ, ପଶ୍ଚିମେ ଗୋଇ, ନାଥ ବୋଲେ ପୁତା ନିଶ୍ଚେ ଘିବ ଧୋଇ ।

୧୨୯ । ପାଣିପଗ୍ଗୁ ଧାନ, ତେଲପଗ୍ଗୁ ପୁଅ । (ଧାନ ପାଇଁ ପାଣି ଏବଂ ପିଲାର ସ୍ୱାସ୍ଥ୍ୟ ପାଇଁ ତୈଳମର୍ଦ୍ଦନ ଏକାନ୍ତ ଆବଶ୍ୟକ ।)

୧୩୦ । ପୁଷେ ବରଷେ ସର୍ବନାଶେ, ମାଘେ ବରଷେ, ସୁନା ଖସେ; ଚଷା ଖାଇ ଖିଲ୍ ଖିଲ୍ ହସେ ।

୧୩୧ । ନଇଁପଡ଼ିବ ପୁରା ଚାଷ, ପିଣ୍ଡାରେ ବସି ଯେ ପଗ୍ଗରେ ଚାଷ, ତାର କାହିଁପାଇଁ ଚାଷରେ ଆଶ ?

୧୩୨ । ବୃଷ ସତର କାନେ ଶୁଣ, ଦୁବ ଚରି ଧାନ ବୁଣ ।

୧୩୩ । କନ୍ୟା ନଘଞ୍ଚନ ଗୋ / ଭୁଲରେ ଗୋଇଲେ, ମୂଳରେ ଫଳବ, ବଡ଼ ବଞ୍ଚ କରି ଥୋ ।

୧୩୪ । ଓଲ ତଳେ ଚାଷ କି ଓଲି ତଳେ ବାସ । (ଓଲତଳ ଚାଷ କମ୍ବା ଅନ୍ୟର ଓଲି ତଳେ ବାସକରିବା ଭଲ ନୁହେଁ ।)

୧୩୫ । ବାର ବରଷର କପା ସୁଆଁ ରଲେ ନୂଆ ।

Digitized by srujanika@gmail.com

ଖାଦ୍ୟ ଓ ବସ୍ତ୍ର

୧ । ଅଜା ଗଜା, ବୁଢ଼ା ମେଷ, ଦୁଧର ଉପର, ଦହିର ଶେଷ;
ମାଛର ମା, ଶାଗର ଝି, ଯାକୁ ନ ଖାଇବ କି ?
(ଶ୍ରେଷ୍ଠ ଛେଳି, ବଡ଼ ମେଣ୍ଢା, ଦୁଧର ସର, ତଳତଳିଆ ଦହି, ବଡ଼ ମାଛ ଓ କଅଁଳିଆ ଶାଗ ଖାଇବାକୁ ଭଲ ।)

୨ । ଅରନ୍ କରେ ବରନ, ବସ୍ତର୍ କରେ ମାନ । (ସମ୍ବଲପୁରୀ)—ଅନ୍ନ ଦେହକୁ ପୁଷ୍ଟ କରେ ଏବଂ ବସ୍ତ୍ର ଅଭାବରେ ମର୍ଯ୍ୟାଦାହାନି ଘଟେ ।)

୩ । ଅଲଣାରେ ସୁଆଦ କି ? ପରଠାରେ ମାନ କି ?

୪ । ଆମ୍ବ, କାକୁଡ଼ି, କଡ଼ଆ, ମକା / ଦାନ୍ତ ପଡ଼ିଲେ ତଳକୁ ପକା । (ଦାନ୍ତ ନଥିବା ଲୋକ ଏସବୁ ପଦାର୍ଥ ଚୋବାଇ ଖାଇପାରେ ନାହିଁ ।)

୫ । ଆଗେ ଉଦର, ପଛେ ସୋଦର । (ଆଗେ ଆପଣା ପେଟଚିନ୍ତା କରିସାରି ପରେ ଅନ୍ୟମାନଙ୍କ ଚିନ୍ତା କରିବା ।)

୬ । ଆପ ରୁଚି ଭୋଜନ, ପରରୁଚି ପନ୍ଧରଣ । (ହିନ୍ଦୀ ପ୍ରବଚନର ଅନୁକରଣରେ ରଚିତ ।)

୭ । ଆଣ୍ଠେ ନନା, ପେଟକୁ ନାହିଁ ଦାନା, ଡହିର ଅଧ କନା । (ଖାଦ୍ୟ ଓ ବସ୍ତ୍ର ଏହି ଦୁଇଟି ପଦାର୍ଥ ମନୁଷ୍ୟର ଏକାନ୍ତ ପ୍ରୟୋଜନ ।)

୮ । ଇଲିଶି ମାଛର କଣ୍ଟା ସାର ।

୯ । ଉଆ ଉଷୁନା କେଉଟୁଣୀଙ୍କ ମୁହଁରେ । (ଉଆ ଚୂଡ଼ା ଓ ଉଷୁନା ଚୂଡ଼ା ଚିହ୍ନିବା ସହଜ ନୁହେଁ । ଏ କ୍ଷେତ୍ରରେ କେଉଟୁଣୀ ଯାହା କହେ, ଗ୍ରାହକ ତାହା ଗ୍ରହଣ କରିବାକୁ ବାଧ୍ୟ ।)

୧୦ । ଏକ ପାଏ ନ ଖାଏ ଭୋଗୀ, ଦୁଇ ପାଆ ନ ଖାଏ ରୋଗୀ,
ତିନ ପାଆ ନ ଖାଏ ମୂଳିଆ ବାପୁଡ଼ା, ଚାରି ପାଆ ନ ଖାଏ ଯୋଗୀ ।
(ଏମାନେ ବିଭିନ୍ନ କାରଣରୁ ପେଟପୂରି ଖାଆନ୍ତି ନାହିଁ ।)

୧୧ । ଏହି ପେଟ; ଏହି ପେଟ ଲାଗି ବଙ୍ଗଳା ବାଟ,
ଏହି ପେଟ ଲାଗି ଛଟପଟ,
ଏହି ପେଟ ଲାଗି ଧାନ କୁଟ,
ଏହି ପେଟ ଲାଗି ବସିଛୁ ହାଟ,
ଏହି ପେଟ ଲାଗି ନଟକୁଟ,

Digitized by srujanika@gmail.com

ଏହି ପେଟ ଲାଗି ତେନ୍ତୁଳି ଗ୍ରାଟ,
ଏହି ପେଟ ଲାଗି ଗଣ୍ଡି କାଟ,
ଏହି ପେଟ ଲାଗି ବଦନ ହେଠ,
ଏହି ପେଟ ଲାଗି ଦେଖ ସୁକୁନ୍,
ଏହି ପେଟ ଲାଗି ଯମର ଭେଟ ।
(କ୍ଷୁଧା ନିବାରଣ ପାଇଁ ମନୁଷ୍ୟର ବିବିଧ ଚେଷ୍ଟା ।)

୧୨ । ଓଟ ମୁହଁକୁ ଜିରା (ଯେ ବହୁତ ଖାଦ୍ୟ ଖାଏ, ତାକୁ ଅଳ୍ପ ମୁଠାଏ ଖାଦ୍ୟ ଦେବା ।)

୧୩ । ଓଳମ୍ବି ଲୋ ଘରେ ଥା, ଓଲେଇ ଲୋ ଘରୁ ଯା ।

୧୪ । ଓଲେଇ ଦରକଞ୍ଚା ଖାଏ, ଦୁଆରବୁଲୀର ପେଟ ପୋଡ଼ିଯାଏ ।

୧୫ । ଓଲେଇର ଦର ଦର କଞ୍ଚା, ହାଣ୍ଡିଖାଇର ଦର ଦର ସିଝା ।

୧୬ । କଲ ଯେବେ କରିବସିବ ସଙ୍ଗେ ଥିବ ଭାଇ;
ଦୁଧ ଯେବେ ଖାଇବସିବ ଘରେ ଥିବ ଗାଈ ।

୧୭ । କଂସା ବନ୍ଧା ଦେଇ ହଳଦ ଆଣ; ଶୋଇଲେ ଶୋଇବା ଉପାସ ପୁଣ । (ନିତ୍ୟବ୍ୟବହାର ଦ୍ରବ୍ୟ ବିଳାସସାମଗ୍ରୀ କିଣିବା ଭଳି ମୂର୍ଖତା ।)

୧୮ । କାଳୀ ଗାଈର ଦୁଧ ମିଠା । (ଲୋକବିଶ୍ୱାସ ।)

୧୯ । କୂଅକୁ ଝର, ଦୁଧକୁ ସର । (ଝରଥିବା କୂଅ ଏବଂ ସରପଡ଼ିଥିବା ଦୁଧ ଭଲ ।)

୨୦ । କେତେ ଘାଣ୍ଟିବ ଘାଣ୍ଟୁ, ଢଅଣ ସୁଆଦ କି ଜାଣିବ ଚଟୁ ।

୨୧ । ଖର ବଳଦ ମଇଳ, ପଖାଳ ଭାତ ଦହିକ,
ଖଣ୍ଡ ନଡ଼ିଆ ଖଇକ, କାନକୋଳି କଣ୍ଟା ପହିକ—ସଖି, ବଡ଼ ମନ୍ଦ ଏ ।

୨୨ । ଖାଇବାକୁ ପାଇଲେ ଜୀବଜନ୍ତୁ ବଶ ହୁଅନ୍ତି ।

୨୩ । ଖାଇଲେ ଜାଡ ଯାଏ ନାହିଁ, କହିଲେ ଜାଡ ଯାଏ ।

୨୪ । ଖାଇବା ଚଳରେ ମଣ୍ଡା, ମଣିଷଯାକରେ ଲଣ୍ଡା, ମଇଁଷିଯାକରେ ପଣ୍ଡା, ଗାଁଯାକରେ ଦଣ୍ଡା, ହତିଆରଯାକରେ ଖଣ୍ଡା, ଏସବୁ ବଡ଼ ହୁଣ୍ଡା । (ମଣ୍ଡା ପିଠା ଇତ୍ୟାଦିର ଉତ୍କୃଷ୍ଟତା ।)

୨୫ । ଖାଇଲେ ପେଟ ପୁରେ ନା କହିଲେ ପେଟ ପୁରେ ? (କେବଳ ମିଠା କଥାରେ ପେଟ ପୁରେ ନାହିଁ ।)

୨୬ । ଖାଇବ ପିତା, ଗାଇବ ଗୀତା, ତେବେ ହୋଇବ ଜଗତ ଜିତା । (ସ୍ୱାସ୍ଥ୍ୟ ପାଇଁ ପିତା ଓ ଆତ୍ମାର ସଦ୍‌ଗତି ପାଇଁ ଗୀତାଧ୍ୟୟନ ଆବଶ୍ୟକ ।)

୨୭ । ଖାଇବାକୁ ଦାନା ନାହିଁ, ପିନ୍ଧିବାକୁ କନା ନାହିଁ । (ଖାଦ୍ୟ ଓ ବସ୍ତ୍ର ମନୁଷ୍ୟର ଦୁଇଟି ମୌଳିକ ଆବଶ୍ୟକତା ।)

Digitized by srujanika@gmail.com

୨୮ । ଖାଇଲା ପୁଅଟିଏ ରଙ୍କ । (ଖାଇବାକୁ ପାଉଥିବା ପିଲାଏ ଆହୁରି ଭଲ ଭଲ ଜିନିଷ ଖାଇବାକୁ ଇଚ୍ଛା କରନ୍ତି ।)

୩୦ । ଖୁଦ ଫୁଟିଲେ ନକେଇ ।

୩୧ । ଗଜମଣ୍ଡା, ତାକୁ ଖାଇଲେ ହେବ ଭେଣ୍ଡା । (କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ବଡ଼-ଓଷାରେ ତିଆରି ହେବା ନାନା ସ୍ୱାଦିଷ୍ଟ ପୁରରେ ପୂର୍ଣ୍ଣ ମଣ୍ଡାପିଠା ।)

୩୨ । ଗାଈ ଗୁହାଳରେ ପୁଆଳ ମୁଠେ । (ବହୁ ଲୋକଙ୍କ ପାଇଁ ଅଳ୍ପ ଖାଦ୍ୟର ବ୍ୟବସ୍ଥା ।)

୩୩ । ଗାମୁଛା ନ ଥାଇ କି ସ୍ନାହାନ, ଆଦର ନ ଥାଇ କି ଭୋଜନ ।

୩୪ । ଗୁଡ଼ ଚାଖି ଚାଖି ଯାଏ, ତେଲ ମାଖି ମାଖି ଯାଏ ।

୩୫ । ଗୁଡ଼ ଘରେ ପିମ୍ପୁଡ଼ି ପଶନ୍ତି । (ଖାଦକଙ୍କୁ ଖାଦ୍ୟ ଜଗିବାକୁ କହିବା ।)

୩୬ । ଗୁଡ଼ ଲେଢ଼ା (ଚକଟା) ହେଲେ ଗଲା, ପୁଅ ବେଢ଼ା ହେଲେ ଗଲା ।

୩୭ । ଗୁଡ଼ ଅଭାବେ ତେନ୍ତୁଳି ପଣା ।

୩୮ । ଗୋଡ଼କୁ ସୁନ୍ଦର ଚଢ଼ଉ ଜୋତା, ମୁଣ୍ଡକୁ ସୁନ୍ଦର ଛତା ।

୩୯ । ଗୋରସ ଆମିଷ, ଏକାଠେଇଁ ବିଷ । (ଦୁଧ ସହିତ ଆମିଷ ଆହାର ନିଷିଦ୍ଧ ।)

୪୦ । ଘିଅ କାହିଁରେ ପଡ଼ିଲା, ନା ମୁଗ ପଇଡରେ ପଡ଼ିଲା । (କୌଣସି ଭଲ ପଦାର୍ଥ ଉପଯୁକ୍ତ କାର୍ଯ୍ୟରେ ଲାଗିବା ।)

୪୧ । ଚାଉଳ ଟଙ୍କାରେ କେତେ, ନା ମୋ ମାଣକ ମଠରେ ଫୁଟୁଛି ? (ମାଗଣାରେ ଖାଇବା ଲୋକ ପକ୍ଷରେ ଚାଉଳଦର ବୁଝିବା ନିଷ୍ପ୍ରୟୋଜନ ।)

୪୨ । ଚାଉଳ କଣାରେ ଘର, ଯାହାକୁ ଯେତେ ଦେଲେ ନ ଦିଶେ ସୁନ୍ଦର । (ଗ୍ରାମରେ କମଶିକ୍ଷିଆ ଲୋକ ସମ୍ମାନ ପାଏ ନାହିଁ ।)

୪୩ । ଚିହିଁକରେ, ଶାକର ଖଣ୍ଡିକ ଚୂନା ହୋଇଗଲେ ତାହାର ମଧୁର ଯାଇଛିକରେ ? (ଶର୍କରା ମିଠା ଗୁଣ ଲୋପ ନ ପାଇଲାପରି ଗୁଣୀ ଲୋକର ମହତ୍ତ୍ୱ ଘୋର ଦୁରବସ୍ଥାରେ ମଧ୍ୟ ଲୋପ ପାଏ ନାହିଁ ।)

୪୪ । ଚଙ୍ଗୁଡ଼ି ମାଛର ଝୋଳ, ମାଆଟି ପୁଅଟି ଖାଇଜାଣିଥିଲେ, ବହୂଟା ଆସିଲେ ଗୋଳ । (ପରିବାରର ସଦସ୍ୟସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ଅଧିକ ଖାଦ୍ୟର ପ୍ରୟୋଜନ ହୁଏ ।)

୪୫ । ଚୂଡ଼ାକୁ ସୁନ୍ଦର ଗୁଡ଼ ଦହି, ଦୁଧକୁ ସୁନ୍ଦର ନବାତ ଖଇ ।

୪୬ । ଛପନ କୋଟି ଜୀବଙ୍କୁ ବାଆନ କୋଟି ଭଣ୍ଡାର । (ଜୀବମାନଙ୍କ ପରିପୋଷଣ ନିମନ୍ତେ ଭଗବାନଙ୍କ ରାଜ୍ୟରେ ସମ୍ବଳର ଅଭାବ ନାହିଁ ।)

୪୭ । ଛୁଆର ନିମନ୍ତେ ଆହାର ଆଣିଲା ଆହାର ଗିଳିଲା ଛୁଆକୁ । (ଖାଦ୍ୟ-ଖାଦକର ଆଚରଣ)

Digitized by srujanika@gmail.com

୪୮ । ଜଣେ ପଶିଲେ ମାଣେ ପଶେ । (ଘରର ଲୋକସଂଖ୍ୟା ବୃଦ୍ଧିର ଅନୁପାତରେ ଅଧିକ ଖାଦ୍ୟର ବ୍ୟବସ୍ଥା କରିବାକୁ ହୋଇଥାଏ ।)

୪୯ । ଜଣେ ମନୁଷ୍ୟ ପୋଷିଲେ ଯେ, ଘରେ ହାତୀ ପୋଷିଲେ ସେ । (ଜଣେ ମନୁଷ୍ୟର ଭରଣପୋଷଣ ବାବଦ ଖର୍ଚ୍ଚ ସମ୍ବନ୍ଧରେ ଅତ୍ୟୁକ୍ତି ।)

୫୦ । ଜାଉ ଦହଡ଼ (ଡହଡହ) ପାଖେଇ ଖାଏ ।

୫୧ । ଜିଭ ଲୁଡ଼ୁବୁଡ଼ୁ ଗ୍ରୁଡ଼ବ ନାହିଁ, ଘିଅ ହଗା ଖଣ୍ଡି ଗ୍ରୁଡ଼ବ ନାହିଁ । (ଅତ୍ୟଧିକ ଖାଦ୍ୟଲୋଲୁପତା ମନୁଷ୍ୟର ରୋଗର କାରଣ)

୫୨ । ଝଡ଼ ବରଷା, କାଠ ଚୁଲ୍ଲ ଥିଲେ ଭରସା ।

୫୩ । ଝୁଣ୍ଟା ଜର, ଏହା ପିନ୍ଧିଲେ କି ଧନ ସରେ । (ନକଲି ବସନଭୂଷଣ ବେଶି ଧନ ଯାଏ ନାହିଁ ।)

୫୪ । ଟଙ୍କ ନ ଥାଇ ଟଖି, ଟାଙ୍ଗରା ମୁଣ୍ଡରେ ଶଖି, କୁଳଭୁଆସୁଣୀ ଦାଣ୍ଡରେ ଉଖି, କହେ ଦନାଇ ଏ କାହିଁକି ଶୋଭି ।

୫୫ । ଟଙ୍କାକର ଶାଗ ଖାଇଲେ କଡ଼ାକର ବଳ ନୁହେଁ ।

୫୬ । ତରତରବେଳେ କି ଆଖିରେ କାନରେ ଭାତ ଗୁଞ୍ଜନ୍ତି । (ଖାଇବାବେଳେ ଅକାରଣ ତରତର ହେବା ଭଲ ନୁହେଁ ।)

୫୭ । ଢଅଣ ହୋଇ ହୁଅଇ ଅଲଣା, ସୁନା ଝାଳିବାରେ ନାହିଁ ଟାଙ୍ଗଣା,
ଭାଲ ଧରି ଯେବେ ହୁଅନ୍ତି ବଣା, ଝିଅକୁ ବଢ଼ାନ୍ତି କରି ତୁଳଣା,—
କହେ ଦନାଇ ଏ ଗୃହହେଁ କଣା ।

୫୮ । ଢଅଣ ସୁଆଦ ଲୁଣେ, ପୁଅ ସୁଆଦ ଗୁଣେ, ବୋହୂ ସୁଆଦ କୁଣେ । (ପରିମାଣ ଅନୁଯାୟୀ ଲୁଣ ପଡ଼ିଥିବା ଢଅଣ, ଗୁଣବାନ୍ ପୁତ୍ର ଏବଂ ଲଜ୍ଜାଶୀଳା କୁଳବଧୂ —ଏମାନେ ସୁଖଦାୟକ ହୁଅନ୍ତି ।)

୫୯ । ତେଲ ଲଗେଇବ ଆବାଖାବା, ଖାଇ ବସିବ ଆଗା,
ଶୋଇ ପଡ଼ିଥିବ ଚତ୍ ହୋଇ ମାଡ଼ି ବସିଥିବ ଜାଗା ।
(ବହୁଲୋକଙ୍କ ମେଳରେ ତେଲ ଲଗାଇବା, ଖାଇବା ଓ ଶୋଇବା ସମ୍ବନ୍ଧରେ ଉପଦେଶ ।)

୬୦ । ତେଲ, ତମାଖୁ, ମଇଦା; ଯେତେ ରଗଡ଼ିବ ତେତେ ଫାଇଦା ।

୬୧ । ତେଲ ପୋଡ଼ିଗଲେ ଘି, ଘିଅ ପୋଡ଼ିଗଲେ ଛି । (ତରକାରି ବଘାରିବାବେଳେ ତେଲକୁ କଡ଼ା କରି ଗରମକଲେ ଓ ଘିଅକୁ ସାମାନ୍ୟ ଗରମ କଲେ ତରକାରି ସୁଆଦ ଲାଗେ ।)

Digitized by srujanika@gmail.com

୬୨ । ଥାଇକରି ଯେ ନାହିଁ ଖାଏ ତା ମୁହଁଟା ପୋଡ଼ୁ, ନାହିଁ ଥାଇକରି ଯେ ଖାଇ ମନକରେ ତା' ମୁହଁଟା ପୋଡ଼ୁ । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ) (ଧନୀ ଲୋକ କୃପଣତାବଶତଃ ଭଲ ନ ଖାଇବା, ଦରିଦ୍ର ବ୍ୟକ୍ତି ଋଣ ଆଦି କରି ଖାଇବାକୁ ମନ ବଳାଇବା – ଉଭୟ ନିନ୍ଦନୀୟ ।)

୬୩ । ଦହି ସୁନ୍ଦର ଚୂଡ଼ାକୁ, ଫୁଲ ସୁନ୍ଦର ଜୁଡ଼ାକୁ ।

୬୪ । ଦାନାରଙ୍କ ସଙ୍ଗରେ ବସେ, କନାରଙ୍କ ବଣରେ ପଶେ । (ଖାଦ୍ୟ ଓ ବସ୍ତ୍ର ଉଭୟ ମନୁଷ୍ୟର ମୌଳିକ ଆବଶ୍ୟକତା ହେଲେହେଁ ବସ୍ତ୍ରବିନା ପଦାକୁ ବାହାରିବା ସମ୍ଭବପର ନୁହେଁ ।)

୬୫ । ଦାଣ୍ଡରୁ ଆସେ, ହାଣ୍ଡିରେ ପଶେ । (ଘୋର ଖାଦ୍ୟାଭାବ)

୬୬ । ଦିଆ ଘରର ପେଜ ପିଇ, ଉଘା ଘରର ଭାତ ନ ଛୁଇଁ । (ସ୍ୱଚ୍ଛ ହୃଦୟରେ ଦେବାଲୋକଠାରୁ ପେଜ ମୁନ୍ଦାଏ ପିଇବ ପଛକେ, ଦେଇକରି ଯେ ପଛରେ କହି-ବୁଲେ ତାହାଠାରୁ ଅନ୍ନ ଭୋଜନ କରିବ ନାହିଁ ।)

୬୭ । ଦୁଧଭାତଖିଆ ଗଳା କୁଣ୍ଡାଇ ହେବା । (ଉତ୍ତମ ବ୍ୟବହାର ପାଇ ବିରକ୍ତ ହେବା ।)

୬୮ । ଦୁଧଖିଆ ପୁଅକୁ ଦହି ଭଣ୍ଡାଇବା ।

୬୯ । ଦୁଧ ଆଶା କି ଦହିରେ ମେଣ୍ଟେ ? (ଦୁଧ ଖାଇବାରେ ଅଭ୍ୟସ୍ତ ଲୋକକୁ ଦହି ଦେଲେ ସେ ସନ୍ତୁଷ୍ଟ ହୋଇପାରେ ନାହିଁ ।)

୭୦ । ଦେଇ ହାତରୁ ଖାଇ, ଉଘେଇ ହାତରୁ ପାଣି ଛୁଇଁ ନାହିଁ ।

୭୧ । ଦେଖିଲେ ପେଟ ପୂରେନା, ଖାଇଲେ ପେଟ ପୂରେ ?

୭୨ । ନିଦ ନ ଜାଣେ କଣ୍ଟାବୁଦା, ଭୋକ ନ ଜାଣେ କଞ୍ଚାପୋଡ଼ା (ମନୁଷ୍ୟ ପକ୍ଷରେ ନିଦ୍ରା ଓ କ୍ଷୁଧା ନିବାରଣର ଆବଶ୍ୟକତା ।)

୭୩ । ନିମ୍ବ ପିତା, ଦେହକୁ ହିତା ।

୭୪ । ପର ଲୁଗା ପିନ୍ଧି ଯାତକୁ ଯାଏ,
ପଚାରିଲେ ମୁଣ୍ଡ ଟିଙ୍ଗାରୁଥାଏ ।

୭୫ । ପର ଲୁଗା ପିନ୍ଧି ଲହରପହର,
ଦାମ ପୁଛିଲେ ଲାଜେ ମର ।

୭୬ । ପର ଘରେ ଥାଇ ପର ପଚାରଣୀ,
ବେଳକାଳ ଜାଣି ପାଏ ତୋଚାଣି ।

୭୭ । ପର ଘରେ ଖାଇ ମାଗଣା ଚୁପା,
ଭିକ ମାଗିଯାଇ ଖେଳିବା ପଶା,
ବାସି ଧୋବ ଲୁଗା ପିନ୍ଧିଇ ଚଷା,
ସାହୁର ପୁଅକୁ ଉଧାର ଭଷା,
ଏ ସବୁ ପଛକୁ ଫସରଫସା ।

Digitized by srujanika@gmail.com

୭୮ । ପରଭୁଞ୍ଜା ନ ଜାଣନ୍ତି ଗୃହଲର ମୂଲ ।

୭୯ । ପଟଭିଆ ଚଢ଼େଇକ ଝିଣ୍ଟିକା ଆହାର । (ବହୁଭୋଜୀ ବ୍ୟକ୍ତିକୁ ସ୍ୱଳ୍ପ ଆହାର ପ୍ରଦାନ ।)

୮୦ । ପାଟି ସୁଆଦ, ପେଟ ନ ଜାଣଇ ତହିଁର ଭେଦ । (ପେଟରେ ସ୍ୱାଦ-ଅସ୍ୱାଦର ଭେଦ ନାହିଁ ।)

୮୧ । ପିଠାଯାକରେ ମଣ୍ଡା ବଟୋଳ, ବ୍ରାହ୍ମଣଯାକରେ ପଣ୍ଡା,
ମଣିଷଯାକରେ ଲଣ୍ଡା ବଟୋଳ, କଣ୍ଟୂରଯାକରେ ଖଣ୍ଡା,
ପଢ଼ୁଆଯାକରେ ଦଣ୍ଡା ବଟୋଳ, ପଶୁଯାକରେ ଗଣ୍ଡା ।

୮୨ । ପିତା ତଉଣ, ଦହଳୁ ଗୁଣ ।

୮୩ । ପୁଅ ନାଁରେ ମା' ଖାଏ, ବାଂଝ ମାଇପ ଗୃହିଁ ରହୁଥାଏ ।

୮୪ । ପୁଷ ମାସରେ କୁକୁର ହାଣ୍ଡିରେ ପେଜ ।
୮୫ । ପୁଷ ମାସରେ ବାଉରାଣୀ ହାତରେ ପିଠା । } (ପୌଷ ମାସରେ ଧାନ ଅମଳ ହେବାରୁ ଅତି ଦରିଦ୍ର ଲୋକେ ମଧ୍ୟ ସୁଖରେ କାଳ ଯାପନ କରନ୍ତି ।)

୮୬ । ପୁଷ, ଗୋଡ଼ ପୋଷ । (ପୁଷ ମାସରେ ମୂଲିଆମାନେ ଧାନ କାଟି ବହୁତ ପଇସା ଘେନିଯାନ୍ତି ।)

୮୭ । ପୁଷେ ଖଇ, ମାଘେ ଦହି, ଚଇତ୍ରେ ନିମ୍ବ ଚକୁଳି ଖାଇ । (ଏହା ଶରୀର ପକ୍ଷରେ ହିତକାରକ ।)

୮୮ । ପେଟକୁ ଭାତ ପିଠିକୁ ନାତ ।

୮୯ । ପେଟକୁ ଦେ, ପିଠିକୁ ମାର ।

୯୦ । ପେଟଗୃଖଣ୍ଡକ ପାଇଁ ସବୁ ନାଟ ।

୯୧ । ପେଟ ପୂରିଲେ ଅମୃତ ପିତା ।

୯୨ । ପେଟ ପୂରିଲେ ଛୀଙ୍ଗି ଗୋବରିଆ । (ଉଦର ପୂର୍ଣ୍ଣହେଲେ ସ୍ୱାଦିଷ୍ଟ ଖାଦ୍ୟ ମଧ୍ୟ ଅରୁଚିକର ବୋଧହୁଏ ।)

୯୩ । ପେଟ ପୋଡ଼ିଲେ, ଦୁନିଆ ପୋଡ଼େ । (କ୍ଷୁଧାର ଜ୍ୱାଳା ଅନିବାର୍ଯ୍ୟ ।)

୯୪ । ପେଟ ପୋଷ, ନାହିଁ ଦୋଷ । (କ୍ଷୁଧା ନିବାରଣ ନିମିତ୍ତ ମନୁଷ୍ୟ ନାନା ଜୀବିକା ଅବଲମ୍ବନ କରିଥାଏ ।)

୯୫ । ପେଟବିକଳରେ ମାଧିଆ ଯୋଗୀ । (କ୍ଷୁଧାଜ୍ୱାଳାରେ ସନ୍ନ୍ୟାସ ଅବଲମ୍ବନ ।)

୯୬ । ପେଟବିକଳରେ ହାଡ଼ି ଘରେ ପଶିବା । (କ୍ଷୁଧାଜ୍ୱାଳାରେ ନୀଚ ଘରେ ଆଶ୍ରୟ ନେବା ।)

Digitized by srujanika@gmail.com

୯୭ । ପେଟେ ଭୋକ ମୁହଁରେ ଲାଜ । (ଲଜ୍ଜାବଶତଃ ଖାଇବାକୁ ନ ମାଗିବା ।)

୯୮ । ପେଟ କାଟ, ମୁଣ୍ଡ କାଟ; ଦୁହେଁଯାକ ଏକା ପାଠ । (ଖାଇବାକୁ ନ ଦେଇ ମାରିବା ଓ ହତ୍ୟା କରିବା ସମାନ ।)

୯୯ । ପେଟରେ ଓଦାକନା ଦେଇ ଶୋଇବା । (ଉପବାସ ରହିବା ।)

୧୦୦ । ପୋଡ଼ିଗଲା ଚାଉଳରେ ଆଉ କି ସୁଆଦ ? (ପୋଡ଼ା ଚାଉଳ ଭଲ ଲାଗେ ନାହିଁ । ଯେଉଁ ବିଷୟରେ ସଗିଗ ଓ ସରସତା ଚିରକାଳ ପାଇଁ ନଷ୍ଟ ହୋଇଅଛି, ତାହା ପୋଡ଼ା ଚାଉଳ ସଙ୍ଗେ ସମାନ ।)

୧୦୧ । ପୋଡ଼ ପିଠା, ସେଥିପାଇଁ ଏତେ ଛଟା । ପୋଡ଼ପିଠା ଅତି ସାଧାରଣ ଖାଦ୍ୟ ହେଲେହେଁ ସେଥିପାଇଁ ବହୁତ ପରିଶ୍ରମ କରିବାକୁ ପଡ଼ିଥାଏ ।

୧୦୨ । ପୋଲଖିଆ, ମେଲାଣ୍ଟିଆ । (ଶ୍ରମ ନ କରି ଅନ୍ୟ ଉପରେ ନିର୍ଭର କରି ଚଳୁଥିବା ବ୍ୟକ୍ତିର ସାମାଜିକ ମର୍ଯ୍ୟାଦା ନ ଥାଏ ।)

୧୦୩ । ପୋଷ ମାନଇ ବଣର ଜୀବ, ପୋଷ ନ ମାନେ ଆପଣା ଜିଭ । (ଜିହ୍ୱାଲାଳସା ଦମନ କରିବା ଅତିବ କଷ୍ଟକର ।)

୧୦୪ । ବଡ଼ ମାଛର କଣ୍ଟା ଗ୍ରାର ।

୧୦୫ । ଭାଙ୍ଗକୁ ଚୁଡ଼ାଘସା, ମାଉଁସକୁ ମଦ;
ଗଞ୍ଜାଇକି ଘିଅଭାତ, ଅଫିମକୁ ଦୁଧ ।
(ବିଭିନ୍ନ ନିଶାଦ୍ରବ୍ୟର ଉପଯୋଗୀ ଖାଦ୍ୟ ।)

୧୦୬ । ଭୁଲିଆ ବୁଣେ ଧୋତି, ପିନ୍ଧେ ଲେଙ୍ଗଡ଼ା । (ତନ୍ତୀ ସର୍ବଦା ଦରିଦ୍ର ।)

୧୦୭ । ଭେକ ଥିଲେ ଭିକ ମିଳେ । (ଖାଦ୍ୟ ଓ ବସ୍ତ୍ର ଉଭୟ ମନୁଷ୍ୟର ମୌଳିକ ଆବଶ୍ୟକତା ହେଲେହେଁ ମନୁଷ୍ୟ ମାନମର୍ଯ୍ୟାଦା ତାର ବେଶଭୂଷା ଉପରେ ନିର୍ଭର କରେ ।)

୧୦୮ । ଭୋକବିକଳରେ ଗେଙ୍ଗୁଟି ଗିଳିବା । (କ୍ଷୁଧାଜ୍ୱାଳାରେ ଅଖାଦ୍ୟ ଭକ୍ଷଣ ।)

୧୦୯ । ଭୋକେ ଓଡ଼ିଆ ନିଦ ଯାଏ । (ଓଡ଼ିଆମାନଙ୍କର ଦାରିଦ୍ର୍ୟ ପ୍ରତି ଉପଲକ୍ଷ୍ୟ ବଚନ ।)

୧୧୦ । ଭୋଜନ ଅନ୍ତେ ଜାତିକୁଳ ପଚାର (ବିଚାର) । (କ୍ଷୁଧା ନିକଟରେ ଜାତି ଅଜାତିର ପ୍ରଶ୍ନ ନାହିଁ ।)

୧୧୧ । ଭୋଜି ହୋଇଥିଲା ବରଷେ, ଘୋଷି ହେଉଥାଏ ପୁରୁଷେ । (ଭଲ ଖାଇବା କଥା ବହୁଦିନ ପର୍ଯ୍ୟନ୍ତ ମନେରହେ ।)

୧୧୨ । ମାଗି ଆଣିଲା ଚାଉଳ ଷୋଡ଼ିକାଏ । (ଯଥେଷ୍ଟ ନୁହେଁ ।)

୧୧୩ । ମାଗିଖିଆ ଘରେ ତିନି ଚାଉଳ ସାତଭଜା ।

୧୧୪ । ମାଗିଖିଆଙ୍କର ଗୃହର ବଡ଼, ବାଇଙ୍ଗି କାଟନ୍ତ୍ର ପାଚ ଗଣ୍ଡ ।

Digitized by srujanika@gmail.com

୧୧୫ । ମାଘ ସପ୍ତମୀ ଖସାଜାଉ, ଶିମ୍ବସଇତା ପାଖେ ଆଉ ।

୧୧୬ । ମାଘେ ବରକୋଳ ମକରେ ମୂଳା, ଗୋରୁ ମାଉଁସ ଘୁଘୁଲା । (ମାଘ ମାସରେ ବରକୋଳ ଓ ମୂଳା ଖାଇବା ନିଷିଦ୍ଧ ।)

୧୧୭ । ମାଛ ଖାଇବ ଇଲିସି, ଗୁକର କରିବ ପୁଲିସି ।

୧୧୮ । ମାଛଯାକରେ ଫଳୀ, ଝାପସିଯାକରେ ଶାଳୀ ।

୧୧୯ । ମା' ପରଷା, ସାଢ ବରଷା । (ଉଭୟ ହିତକର ।)

୧୨୦ । ଯାଚଲା ପଦାର୍ଥ (ଭାତ, କନ୍ୟା) ଗ୍ରୁଡ଼ନ୍ତି ନାହିଁ ।

୧୨୧ । ଯାଚଲେ ନରୁଚେ ମଣ୍ଡା ଗଇଁଠା, ମାଗି ଖାଉଥାଏ ବାସି ଅଇଁଠା ।

୧୨୨ । ଯେ ଖାଇ ଜାଣେ, ସେ ଖୁଆଇ ଜାଣେ । (କୃପଣ ଲୋକ ଭଲ ଖାଇବାକୁ ଦିଏ ନାହିଁ ।)

୧୨୩ । ରଙ୍କ ଇଚ୍ଛା କ ଭୋଜନ ?

୧୨୪ । ରଙ୍କ ପାଖିକ ଆମ୍ବିଲା ଆମ୍ବ ସୁଆଦ । (ଭୋକବେଳେ ସବୁ ସୁଆଦିଆ ଲାଗେ)

୧୨୫ । ରଙ୍କୁଣୀ ପାଇଛି ଇଲିସି, କଣ୍ଟାମଣ୍ଟା କରି ଗିଳୁଛି ।

୧୨୬ । ରଙ୍କୁଣୀକୁ ଲିଆ ଫୁଟା ବଡ଼ । (ଖାଇବାକୁ ଉତାଳି ହେଉଥିବା କୃପଣ ଲୋକ ପାଇଁ ସାର ଅସାର ଅଳ୍ପ ବହୁତ ସବୁ ବଡ଼ ବୋଧହୁଏ ।)

୧୨୭ । ଷାଢ ଉପାସରେ ହାତୀ ପଡ଼େ । (ଷାଢ ଉପାସରେ ବଳୁଆ ଲୋକ ମଧ୍ୟ ଝିଙ୍କି ଯାଏ । ।)

୧୨୮ । ଷାଣ୍ଢୁଣୀ ସଙ୍ଗେ ଭାବ ଥିଲେ ଆଗେ ଖାଇଲେ ଯାହା, ପଛେ ଖାଇଲେ ତାହା ।

୧୨୯ । ସକାଳ ପଖାଳ ଦହିକ, ଚୁଙ୍ଗୁଡ଼ି ଶୁଖୁଆ ପୋଡ଼ିକ ।

୧୩୦ । ସବାଖିଆର କ ଉଆ ଉସୁନା । (କିଛି ବାରଣ ନାହିଁ ।)

୧୩୧ । ହନୁମାନ୍ଙ୍କୁ ଶଙ୍ଖେ ପଣା । (ବେଶି ଖାଇବା ଲୋକଙ୍କୁ ସାମାନ୍ୟ ଖାଦ୍ୟ ଅର୍ପଣ କରିବା ।)

୧୩୨ । ହାଡ଼ ଗିଜ ଗିଜ ବେତକୋଳି, ତାକୁ ଖାଇଲେ କ ପେଟ ପୁରି ।

୧୩୩ । ହାତୀକୁ ବରକୋଳି ଆହାର । (ବହୁଭୋଜୀ ବ୍ୟକ୍ତିକୁ ସାମାନ୍ୟ ଖାଦ୍ୟ ଦେବା ।)

୧୩୪ । କପାସିଆ ଛ'ମାସିଆ । (କପାସୂତାରେ ବୁଣା ଲୁଗା ବ୍ୟବହାର କଲେ ଛ'ମାସରୁ ଅଧିକ ଯାଏ ନାହିଁ ।)

୧୩୫ । ଭାତରଙ୍କ ସଭାରେ ବସେ, ଲୁଗାରଙ୍କ କଣରେ ପଶେ ।

୧୩୬ । ଧାନ କଇଁବେଣ୍ଟ ବାଜରା ମକା; ଖଇ ଭାଜିବାକୁ ହାଣ୍ଡିରେ ପକା ।

୧୩୭ । ଆହାର ମିଠା ଯଦି ଥାଏ ଭୋକ; ନାଟ ମିଠା ଯହିଁ ବୋଲନ୍ତି ଶ୍ଳୋକ ।

୧୩୮ । ଦୁଇ ସଉତୁଣୀ କଳିକି, ଚୁନା ଗୁଡ଼ଉଳ ଖଳିକି । (ଖଳି-ପିଠା ପାଇଁ ଯନ୍ତ୍ରାହୋଇଥିବା ଚୂନା ।)

Digitized by srujanika@gmail.com

୧୩୯ । ଛଅଣ୍ଟା ଗ୍ଭଉଳକୁ ନଅଣ୍ଟା ଖୋପା; ପେଜ ପିଇବାକୁ ଷୋଳ ଗଣ୍ଡା । (ବହୁଲୋକଙ୍କ ପାଇଁ ସ୍ୱଳ୍ପ ଖାଦ୍ୟ-ବ୍ୟବସ୍ଥା ।)

୧୪୦ । ପଖାଳ ଭାତ ଦହିକ, ବଡ଼ ବଳଦ ମଇକ ।

୧୪୧ । କାଗଜ ପତ୍ରର ଅଇକ, ଚଙ୍ଗୁଡ଼ି ଶୁଖୁଆ ପୋଇକ ?

ଖାଦ୍ୟ ଓ ବସ୍ତ୍ର

୧ । ଚକୁଳି ପିଠା, ଘୁଅଡ଼ ଖାଇବ ଘିଆଡ଼ୁ ମିଠା ।

୨ । ପଛକୁ ରହିଲେ ମେଣ୍ଢାଏ, ନ ହେଲେ କେଣ୍ଢାଏ ।

୩ । ଗ୍ଭନ୍ଧୁଣୀ ଦଛ, ମୁଗ ପଇଡରେ ଭଉଛ ମାଛ ।

୪ । ଭୋକ ନ ଜାଣେ ପିତା କଷା,
ନିଦ ନ ଜାଣେ ଲଣ୍ଡା ଗୁଦା ।

୫ । ଓଜନ ଦେଖି ଭୋଜନ ।

ଗୃହ, ଗୃହସ୍ଥ ଓ ଗୃହିଣୀ

୧ । ଅଣକ୍ରା ନାଗ୍ଭ ବାପଘର ଯାଏ, ମନଫୁଲଣିଆ ଗୀତ ଗାଉଥାଏ । (ପିଲାଛୁଆ ଜଞ୍ଜାଳ ନ ଥିବା ସ୍ତ୍ରୀ ପ୍ରତି ପ୍ରଯୁଜ୍ୟ ବଚନ ।)

୨ । ଅଣ୍ଡିରି ପୁଅର ଲଣ୍ଡି, ମାଇକିନିଆ ଝିଅର ଗଣ୍ଡି । (ଯେତେ ହୃଷ୍ଟପୁଷ୍ଟ ହେଲେ ମଧ୍ୟ କର୍ମଦକ୍ଷତାରେ ପୁରୁଷ ସଙ୍ଗେ ସ୍ତ୍ରୀ ସମକକ୍ଷ ହୋଇପାରେନାହିଁ ।)

୩ । ଅରସିକେ ଅରସିକୀ, ଦଇବ ଦେଇଛେ ଭେଟ୍ କରି । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ । ଅରସିକ ଓ ଅରସିକାର ମିଳନ ପ୍ରତି ବ୍ୟଙ୍ଗୋକ୍ତି । ପୁରୁଷ ଓ ସ୍ତ୍ରୀ ଉଭୟ ଅଯୋଗ୍ୟ ।)

୪ । ଅଳଙ୍କାର ପିନ୍ଧିଲେ ଓଢ଼େଇ ଗ୍ଭଲ, ପୁଅ ହେଇଲେ ଘୋଡ଼େଇ ଗ୍ଭଲ । (ଲୋକଙ୍କ ଦୃଷ୍ଟି ପଡ଼ିବା ଭୟରେ ।)

୫ । ଅଳପ ତେଣ୍ଡା, ମାଇପ ଖେଣ୍ଡା, ମଠୁଆ ବଳଦ ଯାର:
ଯମଘର ଯାଇ କି ଫଳ ମିଳିବ ନଇତି ମରଣ ତାର ।
(ଏପରି ଲୋକର ଜଞ୍ଜାଳମୟ ଜୀବନ ଜୀବନ୍ତ ମରଣ ସଙ୍ଗେ ସମାନ ।)

୬ । ଆଗେ ପୁଅ, ପଛେ ଦେଅ । (ଦେଅଙ୍କୁ ଭୋଗ ଦେବା ପୂର୍ବରୁ ପ୍ରଥମେ ପୁଅ କଥା ବୁଝିବା ।)

Digitized by srujanika@gmail.com

୭ । ଆଙ୍ଗୁଠି ସନ୍ଧିରେ ମଳ, ଭିତରେ ଭିତରେ ସଳସୁତର ଉପରେ ଲାଗିଛୁ କଳ ।
(ସ୍ୱାମୀ ସ୍ତ୍ରୀ ସମ୍ବନ୍ଧ ପରି ଘନିଷ୍ଠ ସମ୍ବନ୍ଧ ।)

୮ । ଆଗୁରେ ଲକ୍ଷ୍ମୀ, ବଗୁରେ ପଣ୍ଡିତ । (ଶ୍ରେଷ୍ଠ ଗୃହିଣୀର ଲକ୍ଷଣ ।)

୯ । ଆଟିକା ଚୂହିଁର ମାଇପ ମରେ । (ଯେଉଁ ଲୋକ ଆଟିକାରେ ଥିବା ଖାଦ୍ୟଦ୍ରବ୍ୟ ପ୍ରତି ସର୍ବଦା ଦୃଷ୍ଟି ରଖେ, ତାର ସ୍ତ୍ରୀ ଖାଇବାକୁ ନ ପାଇ ଉପାସ ରହେ ।)

୧୦ । ଆଣ୍ଠୁକୁଡ଼ା ଘରେ ଶୁକୁଟା ଟିକକ ଲକ୍ଷେ ଟଙ୍କା । (ଅପୁତ୍ରିକ ଘରେ ଶୁକୁଟା ରୋଗଣା ପୁଅଟିଏ ଜନ୍ମିଲେ ମଧ୍ୟ ପିତାମାତା ତାକୁ ବହୁମୂଲ୍ୟ ମନେକରନ୍ତି ।)

୧୧ । ଆଶା କରିଥିଲି ମଲ୍ଲୀକି, ମଲ୍ଲୀ ପୁଅ ବେଇ ଦେବ କାଲିକି । (ଅନିଶ୍ଚିତ ଆଶା ।)

୧୨ । ଉଣା ଲୋକର ଦୁଇଗୁଣ ସରେ, କୃପଣ ଲୋକର ମାଇପ ମରେ ।

୧୩ । ଉଖି ତାଳ, ପୋତା ଶାଳ, ରୁଅ ହେନ୍ତାଳ, ଝିଅ ବେତାଳ, ଘରଣୀ ଚେଉଆଳ, ତେବେ ସେ ଘର ଯାଏ ଅପାର କାଳ ।

୧୪ । ଉଷୁନା ଗୁଉଳ ମଣ୍ଡା, ଗାଳି ତ ନ ଦେବ ମାଡ଼ ନ ମାରିବ, ବଚନେ କରିବ ଗୁଣ୍ଡା । (କଥାରେ ସ୍ତ୍ରୀକୁ ଶାସନ କରିବା ।)

୧୫ । ଏକ କୁଡା ଶଶୁର ଘରେ ଜ୍ୱାଇଁ, ଏକ କୁଡା ଭଉଣୀ ଘରେ ଭାଇ । (ଶଶୁରଘରେ ଜ୍ୱାଇଁ ଓ ଭଉଣୀ ଘରେ ଭାଇ ଅଧିକ କାଳ ରହିଲେ ଅବଜ୍ଞାର ପାତ୍ର ହୁଅନ୍ତି ।)

୧୬ । ଏକ ପୁଅ ପୁଅରେ ଲେଖା ନୁହେଁ । (ଯାହାର ଗୋଟିଏ ବୋଲି ପୁଅ ସେ ବଂଶରକ୍ଷା ସମ୍ବନ୍ଧରେ ନିଃସନ୍ଦେହ ହୋଇପାରେ ନାହିଁ ।)

୧୭ । ଏକ ପୁଅରେ ଆଶ, ନଈ କୂଳରେ ବୃକ୍ଷ । (ଉଭୟ ଅନିଶ୍ଚିତ ।)

୧୮ । ଏକେ ଶିରି ତ ଏକେ ହତଶିରି । (ଜଣକର ସୁପୁଣ୍ୟ ହେତୁ ଗୃହର ଶ୍ରୀ ବଢ଼ିଲା-ବେଳକୁ ଆଉ ଜଣକର ମନ୍ଦଗୁଣ ହେତୁ ଘରର ଶ୍ରୀ ତୁଟିବାର ଦେଖାଯାଏ ।)

୧୯ । ଓଡ଼ଣ ବିଆଣ । (ବହୁ ସନ୍ତାନ ପ୍ରସବ କରିବା ସ୍ତ୍ରୀ ପ୍ରତି ବ୍ୟଙ୍ଗୋକ୍ତି ।)

୨୦ । କରମରେ ଥାଇ ଯାହାର ଦଶା, ସେ କମ୍ପା କରଇ ପରକୁ ଆଶା;
ପର ସ୍ତ୍ରିରି ଯେବେ ହରଇ ପୁଂସା, କହେ ଦନାଇ ଏ ପାପ ଦୁର୍ଦ୍ଦଶା ।

୨୧ । କର୍ମ ଅବଳକୁ ଭଉଣୀକୋଉଁ ଘଇତା;
ସଟାବଟା କରି ଧନ ନେଉଥା ।
(ଅବସ୍ଥାଚକ୍ରରେ ପଡ଼ି କୌଣସି ଅନୁଚିତ ବା ଅସମ୍ମାନଜନକ କାର୍ଯ୍ୟ କରିବା ।)

୨୨ । କଳି ନ ଥିଲେ ଦୁଇ ମାଇପ କର, କଉଡ଼ି ନ ଥିଲେ ଦୋହରି ଘର ।

୨୩ । କୁଳକନିଆ କି କାଳୀ, ତୀର୍ଥପାଣି କି ଗୋଳ ? (ଉଚ୍ଚକୁଳସମ୍ଭୂତା କନ୍ୟା କାଳୀ ହେଲେହେଁ ଗ୍ରହଣୀୟା ଏବଂ ତୀର୍ଥପାଣି ଗୋଳ ହେଲେ ମଧ୍ୟ ସର୍ବଦା ପବିତ୍ର ।)

Digitized by srujanika@gmail.com

୨୪ । କୁଳ ବୁଡ଼େଇ, ଘର ବୁଡ଼େଇ, ବୁହେଁ ଅଟନ୍ତ ଦେଢ଼ ଅଢ଼େଇ । (ଅପତ୍ୟସ୍ନେହୀନା ଏବଂ ପରଘର ଭାଙ୍ଗିବା ସ୍ତ୍ରୀ ଉଭୟ ମନ୍ଦ ।)

୨୫ । କେଉଁ ସଉତୁଣୀ ପାଲେନାଲେ, ଭଉଣୀ ସଉତୁଣୀ ବିଷ ଦେଇ ମାରେ ।

୨୬ । କେଳା ଯୁଆଡ଼େ, କେଳୁଣୀ ସେ ଆଡ଼େ । (କେଳାମାନେ ସାଧାରଣତଃ ସେମାନଙ୍କ ସ୍ତ୍ରୀ ଓ ପିଲାକୁଟୁମ୍ବ ସାଙ୍ଗରେ ଧରି ସ୍ଥାନରୁ ସ୍ଥାନାନ୍ତର ଗମନ କରନ୍ତି ।

୨୭ । କୋଳରେ ଶୁଏ, କାନରେ କୁହେ, ତା କଥା କ ଅନ୍ୟଥା ହୁଏ । (ଆପଣା ସ୍ତ୍ରୀର ବଚନ ମନୁଷ୍ୟ ଭାଙ୍ଗେ ନାହିଁ ।)

୨୮ । କୋଳପୋଛା ପୁଅ ଗେଲବସର, ଲେଫଡ଼ା ମୁହଁଟା ଦଶେ ସୁନ୍ଦର । (ବାପ ମା' ସବା ସାନପୁଅକୁ ବିଶେଷ ସ୍ନେହ କରିବାର ଦେଖାଯାଏ ।)

୨୯ । ଖଣ୍ଡି ଗୁଣିଆର ଦଗୁଣ ସରେ, ଆଣିକା ପୋଷ୍ଟର ମାଇପ ମରେ । (କୃପଣ ଗୃହସ୍ଥ ପ୍ରତି ପ୍ରଯୁଜ୍ୟ ବଚନ ।)

୩୦ । ଗଙ୍ଗାକୁ ଡେଇଁବାବେଳେ କିଏ ପୁଅ ମାଇପକୁ ଚାହେଁ । (ଆତ୍ମହତ୍ୟାକାଙ୍କ୍ଷୀ ବ୍ୟକ୍ତିର ପରିବାର ପ୍ରତି ଅନାସକ୍ତି ।)

୩୧ । ଗଛ ଥାଉ, ଫଳ ପଛକେ ଯାଉ । (ପ୍ରସୂତି ଓ ସନ୍ତାନ ଉଭୟଙ୍କର ଅବସ୍ଥା ସଙ୍କଟାପନ୍ନ ଥିବା ଅବସ୍ଥାରେ ଲୋକେ କହନ୍ତି—ସନ୍ତାନ ଯାଉ ପଛକେ ମା' ବଞ୍ଚିକରି ଥାଉ ।)

୩୨ । ଗଡ଼ ହୋଇ କରି ନ ଥାଏ ଟାଣ, ଘର ଗୁରୁତର ନ ଥାଏ ପଣ,
ଥୋଇଲା ମାଇପର ନ ଥାଏ ଠଣ, କହେ ଦନାଇ ଏ କାହିଁରେ ଗଣ ।

୩୩ । ଗଣ୍ଠିଆ କାହାର ଘଇତା, ଦାଣ୍ଡି କାହାର ମାଇପ ?

୩୪ । ଗୀତ ନାଶଯାଏ ବାଟେ, ପାଣି ନାଶଯାଏ ଘାଟେ, ସ୍ତ୍ରୀ ନାଶଯାଏ ହାଟେ ।

୩୫ । ଗୁଜ୍‌ଗୁଜିଆର ମାଇପ ମରେ । (କୃପଣ ବ୍ୟକ୍ତିର ସ୍ତ୍ରୀ ଖାଇବାକୁ ନ ପାଇ ପ୍ରାଣତ୍ୟାଗ କରେ ।)

୩୬ । ଗୋ, କନ୍ୟା ଭାଗ୍ୟେ ଥିଲେ ପାଇ । (ଭଲ ଗାଈଟିଏ କିମ୍ବା ଗୁଣବତୀ ସ୍ତ୍ରୀଟିଏ ପାଇବା ଭାଗ୍ୟ ଉପରେ ନିର୍ଭର କରେ ।)

୩୭ । ଗୋଠକୁ ସୁନ୍ଦର ଗାଈ, ଗାଁକୁ ସୁନ୍ଦର ନଡ଼ିଆଗଛ ଛାଇ,
ଝିଅକୁ ସୁନ୍ଦର ଜୋଇଁ, ଢିଙ୍କିକୁ ସୁନ୍ଦର ପିତଳ ଖଡ଼ୁ ବାହୁ ।

୩୮ । ଘଇତା ଅଯୋଗ୍ୟପଣେ, ମାଇପ ଶୁଏ ସନ୍ତରି ବଣେ ।

୩୯ । ଘଇତା ଯାହାର କନକ ପାତର, ତାକୁ ପାଟଶାଢ଼ି କେତେ ମାତର । (ସ୍ୱାମୀ ଯାହାର ରଜାଙ୍କର ଗନ୍ତାଘରରକ୍ଷକ, ତାକୁ ପାଟଶାଢ଼ି ଅପୂର୍ବ ନୁହେଁ ।)

୪୦ । ଘଇତା ପଛକେ ମରୁ ସଉତୁଣୀ ରାଣ୍ଡି ହେଉ । (ନିଜର କ୍ଷତି କରି ପ୍ରତିବେଶୀ ଉପରେ ଦାଉ ସାଧିବା ।)

Digitized by srujanika@gmail.com

୪୧ । ଘଏତା ମାଇପୋ ଗାଲ, ବଇଠା ଲଭ୍ର ତକ । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ଦାମ୍ପତ୍ୟ କଳହର କ୍ଷଣିକତା ପ୍ରତି ଉପଲକ୍ଷ୍ୟ-ବଚନ ।)

୪୨ । ଘଇତା ସକ ସକ ବେଳେ ମାଇପ କଜଲ ଆଖି ଦେଖାଇବା । (ସ୍ୱାମୀର ଜୀବନ ସଂକଟାପନ୍ନ ଥିବା ଅବସ୍ଥାରେ ସ୍ତ୍ରୀ ବେଶଭୂଷାରେ ସଜ୍ଜିତ ହେବା ।)

୪୩ । ଘରଣୀ ଗଙ୍ଗା, ପେଜ ପିଇକରି ବାନ୍ଧନ୍ତୁ ସଙ୍ଗା । (କୃପଣ ସ୍ତ୍ରୀ) ।

୪୪ । ଘୋଡ଼ା, ସ୍ତ୍ରୀ, ଧନ, ଆଖିରୁ ନ କରିବ ଆନ । (ସର୍ବଦା ଦୃଷ୍ଟି ରଖିଥିବ ।)

୪୫ । ଚଇତା, ଦ' ମାଇପର ଘଇତା, ତବତ ଖାଇବୁ କି ପଖାଳ ଖାଇବୁ ବେଳ ଥାଉଁ ଥାଉଁ କହଥା । (ବହୁପତ୍ନୀକ ସ୍ୱାମୀ ପ୍ରତି ବ୍ୟଙ୍ଗୋକ୍ତି ।)

୪୬ । ଚଲଆଖିଆ ବଇଦାମା, ଗୋଡ଼େଇ ଗୋଡ଼େଇ ଘଇତା ଖା । (ଲୌକିକ କୁସଂସ୍କାର ।)

୪୭ । ଚେଡ଼ୀ ଗେରସ୍ତାଣୀ, ଭଣ୍ଡାର ପାତର, ସେ ଘର ବୁଡ଼ିବା କେତେ ମାତର । ଯେଉଁ ଘରର ଗୃହକର୍ତ୍ତ୍ରୀ ଜଣେ ଦାସୀ ଓ ପରାମର୍ଶଦାତା ଜଣେ ଭଣ୍ଡାର, ସେ ଘରର ସର୍ବନାଶ ନିଶ୍ଚିତ ।)

୪୮ । ଚେତିଲା ନାରୀ ସୁଖ ପାଏ, ନ ଚେତିଲା ନାରୀ ଘରୁ ଯାଏ ।

୪୯ । ଚେପଟା ନାକୀ, ଦନ୍ତସୋଡ଼କୀ, ଅଇଁଠା ପତର ଖାଏ;
ଗୋଡ଼ରେ ଅଇଁଠା ପଡ଼ିଲାକ୍ଷଣି ନଈକି ଗାଧୋଇଯାଏ ।
(ଅନାଗ୍ରହଣୀ ସ୍ତ୍ରୀ ନିସ୍ତାର ଛଳନା କରିବା ।)

୫୦ । ଛୁଡ଼ାସି ଭାର୍ଯ୍ୟାର କି ମାନ ?

୫୧ । ଛୁଡ଼ିଲା ମାଇପର କି ପାଡ଼ିଲା ଚିନ୍ତା ?

୫୨ । ଛୁଡ଼ିଲା ମାଇପ ପୁଅଙ୍କ ବଇରି ।

୫୩ । ଛୁଞ୍ଚୀ ନୁହେଁ ମନମୋହିନୀ । (ନିଜର ଦୁର୍ବଳତା ସମ୍ବନ୍ଧରେ ସର୍ବଦା ସଚେତନ ।)

୫୪ । ଜୋରୁ, ଗୋରୁ; ଆପେ ଜଗିଲେ ଭଲ । (ଜୋରୁ-ସ୍ତ୍ରୀ) ।

୫୫ । ଜୋରୁ, ଗୋରୁ ଧନ; ଏ ତିନିଙ୍କି ନଜର ଗୁଜରାଣ । (ସ୍ତ୍ରୀ, ଗୋରୁ ଓ ଧନ ପ୍ରତି ସର୍ବଦା ଦୃଷ୍ଟି ରଖିବ ।)

୫୬ । ଟାଣ କରୁଥାଏ ମାଇପ ଆଗେ, ଲାଲ ପାଗ ଦେଖି ଘରକୁ ଭାଗେ । (ଭୀରୁ ଗୃହସ୍ଥ ପ୍ରତି ବ୍ୟଙ୍ଗୋକ୍ତି ।)

୫୭ । ଠିକିଲା ନାରୀ ଘର କରେ ।

୫୮ । ତେଜ ଘରର ପେଜ ପିଇ, ମାଇଗୁଲିଆର ଭାତ ନ ଖାଇ । (ନ୍ୟାୟପରାୟଣ ଅଥଚ ଗରିବ ଲୋକର ଘରେ ଅଳ୍ପ ଦରମାରେ ଚାକିରି କରିବ ପଛକେ ସ୍ତ୍ରୀବୁଦ୍ଧି-ଚାଳିତ ବ୍ୟକ୍ତି ଘରେ ବେଶି ଦରମାରେ ଚାକିରି କରିବ ନାହିଁ ।)

୫୯ । ତୁମେ ଖା ତୁମ ଆୟୁଷ ବଢ଼ୁ, ମୋ ଖିଆଟା ଚୁଲିରେ ପଡ଼ୁ ।
(ଲୁଚେଇ ପିଠା ପୋଡ଼ି ଖାଉଥିବା ଗୃହିଣୀ ପ୍ରତି କଟାକ୍ଷ-ବଚନ ।)

Digitized by srujanika@gmail.com

୬୦ । ଥିର ହୋଇ କରି ଶୁଣିବା ନରେ, ଯୋଇଣ୍ଟି ମାଇପ ଯାହାର ଘରେ,
ଅସ୍ଥ ବୁଦ୍ଧିର ଯାହାଙ୍କ ମନ, କହେ ଦନାଇ ଏ ବଡ଼ ସ୍ଥାନ ।

୬୧ । ଦାଣ୍ଡକୁ ସୁନ୍ଦର ଗୋରୁ, ଘରକୁ ସୁନ୍ଦର ଜୋରୁ । (ଜୋରୁ = ସ୍ତ୍ରୀ) ।

୬୨ । ଦପରୁଣିଆ ଘର, ବାନ୍ଧ କଡରୁ ଗୁଲ । (ସ୍ୱାମୀ ସ୍ତ୍ରୀ ଦୁଇ ପ୍ରାଣୀ ଥିବା ଘର ।)

୬୩ । ଦାନ୍ତକାଠି; ପୁରୁଷବଚନ ଗୁରୁ ପରମାଣ, ସ୍ତ୍ରିୟଙ୍କ ବଚନ ବାଲ୍ଗଛାଟି ।

୬୪ । ନାକ ଟଁ ଟଁ ପିତଳ ଗୁଣା । (ସାମାନ୍ୟ ପିତଳ ଗୁଣାଟିଏ ପିନ୍ଧି ଦେଖାଇହେବା ସ୍ତ୍ରୀଲୋକ ପ୍ରତି ଆକ୍ଷେପ ।)

୬୫ । ନିସତକୁ ଭଉଣୀଜୋଇଁ ଭଲ, ପେଲାପେଲି କରି କାଟୁଥା କାଲ ।

୬୬ । ପାଇକ ହୋଇ ଚରଣ ଫାଟୁଆ,
ବଳଦ ହୋଇ ଗୁଲଇ ମଠୁଆ,
ପୁରୁଷ ହୋଇ ମାଇପ-ଗୁଟୁଆ,
ଗାୟକ ହୋଇ ତା କଣ୍ଠ-ମୋଟୁଆ,—
କହେ ଦନାଇ ଏ ହଟହଟୁଆ ।

୬୭ । ପାଣିବୁହାଳୀଙ୍କ ମୁଣ୍ଡରେ ଖୋସା,
ପୋଇଣ୍ଟି ହୋଇ କରଥାଇ ଓଷା,
ପର ଗାଈଦୁହାଁ, ପରଘରପଶା,—
କହେ ଦନାଇ ଏ ଦଣମ ଦଶା ।

୬୮ । ପାଦକେ ଶିରି, ପାଦକେ ହତଶିରି । (ବ୍ୟକ୍ତିଭେଦରେ ଗୃହର ସମ୍ପଦ ବଢ଼ିବା ବା ଛୁଡ଼ିବା ଦେଖାଯାଏ ।

୬୯ । ପାନ୍‌ଥର କେଁ ତାଲୁ ଖୁଷା, ଗୁଢର ଟେଁ ବେହରନ୍ ବସା । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ । ପାଣିବୁହାଳି ସ୍ତ୍ରୀଲୋକ ମୁଣ୍ଡରେ ଖୋଷା ପାରିବା କମ୍ବା ଦନମଜୁରିଆ ସଭାରେ ବସି କାଲକ୍ଷେପ କରିବା ହାସ୍ୟାସ୍ପଦ ।)

୭୦ । ପାରେ ନ ପାରେ ପରକୁ, ଟାଣ କରୁଥାଏ ଘରକୁ । (ଦୁର୍ବଳ ବ୍ୟକ୍ତି ନିଜ ଘରେ ଟାଣପଣ ଦେଖାଇବା ।)

୭୧ । ପିତଳ ଗୁଣାକୁ ନାକ ଟାଉଁ ଟାଉଁ, ସୁନା ଗୁଣା ଥିଲେ କେତେ ? (ସାମାନ୍ୟ ବିତ୍ତଶାଳୀ ବ୍ୟକ୍ତି ଗର୍ବରେ ସ୍ଫୀତ ହେବା ।)

୭୨ । ପୁରୁଷ ହୋଇ କେ ଅଛୁ ଯତି, ସ୍ତ୍ରିୟ ହୋଇ କେ ଅଛୁ ସତୀ ?

୭୩ । ପୁରୁଷ ପୁଅକୁ ଚୋର ଦୋଷ, ମାଇକନା ଝିଅକୁ ନାରୀ ଦୋଷ ।
(ପୁରୁଷ ପକ୍ଷରେ ଚୌର୍ଯ୍ୟବୃତ୍ତି ଓ ସ୍ତ୍ରୀ ପକ୍ଷରେ ବ୍ୟଭିଚାର କଳଙ୍କ ।)

୭୪ । ଫଗୁଣ ଗୁଣ୍ଡି, ମାରବୁ ହେଣ୍ଡି ।
(ଫଗୁଣ ମାସରେ ଘର ଛୁଆଣି କଲେ ବର୍ଷା ପରକର ଭୟ ରହେ ନାହିଁ ।)

Digitized by srujanika@gmail.com

୭୫ । ବୟସ ବେଳେ ନଅଣ ଘଇତା, ବୁଢ଼ୀଦିନେ ହରମନ୍ଦର ଚଉତା ।
(ବୃଦ୍ଧା ନାରୀର ଧର୍ମଭାବ ପ୍ରତି ବ୍ୟଙ୍ଗ ।)

୭୬ । ବଗ ମୁହଁ ଗୃଦ୍ଧି ବଗୁଲା ହସେ, ତୋ ମୁହଁ ମୋ ମୁହଁ କେମିତି ଦିଶେ ?
(ସନ୍ତାନସନ୍ତାନ ଦମ୍ପତି ପ୍ରତି କଟାକ୍ଷ-ବଚନ ।)

୭୭ । ବଡ଼ସିଆ ବଣି, ବ୍ରହ୍ମାଗ୍ରସ୍ତ ବ୍ରାହ୍ମଣୀ, ବଡ଼ ବାଇଗଣକୁ ବେସରପାଣି,—ସଖି ଗୋ, ଭଲ ଏ ।

୭୮ । ବଡ଼ଲୋକ ହୋଇ ନ ଥାଏ ବୁଦ୍ଧି, ବ୍ରାହ୍ମଣ ହୋଇ ନ ଥାଏ ସିଦ୍ଧି ।
ହାତେ ଖଡ଼୍ ନାହିଁ, ଗୋଡ଼ରେ ମୁଦ,—
କହେ ଦନାଇ ଏ ଛାଲିକୁ ବୁଦ୍ଧି ।

୭୯ । ବଣ ନାଶ କରେ ବାଉଁଶ, ବାଟ ନାଶ କରେ ଝରୁପୁର ପାଣି,
ଘର ନାଶ କରେ ପୁରୁଷ । (ଜାର ପୁରୁଷ) ।

୮୦ । ବାଂଝ କ ଜାଣେ ବିଆଣ କଥା । (ପ୍ରସବବେଦନା) ।

୮୧ । ବାଂଝ ମାଇପର କ ପାଇଚି, ହଳଦ କାଠୁଆ କଜଳପାତି ।

୮୨ । ବାଂଝ ବୋଇଲା, ଯଶ ଅପଯଶ କଚ୍ଛ ନୋହିଲା ।

୮୩ । ବାଦକୁ ସାତ ପୁଅ ବେଇବା ।
(ଈର୍ଷାପରାୟଣା ନାରୀ ପ୍ରତି କଟାକ୍ଷ-ବଚନ ।)

୮୪ । ବାନା ବାନ୍ଧିଚୁ କଳି କରିବା ପାଇଁ, କଣ୍ଟା ବାଡ଼ରେ ଲୁଗା ପକାଇ ।
(କଳହପରାୟଣା ନାରୀ ପ୍ରତି କଟାକ୍ଷ-ବଚନ ।)

୮୫ । ବେଲବୁଡ଼ ପାନ୍ (ପାଣି) ଜରକେ, ଗାଁ ବାହାରର ଘର ଗେରକେ,
ବୁଢ଼ାକାଲ ବଭା ପରକେ । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ।)

୮୬ । ଭଉଣୀ ଘରେ ଭାଇ, ଶଶୁର ଘରେ ଜୋଇଁ, ପର ଅଇଁଠା ଖାଇ ।
(ଏ ଉଭୟ ସମ୍ମାନହାନିଜନକ) ।

୮୭ । ଭାଣଯା ଲାଗି ସାନଶଳାକୁ ଦଣ୍ଡବତ (ଜୁହାର) ।

୮୮ । ମା' ଖୋଜେ ପେଟ, ମାଇପ ଖୋଜେ କପାଟ ।

୮୯ । ମାଇପି କଥା, ପାଣ ବାରଡ଼ା, ଏହା ନ ଶୁଣିବ କାନେ;
ହୁଁ କରୁଥିବ ହାଁ କରୁଥିବ ମନ ଦେଇଥିବ ଆନେ ।

୯୦ । ମାଇପ ଆଗରେ ପାଇକପଣ, ଦାଣ୍ଡକୁ ଯିବାକୁ ନ ଥାଏ ଟାଣ ।

୯୧ । ମାଇଚିଆ ଗୋଖେଇ ସାହୁ, ମାଇପ ହାତରୁ କହୁଣି ଖାଉ । (ବ୍ୟଙ୍ଗ)

୯୨ । ମାଈ ନୁହେଁ କ ଗାଈ ନୁହେଁ । (ଅଯୋଗ୍ୟ, ଅକର୍ମଣ୍ୟ)

୯୩ । ମାଉସୀମା, ଖରାବେଳେ ଛାଏ ଖଣ୍ଡିଆ ଦା । (ମା'ର ଭଉଣୀ ସାବତ ମା' ହେଲେ ଭଉଣୀର ପିଲାମାନଙ୍କ ପ୍ରତି ଦୁର୍ବ୍ୟବହାର କରିଥାଏ ।)

Digitized by srujanika@gmail.com

୯୪ । ମାମୁ ମାଇଁ ଢ ପତ୍ରାଣୀ । (ଅପତ୍ୟାସ୍ପାନ ଦମ୍ପତ୍ତି)

୯୫ । { ମୂଳରୁ ମାଇପ ନାହିଁ ପୁଅ ନାଁ ଗୋପାଳଆ
ମୂଳରୁ ବାଂଝ, ପୁଅ ନାଁ ଦେଉଚ୍ଛ ଶୁଖିଆ ଲଙ୍କା । (ଅବାସ୍ତବ କଳ୍ପନା)

୯୬ । ମୌନମୁହାଁ ମୌନମୁହାଁ, ଏ ଦୁହିଁଙ୍କୁ ପରତେ ନାହିଁ । (ଏମାନଙ୍କ ମନର କଥା ଜାଣିବା କଷ୍ଟକର) ।

୯୭ । ଯମକୁ ଭଗବାନ ସାତ ପୁଅ ଦଅନ୍ତୁ, ଭଗାରୁଣୀ (ସଉତୁଣୀ)କୁ ଗୋଟିଏ ନ ଦଅନ୍ତୁ । (ଈର୍ଷାପରାୟଣା ପ୍ରତିବେଶିନୀର ଅନୁଭୂତି) ।

୯୮ । ଯାହା ଘରେ ନାହିଁ ବୁଢ଼ୀ, ତା ଘର ଯାଏ ବୁଡ଼ି । (ଅଭିଜ୍ଞ ପୁରୁଖା ଲୋକ ନଥିଲେ ଗୃହର ପରିଚାଳନା ସହଜ ହୁଏ ନାହିଁ ।)

୯୯ । ଯାହା ହାତରେ ଖାଇ ନାହିଁ, ସେ ବଡ଼ ରାନ୍ଧୁଣୀ; ଯାହା ସଙ୍ଗେ ଘର କରିନାହିଁ, ସେ ବଡ଼ ଘରଣୀ । (ବ୍ୟକ୍ତିର ପ୍ରକୃତ ପରିଚୟ ତାର କର୍ମଦକ୍ଷତାରୁ ମିଳିଥାଏ) ।

୧୦୦ । ଯେଉଁ ଘରେ ଜଣେ ଜଣେ ନାୟିକା, ସେ ଘର ସ୍ଥିର କ ଘରକୁ ଲେଖା ? (ଏକାଧିକ ପ୍ରଭୁଯୁକ୍ତ ଗୃହର ସମୃଦ୍ଧି ଅସମ୍ଭବ ।)

୧୦୧ । ଯେଝା ଘର ତାକୁ ମଥୁରାପୁରୀ, ଯେଝା ବର ତାକୁ ଶ୍ରୀକୃଷ୍ଣ (କନ୍ଦର୍ପ) ସର । (ପ୍ରତ୍ୟେକ ନାରୀକୁ ତାର ଘର ଓ ବର ସୁନ୍ଦର ଦିଶେ ।)

୧୦୨ । ଯେବେ ପାଇଥାଏ ଘଇତା ବୁକୁ, ସଜ ହେଉଥାଏ ବାପଘରକୁ ।

୧୦୩ । ଯୋଗୀ ଯେଉଁଆଡ଼େ, ଯୋଗିଆଣୀ ସେହି ଆଡ଼େ । (ସ୍ୱାମୀ ସ୍ତ୍ରୀର ଅନୁଗମନ କରିବା ।)

୧୦୪ । ରାଣ୍ଡ ହୋଇ ଦେହକୁ ମଣ୍ଡେ, ରଜା ହୋଇ ପରଜା ଦଣ୍ଡେ, ଗୃହସ୍ଥ ହୋଇ ପତ୍ନୀକୁ ଦଣ୍ଡେ, ସାଧୁ ହୋଇ ଖାତକ ଦଣ୍ଡେ,— ସଖି ଗୋ, ମନ୍ଦ ଏ ।

୧୦୫ । ସଉତୁଣୀ ଉପରକୁ ମୃତ କୁକୁଡ଼ାଛୁଆ ପକାଇବା । (ସପତ୍ନୀ ପ୍ରତି ଈର୍ଷାର ଗୋଟିଏ ଉଦାହରଣ ।)

୧୦୬ । ସଉତୁଣୀ ଥାଉ, ସଉତୁଣୀ-କଣ୍ଟା ନ ଥାଉ । (ସଉତୁଣୀର ସନ୍ତାନ ପ୍ରତି ଈର୍ଷା ।)

୧୦୭ । ସଙ୍ଗେ ଶୁଏ, କାନେ କହେ, ତା କଥା କ ବାଁ ହୁଏ ? (ପତି ଉପରେ ସ୍ତ୍ରୀର ପ୍ରଭାବ ପ୍ରତି ଉପଲକ୍ଷ୍ୟ ବଚନ ।)

୧୦୮ । ହାଣ୍ଡିଖାଇର ହାଣ୍ଡିରେ ମନ, ରାତିରେ ଦେଖଇ ହାଣ୍ଡି ସପନ । (ଅତ୍ୟନ୍ତ ଭୋଜନଲୋଲୁପା ନାରୀ ପ୍ରତି କଟାକ୍ଷ-ବଚନ ।)

୧୦୯ । ଉଲୁରି ଘର, ମୁକୁଳା ବାଳ, ଏହା ନ ରଖିବ ବହୁତ କାଳ ।

୧୧୦ । ଉଲଗଲା ଘର, ମଙ୍ଗଳା ବର, ସ୍ତ୍ରୀଙ୍କୁ ନ ରଖିବ ବହୁତ କାଳ ।

୧୧୧ । ଉଲଆ ଗାଈ, ବାଉଁଶ ଖାଇ । (ଉଲଆ ଗାଈ ଗୃହସ୍ୱାମୀକୁ ନାନା ବିପଦରେ ପକାଏ ।)

Digitized by srujanika@gmail.com

ଗୋପାଳନ ଓ ପ୍ରାଣିତତ୍ତ୍ୱ

୧। ଆଗେ ଗୃନ୍ଧ, ପଛେ ଗୃନ୍ଧ, ତାକୁ ନେଇ ମଝିଖୁଣ୍ଟରେ ବାନ୍ଧ । (ଉତ୍ତମ ଗାଈର ଲକ୍ଷଣ ।)

୨। ଆଣିଥିବୁ ମୂଳାଗିଙ୍ଗାକୁ ରସି, କାନ୍ଧିଥିବୁ ହାଡ଼ମୁଣ୍ଡରେ ବସି । (ବଳଦ କିଣିବା ସମ୍ବନ୍ଧରେ ଉପଦେଶ ।)

୩। ଉଇ, ଓଡ଼ଣ, ପିମ୍ପୁଡ଼ି, ମଶା; ଏହି ଚାରି ଜାତି ଭାଙ୍ଗନ୍ତି ବସା । (ଏମାନଙ୍କ ଉପଦ୍ରବରେ ରହିବା କଷ୍ଟକର ହୁଏ ।)

୪। କଙ୍କଡ଼ା ଆଖିଆ ମୁହିଁ ବୋର, ନ ହୁଏ ଗୋସେଇଁ ନ ହୁଏ ଚୋର । (ମନ୍ଦ ଗୋରୁର ଲକ୍ଷଣ ।)

୫। କଣା କହେ ଚୌହଦ୍ଦିରେ ଦେଖ ଖଲିଆ ଚାଲିକି,
ରେ ମୁଁ ଦହେଁ ସାଙ୍ଗ ହେଲେ ଗୋସେଇଁ ଖାଇବା କାଲିକି ।
(କଣା ବଳଦ ଓ ଖଲିଆ ବଳଦ କୌଣସି କାମରେ ଲାଗନ୍ତି ନାହିଁ ।)

୬। କାଉ କୋଇଲି ଏକା ବର୍ଣ୍ଣ, ରାବ ଦେଲେ ଭିନ୍ନ ଭିନ୍ନ । (କେବଳ ବର୍ଣ୍ଣ ଦେଖି ଗୁଣ ନିର୍ଣ୍ଣୟ କରିବା ସହଜ ନୁହେଁ ।)

୭। କାଉ କୋଇଲିର ଭେଟ ନାହିଁ । (କୋଇଲି କାଉ ବସାରେ ଡିମ୍ବ ଦେଇଥାଏ । କାଉ ତାହାକୁ ଆପଣା ଡିମ୍ବ ବିଚାରି ଅତି ଯତ୍ନରେ ଫୁଟାଏ ଏବଂ ପାଳେ; କିନ୍ତୁ କୋଇଲିର ପର ଲାଗିବାମାତ୍ରେ ସେ କାଉକୁ ଛାଡ଼ି ପଳାଏ । ଉପକାରୀ ବ୍ୟକ୍ତିକୁ ତ୍ୟାଗ କରି ଅନ୍ୟତ୍ର ଚାଲିଯିବା ।)

୮। କାଉରେ ! ବେଲ ପାଚିଲା, କାଁ ମୋର କି ଗଲା ।
କାଉରେ ! ଆମ୍ବ ପାଚିଲା, କାଁ ମୋର ଯେ ଦୁଃଖ ଗଲା ।

୯। କାଳୀ ଗାଈର ଦୁଧ ମିଠା । (ଲୋକବିଶ୍ୱାସ)

୧୦। କାଳିଆ ବଳଦ କସରା, ସ୍ୱାମୀକୁ ନ କରିବ ପସରା ।

୧୧। କୁକୁର ଲାଙ୍ଗୁଡ଼ ବାର ବରଷରେ ସଳଖ ହୁଏ ନାହିଁ । (ଯାହାର ଯାହା ପ୍ରକୃତି ତାହା ଶତଚେଷ୍ଟାରେ ବଦଳେ ନାହିଁ ।)

୧୨। କୁକୁରକୁ ମୁହିଁ ଦେଲେ ଉପରକୁ ଚଢ଼େ । ନୀଚ ଲୋକ ପ୍ରତି କୋମଳ ବ୍ୟବହାର କଲେ ସେ ତାର ଅପବ୍ୟବହାର କରେ ।)

୧୩। କୁକୁର, ବ୍ରାହ୍ମଣ, ଘୋଡ଼ା; କେବେ ନୁହନ୍ତି ଯୋଡ଼ା । (ଏମାନଙ୍କ ମଧ୍ୟରେ ସହଜରେ ଅଭାବ ଦୃଷ୍ଟ ହୁଏ ।)

Digitized by srujanika@gmail.com

୧୪ । କୁକୁରକାମୁଡ଼ା ଆଣ୍ଠୁ ତଳକୁ ।

୧୫ । କୋଇଲି ଡିମ୍ବ ଫୁଟାଇବା ନ୍ୟାୟ । (କୋଇଲି ଆପଣା ଡିମ୍ବ ଫୁଟାଇ ନ ପାରି କାଉ ବସାରେ ଗୁଞ୍ଜି ଦେଇ ଆସେ । କାଉ ନିଜ ଡିମ୍ବ ଭ୍ରମରେ ତାକୁ ଫୁଟାଇ ବଡ଼ କରେ । ତା ପରେ ସେ ଛୁଆ ପୁଣି ତା ମା' ପାଖକୁ ଚାଲିଯାଏ । ପରଦ୍ୱାରା ଆପଣା କାର୍ଯ୍ୟ କରାଇନେବା) ।

୧୬ । ଖର ଗାଈର କ୍ଷୀର ସୁଆଦ ।

୧୭ । ଖଲିଆ ବୋଇଲା ପାଟଳାରେ ଦେଖ ମୋର ଚାଳିକ,
ତୁ ମୁଁ ଦିହେଁ ସାଙ୍ଗ ହୋଇଲେ ଗୋସେଇଁ ଖାଇବା କାଳିକ ।
(ଖଲିଆ ଓ ପାଟଳା ବଳଦ ଗୃହସ୍ୱାମୀର ଅମଙ୍ଗଳକାରକ ।)

୧୮ । ଗରଜଇ ମେଘ, ବରଷଇ ପାଣି, ଉଠନ୍ତି ଗଡ଼ଣା ବେଳକାଳ ଜାଣି ।

୧୯ । ଗାଈପୁଅ ଅଣ୍ଡିରା, ଘରେ ନ ବାନ୍ଧେ କଣ୍ଡରା । (ନିଜର ଗାଈପୁଅ ଅଣ୍ଡିରାଦ୍ୱାରା ଚାଷକାର୍ଯ୍ୟ କରାଯାଏ ନାହିଁ ।)

୨୦ । ଗାଈ ମୁହଁରେ ଦୁଧ । (ଦୁଗ୍ଧର ପରିମାଣ ଗାଈର ଖାଦ୍ୟ ଉପରେ ନିର୍ଭର କରେ ।)

୨୧ । ଗୁହାଳ ସୁରୁଖ ଦେଖି ଗାଈ ହମାଳି ପଶେ । (ଆଦର ଯତ୍ନ ପାଇଲେ ଲୋକେ ବଳେବଳେ ଆସି ପହଞ୍ଚନ୍ତି ।)

୨୨ । ଗେଣ୍ଡା ହୋଇ ଶଙ୍ଖ ପାଲଟେ । (କ୍ଷୁଦ୍ର ଓ ନଗଣ୍ୟ ବସ୍ତୁ ସମୟକ୍ରମେ ମୂଲ୍ୟବାନ୍ ବସ୍ତୁରେ ପରିଣତ ହୁଏ ।)

୨୩ । ଗେଣ୍ଡେଇଶୁଣୀ ଲୋ ! ପିଠା ଖା, ମୋ ଗୋଡ଼ ନ କାଟ । (ଏହି କଥା କହି ଗ୍ରାମର ସ୍ତ୍ରୀଲୋକମାନେ ଶ୍ରାବଣ ଅମାବାସ୍ୟା ଦିନ ପୋଖରୀରେ ଚକଉ ପିଠା ପକାଇ ଦେଇ ଆସନ୍ତି ।)

୨୪ । ଗୋଠ ସୁସାର ଥିଲେ ଗାଈ ହମାଳି ପଶେ ।

୨୫ । ଗୋଠଖଣ୍ଡିଆ ଗାଈ । (ଗୋଠରୁ ଅଲଗା ହୋଇ ଚରୁଥିବା ଗାଈ ଭଳି ଅନ୍ୟମାନଙ୍କ ସଙ୍ଗେ ମିଳିମିଶି ରହିବାକୁ ସୁଖ ନ ପାଉଥିବା ବ୍ୟକ୍ତି ।)

୨୬ । ଗୋଠଖଣ୍ଡିଆର ଗୋସେଇଁ ମରେ । (ଗୋଠଖଣ୍ଡିଆ ଗାଈର ମାଲିକ ତାକୁ ଖୋଜିବାକୁ ଯାଇ ହଇରାଣ ହୁଏ ।)

୨୭ । ଗୋଠ ମାଡିଲେ ଖଣ୍ଡିଆ (ହଡ଼ା) ମାଡେ । (କୌଣସି ଦଳ ବା ଗୋଷ୍ଠୀ ଅନ୍ତର୍ଗତ ଦୁର୍ବଳ ଓ ଅସମର୍ଥ ଲୋକେ ଅନ୍ୟମାନଙ୍କ ସଙ୍ଗରେ ମାଡିଉଠନ୍ତି ।)

୨୮ । ଗୋଟେ ଅଣ୍ଡିରା, ଘରେ ମାଈ, ବଂଶ ବୁଡ଼ିଲାରେ ଭାଇ । (ଗୋରୁପଲରେ ଯଥେଷ୍ଟ ସଂଖ୍ୟାରେ ଗାଈ ନ ଥିଲେ ଗୋରୁସଂଖ୍ୟା ବଢେ ନାହିଁ ଏବଂ ଦୁଗ୍ଧର ଅଭାବ ହୁଏ ।)

Digitized by srujanika@gmail.com

୨୯ । ଗୋଳମଗ୍ର ଡାହୁକ, ବଂଶମଗ୍ର ଗୁଣ୍ଡୁଚ । (ଯେ ଶତ୍ରୁର ବଶୀଭୂତ ହୋଇ ଆତ୍ମୀୟ-ସ୍ୱଜନମାନଙ୍କର କ୍ଷତି ଘଟାଏ ।)

୩୦ । ଘଣା-ବଳଦ, ଘଣାରୁ ଫିଟିଲେ ଯୋଡ଼ିକି ଲଦ । (ତେଲିଘର ବଳଦର ଜମା ବିଶ୍ରାମ ନଥାଏ ।)

୩୧ । ଘଣା-ବଳଦର ଗୋଠରେ କି ସମ୍ବନ୍ଧ । (ଗୋଠକୁ ଯିବାପାଇଁ ତାକୁ ଅବସର ମିଳେନାହିଁ ।)

୩୨ । ଘୋଡ଼ା ଛ'ଟଙ୍କା, ଦାନା ନ' ଟଙ୍କା । (ଘୋଡ଼ା ପାଳିବା ଖର୍ଚ୍ଚ, ଘୋଡ଼ା ଖରିଦ ଦାମ୍‌ଠାରୁ ବଳିପଡ଼େ । ସେହିପରି କୌଣସି ବସ୍ତୁର କିଣା ମୂଲ୍ୟଠାରୁ ତାର ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଧିକ ହେଲେ ଏହି ଦୃଷ୍ଟାନ୍ତ ଦିଆଯାଏ ।)

୩୩ । ଘୋଡ଼ାଚଢ଼ାଠାରୁ ସମ୍ପତ୍ତି ନାହିଁ, ଘରପୋଡ଼ିଠାରୁ ବିପତ୍ତି ନାହିଁ । (ପୂର୍ବେ ଘୋଡ଼ା ସମ୍ପଦ ଓ ମର୍ଯ୍ୟାଦାର ମାନଦଣ୍ଡ ରୂପେ ଗୃହୀତ ହେଉଥିଲା ।)

୩୪ । ଘୋଡ଼ା ଦଉଡ଼ି ଦଉଡ଼ି ଯେଉଁଠି, ହାତୀ ପାହୁଲେ ପାହୁଲେ ସେଇଠି । (ହାତୀ ଏକ ପଦକ୍ଷେପରେ ବହୁଦୂର ଅତିକ୍ରମ କରିଯାଏ ।)

୩୫ । ଘୋଡ଼ାର ଘୁରୁକମାଡ଼ ଘୋଡ଼ା ଜାଣେ । (ଜଣକର ଦୁଃଖ ନିଜ ବ୍ୟତୀତ ଅନ୍ୟ ଜଣେ ଅନୁଭବ କରିପାରେ ନାହିଁ ।)

୩୬ । ଘୋଡ଼ା ଗାଣ୍ଡିରେ ଗୋଛାଏ ବାଳ ଘୋଡ଼ାକୁ ସୁନ୍ଦର ଦିଶେ । (ଯାହାର ଯାହା ବିଶେଷତ୍ୱ, ତାହା ତାକୁ ଶୋଭାଏ ।)

୩୭ । ଘୋଡ଼ା ପିଠି, କାତି ମୁଠି । (ଉଭୟ ବିପଜ୍ଜନକ ।)

୩୮ । ଘୋଡ଼ା ପିଠି, ଖଣ୍ଡା ମୁଠି; ଯେ ପାଇଲା ତାର । (ଏହି ଦୁଇଟିକୁ ଯୋଗ୍ୟ ବ୍ୟକ୍ତି ଏକା ଭୋଗକରିବା ପାଇଁ ସମର୍ଥ ।)

୩୯ । ଘୋଡ଼ା ପେଟରୁ ଜନ୍ମ ହୋଇ ଗ୍ରୁଟକୁ ଡରୁଛି ।

୪୦ । ଘୋଡ଼ା ହେଲେ କି ଘୁରୁକ ପାଇଁ ଅଟକିବ ।

୪୧ । ଘୋଡ଼ାରେ ! ତୋତେ ଘେରି ନେବ; ନା ଏଠି ଦାନାପାଣି ସେଠି ଦାନାପାଣି । (ଉଭୟଠାରେ ସମାନ ଅବସ୍ଥା ।)

୪୨ । ଚଙ୍ଗୁଡ଼ି ଚପିଲେ ମୁଣ୍ଡରେ ପିତ୍ତ (ଘିଅ) । (ସ୍ୱଳ୍ପ ଶକ୍ତିସମ୍ପନ୍ନ ଦୁର୍ବଳ ବ୍ୟକ୍ତି ।)

୪୩ । ଚୁଚୁନ୍ଦ୍ରାକୁ ନାଗ ଧରିବା ନ୍ୟାୟ । (କେହି କାହାରିକୁ ସହଜରେ ଛାଡ଼ନ୍ତି ନାହିଁ ।)

୪୪ । ଚୁଚୁନ୍ଦ୍ରାକୁ ମାଇଲେ ହାତ ଗନ୍ଧାଏ । (କ୍ଷୁଦ୍ର ଓ ଦୁର୍ବଳ ବ୍ୟକ୍ତିକୁ ଦଣ୍ଡଦେବା ଦ୍ୱାରା ନିଜର ମିଛଟା ଧରାପଡ଼ିବା ହିଁ ସାର ହୁଏ ।)

୪୫ । ଛଅ ଟଙ୍କାର ଘୋଡ଼ାକୁ ନଅ ଟଙ୍କାର ଦାନା । (ମୂଳବସ୍ତୁଠାରୁ ତାର ରକ୍ଷଣାବେକ୍ଷଣ ବାବଦ ଖର୍ଚ୍ଚ ବଳିପଡ଼ିବା ।)

୪୬ । ଚ୍ରେଟ ସାପର ବିଷ ଟାଣ । (ଚ୍ରେଟ ବୋଲି କାହାକୁ ଅବଜ୍ଞା ନ କରିବା ।)

Digitized by srujanika@gmail.com

୪୭ । ଜାଣ ନ ଜାଣ ଝାମ୍ପୁଲ ଆଣ, ଖାଡ଼ିଆଶିଙ୍ଗା ସବୁଠୁ ଟାଣ;
କୁଣ୍ଡଳ ଶିଙ୍ଘା ଦେଖିବୁ ଯେବେ, ଅଣ୍ଟାରୁ ପଇସା କାଢ଼ିବୁ ତେବେ । (ବଳଦକିଣା ସମ୍ବନ୍ଧରେ ଉପଦେଶ ।)

୪୮ । ଜାଣି ଘୋଡ଼ାର ଶିଙ୍ଗ ନାହିଁ, ଶିଙ୍ଗ ଥିଲେ ଘୋଡ଼ା ରଖନ୍ତା ନାହିଁ । (ଦୁର୍ବଳ ଦୁର୍ବୁଦ୍ଧି ବ୍ୟକ୍ତି ପ୍ରତି ଆକ୍ଷେପୋକ୍ତି ।)

୪୯ । ଜୋକମୁହରେ ଲୁଣ । (ଜୋକମୁହଁରେ ଲୁଣ ଦେଲେ ସେ ଯେପରି ତାର ଶକ୍ତି ସାମର୍ଥ୍ୟ ହରାଇ ମନୁଷ୍ୟର ଅଙ୍ଗକୁ ଛାଡ଼ିଦିଏ, ସେହିପରି ପ୍ରତିଦ୍ୱନ୍ଦ୍ୱୀକୁ ହୀନ-ବଳ କରି ତାକୁ ତାର ଆକ୍ରମଣାତ୍ମକ ମନୋବୃତ୍ତିରୁ ନିରସ୍ତ କରାଇବା ।)

୫୦ । ଟାଙ୍ଗଣ ଘୋଡ଼ା, ଗୁଲି ସରସ ଲଦନ ଥୋଡ଼ା । (ବହୁମୂଲ୍ୟ ଘୋଡ଼ାଙ୍କ ପରି ଯାହାଙ୍କ ପିଛା ଖରଚ ବେଶି ଅଥଚ ଯାହାଙ୍କଠାରୁ କମ୍ ଉପକାର ମିଳିଥାଏ ।)

୫୧ । ଟୋକାଟାକରା, ଟଟ୍ଟୁ ଘୋଡ଼ା; ଖାଆନ୍ତି ବହୁତ କାମ ଥୋଡ଼ା ।

୫୨ । ଠାପୁଆ ହୋଇଣ ଯେବେଣ ବାରୁ, କହେ ଦନାଇ ଏ କଥା ଗୁରୁ । (ଅଳସୁଆ ଘୋଡ଼ା କୌଣସି କାମରେ ଆସେ ନାହିଁ ।)

୫୩ । ଡାଉଁଶ ପିଇଲେ ରୁଧିର ଢାଳେ, ତା'ଠାରେ ହେବ କି ମାଉଁସ ପଳେ ।

୫୪ । ଡାଳମାଙ୍କଡ଼ ଡାଳେ ଥାଇ ଖଟେଇ ହୁଅଇ କେତେ,
କରଗତ କରି ମାରଗତ କଲେ ସଲାମ କରଇ କେତେ ॥
(ବଣପଶୁଙ୍କୁ ଶିକ୍ଷାଦେଲେ ସେ ମନୁଷ୍ୟର ବଶ ହୁଏ ।)

୫୫ । ତେଣ୍ଟେଇ (ଟେଣ୍ଟେଇ) ଚଢ଼େଇ, ମେଘ (ସ୍ୱର୍ଗ) ଖସିବ ପଡ଼ିବ ବୋଲି ଗୋଡ଼କୁ ବଢ଼େଇ । (ତେଣ୍ଟେଇ ନାମକ ଏକପ୍ରକାର ପକ୍ଷୀ ରାତିରେ ତାର ଲମ୍ବ ଗୋଡ଼ ଟେକି ଚିତ୍ ହୋଇ ଶୁଏ । ଅଳ୍ପକ ଲୋକ ଘୋର ବିପଦାଶଙ୍କାରେ ହାସ୍ୟାସ୍ପଦ ପ୍ରତିକାରବିଧାନ କରିବା ।)

୫୬ । ତେଲି ଘର ଗୋରୁ, ଗାଡ଼ିରେ ନଗଲେ ଘଣାରେ ମରୁ ।

୫୭ । ତେଲି ଘର ଗୋରୁ, ଘଣା ଓଟରାରୁ ଲଦନ ଗୁରୁ ।

୫୮ । ତେଲି ବଳଦ, ଘଣାରେ ନ ଗଲେ ପଲାଣ ଲଦ ।
(ତେଲି ଘର ବଳଦ ପରି ଦୁର୍ଭାଗ୍ୟ ବିକଳ୍ପ ପନ୍ଥା ନଥିବା ଅସହାୟ ବ୍ୟକ୍ତି ପ୍ରତି ଉପଲକ୍ଷ୍ୟ-ବଚନ ।)

୫୯ । ଦୁଧ ଯେବେ ଖାଇ ମନ କରିବ ଘରେ ଥିବ ଗାଈ,
କଳି ଯୁଦ୍ଧ କରି ବସିବ ସଙ୍ଗେ ଥିବ ଭାଇ ।

୬୦ । ଦୁଧର ବାଛୁରୀ, ପାଣିର ଧାନ । (ଦୁଧ ଯଥେଷ୍ଟ ଖାଇବାକୁ ପାଇଲେ ବାଛୁରୀ ବଢ଼େ, ପାଣି ଯଥେଷ୍ଟ ପାଇଲେ ଧାନ ଭଲ ବଢ଼େ ।)

Digitized by srujanika@gmail.com

୬୧ । ନେବୁ ଗଢ, ଆଣିବୁ ଗଢ, ତେବେ ଦେଖିବୁ ପୋଢ଼ର ଜାଢ । (ମଇଁଷି ଖରା ସହି ପାରନ୍ତି ନାହିଁ ।)

୬୨ । ପେଗୃ ଲେ ' ଆର ଜନ୍ମରେ ଲୁହା-ଡ଼େରଣୀ, ଏବେ ପାହନ୍ତୁ କେଞ୍ଚା । (ଲୌକିକ ବିଶ୍ୱାସ) ।

୬୩ । ପେଗୃ, ଦେଢ଼ଶୁର ଅଇଁଠା ଖାଇ ହାତଗୋଡ଼ ଚୋର ମେଞ୍ଚା । (ଲୌକିକ ବିଶ୍ୱାସ)

୬୪ । ପୋଢ଼, ବ୍ରାହ୍ମନ, ବାର୍‌ହା, ଏ ତିନହେଁ ନାହିଁ ସହନ୍ ଖରା । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ।)

୬୫ । ପୋଡକ ବିଆଣରେ ପୂଯ ନାହିଁ କି ରକତ ନାହିଁ ।

୬୬ । ଫଁ ଫଁ ବଳଦ ମାରେ ନାହିଁ । (ଟାଣ ଟାଣ କଥା କହୁଥିବା ଲୋକ ଅନିଷ୍ଟ ନ କରିବା ।)

୬୭ । ବଉଁଶଖିଆ ଭୁଆ ବିରାଡ଼ି, ପେଟର ପିଲାକୁ ଦିଅଇ ମୋଡ଼ି ।
(ଆତ୍ମୀୟ ଲୋକମାନଙ୍କର ଅନିଷ୍ଟ ଘଟାଇବା ବ୍ୟକ୍ତି ପ୍ରତି ବ୍ୟଙ୍ଗୋକ୍ତି ।)

୬୮ । ବଲଦ୍ ଘିନ୍‌ବ କମଲ୍ ଉଠି, ପୋଢ଼ ଘିନ୍‌ବ ଫଁଡେଇ ମାଢ଼ି । (ପଶ୍ଚିମ-ଓଡ଼ିଶାରେ ପ୍ରଚଳିତ । ଶୀତଦିନରେ ବଳଦ ଏବଂ ଖରାଦିନରେ ପୋଢ଼ କିଣିବା ପାଇଁ ଉପଦେଶ ।)

୬୯ । ବଳଦର ଦାନ୍ତ, ଗାଈର ଅନ୍ତ । (ବଳଦ ଚରିବାଇକୁ ଯେତିକ ଘାସ କୁଟା ପାଇବ ଏବଂ ଗାଈ ପେଟକୁ ଯେତିକ ଦାନାପାଣି ପାଇବ ସେତିକ କାର୍ଯ୍ୟକାରୀ ହେବ ।)

୭୦ । ବଳଦ ଯେଉଁଠିକି ଗଲେ ଘାସ କୁଣ୍ଡା । (ସ୍ଥାନ ପରିବର୍ତ୍ତିନଦ୍ୱାରା ବଳଦର ଭାଗ୍ୟ ପରିବର୍ତ୍ତିନ ହୁଏ ନାହିଁ ।)

୭୧ । ବଂଶମରା ଡାହୁକ ଗୋଦମରା ଗୁଣ୍ଡୁରି । (ଆତ୍ମୀୟଲୋକର ଅନିଷ୍ଟ କରିବା ନିମିତ୍ତ ଶତ୍ରୁପକ୍ଷକୁ ସାହାଯ୍ୟ କରିବା ବ୍ୟକ୍ତି ।)

୭୨ । ବାଘ ଗ୍ରାଲ କି କୁକୁର ଲହେ ? (ଭୟରେ)

୭୩ । ବାଘର ଫାଗକୁ ଡର । (ବାଘ ଫାଗକୁ ଭୟ କଲାପରି ଯେତେ ବଳୁଆ ହେଲେ ସଂପୂର୍ଣ୍ଣ ଭୟଶୂନ୍ୟ ହୋଇ କେହି ନାହିଁ ।)

୭୪ । ବାଘ ନେବାଠାରୁ ବାଘ ଘୋଷରା ବାଧେ । (ବାଘ ମନୁଷ୍ୟକୁ ଧରି ତାହାକୁ ନେବାବେଳେ ବଣ, ପାହାଡ଼, ପର୍ବତ, ଜଙ୍ଗଲରେ ଘୋଷାରି ଘୋଷାରି ନିଏ । ତେଣୁ ମୃତ୍ୟୁ ଅପେକ୍ଷା ତାହା ଅଧିକ ଯନ୍ତ୍ରଣାଦାୟକ ବୋଧହୁଏ ।)

୭୫ । ବାଘ ପରି ଜନ୍ତୁ ଶିକାରକୁ ଲୁଚାଇ କରି ଖାଏ । (ଯେତେ ଶକ୍ତିମାନ୍ ହେଲେହେଁ କୌଣସି ଅତ୍ୟାଚାରୀ ବ୍ୟକ୍ତି ଭୟଶୂନ୍ୟ ନୁହେଁ ।)

Digitized by srujanika@gmail.com

୭୬ । ବାଘ ବିଆଣ ଗୋଟାଏ, ଘୁଷୁରି ବିଆଣ ପଲେ । (ପଲେ ଘୁଷୁରି ଜନ୍ମଦେବାଠାରୁ ଗୋଟାଏ ବାଘ ଜନ୍ମଦେବାରେ ଅଧିକ ଗୌରବ ।)

୭୭ । ବାଘ ନଦେଖିଲେ ବିଲେଇ ଦେଖ, ଠକ ନଦେଖିଲେ ବଣିଆ ଦେଖ ।

୭୮ । ବାଘର ମାଉସୀ ବିଲଇ, ନିଆଁ ମାଗିଗଲା କେଉଟ ସାହି, ମାଛ ଗନ୍ଧ ଶୁଙ୍ଘି ଫେରିଲା ନାହିଁ । (ବାଘ ଓ ବିଲଇର ଆକୃତିରେ ବହୁ ସାମଞ୍ଜସ୍ୟ ଦୃଷ୍ଟ ହୁଏ ।)

୭୯ । ବାଘଛୁଆକୁ ପୁଆଲ ଢଙ୍କା । (ବୃଥା ପ୍ରୟାସ)

୮୦ । ବାଦୁଡ଼ି, ବାଦୁଡ଼ି ହିତା, ଯେଉଁ ଫଳ ଖାଇ ସେ ଫଳ ପିତା । (ସନ୍ଧ୍ୟାବେଳେ ବାଦୁଡ଼ି ଉଡ଼ିଯାଉଥିବାବେଳେ ଏହା କହିଲେ ଫଳ ବାଦୁଡ଼ିକୁ ପିତା ଲାଗେ ବୋଲି ଲୌକିକ ସଂସ୍କାର ଅଛି ।)

୮୧ । ବାୟସ, ବିଲୁଆ, ବଙ୍ଗାଳୀ, ଶ୍ୱାନ; ବୁଦ୍ଧିରେ ଶ୍ରେଷ୍ଠ, ଆତ୍ମରେ ହୀନ ।

୮୨ । ବାଳିଆ ମାଛର କାଣ୍ଡ ନାହିଁ, ବଇଷ୍ଣମଙ୍କର କାଣ୍ଡ ନାହିଁ । (ବ୍ୟଙ୍ଗ)

୮୩ । ବିରାଡ଼ି ଜନ୍ତୁକୁ ନାହିଁ ବିଶ୍ୱାସ, ଆପଣା ଛୁଆକୁ କରନ୍ତି ଗ୍ରାସ ।

୮୪ । ବିରାଡ଼ି ତାର ଛୁଆକୁ ଏଘର ସେଘର କରିବା ନ୍ୟାୟ । (ନିରାପତ୍ତା ପାଇଁ ଇତସ୍ତତଃ ଆଶ୍ରୟ ଗ୍ରହଣ କରିବା ।)

୮୫ । ବୁଦ୍ଧିକି ବିଲୁଆ, ଗାତକୁ କୋକା ।

୮୬ । ମଇଁଷି ମଣେ ଲୁହାଚଣାଖିଆ, ଘୁଷୁରି ମଣେ ଧାଇ । (ଘୁଷୁରି ଜଗିବାଠାରୁ ମଇଁଷି ଜଗିବା କଷ୍ଟକର ।)

୮୭ । ମଠୁଆ ବଳଦ ବରିବ ଯେବେ, ଜୀବ ଥାଉ ଥାଉ ମରିବୁ ତେବେ ।

୮୮ । ମଡ଼ା ଯେଉଁଠି, ଶାଗୁଣା ସେଇଠି ।

୮୯ । ମରେ ହଂସ, ନ ଖାଏ ଗୋ-ମାଂସ । (ଜୀବନ ସଙ୍କଟାପନ୍ନ ଦେଖି ମଧ୍ୟ ସ୍ୱଧର୍ମଚ୍ୟୁତ ନହେବା ।)

୯୦ । ମଶାର ପାଖରେ ଘୁଷୁରି ଶୁଏ ନାହିଁ । (ମଶାର ବାହାରେ ଶୋଇଲେ ବେଶି ମଶା କାମୁଡ଼ନ୍ତି ।)

୯୧ । ମାଙ୍କଡ଼ ବିଆଣରେ ପୂଜ ରକ୍ତ ନାହିଁ ।

୯୨ । ମାଘ ମଇଁଷି, ଭୋଦଅ ଗାଈ; ଶ୍ରାବଣ ଘୋଡ଼ୀ ଗୋସିଆଁ ଖାଇ । (ଏ ସବୁ ଅଶୁଭକାରକ ।)

୯୩ । ବାଘକୁ ମାଛ ମାଙ୍କଡ଼ସା । (ବାଘ ମାଛର କିଛି କ୍ଷତି କରିପାରେ ନାହିଁ ।)

୯୪ । ମେଣ୍ଢାପଲରୁ ଗୋଟାଏ ଯେଣେ ଯାଏ, ପଲକଯାକ ସେଇଆଡ଼େ ଯାଆନ୍ତି । (ଅନ୍ଧ ଅନୁକରଣ ।)

୯୫ । ଯନ୍ତାରେ ପଡ଼ିଲେ ବାଘ ହୁଏ ସିଧା ।

Digitized by srujanika@gmail.com

୯୬ । ଶେଉଳ ମାଛ ପର ଛୁଆ ଖେଳାଏ, ଗୋଟି ଗୋଟି କରି ପାଟି ପୂରାଏ । (ରକ୍ଷକ ହୋଇ ଭକ୍ଷକ ପାଲଟିବା ।)

୯୭ । ଶାଗୁଣା ସମସ୍ତଙ୍କ ମାଉଁସ ଖାଏ; ଶାଗୁଣା ମାଉଁସ କିଏ ଖାଇଲେ କେଁ କେଁ ହୁଏ । (ଅତ୍ୟଧିକ କୃପଣ ଓ ଅତ୍ୟାଗ୍ରହୀ ବ୍ୟକ୍ତି ପ୍ରତି ବ୍ୟଙ୍ଗୋକ୍ତି ।)

୯୮ । ସାପ ବଢ଼ିଲେ ତାର ଚକ୍ର ବଢ଼େ । (ଲୋକର ଧନସମ୍ପତ୍ତି ବଢ଼ିବା ସଙ୍ଗେ ସଙ୍ଗେ ତାର କ୍ଷମତା ଓ ପ୍ରତିପତ୍ତି ମଧ୍ୟ ବଢ଼ିଥାଏ ।)

୯୯ । ସାପୁଆ ମରେ ସାପରେ, ବାଘୁଆ ମରେ ବାଘରେ ।

୧୦୦ । ହଜାରେ ଗଧରେ ବାଛିଲେ ଭଲ, ବାଛିଲେ ନୁହନ୍ତି ଘୋଡ଼ାକୁ ତୁଲ । (ଗଧ କୌଣସି ପ୍ରକାରେ ଘୋଡ଼ା ସଙ୍ଗେ ସମାନ ହୋଇପାରିବ ନାହିଁ ।)

୧୦୧ । ହାତୀ ଛୁଆ ଯେଡ଼େ, ମୂଷା ବଢ଼ି ବଢ଼ି ନୁହଇ ତେଡ଼େ ।

୧୦୨ । କ୍ଷୁଦ୍ର ସର୍ପର ବିଷ ଉତ୍କଟତର ।

୧୦୩ । କଂସାଧନ ଅଧାଧନ, ଗୋରୁଧନ ନିଧନ । (କଂସା ଭାଙ୍ଗିଗଲେ ପୁରୁଣା କଂସା ଅଧା ଭାଉରେ ବିକାଯାଏ; କିନ୍ତୁ ଗୋରୁ ମରିଗଲେ କିଛି ମିଳେ ନାହିଁ)

ଗୋପାଳନ ଓ ପ୍ରାଣୀତତ୍ତ୍ୱ

୧ । ଦେଖା ସୁନ୍ଦର ବଉଳ ଗାଈ, ଯେତେକ ବ୍ୟାଇବ ସେତକ ମାଈ ।

୨ । ଧାଉଁ ଧାଉଁ ଅସର ନାହିଁ, କୁକୁରକୁ ଘର ନାହିଁ । (କୁକୁର ସାଧାରଣତଃ ଏକ ଗୃହପାଳିତ ପଶୁ ନୁହେଁ ।)

୩ । ନାକରେ ଦଉଡ଼ି ବେକରେ ବନ୍ଧା । (ଦୁଷ୍ଟ ଗୋରୁକୁ ଜବତ କରିବା ପାଇଁ ଏପରି କରାଯାଇଥାଏ ।)

ଗ୍ରାମ୍ୟ ଜୀବନ

୧ । ଆପଣା ଗାଁ ମଶାଣି, ପର ଗାଁ ପାଣି । (ଏ ଦୁଇଟି ସ୍ଥାନ ପ୍ରତି ଲୋକଙ୍କ ମନରେ ସର୍ବଦା ଭୟ ଥାଏ ।)

୨ । ଆପେ ରାଣ୍ଡ ତ ଯାଇ ପଡ଼ୋଶୁଣୀ ଗୋଡ଼େଇ ରାଣ୍ଡ । (ବିଧବା ଗ୍ରାମର ଅନ୍ୟାନ୍ୟ ସ୍ତ୍ରୀମାନଙ୍କୁ ସମଦଶାପନ୍ନ ହେବାକୁ ଇଚ୍ଛା କରିବା ।)

Digitized by srujanika@gmail.com

୩ । ଆମ୍ବ ପାଚେ, ପଣସ ପାଚେ, ତଦ୍ଧି ସଙ୍ଗେ ସଙ୍ଗେ ନେଉଳ ନାଚେ । (ସମ୍ପର୍କହୀନ ବ୍ୟକ୍ତି କୌଣସି ଉତ୍ସବରେ ଆନନ୍ଦ ପ୍ରକାଶ କରିବା ।)

୪ । ଆମ୍ବ କାଳେ ହାଡ଼ିକୁ ଜୁହାର । (କାର୍ଯ୍ୟ ସାଧନ ଉଦ୍ଦେଶ୍ୟରେ କୌଣସି ହୀନ ବ୍ୟକ୍ତିର ଶରଣାପନ୍ନ ହେବା ।)

୫ । ଆମ୍ବ ଖାଉଁ ପଣସର ଚିନ୍ତା । (ଏକ ସୁଖକୁ ପାଇବାବେଳେ ଅନ୍ୟ ସୁଖ ଚିନ୍ତା କରିବା ।)

୬ । ଆମ୍ବଖାଉଁ ପଣସ, କଥା ନ କହନ୍ତି ମଣିଷ । (ସମ୍ପଦର ପ୍ରାଚୁର୍ଯ୍ୟ ହେତୁ ଗର୍ବ ପ୍ରକାଶ କରିବା ।)

୭ । ଆମ୍ବ ଶିମ୍ବ ଅଢ଼େଇ ଖଣ, ଗୁଡ଼ (ଅଣ୍ଡା) ଦମ୍ଭକର ମଣିଷ ଚିହ୍ନ । (କ୍ଷଣିକ ସମ୍ପଦରେ ଭୋଳ ହୋଇ ସାଇପଡ଼ିଶା ଓ ବନ୍ଧୁବାନ୍ଧବଙ୍କୁ ଭୁଲ ନ ଯିବାପାଇଁ ଉପଦେଶ ।)

୮ । ଆମ୍ବ ଝଡ଼ିବାକୁ, କାଉ ଖୁମ୍ପିବାକୁ । (କାର୍ଯ୍ୟକାରଣ ସମ୍ପର୍କ ନଥାଇ ଘଟିବା ଘଟଣା ।)

୯ । ଆମ୍ବ ଗଛରେ ପାଣି ଦଉ ଦଉ ଶିମ୍ବ ଗଛ ମଲା । (ଜଣକୁ ରକ୍ଷା କରିବାକୁ ଯାଇ ଆଉ ଜଣକୁ ମାରିବା ।)

୧୦ । ଅମ୍ବ ନାଁରେ ଅମ୍ବଡ଼ା ଭଣ୍ଡାଇବା । (ଅସଲ ଜିନିଷ ବୋଲି କହି ନକଲି ଜିନିଷ ଭଣ୍ଡାଇବା ।)

୧୧ । ଆମ୍ବଖିଆ ପୁଅ କ ଟାକୁଆରେ ବୋଧ ହେବ । (ଅସଲ ଜିନିଷର ସ୍ୱାଦ ଯେ ଜାଣିଛି ସେ ଠକାମିରେ ପଡ଼ିବ ନାହିଁ ।)

୧୨ । ଆମ୍ବ ପାଚିଲେ ଖମ ରଜା, ନଈ ବଢ଼ିଲେ କେଉଟ ରଜା । (ଆମ୍ବ ପାଚିଲେ ଗ୍ରୀଷ୍ମ ଜାଡ଼ର ଲୋକେ ଆମ୍ବ ଖାଇ ବଞ୍ଚନ୍ତି । ନଈ ବଢ଼ିଲେ ନାଉରିଆର ଭଲ ରୋଜଗାର ହୁଏ ।)

୧୩ । ଅମ୍ବର ବଣ, ଅମ୍ବ ସରିଗଲେ ଟାକୁଆବଣ । (ଧ୍ରୁବ ସଂପଦର ଆଶ୍ରୟ ମାଗ ।)

୧୪ । ଆମ୍ବ ସଢ଼କା, ତେନ୍ତୁଳି ବଙ୍କା, କୁକୁର ଲାଙ୍ଗୁଡ଼ ନୁହେଁ ସଳଖ । (ଯେତେ ଯତ୍ନ କଲେ ମଧ୍ୟ ଏଗୁଡ଼ିକ ସିଧା ହୁଏ ନାହିଁ ।)

୧୫ । ଆମ୍ବ କଡ଼ମଡ଼, ତେନ୍ତୁଳି ଚେମଡ଼ । (ଦୁଇ କାଠର ତୁଳନା ।)

୧୬ । ଉଚ୍ଚ ଗଛର ତୋଫାନକୁ ଡର । (ତୋଫାନରେ ଡେଙ୍ଗା ଗଛସବୁ ଭାଙ୍ଗିଗଲା ପରି ସଙ୍କଟ ପଡ଼ିଲେ ଥିଲାବାଲା ଲୋକେ ଅଧିକ ବିପନ୍ନ ହୋଇଥାନ୍ତି ।)

୧୭ । ଭଜ ଗାଁରେ କୁଜା, ଯେଉଁ ଗାଁରେ ଦେବତା ନାହାନ୍ତି ଶିଳପୁଆଟାଏ ପୂଜା । (ଯେଉଁଠାରେ ଯୋଗ୍ୟ ଲୋକ ନାହାନ୍ତି ସେଠାରେ ଅତି ସାମାନ୍ୟ ଲୋକ ମଧ୍ୟ ପୂଜା ପାଏ ।)

Digitized by srujanika@gmail.com

୧୮ । ଉଣା ହାଡ଼ ଯେଉଁଠି, ଜଳ ଗଡ଼େ ସେଇଠି । (ଦୁର୍ବଳ ଲୋକର ଦୁର୍ବଳତାର ସୁଯୋଗ ନେଇ ଲୋକେ ତା ଉପରେ ଆଧିପତ୍ୟ ବିସ୍ତାର କରନ୍ତି ।)

୧୯ । ଏକା ନଈ ସହସ୍ରେ କୋଶ । (ନଈ ପାରହେବା ବାଟ ଚାଲିବାଠାରୁ କଷ୍ଟକର ।)

୨୦ । ଏଣ୍ଡୁଅ ଧାଉଡ଼ି କଆ (ସିଝୁ) ବୁଦାକୁ ଯାଏ । (ଯାହାର ଶକ୍ତି ଅତ୍ୟନ୍ତ ସୀମାବଦ୍ଧ ।)

୨୧ । ଏଣ୍ଡୁଅ ଉପରେ ଓଉ ବୋଝ । (ସ୍ୱଳ୍ପ ଶକ୍ତିଯୁକ୍ତ ବ୍ୟକ୍ତି ଉପରେ କୌଣସି ଗୁରୁ ଦାୟିତ୍ୱ ନ୍ୟସ୍ତ କରିବା ।)

୨୨ । ଏଣ୍ଡୁଅର ଦଉଡ଼ କୁଢ଼ଯାଏ । (ଯାହାର ବଳ, ବୁଦ୍ଧି, ଶକ୍ତି ବା ସାମର୍ଥ୍ୟ ଅତ୍ୟନ୍ତ ସୀମାବଦ୍ଧ ।)

୨୩ । ଓଧ ସଙ୍ଗେ ବଣଭୁଆ ବାଇ । (ଦୁହେଁ ମାଛ ଲୋଭୀ । ଓଧ ପାଣିରେ ବୁଡ଼ିପାରେ; କିନ୍ତୁ ଭୂଆ ବୁଡ଼ିପାରେ ନାହିଁ । ଧନୀ ବା ସମର୍ଥ ଲୋକ ସହିତ ଗରିବ ବା ଅସମର୍ଥ ଲୋକ ଏକାଠି ମାତିବା ।)

୨୪ । କପା କିଆରେ ଗୋରୁ ମୁଣ୍ଡ ଥାପିବା । (ତାହାହେଲେ ମନୁଷ୍ୟ ଭ୍ରମରେ ଜନ୍ତୁମାନେ ଫସଲ ନଷ୍ଟ କରିବେ ନାହିଁ । ଗୋଟିଏ ଅସାର ଓ ପ୍ରକୃତ ଶକ୍ତିରହିତ ବସ୍ତୁକୁ ଉପଲକ୍ଷ୍ୟ ମାତ୍ର କରି କାର୍ଯ୍ୟସାଧନ କରିବା ।)

୨୫ । କୁମ୍ଭୀରିଆ ନଈ, ଜୁଆରିଆ ପାଣି, ଗାଧୋଇ ଯିବ ବେଳ କାଳ ଜାଣି । (ଉପଦେଶ) ।

୨୬ । କୁମ୍ଭୀର ନେଇ ନଈ ମଝିରେ କଲଣି, ମନ ଘର ଧରୁନାହିଁ । (ଘୋର ବିପଦରେ ପଡ଼ି ମଧ୍ୟ ମନରେ ଚେତା ନ ପଶିବା ।)

୨୭ । କୋହଲ ପାଇଲେ ଦୋହଲ (ଦୋଓଡ଼) ଚପନ୍ତି । (ସୁବିଧା ପାଇଲେ ଲୋକେ ଅନ୍ୟଠାରୁ ଦୁଇଗୁଣ କାମ କରାଇନିଅନ୍ତି ।)

୨୮ । ଖବରଦାର, ଗୋବରା ଜେନା ଚୌକିଦାର । (ଚୋର ଡକାଇତଙ୍କ ପ୍ରତି ସତର୍କବାଣୀ ।)

୨୯ । ଆ' ଠାକୁର ଖା କ୍ଷୀରି, ବାପା ଯାଇଛନ୍ତି ନଳଡଗିର (ଲଳିତଗିରି) । (କୌଣସି ପ୍ରକାରେ ପୂଜା ବଢ଼ାଇଦେବା ।)

୩୦ । ଖାଇ ସାରଲେ ଗାଈକି ଯିବ, ଖାଇ ସାରିଲା କାହିଁକି ଯିବ ? (ସ୍ୱାର୍ଥସିଦ୍ଧି ଉତ୍ତାରୁ ଧରାଛୁଆଁ ନ ଦେବା ।)

୩୧ । ଗାଁ-କନିଆ ସିଙ୍ଘାଣିନାକୀ । (ଆପଣା ଗାଁଲୋକ ଯେତେ ସୁନ୍ଦର ବା ଗୁଣୀ ହେଲେ ମଧ୍ୟ ଲୋକେ ସହଜରେ ତାହା ସ୍ୱୀକାର କରନ୍ତି ନାହିଁ ।)

୩୨ । ଗାଁ ପରିମଳ ଧୋବା ରୁଠରୁ ଜଣାଯାଏ ।

୩୩ । ଗାଁ ଚୋର କି କନ୍ଧରେ ବଣା । (ଗାଁ ଚୋରକୁ ଗ୍ରାମର ଅନ୍ଧସନ୍ଧି ସବୁ ଜଣାଥାଏ ।)

Digitized by srujanika@gmail.com

୩୪ । ଗାଁ ଯୋଗୀଙ୍କୁ ଭିକ ନ ମିଳେ । (ତାର ସଚଳ ଅବସ୍ଥା ସମ୍ବନ୍ଧରେ ଜାଣିଥିବାରୁ ଗ୍ରାମବାସୀ ଭିକ ଦଅନ୍ତି ନାହିଁ ।)

୩୫ । ଗାଁ ବଳଦ ବିକାଯାଏ ନାହିଁ, ଯଦ ବିକାଏ କଉଡ଼ି ନାହିଁ ।

୩୬ । ଗାଁ ବଳଦ ଗାଁରେ ବିକାଏ ନାହିଁ । (କାରଣ ଲୋକେ ତାର ଗୁଣ ଅବଗୁଣ ଉତ୍ତମ ରୂପେ ଜାଣିଥାନ୍ତି ।)

୩୭ । ଗାଁ ଗଉଡ଼ିଆ ଘିଇଲେ ରଜା । (କ୍ଷୁଦ୍ର ପରିସରରେ ଅତି ସାମାନ୍ୟ ଲୋକ ମଧ୍ୟ ତାର ପ୍ରତିପତ୍ତି ବିସ୍ତାର କରିଥାଏ ।)

୩୮ । ଗାଁ ବାହାରେ ଘର, ଚୋର-କୁଆଁଙ୍କୁ ଡର ।

୩୯ । ଗାଁରେ ଯେବେ କରିବୁ ଘର, କିଛି ଆପଣା କିଛି ପର ।

୪୦ । ଗାଁ ଧୋଅରି ଯେଉଁଠି ପଶେ, ପଧାନ ହଳ ସେଇଠି ଚଷେ । (ଗ୍ରାମର ପ୍ରଧାନ ବ୍ୟକ୍ତି ଗ୍ରାମର ଶ୍ରେଷ୍ଠ ଜମି ଚାଷ କରେ ।)

୪୧ । ଗାଉଁଲି ଲୋକ, ସହର ଦେଖିଲେ ନ କରେ ଶୋକ ।

୪୨ । ଗାଁର ବଇଦକେ ପଚ୍ଚରନ୍ ନାଇଁ, ଦୂରୁ ଆଏଲେ ଗୁଡ଼ନ୍ ନାଇଁ । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ । ଗାଁ-କନିଆ ସିଙ୍ଘାଣିନାକୀ ଅର୍ଥରେ ।)

୪୩ । ଗାଁ ଧୋଅରି, ଖାଇ ବେହେରି, ନ ମିଳେ ଋଣ, ପିତା ଚଉଣ, ସରସ ଲୁଣ, ଝିଅ ମରଣ; ଆଗେ ଦୁଃଖ ପଛେ ସୁଖ ।

୪୪ । ଗୋଠକୁ ସୁନ୍ଦର ଗାଈ, ଗାଁକୁ ସୁନ୍ଦର ନଡ଼ିଆ ଗଛ ଗୁଇ,
ଝିଅକୁ ସୁନ୍ଦର ଜୋଇଁ, ଚଟିଙ୍କୁ ସୁନ୍ଦର ପିତଳ ଖଡ଼ୁ ବାହୁ ।

୪୫ । ଦାଳୁଅ ଲାଗି କାନଶିର ପାଣି ପାଇବା । (ଖରାଦିନେ ଦାଳୁଅ ଧାନକୁ ବଞ୍ଚାଇବା ଉଦ୍ଦେଶ୍ୟରେ କିଆରିରେ ପାଣି ମଡ଼ାଇବାବେଳେ ସେ କିଆରିରେ ଥିବା କାନଶିର ଶାଗ ପାଣି ପାଇ ବଞ୍ଚିବାପରି କୌଣସି ପ୍ରଧାନ ବ୍ୟକ୍ତିଙ୍କର ଆଶ୍ରୟ ବା ସାହଚର୍ଯ୍ୟ ହେତୁ ଜଣେ କ୍ଷୁଦ୍ର ବା ସାମାନ୍ୟ ବ୍ୟକ୍ତିର ଦୁଃଖ ଯିବା ।)

୪୬ । ଦେଶୁଆ ଲୋକ ସହରରେ ଚୋର । (ମଫସଲୀ ଲୋକ ସହର ଦେଖି ଭୟ କରେ ।)

୪୭ । ଧରି ବାନ୍ଧି ମାରେ ଯେ, ଗାଁ ସାଆନ୍ତ ଅଟେ ସେ ।

୪୮ । ନଈ କୂଳ, ଗଛ ମୂଳ; ଏ ସଦାକାଳେ ଭଲ ।

୪୯ । ନ ଦେଖିଲା ଗାଁକୁ ବାଟ କିଏ ? (ବାଟ ପଚାରି ପଚାରି ଯିବା ।)

୫୦ । ପାଞ୍ଚ ମାଇଲେ ମରି, ରଜା ମାଇଲେ ମରି । (ରଜାଙ୍କ ପରି ପଞ୍ଚ ବା ଗ୍ରାମ-ପଞ୍ଚାୟତର ଦଣ୍ଡ ଦେବାର ଶକ୍ତି ଅଛି ।)

୫୧ । ପୁଷ ମାସରେ ବାଉରାଣୀ ହାତରେ ପିଠା । (ପୌଷ ମାସରେ ଧାନ ଅମଳ ହେବାରୁ ଅତି ଦରିଦ୍ର ଲୋକେ ମଧ୍ୟ ସୁଖରେ କାଳଯାପନ କରନ୍ତି ।)

Digitized by srujanika@gmail.com

୫୨ । ପୁଷ୍ପ, ଗୋଡ ପୋଷ । (ପୁଷ୍ପ ମାସରେ ମୂଲଆମାନେ ଧାନ କାଟି ବହୁତ ପଇସା ଘେନଯାନ୍ତି ।)

୫୩ । ବଣ ଗାଁରେ ବିଲୁଆ ରଜା । (ଅତି ସାମାନ୍ୟ ବ୍ୟକ୍ତି ଯେଉଁଠାରେ ନିଜର ପ୍ରତିପତ୍ତି ଦେଖାଏ ।)

୫୪ । ବଣ ଦାଆଁକୁ ପଡର ସଉତୁଣୀ (ଦେଢ଼ଶାଶୁ) ବୁଝାଏ ।

୫୫ । ବଣ ମାଳତୀ ବଣରେ ଫୁଟି ଝଡ଼ିବା । (ପ୍ରତିଭାବାନ୍ ବ୍ୟକ୍ତିର ପ୍ରତିଭା ଲୋକରେ ପ୍ରକାଶ ନ ପାଇବା ।)

୫୬ । ବଧିର ଗାଁରେ ପୁରାଣ ସଭା ବସାଇବା । (ହାସ୍ୟାସ୍ପଦ କଥା ।)

୫୭ । ବନ-ଦୁରୁଗାଙ୍କୁ ବନମାଳତୀ, ଧୂପ ନାହିଁ, ଦୀପ ନାହିଁ, ଗୁଡ଼ା ଆଳତି । (ଲୋକର ଅବସ୍ଥା ଦେଖି ତଦନୁଯାୟୀ ଚର୍ଚ୍ଚା କରିବା ।)

୫୮ । ବନ୍ଧୁ ପରଗୁଣ ଅଧବାଟରୁ, ଗାଁ ପରଗୁଣ ଧୋବାତୁଠରୁ । (ଗ୍ରାମର ପରିଷ୍କାର-ପରିଚ୍ଛନ୍ନତା ଧୋବାତୁଠରୁ ଜଣାପଡ଼ିବା ପରି ବନ୍ଧୁଚର୍ଚ୍ଚାରୁ ବନ୍ଧୁତାର ପରୀକ୍ଷା ହୋଇଥାଏ ।)

୫୯ । ବାଟରେ ଦେଖିଲି କମାର, ଫାଳ ପଜେଇ ଦେ ଆମର । (କୌଣସି ବ୍ୟକ୍ତିକୁ ବାଟରେ ଦେଖି କାର୍ଯ୍ୟସାଧନ ପାଇଁ ଅଯଥା ଅନୁରୋଧ କରିବା ।)

୬୦ । ବାଟ ଯେବେ ଭୁଲି ବସିବ ଶଗଡ଼ ସର ଦଣ୍ଡା,
ପିଠା ଯେବେ କରି ବସିବ ନାଳି ନଡ଼ିଆ ମଣ୍ଡା,
କଳି ଯେବେ କରି ବସିବ ଦୁରୁଯୋଗ ଭେଣ୍ଡା ।

୬୧ । ବାପ ପୁଅ ଦୁହେଁ ରାତି ଅନିଦ୍ରା, ଏଣେ ମୁଗୁରା ଗାଣ୍ଡି ମେଲା । (ଅସାବଧାନତା ହେତୁ ଶ୍ରମ ପଣ୍ଡ ହେବା ।)

ଘର-ସଂସାର

୧ । ଅଇରି ଖପରା ବଇରି ବାଆ । (ଘୋର ଦରିଦ୍ରତାର ଚିହ୍ନ ।)

୨ । ଅଜାଗା ଘା ଦେଖି ହୁଏ ନାହିଁ କି ଦେଖେଇ ହୁଏ ନାହିଁ । (କୌଣସି କଳଙ୍କମୟ, ଲଜ୍ଜାଜନକ ଅଥଚ ଅପ୍ରକାଶ୍ୟ ଘଟନା ବା ବିଷୟ ପ୍ରତି ପ୍ରଯୋଜ୍ୟ ଉପଲକ୍ଷ୍ୟ ବଚନ ।)

୩ । ଅଣ୍ଟା ଭଙ୍ଗା ହୋଇ ଯେବଣ ଦାରୁ, ପୁଇଁ ହୋଇ କରି ଯେଉଁ କଖାରୁ, ଅଣ୍ଟାରେ ବାନ୍ଧୁ,—କହେ ଦନାଇ ଏ ଉନହେଁ ମାରୁ ।

Digitized by srujanika@gmail.com

୪। ଅଣ୍ଟି ଛୁରୀ ତଣ୍ଟି କାଟେ / ଅଣ୍ଟା ଛୁରୀ କମର କାଟେ । (ଆତ୍ମୀୟ ଅଥବା ସ୍ୱପକ୍ଷୀୟ ବ୍ୟକ୍ତିର ବିଶ୍ୱାସଘାତକତା ଆଚରଣ ।)

୫। ଅପା ଘରକୁ ଗଲି କପା କିଣି, ମୂଲରୁ କରି ହାନି ମେଞ୍ଚେ ପକାଇଦେଲି । (ଆତ୍ମୀୟ ବ୍ୟକ୍ତିଠାରୁ ସଉଦା କିଣିଲେ ସେମାନେ ମୂଲରୁ ହାନି କରି ଅଧିକ ଦେଇଛନ୍ତି ବୋଲି କହନ୍ତି—ବ୍ୟଙ୍ଗୋକ୍ତି)

୬। ଅଭିଆଣରେ ଭିଆଣ ଦେଖ, ପେଜପିଆ ଠେଇଁ ବାଜୁଛି ଶଙ୍ଖ । (ହାସ୍ୟାସ୍ପଦ କଥା ।)

୭। ଅମାନିଆଁ ପୁଅ ବଣରେ ପଶେ, ମାନିଆଁ ପୁଅ କୋଳରେ ବସେ ।

୮। ଅଲଣାରେ ସୁଆଦ କି ? ପରଠାରେ ମାନ କି ? (ନିରର୍ଥକ)

୯। ଅଳଙ୍କାର ଭିତରେ ନିମକାଠି । (ଯେଉଁଠି ନିମକାଠି ଏକମାତ୍ର ଅଳଙ୍କାର—ଘୋର ଦାରିଦ୍ର୍ୟ ଅବସ୍ଥା ।)

୧୦। ଅଳପ ଦୁହିଁଲେ ଗୋସେଇଁ ରୁଷେ, ବହୁତ ଦୁହିଁଲେ ବାଛୁରୀ ରୁଷେ, ପର ଗାଈ ଦୁହାଁ ମୋତେ ନ ଆସେ । (ଉଭୟ ପକ୍ଷର ସନ୍ତୋଷବିଧାନ କରି କାର୍ଯ୍ୟ କରିବା ଅତ୍ୟନ୍ତ କଠିନ ।)

୧୧। ଆଁ କଲେ ବତିଶ ଦାନ୍ତ ଦିଶେ । (ଆଁ କଲେ ପାଟିର ଗୁମର ପଦାରେ ପଡ଼ିବା ପରି କୌଣସି ଘଟଣାରୁ ପରିବାରର ଗୁମର ପଦାରେ ପଡ଼ିବା ।)

୧୨। ଆଖି ବୁଜିଲେ କୁଆଙ୍କର ରାଇଜ । (ନିଜର ବିଷୟ-ସମ୍ପତ୍ତି ପ୍ରତି ଦୃଷ୍ଟି ନ ଦେଲେ ତାହା ବାର ଲୋକେ ଖାଇଯାନ୍ତି ।)

୧୩। ଆଜ ଖାଉଁ, କାଲି ପଳାଇ ଯାଉଁ, କୁଡ଼ୋ (କୋଡୁଅ) ପୁଆଲେ ଜୁଇ ଲଗାଇ ଦେଉଁ । (ଦରିଦ୍ର ଯାଯାବର ଜୀବନ ସମ୍ବନ୍ଧରେ ଉକ୍ତି ।)

୧୪। ଆଦର ନଥାଇ ଯେଉଁ ଭୋଜନ, ଲବଣ ନ ଥାଇ ଯେଉଁ ତିଅଣ, ଗାମୁଛା ନଥାଇ ଯେଉଁ ସ୍ନାହାନ, ସଖୀ ଗୋ—ମନ୍ଦ ଏ ।

୧୫। ଆଦରେ ଭୋଜନ କି କରେ ବ୍ୟଞ୍ଜନ ? (ଆଦର ଥିଲେ ବିନା ତରକାରିରେ ମଧ୍ୟ ଆହାର ତୃପ୍ତିପ୍ରଦ ହୁଏ ।)

୧୬। ଆପ କଥା, ଲୋକ ବ୍ୟଥା । (ମନୁଷ୍ୟଭାବେ ଯେ ସଂସାରଯାକ ଲୋକ ତା'ରି କଥା ଭାବୁଛନ୍ତି ।)

୧୭। ଆପ କାର୍ଯ୍ୟ ତାତ୍ପର୍ଯ୍ୟ, ପରକାର୍ଯ୍ୟ ହେବାଗେବା । (ବ୍ୟଙ୍ଗ-ଶ୍ଳୋକ । ଲୋକେ ନିଜ କାର୍ଯ୍ୟ ପ୍ରତି ଯେପରି ଦୃଷ୍ଟି ଦିଅନ୍ତି, ପର କାର୍ଯ୍ୟ ପ୍ରତି ସେପରି ଦୃଷ୍ଟି ଦିଅନ୍ତି ନାହିଁ ।)

୧୮। ଆପଣା ଘରେ କୁକୁର ରଜା । (ନିଜ ଘରେ ନିଜେ ରଜା ହେବା ।)

୧୯। ଆପଣା ବୁଦ୍ଧିରେ ଠାକୁର, ପର ବୁଦ୍ଧିରେ କୁକୁର ।

Digitized by srujanika@gmail.com

୨୦ । ଆପଣା ସେରକ ଯେ ପରକୁ ଦଏ ତା ମୁଣ୍ଡଟା ପୋଡ଼ୁ ।
(ନିଜର ଅଧିକାର ପରକୁ ଦେବା ଅତ୍ୟନ୍ତ ନିନ୍ଦନୀୟ ।)

୨୧ । ଆପଣା ନାକ କାଟି ପରର ଯାତ୍ରାଭଙ୍ଗ । (ପରର ସାମାନ୍ୟ ଅନିଷ୍ଟ କରିବାକୁ ଇଚ୍ଛା କରି ନିଜର ଘୋର କ୍ଷତି ଘଟାଇବା ।)

୨୨ । ଆପଣା ସୁନା ତ ଭେଣ୍ଡି, ପର ସଙ୍ଗେ କିଆଁ ବାଳ ଧରାଧରି ? (ନିଜର ପୁତ୍ରକନ୍ୟା ବା ଅନ୍ୟ ଆତ୍ମୀୟ ବ୍ୟକ୍ତିର ଅଯୋଗ୍ୟତା ହେତୁ କୌଣସି ବିବାଦ ଉପୁଜିଲେ ବୃଥାରେ ଅନ୍ୟ ସଙ୍ଗେ ଝଗଡ଼ା କରି ଲାଭ ନାହିଁ ।)

୨୩ । ଆପଣା ଗୋଦର ଗୋଡ଼ ଦୁଆରେ ଗଳୁ ନାହିଁ, ପର ଘରେ ବାଡ-ଚକଲା କରୁଛି । (ବହୁ ଦୋଷଯୁକ୍ତ ବ୍ୟକ୍ତି ଅପର ବ୍ୟକ୍ତିର ଦୋଷ କ୍ଷାଳନ ପାଇଁ ଉପଦେଶ ଦେବା ।)

୨୪ । ଆପେ ଆଖି ବୁଜିଲେ ସଂସାର ଅନ୍ଧାର । (ମୃତ ବ୍ୟକ୍ତି ପକ୍ଷରେ ସଂସାର ନିରର୍ଥକ ।)

୨୫ । ଆପେ ଭଲ ତ ଦୁନିଆ ଭଲ ।

୨୬ । ଆପେ ମଲେ ସ୍ୱର୍ଗ ଯାଏ, ପର ମଲେ ବୁଡ଼ିଯାଏ ।

୨୭ । ଆପେ ମଲେ ଯୁଗବୁଡ଼, ପର ମଲେ ପାଣି ବୁଡ଼ ।

୨୮ । ଆପେ ମଲେ ଯୁଗଯାଏ, ପର ମଲେ କାନ୍ଦୁଥାଏ ।

୨୯ । ଆସ୍ ଯା ନ କଲେ ବନ୍ଧୁ ପର ।

୩୦ । ଉଦୟବେଳେ ଅସ୍ତ ନାହିଁ କି ଅସ୍ତବେଳେ ଉଦୟ ନାହିଁ । (ସମୃଦ୍ଧିବେଳେ ପତନ ଓ ପତନବେଳେ ସମୃଦ୍ଧିର ଅଭାବ ।)

୩୧ । ଏକ ପୁଅର ଆଶ, ନଈକୂଳରେ ବାସ । (ନଈକୂଳିଆ ବାସ ପରି ଗୋଟିଏ ପୁଅଦ୍ୱାରା ବଂଶରକ୍ଷା ଅନିଶ୍ଚିତ ।)

୩୨ । ଏକେ ଶ୍ରୀଘର ତ ଏକେ ହତଶ୍ରୀଘର । (ମନୁଷ୍ୟମାନଙ୍କ ମଧ୍ୟରୁ ଜଣକର ସୁପୁଣ୍ୟ ହେତୁ ଗୃହର ଶ୍ରୀ ବଢ଼ିଲାବେଳକୁ ଆଉ ଜଣକର ମନ୍ଦଗୁଣ ହେତୁ ଗୃହର ଶ୍ରୀ ତୁଟିବାର ଦେଖାଯାଏ ।)

୩୩ । ଏ ବର୍ଷର ମଲୁ ଆର ବର୍ଷକୁ ବଇଦ । (ଅନୁଭୂତିରୁ ଅଭିଜ୍ଞତା ଅର୍ଜନ କରିବା ।)

୩୪ । ଏନ୍ତା ଲୋକ କେନ୍ତା, ଖଲଖିଆ ଲୋକ ଆଲଥିଁ ଖାଏଲେଁ ଲୋକ ଚନ୍ହି ସେ କେନ୍ତା । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ପ୍ରବଚନ । ଲୋକର ଆର୍ଥିକ ଅବସ୍ଥାରେ ଉନ୍ନତି ହେଲେ ସେ ମଣିଷ ଚିହ୍ନେ ନାହିଁ ।)

୩୫ । ଏମିତି ଗଲାଣି କାଲିକ, କାଛ ନେଇଗଲା ଫାଲିକ । (ଏକ ଅବସ୍ଥାରେ ଜୀବନର ଦୀର୍ଘକାଳ ଅତୀତ ହେବା ।)

୩୬ । ଉପୁରି ଲାଭରେ ନ ପୂରେ ପେଟ, ଯେଉଁ ନିଅଣ୍ଟକୁ ସେହି ନିଅଣ୍ଟ । (ଉତ୍କୋଚ ନେଇ କେହି ନିଜର ଅଭାବ ମେଣ୍ଟାଇ ପାରେନାହିଁ ।)

Digitized by srujanika@gmail.com

୩୭ । କଟକ ଭଣ୍ଡାଣ ଦେଶକୁ ରଜା । (କଟକ ବା ସେହିପରି କୌଣସି ବଡ଼ ସହରର ସାମାନ୍ୟ ଭୃତ୍ୟର ଗୃହଚାକଚକ୍ୟ ଓ ଠାଣିମାଣି ଦେଖି ମଫସଲ ଗାଁର ଲୋକେ ତାକୁ ପ୍ରଭୁ ଭଳି ଭୟ ଓ ସମ୍ମାନ ପ୍ରଦର୍ଶନ କରନ୍ତି ।)

୩୮ । କଟକ ଧୋବଣୀ ଦେଶରେ ରାଣୀ । (ରାଣୀପରି ବେଶଭୂଷାଯୁକ୍ତା)

୩୯ । କର୍ପୂର ଉଡ଼ିଗଲାଣି, କନାଟା ପଡ଼ିରହିଛି ।
(ଅସଲ ପଦାର୍ଥ ଚାଲିଗଲାଣି, କେବଳ ନାମମାତ୍ର ବାକି ରହିଛି ।)

୪୦ । କରତର ଘା' ସହେ ଯେ, ଖଣ୍ଡ ଖଣ୍ଡ ମୁଣ୍ଡା ମୁଣ୍ଡା ଖାଏ ସେ । (ଦୁଃଖ ସହିଥିବା ଲୋକ ପରେ ସୁଖଭୋଗ କରେ ।)

୪୧ । କରମରେ ଥାଇ ଯାହାର ଦଶା, ସେ କିପାଁ କରିଇ ପରକୁ ଆଶା;
ପରସ୍ତ୍ରିରେ ଯେବେ ହରଇ ପୁଂସା, କହିହ ଦନାଇ ଏ ପାପ ଦୁର୍ଦ୍ଦଶା ।

୪୨ । କଲମ ଶାଗକୁ ଘିଅ ପରଜା । (ସାମାନ୍ୟ କାର୍ଯ୍ୟ ନିମନ୍ତେ ବିଶେଷ ଆଡ଼ମ୍ବର ।)

୪୩ । କଳା କୁଡ଼ିଆ ନୁହେଁ ଯେ କଳଙ୍କ କୁଡ଼ିଆ । (ପରିବାରରେ କିଛି ନା କିଛି କଳଙ୍କ ଥାଏ ।)

୪୪ । କଷ୍ଟ କଲେ କୃଷ୍ଣ ମିଳେ । (ଇଷ୍ଟ ସିଦ୍ଧିପାଇଁ ଉଦ୍ୟମ ଆବଶ୍ୟକ ।)

୪୫ । କହିଲେ କୁଳ-କୁଟୁମ୍ବକୁ ଲାଜ; ନ କହିଲେ କୁଳ ଭାସିଯାଉଛି । (ପରିବାରର ହିତ ଦୃଷ୍ଟିରୁ କୌଣସି ଲଜ୍ଜାଜନକ ଘଟନା ବା ବିଷୟ ପ୍ରକାଶ କରିବାକୁ ବାଧ ହେବା ।)

୪୬ । କହିବ ନାହିଁ, କହିଲେ ଏ ଘରେ ରହିବ ନାହିଁ । (ଅପ୍ରକାଶ୍ୟ ଲଜ୍ଜାଜନକ ବିଷୟ ପ୍ରତି ଉପଲକ୍ଷ୍ୟ ବଚନ ।)

୪୭ । କାଉ ବସାରେ ଢମଣା । (ଶାନ୍ତିପ୍ରିୟ ବ୍ୟକ୍ତି ଘରେ ଗୋଳମାଳ କରିବା ।)

୪୮ । କାକୁ ଗାଣ୍ଡିକି ତେଲ ମିଳୁନି, କପିଳାସରେ ଜାଗର ଜାଳୁଛି । (ଅତ୍ୟାବଶ୍ୟକ ଆବଶ୍ୟକତା ମେଣ୍ଟାଇବା ପାଇଁ ଯାହାର ସମ୍ବଳ ନାହିଁ, ସେ ବିଳାସବ୍ୟସନରେ ଅର୍ଥ ବ୍ୟୟ କରିବା ଅସମ୍ଭବ ।)

୪୯ । କାଦୁଅରେ ପଶିବ କାହିଁକି, ଗୋଡ଼ ଧୋଇବ କାହିଁକି ? (ଗୋଳମାଳ ବା ଅଡ଼ୁଆ ଭିତରକୁ ପଶିଲେ ସେଥିରୁ ମୁକ୍ତ ହେବାପାଇଁ ତଦନୁଯାୟୀ ଶ୍ରମ କରିବାକୁ ହେବ ।)

୫୦ । କାନ୍ଧରେ ପଡ଼ିଲେ ବଜାଇ ଶିଖନ୍ତି । (ଆପଣା ଉପରେ କୌଣସି ଦାୟିତ୍ୱ ପଡ଼ିଲେ ଲୋକେ ଅଭିଜ୍ଞତା ଅର୍ଜନ କରନ୍ତି ।)

୫୧ । କାନ୍ଧରେ ଯୁଆଳି ପଡ଼ିବା । (ସଂସାରର ଭାର ବହନ କରିବାର ଦାୟିତ୍ୱ ପଡ଼ିବା ।)

୫୨ । କୁଣିଆକୁ କିଆଁ କାନ୍ଥ ଭାର ! (ସମ୍ପର୍କଶୂନ୍ୟ ଅଥବା ସାମୟିକ ଉପସ୍ଥିତ ବ୍ୟକ୍ତିକୁ ଅନ୍ୟ ବ୍ୟକ୍ତିର ସଂସାରଚିନ୍ତା ଲାଗିବା ।)

୫୩ । କୁଣିଆ ଫେରିଲେ ଘର ଉଶ୍ୱାସ ।

Digitized by srujanika@gmail.com

୫୪ । କୃପଣର ମୁହେଁ ଯାଉଛେ, ସୁଜ ମୁହଁକୁ ଗ୍ରାସକୁଛେ । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ପ୍ରବଚନ । ଅନ୍ୟ ବାଟରେ ବହୁ ଅର୍ଥ ଅପବ୍ୟୟ ହେଉଥିବାବେଳେ ସାମାନ୍ୟ କଥାରେ କୃପଣତା ପ୍ରକାଶ କରିବା ।)

୫୫ । କୁଳକ ଗୁଡ଼ଳ କୁକୁରକୁ ଦେଇ ଖୁଦ ମୁଠାକୁ ଆଶ । (ନିଜର ବିପୁଳ ସମ୍ପଦ ଅନ୍ୟମାନେ ଖାଇଯାଉଥିବାବେଳେ ସେଥିପ୍ରତି ଦୃଷ୍ଟି ନ ଦେଇ ସାମାନ୍ୟ ବସ୍ତୁ ପ୍ରତି ଆଶା ପୋଷଣ କରିବା ।)

୫୬ । କେଉଁ କଥାକୁ, ନାଆ ପେଲିଦେଲି କଳିକତାକୁ । (ସାମାନ୍ୟ କଥାରେ ଘର ଗୁଡ଼ି ପଳାଇବା ବ୍ୟଙ୍ଗୋକ୍ତି ।)

୫୭ । କେଉଁ ବାଡ଼ାଘରକୁ ଦୁଇଗୋଡ଼ରେ ଅଳତା ? (ଅତି ସାମାନ୍ୟ କାର୍ଯ୍ୟ ବା ଘଟଣା ଉପଲକ୍ଷେ ବିରାଟ ଆୟୋଜନ କରିଗଲେ ଏହା କୁହାଯାଏ ।)

୫୮ । ଖଳି ତଳ ଦନା, କଂସା ତଳ ଗିନା ।

୫୯ । ଖାଉନ୍ଦକୁ ଆଗ୍ରାକର ଭଣ୍ଡାରକୁ ଜୁହାର ।

୬୦ । ଖୁଣ୍ଟ ଗୁଣେ ଘୋଡ଼ା କୁଦେ । (ପ୍ରଭୁ ବା ସ୍ୱାମୀର ହେମନ୍ତରେ ଭୃତ୍ୟ ବା ସ୍ତ୍ରୀ ବାହାରେ ବାଡ଼େଇ ଦେଖେଇ ହୁଅନ୍ତି ।)

୬୧ । ଗରଜ ପଡ଼ିଲେ ଗଧ ପାଦ ଧରିବାକୁ ହୁଏ । (ଅକାଳରେ ପଡ଼ିଲେ ବିଦ୍ୱାନ୍ ଉଚ୍ଚ ପଦସ୍ଥ ବ୍ୟକ୍ତି ମଧ୍ୟ ଇତର ବ୍ୟକ୍ତିର ଶରଣାପନ୍ନ ହୁଅନ୍ତି ।)

୬୨ । ଗୋଟି ଗୋଟି କରି କୋଟିଏ ହୁଏ ।

୬୩ । ଗୋସେଇଁ ନ ଥିଲେ ଘର ଚକର । (ଗୃହ ବା ଅନୁଷ୍ଠାନର ମୁରବି ନ ଥିଲେ ଭୃତ୍ୟଗଣ ତାହାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ନାନା ବିଶୃଙ୍ଖଳା ସୃଷ୍ଟି କରନ୍ତି ।)

୬୪ । ଘର ଚିଙ୍କି କମ୍ବୀର । (ଆତ୍ମୀୟ ଲୋକେ ବିଶ୍ୱାସଘାତକ ଆଚରଣ କରିବା ।)

୬୫ । ଘର ନିଆଁ ଅଣ୍ଟିରେ ପୂରେଇବା । (ନିଜ ଘରର ଦୋଷଦୁର୍ବଳତାକୁ ଘୋଡ଼େଇବା ପାଇଁ ବୃଥା ଚେଷ୍ଟା କରିବା ।)

୬୬ । ଘରପୋଡ଼ଠାରୁ ବିପତ୍ତି ନାହିଁ, ଘୋଡ଼ାଚଢ଼ାଠାରୁ ସମ୍ପତ୍ତି ନାହିଁ ।

୬୭ । ଘରପୋଡ଼ରୁ କୁଟା ଖିଏ ମିଳିଲେ ସିଦ୍ଧ । (ସର୍ବସ୍ୱ ନଷ୍ଟ ହୋଇଯାଉଥିବାବେଳେ ଯତ୍କିଞ୍ଚିତ୍ ମିଳିଲେ ମଧ୍ୟ ତାହା ଶ୍ରେୟସ୍କର ।)

୬୮ । ଘର ବୁଡ଼ି ପାଣି ଆଣ୍ଠୁଏ ହେଲଣି, କଣା କହୁଚ ମେଘ ଦୁଲୁକୁଛି ।

୬୯ । ଘର ବୁଡ଼ି ପାଣି ଆଣ୍ଠୁଏ ହେଲଣି, ପୁଅ ଲିଅଖିଆପଣ ଗୁଡ଼ି ନାହିଁ । (ଆସନ୍ନ ବିପଦ ପ୍ରତି ସଚେତନ ନ ଥିବା ବ୍ୟକ୍ତି ପ୍ରତି ଆକ୍ଷେପୋକ୍ତି ।)

୭୦ । ଘର ଗଉଣି ମା ବାପ । (ଆପଣା ଘରେ ସଞ୍ଚିତ ଧାନ ପିତାମାତା ପରି ବଞ୍ଚାଏ ।)

Digitized by srujanika@gmail.com

୬୧ । ଘରକଥା ଘୋର । (ଘର କରିଥିଲେ ନାନା ଜଞ୍ଜାଳ ଓ ବହୁ ଦୁଃଖକଷ୍ଟ ସହିବାକୁ ପଡ଼େ ।

୬୨ । ଘର ଭଣଭଣ (ଭନ୍ ଭନ୍) ବାହାରେ ଫେଁାଟି । (ଘର ଭିତର ଅଳିଆରେ ପୂର୍ଣ୍ଣ ଅଥଚ ବାହାରେ ଫେଁାଟି ପଡ଼ୁଛି ।)

୬୩ । ଘର ପରଗୁଣେ ବିଳେଇ ଦାଣ୍ଡି, ଶୁଅନ୍ତି ଢେଁକି ଚଢ଼ିଲା ପାଣି । (ଲୁଗାପଟା ଆଦି ଖଣ୍ଡରେ ଦିଆହୋଇଥିବାବେଳେ ସେଥିରେ ବିଲେଇମାନେ ଶୁଅନ୍ତି ।)

୬୪ । ଘର ତୋଳାଇବାକୁ ବହୁତ କାଳ, ଭାଙ୍ଗିବାକୁ ଦଣ୍ଡେ ବେଳ । (ଅନୁଷ୍ଠାନ ଗଢ଼ିବା ଅପେକ୍ଷା ଭାଙ୍ଗିବା ଖୁବ୍ ସହଜ ।)

୬୫ । ଘରପୋଡ଼ିବେଳେ କୂଅ ଖୋଳା । (ହାସ୍ୟାସ୍ପଦ କଥା)

୬୬ । ଘର ଭାଙ୍ଗିଲେ ଦିନ ଦି'ପହରେ କାଠ ।

୬୭ । ଘରକରଣା ବୁଝି ଯାହାକୁ ଆସେ, ଗାଣ୍ଡିରୁ ମୁଣ୍ଡରୁ ଲୁଗା ଟେକିଦେଇ ବସେ । (ମିତବ୍ୟୟୀ ବ୍ୟକ୍ତି ।)

୬୮ । ଘରୁ ଖାଇ ଘୋଡ଼ା ଆଗରେ ଦୌଡ଼ିବା / ଘରୁ ଖାଇ ବଣିଜ ଶିଖିବା । (ବିନା ପାରିଶ୍ରମିକରେ ଅନ୍ୟର କାର୍ଯ୍ୟ କରିବା ।)

୬୯ । ଘରେ ନ ପଶୁଣୁ ଚାଲ ବାଜିବା । (କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଘ୍ନ ଜାତ ହେବା ।)

୮୦ । ଘରେ ନାହିଁ ଲେମ୍ବୁଲୁଣ, ଦାଣ୍ଡରେ ଦେଖ ଘିଅରପଣ (ସଭାରେ ବଖାଣେ ଛନ ଛଉଣ) । (ବୃଥା ବାହ୍ୟ ଆଡ଼ମ୍ବର ।)

୮୧ । ଘରେ ନାହିଁ ନ ଛରନ୍ ଉମ୍ପ, ପିନ୍ଧ ବୋଲୁଛେ ମେଞ୍ଚେ (ମାଞ୍ଜିଆ)ବସ୍ତ୍ର । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ପ୍ରବଚନ— ବୃଥା ଅଭିଳାଷ ପୋଷଣ ।)

୮୨ । ଘରେ ଘରେ ଠାକୁରବାଡ଼ି । (କୌଣସି ବିଷୟ, ଅନୁଷ୍ଠାନ ବା ପରମ୍ପରା ସର୍ବ-ସାଧାରଣ ଭାବରେ ନ ଥାଇ ସ୍ୱତନ୍ତ୍ର ଭାବରେ ପ୍ରତ୍ୟେକ ଗୃହରେ ଥିଲେ ଏହି ଉଦାହରଣ ଦିଆଯାଏ ।)

୮୩ । ଘାଇମୁହଁରେ ଯାଉଛି, ବାଳିକଣାକୁ ବୁଜୁଛି । (ଅନ୍ୟ ଦିଗରେ ଧନର ବିପୁଳ ଅପଚୟ ହେଉଥିବାବେଳେ ସାମାନ୍ୟ କଥାରେ କୃପଣତା ପ୍ରକାଶ କରିବା ।)

୮୪ । ଚନ୍ଦ୍ରିଲ କଣାରେ ଘର, ଯାହାକୁ ଯେତେ ଦେଲେ ଆଖିକୁ ନ ଦିଶେ ସୁନ୍ଦର । (ଗ୍ରାମରେ କଣିଖିଆ ଲୋକ ସମ୍ମାନ ପାଏ ନାହିଁ ।)

୮୫ । ଚାଉଳ ସେରକ କୁକୁରକୁ ଦେଇ ଧାନ ସେରକ ପାଇଁ ପରହାତ ଧରିବା । (ନିଜର ସମ୍ପଦ ବାରଭୂତ ଖାଇଯାଉଥିବାବେଳେ ନିଜେ ଅନ୍ୟଠାରେ ହାତ ପତାଇବା ।)

୮୬ । ଚୋରକୁ ମାନ କରି ଖପରରେ ଖାଇବା । (ଚୋର ବାସନ ନେଇଗଲା ବୋଲି ଅଭିମାନ କରି ଖପରରେ ଖାଇବା ଭଳି ନିର୍ବୋଧତା ।)

Digitized by srujanika@gmail.com

୮୭ । ଜୋର୍ ଯାର ମୁଲକ ତାର ! (ବଳବାନ୍ ବ୍ୟକ୍ତି ସର୍ବଦା ବିଜୟୀ ହୁଏ ।)

୮୮ । ଠାଆରୁ ନ ଉଠେ ବର, ତାକୁ ଧରିଧାରି ବାହାକର । (ଅସମର୍ଥ ଲୋକଦ୍ୱାରା ଜବରଦସ୍ତି କରି କୌଣସି କାର୍ଯ୍ୟ କରାଇବା ।)

୮୯ । ଠା ଜାଣି ବସି, ଠା ଜାଣି ବସି । (ଅବସ୍ଥା ଦେଖି ବ୍ୟବସ୍ଥା କରିବା ।)

୯୦ । ଡରୁ ଯେବେ କରୁ କାହିଁକି ? କରୁ ଯେବେ ଡରୁ କାହିଁକି ?

୯୧ । ଡରିବା ଲୋକ କରେ ନାହିଁ, କରିବା ଲୋକ ଡରେ ନାହିଁ ।

୯୨ । ଡେଙ୍ଗା ମୁଣ୍ଡରେ ଠେଙ୍ଗା । (ପରିବାରର ନେତୃସ୍ଥାନୀୟ ବ୍ୟକ୍ତିକୁ ସବୁ ଦାୟିତ୍ୱ ତୁଲାଇବାକୁ ପଡ଼େ ।)

୯୩ । ଢାଉଁ ଢାଉଁ ଢାଉଁ ବାଜଇ ଢୋଲ, ବାହାରେ ଚକ୍‌ମକ୍ ଭିତରେ ପୋଲ ।

୯୪ । ଢିଙ୍କି ଉଖୁଣ୍ଡିରେ ମୁଣ୍ଡ ଦେଇ ପାହୁରାଣୀକୁ ଡର । (ଜାଣିଶୁଣି ବିପଦ ବରଣ କରି ତଜ୍ଜନିତ ଫଳାଫଳକୁ ଭୟ କରିବା ।)

୯୫ । ଢୋକେ ପିଇ ଦଣ୍ଡେ ଜିଇ । (ଅସ୍ଥାୟୀ ପ୍ରତିକାର ଅବଲମ୍ବନ ଉପରେ ନିର୍ଭର କରି ଚଳିବା ।)

୯୬ । ଢୋଲ କାନ୍ଧରେ ପଡ଼ିଲେ ଆପେ ବଜାଇ ଶିଖନ୍ତି । (ନିଜ ଉପରେ ଦାୟିତ୍ୱ ପଡ଼ିଲେ ତାହା ବହନ କରିବାର ବାଟ ଆପେ ଦିଶିଯାଏ ।)

୯୭ । ନାଁ ତନ୍ତୀକୁଳର ହେଲି ନାଁ ବୈଷ୍ଣବକୁଳର ହେଲି । (ଯେ କେଉଁ କୁଳର ହୁଏ ନାହିଁ ।)

୯୮ । ତରକିଲା କୁଆ ଶହେ ବର୍ଷ ଜିଏଁ । (ସାବଧାନ ହେଲେ ସହଜରେ ବିପଦ ପଡ଼େନାହିଁ ।)

୯୯ । ତମ୍ବୁ କୁଟିଲେ କି ଚାଉଳ ମିଳିବ ? (ଉପଯୁକ୍ତ ପନ୍ଥା ନିର୍ଣ୍ଣୟ କରି ନ ପାରିଲେ କାର୍ଯ୍ୟସିଦ୍ଧି ଅସମ୍ଭବ ।)

୧୦୦ । ତିନି ତୁଣ୍ଡରେ ଛେଳି କୁକୁର । (ଏକାଧିକ ବ୍ୟକ୍ତି ସତ୍ୟକୁ ମିଥ୍ୟା, ଭଲକୁ ମନ୍ଦ ବୋଲି କହିଲେ ସଂସାର ଲୋକେ ତାହାକୁ ମିଥ୍ୟା ବା ମନ୍ଦ ବୋଲି ଗ୍ରହଣ କରନ୍ତି ।)

୧୦୧ । ଥିଲାବେଳେ ଚରିକନା ହଜିଲେ ମାଠ । (କୌଣସି ବସ୍ତୁ ହରାଇବା ପରେ ଲୋକେ ତାହାକୁ ଅଧିକ ମୂଲ୍ୟବାନ ମନେକରି ଝୁରନ୍ତି ।)

୧୦୨ । ଦଦରା ଡଙ୍ଗା, ମଝି ନଈରେ ଦେବ ଦଗା । (ଯାହା ମନୁଷ୍ୟକୁ ଅତର୍କିତ ଭାବରେ ବିପଦ ଭିତରକୁ ଠେଲିଦିଏ ।)

୧୦୩ । ଦାଣ୍ଡରୁ ଆସି ହାଣ୍ଡିରେ ପଡ଼ିବା । (ଦିନ ମଜୁରି ଉପରେ ନିର୍ଭର କରି ଚଳିବା ।)

୧୦୪ । ଦାସେ ଯାଉଥିଲେ ଫାଣ୍ଡିକି, ଗୋଳ ଆଣିଥିଲେ ଗାଣ୍ଡିକି । (ନିଜ ଉପରକୁ ବିପଦ ବରଣ କରି ଆଣିବା ।)

Digitized by srujanika@gmail.com

୧୦୫। ଦୁଇ ଘର କୁଣିଆ ଉପାସ ରହେ ।
୧୦୬। ନ' ଦାନା ଛ' ଖଣ୍ଡା । (ଅତି ଦରିଦ୍ର ଅବସ୍ଥା ।)
୧୦୭। ନାଁ 'କି ମୋର ଘର, ନ କର ମୋତେ ପର ।
୧୦୮। ନୂଆ ନୂଆ ଆଦର, ପୁରୁଣା ହେଲେ ଛକର ।
୧୦୯। ନୂଆ ନୂଆ ଦନାକେତେ, ନୂଆ ଯେଉଁଠୁ ପୁରୁଣା ହେଲା, ନିମ ଦଉଡ଼ି କଲା ମୋତେ । (ନିମ ଦଉଡ଼ି ପର ଅବ୍ୟବହାର୍ଯ୍ୟ ।)
୧୧୦। ପଳେଇ ପଶିଲି ମାଉସୀ ଘରେ, ମାଉସୀ ମାଇଲା ଦ ପାହାରେ ।
୧୧୧। ପାଣିରେ ଘର କରି କମ୍ଭୀର ସଙ୍ଗେ ବାଦ ।
୧୧୨। ପେଟକାଟ ମୁଣ୍ଡକାଟ, ଦୁହେଁଯାକ ଏକା ପାଠ । (କ୍ଷୁଧାରେ ମାରିବା ଓ ହତ୍ୟା କରିବା ଉଭୟ ସମାନ ।)
୧୧୩। ପୋଡ଼ିଗଲା ଡିଅଣରେ ଆଉ କି ସୁଆଦ ? (ଯେଉଁ ବିଷୟରେ ସରସ ଓ ସରସତା ଚିରକାଳ ପାଇଁ ନଷ୍ଟ ହୋଇଅଛି ।)
୧୧୪। ପୋଡ଼ା ଘା'ରେ ପୁଣି ଖଲିଆ-ଚନ୍ଦ୍ର ଦେବା ।
୧୧୫। ପୋଡ଼ା ଘା,ରେ ଚୂନ, ପଚ୍ଚ ଘା'ରେ ଲୁଣ । (କଷ୍ଟ ଉପରେ କଷ୍ଟ ଦେବା ।)
୧୧୬। ପୋଷିଲା ବାଘ ଗୋସିଆଁ ଖାଏ । (ଆଶ୍ରିତ ବ୍ୟକ୍ତିର ବିଶ୍ୱାସଘାତକତା ଆଚରଣ ।)
୧୧୭। ପ୍ରାଣେ ରକ୍ଷି ଶଙ୍କୁକୁ ସାଧିବ, ଭୂଇଁକି ସାଧିବ ବୃକ୍ଷେ ।
୧୧୮। ବଇଦ ଗୃହଲ ପଥି କରିବା । (ଉପକାରୀ ବ୍ୟକ୍ତିର ଧନ ଆତ୍ମସାତ୍ କରିବା ।)
୧୧୯। ବଇଦ, ପଇଡ଼, ମଦବଢ଼ା, କାମ ସରିଲେ ଗଡ଼ଗଡ଼ା । (ଉପକୃତ ହୋଇ ସାରିବା ପରେ ଉପକାରୀ ବ୍ୟକ୍ତିକୁ ତ୍ୟାଗ କରିବା ।)
୧୨୦। ବଖତ ବେଳେ ବେଙ୍ଗ ବାଟ ଗୁଡ଼େ ନାହିଁ । (ଉପଯୁକ୍ତ ବେଳ ଦେଖି ଅତି ସାମାନ୍ୟ ବ୍ୟକ୍ତି ମଧ୍ୟ ଦାଉ ସାଧେ ।)
୧୨୧। ବଗ ବେକରେ ଠିଙ୍କି । (ଦୁର୍ବଳ ବ୍ୟକ୍ତି ଉପରେ ଗୁରୁଭାର ନ୍ୟସ୍ତ କରିବା ।)
୧୨୨। ବଳଦ କମାଏ ଚଣା, ଘୋଡ଼ା ଖାଏ ଦାନା । (ଜଣକର ଉପାର୍ଜିତ ସମ୍ପତ୍ତିରେ ଆଉ ଜଣେ ମଉଜ କରିବା ।)
୧୨୩। ବାର ବରଷର ଗୋଇ ଦିନେ ପଦାରେ ପଡ଼େ । (ଗୁପ୍ତକଥା ପ୍ରକାଶ ପାଇବା ।)
୧୨୪। ମଠରେ ଖାଇ ଖଟରେ ଗଡ଼ଗଡ଼େଇବା । (ଚିନ୍ତାଶୂନ୍ୟ ଭାବରେ କାଳଯାପନ କରିବା ।)
୧୨୫। ମଲାଠାରୁ ଘୋଷରି ବାଧେ । (ମୃତ୍ୟୁଠାରୁ ଜଞ୍ଜାଳରେ ପଡ଼ି ହନ୍ତସନ୍ତ ଓ ଛଟପଟ ହେବା ଅଧିକ ଦୁଃଖଦାୟକ ।)
୧୨୬। ମା' ଡାହାଣୀକି ପୁଅ ମଦୁଆ, ଘର ଖାଇଗଲା ପଶି ହେଦୁଆ ।
୧୨୭। ମୋ ଗଣ୍ଡାକ ମଠରେ ଫୁଟୁଛି । (ଦାୟିତ୍ୱଜ୍ଞାନଶୂନ୍ୟ ବ୍ୟକ୍ତି ପ୍ରତି କଟାକ୍ଷ-ବଚନ ।)

Digitized by srujanika@gmail.com

୧୨୮ । ଯେ ଦୁଧ ଖାଇବ, ସେ ନାଡ ସହିବ । (ସୁଖଭୋଗକରିବାକୁ ହେଲେ ପ୍ରଥମେ କଷ୍ଟ ସ୍ୱୀକାର କରିବାକୁ ହେବ ।)

୧୨୯ । ଯେ ନିଆଁ ଗିଳିବ, ସେ ଅଙ୍ଗାର ହଗିବ । (ମଣିଷକୁ ତାର ଦୁଷ୍କୃତର ପରିଣାମ ଭୋଗକରିବାକୁ ହେବ ।)

୧୩୦ । ଯେଉଁ ଘରକୁ ଯେଉଁ ବତା; ଖଞ୍ଜାଇ ରଖିଛି ବିଧାତା ।

୧୩୧ । ଯେ ରକ୍ଷକ ସେ ଭକ୍ଷକ ହେଲେ କାହାକୁ କହିବ ?

୧୩୨ । ଯେତେ ଭାଇ ସେତେ ଘର; ଯେତେ କନିଆ ସେତେ ବର ।

୧୩୩ । ହରି କଥା, ଘର କଥା, ଭାତ ଲୁଗା ଗୃହ କଥା । (ସଂସାରୀ ବ୍ୟକ୍ତିର ଗୃହଗୋଟି ଚିନ୍ତନୀୟ ବିଷୟ ।)

୧୩୪ । ହାଟୁଆ ହୁଡ଼ିଲେ ହାଟ ପାଳଏ, ଚଷା ହୁଡ଼ିଲେ ବରଷେ, ଘରୁଆ ହୁଡ଼ିଲେ ପୁରୁଷେ ।

୧୩୫ । ହାଡ଼ିଘରେ ପଶିବା । (ନୀଚଲୋକର ଆଶ୍ରୟ ପ୍ରାର୍ଥୀ ହେବା ।)

୧୩୬ । ହାଣ୍ଡି ମାଙ୍କଡ଼ଚଲ୍ଲି ମାରିବା । (ଅଭାବ ହେତୁ ରୋଷେଇ ବନ୍ଦ ହେବା ।)

୧୩୭ । ହାଣ୍ଡି କଳା ନ ପଡ଼ିବା । (ଘନ ଘନ ବାସସ୍ଥାନ ପରିବର୍ତ୍ତନ ।)

୧୩୮ । ଯହିଁ ପାଇ, ତହିଁ ଖାଇ ।

୧୩୯ । ପଳାନ୍ତି ଯେ, ତରନ୍ତି ସେ ।

୧୪୦ । ନୀଚ ଗୃହ ଘରେ ପଶ, ଉଚ୍ଚ ଗୃହ ପିଣ୍ଡାରେ ବସ ।

୧୪୧ । ଉଠି ନ ପାରେ, ମାରେଙ୍ଗା । (ଦୁର୍ବଳ ବ୍ୟକ୍ତିର ମୁହଁଭୁରୁଡ଼ି ।)

୧୪୨ । ପୁଅ ମିଠା ଯେବେ ସଭାରେ ବସେ, ବୋହୂ ମିଠା ନିତି ରାନ୍ଧି ପରଷେ ।

୧୪୩ । ଲମ୍ପଟୀ ସନ୍ନ୍ୟାସୀ, କପଟୀ ଯୋଗୀ,
ଦାଣ୍ଡି ବିଆଣିଆ, ବଇଦ୍ୟ ରୋଗୀ,
ଲଜୁଆ ଭଣ୍ଡାରି, କାଣୁଆ ଚୋର,
ବୋଲେ ଦନାଇ ବୁଡ଼େ ସ୍ୱାଙ୍କ ଘର ।

ଘର-ସଂସାର

୧ । କଳି ନ ଥିଲେ ଦ' ମାଇପ କର;
ଭାତ ନ ସରିଲେ ଦୋ ଘର କର ।

୨ । ବାଛି ବିଭା ହେବ କୁଳର ନାଶ,
ମରନ୍ତେ ଦିଅନ୍ତେ ହେବ ଉପୁଗାଶ ।

Digitized by srujanika@gmail.com

୩ । ବାଇଗଣ ପୋକ ପୋକ ନୁହେଁ, ଘଇତାର କୋପ କୋପ ନୁହେଁ ।
୪ । ମା'କୁ ଝିଅ, ଘା'କୁ ଘିଅ ।

ଗୃହାଣି ଓ ଚଳଣି

୧ । ଅଣ୍ଡିରା ବଲୁଆର ଡାକ, ମଡ଼ାସାଙ୍ଗିଆଙ୍କ ଡାକ ।
(ଅଣ୍ଡିରା ବଲୁଆ ଡାକଲେ ତାହା ଶୁଣାଯିବା ଅଞ୍ଚଳରେ କାହାର ମୃତ୍ୟୁ ଘଟିବାର ଆଶଙ୍କା ଲୋକେ କରନ୍ତି ।)
୨ । ଅଧିଆମୁହାଁ ହାତରେ ଚୂଲି ଜଳେ ନାହିଁ । (ସାମାଜିକ କୁସଂସ୍କାର ।)
୩ । ଅନୁକୂଳ ପେଚା ।
୪ । ଅନୁକୂଳ ବଗୁଡ଼ି । (ପେଚା ବୋବାଇବା ଓ କୌଣସି ସ୍ଥାନକୁ ଯାତ୍ରା କରିବା ସମୟରେ ବଗୁଡ଼ି ଦେଖିବା ଅଶୁଭ ବୋଲି ଲୋକରେ ବିଶ୍ୱାସ ଅଛି ।)
୫ । ଅନ୍ଧାର ଘର, ଗୋଲମ ଜାତ । (ବର୍ଣ୍ଣସଙ୍କର ଜାତ ଅନ୍ଧାର ଘର ପରି ଅବିଶ୍ୱାସୀ ।)
୬ । ଅପତ୍ରିଆଣି, ନାଁରୁ ଜାଣି । (ବଡ଼ ପୁଅ କମ୍ବା ବଡ଼ ଝିଅ ମରିଯାଇଥିଲେ ଲୋକେ ପରବର୍ତ୍ତୀ ସନ୍ତାନମାନଙ୍କୁ ଅସୁନ୍ଦର ଅପରଚ୍ଛନିଆ ନାଁ ଦେଇଥାନ୍ତି ।)
୭ । ଆଗ ଚଳାଏ, ପଛ ବୋଳାଏ, ମଝି ବନ୍ଧୁ ଦର୍ଶନ କରାଏ । (ଗୋଡ଼ ତଳପାରି ଆଗ, ମଝି ଓ ପଛ ଅଂଶ କୁଣ୍ଡାଇ ହେଲେ ଯଥାକ୍ରମେ ପଥଭ୍ରମଣ, କଳିକଜିଆ ଓ ବନ୍ଧୁଦର୍ଶନ ଘଟେ ବୋଲି ଲୌକିକ ସଂସ୍କାର ଅଛି ।)
୮ । ଆପ ଖାଏ ଗୀତା, ବଂଶ ଖାଏ ଚଣ୍ଡୀ । (ଗୀତାପାଠରେ ଭୁଲକଲେ ପାଠକର ଅଧର୍ମ ହୁଏ; କିନ୍ତୁ ଚଣ୍ଡୀପାଠରେ ଭୁଲ କଲେ ବଂଶ ନାଶ ହୁଏ ।)
୯ । ଆର ଜନମରେ ଲୁହାଗ୍ରେରଣୀ (ଦେଢ଼ଶୁର ଅଇଁଠା ଖାଇ), ଏ ଜନମରେ ପେଚା । (ଅନ୍ଧବିଶ୍ୱାସ) ।
୧୦ । ଉଆଁସୀ କନ୍ୟାକୁ ଅଜ୍ଞେଇକିଆ ବର । (ଯେଉଁ କନ୍ୟା ଅମାବାସ୍ୟା ଦିନ ଜାତହୁଏ, ସେ ବିଧବା ହୁଏ ବୋଲି ଲୌକିକ ବିଶ୍ୱାସ ଅଛି ।)
୧୧ । କଟକୀ ପାହୁ, ଛଟକ ଦେଖାଇ ଅଟକ ନେଉ;
ବାଲେଶ୍ୱରିଆ କହୁଥିଲେ ଲଗେ ଗରୁଆ ।
୧୨ । କନ୍ୟା ଯେଉଁ ଈଶାଣରେ ଗୁଡ଼ିଲ ପକାଇଛି, ଧଣବାନ୍ଧ ସେଇଠିକି ଯିବ ।
(ଲୌକିକ ସଂସ୍କାର)

Digitized by srujanika@gmail.com

୧୩ । କଳଙ୍କି ଅବତାରରେ ତେରହାତ ଖଣ୍ଡାକୁ ବାରହାତ ଖୋଳ । (ଲୋକବିଶ୍ୱାସ)

୧୪ । କଳିଷଠା ଷାଠିଏ । (କଳି କାଳରେ ସାଧାରଣତଃ ମନୁଷ୍ୟର ଆୟୁ ଷାଠିଏ ବୋଲି ଧରାଯାଇଥାଏ ।)

୧୫ । କୁଣ୍ଢକୁଣ୍ଢିଆ ମାଗୁର-ନିଶୁଆ ଦ୍ୱାରେ ନଥାଇ ବାଳ;
ଏ ତିନଙ୍କୁ ପରତେ ନ ଯିବୁ ବଞ୍ଚିଥିବୁ ଯେତେ କାଳ । (ଲୋକବିଶ୍ୱାସ)

୧୬ । ଗୟାରେ ନ ଦେଲେ ପିଣ୍ଡ ନୁହେଁ, ପ୍ରୟାଗରେ ନବୁଡ଼ିଲେ ମୁଣ୍ଡ ନୁହେଁ, ପୁରୀରେ ନ ଖାଇଲେ ତୁଣ୍ଡ ନୁହେଁ ।

୧୭ । ଗୋଧିସାପ ବିଷ ଘଡ଼ିଘଡ଼ି ମାଇଲେ ଛାଡ଼େ । (ଅନ୍ଧବିଶ୍ୱାସ)

୧୮ । ଗୋରୁ ଲାଙ୍ଗୁଡ଼ ଛୁଇଁ ହଲପ କରିବା । (ଗୋରୁ ଲାଙ୍ଗୁଡ଼ ଛୁଇଁ ମିଥ୍ୟା କହିଲେ ଘୋର ପାପ ହୁଏ ବୋଲି ଲୌକିକ ବିଶ୍ୱାସ ।)

୧୯ । ଗୋରୁ ପଛକେ ମରୁ, ମାଣିକ ବାହାରୁ । (ଗୋରୁ ମୁଣ୍ଡରେ ମାଣିକ ଥାଏ ବୋଲି ଜନଶ୍ରୁତି ଅଛି ।)

୨୦ । ଗ୍ରହଣଖଣ୍ଡିଆ । (ଚନ୍ଦ୍ର ବା ସୂର୍ଯ୍ୟଗ୍ରହଣ କାଳରେ ମାତାର ଗର୍ଭଧାନ ହୋଇଥିଲେ ପିଲା କଦାକାର ହୁଏ ବୋଲି ଲୋକେ ବିଶ୍ୱାସ କରନ୍ତି ।)

୨୧ । ଚିଟି ସତ କହିଲା । (ଲୌକିକ ବିଶ୍ୱାସ)

୨୨ । ଚଉଠି ଚନ୍ଦ୍ର, ବିନା ଦୋଷେ ଲାଗେ ଫାନ୍ଦ । (ଚତୁର୍ଥୀ ଚନ୍ଦ୍ରକୁ ଚାହିଁଲେ ବିନା କାରଣରେ କଳଙ୍କ ଉପସ୍ଥିତ ହୁଏ ବୋଲି ଲୌକିକ ବିଶ୍ୱାସ ।)

୨୩ । ଜନ ଥିଲେ ଧନ ନାହିଁ, ଧନ ଥିଲେ ଜନ ନାହିଁ । (ଲୋକବିଶ୍ୱାସ ।)

୨୪ । ଠକଙ୍କର ଗୁରୁ, ହାଆଞ୍ଚି ଛକ୍‌କଣ ମୁହଁଟି ସରୁ ।

୨୫ । ତମ୍ବା, ତୁଳସୀ, ଶାଳଗ୍ରାମ ଧରି (ଛୁଇଁ) କହିବା । (ଶପଥ କରିବା ଅର୍ଥ ।)

୨୬ । ତିନି କରକଟ, ମରଣ ନିକଟ ।

୨୭ । ତିନି ମୂଷଳ, ନାହିଁ କୁଶଳ । (ତିନି ସଂଖ୍ୟା ଅମଙ୍ଗଳ କର—ଲୌକିକ ବିଶ୍ୱାସ ।)

୨୮ । ତେଲୀ ଦେଖି କେଉଁଠି ନ ଯିବୁ ପେଲି । (କୌଣସି ସ୍ଥାନକୁ ଯାତ୍ରା କରିବା ସମୟରେ ତେଲିବୋହି ଦେଖିଲେ ଅଶୁଭ ଘଟେ ବୋଲି ଲୌକିକ ବିଶ୍ୱାସ ।)

୨୯ । ଧରମର ଗୋରୁ କରମକୁ ଆସେ । (ନିରାଶ୍ରୟ ବ୍ୟକ୍ତିର ଗାଈ ବାଛୁରି ଚରିବାକୁ ଯାଇ ଆପଣାଛାଏଁ ଘରକୁ ଫେରିଆସନ୍ତି ବୋଲି ଲୋକଙ୍କର ବିଶ୍ୱାସ ଅଛି ।)

୩୦ । ନେଉଳ ଭାଇ, ଯେଣେ ଇଚ୍ଛା ତେଣେ ଯାଇ । (ନେଉଳ ଦର୍ଶନ କରି ଯାତ୍ରା କଲେ ଶୁଭ ହୁଏ ବୋଲି ଲୌକିକ ବିଶ୍ୱାସ ଅଛି ।)

୩୧ । ପର ଘରେ ମଙ୍ଗଳବାର । (କନ୍ୟା ବିବାହ ପରେ ପରଗୋତ୍ରୀ ହୋଇଯାଏ । ତେଣୁ ବାପଘରେ ମଙ୍ଗଳବାର ଓଷା କରିବା ନିଷିଦ୍ଧ । ଅନଧିକାର ଚର୍ଚ୍ଚା ।)

Digitized by srujanika@gmail.com

୩୨ । ପାଣ ରୋପେ ପଣସ, କଖାରୁ କାଟେ ପୁରୁଷ । (ପାଣିକଖାରୁ ସ୍ତ୍ରୀମାନେ କାଟନ୍ତି ନାହିଁ । ଲୌକିକ ସଂସ୍କାର ।)

୩୩ । ଟେପଗୃ, ଦେଢ଼ଶୁର-ଅଇଁଠା ଖାଇ ହାତ ଗୋଡ଼ ଚୋର ମେଞ୍ଚା । (ଲୌକିକ ବିଶ୍ୱାସ ଅଛି ଯେ ଯେଉଁ ସ୍ତ୍ରୀ ଦେଢ଼ଶୁରର ଅଇଁଠା ଖାଇଥାଏ, ସେ ପରଜନ୍ମରେ ଟେପଗୃ ହୋଇ ଜନ୍ମ ହୁଏ ।)

୩୪ । ବାଘମାମୁକୁ ପିଠାପୂଜା । (ଭାଦ୍ରବ କୃଷ୍ଣପଞ୍ଚମୀ ଦାଣ୍ଡ ଓ ବାଡ଼ କବାଟରେ ଭୈରବ, ମହାଦେବ ଓ ଗଣେଶଙ୍କ ଚିତ୍ର ଲେଖି ରାତିରେ ଏରଣ୍ଡି ବନ୍ଧରେ ଚକୁଳି-ପିଠା ପୂଜା କରି ସାରି ସେ କବାଟ ଆଉଜାଇ ଦେଇ "ବାଘମାମୁ ପିଠା ଖା" ବୋଲି କହନ୍ତି ।)

୩୫ । ପାଆକେ କୁମ୍ଭାର, କୋଣକେ ତେଲି; ବାପଘର ହେଲେ ନ ଯିବ ପେଲି ।
(ଯାତ୍ରା ସମୟରେ ଏମାନଙ୍କୁ ଦେଖିଲେ ଅଶୁଭ ହେତୁ ଯାତ୍ରା ନିଷିଦ୍ଧ ।)

୩୬ । ବାପ ଓଳି ଝିଅ ଓ ମା' ଓଳି ପୁଅ ସୁଖ ପାଏ । (ଲୌକିକ ସଂସ୍କାର ।)

୩୭ । ବିରାଡ଼ି ଛିଙ୍କିବା । (ଯାତ୍ରାବେଳେ ବିରାଡ଼ି ଛିଙ୍କିଲେ ଯାତ୍ରା ବିଫଳ ହୁଏ ବୋଲି ଲୌକିକ ବିଶ୍ୱାସ ଅଛି ।)

୩୮ । ବ୍ରାହ୍ମଣ କଳା, ଶୂଦ୍ର କପିଳା (କହରା), କଙ୍କଡ଼ାଆଖିଆ ଓଡ଼
ଏ ତିନିହେଁ ଆଗରେ ଚଳେଇ ପଛରୁ ହାଣନ୍ତି ଗୋଡ଼ ।
(ଏମାନେ ଅବିଶ୍ୱାସୀ ବୋଲି ଲୌକିକ ବିଶ୍ୱାସ ।)

୩୯ । ମଙ୍ଗଳ ରାତି, ବୁଧ ପାହାନ୍ତି; ଯେଣେ ଗଲେ ତେଣେ ଯଶ ପାଆନ୍ତି । (ଲୌକିକ ବିଶ୍ୱାସ ।)

୪୦ । ମଲା ମୁଣ୍ଡ ପଶ୍ଚିମକୁ, ନଇଲେ ଉତ୍ତରକୁ । (ପଶ୍ଚିମକୁ ବା ଉତ୍ତରକୁ ମୁଣ୍ଡ କରି ଶୋଇଲେ ଅକାଳମୃତ୍ୟୁ ଘଟେ । (ଲୌକିକ ବିଶ୍ୱାସ ।)

୪୧ । ମଲା ମଣିଷର ଲୁହାର ଆଖି । (ଲୌକିକ ବିଶ୍ୱାସ)

୪୨ । ମୁହଁଟି ଶୁଖିଲା, ଦେହଟି ଚେପା, ଚିତାକାଟିଥାଏ ସରୁ;
ଏ ତିନିଟି ଲକ୍ଷଣେ ଜାଣିବ ଘରବୁଡ଼ାଙ୍କର ଗୁରୁ ।

୪୩ । ଯେବେ ଦେଖିବୁ ତେଲି, ତେବେ ନ ଯିବୁ ପେଲି । (ଲୌକିକ ବିଶ୍ୱାସ ।)

୪୪ । ରାମ ନାମ ସତ୍ୟହେ । (ଶବବାହକମାନଙ୍କ ଡାକ)

୪୫ । ଶିବ ନିର୍ମାଲ୍ୟ । (ଶିବ ନିର୍ମାଲ୍ୟ ସେବନ ଲୋକରେ ନିଷିଦ୍ଧ ।)

୪୬ । ହାଣ୍ଡିରେ ଚାଉଳ ପକାଇବା । (ଲୌକିକ ବିଶ୍ୱାସ ଅଛି, ଯେଉଁ ନାରୀ ଯେଉଁ ପୁରୁଷକୁ ବିଭା ହେବ, ସେ ପୂର୍ବଜନ୍ମରେ ତା ହାଣ୍ଡିରେ ଚାଉଳ ପକାଇଥାଏ ।)

୪୭ । ହିନ୍ଦୁ ନ ଖାଏ ପିଆଜ, ମୁସଲମାନ ନ ଖାଏ ବିଆଜ । (ମୁସଲମାନ ଧର୍ମରେ ଟଙ୍କା କରଜ ଦେଇ ସୁଧ ନେବା ମନା ଅଛି ।)

Digitized by srujanika@gmail.com

୪୮ । ଶଙ୍ଖଚିଲ ଭାଇ ନମସ୍କାର, ମାଟିଆ ଚିଲକୁ ଗୋଇଠା ମାର । (ଶଙ୍ଖଚିଲ ଦର୍ଶନ ଶୁଭବୋଲି ଲୋକଙ୍କର ବିଶ୍ୱାସ ଅଛି ।)

ଚୌର୍ଯ୍ୟବୃତ୍ତି

୧ । କାକୁଡ଼ି ଚୋର, ଲାଉ ଚୋର, ଚୋରଉ ଚୋରଉ ପୁରୁଣା ଚୋର । (ସାମାନ୍ୟ ପଦାର୍ଥ ଚୋରି କରୁ କରୁ ମନୁଷ୍ୟ ବଡ଼ ଚୋର ପାଲଟେ ।)

୨ । କୁଲା ବୁଲେଇ ଚୋର ଧରିବା । (ଗୁଣିଆମାନେ ତାନ୍ତ୍ରିକ ବିଦ୍ୟାବଳରେ କୁଲା ବୁଲେଇ ଚୋର ଧରନ୍ତି । ଏହି ପ୍ରଣାଳୀ ଆଦୌ ବିଶ୍ୱାସଯୋଗ୍ୟ ନୁହେଁ ।)

୩ । ଚୋର ଘର ନିତି ଅନ୍ଧାର ନୁହେଁ । (ଚୋରି କରିବା ପାଇଁ ସମାନ ସୁଯୋଗ ମିଳିବା ସମ୍ଭବ ନୁହେଁ ।)

୪ । ଚୋରକୁ ମାଡ଼ କି ପଚରିଯାଏ ?

୫ । ଚୋରର ମୁହଁ ଟାଣ ।

୬ । ଚୋରର ମୁହଁ କି ସବୁବେଳେ ଗୋଜା ? (ଚୋର ସବୁଦିନେ ଖୁରୁଡ଼ି ମାରେ; କିନ୍ତୁ ଦିନେ ଧରିପଡ଼ିଯାଏ ।)

୭ । ଚୋର ନେଲେ କିଛି ଯାଏ, ଘର ପୋଡ଼ିଲେ ସବୁ ଯାଏ ।

୮ । ଚୋର ପଳାଇଲାରୁ ବୁଦ୍ଧି ଦିଶେ ।

୯ । ଚୋରର ଧନ ଶୃଗାଳ ଖାଏ ।

୧୦ । ଚୋରକୁ ଅଢ଼ୁଆ ଗୃହିଣୀ ରାତି, ଦୁଃଖୀକୁ ଅଢ଼ୁଆ ହେଲେ ପୁଅ ଝିଅ ।

୧୧ । ଚୋରକୁ ମାନ କରି ଖପରିରେ ଖାଇବା ।

୧୨ । ଚୋରକୁ ଅଢ଼ୁଆ ଗୃହିଣୀ ରାତି, ଦାଣ୍ଡିକ ଅଢ଼ୁଆ ପୁଅ
ମାଳୀକ ଅଢ଼ୁଆ ଛେଳି ବଳଦ, ଦୁଃଖୀକ ଅଢ଼ୁଆ ଝିଅ ।

୧୩ । ଚୋରଗୋଳକୁ ବାଘଗୋଳ । (ଏକ ଗୋଳମାଳ ସୁଯୋଗରେ ଅନ୍ୟ ଏକ ଗୋଳମାଳ ଘଟିବା ।)

୧୪ । ଚୋରଭୟରେ ଘରେ ବାଘ ବାନ୍ଧିବା ନ୍ୟାୟ । (ଗୋଟିଏ ସାନ ବିପଦକୁ ଏଡ଼ିବାକୁ ଯାଇ ଏକ ବଡ଼ ବିପଦକୁ ବରଣ କରି ଆଣିବା ଭଳି ମୂର୍ଖତା ।)

୧୫ । ଚୋରମନ ଚୋର ଗଣ୍ଠିରେ । (ଯେ ଯେଉଁ ପାପ କରିଥାଏ ତା ମନ ସେଇଠି ଥାଏ ।)

୧୬ । ଚୋରର ଭାଇ ଗଣ୍ଠିକଟା ।

Digitized by srujanika@gmail.com

୧୭ । ଚୋରର ଧନକୁ ବାଟପାଡ଼ି (ଡକାଯୁକ୍ତ) ମାରନେବା ।
୧୮ । ଚୋରର ମା’ ଲାଜେ ନ କାନ୍ଦେ, ଯେବେ କାନ୍ଦେ କବାଟ କଳି କାନ୍ଦେ । (ଅପବାଦ ଓ ଧରାପଡ଼ିବା ଭୟରେ ।)
୧୯ । ଚୋରର ହୋଇ ଫେର ପାଇକପଣ ? (ନିଜେ ଅପରାଧ କରି ଓଲଟି ଦୋଷ ଦର୍ଶାଇବା ।)
୨୦ । ଚୋରଠାରୁ ଶିକା ବହଙ୍ଗା (ବାହୁଙ୍ଗି) ।
୨୧ । ଚୋରି କରେ କୁନିଆ, ଧରାପଡ଼ିଲେ ଚୋର ।
୨୨ । ଚୋରକୁ କହିବା ଚୋରି କର, ପାହାରିକୁ କହିବା ଜଗିଥା ।
୨୩ । ଚୋରି; ଚୋରି ଉପରେ ହେମାଜୋରି । (ଚୋରି କରି ତହିଁରେ ଲଜ୍ଜିତ ନ ହୋଇ ପୁନର୍ବାର ବଳାତ୍କାର ପ୍ରଦର୍ଶନ କରିବା ।)
୨୪ । ଚୋରି କଲା ଲୋକର ଏକ ପାପ, ଚୋରି ଗଲା ଲୋକର ସହସ୍ରେ ପାପ । (ଯାହାର ଚୋରି ହୋଇଥାଏ ସେ ହଜାରେ ଲୋକଙ୍କୁ ସନ୍ଦେହ କରି ବହୁ ପାପ ଅର୍ଜନ କରେ ।)
୨୫ । ଚୋରି, ନାରୀ, ଖୁଣ୍ଟି; ଏ ତିନି କଥା ଗୁଡ଼ି ଯେତେ ଯାଉଥା ପୁଣି ।
୨୬ । ଚୋରି ଗଲା ଲୋକର ଭାତହାଣ୍ଡିକୁ ଅପରାଧୀ । (ଘରୁ ଚୋରିଯାଇଥିବା ଲୋକ ନିଜର ଅତି ବିଶ୍ୱସ୍ତ ଲୋକମାନଙ୍କୁ ମଧ୍ୟ ସନ୍ଦେହ କରିଥାଏ ।)
୨୭ । ଜୁଆ, ଦାରି, ଚୋରି; ନାଶେ ପୁରୁଷର ଶିରି ।
୨୮ । ଧରା ନ ପଡ଼ିଲେ ଚୋର ସାଧୁ ।
୨୯ । ଧୋବଧାଉଳିଆ ଚୋରି କରନ୍ତି, ରଙ୍କୁଣୀ ଦେଖିଲେ ମାରିଗୋଡ଼ାନ୍ତି ।
୩୦ । ନେଇ ଆଣି ଥୋଇ ଜାଣିଲେ ଚୋରିବିଦ୍ୟା ଭଲ ।
୩୧ । ପଣସ ଖାଏ କିଏ ? ଭଣ୍ଡାରି ମୁଣ୍ଡରେ ଅଠା ବୋଳାଯାଏ । (ଜଣକର ଅପରାଧ ପାଇଁ ଆଉ ଜଣେ ଧରାପଡ଼ିବା ।)
୩୨ । ପାଣିକଖାରୁ ଚୋରି କରି କାନ୍ଦି ପୋଛିଲେ ହୁଏ । (କାନ୍ଦି ପୋଛି ଆଁଶୁ ଛଡ଼ାଇ-ଦେଲେ କେହି ଜାଣିପାରିବେ ନାହିଁ ।)
୩୩ । ପୁରୁଷ ପୁଅକୁ ଚୋରି ଦୋଷ, ମାଇକିନା ଝିଅକୁ ନାରୀ-ଦୋଷ । (ପୁରୁଷ ପକ୍ଷରେ ଚୌର୍ଯ୍ୟବୃତ୍ତି ଓ ସ୍ତ୍ରୀପକ୍ଷରେ ବ୍ୟଭିଚାର ଦୂଷଣୀୟ ।)
୩୪ । ଯାହା ପାଇଁ କରେ ଚୋରି, ସେ କହେ ଚୋର ।
୩୫ । ଲାଜ ନ ଥାଏ ଯେବଣ ମୁଖେ, ଚୋରି କରିଯାଏ ଆଲୁଅ ପାଖେ,
ନିର୍ଲଜ୍ଜ ପଣରେ ଖାନ୍ତି ମାଡ଼; କହେ ଦନାଇ ତାଙ୍କ ମୁହଁ ପୋଡ଼ ।
୩୬ । ଲୁଟେ ତ ଭଣ୍ଡାର, ମାରେ ତ ହାତୀ । (ଏଥିରେ ଗୌରବ ଅଛି ।)
୩୭ । ସବୁ ଚୋରଯାକ ମାର୍କଣ୍ଡେଶ୍ୱରଠେଇଁ ବୁଣ୍ଡି । (ଏକସ୍ଥାନରେ ବହୁ ଅସାଧୁ ଲୋକଙ୍କର ଏକତ୍ର ସମାବେଶ ।)

Digitized by srujanika@gmail.com

୩୮ । ଓର ଉଣ୍ଡି ମାରିବ ହାତ, ରଖିବେ ମାରିବେ ଜଗନ୍ନାଥ । (ଚୋରଙ୍କ ପ୍ରତି ଅନ୍ୟ ଚୋରଙ୍କର ଉପଦେଶ ।)

୩୯ । କଖାରୁ ଚୋର, ଲାଉ ଚୋର, ଚୋରଉ ଚୋରଉ ବଡ଼ ଚୋର । (ଅଳ୍ପ ଅଳ୍ପ ଚୋରି କରି ପରେ ବଡ଼ ଚୋରରେ ପରିଣତ ହେବା ।)

୪୦ । ଚୋରମୁହଁକ ସବୁବେଳେ ଚୋଳା ? (ଚୋର ସବୁଦିନେ ଲୁଚୁଲୁଚୁ ମାରେ; କିନ୍ତୁ ଦିନେ ଧରାପଡ଼ିଯାଏ ।)

ଛଳନା ଓ ପ୍ରତାରଣା

୧ । ଅତିଭକ୍ତି ଚୋରର ଲକ୍ଷଣ ।

୨ । ଅର୍ଥଗ୍ରାହୀ ସନ୍ନ୍ୟାସୀ କ ଦଣ୍ଡ-ପ୍ରଣାମରେ ସନ୍ତୋଷ ?

୩ । ଆଖିରୁ କଜଳ କାଢ଼ିନେବା ନ୍ୟାୟ । (ଲୋକ ଜାଣୁ ଜାଣୁ ତାକୁ ଠକି ତା'ଠାରୁ ପଦାର୍ଥ ଘେନିଯିବା ।)

୪ । ଆଖିରେ ଧୂଳି ପକାଇବା । (ଠକିବା ବା ଭଣ୍ଡିନେବା ।)

୫ । ଆଗେଇଲା, ଆଗଉ ଆଗଉ ପାଖେଇଲା, ପାଖଉ ପାଖଉ ଦେଖେଇଲା, ଦେଖାଉ ଦେଖାଉ ଚଖେଇଲା । (କୌଶଳର ସହିତ କାର୍ଯ୍ୟସିଦ୍ଧି କରିବା ଲୋକ ।)

୬ । ଆଙ୍ଗୁଠି ପଶୁ ପଶୁ ବାହା ପଶେ ।

୭ । ଆଙ୍ଗୁଠି ଦେଖାଇଲେ ବାହା ଗିଳିବା । (ଅଳ୍ପ ଅଳ୍ପରୁ ଆରମ୍ଭ କରି ସମୁଦାୟ କାର୍ଯ୍ୟସିଦ୍ଧି କରିବା । ସଂସ୍କୃତ "ଅଙ୍ଗୁଳି ପ୍ରବେଶାତ୍ ବାହୁ ପ୍ରବେଶଂ"ର ଗ୍ରନ୍ଥାରେ ରଚିତ ।)

୮ । ଆଜି ଦେବା କାଲି ଦେବା, ଦେବା ଦେବା କହୁଥିବା ଯାବତ୍‌ଚନ୍ଦ୍ର ଦିବାକର । (ଦେବା ଦେବା କହି ସମୟ ଗଡ଼ାଇବା ।)

୯ । ଆପେ ବଞ୍ଚିଥିଲେ ବାପର ନାଁ । (ନିଜେ ବଞ୍ଚିଥିଲେ ବାପର ନାଁ ରହିବ—ଏହି ଛଳନାରେ କୌଣସି ପ୍ରକାରେ ଆତ୍ମରକ୍ଷା କରିବା ।)

୧୦ । ଆପେ ପଣସ ଖାଇ ପର ମୁଣ୍ଡରେ ଅଠା ବୋଳିବା ।

୧୧ । ଆମ୍ବ ନାଁରେ ଆମ୍ବୁଡ଼ା ଭଣ୍ଡାଇବା । (ଅସଲ ଜିନିଷ ବୋଲି କହି ନକଲି ଜିନିଷ ଭଣ୍ଡାଇବା ।)

୧୨ । ଉପର କେଡ଼େ ସୁନ୍ଦର, ଭିତର ପୋଡ଼ା ଅଙ୍ଗାର । (ବାହାରେ ମିଷ୍ଟଭାଷୀ ଓ ଭିତରେ କପଟାଚାରୀ ବ୍ୟକ୍ତି ପ୍ରତି ଉପଲକ୍ଷ୍ୟ ବଚନ ।)

Digitized by srujanika@gmail.com

୧୩ । ଉପରେ ଉପରେ ପାଣି ସିଞ୍ଚୁଛୁ, ଭିତରେ ଭିତରେ ଶିଅ କାଟୁଛୁ । (ଗଛ ଉପରେ ପାଣି ଢାଳି ଭିତରୁ ଶିଅ କାଟିଲେ ଗଛ ମରିଯାଏ । ସେହିପରି ଉପରେ ମଧୁରିଆ କଥା କହି ଗୋପନରେ ଅନିଷ୍ଟ ସାଧନ କରିବା ।)

୧୪ । ଓଳେଇ ହାତରେ ଶୁଖୁଆ ପୋଡ଼ା । (ଠକ ବା ଅସାଧୁ ବ୍ୟକ୍ତି ହାତରେ ଧନସମ୍ପଦ ଦାୟିତ୍ୱ ନ୍ୟସ୍ତ କରିବା ।)

୧୫ । କାନ୍ଦୁଥିବୁ, ଯାହା ପାଇବୁ ତା ବାନ୍ଧୁଥିବୁ । (ଉପରେ ଛଳନା କରି ଗୋପନରେ ନିଜର ସ୍ୱାର୍ଥସାଧନ କରିବା ।)

୧୬ । ଖୁଡ଼ୀ ଖୁଡ଼ୁତା, ମୁହଁରେ ଆଦର ପୁତା ପୁତା । (କପଟ ସ୍ନେହ ।)

୧୭ । ଗଛ ଉପରକୁ ଚଢ଼ାଇ ଦେଇ ମୂଳ କାଟିଦେବା । (ବିଶ୍ୱାସଘାତକତା ଆଚରଣ କରିବା ।)

୧୮ । ଚଉ ଦୃଢ଼ କରି ଶଠ ଲକ୍ଷଣ, ଚିତା କାଟି ମାଳି କରେ ଭଜନ;
ଚାହେଁ ନେବାପାଇଁ ପରର ଧନ, କହେ ଦନାଇ ଏ ଠକ ଦୁର୍ଜନ ।

୧୯ । ଚେପଟାନାକୀ ଦନ୍ତ-ସୋଡ଼କୀ, ଅଇଁଠା ପତର ଖାଏ;
ଗୋଡ଼ରେ ଅଇଁଠା ପଡ଼ିଲାକ୍ଷଣି ନଈକି ଗାଧୋଇ ଯାଏ ।
(ଅନାଗ୍ରସ୍ତ ବ୍ୟକ୍ତି ନିଷ୍ଠାର ଛଳନା କରିବା ।)

୨୦ । ଜପଇ ଦାଣ୍ଡରେ ତୁଳସୀ ମାଳି, ଗ୍ରାମେ ଗ୍ରାମେ ପଶି କରଇ କଳି;
ଯେମନ୍ତ ଲୋକର ଏମନ୍ତ ରୀତ, କହେ ଦନାଇ ସେ ମିଛ ଭଗତ ।

୨୧ । ଠକଙ୍କର ଗୁରୁ, ହୁଆଟା ଚିକ୍କଣ ମୁହଁଟି ସରୁ ।

୨୨ । ଡାଆଣୀ ହୋଇ ଲାଗିବା, ଗୁଣିଆ ହୋଇ ଝାଡ଼ିବା । (ନିଜେ ଅନିଷ୍ଟ ଭିଆଇ ଅନିଷ୍ଟର ପ୍ରତିକାର କରିବସିବା ।)

୨୩ । ଡାଆଣୀ ହୋଇ ଗୁଣିଆ ହେଲେ ଗାରୁଡ଼ି ମନ୍ତ୍ର ଡାକେ;
ସ୍ୱୈରଟା ଯେବେ ଗୁଣିଆ ହେଲା ଡାକି ବୁଲେ ଗାଁଯାକେ ।

୨୪ । ଡୁବ ଡୁବ ପାଣି ପିଇଲେ ମହାଦେବଙ୍କ ବାପ ବି ଜାଣିପାରିବେ ନାହିଁ ।
(ଗୋପନରେ ଦୁଷ୍କର୍ମ କଲେ ତାହା କେହି ଜାଣିପାରନ୍ତି ନାହିଁ ।)

୨୫ । ଢୋଲ ଭିତରେ ମୂଷା । (ଗୋପନରେ ଆଖି ଆଢ଼ୁଆଳରେ ରହିଥିବା ଶତ୍ରୁ ବା ଦୁର୍ନୀତି ।)

୨୬ । ତନ୍ତ୍ରୀ ଭଣ୍ଡ, ନିତି ବୁଣୁଥାଏ ମୋହର ଖଣ୍ଡ । (ତନ୍ତ୍ରୀ ଗରାଖମାନଙ୍କୁ ଭଣ୍ଡାଇବା ସମ୍ବନ୍ଧରେ ଉକ୍ତି ।)

୨୭ । ତୁଣ୍ଡେ ହରି, ପେଟେ ଛୁରୀ; କାଳାନ୍ତେ ଯାଇ ଯମପୁରୀ । (କପଟାଚାରୀ ବିଶ୍ୱାସଘାତକ ଲୋକ ନର୍କଗାମୀ ହୁଏ ।)

୨୮ । ତୁନ୍‌କି ବାଘ, ପେଟେ ରାଗ । (କପଟାଚାରୀ ବ୍ୟକ୍ତି ।)

Digitized by srujanika@gmail.com

୨୯ । ତୁଳସୀବଣର ବାଘ । (କପଟାଗ୍ରସ୍ତ ବ୍ୟକ୍ତି)

୩୦ । ନଅର ଦାସୀ ଘସାର ବୁଲେ, ରଜା ବଜେକଲେ କବାଟ କଲେ । (ନଜର ସତୀତ୍ୱ ପ୍ରମାଣ କରିବା ଉଦ୍ଦେଶ୍ୟରେ ।)

୩୧ । ପାଢ଼ୁଆକୁ କଣ୍ଠାରେ ମାରିଲେ ଜଣି । (ବଳ ପ୍ରୟୋଗ ବିନା ଠକକୁ ଜିଣିବା ସହଜ ନୁହେଁ ।)

୩୨ । ପାଣିରେ ସର ପକାଇବା । (ଛଳନାପୂର୍ଣ୍ଣ କଥା କହି ଅନ୍ୟ ମନରେ ବିଶ୍ୱାସ ଜନ୍ମାଇବା ।)

୩୩ । ବଜାର, ହଟାର, ସୁନାର, ଦାସୀ; ଏ କେବେହେଁ ନୁହନ୍ତି କାହାର ।

୩୪ । ବାଜରେ ପିପୀ ବାଜ, ବୁକା ଦେମି, କୁକୁଡ଼ା ଦେମି, ବାଜରେ ପିପୀ ବାଜ । (କାର୍ଯ୍ୟସାଧନ ଉଦ୍ଦେଶ୍ୟରେ ବୃଥା ଲୋଭ ପ୍ରଦର୍ଶନ ।)

୩୫ । ବାଲ୍ୟ ବନ୍ଧୁ ଶଠ ପ୍ରୀତି, ଏ ଦୁହେଁ ଏକା ରୀତି ।

୩୬ । ବିରାଡ଼ି ଆଖି ବୁଜି ଦୁଧ ପିଇବା । (ଅନ୍ୟ କେହି ଜାଣୁନାହାନ୍ତି ବା ଦେଖୁନାହାନ୍ତି ମନେକରି କୌଣସି ଗର୍ହିତ କାର୍ଯ୍ୟ କରିବା ।)

୩୭ । ବିରାଡ଼ି ବୈଷ୍ଣବ । (କପଟାଗ୍ରସ୍ତ ବ୍ୟକ୍ତି ।)

୩୮ । ବିରାଡ଼ି ଶୁଖୁଆ ମାଳ ପକାଇ ବୈଷ୍ଣବ ହେବା । (ଛଳନା)

୩୯ । ଭୋଳାନାଥ ଯୋଗୀ, କର୍ପୂର ପାନ ଭୋଗୀ । (ଭଣ୍ଡ ତପସ୍ୱୀ)

୪୦ । ମଉନମୁହାଁ କ ପରତେ ନାହିଁ ।

୪୧ । ମଣିଷ ମାୟାରେ ଦେବତା ପଶିପାରନ୍ତି ନାହିଁ ।

୪୨ । ମାଳ ଗଡ଼େଇଲେ କ ପାପ ଛାଡ଼େ ?

୪୩ । ମୁଖେ ମଧୁ ମଧୁ ପେଟେ ଛୁରି । (କପଟାଗ୍ରସ୍ତ ବ୍ୟକ୍ତିର ଲକ୍ଷଣ ।)

୪୪ । ମୁରୁକିହସା ହସଇ ଯେ, ଠକଙ୍କ ଗୁରୁ ଗୋସେଇଁ ସେ ।

୪୫ । ମୌନମୁହାଁ ମୌନମୁହାଁ; ଏ ଦୁହିଁଙ୍କୁ ପରତେ ନାହିଁ ।

୪୬ । ରାଧେ ରାଧେ, ତୁମର ଅଧକୁ ଆମର ଅଧେ । (ଧର୍ମର ଛଳନା କରି ଲାଭ ଉଠାଇବା ।)

୪୭ । ରାମ ନାମ ବୋଲୁଥାନ୍ତି ଯେ ମୁଖେ, ରାଗ ବହୁଥାନ୍ତି ଜଗତ ଲୋକେ;
ରାଗୁଆ ବୋଲିଣ ତାହାକୁ କହି, କହି ଦନାଇ ସେ ଯୋଗୀ ନୁହଇ ।

୪୮ । ହସନ୍ତି ମନରେ ନ ଥାଏ ଦୟା, ହୃଦୟ ଭିତରେ କରନ୍ତି ମାୟା;
ହେରେଷା ବୋଲିଣ ତାହାଙ୍କୁ କହି, କହେ ଦନାଇ ଏ କଥା ନୁହଇ ।

୪୯ । ହାଣ୍ଡିରେ ଖାଏ, ଗୋଡ଼ରେ ପଡ଼ିଲେ ଗାଧୋଇଯାଏ । (ଘୋର ଅନାଗ୍ରସ୍ତ ବ୍ୟକ୍ତି ଅତି ସାମାନ୍ୟ ବିଷୟରେ ଆଗ୍ରହ ନିଷ୍ଠାର ଛଳନା କରିବା ।)

୫୦ । ହାତରେ ଗୁଡ଼ ଦେଇ ତଣ୍ଟିରେ ଖୁର ଦେବା । (ବିଶ୍ୱାସଘାତକତା)

Digitized by srujanika@gmail.com

୫୧ । ହାତୀ ନେ, ଘୋଡ଼ା ନେ, ମୋ ପେହେଁକାଳି ବଜାଇ ଦେ । (ଉଦ୍ଦେଶ୍ୟସାଧନ ପାଇଁ ବୃଥା ପ୍ରତିଶ୍ରୁତି ଦେବା ।)

୫୨ । ହେଙ୍ଗୁ ଶୁଙ୍ଘାଇବା । (ଠକିଦେବା ।)

୫୩ । କ୍ଷୀରରେ ଖାର ଦେବା । (ବିଶ୍ୱାସରେ ଅବିଶ୍ୱାସ ଆଚରଣ କରିବା ।)

ଜଗନ୍ନାଥ ସଂସ୍କୃତି

୧ । ଅରୂପ ଯାକରେ ସ୍ୱରୂପ ମିଠା, ମନୁଷ୍ୟ ମିଠା ଗୋରା;
ଦେବତାଯାକରେ କାଳିଆ ମିଠା, ସବୁଠୁ ମିଠା କୋରା ।
(ଗୋରା ମଣିଷ, କାଳିଆ ଜଗନ୍ନାଥ, ସାକାରବାଦ ଓ କୋରାର ଶ୍ରେଷ୍ଠତା ଏଥିରେ ବର୍ଣ୍ଣିତ ହୋଇଛି ।)

୨ । ଆପଣା ହାତ ଜଗନ୍ନାଥ । (ମନୁଷ୍ୟ ନିଜ ହାତରେ ଯାହା କରିଥାଏ, ତାହା ଉତ୍କୃଷ୍ଟ ହେଉ ବା ନିକୃଷ୍ଟ ହେଉ ତାହା ପ୍ରତି ତାର ଆଦର ।)

୩ । କଟକରେ ସ୍ତୁତି ନାହିଁ, ପୁରୁଷୋତ୍ତମରେ ଜାତି ନାହିଁ । (ପୁରୀ ଜଗନ୍ନାଥ ମନ୍ଦିରରେ ଜାତିଭେଦ ସ୍ୱୀକାର କରାଯାଏ ନାହିଁ ।)

୪ । କାମ କରି କରି କୂର୍ମ ପାଲଟିବା । (ଇନ୍ଦ୍ରଦ୍ୟୁମ୍ନ ରାଜା ଜଗନ୍ନାଥଙ୍କ ମନ୍ଦିର-ତୋଳାରେ ପଥର ବୋହିବା ପାଇଁ ବହୁ ଶ୍ରମିକ ନିଯୁକ୍ତ କରିଥିଲେ । ସେମାନେ କଠିନ ପରିଶ୍ରମ କରି ଶେଷରେ କୂର୍ମ ପାଲଟିଯାଇଥିବାର କିଂବଦନ୍ତୀ ଅଛି ।)

୫ । ଛଡ଼ା ମୁଦିରଥ ମଲଘୋଡ଼ା ସଙ୍ଗେ ସମାନ । (ବିବାହ କରିଥିବା ମୁଦିରଥ (ମୁଦ୍ରାହସ୍ତ) ମନ୍ଦିର କାର୍ଯ୍ୟ ପାଇଁ ଅନୁପଯୁକ୍ତ ବିବେଚିତ ହୁଅନ୍ତି ।)

୬ । ଜଗନ୍ନାଥଙ୍କର ବଢ଼େଇ, କାହାକୁ ଦିଅନ୍ତି କ୍ଷୀରି କ୍ଷୀରସା; କାହାକୁ ଦିଅନ୍ତି ଗଡ଼େଇ ।

୭ । ଜଗନ୍ନାଥଙ୍କର ରୀତି, କାହାକୁ ଦିଅନ୍ତି ପଲଙ୍କ ସୁପାତି, କାହାକୁ ଦିଅନ୍ତି ଶାସ୍ତି ।

୮ । ତିନି ଧୂପ ପାଞ୍ଚ ଅବକାଶ । (ଜଗନ୍ନାଥଙ୍କର ତିନି ଧୂପ; ଯଥା—ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟା । ଯାତ୍ରୀମାନଙ୍କର ଜଗନ୍ନାଥଙ୍କୁ ଦର୍ଶନ କରିବାର ପାଞ୍ଚଟି ଅବକାଶ ଅଛି; ଯଥା—ମଙ୍ଗଳ ଆଳତି ସମୟରେ, ସକାଳ ଧୂପ ପରେ, ମଧ୍ୟାହ୍ନ ଧୂପରେ, ସନ୍ଧ୍ୟା ଆଳତି ସମୟରେ ଏବଂ ସନ୍ଧ୍ୟାଧୂପ ପରେ । ମହାଆଡ଼ମ୍ବରରେ ଜୀବନଯାପନ କରିବା ।)

Digitized by srujanika@gmail.com

୯। ଥରଲା ବୁକିରେ ମହାପ୍ରଭୁ ଖଣ୍ଡିଆ । (ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ମୂର୍ତ୍ତି ତିଆରି ହେଉଥିବା ମନ୍ଦିର ଭିତରୁ କାଟଣ-ମୁଗୁରର ଠୁକୁ ଠୁକୁ ଶବ୍ଦ ଶୁଣା ନ ଯିବାରୁ ମହାରାଣୀ ଗୁଣ୍ଡିଚା ଅତ୍ୟନ୍ତ ଶଙ୍କାକୁଳ ହୋଇ ଏକଥା ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଜଣାଇଲେ । ମହାରାଣୀ ଗୁଣ୍ଡିଚାଙ୍କ ପରାମର୍ଶ ଅନୁଯାୟୀ ରୁଦ୍ଧ ମନ୍ଦିରର ଦ୍ୱାର ଖୋଲିଯିବାରୁ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କର ତିନିଗୋଟି ଦାରୁଗଢ଼ା ମୂର୍ତ୍ତି ଥିବାର ଦେଖାଗଲା ।)

୧୦। ବଡ଼ ଦେଉଳରେ ଲାଗିଛି ନାଟ, ନାହିଁ ପୂଜନ ନାହିଁ ହାଟ । (ପୁରୀ ଜଗନ୍ନାଥ ମନ୍ଦିରର ଜନସମାଗମ ଓ ଦୈନନ୍ଦିନ ଉତ୍ସବ ପ୍ରତି ଲକ୍ଷ୍ୟ ।)

୧୧। ବଡ଼ ବଡ଼ୁଆ ହେ ! ଅନ୍ଧାରରେ ଆସ ଆଲୁଅରେ ଯା' / ବାଇଶି ପାହାଚରେ ମାହାର୍ଦ୍ଦ ଖାଇ ଗଡ଼ଉ ଗଡ଼ଉ ଥା । (ଦୀପାବଳି ଅମାବାସ୍ୟା ଦିନ ପିତୃଶ୍ରାଦ୍ଧ ଦେଇସାରି ଦୀପଦାନ କରି କାଉଁରିଆ କାଠିର ହୁଳା ଉପରକୁ ଦେଖାଇ ପିତୃପୁରୁଷଙ୍କୁ ଏହି ପଦ ବୋଲି ଡାକନ୍ତି । ବାଇଶି ପାହାଚ—ଜଗନ୍ନାଥ ମନ୍ଦିରର ବାଇଶି ସଂଖ୍ୟକ ପାହାଚ ।)

୧୨। ମହାପ୍ରସାଦ ଚରଣେ ପାଇଲେ ଯେ, ଭରଣେ ପାଇଲେ ସେ ।

୧୩। ମାର୍କଣ୍ଡେଶ୍ୱର ଭଣ୍ଡାରି । (ପୁରୀର ମାର୍କଣ୍ଡେଶ୍ୱର ତୀର୍ଥରେ ଭଣ୍ଡାରିମାନେ ଅଧିକ ଅର୍ଥ ପ୍ରାପ୍ତି ପାଇଁ ଗୁଡ଼ାଏ ଯାତ୍ରୀଙ୍କର କ୍ଷୌରକାର୍ଯ୍ୟ ଏକାବେଳକେ ଆରମ୍ଭ କରିଦେଇ ଧୀରେ ଧୀରେ ଶେଷ କରନ୍ତି । ସେହିପରି ଅନେକଗୁଡ଼ାଏ କାର୍ଯ୍ୟର ଦାୟିତ୍ୱ ଗ୍ରହଣ କରି କୌଣସିଟିକୁ ଶେଷ ନ କରିବା ବ୍ୟକ୍ତି ପ୍ରତି ଆକ୍ଷେପ ।)

୧୪। ଯାହାକୁ ଦେବେ ଜଗାକାଳିଆ, ତା ଘରେ ଗୁଆଳ ଓଳିଆ ଓଳିଆ ।

୧୫। ରୋହିଣୀକୁଣ୍ଡରେ ବୁଡ଼ ପକାଇବା । (ପୁରୀ ବଡ଼ଦେଉଳର ରୋହିଣୀ କୁଣ୍ଡରେ ବୁଡ଼ ପକାଇଲେ ମୁକ୍ତି ମିଳେ ।)

୧୬। ସର୍ବମଙ୍ଗଳ ଜଗନ୍ନାଥ । (ଅଧିବାର ବିଚାର ନ କରି ଜଗନ୍ନାଥଙ୍କ ମଙ୍ଗଳମୟତ୍ୱରେ ଆସ୍ଥା ସ୍ଥାପନପୂର୍ବକ କାର୍ଯ୍ୟାରମ୍ଭ ।)

୧୭। ଅଙ୍ଗାଏ ମାହାର୍ଦ୍ଦ ଛୁଇଁଲେ ଯେ, କଣିକାଏ ନିର୍ମାଲ୍ୟ ଛୁଇଁଲେ ସେ । (ମହାପ୍ରସାଦରେ ଅଳ୍ପ ବହୁତ ଭେଦ ବିଚାର୍ଯ୍ୟ ନୁହେଁ ।)

୧୮। ଯାହାକୁ ରଖିବେ ଜଗାକାଳିଆ, କି କରିବ ତାର ବଳୀ ବଳୁଆ ।

୧୯। ନଡ଼ିଆ ଭାଙ୍ଗି ଲି ପଡ଼ିଆରେ; ହୃଦ ଛନଛନ ବାହାରେ ମନ, କେମିତି ଦେଖିବ କାଳିଆରେ ।

Digitized by srujanika@gmail.com

୨୦ । ଓଡ଼ଶା ଦେଉଳରେ ଝଞ୍ଜିର କବାଟ,
ମାଛକ ଶିକ୍ଳ ଯମକୁ ନାହିଁ ଭେଟ,
କେଉଁବାଟେ ଗ୍ଲେଚ୍ଛ ପଶିଲେ ନେଲେଣି ରତ୍ନ ଖଟ ।
(ମୁସଲମାନମାନଙ୍କ ଜଗନ୍ନାଥ ମନ୍ଦର ସମ୍ବନ୍ଧୀୟ କିଂବଦନ୍ତୀ ।)

୨୧ । ଗଙ୍ଗାରେ ସ୍ନାହ୍ନାନ, ଗୟାରେ ପିଣ୍ଡଦାନ,
ନୀଳାଚଳରେ ନୀଳାଦ୍ରି ଦରଶନ,
ଭାଗ୍ୟେ ଥିଲେ ପ୍ରାଣୀମାନେ କରନ୍ତି ଏମାନ ।

୨୨ । ଅରକ୍ଷ ରକ୍ଷକ ପତିତପାବନ, ଅନ୍ଧର ରକ୍ଷକ ବାଡ଼ି;
ଶୀତକୁ ରକ୍ଷକ ବହଳ କମ୍ବଳ, ଘରର ରକ୍ଷକ ବୁଢ଼ୀ ।

ଜନ୍ମ ଓ ମୃତ୍ୟୁ

୧ । ଆୟୁଷ ନ ଥିଲେ (ପୂରିଲେ) କେହି ନ ରଖେ । (ଅନୁଭବ)
୨ । ଆଜର ମନୁଷ୍ୟ କାଲିକ ନାହିଁ । (ମନୁଷ୍ୟ ଜୀବନ କ୍ଷଣଭଙ୍ଗୁର ।)
୩ । ଆଜ ମଲେ କାଲିକ ଦ'ଦନ ।
୪ । ଆଜ ମଲେ କାଲିକ ମାଟି ।
୫ । ଆସିଛୁ ଏକା, ଯିବୁ ଏକା; କେହି ନ ଥିବେ ସାଙ୍ଗ-ସଖା ।
୬ । କେତେ ଘୋଡ଼େଇ ହେଲେ ଯମ କ ଗୁଡ଼ିବ । (ମୃତ୍ୟୁ ସୁନିଶ୍ଚିତ ।)
୭ । କାଳ ଆଗରେ କ ବଳ । (କାଳ ବା ଯମ କାହାର ଗୁହାରି ଶୁଣେ ନାହିଁ ।)
୮ । କାଳ ପୂରିଲେ କେହି ନ ରଖେ ।
୯ । କୂଳ ବୁଡ଼ିବାର ଏମନ୍ତ ଖିଡ, ଅଜା ଥାଉଁ ଥାଉଁ ମରୁଛି ନାତି ।
୧୦ । ଜନ୍ମ ମରଣ ବରଷା, ଏହା ନ ଜାଣେ ପୁରୁଷା । (ଏସବୁ ଅନିଶ୍ଚିତ)
୧୧ । ଜୀବ ଗଲାବେଳେ ମାଟି ମୁଠା ମୁଠା କରୁଛି ।
୧୨ । ତମ୍ବା ପାତିଆରେ ମୁଣ୍ଡ ବାନ୍ଧିବା ।
(ଚିରାୟୁ ହେବା ପାଇଁ ଦୁରାଶା ପୋଷଣ କରିବା ।)
୧୩ । ଦେବା ମରିବାକୁ କେହି ସୁଖ ପାଆନ୍ତି ନାହିଁ ।
୧୪ । ଧନଜନ ପରିବାର, କେହି ନୁହେଁ ଆପଣାର ।
୧୫ । ନାହିଁକୁ ଉପାୟ ନାହିଁ, ମଲାକୁ ଔଷଧ ନାହିଁ ।
୧୬ । ନିୟତି ନ ପୂରିଲେ ମରଣ ହେଲେ ନାହିଁ । (କାଳ ନ ପୂରିଲେ ମୃତ୍ୟୁ ଆସେ ନାହିଁ ।)

Digitized by srujanika@gmail.com

୧୭ । ପୋତ ପୋଡ଼ ପକା, ଏ ତିନହେଁ ଏକା । (ଶବକୁ ପୋଡ଼ିବା, ପୋତିବା, ପକାଇ-ଦେବା ଏକା କଥା । ପନ୍ଥା ଭିନ୍ନ ହେଲେହେଁ ଉଦ୍ଦେଶ୍ୟ ଏକ ।)

୧୮ । ଭାଇକ ବାଣ୍ଟ, ମଡ଼ାକୁ କାଠ, ଘୋଡ଼ାକୁ ବାଗ, ଶୀତକୁ ମାଠ ।

୧୯ । ମଲା ପୁଅ ସୁନ୍ଦର, ପଳାଇଲା ମାଛ ବଡ଼ । (ହୃତବସ୍ତୁକୁ ମନୁଷ୍ୟ ସବୁବେଳେ ବଡ଼ କରି ଦେଖାଏ ।)

୨୦ । ମଲା, ନାଁ ତିନି ପାଞ୍ଜିରୁ ଗଲା ।

୨୧ । ମଲା ପୁଅର ଗଲା ସ୍ନେହ ।

୨୨ । ମଲାବେଳକୁ ହନୁ ସତ କହିଲା । (ମୃତ୍ୟୁ ସମୟରେ ସତ୍ୟ ପ୍ରକାଶ କରିବା ପ୍ରତି ଉପଲକ୍ଷ୍ୟ ବଚନ ।)

୨୩ । ମଲା ଘୋଡ଼ାର ଟାଙ୍କ ମାପିବା ।

୨୪ । ମଲା ହାତୀର ଦାନ୍ତ ଗଣିବା । (ବ୍ୟର୍ଥ ପ୍ରୟାସ)

୨୫ । ମରେ ରଣ୍ଡୀ କଦର ଗୁଡ଼େ ନାହିଁ ।

୨୬ । ମରିବ ବୋଲି କଣ କତରୀ ଘୋଡ଼ାଇ ହୋଇ ଶୋଇବ ? (ମୃତ୍ୟୁକୁ ଅକାରଣ ଭୟ କରିବା ।)

୨୭ । ମଲାଠାରୁ ଘୋଷରା ବାଧେ । (ମରିବାଠାରୁ ଜଞ୍ଜାଳରେ ପଡ଼ି ହନ୍ତସନ୍ତ ଓ ଛଟପଟ ହେବା ଅଧିକ ଦୁଃଖଦାୟକ ।)

୨୮ । ମଲେ ମଡ଼ାରଗ କସ କରିବ ? (ନୈରାଶ୍ୟ)

୨୯ । ମଲେ ମରିବ, ଗୁରୁ ଭାଇଙ୍କ ସାଙ୍ଗରେ ଯିବ ।

୩୦ । ମା-ମଲା ପୁଅର କି ଷଠୀଘର ? (ଘୋର ବିପଦବେଳେ କୌଣସି ଉତ୍ସବ ପାଳନ ପାଇଁ ଅବକାଶ ନଥାଏ ।)

୩୧ । ମା' କହେ ମୋ ପୁଅ ବଢ଼ୁଛି, ଯମ କହେ ତୋ ପୁଅ ଛଡ଼ୁଛି । (ମନୁଷ୍ୟ ଆଜନ୍ମରୁ କ୍ରମଶଃ ମୃତ୍ୟୁର ନିକଟବର୍ତ୍ତୀ ହୁଏ ।)

୩୨ । ମୁଣ୍ଡରେ ତମ୍ବାପାତିଆ ବାନ୍ଧି ରହିବା । (ଚିରଦିନ ବଞ୍ଚି ରହିବା ପାଇଁ ଆଶା ପୋଷଣ କରିବା ।)

୩୩ । ଯମର ଉଆଁସ ନାହିଁ କି ସଙ୍କ୍ରାନ୍ତି ନାହିଁ । (ମୃତ୍ୟୁ ଦିନବାର ବିଚାର କରି ଆସେ ନାହିଁ ।)

୩୪ । ଯମ ନ ଜାଣେ ବଡ଼ ସାନ ।

୩୫ । ଯମ ନ ଜାଣେ ପାଚିଲା କଞ୍ଚା । (ମୃତ୍ୟୁ ସାନବଡ଼, ବାଳବୃଦ୍ଧ ବିଚାର କରେ ନାହିଁ ।)

୩୬ । ଯମ ମାରେ, ଯଉଁଘର ଦୋଷ ହୁଏ । (ମୃତ୍ୟୁ ଅବଶ୍ୟମ୍ଭାବୀ; ତେଣୁ ଅନ୍ୟ କାହାକୁ ଦୋଷ ଦେଇ ଲାଭ ନାହିଁ ।)

Digitized by srujanika@gmail.com

୩୭ । ଯମ ଝିଙ୍କୁଛି ପାଖେ, ବୈଦ୍ୟ ଝିଙ୍କୁଛି ପାଖେ । (ମୁମୂର୍ଷୁ ବ୍ୟକ୍ତିକୁ ବଞ୍ଚାଇବାକୁ ଚିକିତ୍ସକଙ୍କର ଅକ୍ଳାନ୍ତ ଶ୍ରମ ।)

୩୮ । ଯମ ଅଇଁଠା । (ବହୁ ସନ୍ତାନ ମରିଯିବା ପରେ ଯେ ବଞ୍ଚିରହିଥାଏ ।)

୩୯ । ଯେ ମଲ ସେ ଗଲ । (ମୃତ୍ୟୁ ପରେ ଆଉ କିଛି ଅବଶେଷ ରହେନାହିଁ ।)

୪୦ । ଶୂଳଚଢ଼ାର କି ପୂର୍ବ ପଶ୍ଚିମ ?

୪୧ । ଶୋଇଲ ମଲେ ମଦା କାହାର ?

୪୨ । ହାଡ଼ା ମଲେ ଗୁହାଳ ଉଛୁଡ଼ା । (କୌଣସି ବ୍ୟକ୍ତିର ମୃତ୍ୟୁରେ ସେହି ବଂଶ ଲୋପ ପାଇବା ।)

୪୩ । ମଲ ଗଲ ଏକା କଥା । (ନିରୁଦ୍ଦିଷ୍ଟ ବ୍ୟକ୍ତି ମୃତ ବ୍ୟକ୍ତି ସଙ୍ଗେ ସମାନ ।)

ଜଳବାୟୁ ଓ ପାଣିପାଗ

୧ । ଅଇଲା ପଣ୍ଡୁ; ମଲେ ମଶା, ଫାଟୁଆ ଦେଲେ ମୁଣ୍ଡ଼କୁ ହସା । (ଶୀତ ପଡ଼ିଲେ ମଶାମାନେ ମରଯାନ୍ତି ଏବଂ ମୁହଁରେ ଫାଟ ହେବାରୁ ଫାଟୁଆମାନେ ଭଲ ହସି ପାରନ୍ତି ନାହିଁ ।)

୨ । ଉଇଁ ନ ଦଶେ, ହସି ପଶେ, ଉତ୍ତର ମେଘ ଦକ୍ଷିଣେ ଆସେ;
ଯଜ ଗୋବରରେ ଅଁ ଶୋଇ ବସେ, ନାଥ ବୋଲେ ପୂରା ନିଶ୍ଚେ ବରଷେ ।
(ଶୀଘ୍ର ବର୍ଷା ହେବା ଲକ୍ଷଣ ।)

୩ । କଟକ ପାଏନ୍, ବାରଭଗିର ଘୋଡ଼ା । (ସମ୍ବଲପୁରୀ ପ୍ରବଚନ । ବାଉଁଡଲେ ଥିବା ଘୋଡ଼ାଠାରୁ କଟକ ଆଡ଼ୁ ଆସୁଥିବା ମେଘ ଅଧିକ ଦ୍ରୁତଗାମୀ ।)

୪ । କାର୍ତ୍ତିକ, ଶୀତ କରେ ଗଢକ; ମଗୁଶିର, ଶୀତକରେ ଶିର୍‌ଶିର୍;
ପୁଷ, ଶୀତ କରେ ଭୂଷ ଭୁଷ; ମାଘ, ଶୀତର ବଡ଼ ରାଗ;
ଫଗୁଣ, ଶୀତ କରେ ଦ୍ୱିଗୁଣ; ଚଇତେ, ଶୀତ ଯାଏ ବୋଇତେ ।
(କାର୍ତ୍ତିକ ମାସରେ ଶୀତ ଆରମ୍ଭ ହୋଇ ଚଇତକୁ ଏକାବେଳେ ଗୁଡ଼ିଯାଏ ।)

୫ । ଗରଜିଲା ମେଘ ବରଷେ ନାହିଁ କି ଭୁକିଲା କୁକୁର କାମୁଡ଼େ ନାହିଁ ।

୬ । ଚଇତ ଶୀତ, ଯାଏ ବୋଇତ । (ଚଇତ ମାସଠାରୁ ଶୀତ ଏକାବେଳକେ ଗୁଡ଼ିଯାଏ ।)

୭ । ଚନ୍ଦ୍ରମଣ୍ଡଳ ମଧ୍ୟରେ ତାରା, ମେଘ ବରଷଇ ମୂଷଳ ଧାରା ।

୮ । ଜନକ (ଜନ୍ମ) ରାଏତଥୁ ରାତ ନାହିଁ, ବାପ ମା'ଥୁ ଲୋକ୍ ନାହିଁ । (ସମ୍ବଲପୁରୀ ପ୍ରବଚନ)

Digitized by srujanika@gmail.com

୯ । ନ ବରଷଇ କଳାମେଘ, ବରଷଇ ଧଉଳିଆ
ନ ପୋଷଇ ଗୁପଚକ୍‌କଣିଆ, ପୋଷଇ ଖଉରିଆ ।

୧୦ । ପୁଷର ବେଳ ଫୁସ୍ କରିଯାଏ । (ଶୀତକାଳରେ ଦିନ ଶ୍ରେଷ୍ଠ ଓ ରାତି ବଡ଼ ହୁଏ ।)

୧୧ । ପୁଷ ପୁନିର ଲଗ ଶୁଝିବ କେତେ ?
ସଞ୍ଜବେଳର ମଲ କାଢିବ କେତେ ? (ପୁଷ ମାସରେ କରଜ କଲେ ଶୁଝିବାକୁ ଢେର୍ ଦିନ ଲାଗେ ଏବଂ ଶୀତ ଦିନରାତି ବଡ଼ ହୋଇଥିବାରୁ ସଞ୍ଜବେଳେ କାହାର ମୃତ୍ୟୁ ହେଲେ ବହୁତ ସମୟ କାଢିବାକୁ ପଡ଼େ ।)

୧୨ । ପୋଷା ପୁଅକୁ ପୁଅ କରି ଆଣି ତାକୁ ନ ବୋଲିବ ବାଳକ;
ଚୋରାଣି କଂସାରେ ଗୁଣ୍ଡାଏ ପଡ଼ିଲେ, ତାକୁ ନ ବୋଲିବ ବେଳକ;
ଫିସଫିସ ହୋଇ ବରଷୁ ଥିଲେ ତାକୁ ନ ବୋଲିବ ପାଳକ ।

୧୩ । ଫଗୁଣ, ଶୀତ ଯାଏ ଦିଗୁଣ । (ଫଗୁଣ ମାସ ବେଳକୁ ଶୀତ ଅଧାଅଧି ଗୁଡ଼ିଯାଏ ।)

୧୪ । ଫିରଫିର ବରଷା, ଫଗୁଣ ମାସରେ ମଶା; ଫେଙ୍ଗିଦିଆ ରାତି ପରଷା;—
ସଖି ଗୋ, ମନ୍ଦ ଏ ।

୧୫ । ବରଷା ରାତି, ଗୋଲମ ଜାତି ।

୧୬ । ବରଷା ରାତି, ଶୀତ ପାହାନ୍ତି, ଦିପହରିଆ ଖରା;
ଏ ତିନବେଳ ଯେ ବାଟ୍ଟକୁ ଗଲା, ଜଇ ଆଉ ଥାଉ ମଲା ।

୧୭ । ବରଷା ଖରା, ଭୃତ୍ୟ ମଗରା, ଗୋଦରା ଦାଣ୍ଟା, କର୍ମ ଶ୍ରୀ ନାରୀ, ଏ ଗୁରିଙ୍କ ଦାଉ ସହି ନ ପାରି । (ବର୍ଷା ପରେ ଯେଉଁ ଗୁଉଁଗୁଉଁଆ ଖରା ଆସେ ତାହା ଭାରି ଟାଣ ।)

୧୮ । ବ୍ରାହ୍ମଣ, ବାରିକ, ବରଷା, ବଢ଼ି; ଦକ୍ଷିଣା ପାଇଲେ ଯାଆନ୍ତି ଗୁଡ଼ି । (ଦକ୍ଷିଣା ପାଇଲେ ବ୍ରାହ୍ମଣ ଓ ବାରିକ ବିଦାୟ ନେବା ପରି ଦକ୍ଷିଣା ପବନ ବୋହିଲେ ବର୍ଷା ଓ ବଢ଼ି ଗୁଡ଼ିଯାଏ ।)

୧୯ । ଭାଦ୍ରବ ମାସର ଖରା, ଅଲପକ ଲୋକର ଚୋରା । (ଉଭୟ କ୍ଷଣସ୍ଥାୟୀ ।)

୨୦ । ଭେଦୁଅ ମାସର ଖରା, ବାଘ ନାଇଁ ଖାଏ ଚରା । (ସମ୍ବଲପୁରୀ ପ୍ରବଚନ । ଭେଦୁଅ ମାସର ଖରା ଭାରି କାଟେ ।)

୨୧ । ମନ୍ଦ ମନ୍ଦ ପୁବେଇ ବାଆ, କୋଡ଼ା କୋଡ଼ା ମେଘର ଶାଆ;
ଶଶୁରକୁ ବୋଲ ବାନ୍ଧୁ ଓଳି, ଆଜ ନ ବର୍ଷୁ ବର୍ଷିବ କାଲି । (ନିଶ୍ଚିତ ବର୍ଷାର ସୂଚନା ।)

୨୨ । ମଲି ସାଙ୍ଗେ ନ କର କଳି, ମାଘ ଗଲେ ଫଗୁଣକୁ ପଡ଼ିବ ଝଡ଼ି । (ବସନ୍ତ ପବନ ବାଜିଲେ ଦିହର ମଳି ଗୁଡ଼ିଯାଏ ।)

Digitized by srujanika@gmail.com

୨୩ । ମକର, ଦିନ ହୁଏ ବକର । (ମକର ସଂକ୍ରାନ୍ତିଠାରୁ ଦିନ ବଢ଼ିବାକୁ ଆରମ୍ଭ କରେ ।)

୨୪ । ମାଘ, ଶୀତ ହୁଏ ବାଘ । (ମାଘ ମାସରେ ଶୀତର ପ୍ରକୋପ ସବୁଠାରୁ ବେଶି ।)

୨୫ । ମାଘ ମାସରେ ନିଆଁ, ମିତଠାରେ ସ୍ନେହ, ମୁଣ୍ଡି ଖଇଛଡ଼ାକୁ ମୁଢ଼ି ମୁଆଁ— ସଖି ଗୋ, ଭଲ ଏ ।

୨୬ । ମାଘ ବରଷା, ମା' ପରଷା ।

୨୭ । ମାଘର ଜାଡ଼, ଷଣ୍ଢେ ହାଡ଼ ।

୨୮ । ମାଘେ ଶୀତ, ମେଘେ ଶୀତ ।

୨୯ । ମେଘ ବରଷୁ, କାହା ଦୁଆରକୁ କେହି ନ ଆସୁ ।

୩୦ । ଲଫି ଲଫି ବରଷା, ପରଲୋକ ଭରସା;
ବ୍ରାହ୍ମଣ ଘର ପରଷା, କହେ ଦିନାଇ ଏ ଫସରଫସା ।

୩୧ । ସାକ୍ରୁଡ଼୍ ମାକ୍ରୁଡ଼୍ ପୁଞ୍ଜିଏ, ଶୁଖି ଠୋ ଠୋ ପୁଞ୍ଜିଏ, ସାଲୁରୁବାଲୁରୁ ପୁଞ୍ଜିଏ ।
(ବର୍ଷକେ ଶୀତଋତୁ ଚାରି ମାସ, ଗ୍ରୀଷ୍ମଋତୁ ଚାରି ମାସ ଓ ବର୍ଷାଋତୁ ଚାରିମାସ ।)

୩୨ । ଅଗି ଜଳିଲା, ଶୀତ ଟଳିଲା, ବୋଲ ହରି ବୋଲ ।
(ମାଘମାସ ପୂର୍ଣ୍ଣିମାଠାରୁ ଶୀତର ପ୍ରକୋପ ହ୍ରାସ ପାଏ ।)

୩୩ । ଜଳ ବିହୁନେ ସୃଷ୍ଟି ନାଶ, ଜଳ ଗହଳେ ସୃଷ୍ଟି ନାଶ । (ମରୁଡ଼ି ଓ ବନ୍ୟା ଉଭୟ କ୍ଷତିକାରକ ।)

ଜାତି ଓ ବର୍ଣ୍ଣ ବିଚାର

୧ । ଅଠ ନଉଛଣା ଅନ୍ଧାର ରାତି, ଅଠ ନଉଛଣା ଭଣ୍ଡାରି ଜାତି । (ଅନ୍ଧାର ରାତି ପରି ଭଣ୍ଡାରି ଜାତି ଅବିଶ୍ବାସୀ)

୨ । ଅନୁଭବୀ ଥିଲେ କହି, ପାଠ ପଢ଼ିଥିଲେ ଗୀତ ଗାଉଥାନ୍ତି ବାଉରି କଣ୍ଡରା ପୁଅ ।
(ନୀଚ ଜାତୀୟ ବ୍ୟକ୍ତି ନିଜର ବିଦ୍ୟା ଦେଖାଇଦେବା ।)

୩ । ଅଖିଆ କର, ଥରି ଥରି ପାଣ୍ଟିବୁଲା କମେଇ ନ କର । (କର ବ୍ରାହ୍ମଣଙ୍କ ପ୍ରତି ଉପଲକ୍ଷ୍ୟ ବଚନ ।)

୪ । ଆଠ ହଣା, ଷୋଳ ମୂତା, ତେବେ କରିବୁ ବ୍ରାହ୍ମଣର ବୁଦ୍ଧି । (ବ୍ରାହ୍ମଣ ଘରେ ଚାକିରି କରିବା ବଡ଼ କଷ୍ଟ ।)

୫ । ଓଡ଼, ଗଉଡ଼, ଭଣ୍ଡାରି; ଏ ତିନହେଁ ଧର୍ମର ବଇରି ।

Digitized by srujanika@gmail.com

୬ । କରଣ ସାଆନ୍ତଙ୍କ ଢମ । (ପୂର୍ବେ କରଣ ସମାଜରେ ପରିଲକ୍ଷିତ ଅତିରିକ୍ତ ବାହ୍ୟାଡ଼ମ୍ବର ପ୍ରତି ଆକ୍ଷେପ ।)

୭ । କେଉଟ ଧରେ ମାଛ ଖାଏ କଙ୍କଡ଼ା । (କେଉଟ ମାଛ ଧରିଲେ ମଧ୍ୟ ଅଧିକ ଅର୍ଥ ପାଇବା ଆଶାରେ ମାଛ ନଖାଇ କଙ୍କଡ଼ା ଖାଇଲା ପରି ଧନୀଲୋକର କୃପଣତା ଆଚରଣ ।)

୮ । ଖଣ୍ଡିଆ ଗୀତ, ରଙ୍କ ମାନିତ, ଧୋବା ସଙ୍ଗୀତ, ଭଣ୍ଡାରି ମିତ; କହେ ଦନାଇ ଏ ଚାରିଙ୍କ ହିତ ।

୯ । ଖାଇଲେ ଜାତି ଯାଏ ନାହିଁ, କହିଲେ ଜାତି ଯାଏ । (କାତର)

୧୦ । ଗଉଡ଼, ଭଣ୍ଡାରି, ଗୋଖା; ନତି ଯାଙ୍କ ଥିବ ପଖା, ତେବେ ସେ ଦେବେଟି ଦେଖା ।

୧୧ । ଚଷା କ ଜାଣେ ପଶାର କଥା—ପଡ଼ିଲେ ବୋଲଇ ଦଶ ।

୧୨ । ଚଷା କ ଜାଣଇ ପଇଡ଼ ପାଣି, ପିଇଲେ ବୋଲଇ ଥିଲା ତୋରାଣି ।

୧୩ । ଜାତିକୁ ଜାତି କାଟେ, ପାଣିକୁ ପାଣି କାଟେ ।

୧୪ । ଜାତି ଆଗରେ ହାତୀ ଘୁଞ୍ଚି ପାରେ ନାହିଁ । (ଜାତିଆଣ କ୍ଷମତା ସମ୍ବନ୍ଧରେ ଉକ୍ତି ।)

୧୫ । ଜାତିଗଲା ପେଟ ପୂରିଲା ନାହିଁ ।

୧୬ । ତନ୍ତୀ କୁହୁଡ଼ି ପହଁରିବା ।

୧୭ । ତନ୍ତୀ ତାଳ ଗଛ ଡେଇଁବା । (ତନ୍ତୀମାନଙ୍କର ନିର୍ବୋଧତା ସମ୍ବନ୍ଧରେ ପ୍ରବାଦ ।)

୧୮ । ତନ୍ତୀଟାଏ ନାଁ ଭୁଲାଭିଣାଟାଏ । (ଉଭୟ ନିର୍ବୋଧ ବୋଲି ଦେଶରେ ପ୍ରବାଦ ଅଛି ।)

୧୯ । ତନ୍ତୀ ଭଣ୍ଡ, ନତି ବୁଣୁଥାଏ ମୋର ଖଣ୍ଡ । (ତନ୍ତୀ ଗରାଖମାନଙ୍କୁ ଭଣ୍ଡାଇବା ସମ୍ବନ୍ଧରେ ଉକ୍ତି ।)

୨୦ । ତେଲି କୋଟେ, ବୋଡ଼ିକ ପାଇଁ ବସାନ୍ତି ହାଟ ।

୨୧ । ତେଲି ଚକଟା, କାଣ୍ଡିକି ମିଶାଇ ହଳଦି ବଟା ।

୨୨ । ତେଲି ଚାମୁଲି ଭୁଲାଭିଣା, ଏ ତିନି ଜାତି ନଜାଣୁଣା ।

୨୩ । ଦାସ, ଦେଉଳିଆ (ଦେଉଳ ସେବକ), କରଣ ଜାତି; ଘରକ ଭିତରେ ଆଣନ୍ତି ହାତୀ ।

୨୪ । ଦାସେ, ପାଣିରେ ପଡ଼ିଲେ ମାସେ, ପାଣି ହେଲା ହେମ କାକର, ଦାସେ ହେଲେ ବୁଢ଼ାମାଙ୍କଡ଼ ।

୨୫ । ଦେଖା ଶିଖା ଗଉଡ଼ ଭିଆ (ବାହାଘର) । (ଗଉଡ଼ମାନଙ୍କର ଅନ୍ୟ ଜାତିମାନଙ୍କର ଅନୁକରଣରେ ବଦାବାଦିରେ ଆଡ଼ମ୍ବର ପ୍ରତି କଟାକ୍ଷ ବଚନ ।)

୨୬ । ଧୋବା ସଙ୍ଗୀତ, ଭଣ୍ଡାରି ମିତ; ସଖି ତୋ ମନ୍ଦ ଏ ।

Digitized by srujanika@gmail.com

୨୭ । ନାହାକ ପଣ୍ଡିତ, ନ କହନ୍ତି ସତ; ଦୁଆର ଦୁଆର ହୋଇ ମାଗନ୍ତି ଭିକ ।

୨୮ । ପଣ୍ଡା, ପାଠି, ଶରଣ; ତାଙ୍କୁ ନାହିଁ ମରଣ ।

୨୯ । କର, ଢହାଡ଼ି, ହୋତା; ଏକା ଗାତକେ ପୋତା ।

୩୦ । ବଙ୍ଗା ତନ୍ତ୍ରୀ, କଉଡ଼ି ଗଣି ସଢ଼ା ଖାଆନ୍ତି ।

୩୧ । ବାଉର କଉଡ଼ି ମଦକୁ, ବ୍ରାହ୍ମଣ କଉଡ଼ି ବାଦକୁ ।

୩୨ । ବାଉର ଜାତ, ହାଣ୍ଡିରେ ପେଜ ଥିଲେ କାମକୁ ନ ଯାନ୍ତି । (ଅତ୍ୟନ୍ତ ଶ୍ରମକାତର ।)

୩୩ । ବାଉର ସାହରେ ମାଣିକ ପଡ଼ିଲେ ଗୋରୁ ହାଡ଼ ବୋଲି ପିଟନ୍ତି । (ଅଯୋଗ୍ୟ ଲୋକେ ପ୍ରତିଭାର ମୂଲ୍ୟ ବୁଝନ୍ତି ନାହିଁ ।)

୩୪ । ବ୍ରାହ୍ମଣ ରଜା, ଖଣ୍ଡ ପରଜା, ଉହ ଉହ ଆମ୍ବିଲ, ଶୀତଳ ଭଜା; ସଖି ଗୋ ଏ ବଡ଼ ମନ୍ଦ ।

୩୫ । ବ୍ରାହ୍ମଣ ଘରେ ଶୂଦ୍ର କୁଣିଆ । (ଅସୁବିଧାଜନକ)

୩୬ । ବ୍ରାହ୍ମଣ ଭାତ କପାଳେ ହାତ । (ବ୍ରାହ୍ମଣମାନଙ୍କ କୃପଣତା ପ୍ରତି ଆକ୍ଷେପ ।)

୩୭ । ଭଣ୍ଡାରି, ବ୍ରାହ୍ମଣ, ନାହାକ, କାଉ, ଆଖି ଫିଟିଲେ ନ ମରନ୍ତି ଆଉ । (ଏମାନଙ୍କୁ ଜୀବିକା ନିର୍ବାହ ପାଇଁ ବିଶେଷ ହଇରାଣ ହେବାକୁ ପଡ଼େନାହିଁ ।)

୩୮ । ମଣିଷ ଯାକରେ ଲଣ୍ଡା ବଟୋଳ, ବ୍ରାହ୍ମଣ ଯାକରେ ପଣ୍ଡା ବଟୋଳ ।

୩୯ । ମହାନ୍ତି କଉଡ଼ି ନିଆଁ ଖାଏ, ବଙ୍ଗାଳୀ କଉଡ଼ି ମାଟି ଖାଏ । (ମହାନ୍ତିମାନେ ବିବାହାଦିରେ ବାଣରୋଷଣିରେ ଏବଂ ବଙ୍ଗାଳୀମାନେ ଦୁର୍ଗା ପୂଜାରେ ବହୁତ ଅର୍ଥ ବ୍ୟୟ କରନ୍ତି ।)

୪୦ । ମହାନ୍ତି ମହାନଦୀ ।

୪୧ । ମାଛ ଖାଇଲା ଓଧ, ବାଛ ରଖିଲା ଗେଣ୍ଡା,
ଜାତିଆ ପୁରୁଷ ହାଣ୍ଡିଆଟାଏ ଏବେ ହୋଇଲା ମେଣ୍ଢା ।

୪୨ । ମାହାନ୍ତି ଜାତ, ଉଧାର ପାଇଲେ କିଣନ୍ତି ହାତୀ; ଶୁଝିଲେ ଶୁଝିବେ ପୁଅଙ୍କ ନାତି ।

୪୩ । ମେଘ ଗରଜନ, ବ୍ରାହ୍ମଣ ଭୋଜନ, ଛଅଣ ଚକୁଳି ଘିଅ ମରଦନ,
ପୀଢ଼ା ଫାଟଇ ନାହି ଲେଉଟଇ, ତେବେ ସେ ବ୍ରାହ୍ମଣ ଠାଆରୁ ଉଠଇ ।
(ବ୍ରାହ୍ମଣମାନଙ୍କ ଖାଦ୍ୟଲୋଲୁପତା ସମ୍ବନ୍ଧରେ ଅତ୍ୟୁକ୍ତି ।)

୪୪ । ଯୋଗୀ ଘରେ କି ଢିଙ୍କି ? (ଭିକ୍ଷା ଉପରେ ନିର୍ଭର କରି ଚଳୁଥିବାରୁ ଧାନକୁଟା ଢିଙ୍କିର ପ୍ରୟୋଜନ ହୁଏ ନାହିଁ ।)

୪୫ । ଯୋଗୀ ଗୀତରେ କି ଭଣିତ ?

୪୬ । ଲେଖୁ ଲେଖୁ କରଣ, ହଗୁ ହଗୁ ମରଣ । (ଲିପିକାରର କୃତିତ୍ୱ ପାଇଁ ଅଭ୍ୟାସର ଆବଶ୍ୟକତା ।)

Digitized by srujanika@gmail.com

୪୭ । ବ୍ରାହ୍ମଣ ବାଇଗଣ, ବାଆକୁ ଟେଣ ଟେଣ । (ବାଇଗଣ ଗଛ କ୍ଷୁଦ୍ର ହୋଇଥିବାରୁ ବାତ୍ୟାରେ ବିଧ୍ୱସ୍ତ ନ ହେବା ପରି ବ୍ରାହ୍ମଣ ବିପଦର ଝଡ଼ଝଞ୍ଜାରେ ବିଚଳିତ ହୁଏ ନାହିଁ ।)

୪୮ । ବ୍ରାହ୍ମଣ ଗୃହ ବେଳକରେ ଫାଶ ।

୪୯ । ବ୍ରାହ୍ମଣ କୁଳର ପଇତା, ବେଶ୍ୟାକୁଳର ଘଇତା ।

୫୦ । ଅମୃ ବଉଳ ମାଛମଞ୍ଜି, ଖଚୁଆ ଭୁଣ୍ଡ ନାହାକ ପାଞ୍ଜି—ଏଥିରେ ସତ କେତେ ମିଛ କେତେ ।

୫୧ । ଆପେ ମରେ ବଢ଼େଇ, ପର ମାରେ କମାର,
ଘଇତା ମାରେ କେଉଟୁଣୀ, ଝଣ ମାରେ କୁମ୍ଭାର ।

୫୨ । ଗୃହୁଣୀ କ ଜାଣେ କପୂରର ଗୁଣ, ଶୁଙ୍ଘି ଶୁଙ୍ଘି କହିଲା ସଇନ୍ଧବ ଲବଣ ।

୫୩ । କୁଟେନ୍ତି ଧାନ, ବୁହନ୍ତି ପାଣି; ଦୋସଡ଼ା ପକେଇ ମାହାନ୍ତିଆଣୀ ।

୫୪ । ଜାତିରେ ନାହାକ, ମଳକ ମହାଳକ;
ଏମାନେ ହେଲେ ଜାତିକ କଳଙ୍କ ।

୫୫ । ଡମ ଛୋଟେଇ ଧୋଇଲେ ଶୁଦ୍ଧ ।

୫୬ । ପଠାଣ ମାଡ଼ ଖାଇଲେ ମାଇପ ଆଗରେ କହେ ନାହିଁ । (ନିଜର ପୌରୁଷ ହାନି ଭୟରେ ।)

ଜ୍ୟୋତିଷ ବଚନ

୧ । ଆଗତ ଭବିଷ୍ୟ ଜାଣଇ ଯେ, ଗଣ୍ଠିଆ ପାଖରୁ ଟାଣଇ ସେ । (ଭାଗ୍ୟ ଗଣନା କରି ଭବିଷ୍ୟତ କହିବା ଲୋକ ଅତି କୃପଣ ଲୋକଠାରୁ ମଧ୍ୟ ଧନ ଲାଭ କରେ ।)

୨ । କୁଆ ବୋବାଏ ଘରେ ନବସେ, ତଗ ବୁଡ଼ିଥାଏ ସୂରୁଜ ନ ଦିଶେ; ତାକୁ ବୋଲିବ ଉଷା, ସବୁ ଗ୍ରହଯାକ ଥାଇ ବୋଇଲେ, ଆମେ ସେତେବେଳେ ମୂଷା । (ଉଷା-କାଳରେ ଯାତ୍ରା ଅନୁକୂଳ କରିବା ଶୁଭ ।)

୩ । ଦଶା ପଡ଼ିଥିଲେ ସୁନା ଧଇଲେ ଚୂନା ହୁଏ ।

୪ । ବ୍ରାହ୍ମଣୀ ହାତରେ ଅଡ଼ା । (ଜ୍ୟୋତିଷ ମତରେ ଯେଉଁ ବର୍ଷ ଶନିଗ୍ରହ ମିଥୁନ, କନ୍ୟା ଓ ଧନୁ ରାଶିରେ ରହନ୍ତି ସେ ବର୍ଷ ପୃଥିବୀକୁ ଶସ୍ୟ ଯୋଗାଇବାର ଦାୟିତ୍ୱ ସାବିତ୍ରୀ ବା ବ୍ରାହ୍ମଣୀ ହାତରେ ରହେ ଓ ଦେଶରେ ଘୋର ମହାରଗ ପଡ଼େ ।)

୫ । ମକରେ ମଙ୍ଗଳ ଥିଲେରେ ମୂଲ୍ୟ, ଦାସୀ ପୁଅ ହେଲେ ଧରଇ ଛତ୍ର ।

Digitized by srujanika@gmail.com

୬ । ମଙ୍ଗଳ ରାତ, ବୁଧ ପାହାନ୍ତି; ଯେଣେ ଯାଇ ତେଣେ ଯଶ ପାଆନ୍ତି ।

୭ । ମାଠିଆ ଭିତରେ ପଶିଲେ ଯମ, ଦାସୀ ପୁଅ ହେଲେ ରଜାର ସମ । (କୁମ୍ଭ ରାଶିରେ ଶନିଗ୍ରହ ଭାଗ୍ୟକାରକ ।)

୮ । ମେଷରେ ମଙ୍ଗଳ ଧବଳ ଛତା, ଦଣ୍ଡ ସିଂହାସନ ପାଟବୁରେ ପୂଜା । (ମେଷ ରାଶିରେ ମଙ୍ଗଳଗ୍ରହ ଶୁଭକାରକ ।)

୯ । ରବି ଦଶଘଡ଼ି ସୋମ ଚଉଠା, ବାରମଙ୍ଗଳ, ପଣ୍ଡିତ ଷଠା,
ଗୁରୁ ଚଉଦ, ମନ୍ତ୍ରୀ ଆଠ, ଉଦୟୁ ଅସ୍ତ ଶନିର ଘାଟ । (ପଣ୍ଡିତ – ବୁଧ, ମନ୍ତ୍ରୀ— ଶୁକ୍ର । ବିଭିନ୍ନ ବାରର ଏହି ଏହି ସମୟରେ ଯାତ୍ରାଦି ଅନୁକୂଳ କଲେ ଅମଙ୍ଗଳ ଘଟେ ।)

୧୦ । ରାହୁ ଘଡ଼ିକ ରାହୁ, ଶନି ଘଡ଼ିକ ଶନି । (ପ୍ରଭାବଶାଳୀ ବ୍ୟକ୍ତିର ଅପ୍ରତିହତ ପ୍ରଭାବ ପ୍ରତି ଉପଲକ୍ଷ୍ୟ ବଚନ ।)

୧୧ । କଣା (ଶୁକ୍ର) ବଣା ଧଇଲେ (କୁମ୍ଭରେ) କେଉଁ ଆଡ଼କୁ ଯାଏ, ଗ୍ରେଟା (ଶନି) ଯେବେ ବଣା ଧରେ ଗୃମର ପଡ଼ିଥାଏ । (ରାଜଯୋଗ)

୧୨ । କଣା କେରଣ୍ଡି (ମୀନରେ) ଦଗଣ୍ଡି ଧଶନ୍ତୁ,
ମକର ପିଠିରେ ବହଇ କୁଜ (ମକରରେ ମଙ୍ଗଳ),
ଘରେ ମୁଣ୍ଡେ ଵୃଦ୍ଧ ଢଶଇ ତେଜ । (ବୃଷରେ ଚନ୍ଦ୍ର)
ଏତେ ଗ୍ରହ ଏତେ ସ୍ଥାନରେ ଥିଲେ, ଦାସୀପୁଅ ଟେକାଏ ଭଲେ । (ରଜା ହୁଏ ।)

୧୩ । କେଳୁଣୀ ହାତରେ ଅଡ଼ା, ତେଇଁ ଉଠିବ ମଡ଼ା । (କେଳୁଣୀ ହାତରେ ଅଡ଼ା ଥିଲେ ପୃଥିବୀରେ ଉତ୍ତମ ଶସ୍ୟ ଜାତ ହୁଏ ।)

୧୪ । ମାହେନ୍ଦ୍ର ବେଳ ଷଣେ ।

ଟଙ୍କା-ପଇସା ଓ ଦେଣା-ପାଉଣା

୧ । ଅର୍ଥ ସବୁ ଅନର୍ଥର ମୂଳ ।

୨ । ଆଳେ ମଉସା ଜଡ଼ ପଇସା । (ଅର୍ଥ ବିନା କୌଣସି କାର୍ଯ୍ୟ ସିଦ୍ଧ ହୁଏ ନାହିଁ ।)

୩ । ଉଧାରକୁ ଅନ୍ଧାର । (ଅନେକ ସମୟରେ ମନୁଷ୍ୟ ଦାୟରେ ପଡ଼ି ଅନ୍ୟର ଦ୍ୱାରସ୍ଥ ହେବାକୁ ବାଧ୍ୟ ହୁଏ ।)

୪ । ଉଧାର ମାଣକ ଡନପା । (ଧାନ ବିଶ ଆଦି ଶସ୍ୟ ଉଧାର ବା କରଜ ଦେଲା-ବେଳେ କମ୍ କରି ଦିଅନ୍ତି ।)

Digitized by srujanika@gmail.com

୫ । ଉଧାର ମାଣକ ପାଣ୍ଡପା ଶୁଙ୍ଘ । (ମାଣେ ଜିନଷ ଉଧାର ବା କରଜ ଆଣିଲେ ପାଣ୍ଡପା ଶୁଙ୍ଘିବାକୁ ହୁଏ ।)

୬ । ଉଧାର ମିଳିଲେ କଣନ୍ତି ହାଣ୍ଡି, ଶୁଙ୍ଘିଲେ ଶୁଝିବେ ପୁଅଙ୍କ ନାତି । (ନିଜକୁ ଶୁଝିବାକୁ ନ ପଡ଼ିଲେ ଲୋକେ ବହୁମୂଲ୍ୟ ବସ୍ତୁ ଧାର କରି ଆଣନ୍ତି ।)

୭ । ଋଣ ଶେଷ, ବ୍ୟାଧି ଶେଷ, ଶତ୍ରୁ ଶେଷ; ଏ ତିନିଙ୍କ ନ ରଖିବ ଲେଶ । (ସମୂଳେ ଉତ୍ପାଟିତ ନ କଲେ ପଛକେ ଘୋର ବିପଦର ସମ୍ଭାବନା ।)

୮ । କଉଡ଼ି ଥିଲେ ମା' ବାପ ଛଡ଼ା ସବୁ ମିଳେ ।

୯ । କଉଡ଼ି ଥିଲେ ବାଘ ଦୁଧ ମିଳେ । (ଧନ ଥିଲେ କୌଣସି ବସ୍ତୁ ଦୁର୍ଲ୍ଲଭ ହୁଏ ନାହିଁ ।)

୧୦ । କଉଡ଼ି ନବ ଗଣି, ପାଣି ପିଇବ ଛାଣି । (ଉପଦେଶ ।)

୧୧ । କଉଡ଼ି ନ ଚହ୍ନେ ବନ୍ଧୁ ଅବନ୍ଧୁ । (ପଇସା ନିକଟରେ ଆପଣା ପର ସ୍ଥାନ ନାହିଁ ।)

୧୨ । କଉଡ଼ି, ଶତ୍ରୁକୁ ଦିଏ ଘଉଡ଼ି । (ଅର୍ଥ ଦ୍ୱାରା ଶତ୍ରୁ ମଧ୍ୟ ବଶୀଭୂତ ହୁଏ ।)

୧୩ । କାର୍ଯ୍ୟ ମହାଜନକୁ ନେଭଡ଼ା ଖାତକ ।

୧୪ । କାହାଣେ କଉଡ଼ି କି ପନିକି ବନ୍ଧା । (ବେଶୀ ଧନ ଋଣ କରିବାକୁ ଯାଇ ସାମାନ୍ୟ ଜିନଷ ବନ୍ଧାଦେବା ଭଳି ହାସ୍ୟାସ୍ପଦ କଥା ।)

୧୫ । ଗୁଆମାଳ ଗବକୁ ପାଣି ଟେର୍ଣ୍ଣିବା । (ବହୁମୂଲ୍ୟ ପଦାର୍ଥ ଉଜୁଡ଼ିବାକୁ ଦେଇ ଅଳ୍ପମୂଲ୍ୟ ପଦାର୍ଥର ଯତ୍ନ ନେବା ।)

୧୬ । ଗୋଟିଏ ଧାନକୁ ରଜା ମୂଲକ ଦେଇ ପାରେ ନାହିଁ । (ଚକ୍ରବୃଦ୍ଧି ସୁଧରେ କରଜ ନେଇଥିବା ଧାନ ଶୁଝିବା କଷ୍ଟକର ।)

୧୭ । ଟଙ୍କାକୁ ଟଙ୍କା କମାଏ । (ଟଙ୍କା ବଳରେ ଆୟର ନାନା ପନ୍ଥା ଖୋଲିଯାଏ ।)

୧୮ । ଟଙ୍କା, ମୁହଁ କରିଦିଏ ବଙ୍କା । (ଟଙ୍କା ପଇସା ହେଲେ ଲୋକ ଅନ୍ୟକୁ ଖାତିର କରେ ନାହିଁ ।)

୧୯ । ଠଠାଠି । (ଅର୍ଥର ଘୋର ଅଭାବ ।)

୨୦ । ଦାମ ସାହୁର ଗୋଜାରେ ଶ୍ୟାମର ସହି । (ଗୋଜା—ତମସୁକ । ଜଣକର ଋଣ ଭାରର ଦାୟିତ୍ୱ ଆଉ ଜଣେ ଗ୍ରହଣ କରିବା ।)

୨୧ । ଦାମ ଦୋପଟ, ଏଥିରୁ ବଳିଲେ ମୁଣ୍ଡରେ ପିଟ । (ମୂଳଧନ ସୁଧ ମିଶି ଦୁଇଗୁଣରୁ ବେଶି ହେଲେ ଖାତକର ସର୍ବନାଶ ହୁଏ ।)

୨୨ । ଦିଅଁକୁ ଖାଇ ଖଟୁଲି ଗିଳିବା । (ଲାଭ ଖାଇ ମୂଳଧନକୁ ଖାଇଯିବା ।)

୨୩ । ଦେଲା ପୁଅ ଗେହ୍ଲା । (ଉପାର୍ଜନକ୍ଷମ ପୁଅକୁ ପିତାମାତା ଅଧିକ ସ୍ନେହ କରନ୍ତି ।)

Digitized by srujanika@gmail.com

୨୪ । ପଣେ ପାଇଲେ ଷଣେ ଗାଏ, କାହ୍ନାଣେ ପାଇଲେ ଧନଯାକ ଘବୁଥାଏ । (ଲୋକର କାର୍ଯ୍ୟଦକ୍ଷତା ଅର୍ଥ ଉପରେ ନିର୍ଭରଶୀଳ ।)

୨୫ । ପର ପୁଅ ମାନ କଲି, ଆପଣା ସେରକ ହାନି କଲି । (ବୃଥା ଅଭିମାନ କରି ନିଜର କ୍ଷତି ଘଟାଇବା ।)

୨୬ । ପର ଧନରେ ଲୁବ୍ଧ ହଲଇ, ଟାକର ମାରି ନେବ ଛଡ଼ାଇ ।

୨୭ । ପରଭୁଞ୍ଜା କ ବୁଝନ୍ତି ଘୃହଲର ମୂଳ ।

୨୮ । ପାଇଲି ଗଡ଼ିଆ ବୁହାନ୍ତି । (ମାଛ ମିଳୁଥିବା ଗଡ଼ିଆକୁ ଆହୁରି ମାଛ ପାଇବା ଆଶାରେ ପାଣି ବୋହି ଶୁଖାଇବା ପରି ଥରେ ଧନ ପ୍ରାପ୍ତ ହୋଇଥିବା ସ୍ଥଳ ପୁନଃ ଅର୍ଥ ପ୍ରାପ୍ତିର ଉଦ୍ୟମ ।)

୨୯ । ଫଳାହାର ଦେଖି ଏକାଦଶୀ । (ଲାଭର ମାତ୍ରା ଅନୁଯାୟୀ ତ୍ୟାଗ କରିବା ।)

୩୦ । ବଣି କୁକୁଡ଼ା ମାରି ଧର୍ମଙ୍କ ଋଣ ଶୁଝିବା । (ଅପର ବ୍ୟକ୍ତିର ଧନରେ ଋଣରୁ ମୁକ୍ତ ଲଭିବା ।)

୩୧ । ମାଗଣାକୁ କ ମହରଗ । (ଯାହା ବିନା ପଇସାରେ ମିଳେ, ତାହା କଦାପି ମହର୍ଗ ନୁହେଁ ।)

୩୨ । ମାହାଳିଆଙ୍କର ଘୃତର ବେଶି । (ମାଗଣା ଖିଆ ଲୋକଙ୍କ ପ୍ରତି ଉପଲକ୍ଷ୍ୟ ବଚନ ।)

୩୩ । ମାହାଳିଆ ମୁକୁନ୍ଦଦେବ (ମୁକୁନ୍ଦା) । (ମାଗଣାଖିଆ ଲୋକ ପ୍ରତି ବ୍ୟଙ୍ଗୋକ୍ତି ।)

୩୪ । ମାହାଳିଆ ଗୋରୁର କ ଦାନ୍ତ ଦେଖା ? (ମାଗଣାରେ ମିଳୁଥିବା ପଦାର୍ଥରେ ଭଲମନ୍ଦ ବିଷ୍ୟର ନିରର୍ଥକ ।)

୩୫ । ମାହ୍ନାଳିଆକୁ ଡାକ ପଡ଼ିଛି କାହ୍ନାଳିଆକୁ । (ମାଗଣାଖିଆ ଲୋକଙ୍କ ପ୍ରତି ବ୍ୟଙ୍ଗୋକ୍ତି ।)

୩୬ । ଯହିଁ ପାଇ, ତହିଁ ଗାଇ । (ଲୋକେ ଯାହାଠାରୁ ଧନ ପ୍ରାପ୍ତ ହୁଅନ୍ତି ତାର ପ୍ରଶଂସା ଗାନ କରନ୍ତି ।)

୩୭ । ଯାହା ଘରେ ଥାଏ ଟଙ୍କା, ତା କଥାଟିମାନ ବଙ୍କା । (ଧନସମ୍ପଦ ମନୁଷ୍ୟର ଦାମ୍ଭିକତାର ମୂଳ କାରଣ ।)

୩୮ । ଯାହାକୁ ମାରି ନ ପାରିବୁ ହାତେ, ତାକୁ ମାରିବୁ ଭାତେ । (ଟଙ୍କା ପଇସା ବଳରେ ମନୁଷ୍ୟକୁ ଆୟତ୍ତ କରିବା ସହଜ ।)

୩୯ । ଯେତେ କଲେ ଧଣେ ନାହିଁ, ଯେତେ ଦେଲେ ହସେ ନାହିଁ । (ଯେତେ ଧନ ପାଇଲେ ବି ମନୁଷ୍ୟର ତୃପ୍ତି ଆସେ ନାହିଁ ।)

୪୦ । ଯେବେ ଥିବ ଅଣ୍ଟାରେ ବଳ, ସଙ୍ଗାତ ମିତେ ତା ଦୁଆରେ ଠୁଳ । (ପାଖରେ ଧନ ଥିବା ଯାଏ ବନ୍ଧୁବାନ୍ଧବଙ୍କର ଅଭାବ ରହେ ନାହିଁ ।)

୪୧ । ଯେବେ ପୂରିଥାଏ ତୋଳ, ସୁସାର ବଚନ ବୋଲ । (ଧନ ପାଇଲେ ସମସ୍ତେ ମଧୁର କଥା କହନ୍ତି ।)

Digitized by srujanika@gmail.com

୪୨ । ଲୁଣ ଖାଇବ ଯାର, ଗୁଣ ଗାଇବ ତାର । (ଲୋକେ ଯାହାଠାରୁ ଧନ ପ୍ରାପ୍ତ ହୁଅନ୍ତି ତାହାର ଗୁଣ ଗାନ କରନ୍ତି ।)

୪୩ । ସର୍ବସୁନ୍ଦର କଉଡ଼ି, ମିତ୍ରକୁ ଆଣେ, ଶତ୍ରୁକୁ ଦଏ ଘଉଡ଼ି । (କଉଡ଼ି — ଟଙ୍କା ପଇସା ।)

୪୪ । ସାହୁର ଦେଏଣା ନାହିଁ କ, ରଜାର ଖଜଣା ନାହିଁ । (ଅଋଣୀ ବ୍ୟକ୍ତି ।)

୪୫ । ହକ କଉଡ଼ି ଦେଇ ଶୁଣ୍ଢୀକୁ ଜୁହାର ହେବା । (ମଦୁଆ ଶୁଣ୍ଢୀକୁ ଜୁହାର ହେବା ଅର୍ଥାତ୍ ପଇସା ଦେଇ ମଧ୍ୟ କାର୍ଯ୍ୟ ସିଦ୍ଧି ପାଇଁ ନୀଚ ଲୋକକୁ ତୋଷାମଦ କରିବାକୁ ବାଧ୍ୟ ହେବା ।)

୪୬ । ନ୍ଦଜଲା ଗାଈ ବ୍ରାହ୍ମଣକୁ ଦାନ । (ଯାହା ପାଇବାର ଆଶା ନାହିଁ, ତାହା ଅନ୍ୟକୁ ଦାନ କରି ପ୍ରଶଂସା ଅର୍ଜନ କରିବା ।)

୪୭ । ଘରର ସୁନ୍ଦର, ବର ସୁନ୍ଦର, ବାଦ୍ୟକୁ ସୁନ୍ଦର ମହୁରି;
ଦୂର ଦେଶକୁ ପର୍ବତ ସୁନ୍ଦର, ସର୍ବ ସୁନ୍ଦର କଉଡ଼ି ।

୪୮ । ମାଗିଲି ଗୁଉଲ ସେରେ ପହରେ କହୁଲା ବସ,
ଜାଲ ସରିଗଲା, ଜଳ ମରିଗଲା; ତେବେ ନ ପୂରିଲା ଆଶ ।

୪୯ । କେବେ ଦେଇଥିଲା ଧାନ ପାଏ,
ଗୋଡ଼ାଇ ଧରୁଛି ଏବଯାଏ ।
(ଋଣ ପରିଶୋଧ ନ କରିବା ପର୍ଯ୍ୟନ୍ତ ମହାଜନ ଖାତକକୁ ଛାଡ଼େନାହିଁ ।)

୫୦ । ଆଜକାଲି କହୁ ହେଲା ବରଷେ,
ପଅରି ଦିନକୁ ହେବ ପୁରୁଷେ ।
(କେତେକ ଖାତକ କରଜ ପରିଶୋଧ କରି ନ ପାରି ଆଜକାଲି କହି ଟାଳିଥାନ୍ତି ।)

୫୧ । ଆଜକାଲି ହୋଇ ପୂରିଲା ମାସ,
କେଉଁଠି ବୁଲୁଛି କାଲିକ ଆସ ।

ଉଗାଉମାଳି

୧ । ଅନ୍ଧ ସୁଆଗରେ ସୁଆଗ ହିଁଅ କାନ୍ଦନା, ଗୁଉଲ ପଛଟିକେ ଦେବେଇବ; ଖଣ୍ଡ ଗ୍ରନ୍ଥନା ।

୨ । ଅସତୀ ଭୁଞ୍ଜଇ ପଲଙ୍କ ସୁପାଢ, କୁଳବତୀ ହୁଏ ଦାସୀ;
ସାଇ ସାଇ ହୋଇ ବୁଲଇ ଗୋରସ, ମଦ ବିକାଯାଏ ବସି । (ଅନୁଭବ)

Digitized by srujanika@gmail.com

୩ । ଆଉର ହେଉ ଆଉର ହେଉ, ଖୋସା ଉପରେ ଚଉଁର ହେଉ । (ବଢ଼ଉ ଉପରେ ବଢ଼ଉ ହେଉ ।)

୪ । ଆଙ୍ଗୁଠି ସନ୍ଧରେ ମଳି, ଭିତରେ ଭିତରେ ସଳାପୁତର ଉପରେ ଲାଗିଛୁ କଳି ।

୫ । ଆଜକୁ ଗଲେ କାଲକୁ, ଫଟା ସିନ୍ଦୁକରେ ମାଲକୁ ।

୬ । ଆ ଲୋ ମୂରୁସି ଶୋଇବା, ତୁ ତ ମୂରୁସି ମୁଁ ତ ମୂରୁସି, ହେଁସ କାନ୍ଧିପାଇଁ ଧୋଇବା । (ଯେଉଁଠାରେ ଉଭୟ ବ୍ୟକ୍ତି ବା ଗୋଷ୍ଠୀ ଦୋଷଯୁକ୍ତ ସେଠାରେ ଏହା ଉପଲକ୍ଷ୍ୟ ଦଆଯାଏ ।)

୭ । ଆଶା କରିଥିଲି ମଲ୍ଲୀକୁ, ମଲ୍ଲୀ ପୁଅ ଦେବ କାଲକୁ ।

୮ । ଅଖାଇ ନାମି ପାଦ ପତର, ବସିଥାଏ ଚୁଲି ମୁଣ୍ଡେ;
ଘଇତା ସକେଇ କାନ୍ଦେ, କ୍ଷୀର ଦେଇ ନାହିଁ ତୁଣ୍ଡେ ।

୯ । ଅଖାଇ ଅଖସି, ଅଖାଇ ନାମି ମାଡ଼ି ବସିଛି ମଝି ବଖରି ।

୧୦ । ଅଖାଇ କହିଲେ ଚଳେ, ସିନ୍ଦୁପାଟାକର ଗୁଣ୍ଡା ବଳେ ।

୧୧ । ଅଢ଼େଇ ଧନକୁ ବଢ଼େଇ ଘଇତା, ଝୁରି ମରିବାକୁ କଲା ବିଧାତା ।

୧୨ । ଓସ୍ତ ପତର ପାନିଆ, ଚଉଧୁରୀ ଝିଅ କନିଆ, ସାଆନ୍ତର ପୁଅ ବର,
ଅଠର ଖଣ୍ଡ ବାଇଦ ବାଜେ ଠଙ୍ଗର ଠଙ୍ଗର ।

୧୩ । କଅଁଳ କାକୁଡ଼ି ବହଳ ଚୋପା, କାଟି ଦେଲି ପରିବାକୁ;
ଅଳପ ଧନକୁ ବହୁତ କଥା ଝୁରି ଝୁରି ମରିବାକୁ ।

୧୪ । କବାଟ କଣରେ ନେଉଳ, କାନ ଫୁଙ୍କା ଫୁଙ୍କି ଗୁପତ କଥା;
ମୋତେ କହିଯାଅ ବଉଳ ।

୧୫ । କୁଳରେ କାଟିଲି ଲଉ,
ମୋ କରମକୁ ବୁଢ଼ା ଘଇତା,
ପକାଇ ଦେବ କି ଆଉ ।

୧୬ । ଗାଳି ତ ନ ସହେ ବଡ଼ ଘର ଝିଅ,
ମାଡ଼ ତ ନ ସହେ ଲହୁଣି ପିଠୁଳା ଦେହ;
ତୋହର ତାହାର ନ ପଡ଼ିଲା ଯେବେ,
ଟେରି ବାଡ଼ ଦେଇ ଶୁଅ ।

୧୭ । ଘରର ଉପରେ ଘର, ସୁନା କୁମ୍ଭ ପରି ସ୍ୱର ଦେଅର ଲୋ,
ଚନ୍ଦର ଉଦଆ ବର ।

୧୮ । ରତନ ପାଟ ପତନ, ବରଗଛ ମୂଳେ ଘର;
ବାପ ଜାଣି ନେଇଁ, ମା ଜାଣି ନେଇଁ
ନେଇ ଗଲା ବୁଢ଼ା ବର ।

Digitized by srujanika@gmail.com

୧୯ । ମା’ ଲୋ ମଲ, ଡଗ ଡଗ ଗୁଲ ଦେଖି ନ ଥିଲ ।

୨୦ । ପରୁଣ ସୁନା ଦଣ୍ଡିକ, ଶିମିଳ ତୂଳା ମାଣ୍ଡିକ,
ରାଣ୍ଡୀ ସଙ୍ଗେ ଭାବ କଲେ ନଢ ଯାଉଥିବ ଫାଣ୍ଡିକ ।

୨୧ । ଓଳ ତଳେ କୋଳ ଗଛ ଝର ଝର ହୋଇ ପଡ଼େ;
ରଜାଘର ଟିକ ଝିଅଟି ନଢ ବୁଡ଼ ପାରେ ।

୨୨ । ଓଲୁଅ ଢଆରେ ବଣ ମାରୁଲୁ; ଭୁ ଗଲୁ ମୁଁ ଗଲୁ ସାଙ୍ଗ ହୋଇଯିବା ବାହାଘରଲୁ ।
(ଦୁଇ ଦୁଷ୍ଟ ବା ମନ୍ଦ ଲୋକ ଏକତ୍ର ହେଲେ ଭଲ କାର୍ଯ୍ୟରେ ବିଘ୍ନ ଘଟେ ।)

୨୩ । କକେଇ, ଭାତ ହେଲା ନକେଇ, ଢଅଣ ହେଲା ଝୋଳ;
ଆସ କକେଇ ଭାତ ଖାଇବ, ଖୁଡ଼ୀକି ନେଲଣି ଚୋର । (ପରିହାସୋକ୍ତି)

୨୪ । କଣ କରିବ ତ, ବାଡ଼ି ଲେଉଟିଆ ଝିମିଡ଼ି ଶାଗ ଖରଡ଼ି ଖାଇବ ତ ।

୨୫ । କାହା ଗୋରୁଗାଈ କିଏ ସେ ବାନ୍ଧେ, ପର ଦୁଃଖ ଦେଖି ଯୋଗିଆ କାନ୍ଦେ ।

୨୬ । କେତେବେଳେ ଫୁଲୁର ମାଳପା ଅପ ଅପ, କେତେବେଳେ କାଠି ଖଣ୍ଡିକେ ରମ୍ପ
ରମ୍ପ । (ମନୁଷ୍ୟର ଅବସ୍ଥା ଚିର ପରିବର୍ତ୍ତନଶୀଳ ।)

୨୭ । ଖାଇଲା ବେଳକୁ ପୁଅର ମା’, ହୁଳହୁଳ ଦେଲାବେଳକୁ କିଭରେ ଘା । (ଅନ୍ୟ ଦ୍ୱାରା
ନିଜର କାର୍ଯ୍ୟ ସାଧନ କରାଇ ନେବା ପାଇଁ ମନୁଷ୍ୟ ଯେତିକ ବ୍ୟଗ୍ର ଅନ୍ୟ ବ୍ୟକ୍ତିର
କୌଣସି କାର୍ଯ୍ୟରେ ସାହାଯ୍ୟ କରିବା ବେଳକୁ ସେତିକ ବ୍ୟଗ୍ର ନୁହନ୍ତି ।)

୨୮ । ଗଳା ନାଶ ଯାଏ ବାଟେ, ସୁତା ନାଶ ଯାଏ ହାଟେ, ଘଟୀ ନାଶ ଯାଏ ଘାଟେ,
ଜଟୀ ନାଶଯାଏ ନାଟେ । (ଅନୁଭବ) ।

୨୯ । ଗାଈ ନ ବୋଲେ ଗୋସାଇଁ ବୋଲ, ଗୋସେଇଁ ଧାଉଁଛୁ ଦୋହଣି ଧରି ।
(ବିନା ଆଦର ଅଭ୍ୟର୍ଥନା ଅନ୍ୟଠାରେ ପ୍ରାର୍ଥୀ ହେବା ଭଲ ହାସ୍ୟାସ୍ପଦ କଥା ।)

୩୦ । ଗାଣ୍ଡି ଲଙ୍ଗଳା ମୁଣ୍ଡରେ ଫୁଲ, ଗୁଲ ଯାଉଥାଏ ଦୁଲ୍ ଦୁଲ୍ । (ବୃଥା ଆଡ଼ମ୍ବର
ପ୍ରଦର୍ଶନ କରିବା ।)

୩୧ । ଘସର ଘସର ପାଣି, ତୁମେ ଯହିଁ ପାଇଁ ଲସର ପସର ଆମେ ସେଇ କଥା ଜାଣି ।
(ମନୁଷ୍ୟର ଗୁଲଚଲନରୁ ତାର ଅଭିପ୍ରାୟ ଜଣାଯାଏ ।)

୩୨ । ଘସୁରି କି ଜାଣିବ ପାଚିଲା କଦଳୀ ଅଣ୍ଟି ହାତେ ରଜୁ ମୁଦ,
ପେଚା ଚଢ଼େଇକି ସୁବର୍ଣ୍ଣ ପଞ୍ଜୁରି, କୋରଡ଼ ସୁମରି କାନ୍ଦ ।
(ଯେଉଁମାନେ ବସ୍ତୁର ପ୍ରକୃତ ମର୍ଯ୍ୟାଦା ବୁଝନ୍ତି ନାହିଁ, ସେମାନଙ୍କ ପ୍ରତି
ଆକ୍ଷେପୋକ୍ତି ।)

୩୩ । ଚକୁଆ ଚକୋଇ ସାଙ୍ଗ ସରିସା, ରାତି ହେଲେ ଲକେଇ ।
(ଚକ୍ରବାକ ଦମ୍ପତିର ରାତ୍ରକାଳରେ ବିଚ୍ଛେଦ ହୁଏ ।)

୩୪ । ଚନ୍ଦ୍ରଧର, ପକ୍ଷୀ ଜନ୍ମରୁ ପାର କର । (ଶୁଆକୁ ପଢ଼ାଇବା ଗୀତ ।)

Digitized by srujanika@gmail.com

୩୫ । ଚୁଙ୍ଗି ଭଡ଼କା, ଓଟାର ନ ହେଲେ ଆଣ ଖଡ଼ିକା ।
(ହୁକା ନଳ ସଫା କରିବା ସମ୍ବନ୍ଧରେ ଉପଦେଶ ।)

୩୬ । ଜହ୍ନି ଫୁଲ ଠୋଠା, ଗୁଣ୍ଡୁଚି ମୂଷା କହୁଯାଇଛୁ ଗୁଉଳ ମୁଠେ ଥୋଇଥା ।

୩୭ । ଟୁଉକୁ ମୂଷି, ଟୁଉକୁ ମୂଷି ଧାନ ଭରଣକ ଖାଉଥା ବସି; ରୁ ଥା ମୁଁ ଯାଉଛୁ ରୁଷି ।

୩୮ । ତୋ ପରି କିଏ ହେବ, ଉଡ଼ିଯାଉଥିବା ସୁବର୍ଣ୍ଣ ଚଢ଼େଇ ଧରି ଆଣି କିଏ ଦେବ ?
(ଶିଶୁ ପ୍ରତି ମା'ର ପ୍ରଶଂସାସୂଚକ ଉକ୍ତି ।)

୩୯ । ଥାଉକ ନ ଥାଉ ବାହୁନୁ ଥାଉ, ହଉକ ନ ହେଉ ବରଷୁ ଥାଉ । (ସୁଖ ଦୁଃଖ ସବୁଥିରେ ଅଭିଯୋଗ କରୁଥିବା ଲୋକ ପ୍ରତି ଆକ୍ଷେପୋକ୍ତି ।)

୪୦ । ତତେ ଥୋ, ମତେ ଥୋ, ଚୁଲି ମୁଣ୍ଡରେ ହାତ ଧୋ । (ଏକ କ୍ଷୁଦ୍ର ପରିବାରର ଅନୁଭୂତି ।)

୪୧ । ତୁମେ ଖା, ତୁମ ଆୟୁଷ ବଢ଼ୁ, ମୋ ଖିଆଟା ଚୂଲିରେ ପଡ଼ୁ । (ଚୂଲିରେ ପଡ଼ିବା, ପୋଡ଼ ପିଠା କରିବା—ଶାଶୂ ପ୍ରତି ବୋହୂର ଉକ୍ତି ।)

୪୨ । ଦାଣ୍ଡୁଆ ମାଇଚିଁ ଘରକେ ଶିଙ୍ଘ; ଘେରର ପଲଲ ଦାଣ୍ଡକେ ଉର । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ଦାଣ୍ଡୁଆ ସ୍ତ୍ରୀ ପ୍ରତି ବ୍ୟଙ୍ଗୋକ୍ତି ।)

୪୩ । ଦାସ୍ତାଙ୍କ ସୁନ୍ଦର ନାଟ, ଯୋଗୀଙ୍କ ସୁନ୍ଦର ମଠ,
କେଳାଙ୍କ ସୁନ୍ଦର ହଟଚମଟ, ରଜାଙ୍କ ସୁନ୍ଦର ଖଟ,
ଗୁରୁଙ୍କ ସୁନ୍ଦର ଗୃଢ, ନଈକ ସୁନ୍ଦର ଘାଟ ।

୪୪ । ଧନେ ନାହିଁ କାଲେ ନାହିଁ, ଗହ୍ଲା ପୂନେଇ ଧନ ମାଉଁ ମାଉଁ । (ପ୍ରାପ୍ତି ଆଶାରେ ଅପରିଚିତ ବ୍ୟକ୍ତି ସହିତ ହଠାତ୍ ଆତ୍ମୀୟତା ଆଚରଣ କରିବା ।)

୪୫ । ଦେ କାଳୀ ଗାଈ ଟାଣି ଟୂଣି, ଆଉ ନାହିଁଟି ଦୋହରି ପାଣି ।
(ମା' ମାନେ ଶ୍ରେଷ୍ଠ ପିଲାଙ୍କୁ ଖୁଆଇବା ବେଳର ଉକ୍ତି ।)

୪୬ । ଦେଇଥିଲେ ପାଇ, ବୁଣିଥିଲେ ଦାଇ, ପଡ଼ିଆ ଭୂମିରେ ଗୋଧନ ଚରାଇ । (କର୍ମାନୁଯାୟୀ ଫଳ । କାର୍ତ୍ତିକ ଓ ମାଘ ମାସରେ ଚକୁଳିଆ ପଣ୍ଡା ଗାଁ ଗାଁ ବୁଲି ଭିକ ମାଗିବା ବେଳେ ଏହି ଗୀତ ବୋଲନ୍ତି ।)

୪୭ । ଦେଖା ନାହିଁକ ଶୁଣା ନାହିଁ, ହାଟରେ ବାଟରେ ମାଉଁ ମାଉଁ । (ଲାଭ ଆଶାରେ ଅପରିଚିତ ବ୍ୟକ୍ତି ସହିତ ମୌଖିକ ସମ୍ବନ୍ଧ ସ୍ଥାପନ ଚେଷ୍ଟା ।)

୪୮ । ଧୂଳିଆ ଜନ୍ଦା ମୁଁ ମାଟି ତଳେ ତଳେ ଥାଏ, କଅଁଳ ମାଉଁସ ଟିକଏ ପାଇଲେ ଲୁଟ୍ କରି ଖାଏ । (ଅଦୃଶ୍ୟ ଶତ୍ରୁ ପ୍ରତି ଆକ୍ଷେପୋକ୍ତି ।)

୪୯ । ଧୋରେ ବାୟା ଧୋ, ଯେଉଁ କିଆରିରେ ଗହଳ ମାଣ୍ଡିଆ ସେଇ କିଆରିରେ ଶୋ । (ମା'ମାନେ ପିଲାମାନଙ୍କୁ ଶୁଆଇ ପକାଇବା ବେଳର ଉକ୍ତି ।)

Digitized by srujanika@gmail.com

୫୦ । ନଚ୍ଛ, ସବୁ ଗୁଣ ଦେବ ବାଛୁ । (ଯିଏ ନାନା ଦୋଷରେ ପରିପୂର୍ଣ୍ଣ ।)

୫୧ । ନାକେଇ ନାକରେ ଗୁଣା, ପାକେଇ ଖାଉଛୁ ଚଣା,
କୁମ୍ଭାର ଉହାରେ ଗୃନ୍ଦୁଆ ଝଣା, ଏସବୁ ବଡ଼ମୃଣା ।

୫୨ । ନଗାଇ ଘର ଗାଈ ହୋଇଛୁ ଲଗ ଲଗ ଖୁଆଏ କୁଣ୍ଡା,
ନବୋହୁ ଘର ବୋହୂ ହୋଇଛୁ ଗାଲକୁ ମାରଇ ନଡ଼ ଖୁନ୍ଦା ।

୫୩ । ଡେଙ୍ଗେଇ ରାନ୍ଧିବ, ବାଙ୍ଗେଇ ପରଷିବ, ଭେଣ୍ଡିଆ ଖାଇବ, ଏହା କି ମୋ ଦେହ ସହିବ ?

୫୪ । ବାଞ୍ଝ, ପୁଆଡ଼େ ଯାଏ ଝିଆଡ଼େ କରେ ସଞ୍ଜ ।

୫୫ । ବାଡ଼ରେ ଛୁନୁଛୁନିଆ, କି ତପ କରୁଛୁ ନବଘନିଆ, ପାଇବ ଗୋଷ୍ଠ ଜନିଆ ।

୫୬ । ବାଳିଆ ମାଛର ଫାଳିଆ ପାଟି, ଜିରା ମରିଚ ଦେଇ ରାନ୍ଧ,
ନୂଆବୋଉର ଭାଇ ଆସିଛୁ ବଳଦ ଖୁଣ୍ଟରେ ବାନ୍ଧ । (ପରିହାସୋକ୍ତି)

୫୭ । ବାପ ଘର ହାଣ୍ଡି ଧଡ଼ ଧଡ଼, ଶାଶୁ ଘର ହାଣ୍ଡି ଥିର । (ଉପଦେଶ)

୫୮ । ଭାସି ଯାଉଥିଲୁ ମଝି ନଈରେ, ଧରି ଆଣିଥିଲି ତୋତେ;
ଝାଙ୍କୁଆ ଗାଲରେ ମାଉଁସ ଲାଗିଲା, ଜବାବ ଦେଉଛୁ ମୋତେ ।

୫୯ । ମତେ ଦେଖ, ନାଁ ମୁଁ ଖାଇବ ଜିରା ମରିଚ ଛୁଙ୍କ ।

୬୦ । ମଦନ ଖଣ୍ଟୁଆ, ପାନ ନାହିଁ ଗୁଆ ନାହିଁ ଖାଲି ବଟୁଆ । (ବୃଥା ଆଡ଼ମ୍ବର ପ୍ରଦର୍ଶନ ।)

୬୧ । ମୁଗୁନି ପଥର ପଡ଼ିଛୁ, କେତେ ଘଷିମାଜି ହେଉ ଲୋ ସୁନ୍ଦରୀ; ତୋ ପାଇଁ ପୁରୁଷ ଝୁରୁଛୁ । (ପରିହାସୋକ୍ତି)

୬୨ । ଯାର ଧାନକୁ ତାର ମୁଢ଼ି (ମୁରୁହି), ଦେ କେଉଟୁଣୀ! ଭୁଷ କରି ।

୬୩ । ଯାହା ହୋଇ ନାହିଁ ତାହା ହେବ ନାହିଁ, ମାଠିଆକୁ ହାଣ୍ଡି ଯିବ ନାହିଁ ।

୬୪ । ରସିକ ଯାଉଛୁ ବନ୍ଦରେ, ମନ୍ଦାର ଫୁଲକୁ କାନରେ ଖୋସିଛୁ, ରହୁ ହେଉ ନାହିଁ ଗନ୍ଧରେ ।

୬୫ । ଲାଜ ନାହିଁ ନିର୍ଲଜକୁ, ଶୁଖିଲା ଭୁଇଁରେ କଠାଉ ମାଡ଼ୁଛୁ ଠକ ଠକ ଶୁଭିବାକୁ ।

୬୬ । ସାକୁଳି ସୁତା, ଗଜ ମୁକୁତା । (ଆଦରଣୀ କନ୍ୟା ।)

୬୭ । ହାଟରେ ରସିକ ରସିଲୁ, ମଧୁ ମାଳତୀକୁ ଗୁଣ୍ଡ଼ ଦେଇ ଯା ପୋକଶୁଙ୍ଘା ବଣେ ପଶିଲୁ । (ବ୍ୟଙ୍ଗୋକ୍ତି)

୬୮ । ରସିକ, କଖାରୁ ଫୁଲରେ ପାରୁଡ଼ା ପୋକ ।

୬୯ । ତପୀଜପୀ ବ୍ରାହ୍ମଣୀ ଲୋ ରାନ୍ଧ କାହିଁକି କାହିଁ, କୁମ୍ଭାର ପୁଅ ହାଣ୍ଡି ଗଢ଼ିଛୁ ଛେପ ଲଗାଇ । (ବ୍ୟଙ୍ଗୋକ୍ତି ।)

Digitized by srujanika@gmail.com

୭୦ । ଟେସ୍ ଆଖି ବଗଲପକ୍ଷୀ, ଟେସ୍ ଯାଇଥିଲା ଯାତ୍ରା ଦେଖି,
ଯାତ୍ରାବାଲା ହସିଲେ, ଟେସ୍ ନଈ ତଳେ ତଳେ ଖସିଲେ ।

୭୧ । କଖାରୁ ପତର ଛାଲିଆ, ବୁଢ଼ା ଯାଇଥିଲା ବାଲିଆ,
ବାଲିଆ ମାଇପେ ହସିଲେ, ବୁଢ଼ା ନଈ ତଳେ ତଳେ ଖସିଲେ ।

୭୨ । ଖଣ୍ଡ ପକାନରେ ନାହାକ, ବୋହୂ ଖାଉନାହିଁ ପାଆନ,
କ ଖଣ୍ଡ ପକାଇବ ମାଉସୀ, ବୋହୂ ଚୁଲ ମୁଣ୍ଡେ ଘୁମୋଉଛୁ ।

୭୩ । ଉଡ଼ି ଗଲେ ଗେଣ୍ଡାଳିଆ ଝାଡ଼ିଦେଲେ ପକ୍ଷୀ,
ହେମନାମା କାନ୍ଦୁଅଛୁ ବୁଢ଼ା ବର ଦେଖି । (ଯୁବତୀ କନ୍ୟାର ବୃଦ୍ଧ ବିବାହ ସମ୍ବନ୍ଧରେ ଆକ୍ଷେପୋକ୍ତି ।)

୭୪ । ପର୍ବତ ଶିଖରୁ ଖସିଲୁ ଅଇଲା ମୂଥାମୂଳ ଖାଇବାକୁ ;
ଯୋଗନଖିଆର ହାତ ଧରିଥିଲା ବଧାମାଡ଼ ଖାଇବାକୁ ।
(ଦୁଃସ୍ଥ ଦାମ୍ପତ୍ୟଜୀବନ ପ୍ରତି ଆକ୍ଷେପୋକ୍ତି ।)

୭୫ । ମାଡ଼ ତ ମାଇଲୁ ବେଶ୍ କଲୁ ହାତେ ଗନ୍ଧବାଡ଼ି ଖା,
ଚୂଲି ଫୁଙ୍କ୍ ଫୁଙ୍କ୍ ହଣ ପୋଡ଼ିଗଲା ମାଡ଼ର ଅସୁଲ ପା ।

୭୬ । ମାଇଗୁଲିଆ ଝଙ୍କେ ସାହୁ, ମାଇପ ହାତରୁ କହୁଣି ଖାଉ ।

୭୭ । ଚକା ଚକା ଭଉଁରୀ, ମାମୁଁ ଘର ଚଉଁରୀ, ମାମୁଁ ମୋତେ ମାଇଲା, ମାଇଁ ମୋତେ ଦୁଧଭାତ ଖୋଇଲା । (କ୍ରୀଡ଼ା ସଙ୍ଗୀତ ।)

୭୮ । ଅଖାଇ କଉଚ ଓଷା, ତୋଳକ ଗୁଡ଼ାଇଲା ଓଳକେ ଖାଇଲା; ଦାନ୍ତ ଅଛୁ ଦରଘଷା ।
(ନାରୀର ଖାଦ୍ୟଲୋଲୁପତା ସମ୍ବନ୍ଧରେ ।)

୭୯ । କାଳିଆ ବଳଦ ଗଲାରେ, ହାଣ୍ଡି ଧୂଡ଼ୁ ଧୂଡ଼ୁ କଲାରେ । (ଶିଶୁଖେଳା ଗୀତ ।)

୮୦ । ମୁଁ କଣ କରିବ ତ, ହାଣ୍ଡି ଝା ଭିତରେ ପିହାଣଝାଏ ମୁଁ ଚମକ ପଡ଼ିବ ତ ।
(ଔଚିତ୍ୟ ।)

୮୧ । କୋଦା, ଜାଲ ଆଣିଥିଲୁ ଓଦା, ଶୁଖିଲା ଜାଲ ଆଣିଥାନ୍ତୁ ଗରମ ଭାତ ଖାଇଥାନ୍ତୁ ।

୮୨ । ଗ୍ରେପରା ଛଇ, ଘଇତାକୁ ବୋଲୁଛୁ ନାରୁଣୀକୋଇଁ ।

୮୩ । ଡପର ଡାଇଁ, ଘଇତା ଘେନିଲା ଖଡ଼ୁ ପଟକ ପାଇଁ ।

୮୪ । ଡାବୁକ ପିଉଛୁ ପାଣି, ମୋ କରମରେ ଏଇଆ ଥିଲା ନଅଭୁଣ୍ଡୀ ସଉତୁଣୀ ।

୮୫ । ବୋହୂ ମୋର କଟକଆଣୀ, କଳହୁଡ଼ୀ ବଡ଼ ସିଆଣୀ ।

୮୬ । କ କଥା କହିବୁ ମୋତେ, ଯେଉଁଦିନ କାନ ପଶନ୍ତ ଚରିଲୁ, ହାତେ ଡରିଥାଇ ତୋତେ ।

୮୭ । ଡିଙ୍କି ପେଟ ତଳେ ଗାତ, ଧରିଥିଲା ସୁନାଫୁଲିଆ ହାତ; ଟେକା ପାଣି ଟେକା ଭାତ ।

Digitized by srujanika@gmail.com

୮୮ । କୁନା ଶାଶୁଘର ଆଳରେ, କୁନା ଭାତ ଖାଏ ସୁନା ଥାଳରେ । (ଶିଶୁଖେଳା ସଙ୍ଗୀତ ।)

୮୯ । ସାଜ ବୋହୂ ସାଜ, ଖୁରୁସି କଂସା ମାଜ, ଖୁରୁସି ହେଲା କଣା, ବୋହୂକୁ ମାଇଲା ଠଣା ।

୯୦ । ଓଧ ଖାଇଗଲା ପାଣି କଣ୍ଟାରୁ ଲୋ, ଗେଧ ଖାଇଗଲା ପାନ;
ଭୂଆ ଖାଇଗଲା କୋଡ଼ କୋଦାଳ ଲୋ, ଏକଥା ଶୁଣିଲା କାନ ।

୯୧ । ଲବଣ ନ ଥାଇ ଦହି, ଓଖର ନ ଥାଇ ଖଇ,
କଉଡ଼ି ନ ଥାଇ ଛଇ, ପାଣି ନ ଥାଇ ନଈ,
ଏ କେଉଁ କାମକୁ ପାଇ ।

୯୨ । ଭାଙ୍ଗ ଫସ୍କା ହେଲେ ଗଲା, ଲୋକ ଭୁସ୍କା ହେଲେ ମଲା, ବଡ଼ ଠୁଁଠାଁ ହେଲେ ଗଲା, ଲୋକ ବୁଠ ହେଲେ ଗଲା, ଗୁଡ଼ ଲେଢ଼ା ହେଲେ ଗଲା । (ଭାଙ୍ଗ—ଧୂଆଁ ପତ୍ର ଚୂର୍ଣ୍ଣ, ଫସ୍କା—ଗମଗ୍ଭ, ଭୁସ୍କା—ମୋଟା, ବୁଠି—ବାଙ୍ଗଗ୍ଭ, ଲେଢ଼ା—ଚକଟା ।)

୯୩ । ମାଗି ଆଣିଲା ଲେଥା, ଶିଖି ଆଣିଲା କଥା । (ଲେଥା ଖଣ୍ଟା—ତରକାରୀ ।)

୯୪ । ଓଳ ପାଣି ପଡ଼େ ପିଣ୍ଡା ତଳକୁ, ଝିଅ ଜନମ ପର ଘରକୁ ।

୯୫ । ମା' ଗୃହିଁଇ ପେଟକୁ, ମାଇପ ଗୃହେଁ ଅଣ୍ଟାକୁ, ବେପାରୀ ଗୃହେଁ କଣ୍ଟାକୁ, ମାଛୁଆ ଗୃହେଁ ବେଣ୍ଟାକୁ ।

୯୬ । ଶାଶୂବୋହୂଙ୍କର ଠକାର କଲା ନଅ କଳସ୍ତ ଦ୍ୱାର;
ଯେ ଯାହାର ସେ ତାହାର, କହୁଲା ଲୋକ ବାହାର ।

୯୭ । ଅଳେଇଚ, ମତେ ଦେଖି କର ପଳେଇଚ ।

୯୮ । ଅଇଲେ ଅହ୍ୱଅ ରାଣୀ, ତାଙ୍କୁ ଦଅ ପିଢ଼ା ପାଣି;
ଅଇଲେ ରାଣ୍ଡୀ ଖଣ୍ଡୀ, ତାଙ୍କୁ ଦଅ ଅରଟ ଖଣ୍ଡି ।

୯୯ । ଭଦଭଦଳିଆ ପକ୍ଷୀ, ରାମଚନ୍ଦ୍ର କହୁଯାଇଛନ୍ତି ସୀତା ବଡ଼ ଦୁଃଖୀ ।

୧୦୦ । ଗଡ଼ ଗଡ଼ ଗଲା ବେଲ, ଟାଙ୍ଗରା ମୁଣ୍ଡରେ ସୋରଷ ତେଲ; ସାରୁବକା ଘରେ ଦେଲ ।

୧୦୧ । କଣ୍ଟା ଫିରକ, ଏତେ ଗୁଣ ବୋଲି ଜାଣିଥିଲି କି ?

Digitized by srujanika@gmail.com

ତୁଳନା ଓ ଦୃଷ୍ଟାନ୍ତ

୧। ଅଇଘେରକୁ ବାଇଗଣ ଫୋପାଡ଼ିବା । (ଅଗ୍ନିପୂର୍ଣ୍ଣିମା କିମ୍ବା ଦୋଳପୂର୍ଣ୍ଣିମା ରାତିରେ ଅଇଘେରକୁ ବାଇଗଣ ଫୋପାଡ଼ିବା ପରି ପ୍ରାପ୍ତିର ନିଶ୍ଚୟତା ନ ଥାଇ କୌଣସି କାର୍ଯ୍ୟରେ ହାତ ଦେବା ।)

୨। ଅଗାଣ୍ଡିଆ ରଜାକୁ ପାଲବଣ୍ଡା ମନ୍ତ୍ରୀ ।

୩। ଅଗ୍ନିକି ପବନ ସାହା । (କୌଣସି କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଜଗତରେ ଲୋକର ଅଭାବ ରହେ ନାହିଁ ।)

୪। ଅଛୁଆ ମା'କୁ ଗଛ ଦେବା ନ୍ୟାୟ । (ଉପମାର ଅଯୋଗ୍ୟ ବିଷୟକୁ ଟାଣିଓଟାର ଉପମା ଦେବା ।)

୫। ଅଜଣା ଗୃହଲର ଭାତ ଖାଇବା । (ଅତି ସାଧାରଣ ବିଷୟରେ ନିଜର ଅଜ୍ଞତା ପ୍ରକାଶ କରିବା ।)

୬। ଅଜାଗଳସ୍ତନ ନ୍ୟାୟ । (ଛେଳିଙ୍କ ବେକ ତଳେ ଓହଳିଥିବା ସ୍ତନ ସଦୃଶ ଦୁଇଟି ମାଂସ ପିଣ୍ଡ ଭଳି ଯାହା ଅନାବଶ୍ୟକ ।)

୭। ଅଦା ବେପାରୀର ଜାହାଜ ମୂଲ । (ଅନଧିକାର ଚର୍ଚ୍ଚା—ଶ୍ରେଷ୍ଠ ମୁହଁରେ ବଡ଼ କଥା ।)

୮। ଅପାଳକ ରାଇଜରେ ବିଜୂଳି ଲକ୍ଷେ ଟଙ୍କା । (ଯେଉଁଠାରେ ଯେଉଁ ବସ୍ତୁ ଦୁର୍ଲ୍ଲଭ ସେଠାରେ ତାହିଁର ଆଭାସ ମାତ୍ର ମୂଲ୍ୟବାନ୍ ବିବେଚିତ ହୁଏ ।)

୯। ଅପୂଜା ଦେବତାକୁ ଦେହୁରି ବୁଝାଏ । (ଅପୂଜା ଦେବତାକୁ ଦେହୁରି ସନ୍ତୁଷ୍ଟ କରିବା ପରି କୌଣସି ଏକବାଗିଆ ଲୋକର ମନ କଥା ବୁଝି ତାର ସନ୍ତୋଷ ବିଧାନ କରି-ପାରିବା ବ୍ୟକ୍ତି ପ୍ରତି ।)

୧୦। ଅମୃତ ହାଣ୍ଡିକେ ବିଷ କଣିକାଏ । (କଣିକାଏ ବିଷ ହାଣ୍ଡିଏ ଅମୃତକୁ ବିଷମୟ କରିଦିଏ ।

୧୧। ଆ କୁରାଢ଼ି ବେକରେ ବସ ।

୧୨। ଆ ବଳଦ ମୋତେ ବିନ୍ଧ । (ବିପଦକୁ ବରଣ କରିବା ।)

୧୩। ଆଉଁସିଲା କୁକୁର ମୁହଁରେ ବୋକ । (ଶ୍ରେଷ୍ଠ ଲୋକକୁ ମୁହଁ ଦେଲେ ସେ ଉପରେ ଚଢ଼େ ।)

୧୪। ଆକାଶ କଇଁଆ ଚିଲିକା ମାଛ । (ଆକାଶରେ ତେନ୍ତୁଳି ଫଳିବା ଅସମ୍ଭବ ଏବଂ ଚିଲିକାରୁ ମାଛ ମିଳିବା ଅନିଶ୍ଚିତ । ସେହିପରି ଅନିଶ୍ଚିତ ଓ ଅସମ୍ଭବ ବିଷୟ ପ୍ରତି ଅଭିଳାଷ ପୋଷଣ ।)

Digitized by srujanika@gmail.com

୧୫ । ଆକାଶକୁ ଢେଲା ମାରଲେ ଆପଣା ମୁଣ୍ଡରେ ପଡ଼େ । (ଅସମ୍ଭବ ପ୍ରଚେଷ୍ଟା ଦ୍ୱାରା କ୍ଷତିର ସମ୍ଭାବନା ।)

୧୬ । ଆଖୁ କିଆରିରେ ପଶିବା । (ସବୁ ଆଖୁଗଛ ସମାନ ଦେଖି କେଉଁଟି ନେବାକୁ ହେବ ନିର୍ଣ୍ଣୟ କରି ନ ପାରିବା ଭଳି ବହୁ ସମ୍ଭାବନା ମଧ୍ୟରୁ ଗୋଟିକୁ ବାଛିବାରେ ଅକ୍ଷମତା ।)

୧୭ । ଆଖୁ ବାଡ଼ିରେ ଭାଲୁ ପଶିବା ନ୍ୟାୟ । (ଭାଲୁ ଯେପରି ଆଖୁ ବାଡ଼ି ଧ୍ୱଂସ କରେ ସେହିପରି କରିବା ।)

୧୮ । ଆଗତ ଚଢ଼େଇକୁ ବେସର ବଟା । (ଚଢ଼େଇ ଶିକାର କରି ଘରକୁ ଆଣିବା ପୂର୍ବରୁ ଚଢ଼େଇ ମାଂସ ରାନ୍ଧିବାପାଇଁ ବେସର ବାଟି ରଖିବା ପରି ଅନିଶ୍ଚିତ ଫଳ ପ୍ରାପ୍ତି ପାଇଁ ଆଗରୁ ପ୍ରସ୍ତୁତ ହେବା ।)

୧୯ । ଆପେ ନ ମଲେ ଯମ ଦର୍ଶନ ନାହିଁ । (ସାକ୍ଷାତ ଅନୁଭୂତି ବିନା କୌଣସି ବିଷୟରେ ପ୍ରକୃତ ଜ୍ଞାନ ଲାଭ ଅସମ୍ଭବ ।)

୨୦ । ଆମ୍ବ ଖିଆ ପୁଅ କି ଟାକୁଆରେ ବୋଧ ହେବ । (ଅସଲ ବସ୍ତୁର ସ୍ୱାଦ ଯେ ଚାଖିଛି ସେ ନକଲି ଜିନିଷରେ ସନ୍ତୁଷ୍ଟ ହେବ ନାହିଁ ।)

୨୧ । ଉଡ଼ନ୍ତା ଖଇ ଗୋବିନ୍ଦାୟ ସ୍ୱାହା । (ପବନରେ ଉଡ଼ିଯାଉଥିବା ଖଇ ଗୋବିନ୍ଦଙ୍କୁ ନୈବେଦ୍ୟ କଲାପରି ଯେଉଁ ପଦାର୍ଥ ଆପଣାର ହସ୍ତଚ୍ୟୁତ ହୋଇଛି ତାହା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନକୁ ଦାନ କରି ବାହାଦୁରି ନେବାପାଇଁ ଚେଷ୍ଟା କରିବା ।)

୨୨ । ଉଡ଼ିଗଲା ଚଢ଼େଇର ପର ଗଣିଦେବା । (ତୀକ୍ଷ୍ଣ ବୁଦ୍ଧିମତ୍ତାର ଚିହ୍ନ ।)

୨୩ । ଉଡ଼ି ନ ଜାଣି ପୋଷ ମାନିବା । (ଉଡ଼ି ଜାଣି ନଥିବା ଚଢ଼େଇ ମନୁଷ୍ୟ ହସ୍ତରେ ଧରା ପଡ଼ିବା ମାତ୍ରେ ପୋଷ ମାନିବା ପରି ହାରିବା ଲୋକ ଆଗରୁ ଚାଲାଖ ହୋଇ ଶରଣ ପଶିବା ।)

୨୪ । ଉଷୁନା ଧାନ ଗଜା ହେବା ନ୍ୟାୟ । (ଅସମ୍ଭବ କଥା ।)

୨୫ । ଋଷି ବାଳ ଛିଣ୍ଡାଇ ମରିବା ନ୍ୟାୟ । (ଅତି ସହଣିକ ଲୋକ ମଧ୍ୟ ଯେଉଁ କଥାକୁ ବରଦାସ୍ତ କରି ନ ପାରି କ୍ରୋଧରେ ବାଳ ଛିଣ୍ଡାଇ ପଳାଇବାକୁ ବାହାରେ ।)

୨୬ । ଋଷି ଗୋଡ଼ କୁକୁର ଚାଟିବ ବୋଲି କି ଋଷି କୁକୁର ଗୋଡ଼ ଚାଟିବ । (ଜଣେ ନୀଚ ବ୍ୟକ୍ତି କୌଣସି ମହତ୍ ବ୍ୟକ୍ତିଙ୍କୁ ଅପମାନ ଦେଲେ ମହତ୍ ବ୍ୟକ୍ତି ଯେଉଁଠାକୁ ତୋଷା ଖାତିରେ ତାହାଙ୍କୁ ଅପମାନ ଦେବା ତାଙ୍କ ମହତ୍ତ୍ୱର ପରିଚାୟକ ନୁହେଁ ।)

୨୭ । ଏକ ହାତରେ ତାଳି ବାଜେ ନାହିଁ । (ଦୁଇ ପକ୍ଷରୁ ତତ୍ପରତା ନ ଥିଲେ ବିବାଦ, କଳହ ବା ଯୁଦ୍ଧ ଇତ୍ୟାଦି ସମ୍ଭବ ନୁହେଁ ।)

Digitized by srujanika@gmail.com

୨୮ । ଏକା ମାଘକେ ଶୀତ ଯାଏ ନାହିଁ । (ଏକା ଥରକେ ସବୁ ଅସୁବିଧା ଦୂର ହୋଇଗଲା ବୋଲି ଭାବିବା ଭ୍ରମାତ୍ମକ ।)

୨୯ । ଏ ବର୍ଷର ମଞ୍ଜି ଆର ବର୍ଷକୁ ବଇଦ । (ଅନୁଭୂତିରୁ ଅଭିଜ୍ଞତା ଅର୍ଜନ କରିବା ।)

୩୦ । ଓଳିଆରୁ ପଡ଼ି ଗଜା । (ଶସ୍ୟ ବୁଣା ହେବା ପୂର୍ବରୁ ସେଥିରୁ ଗଜା ବାହାରିବା ପରି ଉପଯୁକ୍ତ ସମୟ ପୂର୍ବରୁ ଯେ ବାହାଦୁରି ଦେଖାଏ ।)

୩୧ । ଓଷଦ ଜାଲାରେ (ରାଗରେ) ଡାଟିଆ କାମୁଡ଼ିବା । (ଜଣକ ଉପରେ ରାଗର କାରଣ ଥାଇ ରାଗି ନପାରି ଅନ୍ୟ ଜଣକ ଉପରେ ରାଗିବା ।)

୩୨ । କଅଁଳ ଲୁହାକୁ ବରଡ଼ି କାମୁଡ଼େ ।

୩୩ । କଅଁଳ ଲୁହାକୁ ଉଇ ଖାଏ । (ସରଳ, ଶାନ୍ତଶିଷ୍ଟ ଲୋକକୁ ସମସ୍ତେ ହଇରାଣ କରନ୍ତି ।)

୩୪ । କଣା ଥରେ ବାଡ଼ି ହଜାଇଲା ବୋଲି କଣ ବହୁତ ଯାକ ହଜାଇବ ? (ଅଭିଜ୍ଞତାରୁ ଶିକ୍ଷା ଲାଭ କରିବା ।)

୩୫ । କଣ୍ଟାରେ ବସନ ପକାଇ ଗ୍ରନ୍ଥି ହେଉଛୁ କାହିଁକି ? (ବିବାଦକୁ ନିଜେ ଆହ୍ୱାନ କରିବା ।)

୩୬ । କପା ଖାଇରେ ଲୁଗା ପଶିବା । (ଦୋସନ୍ଧିରେ ପଡ଼ିବା ।)

୩୭ । କମାର ଲୁହା ଜାଣି ପାଣି ଦିଏ । (ଯେ ଯେପରି ତା ପ୍ରତି ତଦ୍ରୂପ ବ୍ୟବହାର କରିବା ।)

୩୮ । କଳାକୁ ଧଳା ଓ ଧଳାକୁ କଳା କରିବା । (ସତକୁ ମିଛ ଓ ମିଛକୁ ସତ ରୂପେ ପ୍ରତିପାଦିତ କରିବା ।)

୩୯ । କାଙ୍କ ନ ଚଢ଼ି ଗଡ଼ଆ ନାହିଁ । (ପୋଖରୀ ଖୋଳା ପାଇଁ କାଙ୍କ ଅପରିହାର୍ଯ୍ୟ ବିବେଚିତ ହେଲା ପରି କୌଣସି କାର୍ଯ୍ୟ ପାଇଁ କୌଣସି ଲୋକର ଉପସ୍ଥିତି ଅନିବାର୍ଯ୍ୟ ବିବେଚିତ ହେଲେ ଏହା କୁହାଯାଏ ।)

୪୦ । କାନ ଥିଲେ ନୋଳି ନାହିଁ, ନୋଳି ଥିଲେ କାନ ନାହିଁ । (ଧନ ଥିଲେ ମନ ନଥାଏ, ମନ ଥିଲେ ଧନ ନଥାଏ ।)

୪୧ । କାନ କାଟିଲେ ବଚନ ନ ବାହାରିବା । (ଅତ୍ୟନ୍ତ ଶାନ୍ତଶିଷ୍ଟ ଲୋକ ।)

୪୨ । କାନ୍ଧରେ ପଡ଼ିଲେ ବଜାଇ ଶିଖନ୍ତି । (ଆପଣା ଉପରେ କୌଣସି ଦାୟିତ୍ୱ ପଡ଼ିଲେ ଲୋକେ ଅଭିଜ୍ଞତା ଅର୍ଜନ କରନ୍ତି ।)

୪୩ । କାଳ ଠାରୁ କାଳ ମା' ଜାଣେ । (ଯାହା ସଙ୍ଗେ ଯିଏ ସର୍ବଦା ଚଳପ୍ରଚଳ ହୁଏ ସେ ତାର ପ୍ରକୃତି, ଉଦ୍ଦେଶ୍ୟ ଓ କାର୍ଯ୍ୟ ଉତ୍ତମ ରୂପେ ବୁଝିପାରେ ।)

୪୪ । କୁଆକୁ ବାଟ ନାହିଁ, ଅନ୍ଧାରକୁ ଗ୍ରନ୍ଥ ନାହିଁ । (କାଉ ପାଇଁ ରାସ୍ତା ଓ ଅନ୍ଧାର ପାଇଁ ଗ୍ରନ୍ଥ ଅନାବଶ୍ୟକ ।)

Digitized by srujanika@gmail.com

୪୫ । କୃଜ ଗେଣ୍ଡା ଶଙ୍ଖ ପାଲଟେ । (ସାମାନ୍ୟ ବସ୍ତୁ ମୂଲ୍ୟବାନ୍ ବସ୍ତୁରେ ପରିଣତ ହେବା ।)

୪୬ । କୃଣକୁ ମୋଟ ବେଣାକୁ ସରୁ । (ଯାହା କେଉଁଥିକୁ ଯୋଗ୍ୟ ନୁହେଁ ।)

୪୭ । କୁହୁଡ଼ି ପହଁରିବା । (ବୃଥାରେ ଭ୍ରମି ହେବା ।)

୪୮ । କୂଅରେ ବେଙ୍ଗ ପଡ଼ିବା ନ୍ୟାୟ । (ଉପାୟାନ୍ତରହୀନ ଅବସ୍ଥା ।)

୪୯ । ଖଣ୍ଡରେ ଖାର ମିଶାଇବା । (ଭଲରେ ମନ୍ଦ ମିଶାଇବା ।)

୫୦ । ଖଣ୍ଡାଧାରରେ ଚାଲିବା ନ୍ୟାୟ । (ନ୍ୟାୟ-ଅନ୍ୟାୟ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖି ଚଳିବା ।)

୫୧ । ଖଡକୁଟା ନିଆଁରେ ଜଗତ ପୋଡ଼େ । (ସାମାନ୍ୟ ଘଟଣାରୁ ବେଳେବେଳେ ବୃହତ୍ ଅନିଷ୍ଟ ସାଧିତ ହୋଇଥାଏ ।)

୫୨ । ଗଙ୍ଗା ଗଲି ଯେତିକି, ଫଳ ପାଇଲି ସେତିକି । (କୌଣସି ବିଷୟ ବା କାର୍ଯ୍ୟରେ ଅତୃପ୍ତି ।)

୫୩ । ଗଙ୍ଗା ଜଳରେ ଗଙ୍ଗା ପୂଜା କରିବା । (ଯାହାର ଧନ ତାରି ଧନରେ ତାକୁ ସନ୍ତୁଷ୍ଟ କରିବା ।)

୫୪ । ଗଣ୍ଡ ମଇଁଷି, ପୁଆଳ ନିଆଁ । (ମୂର୍ଖ ବନ୍ଧୁ ଓ ପୁଆଳ ନିଆଁ କୌଣସି କାମକୁ ଆସନ୍ତି ନାହିଁ ।)

୫୫ । ଗାଈ ପେଟରୁ ମାଣିକ ଜାତ । (ଦୁର୍ଲଭ ।)

୫୬ । ଗାଲ ଟିପିଲେ ଦୁଧ ବାହାରିବ । (ଅଳ୍ପ ବୟସ୍କ ବ୍ୟକ୍ତି ପ୍ରତି ପ୍ରଯୁଜ୍ୟ ବଚନ ।)

୫୭ । ଗାଲରେ ଚୂନ-କାଳି ଦେବା । (ଘୋର ଅପମାନିତ କରିବା ।)

୫୮ । ଗୁଡ଼ ଲେଡ଼ା ହେଲେ ଗଲା, ପୁଅ ବେଡ଼ା ହେଲେ ଗଲା ।

୫୯ । ଗୁହରେ ଗୋବର ଲେପିବା । (ଅଧିକ ଅପରିଷ୍କାର କରିବା ।)

୬୦ । ଗୋଇଠା ମାରି ବିଷ୍ଟ ହେବା । (ପ୍ରଥମେ ଅପମାନ ଦେଇ ପରେ କ୍ଷମା ମାଗିବା ।)

୬୧ । ଗୋଇଠା ମାରି ପଣସ ପଚାଇବା । (ଜୋର ଜବରଦସ୍ତି କରି କୌଣସି କାର୍ଯ୍ୟ କରାଇବା ।)

୬୨ । ଗୋଟାଏ ଢେଲାରେ ଦୁଇଟା ଆମ୍ବ ଝାଡ଼ିବା । (ଏକାବେଳକେ ଦୁଇଟି କାର୍ଯ୍ୟ ସାଧନ କରିବା ।)

୬୩ । ଗୋଟି ଗୋଟି କରି କୋଟିଏ ହୁଏ । (ଅଳ୍ପରୁ ବହୁତ ହେବା ।)

୬୪ । ଗୋଟିଏ ମୁଦ୍ରାର ଦୁଇ ପାଖ । (ଇଂରାଜୀ ପ୍ରବଚନର ଅନୁକୃତି—ଗଭୀର ସାମଞ୍ଜସ୍ୟ ।)

୬୫ । ଗୋଦାମରଦି । (ଅତ୍ୟନ୍ତ ଅପଦାର୍ଥ ।)

୬୬ । ଗୋଡ଼ର ଗୋଡ଼ର କଣ୍ଟା ପୂଲେ ପୂଲେ ଯାଏ ।

Digitized by srujanika@gmail.com

୬୭ । ଗୋବରା ଚଢ଼େଇକି ପାଚିଲା କଦଳୀ ଦେଖାଇବା । (ପ୍ରଲୋଭନ ଦେଖାଇବା ।)

୬୮ । ଘୋଡ଼ାର ଘୁରୁକମାଡ଼ ଘୋଡ଼ା ଜାଣେ । (ଯାହାର ଦୁଃଖ ତା' ଛଡ଼ା ଅନ୍ୟ ଜଣେ ସେ ଦୁଃଖକୁ ଅନୁଭବରେ ଆଣିବା ସହଜ ନୁହେଁ ।)

୬୯ । ଘୋଡ଼ାକୁ ଭାଗବତ ଶୁଣାଇବା ନ୍ୟାୟ । (ଦୁରାଶା)

୭୦ । ଚକୁଳି ଖାଇବ ନାଁ ଛିଦ୍ର ଗଣିବ ? (ସାର ବିଷୟ ଛାଡ଼ି ଅସାରରେ ସମୟ ନଷ୍ଟ କରିବା ।)

୭୧ । ଚଣା ବେଳକୁ ଦାନ୍ତ ନାହିଁ, ଦାନ୍ତ ବେଳକୁ ଚଣା ନାହିଁ । (ଧନଥିଲେ ମନ ନ ଥିବା ଓ ମନ ଥିଲେ ଧନ ନ ଥିବା ।)

୭୨ । ଚାଲିଲା ଘୋଡ଼ାର ଟାପୁରେ କଣ୍ଟା ଗେଞ୍ଜିବା । (ବିନା କାରଣରେ ଅନ୍ୟକୁ ହଇରାଣ କରିବା ।)

୭୩ । ଚାଲି ନ ଜାଣି ଦେଣ୍ଡୁଡ଼ି ବଙ୍କା ।

୭୪ । ଚାଲି ନ ଜାଣି ଦେଉଳ ଦୋଷ, ଦେଉଳ ଯାଉଛି ଅଢ଼େଇ କୋଶ । (ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟ ଉପରେ ଦୋଷାରୋପ କରିବା ।)

୭୫ । ଚାଲିଲା ଶଗଡ଼ରେ ହାତ ପୁରାଇବା । (ବିପଦକୁ ବରଣ କରି ଆଣିବା ।)

୭୬ । ଚିନ୍ତା ଖାଏ ଗଣ୍ଡି, ଲୁଣ ଖାଏ ହାଣ୍ଡି । (ତୁଳନା ।)

୭୭ । ଛ' ଟଙ୍କାର ଘୋଡ଼ାକୁ ନଅ ଟଙ୍କାର ଦାନା । (ମୂଳ ବସ୍ତୁର ମୂଲ୍ୟଠାରୁ ତାର ରକ୍ଷଣାବେକ୍ଷଣ ବାବଦ ଖର୍ଚ୍ଚ ବଳି ପଡ଼ିବା ।)

୭୮ । ଛଅକୁ ନଅ ଲଗେଇ କହିବା । (ଅତିରଞ୍ଜିତ କରି କହିବା ।)

୭୯ । ଛଣକୁ ଶ୍ରେଷ୍ଠ ପାଳକୁ ଲମ୍ବ । (ଶ୍ରେଷ୍ଠ ବଡ଼ କୌଣସି କାମକୁ ନ ପାଇବା ।)

୮୦ । ଛେଳିକି ଓଟାରି ଓଟାରି ପାଣିକି ନେବା ନ୍ୟାୟ । (ଅନିଚ୍ଛା ସତ୍ତ୍ୱେ ବାଧ୍ୟ କରି କାର୍ଯ୍ୟରେ ଲଗାଇବା ।)

୮୧ । ଛେଳି ବେକରେ କଦଳୀ କାନ୍ଧିଏ । (ଖାଦକ ଜିମା ଖାଦ୍ୟର ଦାୟିତ୍ୱ ଦେବା ।)

୮୨ । ଜଣେ ଡାଳେ ଡାଳେ ଗଲେ ଆଉ ଜଣେ ପତ୍ରେ ପତ୍ରେ ଯିବା । (ଜଣକୁ ଆଉ ଜଣେ ବୁଦ୍ଧିରେ ଅତିକ୍ରମ କରିଯିବା ।)

୮୩ । ଜଳଜଳା ହାଣ୍ଡି ଭାଙ୍ଗେ ନାହିଁ । (ନିର୍ଲଜ୍ଜ ବ୍ୟକ୍ତି ।)

୮୪ । ଜଳନ୍ତା ନିଆଁରେ କୁଟା ପକାଇବା । (କ୍ରୁଦ୍ଧ ବ୍ୟକ୍ତିକୁ ଅଧିକ ଉତ୍ତେଜିତ କରିବା ।)

୮୫ । ଟିକି ଚଢ଼େଇକି ବେସର ବଟା । (ସାମାନ୍ୟ କାର୍ଯ୍ୟ ପାଇଁ ସବିଶେଷ ଆୟୋଜନ ।)

୮୬ । ଟେକା ହାତରୁ ଖସିଲେ ଅଣବାହୁଡ଼ା । (ଥରେ କୌଣସି ଭୁଲ କାର୍ଯ୍ୟ କରିଦେଲେ କିମ୍ବା ଭୁଲ କଥା ପାଟିରୁ ବାହାରିଗଲେ ତାହା ଆଉ ବଦଳାଇ ହୁଏ ନାହିଁ ।)

୮୭ । ଡାଆଣୀ ଆଗରେ ପୁଅ ଦେଇବା ।

୮୮ । ଡାଆଣୀ କୋଳକୁ ପୁଅ ଦେବା । (ଭକ୍ଷକ ହାତରେ ଖାଦ୍ୟଦ୍ରବ୍ୟ ଅର୍ପଣ କରିବା ।)

Digitized by srujanika@gmail.com

୮୯ । ଢିଙ୍କି ଶାଳରେ ଢେଙ୍କାନାଳ ଚର୍ଚ୍ଚା । (ଅସ୍ଥାନ ଓ ଅସମୟରେ ଅନ୍ୟ ଅପ୍ରାସଙ୍ଗିକ ବିଷୟ ଚର୍ଚ୍ଚା କରିବା ।)

୯୦ । ତର୍ଣ୍ଣୀ ସାଇରେ କଣ୍ଟାଶ ମହାବଳ ବାଘ । (ନିର୍ବୋଧ ଲୋକଙ୍କ ନିକଟରେ ଅତି ସାମାନ୍ୟ ବ୍ୟକ୍ତି ମଧ୍ୟ ନିଜର ପ୍ରତିପତ୍ତି ବିସ୍ତାର କରେ ।)

୯୧ । ତର୍ଣ୍ଣୀ ବଳଦକୁ ମାଳୀ ହଳିଆ । (ନିର୍ବୋଧ ଓ ଅନଭିଜ୍ଞ ଦୁଇଜଣଙ୍କର ଏକତ୍ର ସମାବେଶ ।)

୯୨ । ତାଳ ପଡ଼ିବାକୁ ମୁଣ୍ଡ ପାତିବା । (ବିପଦକୁ ବରଣ କରିବା ।)

୯୩ । ତୁଚ୍ଛା ମାଠିଆର ଶବ୍ଦ ବେଶି । (ନିର୍ଗୁଣ ବ୍ୟକ୍ତି ବେଶି ବାହାଦୁରି ଦେଖାଏ ।)

୯୪ । ତେଲ ଘଡ଼ିରେ ହାତ ବୁଡ଼େଇଲେ ହାତ ଚକ୍‌କଣ । (ଯେ ଅର୍ଥ କାରବାର କରେ ସେ ସେଥିରୁ ଫାଇଦା ଉଠାଏ ।)

୯୫ । ତେଲ ମରଦନ ହେଲେ ସାଆନ୍ତ, ତେଲ ସର ସର ବାରିକ ହାତ । (ଅନ୍ୟର ସମ୍ପତ୍ତି ରକ୍ଷଣାବେକ୍ଷଣ କରୁଥିବା ଲୋକ ତହିଁରୁ ଲାଭ ଉଠାଏ ।)

୯୬ । ଦହକ ଚୁଲିରେ କୁହୁଳା ପକାଇବା । (ଅନାବଶ୍ୟକ ଶ୍ରମ ।)

୯୭ । ଦହିବାଲିକୁ ଚୁଡ଼ା ବାଲି ସାକ୍ଷୀ । (ଏକ ଦଳର ଲୋକକୁ ସେହି ଦଳର ସମସ୍ୱାର୍ଥ-ସମ୍ପନ୍ନ ଅନ୍ୟ ବ୍ୟକ୍ତି ପ୍ରମାଣଦ୍ୱାରା ସମର୍ଥନ କରିବା ।)

୯୮ । ଦାଆ ଥିଲେ ଅଠର ଗଣ୍ଡା ବେଣ୍ଟ । (ମୂଳ ବସ୍ତୁ ଥିଲେ ସାହାଯ୍ୟକାରୀ ଉପକରଣର ଅଭାବ ହୁଏ ନାହିଁ ।)

୯୯ । ଧାଈ ଆଗରେ ପେଟ ଲୁଚେଇବା । (ପ୍ରବୀଣ ଅଭିଜ୍ଞ ବ୍ୟକ୍ତିଠାରୁ କୌଣସି ବିଷୟ ଗୁପ୍ତ ରଖିବା ପାଇଁ ଚେଷ୍ଟା କରିବା ଭଳି ନିର୍ବୋଧତା ।)

୧୦୦ । ଦାଉଣୀରେ ବଳଦ ଛନ୍ଦିବା ନ୍ୟାୟ । (ବହୁଲୋକଙ୍କୁ ଏକତ୍ର କରି କାମ କରାଇବା ।)

୧୦୧ । ଦାଣ୍ଡରେ ପୁଅ ବେଇ ଡାହାଣୀକୁ ଡର । (ପ୍ରକାଶ୍ୟରେ କୌଣସି କର୍ମର ଦାୟିତ୍ୱ ଗ୍ରହଣ କରି ସମାଲୋଚନାକୁ ଭୟ କରିବା ।)

୧୦୨ । ଦାନ୍ତ ଦାଗି, ପେଟ ଉଗାରି । (ସମସ୍ତଙ୍କୁ ହସି ହସି କଥା କହିବା ଓ ଅଧିକ ଖାଇ ଦେହକୁ ରୋଗଗ୍ରସ୍ତ କରିବା ।)

୧୦୩ । ଦାନ୍ତନିକୁଟା ମଣିଷ, ଓଧଶିଆ ପଣସ । (ଉଭୟ ହେୟ ।)

୧୦୪ । ଦାସେ ବାଡ଼ କାଟ୍ କାଟ୍ ନିର୍ମୂଳ । (ବାଡ଼ ତିଆରି କରୁ କରୁ ବାଉଁଶକଣିଖଣ୍ଡିକ ଶେଷ ପାଇଯିବାପରି ବସ୍ତୁର ଉନ୍ନତି ବିଧାନ କରିବାକୁ ଯାଇ ତାକୁ ମୂଳରୁ ଲୋପ କରିଦେବା ।)

୧୦୫ । ଦଧିଭଡ଼ ଆଗରେ ଦୀପ । (ଅସାଧାରଣ ପ୍ରତିଭାବାନ୍ ବ୍ୟକ୍ତି ସହିତ ଜଣେ ସାମାନ୍ୟ ବ୍ୟକ୍ତି ତୁଳିତ ହୋଇ ନ ପାରିବା ।)

Digitized by srujanika@gmail.com

୧୦୬ । ଦୋ ମୁଣ୍ଡିଆ ସାପ । (ଅଣବିଶ୍ୱାସୀ ଲୋକ ।)
୧୦୭ । ଧରାକୁ ସରା ମଣିବା ନ୍ୟାୟ । (ଗର୍ବରେ ସ୍ଫୀତ ହେବା ।)
୧୦୮ । ଧାନକୁଟାଏ, ଧାନ ଭିତରେ ଗୁଣ୍ଡଲଟାଏ । (ଯେଉଁ କଥା ସମସ୍ତେ ଜାଣନ୍ତି ଅଥଚ ଯାହାକୁ ଗୋପନୀୟ ଭାବରେ ପ୍ରକାଶ କରାଯାଏ ।)
୧୦୯ । ନଈ ନଦେଖୁଣୁ ନଙ୍ଗଳା । (କୌଣସି ବିପଦ ବା ସମସ୍ୟାର ସମ୍ମୁଖୀନ ହେବା ପୂର୍ବରୁ ବ୍ୟତିବ୍ୟସ୍ତ ହେବା ।)
୧୧୦ । ନଈ ସୁଅକୁ ବାଲିବନ୍ଧ । (ପଣ୍ଡଶ୍ରମ)
୧୧୧ । ନଈ ପାଣି ନଈରେ ଯିବ, ପିତୃପୁରୁଷ ପାଣି ପାଇବେ । (ବହିଯାଉଥିବା ନଈ-ପାଣିରେ ପିତୃପୁରୁଷଙ୍କ ସନ୍ତୋଷ ବିଧାନ କଲାପରି ବିନା ପରିଶ୍ରମରେ ଫାଇଦା ଉଠାଇବା ।)
୧୧୨ । ନନାଙ୍କ ସନ୍ଧ୍ୟାରେ ସନ୍ଧ୍ୟା । (ନିଜେ ନ କରି ଅନ୍ୟ ନାଁରେ ପାରିହୋଇଯିବା ।)
୧୧୩ । ନବାବ ଘରେ ସାହେବ ଦୋହି । (ହାସ୍ୟାସ୍ପଦ କଥା ।)
୧୧୪ । ନଳୀ ଗୋଡ଼ର ଘା, ଦୁଆର ମୁହଁର ସାହୁ । (ନଳୀଗୋଡ଼ର ଘା' ପରି ଦୁଆର ମୁହଁ ମହାଜନ ଅତ୍ୟନ୍ତ ବିପଜ୍ଜନକ ।)
୧୧୫ । ପଥର ଗୋଟାଇବା ଲୋକ ତୋଟା ମୂଲ କରିବା । (ଅନଧିକାର ଚର୍ଚ୍ଚା ।)
୧୧୬ । ପାଆ ଥିଲେ କି ପଣେଇ ଦୁକାଳ । (ପଣେଇ—ଜୋତା । ମୂଳବସ୍ତୁ ଥିଲେ ବାହ୍ୟ ଆଭରଣର ଅଭାବ ରହେ ନାହିଁ ।)
୧୧୭ । ପାଟ କନାରେ ଗୁଞ୍ଜି ଫଳ, ଛିଣ୍ଡା କନାରେ ମୋତିମାଳ । (ଅସଦୃଶ ବସ୍ତୁଦ୍ୱୟର ବିଚିତ୍ର ସମାବେଶ ।)
୧୧୮ । ପାଣିକି ଛେଳ । (ଛେଳ ପାଣିକି ଯିବା ପାଇଁ ଅନିଚ୍ଛୁକ ହେବା ପରି କୌଣସି ବିଷୟରେ ଅଗ୍ରସର ହେବା ପାଇଁ ଏକାନ୍ତ ଅନିଚ୍ଛୁକ ହେବା ।)
୧୧୯ । ପାପ ଗଲା ଦେହରୁ, ମଳି ଗୁଡ଼ିଲା ମୁହଁରୁ ।
୧୨୦ । ଫଟା ମୃଦଙ୍ଗକୁ ଜଡ଼ା ଗାୟକ । (ଯେଉଁଠାରେ ସାଧକ ଓ ସାଧନ ଉଭୟ ଅକର୍ମଣ୍ୟ ।)
୧୨୧ । ବଢେଇଦେଲା ବୁଦ୍ଧି, ମାଗିଆଣିଲା ଉଅଣ । (ଉଭୟ କ୍ଷଣସ୍ଥାୟୀ ।)
୧୨୨ । ବଳଦଟାଏ ନା ଟୋପିଏ ଦୁହଁ । (ଅସମ୍ଭବ ବିଷୟ ପାଇଁ ଅନୁରୋଧ ।)
୧୨୩ । ବହିଗଲା ପାଣି ଯାଉ ତେଣିକି, ବନ୍ଧାଇଲା ପାଣି ରହୁ ଏଣିକି । (ଗତକଥା ପାଇଁ ଶୋଚନା ନକରି ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବା ।)
୧୨୪ । ବାଡ଼ିଲି ଭାତକୁ ଆଶା ନାହିଁ । (ଭବିଷ୍ୟତ ଅତ୍ୟନ୍ତ ଅନିଶ୍ଚିତ ।)
୧୨୫ । ବାଛିଲା କଙ୍କଡ଼ା ପୁଅଙ୍କ ବଇରି । (ଶତ୍ରୁକୁ ଗୃହ ମଧ୍ୟରେ ଆଶ୍ରୟ ଦେବା ।)
୧୨୬ । ବାରହାତ କାକୁଡ଼ିକୁ ତେର ହାତ ମଞ୍ଜି । (ଅତିରଞ୍ଜନ, ମିଥ୍ୟା ।)

Digitized by srujanika@gmail.com

୧୨୭ । ବାଲବନ୍ଧ କ ନଇବର୍ଦ୍ଧି ସମ୍ଭାଳେ । (ସଙ୍କଟର ସମାଧାନ ପାଇଁ ପ୍ରତିକାର ବ୍ୟବସ୍ଥା ଯେଉଁଠାରେ ଅତି ଅକାର୍ଯ୍ୟକର ।)

୧୨୮ । ବିଛୁଆତି, ବାଇଡଙ୍କର ନାତି । (ଦୁଷ୍ଟତାରେ ଯେଉଁଠି ଦୁଇଜଣଙ୍କ ମଧ୍ୟରେ ସାମାନ୍ୟ ତଫାତ୍ ଥାଏ ।)

୧୨୯ । ବିଛୁଆତି ଗଛରେ ଗାଣ୍ଡି ଘସିବା । (ଜାଣି ଜାଣି ଦୁଷ୍ଟ ଲୋକ ସଙ୍ଗରେ ବିବାଦ ବରଣ କରିବା ।)

୧୩୦ । ବେଣ୍ଟି ଲାଗି ମୁଣ୍ଡବାଳ ଯାଏ । (ବେଣ୍ଟି ଲାଗି ମୁଣ୍ଡବାଳ ଗଲାପରି ଜଣକର ଉନ୍ନତି ପାଇଁ ଅନ୍ୟମାନଙ୍କର ଅବନତି ସ୍ୱୀକାର ।)

୧୩୧ । ବେଲସୁଁ ଗାଧୋଇଲେ କଷ୍ଟ ଯାଇ । (କାର୍ଯ୍ୟ ସାଧନ ପାଇଁ ସମୟାନୁବର୍ତ୍ତିତା ଏକାନ୍ତ ପ୍ରୟୋଜନ ।)

୧୩୨ । ଭଣ୍ଡାର ଦେଖିଲେ ନଖ କଅଁଳେ । (ସୁଯୋଗ ମିଳିଲେ ସୁବିଧା ମାରି-ନେବାର ଅଭିଳାଷ ପ୍ରତି ଉପଲକ୍ଷ୍ୟ ।)

୧୩୩ । ଭାତ ଖାଇ ଗୁଡ଼ୁଲ ହଗିବା । (ଅତି ସିଆଣା ବ୍ୟକ୍ତି ପ୍ରତି ଉପଲକ୍ଷ୍ୟ ବଚନ ।)

୧୩୪ । ମଣ୍ଡା ବାନ୍ଧିଲି ବାଘ ପାଇଁ, ବାଘ ପଳାଇଲା ଡରକା ପାଇ । (କୌଣସି ଚତୁର ବା ଦୁର୍ଦ୍ଦାନ୍ତ ବ୍ୟକ୍ତିକୁ ଆୟତ୍ତ କରିବାର ବୃଥା ପ୍ରୟାସ ।)

୧୩୫ । ମହାନଦୀ ସାଙ୍ଗେ କୋର, ଲୁହାକୁ ନେଇଣ ତୁଲ କରୁଥିଲେ ସୁବର୍ଣ୍ଣ ସଙ୍ଗେ କି ତୁଲ ?

୧୩୬ । ମା' ଗଙ୍ଗା ଜାଣନ୍ତି । (ଯାହା ମନୁଷ୍ୟ ବୁଦ୍ଧିର ଅଗମ୍ୟ ।)

୧୩୭ । ମା'କୁ ଝିଅ, ଘା'କୁ ଘିଅ ।

୧୩୮ । ମାଟି ବିରାଡ଼ି କ ମାଛ ଖାଏ ?

୧୩୯ । ମାଟିର ମହାଦେବ ପଞ୍ଚାମୃତରେ ମିଳାଇ ଯାନ୍ତି । (ପ୍ରକୃତ ଶକ୍ତି ଥିବା ନ ଥିବା କଥା ଆଚରଣରୁ ଜଣାଯାଏ ।)

୧୪୦ । ମୂଳ ଗାଈ ଘରେ ନ ପଶୁଣୁ ବାଛୁ ବୋଲେ ମୋତେ ବାନ୍ଧ । (ପ୍ରଧାନ ବ୍ୟକ୍ତି ଆସିବା ପୂର୍ବରୁ ଅପ୍ରଧାନ ଲୋକେ ଚର୍ଚ୍ଚା ପାଇଁ ଦାବି କରିବା ।)

୧୪୧ । ଯେମିତି ଠାକୁର ସେମିତି ପୂଜା, ବାଲଗରଡ଼ାକୁ ଗୁଡ଼ୁଲ ଭଜା । (ଗୁଣ ଦେଖି ଆଦର ।)

୧୪୨ । ଲଙ୍ଗଳା ଗାଁରେ ଧୋବା ହେବା । (ନିଷ୍ପ୍ରୟୋଜନ ।)

୧୪୩ । ଲକ୍ଷେ ଛୁଞ୍ଚିରେ କି ଦାଆ ହୁଏ ? (କୌଣସି କାର୍ଯ୍ୟର ସଫଳତା ପାଇଁ ସଂଖ୍ୟା ଏକମାତ୍ର ବିଚାର୍ଯ୍ୟ ବିଷୟ ନୁହେଁ ।)

୧୪୪ । ଲିଆ ଖାଇବି କି ଧାନ ବାଛିବି ? (ଏକାବେଳକେ ଦୁଇଟି ଦାୟିତ୍ୱ ତୁଲାଇବା କଷ୍ଟ ।)

Digitized by srujanika@gmail.com

୧୪୫ । ଲୁହା କୋଚଟକୁ କମାର କୋଚଟ । (ଯେଉଁଠାରେ ଉଭୟ ନଗ୍ରେଢ଼ବଢ଼ା ।)

୧୪୬ । ଲୁହା ଜନ୍ମ ଚୁଲ୍ଲିରୁ ହୁଦ (ଶେଷ) । (ଏହାଠାରୁ ଶ୍ରେଷ୍ଠ ଜନ୍ମ ଲୁହାରେ ଆଉ ଉଆଣ ହେବା ସମ୍ଭବ ନୁହେଁ ।)

୧୪୭ । ଶିଳ ମହରଗରେ କ'ଣ ବାହାଘର ଅଟକ ଯାଉଛୁ ?

୧୪୮ । ଶୀତକାଳରେ ହେଁସ ଉଧାର ।

୧୪୯ । ଶ୍ରୀଅଙ୍ଗରେ ଘାଉଡ଼ ଲଗାଇବା । (ଅତ୍ୟନ୍ତ ପ୍ରତାପଶାଳୀ ବ୍ୟକ୍ତିକୁ ଆକ୍ରମଣ କରିବା ।)

୧୫୦ । ଷଣ୍ଢଟା ନାଁ ଚୋପିଏ ଦୁହଁ । (ଅସମ୍ଭବ ଅନୁରୋଧ ।)

୧୫୧ । ଷାଠିଏ ମହଣ ଘିଅ ହବ ନାଁ ରାଧା ନାଚବ ? (ସାମାନ୍ୟ କାର୍ଯ୍ୟ ପାଇଁ ବହୁ ବ୍ୟୟ-ସାପେକ୍ଷ ବ୍ୟବସ୍ଥା ।)

୧୫୨ । ସକାଳ ମେଘ ମେଘ ନୁହେଁ, ସକାଳ କୁଣିଆ କୁଣିଆ ନୁହେଁ ।

୧୫୩ । ସଭାରେ (ହାଟରେ) ହାଣ୍ଡି ଭାଙ୍ଗିବା । (ଗୁପ୍ତ ତଥ୍ୟ ପ୍ରକଟ କରି ଅନର୍ଥ ସୃଷ୍ଟି କରିବା ।)

୧୫୪ । ସମୁଦ୍ରକୁ ଯାଇ ଶୋଷ ନ ମରିବା । (ପ୍ରାଚୁର୍ଯ୍ୟ ମଧ୍ୟରେ ଘୋର ଅଭାବ ଅନୁଭବ କରିବା ।)

୧୫୫ । ସମୁଦ୍ରରେ ପାଣି ବରଷା । (ଆବଶ୍ୟକତା ନ ଥିବା ସ୍ଥଳରେ ଦେବା ।)

୧୫୬ । ସମୁଦ୍ର ଶୁଖିଲେ କି ଆଣ୍ଠୁ ନ ବୁଡ଼େ ?

୧୫୭ । ସମୁଦ୍ର ଲଙ୍ଘିଲେ କୂଳ କେତେମାଟିକ ?

୧୫୮ । ସହସ୍ରେ ହାଣ୍ଡିକୁ ଏକ ଠେଙ୍ଗା ।

୧୫୯ । ସାତ କାଣ୍ଡ ରାମାୟଣ ସରିଲା, ସୀତା ମାଇକି କି ଅଣ୍ଡିରା ମାଲୁମ ନାହିଁ । (ବହୁ ଆଲୋଚନା ପରେ ମଧ୍ୟ ମୂଳତତ୍ତ୍ୱ ନ ବୁଝିବା ।)

୧୬୦ । ସାପ ଯୁଆଡ଼େ ଲଙ୍ଗୁଡ଼ ସିଆଡ଼େ । (ସ୍ତ୍ରୀ ସ୍ୱାମୀର ଅନୁଗମନ କରିବା ।)

୧୬୧ । ସାପ ମାରି ପରଗଲାରେ ଲମ୍ବାଇବା ।

୧୬୨ । ସାପ ମାରି ବେଙ୍ଗ ଉପରେ ପକାଇବା ।

୧୬୩ । ସୁଖ ଭାତ ଚୋଟି କୁଣ୍ଡାଇ ହୁଏ । (ମାଗଣା ଭୋଜନକାରୀ ବ୍ୟକ୍ତି ବୃଥା ଗଳ୍ପ କରିବା ।)

୧୬୪ । ହଳଦି ପାଣିକି ଗୋଡ଼ ନ ବଢ଼ାଇବା । (ଗଣ୍ଡଗୋଳ ଭିତରେ ନ ପଶିବା ।)

୧୬୫ । ହାଣ୍ଡିରେ ପୂରାଇ ଫାଣ୍ଡିକି ନେବା । (ବୃଥା ଜଗିଣ ।)

୧୬୬ । ହାତୀ ପାଡ଼ିବ ପାଡ଼ିବ ଫୁସ୍ । (କୌଣସି ଧନୀ ବା ଶକ୍ତିମାନ୍ ଲୋକଠାରୁ ଆଶାନୁରୂପ ଫଳ ପ୍ରାପ୍ତ ନ ହେବା ।)

Digitized by srujanika@gmail.com

୧୬୭ । ହାତୀ ଗୁଣ୍ଡରୁ କଲେ ଖସିପଡ଼ିଲେ ପିମ୍ପୁଡ଼ିଙ୍କ ସହସ୍ରେ ବରଷ । (ଧନୀ ଦରିଦ୍ର ମଧ୍ୟରେ ତୁଳନା ।)

୧୬୮ । ଛୀଞ୍ଚ ହାଣ୍ଡିରେ ଗୋଡ଼ ପଶିବା । (ସମ୍ପଦର ପ୍ରାଚୁର୍ଯ୍ୟ ।)

ଦଣ୍ଡ-ବିଧାନ ଓ ନ୍ୟାୟ-ବିଚାର

୧ । ଅଧୁଆ ମୂଳା ଯେ, ଧୁଆ ମୂଳା ସେ । (ଯେଉଁଠାରେ ଭଲ-ମନ୍ଦ, ଉତ୍କୃଷ୍ଟ-ନିକୃଷ୍ଟର ବିଚାର ନାହିଁ ।)

୨ । ଅସଙ୍ଗରେ ସଙ୍ଗିତା, ଅସଙ୍ଗରେ ସଙ୍ଗ ହେଲେ କାଠ ଘଣ୍ଟ ଲମ୍ବିତା । (ଦୋଷୀ ଲୋକର ସଙ୍ଗ ହେତୁ ନିର୍ଦ୍ଦୋଷର ଦଣ୍ଡ ।)

୩ । ଆଗେ ମାଡ଼, ପଛେ ବିଚାର । (ପ୍ରଥମେ ଦଣ୍ଡ ଦେଇ ପରେ ସାନ୍ତ୍ୱନା ଦେବା ।)

୪ । ଆପଣା ଆପଣା ରାଜା, କିସ କରିବ କାଜି । (ପକ୍ଷମାନେ ଆପୋଷରେ ରାଜି ହୋଇଗଲେ ବିଚାରପତିଙ୍କର ଦରକାର ହୁଏ ନାହିଁ ।)

୫ । ଆଳ ରାଇଜରେ ଭିନେ ନିଶାପ, ଘାଟରେ କୁମ୍ଭୀର ଖାଏ । (ଅବ୍ୟବସ୍ଥାମଣ୍ଡା ରାଜ୍ୟର ବିଚାର ।)

୬ । ଆହାର ଉପରେ ପାହାର । (କୌଣସି ବ୍ୟକ୍ତିକୁ ଖାଇବାକୁ ଦେଇ ପର ମୁହୂର୍ତ୍ତରେ ପ୍ରହାର କରିବା ।)

୭ । ଏକ ଆଖି ଆଖି ନୁହେଁ, ଏକ ସାକ୍ଷୀ ସାକ୍ଷୀ ନୁହେଁ ।

୮ । ଏକା ଛେଳିକି ଦୁଇ ଜବେ । (ଥରେ ହଣାହୋଇଥିବା ଛେଳିକୁ ପୁଣି ହାଣିବା ଅସଙ୍ଗତ । ସେହିପରି ଏକ ବ୍ୟକ୍ତିକୁ ଦୁଇଥର ଦଣ୍ଡିବା ଅନ୍ୟାୟ ।)

୯ । ଓଲଟି ଦାସେ ଘୋଡ଼ା ଚଢ଼ିବା । (କୌଣସି ନ୍ୟାୟ-ନିଶାପରେ ଯେଉଁ ପକ୍ଷର ଦୋଷ ବା କାଇଲି ସେ ଓଲଟି କରି ଅପରପକ୍ଷକୁ ଦୋଷୀ ବୋଲି କହିବା ।)

୧୦ । କଖାରୁ ଚୋରକୁ (କାକୁଡ଼ି ଚୋରକୁ) ମୁଣ୍ଡକାଟ ଶାସ୍ତି । (ଲଘୁ ଅପରାଧ ପାଇଁ ଗୁରୁଦଣ୍ଡର ବ୍ୟବସ୍ଥା ।)

୧୧ । କପା କପୂର ଏକା ମୂଲ । (ଯେଉଁଠାରେ ଭଲମନ୍ଦର ପ୍ରଭେଦ ପ୍ରତି ଉପଯୁକ୍ତ ଦୃଷ୍ଟି ଦିଆଯାଏ ନାହିଁ ।)

୧୨ । କପା ବିଶାକ ଯେତେ ମୂଲ କପୂର ବିଶାକ ତେତେ ମୂଲ । (ଅନ୍ୟାୟ ବିଚାର ।)

୧୩ । କାଉ ଖାଏ ପଣସ, ବଗ ମୁଣ୍ଡରେ ଅଠା ।

Digitized by srujanika@gmail.com

୧୪। କାଉ ଖାଏ ଧାନ, ବକ ପଡ଼େ ବନ୍ଧନ ।
(ଅନ୍ୟର ଅପରାଧ ନିମିତ୍ତ ଆଉ ଜଣେ ନିର୍ଦ୍ଦୋଷ ବ୍ୟକ୍ତି ଦଣ୍ଡ ଭୋଗକରିବା ।)

୧୫। କାଉ ! ମଲା ଉପରେ ଶଗଡ଼ ଯାଉ । (ଦଣ୍ଡିତ ବ୍ୟକ୍ତିକୁ ପୁନର୍ବାର ଦଣ୍ଡଦେବା ନିରର୍ଥକ ।)

୧୬। କାହାର କିଛି ଯିବ ନାହିଁ, ମରିବ ବୈଷ୍ଣବ ଗୋସାଇଁ । (କୌଣସି ବିଷୟରେ ଲିପ୍ତ ସବୁ ଲୋକ ଖସି ଯାଇ ଜଣେ ଧରାପଡ଼ିବା ।)

୧୭। ଘୋଡ଼ା ଘାସ ନ ଖାଇଲେ ପୁରାଣପଣ୍ଡାର ଦୋଷ । (ଅଶ୍ୱତ୍ଥାମଣା ବିଚାର ।)

୧୮। ଚଢୁଥିବ ମାରିବ ନାହିଁ; ଗୋଡ଼େଇଥିବ ଧରିବ ନାହିଁ । (ଦଣ୍ଡ ଅପେକ୍ଷା ଭୟ ପ୍ରଦର୍ଶନ ଅଧିକ ଫଳପ୍ରଦ ।)

୧୯। ତୁ ମତେ ମାର ନା ମୁଁ ମଲିଣି । (ଦଣ୍ଡ ଦେବା ପୂର୍ବରୁ ନିଜ ଦୋଷ ନିଜେ ସ୍ୱୀକାର କରି ଲଜ୍ଜିତ ହେବା ।)

୨୦। ଦୂବ କି ସହେ କରତର ଘା । (ଅତି ସୁକୁମାର ବ୍ୟକ୍ତିକୁ କଠୋର ଦଣ୍ଡ ଦେବା ।)

୨୧। ଧରି ମାଇଲେ ସିଙ୍ଘେ ମରନ୍ତି ।

୨୨। ଧରି ମାଇଲେ ଯେ ବାନ୍ଧି ମାଇଲେ ସେ ।

୨୩। ନଈଁ ପଡ଼ିଥିବ ଯେତିକବେଳେ, ବିଧାଏ ମାରିବ ସେତିକବେଳେ । (ଲୋକ ବିପଦରେ ପଡ଼ିଥିବାବେଳେ ସୁଯୋଗ ଉଣ୍ଡି ପ୍ରତିଶୋଧ ନେବା ।)

୨୪। ପଣ୍ଡିତ ପୁଅ ମାଙ୍କଡ଼ ମାଇଲେ ଦୋଷ ନାହିଁ । (ଅନ୍ୟର ପୁଅ ଜୀବ ହତ୍ୟା କଲେ ପଣ୍ଡିତେ ଶାସ୍ତ୍ର ବଚନ ଉଦ୍ଧାର କରି ପ୍ରାୟଶ୍ଚିତ୍ତର ବିଧାନ କରନ୍ତି; କିନ୍ତୁ ଆପଣା ପୁଅ ଜୀବହତ୍ୟା କଲେ ଦୋଷ ନାହିଁ ବୋଲି କହନ୍ତି ।)

୨୫। ପିଠିରେ ମାର, ପେଟରେ ମାର ନାହିଁ । (ଶାରୀରିକ ଦଣ୍ଡଠାରୁ ଜୀବିକାର୍ଜନରେ ବାଧା ଦାନ ଅଧିକ କଷ୍ଟଦାୟକ ।)

୨୬। ବରି ମାଡ଼ ଦେଖି କୋଳଥ ଚେପା । (ଜଣକୁ ଦଣ୍ଡିତ ହେବା ଦେଖି ଅନ୍ୟ ଜଣେ ଦଣ୍ଡ ଆଶଙ୍କାରେ ସନ୍ତ୍ରସ୍ତ ଓ ସାବଧାନ ହେବା ।)

୨୭। ମାର ନାଁ ମୁଁ ମଲିଣି, ଘାପ ଲଗାଇ ଦେଖନା, ମୁଁ ଶୁଖା ପୋଇଖାଡ଼ ହେଲିଣି । (ଦୋଷ ସ୍ୱୀକାର କରିଥିବା ବ୍ୟକ୍ତିପ୍ରତି ପୁନର୍ବାର ଦଣ୍ଡବିଧାନ ଅନ୍ୟାୟ ।)

୨୮। ମାର ମାର ଭଣ୍ଡାରିଆକୁ ମାର । (ନିରୀହ ଦରିଦ୍ର ଲୋକକୁ ବିନା କାରଣରେ ଶାସ୍ତି ଦେବା ।)

୨୯। ମୁଣ୍ଡ କାଟଠାରୁ ଶାସ୍ତି ନାହିଁ ।

Digitized by srujanika@gmail.com

ଦାନ ଓ କାର୍ପଣ୍ୟ

୧ । ଅଖାଇନାମ କରିଛୁ ଓଷା, ନଡ଼ିଆ ଗୋଟାକ ଛଅ ପଇସା । (କୃପଣ ବ୍ୟକ୍ତିର ଆଚରଣ ସମ୍ବନ୍ଧରେ ବ୍ୟଙ୍ଗୋକ୍ତି ।)

୨ । ଅଖାଇ ଖାଇ ମନ କଲା, ବାରବାଟି ଘୁଷ ଧୋଇରେ ଗଲା । (କୃପଣ ବ୍ୟକ୍ତି ଭୋଗ କରିବାକୁ ଇଚ୍ଛାକଲେ ପ୍ରକୃତି କପରି ତାର ପ୍ରତିକୂଳତା ଆଚରଣ କରେ ତହିଁର ଏକ ଉଦାହରଣ ।)

୩ । ଅଗସ୍ତି କଲେ ଦାନ, କଷାଗୁଆ ପୋଗୁ ପାନ । (କୃପଣ ବ୍ୟକ୍ତିର ବଦାନ୍ୟତା ସମ୍ବନ୍ଧରେ ବ୍ୟଙ୍ଗୋକ୍ତି ।)

୪ । ଅଦେଇ ଘରେ ଖୁ ଦୁରୁକୁଣି ଓଷା । (କୃପଣସ୍ୱଭାବା ନାରୀ ପ୍ରତି ବ୍ୟଙ୍ଗୋକ୍ତି ।)

୫ । ଅରଜ ଛଞ୍ଚି କୃପଣ ମରେ, ଗୁଡ଼ ମାଠିଆ ମାଲୁଆ ମାରେ । (କୃପଣ ବ୍ୟକ୍ତି ବହୁ କଷ୍ଟରେ ସଞ୍ଚିଥିବା ଧନକୁ ବଳବାନ୍ ବ୍ୟକ୍ତି ଜୋରଜବରଦସ୍ତି କରି ନେଇଯାଏ ।)

୬ । ଆମ୍ବ ପଣସ ଡାଳରେ ପାଚେ, ରକ୍ଷୁଣୀ ଧନ ଆଖିରେ ନାଚେ । (କୃପଣସ୍ୱଭାବା ନାରୀର ଅନୁଭୂତି ।)

୭ । ଉଣା ଲୋକର ଦୁଇଗୁଣ ସରେ, କୃପଣ ଲୋକର ମାଇପ ମରେ ।

୮ । କଖାରୁ କାଟି ଦାନ ଦେବା । (କୃପଣ ବ୍ୟକ୍ତି ପ୍ରତି ଆକ୍ଷେପୋକ୍ତି ।)

୯ । କାର୍ପଣି ଲୋକର ଦଶଗୁଣ ସରେ ।

୧୦ । କୋଳଥ ଡାଲି, କୁଣିଆ ଆସିଲେ ଦେ'ଢାଳି । (କୃପଣ ଲୋକର ବନ୍ଧୁ ପ୍ରତି ବ୍ୟବହାର ସମ୍ପର୍କରେ ବ୍ୟଙ୍ଗୋକ୍ତି ।)

୧୧ । ଖା ଖା ବୋଇଲେ କି ଧନ ସରେ, ନାଁ ଦେବ ଦେବ ବୋଇଲେ ଦୁଃଖ ହରେ ?

୧୨ । ଗୁଡ଼କୁ ଗଣେଶ କରି ଗାଣ୍ଡି କାଟି ନୈବେଦ୍ୟ ଦେବା । (ଯାହାର ଧନ ତାକୁ ଭେଟି ଦେଇ ପ୍ରଶଂସା ଅର୍ଜନ କରିବା ।)

୧୩ । ଗୁପ୍ତ ଦାନର ଗୁଣ ବେଶି, ଗୁପ୍ତ ପାପର ଖୁଣ ବେଶି । (ତୁଳନା ।)

୧୪ । ଗୋରୁ ମାରି ଜୋତା ଦାନ । (ପାପଅର୍ଜିତ ଅର୍ଥଦ୍ୱାରା ଉକ୍ତ ପାପରୁ ଉଦ୍ଧାର ପାଇବା ପାଇଁ ଚେଷ୍ଟା କରିବା ।)

୧୫ । ଠେକରୁ ତେଲ ସାରିବ ନାହିଁ, ପୁଅକୁ ନୁଖୁରା ରଖିବ ନାହିଁ । (କୃପଣ ବ୍ୟକ୍ତିର ଅନୁଭୂତି ।)

୧୬ । ତେଲ ଘଡ଼ିକି ଆଣ, ପୁଅ ମୁଣ୍ଡକୁ ଆଁଣ । (କୃପଣ ବ୍ୟକ୍ତିର ଅନୁଭୂତି ।)

Digitized by srujanika@gmail.com

୧୭ । ଚୋର ଧନ ଚୋଟେ ଦେଇ, ମହିରେ ମଧ୍ୟସ୍ଥ ବୋଲାଇ । (ମଧ୍ୟସ୍ଥ ବ୍ୟକ୍ତି ପକ୍ଷମାନଙ୍କର ନିଜ ଧନ ବାଣ୍ଟି ଦେଇ ଗୁଣ୍ଡାଙ୍କାରେ ବାହାଦୁର ମାରନ୍ତି ।)

୧୮ । ଆଇକର ଯେ ନାଇଁଖାଏ ତା ମୁହଁଟା ପୋଡ଼ୁ, ନାଇଁଥାଇ କର ଯେ ଖାଇ ମନ କରେ ତା ମୁହଁଟା ପୋଡ଼ୁ । (ସମ୍ବଲପୁର ଅଞ୍ଚଳର ପ୍ରଚଳିତ ପ୍ରବଚନ ।)

୧୯ । ଖୋଇଛୁ ଯାହା ପର ଲୋକକୁ, ଦେଇଛୁ ଯାହା ପର ଲୋକକୁ । (ସଞ୍ଚିତ ଧନ ମୃତ୍ୟୁ ପରେ ବାର ଭୂତ ଖାଇଯାଆନ୍ତି; କିନ୍ତୁ ଦାନ କରିଥିବା ଧନ ପରଲୋକରେ ସଦ୍‌ଗତି ଲାଭରେ ସହାୟକ ହୁଏ ।)

୨୦ । ଦଣ୍ଡବତ ମାଲକୁମାଲ ଖଡ଼ା ପଣ ନ ଦସ୍ତକେ । (ବ୍ୟଙ୍ଗୋକ୍ତି—ମୁହଁରେ ଭକ୍ତି ଦେଖାଇ କାର୍ଯ୍ୟତଃ କିଛି ନ ଦେବା)

୨୧ । ଦାନ ଦିଆ ଗାଈର କି ଦାନ୍ତଦେଖା ? (ଦାତବ୍ୟ ବସ୍ତୁର ଭଲମନ୍ଦ ବିଚାର କରି-ନ ଥିବା)

୨୨ । ଦିଆକୁ ଦିଆ, ଅଦିଆକୁ ଦୁଆର ଦିଆ ।

୨୩ । ଦେ' ପଦେ ଦେବତା । (ଦାନଶୀଳ ବ୍ୟକ୍ତିଠାରେ ଦେବତା ସନ୍ତୁଷ୍ଟ ହୁଅନ୍ତି ।)

୨୪ । ଦେଇଥିଲେ ପାଇ, ବୁଣିଥିଲେ ଦାଇ
ପଡ଼ିଆ ଭୂମିରେ ଗୋଧନ ଚରାଇ ।

୨୫ । ଧନ ଦେଖି ଦାନ କର, ଶରୀର ଦେଖି ଧର୍ମ କର । (ଉପଦେଶ ।)

୨୬ । ନିତି ମାଗନ୍ତାକୁ (ଦରିଦ୍ରକୁ) ଦିଅନ୍ତି ନାହିଁ, ନିତି ମଲ୍ଲକୁ ସ୍ତୁହାନ୍ତି ନାହିଁ ।)

୨୭ । ପକେଇଲା ଛେପ ଚୋକବ ନାହିଁ, ଦେଲା ଦାନ ହରିବ ନାହିଁ ।
(ଦାନ ପ୍ରତ୍ୟାଖ୍ୟାନ କରିବା କିମ୍ବା ପ୍ରତିଶ୍ରୁତି ଭଙ୍ଗ କରିବା ଅନ୍ୟାୟ ।)

୨୮ । ବିଷ୍ଠାରୁ କଉଡ଼ି ଦାନ୍ତରେ ଆଣିବା । (କୃପଣତାର ଚରମ ଦୃଷ୍ଟାନ୍ତ ।)

୨୯ । ଭିକାରିକି କଥା କହନା ମାଗିବ ଯେ, ପିଲାକୁ କଥା କହନା ଲାଗିବ ଯେ ।

୩୦ । ମଘଦେଶିଆ ଆମ୍ବ ଖାଇଲେ ପିମ୍ପୁଡ଼ିକ ରସ ନଥାଏ । (ଯେଉଁ ଦେଶରେ ଆମ୍ବ ହୁଏ ନାହିଁ ସେ ଦେଶର ଲୋକେ ଆମ୍ବ ପାଇଲେ ଚକଟିକରି ଖାଆନ୍ତି ।)

୩୧ । ଯକ୍ଷ ଧନ ଭୂତ ଖାଏ । (କୃପଣ ବ୍ୟକ୍ତିର ଧନ ସଞ୍ଚୟ ପ୍ରତି କଟାକ୍ଷ ବଚନ ।)

୩୨ । ଯାହା ଖାଇଥିବ ପେଟକୁ, ଯାହା ଦେଇଥିବ ବାଟକୁ, ଯାହା ରଖିଥିବ ଖଣ୍ଡାକୁ ।

୩୩ । ରଙ୍କ ଧନ ଜନମ କଥା ଜାଣେ ।

୩୪ । ରଙ୍କ ଘରେ ରାଜା କୁଣିଆ ।

୩୫ । ରଙ୍କ ସଞ୍ଚେ ଧନ, ମୂଷା କରେ ଜଳପାନ ।

୩୬ । ରଙ୍କ ସଞ୍ଚେ କ୍ଷୀର ଖାଏ, ଦୁଃଖ ପାଣିପରି ଯାଏ ।

୩୭ । ରଙ୍କେ ପାଇଲେ ଝର, ପାଣି ପିଇ ପିଇ ମର ।

୩୮ । ରକ୍ତୁଣୀ ମୂତେ, ଭୂଇଁ ନ ଭିଜେ ।

Digitized by srujanika@gmail.com

୩୯ । ରାଜା ପୁଅ ଯୋଗୀ ହେଲେ ତା ରାଜା ବୁଦ୍ଧି ଛାଡ଼େ ନାହିଁ,
ଯୋଗୀ ପୁଅ ରାଜା ହେଲେ ତା ଯୋଗୀ ବୁଦ୍ଧି ଛାଡ଼େ ନାହିଁ ।

୪୦ । ଶୁଖିଲା କାଠରୁ ପାଣି ବାହାର କରିବା । (ଅତି କୃପଣ ବ୍ୟକ୍ତିଠାରୁ ଧନ ବାହାର କରିବା ।)

୪୧ । ସମୁଦ୍ର ଉଚ୍ଛୁଳିଲେ କି କୁକୁରର ଜିଭହଲା ଛାଡ଼ିଯାଏ । (କୃପଣ ଧନୀ ହେଲେ ମୁଦ୍ଧା ତାର କୃପଣତା ଛାଡ଼ିଯାଏ ନାହିଁ ।)

୪୨ । ବଡ଼ ଘର ବୋଲି ନାଁ ପଡ଼ୁଛି, ଅଢେଇ କୁଲା ଶାଗ ସିଝୁଛି । (ଧନୀ ଲୋକର କୃପଣତା ।)

୪୩ । ଆପଣା ସମ୍ପଦ ପରକୁ ଦେଇ, ଶିବ ବୁଲୁଛନ୍ତି ଲଙ୍ଗଳା ହୋଇ । (ନିଜ ସମ୍ପଦ ଅନ୍ୟକୁ ଦାନ କରି ନିଜେ କଷ୍ଟଭୋଗ କରିବା ।)

ଦେଶ, କାଳ ଓ ପାତ୍ର

୧ । ଅକାଳେ ନିୟମ ନାସ୍ତି । (ସଙ୍କଟମୟ ମୁହୂର୍ତ୍ତରେ କାଳଗତ ଶୁଭାଶୁଭ ନିୟମ ବିଚାର୍ଯ୍ୟ ନୁହେଁ ।)

୨ । ଆଜି କଥା କାଲିକି ଅନ୍ତର । (ଦୁନିଆ ଦ୍ରୁତ ପରିବର୍ତ୍ତନଶୀଳ ।)

୩ । ଏକ ଦେଶର ଗାଳି, ଅନ୍ୟ ଦେଶର ବୋଲି । (ଦେଶ ଭେଦରେ ଏକ ଶବ୍ଦର ଭିନ୍ନ ଭିନ୍ନ ଅର୍ଥ କରାଯାଇଥାଏ ।)

୪ । କାଳର ଅଟେ ବିପରୀତ ରୀତି, ଦଣ୍ଡକେ କୋରଡ଼ା ଦଣ୍ଡକେ ଛତି । (କାଳ ଚିର ପରିବର୍ତ୍ତନଶୀଳ ।)

୫ । କାହାକୁ ନ ରୁଚେ ଖଣ୍ଡ କ୍ଷୀରସା, କିଏ ପାଉ ନାହିଁ ପଖାଳ ଶୋଷା ।

୬ । କାହାକୁ ନ ରୁଚେ ସରଳବଣୀ, କିଏ ଲୋଡ଼ିଲେ ନ ପାଏ କାକର ପାଣି ।

୭ । କାହାର ପାଲିଙ୍କି ଉପରେ ପାଟଛତା, କାହାର ବେଢ଼ ଉପରେ କୋରଡ଼ା ।

୮ । କାହାର ପୁଷମାସ, କାହାର ସର୍ବନାଶ । (ଦୁନିଆରେ ଲୋକମାନଙ୍କ ଅବସ୍ଥାରେ ତାରତମ୍ୟ ପ୍ରତି ଉପଲକ୍ଷ୍ୟ ବଚନ ।)

୯ । ଘଡ଼ିକି ଘଡ଼ି ଅନ୍ତର ।

୧୦ । ଘଡ଼ିକେ ଘୋଡ଼ା ଛୁଟିବା । (ଘନଘନ ପରିବର୍ତ୍ତନ ।)

୧୧ । ଦିନ ପାଣିସୁଅ ପରି ବୋହିଯାଉଛି । (କାଳ କାହାରିକୁ ଅପେକ୍ଷା କରେ ନାହିଁ ।)

୧୨ । ଦେଶ ଗୁଣେ ବେଶ, ଗୁରୁ ଗୁଣେ ଶିଷ୍ୟ ।

Digitized by srujanika@gmail.com

୧୩ । ଦେଶର ହେଲେ ହେଁସର ହୁଏ ।

୧୪ । ଦେଶକେ ଫାଙ୍କ, ନଈକେ ବାଙ୍କ ।
(ଭିନ୍ନ ଭିନ୍ନ ଦେଶରେ ଭିନ୍ନ ଭିନ୍ନ ରୀତିର ପ୍ରଚଳନ ଦେଖାଯାଏ ।)

୧୫ । ଦେଶ ମେଳକୁ ରଜା ନ ପାରେ । (ଦେଶରେ ସମସ୍ତେ ବିଦ୍ରୋହୀ ହେଲେ ତାହା ଦମନ କରିବା ଅସମ୍ଭବ ହୁଏ ।)

୧୬ । ଦେଶ ମାତିଲେ ଖଣ୍ଡିଆ ମାତେ । (ଦେଶର ସବୁଲୋକେ କୌଣସି ବିଷୟରେ ମାତି ଉଠିବାର ଦେଖାଗଲେ ଦୁର୍ବଳ, ପଙ୍ଗୁଲୋକ ମଧ୍ୟ ଉତ୍ତେଜନାର ବଶବର୍ତ୍ତୀ ହୋଇ ସେମାନଙ୍କ ସଙ୍ଗେ ଯୋଗ ଦିଏ ।)

୧୭ । ନେଢ଼ାଗୁଡ଼ କହୁଣିକି ବୋହିଯିବା । (ଉପଯୁକ୍ତ ସମୟ ବା ସୁଯୋଗ ଅତୀତ ହୋଇଯିବା ।)

୧୮ । ବେଙ୍ଗ ବୋଲେ ବେଙ୍ଗୁଲୀ ଲୋ ମହୀ କ୍ଷଣ କ୍ଷଣକେ ଆନ । (ପୃଥିବୀ ଚିର ପରିବର୍ତ୍ତନଶୀଳ ।)

୧୯ । ଯେ ଦେଶ ଯାଇ ସେ ଫଳ ଖାଇ । (ଯେଉଁ ଦେଶକୁ ଯିବ ସେ ଦେଶର ରୀତି ଅନୁଯାୟୀ ଚଳିବାକୁ ହେବ ।)

୨୦ । ସେ କାଳ ପଖାଳକୁ ବାଘ ଖାଇଲାଣି । (ଯାହା ଅତୀତ ହୋଇଯାଇଛି ତାହା ଆଉ ଫେରି ଆସିବ ନାହିଁ ।)

୨୧ । ଆଗକାଳକୁ ବାଘ ଖାଇଲାଣି । (ସମୟ ପରିବର୍ତ୍ତନଶୀଳ)

୨୨ । ବରଷେ ଗଲେ ପୁରୁଷେ ଯାଏ ।

୨୩ । ବହିଗଲା ପାଣି ଯାଉ ତେଣିକି, ବନ୍ଧାଇଲା ପାଣି ରହୁ ଏଣିକି । (ଗତକଥା ପାଇଁ ଶୋଚନା ନକରି ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବା ।)

୨୪ । କାଳ ପଶିଲାଣି ଲଟାରେ । (କାଳର ପରିବର୍ତ୍ତନଶୀଳତା ପ୍ରତି ଉପଲକ୍ଷ ବଚନ ।)

୨୫ । ନଅ ଗାଁ ଗଲେ କୋଣେ, ଛଅ ଗାଁ ଗଲେ କୋଣେ ।

୨୬ । କସ ପୁଣି ଦେଖା ନ ଯାଇ ବଞ୍ଚିଥିଲେ ଜାବନେ । (ପରିବର୍ତ୍ତନଶୀଳ ଦୁନିଆରେ ଅସମ୍ଭବ ହୋଇ କିଛି ନାହିଁ ।)

Digitized by srujanika@gmail.com

ଦୋଷ ଓ ଗୁଣ

୧। ଆଗ୍ୱରେ ବ୍ରାହ୍ମଣ, ବଗ୍ୱରେ ପଣ୍ଡିତ ।

୨। ଆଗ୍ୱରେ ଲକ୍ଷ୍ମୀ, ବଗ୍ୱରେ ପଣ୍ଡିତା । (ଆଗ୍ୱର ଓ ବଗ୍ୱର ଉଭୟରେ ଯେ ଶ୍ରେଷ୍ଠ ।)

୩। ଆପଣା ଦୋଷେ ମରଣ ଯାର, କି କରିବେ ବ୍ରହ୍ମା ଶଙ୍କର ତାର ।

୪। ଆପଣା କସ୍ୱାକୁ ଇଲାଜ କଆ । (ହିନ୍ଦୀ ପ୍ରବଚନର ଅନୁକରଣରେ ରଚିତ—ନିଜେ କରିଥିବା ଭୁଲ କାମ ପାଇଁ କୌଣସି ପ୍ରତିକାର ନାହିଁ ।)

୫। ଆପଣା ଦୋଷେ ଆପେ ମରି, ପର ଦୋଷରେ ବ୍ରହ୍ମହତ୍ୟା ।

୬। ଆପଣା ମୁହଁରେ ଆପେ ମିଆଁ ମିଠୁ ବନିବା । (ଆତ୍ମବଡ଼ିମା ଦେଖାଇହେବା ।)

୭। ଆପଣା ସେରକ ଘିଏ ପରକୁ ଦିଏ ତା' ମୁଣ୍ଡଟା ପୋଡ଼ୁ । (ନିଜର ଅଧିକାର ପରକୁ ଦେବା ବ୍ୟକ୍ତି ପ୍ରତି ଉପଲକ୍ଷ୍ୟ ବଚନ ।)

୮। ଏକା ମାଧିଆ ବାଇଗି ପଲ । (ଅର୍ଥ, ବିଦ୍ୟା ଅବା ବୁଦ୍ଧିରେ ଜଣେ ବହୁ ଲୋକଙ୍କୁ ଅତିକ୍ରମ କରିଗଲେ ଏହି ଉପଲକ୍ଷ୍ୟ ଦିଆଯାଏ ।)

୯। ଏଣିକି ଏତେ, ମୁଦି ନାଇ ଗୋଡ଼ କମ୍ପୁଡ଼ୁ କେତେ ? (ସାମାନ୍ୟ ଐଶ୍ୱର୍ଯ୍ୟ ଗର୍ବରେ ସ୍ଫୀତ ହେବା ।)

୧୦। କମ୍ବଳ ଯାକ ବାଳ । (ଅସଂଖ୍ୟ ଦୋଷରେ ପରିପୂର୍ଣ୍ଣ ।)

୧୧। କମଳରୁ ବାଳ ବାଛିବା । (ଯାହା ଅସଂଖ୍ୟ ଦୋଷରେ ପୂର୍ଣ୍ଣ ତହିଁରୁ ଗୋଟାଏ ଗୋଟାଏ ଦୋଷ ବାଛି କିଛି ଲାଭ ନାହିଁ ।)

୧୨। କଳା କମ୍ବଳ ନୁହେଁ ଉଜଳ । (ଯାହାର ପ୍ରକୃତି ମନ୍ଦ ତାହାକୁ ପରିବର୍ତ୍ତିତ କରିବା ସହଜ ନୁହେଁ ।)

୧୩। କାଚ କାଚ ମଣି ମଣି, ବସ୍ତୁ ଅବସ୍ତୁ କାଳେ ଜାଣି । (ଭଲ ମନ୍ଦ ପରୀକ୍ଷା ଆଚରଣରୁ ଜଣାଯାଏ ।)

୧୪। କି ଗୁଣ ବାଛୁନିବ ଖଜୁରି ଗଛର, ସେ ତ ମୂଳରୁ ପାହାଚ ପାହାଚ । (ଯାହା ମୂଳରୁ ଚୂଳ ଯାଏ ଅସଂଖ୍ୟ ଦୋଷରେ ପରିପୂର୍ଣ୍ଣ ସେଥିରୁ ଗୋଟିଏ ଦୋଷ ବାଛି କିଛି ଲାଭ ନାହିଁ ।)

୧୫। କିଏ ସାତ କିଏ ସତର, କିଏ ନିଦା କିଏ ପଥର । (ସମାନ ଭେଦ ସତ୍ତ୍ୱେ ଯେଉଁଠି ପ୍ରତ୍ୟେକର କିଛି ନା କିଛି ଦୋଷ ବା ଗୁଣ ରହିଛି ।)

୧୬। ଖାଇ ନ ଜାଣି ଖାତର ଦୋଷ, ଦେଇ ନ ଜାଣି ପତର ଦୋଷ ।

୧୭। ଗୁଞ୍ଜି ପାଣିରେ ପଡ଼ିଲେ ଲିଭାଯାଏ ନାହିଁ । (ପ୍ରତିକୂଳ ପରିସ୍ଥିତି ପ୍ରକୃତ ଗୁଣୀ ଲୋକର ପ୍ରତିଭାକୁ ମଳିନ କରିପାରେ ନାହିଁ ।)

Digitized by srujanika@gmail.com

୧୮। ଗୁଣ ଥିଲେ କାନ୍ଧ, ବାଳ ଥିଲେ ବାନ୍ଧ।

୧୯। ଗୁଣଥିଲେ ବାହ୍ମନ, ଘର ଥିଲେ ଗ୍ରୁହଣି।

୨୦। ଗୁଣ ସୁନ୍ଦର ବୋଲି ଗୋଳି ପିଇବ କି ?
ରୂପ ସୁନ୍ଦର ବୋଲି ପାଣି ଶୋଇବ କି ?

୨୧। ଗୁଣ ଚନ୍ଦ୍ରେ ଗୁଣିଆ, ସୁନା ଚନ୍ଦ୍ରେ ବଣିଆ।

୨୨। ଗୁଣ ସାଗର, ଗୁଣ ରଖିଗଲ ଅଖା ଭିତର; ଅଖା ଧୋଉଥିବ, ଗୁଣ ଗାଉଥିବ। (ଦୁଷ୍ଟ ଓ ଅନିଷ୍ଟକାରୀ ବ୍ୟକ୍ତି ପ୍ରତି ବ୍ୟଙ୍ଗୋକ୍ତି।)

୨୩। ଗୁଣ ଥିଲେ ଗ୍ରେଷ୍ଠା କନ୍ଦର୍ପ। (ଗୁଣ ଥିଲେ ଶାରୀରିକ ତ୍ରୁଟି ବିଚ୍ୟୁତି ସତ୍ତ୍ୱେ ମନୁଷ୍ୟ ପ୍ରଶଂସାଭାଜନ ହୋଇଥାଏ।)

୨୪। ଗୁଣକୁ ପୂଜା, ଅବଗୁଣ ହେଲେ ବାଇଦ ବଜା। (ମନ୍ଦ ଗୁଣ ଯୋଗୁ ଶୀଘ୍ର ଦୁର୍ନାମ ରଟେ।)

୨୫। ଗୋଟିକ ଯାକ ତୁଳସୀ। (ଦୋଷଶୂନ୍ୟ ବ୍ୟକ୍ତି। ଭଣ୍ଡ ଅସାଧୁ ବ୍ୟକ୍ତି ପ୍ରତି ବ୍ୟଙ୍ଗୋକ୍ତି।)

୨୬। ଗୋଦରା ଲୋ ତୋ ଗୋଡ଼କୁ ଅନା। (ଦୋଷଦର୍ଶୀ ଲୋକକୁ ପ୍ରଥମେ ନିଜ ଦୋଷ ସମ୍ବନ୍ଧରେ ଅବହିତ ହେବା ପାଇଁ ଉପଦେଶ ବଚନ।)

୨୭। ଗୋଦରା ଦେଖିଲେ ଲସିବ, ଦାନ୍ତୁରା ଦେଖିଲେ ହସିବ। (ଯେ ଦାନ୍ତୁରା ନୁହେଁ ସେ ଆଉ ଦାନ୍ତୁରା ହେବାର ଆଶଙ୍କା ନାହିଁ; କିନ୍ତୁ ଗୋଦର ହେବାର ସମ୍ଭାବନା ରହିଛି।)

୨୮। ଗୋଦର ଗୋଡ଼ରେ ବିଷି ଫୋଟକା। (ଦୁଇଟି ରୋଗ ବା ଦୁର୍ଗୁଣର ଏକତ୍ର ସମାବେଶ।)

୨୯। ଗୁଲୁଣି କହେ ଛୁଞ୍ଚିକି ତୋ ଗାଣ୍ଡିରେ ଗୋଟାଏ କଣା। (ଅସଂଖ୍ୟ ଦୋଷରେ ପରିପୂର୍ଣ୍ଣ ବ୍ୟକ୍ତି ଅଳ୍ପ ଦୋଷଯୁକ୍ତ ବ୍ୟକ୍ତିର ଦୋଷ ଦର୍ଶାଇବା।)

୩୦। ଗୁହିଁକରେ, ସାକର ଖଣ୍ଡିକ ଚୂନା ହୋଇଗଲେ ତାହାର ମଧୁର ଯାଇକିରେ ? (ଶର୍କରାର ମିଠା ଗୁଣ ଲୋପ ନ ପାଇଲାପରି ଗୁଣୀ ଲୋକର ମହତ୍ତ୍ୱ ଘୋର ଦୁରବସ୍ଥାରେ ମଧ୍ୟ ଲୋପପାଏନାହିଁ।)

୩୧। ଡାକ ନ ଶୁଣିଣ ଧରଇ ଠେଙ୍ଗା, କହେ ଦନାଇ ଏ କୁଳ ବାଳୁଙ୍ଗା।

୩୨। ବାଁ ଡାହାଣ, ଦୁଇ ହାତରେ ଫୁଲର ବାସ ସମାନ। (ଯାହା ଭଲ ତାହା ସର୍ବତ୍ର ଭଲ।)

୩୩। ଢୋଲ ହୋଇକରି ନ ଥାଇ ସ୍ୱର, ସର ହୋଇ ଯେବେ ନ ଥାଏ ନୀର, ଉମାଳିଆ ନାମ ଅଟେ ସେ ପୁର।

Digitized by srujanika@gmail.com

୩୪ । ତା' ଦୁଆର ମୁହଁରେ ଖତ କୁଢ଼, ସେ ପରଦାଣ୍ଡ ଓଳଉଛୁ । (ଦୋଷଯୁକ୍ତ ବ୍ୟକ୍ତି ଅନ୍ୟକୁ ସଦୁପଦେଶ ଦେବା ।)

୩୫ । ତୀର୍ଥ ପାଣିକ ଗୋଳି, କୁଳ କନିଆ କ କାଳୀ । (ତୀର୍ଥ ପାଣି ଗୋଳିଆ ହେଲେ ମଧ୍ୟ ପବିତ୍ର । ସେହିପରି ସଦ୍‌ବଂଶଜା ଗୁଣବତୀ କନ୍ୟା କାଳୀ ହେଲେ ମଧ୍ୟ ଆଦୃତା ହୁଏ ।)

୩୬ । ତୁଳସୀ ଦୁଇ ପତ୍ରରୁ ବାସେ, ବଢୁଆଢ ଦୁଇ ପତ୍ରରୁ କୁଣ୍ଡାଇ ହୁଏ ।

୩୭ । ତୁଳସୀ ଗଛ ଖତ କୁଢ଼ରେ ଥିଲେ ମଧ୍ୟ ଶୁଦ୍ଧ । (ନୀଚ କୁଳ ଜାତ ଗୁଣୀ ଓ ପ୍ରତିଭାବାନ୍ ବ୍ୟକ୍ତି ସର୍ବଥା ପୂଜ୍ୟ ।)

୩୮ । ଦଶ, ନାହିଁ ଦୋଷ । (ଦଶ ଲୋକ ମିଳିମିଶି ଯେଉଁ କାମ କରନ୍ତି ତାହା ଦୋଷଶୂନ୍ୟ ହୁଏ ।)

୩୯ । ଦେଉଳ ତୋଳାଇଲେ ନାଁ ପଡ଼େ କ ବାଟରେ ହଗିଲେ ନାଁ ପଡ଼େ । (ସୁନାମ ଓ ଦୁର୍ନାମ ।)

୪୦ । ଧଳା କପଡ଼ାର ଦାଗ ଛଅ କୋଶକୁ ଦିଶେ । (ସଚ୍ଚରିତ୍ର ବ୍ୟକ୍ତିର ସାମାନ୍ୟ ଦୋଷ ସହଜରେ ପ୍ରଚାରିତ ହୁଏ ।)

୪୧ । ନାଚ ନ ଜାଣି ଅଗଣାର ଦୋଷ । (ନିଜର ଅପାରଗତା ଘୋଡ଼ାଇବାପାଇଁ ବୃଥାରେ ଅନ୍ୟ ଉପରେ ଦୋଷାରୋପ କରିବା ।)

୪୨ । ନୀଳ କାଚ ହୁଏ କ ନୀଳା ସମାନ, ଛେଳି ପାଦେ କ ଧାନ ମର୍ଦ୍ଦନ ।

୪୩ । ପାଟ କନା ଚିରିଲେ ପାଟ । (ଅବସ୍ଥା ବିପର୍ଯ୍ୟୟରେ ମଧ୍ୟ ମହତ୍ ବ୍ୟକ୍ତିର ମହତ୍ତ୍ୱ ଅକ୍ଷୁଣ୍ଣ ରହେ ।)

୪୪ । ପୋଖରୀରେ ପାଣିଥିଲେ ଆଉଁକ ଶୀତଳ । (ଗୁଣୀ ଲୋକ ବା ଧନୀ ଲୋକର ପାଖରେ ଥିବା ଲୋକ ମଧ୍ୟ ଉପକୃତ ହୁଅନ୍ତି ।)

୪୫ । ଫଳିଲା ଗଛ ଫୋପଡ଼ ସହେ । (ଫଳିଲା ଗଛରୁ ଲୋକେ ଫଳ ତୋଳିବା ପାଇଁ ଫୋପଡ଼ ମାରିବା ପରି ଗୁଣୀ ଲୋକକୁ ବହୁ ସମାଲୋଚନା ସହ୍ୟ କରିବାକୁ ହୁଏ ।)

୪୬ । ଫଳ ନାହିଁ କ ଫୁଲ ନାହିଁ କିସ ହେବ ସେ ଗଛ ଲଗାଇ । (ଗୁଣ ହୀନ ବ୍ୟକ୍ତି ପ୍ରତି କଟାକ୍ଷ ବଚନ ।)

୪୭ । ଫାଟୁଆ, ବାଟୁଆ, ଜନମ ଗ୍ରେଟା; ଗୁଲିଲେ ବାଟ ଦେଖ ହଟହଟା ।

୪୮ । ଫୁଲ ହୋଇ ଯେବେ ନ ଥାଏ ବାସ, ଫୁଲଣିଆ ଯେବେ ହୁଏ ନରେଶ,
ଫନ୍ଦା କରି ଯେବେ କରଇ ହେଳା, କହେ ଦନାଇ ଏ ବୁଡ଼ାଇ ଭେଳା ।

୪୯ । ବଗ ଗୋଡ଼ ନାଲିଆ ଦେଖି ବେଙ୍ଗ ଗୋଡ଼ ନାଲିଆ କରିବା ପାଇଁ ମନ ବଳାଇବା । (ଧନୀ ବା ଗୁଣବାନ୍ ବ୍ୟକ୍ତିର ସମକକ୍ଷ ହେବା ପାଇଁ ଦରିଦ୍ର ବା ନିର୍ଗୁଣ ବ୍ୟକ୍ତି ଚେଷ୍ଟା କରିବା ।)

Digitized by srujanika@gmail.com

୫୦ । ବଚସିଆ ବଣି, ବୃଢାବୃଢୀ ବ୍ରାହ୍ମଣୀ, ବଡ଼ ବାଇଗଣକୁ ବେସର ପାଣି, ସବୁ ଗୋଭଲ ଏ ।

୫୧ । ବଡ଼ ଲୋକ ହୋଇ ନଥାଏ ବୁଦ୍ଧି, ବ୍ରାହ୍ମଣ ହୋଇ ନଥାଏ ସିଦ୍ଧି,
ହାତେ ଖଡ଼୍ଗ ନାହିଁ ଗୋଡ଼ରେ ମୁଦ, କହେ ଦନାଇ ଏ ନର୍ଲଜ ବୁଦ୍ଧି ।

୫୨ । ବାଡ଼ ହୋଇ ଯେବେ ଖାଏ ବେଉସା, ବିରାଡ଼ି ହୋଇ ଯେବେ ନ ମାରେ ମୂଷା,
ରାଜା ହୋଇ ଯେବେ ତଣ୍ଡଇ ଚଷା, କହ କ ହୁଅଇ ସେ ଦେଶ ଦଶା ।

୫୩ । ବାଛୁ ହୋଇ କର ଗଢ ଡାଙ୍ଗ ହେଲେ ତାକୁ ନ ଗ୍ରୁଡ଼ବ ଷଣେ,
ଶତ୍ରୁକୁ ଆଣ୍ଟିବ, ପାଣିକୁ କଣ୍ଟିବ ସଙ୍ଗେ ହୋଇଥିବ ଜଣେ ।

୫୪ । ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇବା । (ନିର୍ଗୁଣ ଓ ଅଯୋଗ୍ୟ ବ୍ୟକ୍ତି ଉଚ୍ଚାଭିଳାଷ ପୋଷଣ କରିବା ।)

୫୫ । ବାଘୁଆ ହାତରେ ନିଆଁ ଖପରା । (ବିଚାରଶକ୍ତିହୀନ ବ୍ୟକ୍ତି ହସ୍ତରେ ଗୁରୁଦାୟିତ୍ବ ନ୍ୟସ୍ତ କରିବା ।)

୫୬ । ବାର ବରଷରେ କି କଅାଁଚା କାଠ ହେବ ?

୫୭ । ବାର ବରଷ ମାଟିରେ ପଡ଼ିଲେ (ପାଣିରେ ପଡ଼ିଲେ) କାଇଁଚର କେନ୍ଦ୍ର ଯାଏ ନାହିଁ ।

୫୮ । ବାର ବରଷର ତପସ୍ୟା ଶୁଖୁଆ ପୋଡ଼ାରେ ଯିବା । (ବହୁ କାଳର ସାଧନା ସାମାନ୍ୟ ବିଚ୍ୟୁତି ହେତୁ ପଣ୍ଡ ହେବା ।)

୫୯ । ବିଲୁଆ ସଙ୍ଗେ ବଣ ବୁଲିଆ ବାଇ ।

୬୦ । ବିଲୁଆ ବୋଲେ ତା ଲାଞ୍ଜଟା ସୁନ୍ଦର । (ନିର୍ଗୁଣ ବ୍ୟକ୍ତିର ଆତ୍ମବଡ଼ିମା ।)

୬୧ । ବୁଡ଼ିଗଲା ଗୋଡ଼ ତଳକୁ ତଳକୁ । (ମନୁଷ୍ୟର ଥରେ ପତନ ହେଲେ ସେ କ୍ରମେ ଅଧଃପତନର ଅତଳ ଗହ୍ୱରକୁ ଖସିଯାଏ ।)

୬୨ । ବ୍ରାହ୍ମଣ ହୋଇ ପିନ୍ଧଇ ଖଦି, ବିଧବା ହୋଇଣ ଲଗାଏ ମୁଦ,
ବଡ଼ ପଣ ଥାଇ ନ କରେ ସିଦ୍ଧି, କହେ ଦନାଇ ଏ ନର୍ଲଜ ବୁଦ୍ଧି ।

୬୩ । ମୋତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ ।
(ଯାହାର ଚରିତ୍ରଗତ ସଂଶୋଧନ ସମ୍ଭବପର ନୁହେଁ ।)

୬୪ । ଯହିଁ ଖୁଣ, ତହିଁ ଗୁଣ ।

୬୫ । ଯାହାକୁ ବୋଲିବ କାଉ ହାଣି, ସେ ଯେ ରଖିବ ନାଁ ପାଣି । (ଅସୁନ୍ଦର, କୁତ୍ସିତ ବା ଶାରୀରିକ ଦୋଷଯୁକ୍ତ ଲୋକ ଭବିଷ୍ୟତରେ ଗୁଣରେ ହୁଅନ୍ତି ।)

୬୬ । ଯେଉଁ ଲୋକ ଖେଳ ଜାଣେ ସେ କାଣି କଉଡ଼ିରେ ଖେଳେ । (କୌଣସି ବିଷୟରେ ବିଶେଷଜ୍ଞ ବ୍ୟକ୍ତି ଅଳ୍ପ ସାଧନରେ ମଧ୍ୟ କାର୍ଯ୍ୟ ତୁଲାଇନିଏ ।)

୬୭ । ରାନ୍ଧି ନ ଜାଣି ହାଣ୍ଡିର ଦୋଷ ।

Digitized by srujanika@gmail.com

୬୮ । ଲଙ୍କାରେ ଯେତେକ ଜନମ, ସମସ୍ତେ ବାଉନ ହାତ । (ଲୁଷ୍ୟାତସମ୍ପନ୍ନ ଅଞ୍ଚଳ ବା ପରିବାରର ଲୋକଠାରେ ଅନୁରୂପ ଗୁଣର ପ୍ରକାଶ ।)

୬୯ । ଲଙ୍କାରେ ହର ଶଢ । (ଦୁର୍ଗୁଣ ।)

୭୦ । ଲଙ୍କାପୋଡ଼ା ବାନ୍ଦର । (ଅନିଷ୍ଟକାରୀ ବ୍ୟକ୍ତି ପ୍ରତି କଟାକ୍ଷ-ବଚନ ।)

୭୧ । ଲୁଚଛୁ, ନାଁ ଗୋଡ଼ ଦୁଇଟି ଦିଶୁଛୁ । (ଲୁଚିଲେ ମଧ୍ୟ ଦୋଷ ପ୍ରକାଶ ପାଇବା ।)

୭୨ । ସବୁ କୁକୁର ଯଦି ବାରାଣସୀ (ଗଙ୍ଗାସ୍ନାନ କରି) ଯିବେ, ଅଇଁଠା ପତ୍ର ଚାଟିବ କିଏ ? (ଉପଯୁକ୍ତ ଯୋଗ୍ୟତା ନ ଥାଇ ଉଚ୍ଚାଭିଳାଷ ପୋଷଣ କରିବା ।)

୭୩ । ସବୁରେ ମେଓ୍ୱା ଫଳେ । (ଧୀରସ୍ଥିର ଭାବରେ କାର୍ଯ୍ୟ କଲେ ମନୁଷ୍ୟ ସବୁଠାରେ ଜୟଯୁକ୍ତ ହୁଏ ।)

୭୪ । ସାବଧାନର ଶତ୍ରୁ ନାହିଁ । (ସାବଧାନ ଥିବା ବ୍ୟକ୍ତିକୁ କ୍ୱଚିତ୍ ବିପଦ ପଡ଼ିଥାଏ ।)

୭୫ । ସାହସେ ମରି, ସାହସେ ତରି, ସାହସେ ଘରଦୁଆର କରି ।

୭୬ । ସୁନା ସୁଅକୁ କି ରୁପା ଅପୂର୍ବ ? (ଗୁଣୀ ଲୋକର କୌଣସି ଅଭାବ ରହେ ନାହିଁ ।)

୭୭ । ହକ କଥା, ନିମ୍ବ ଔଷଧ / ଆଗ ଆଗ ପିତା ପଛକୁ ଗୁଣ । (ନିମ୍ବ ପିତା ପରି ଖାଣ୍ଟି କଥା ପ୍ରଥମେ ପ୍ରଥମେ ବିରକ୍ତିକର ବୋଧହେଲେହେଁ ଶେଷକୁ ହିତକର ହୋଇଥାଏ ।)

୭୮ । ଫୁଲର ବାସନା ଦିନେ ଓ୍ୱଳଏ, ଆମ୍ବ ପଣସର ସଡ଼ିବାଯାଏ, ମଣିଷ ବାସନା ମଲେ ନ ତୁଟେ । (ମୃତ୍ୟୁ ପରେ ମଧ୍ୟ ଲୋକେ ଗୁଣୀଲୋକର ଗୁଣ ଗାନ-କରିଥାନ୍ତି ।)

୭୯ । ବଳଦ ପଛକେ ହାଡ଼ା ହେଉ ବଳ ଥିଲେ ହେଲା / ଔଷଧ ପଛକେ ଖଡ଼ା ହେଉ ସ୍ୱାଦ ଥିଲେ ହେଲା । (ସର୍ବତ୍ର ଗୁଣର ଆଦର ଦେଖାଯାଏ ।)

୮୦ । ଗୁଣ ସଂସାରକୁ, ରୂପ ମଶାଣିକୁ ।

୮୧ । ଗୁଣକୁ ପୂଜା, ପଖାଳ ଭାତକୁ କଲରା ଭଜା ।

୮୨ । ଗୁଣ ଥିଲେ କାନ୍ଧ, ବାଳ ଥିଲେ ବାନ୍ଧ ।

୮୩ । ଦାନ୍ତ ଗୋଡୁହାଡ଼, ମୁଖ ବିସ୍ତାର
ପେଟ ପଲାଇଲେ କୋରଡ଼ ଗୁଡ଼ । (ଅତ୍ୟନ୍ତ କୁତ୍ସିତ ରୂପ ।)

Digitized by srujanika@gmail.com

ଧନୀ-ଦରିଦ୍ର, ବଡ଼-ସାନ ଓ ସବଳ-ଦୁର୍ବଳ

୧ । ଅଣ୍ଟାରେ ନାହିଁ ଧନ, ପୁଅ ବାହାକର ମନ । (ଦରିଦ୍ର ବ୍ୟକ୍ତିର ବୃଥା ଉଚ୍ଚାଭିଳାଷ ପୋଷଣ ।)

୨ । ଅଣ୍ଟିରେ ଭୁଜା ଥିଲେ କେତେ କାଉ ଆସିବେ । (ଧନ ଥିଲେ ଲୋକର ଅଭାବ ରହେ ନାହିଁ ।)

୩ । ଅଣ୍ଟି ଛୁରି ତଣ୍ଟି କାଟେ ।

୪ । ଅବସ୍ଥା ବାରଗଣ୍ଡା ଦକଡ଼ା । (ଘୋର ଦରିଦ୍ରାବସ୍ଥା)

୫ । ଅରକ୍ଷିତ ଗଡ଼ା ନାଁ ଦୁଆରେ ପଡ଼ୁଛି ଚନ୍ଦନ । (ଦରିଦ୍ର ବ୍ୟକ୍ତିର ଶବ ଉଠିବା-ବେଳେ କର୍ପୂରଚନ୍ଦନ ଛୁଆଁହେବା ଭଳି ଅବାସ୍ତବ ଓ ହାସ୍ୟାସ୍ପଦ କଥା ।)

୬ । ଅଳପ ଧନ, ବିକଳ ମନ । (ଅଭାବଗ୍ରସ୍ତ ଲୋକ ଭଲ ଜିନିଷ ଦେଖିଲେ କିଣି ନପାରି ମନ ଦୁଃଖ କରେ ।)

୭ । ଆଗ ମାଧିଆ କି, ମାଧିଆ ହାତରେ ଟଙ୍କା ଠୋକର, ମାଧିଆ ମଣିଷ ଚିହ୍ନଇ କି ? (ଦରିଦ୍ର ବ୍ୟକ୍ତି ଧନୀ ହେଲେ ସେ ଅନ୍ୟକୁ ଖାତିର କରେ ନାହିଁ ।)

୮ । ଖାଇବାକୁ ଦାନା ନାହିଁ, ପିନ୍ଧିବାକୁ କନା ନାହିଁ । (ଘୋର ଦାରିଦ୍ର୍ୟ ।)

୯ । ଗରିବ ମାଇପ ସବୁରି ଶାଳୀ । (ଲୋକର ଦାରିଦ୍ର୍ୟର ସୁଯୋଗ ନେଇ ଲୋକେ ନାନା ଥଟ୍ଟା-ପରିହାସ କରନ୍ତି ।)

୧୦ । ଗରିଆର ଜାତି ଯାଏ ନାହିଁ, ମାଠିଆର ଯାଏ । (ଜାତି ଅଜାତି ଭେଦ ଲୋକର ଆର୍ଥିକ ଅବସ୍ଥା ଉପରେ ନିର୍ଭରଶୀଳ ।)

୧୧ । ଗୁହଳ କଣାରେ ଘର, ଯାହାକୁ ଯେତେ ଦେଲେ ଆଖିକି ନ ଦିଶେ ସୁନ୍ଦର । (ଗ୍ରାମରେ କଣିଖିଆ ଲୋକ ସମ୍ମାନ ପାଏ ନାହିଁ ।)

୧୨ । ଅପର ଘରେ ରୋଗ, ରଜାଘରେ ସଦା ଭୋଗ । (ଧନୀ-ଦରିଦ୍ରମଧ୍ୟରେ ପ୍ରଭେଦ ।)

୧୩ । ଆଜି ଖାଇଁ, କାଲି ପଳାଇଯାଇଁ, କୁଦୋ (କୋଦୁଅ) ପୁଆଲେ ଜୁଇ ଲଗାଇ ଦେଉ । (ଦରିଦ୍ର ଯାଯାବର ଜୀବନ ସମ୍ବନ୍ଧରେ ଉକ୍ତି ।)

୧୪ । ଟଙ୍କା କ'ଣ ନ କରେ କାମ, ଆବେ ପର୍ଶୁଆ, ଯାବେ ପର୍ଶୁଆ, ବାବୁ ପରଶୁରାମ । (ଲୋକର ଧନ ଓ ପ୍ରତିପତ୍ତି ବଢ଼ିବା ସଙ୍ଗେ ସଙ୍ଗେ ସମାଜରେ ତାର ଆଦର ଓ ସମ୍ମାନ ବଢ଼ିଥାଏ ।)

୧୫ । ଏନ୍ତା ଲୋକ କେନ୍ତା, ଖଲିଖିଆ ଲୋକ ଆଳିଥିଁ ଖାଏଲେଁ ଲୋକ ଚିନ୍ଦି ସେ କେନ୍ତା ? (ଲୋକର ଆର୍ଥିକ ଅବସ୍ଥାରେ ଉନ୍ନତି ହେଲେ ସେ ମଣିଷ ଚିହ୍ନେ ନାହିଁ । ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ପ୍ରବଚନ ।)

Digitized by srujanika@gmail.com

୧୬ । ଏ ମୁଣ୍ଡ ପୋଡ଼ିଲେ ଯୋଗୀ ସେ ମୁଣ୍ଡକୁ ଯାଏ / ସେ ମୁଣ୍ଡ ପୋଡ଼ିଲେ ଯୋଗୀ ଶିଙ୍ଗାନାଦ ବାଏ । (ଭିକ୍ଷାନ୍ନ ଉପରେ ନିର୍ଭର କରି ଚଳୁଥିବା ଲୋକର କେଉଁଥିକି ପରୁଆ ନଥାଏ ।)

୧୭ । କଉଡ଼ି ଥିଲେ ବାଘଦୁଧ ମିଳେ । (ଧନୀ ଲୋକ ପକ୍ଷରେ କୌଣସି ବସ୍ତୁ ଦୁର୍ଲଭ ହୁଏ ନାହିଁ ।)

୧୮ । କଉଡ଼ି ନ ଚିହ୍ନେ ବନ୍ଧୁ ଅବନ୍ଧୁ । (ପଇସା ନିକଟରେ ଆପଣା ପର ସ୍ଥାନ ନାହିଁ ।)

୧୯ । ଘରେ ନାହିଁ ଲେମ୍ବୁଲୁଣ, ଦାଣ୍ଡରେ ଦେଖା ଗୃହରପଣ, ସଭାରେ ବଖାଣେ ଛନ୍ନ ଛଉଣ । (ଦରିଦ୍ର ବ୍ୟକ୍ତିର ବୃଥା ବାହ୍ୟାଡ଼ମ୍ବର ।)

୨୦ । ଘରେ କୁଳ ଦେଇ ଓପା, ଦାଣ୍ଡରେ ବସି କିଶରେ ଘିଅହାତ ମାରୁଛି ।

୨୧ । ଘରେ ନାହିଁ ଖୁଦ ପାଏ, ଟୁକୁଣୀ ଘେନି ହରିଡେ ଯାଏ । (ଦରିଦ୍ର ବ୍ୟକ୍ତିର ବୃଥା ଆଡ଼ମ୍ବର ପ୍ରଦର୍ଶନ ।)

୨ । ଘିଅ ଖାଇ ଗୋରସରେ ଆଞ୍ଚେଇ ହେବା । (ଧନୀ ଲୋକର ଅତ୍ୟଧିକ ପ୍ରୌଢ଼ି ପ୍ରଦର୍ଶନ ।)

୨୩ । ଖିର ବୋଇଁ ବୁହେ ଗୋଦଡ଼ା ତନ୍ତ୍ରୀ, ନାଉନିଶ ଖାଏ ମଧୁ ମାହାନ୍ତ୍ର । (ଜଣେ ଖଟେ ଓ ଅନ୍ୟ ଜଣେ ତାର ଲାଭ ଉଠାଏ ।)

୨୪ । ଓର ନାଲଗାଁ ପଦଆ ତନ୍ତ୍ରୀ, ଲାଉ ଖାଇଗଲା ମାଧ ମହାନ୍ତ୍ର ।

୨୫ । କାହା ମୁହଁକୁ ଧାନ ଭରଣେ,
କାହା ମୁହଁକୁ ପାଲ ଭରଣେ ।

୨୬ । କାହାର ପୁଅ ସେ କାହାର ନାତି, ଲୁଗା ପିନ୍ଧିଥିବ କେମନ୍ତ ଜାତି ।

୨୭ । କାହା ମୁହଁକୁ ଧାନ ଭରଣେ, କାହା ମୁହଁକୁ ନଡ଼ା ଭରଣେ ।

୨୮ । ନିର୍ଲଜ୍ଜ ପଗ୍ରଣ କଲବଲ; କୁଣ୍ଡାପିଠା ଖାଏ ବଲ ବଲ ।

୨୯ । ବଡ଼ ବଡ଼ରେ ସବୁ ପାର ଯାଏ, ସାନଙ୍କ ଠେଇଁ କଲଙ୍କ ରହେ ।

୩୦ । ବଡ଼ଘର ଝିଅ ନ ହେବ ବନ୍ଧ୍ୟା, ହୁଁ ବୋଇଲେ ସେ ଦାଣ୍ଡରେ ଉଭା ।

୩୧ । ବଢ଼େଇ ବଡ଼ପଣ, ଖଣ୍ଡିଆ ଦରପଣ ।

୩୨ । ଶୀତ ପର୍ବରେ ମିତ ଖାଇକି, ଫୁଙ୍ଗୁଲା ଗାଣ୍ଡିଆ ଘରେ ନାହିଁ କି ।
ଖାଉଛି ଗଞ୍ଜେଇ ଗାଉଛି ଗୀତ, ପିଠିରେ ପକାଇ ନେଉଛି ଶୀତ ।
(ଶୀତ ଋତୁରେ ଦରିଦ୍ର ବ୍ୟକ୍ତିର ହୀନାବସ୍ଥା ପ୍ରତି ଉପଲକ୍ଷ୍ୟ ବଚନ ।)

୩୩ । ସର, ବରଗଛ ମୂଳେ ଘର; ଯେ ନା ସେ ପଶିବ, କାହାକୁ କରିବ ପର ।

୩୪ । ସାଆନ୍ତାଣୀ ପାଡ଼ିଲେ ବାସେ, ପୋଇଲୀ ପାଡ଼ିଲେ ଗନ୍ଧାଏ ।

Digitized by srujanika@gmail.com

୩୫ । ଗ୍ରେଣ୍ଟୀ କାଣୀ ବରଡ଼ କୁଜ ଅସରପା ଉପରକୁ ଟାଣ । (ଦୁର୍ବଳ ବ୍ୟକ୍ତି ଅନ୍ୟ ଦୁର୍ବଳ ବ୍ୟକ୍ତି ଉପରେ ପ୍ରତାପ ଦେଖାଏ ।)

୩୬ । ଢିଙ୍କି ମାଉ ବଣି ପୋଷିବା । (ସ୍ୱ ସ୍ୱାର୍ଥସାଧନ ପାଇଁ ଜଣକୁ ମାର ଅନ୍ୟ ଜଣକୁ ସାହାଯ୍ୟ କରିବା ।)

୩୭ । ଟଙ୍କା ଯା'ର, ମାମଲା ତାର । (ଧନୀଲୋକ ସବୁଠାରେ ଜିଣେ ।)

୩୮ । ଟଙ୍କା ଛଅଟି ଭଣ୍ଡାର ମୁଠି । (ସ୍ୱଳ୍ପ-ଉପାର୍ଜନକାରୀ ବ୍ୟକ୍ତି ।)

୩୯ । ତୁଣ୍ଡ ନରେନ୍ଦ୍ର, ପିଠି ଅରକ୍ଷିତ । (ଦରିଦ୍ର ବ୍ୟକ୍ତି ମୁଖରେ ବଡ଼ ବଡ଼ ଗର୍ବିତ କଥା ଶୁଣାଯିବା ।)

୪୦ । ତେଲିଆ ମୁଣ୍ଡରେ ତେଲ । (ଧନୀ ଓ ଐଶ୍ୱର୍ଯ୍ୟଶାଳୀ ଲୋକେ ଅଧିକ ସୁବିଧା ପ୍ରାପ୍ତ ହେବା ।)

୪୧ । ଥିଲା ଲୋକ ପାଇଁ ସଭିଏ ଧାଇଁ, ନ ଥିଲା ଲୋକକୁ ପୁଚ୍ଛନ୍ତି ନାହିଁ ।

୪୨ । ଦରିଦ୍ରକୁ ଦଇବ ସାହା ।

୪୩ । ଧନ ଯା'ର, ଲୋଭ ତାର ।

୪୪ । ଧନରେ କୁବେର, ବୁଦ୍ଧିରେ ବୃହସ୍ପତି ।

୪୫ । ଧାନ ଥିବା ପୁଆଳକୁ ସମସ୍ତେ ଝାଡ଼ନ୍ତି ।

୪୬ । ନରେନ୍ଦ୍ରଙ୍କ ସଙ୍ଗେ ଶୁଖୁଆ ବଣିଜ ବାଇ । (ବଡ଼ ଲୋକ ସଙ୍ଗେ ସାମାନ୍ୟ ଲୋକ ସରିହେବାକୁ ଚେଷ୍ଟା କରିବା ଭଲ ପାଗଲାମି ।)

୪୭ । ନାକ ବୁଡ଼ ହେବାଯାଏ ବଡ଼ଲୋକ, କେଉଁ ନ ଗୁଡ଼େ ଆପଣା ଟେକ ।

୪୮ । କାହା କରମରେ ଖିର ଖିରସା, କାହା କରମରେ ଲଡ଼ୁ;
କାହା କରମରେ ଖାଉଆ ଖଡ଼ା, ଗ୍ରେବାଇ ଗ୍ରେବାଇ ମରୁ ।

୪୯ । କାହାକୁ କହିବା, କପାଳରେ ସିନା କରି ଲେଖିବା ।

୫୦ । କାହାକୁ ନ ରୁଚେ ସରଲବଣି, କଏ ଲୋଡ଼ିଲେ ନ ପାଏ କାକର ପାଣି ।

୫୧ । କହିବ କାହାକୁ ଶୁଣିବ କଏ ? ସାଆନ୍ତ ଅଗୁଝା ମାରୁଚ ଛିଏ ।

୫୨ । ଗାଁ ଗଉନ୍ତିଆ, ଘଇଜେ ରଜା । (ଏମାନେ ଶୋଷକଶ୍ରେଣୀର ଲୋକ ।)

୫୩ । ଅଇଲେଣି ବଡ଼ ଘରଣୀ, ତାଙ୍କୁ ଦିଅ ପିଢ଼ା ପାଣି,
ଅଇଲଣି ଦୁଃଖୀ ରାଣ୍ଡୀ, ତାକୁ ଦିଅ ଅରଟ ଖଣ୍ଡି ।

୫୪ । କାହାର ପାଲଙ୍କ ଉପରେ ପାଟଛତା, କାହାର ବେଢ଼ ଉପରେ କୋରଡ଼ା ।

୫୫ । କାହାକୁ ନ ରୁଚେ ଖିର, ଖିରସା, କଏ ପାଉ ନାହିଁ ପଣସ ଖୋସା ।

୫୬ । ପାଞ୍ଚ ଆଙ୍ଗୁଠି ସମାନ ନୁହେଁ । (ଜଗତରେ ସାନ-ବଡ଼, ସବଳ-ଦୁର୍ବଳ ଆଦି ଭେଦ ରହିବା ସ୍ୱାଭାବିକ ।)

Digitized by srujanika@gmail.com

୫୭ । ପୋଡା ଯେତେ ଉଷ୍ମ ସେତେ । (ଚଳନ୍ତି ଓ ଗଚ୍ଛିତ ସମ୍ପଦ ଥିବା ଧନୀ ଲୋକ ।)

୫୮ । ବଗଙ୍କର ବେକ ବଢ଼ିଲେ ମୀନଙ୍କର ବିପତ୍ତି । (ଅତ୍ୟାଚାରୀର ସାଧନ ବୃଦ୍ଧି ପାଇବା ଫଳରେ ଅତ୍ୟାଚାରିତର ଦୁର୍ଦ୍ଦଶା ବଢ଼େ ।)

୫୯ । ବଡ଼ଲୋକ ଚାଉଳ ଚୋବାଇଲେ ବାତ-ପିତ୍ତ-ନାଶନ, ଗରିବ ଚାଉଳ ଚୋବାଇଲେ ବିକଳାଟାଏ ।

୬୦ । ବଡ଼-ବଡ଼ଙ୍କ ସବୁ ପାର ଯାଏ, ଗରିବ ବନ୍ଧାହେଉଥାଏ ।

୬୧ । ବଡ଼ଲୋକଙ୍କ ଉତ୍ତର ନାହିଁ, ସ୍ୱର୍ଗକୁ ନିଶୁଣି ନାହିଁ ।

୬୨ । ବଡ଼ଲୋକଙ୍କୁ ବଡ଼ ସାଜେ, ଚାଲିଗଲାଠାରେ (ମୂଢ଼ଗଲେ) ଖିର-କାହାଳି ବାଜେ । (ବଡ଼ଲୋକଙ୍କ ଅଯଥା ଆଡ଼ମ୍ବର ଶୋଭାପାଏ ।)

୬୩ । ବଡ଼ଲୋକର ପୁଅ ଖାନେବାଲା, ଶ୍ରେଷ୍ଠ ଲୋକର ପୁଅ ଖାଉସି ।

୬୪ । ବଡ଼ ଘର ବଡ଼ ବାଜେ, ବଡ଼ କଥା ବଡ଼କୁ ସାଜେ । (ବଡ଼ଲୋକଙ୍କ ପାରିବାରିକ ଘଟଣା ବହୁକାଳ ରୁହେ ।)

୬୫ । ବଳ ଥିଲା ବାହୁଟିଆ ପଙ୍କରେ ଲାଗେ ନାହିଁ । (ବଳୁଆ ଲୋକ କେଉଁ କାର୍ଯ୍ୟରେ ହଟେ ନାହିଁ ।)

୬୬ । ବଳାତ୍କାର ଠେଙ୍ଗା ଶିର ଉପରେ । (ବଳୁଆ ଲୋକକୁ ସମସ୍ତେ ଭୟ କରନ୍ତି ।)

୬୭ । ବିଲେଇ ପଡ଼ିଲା ଅକଡ଼େ, ମୂଷା ମାଇଲା ଚାପଡ଼େ । . (ଅକଳରେ ପଡ଼ିଥିବାବେଳେ ହୀନ, ଦୁର୍ବଳ ବ୍ୟକ୍ତି ମଧ୍ୟ ସବଳ ଉପରେ ଦାଉ ସାଧେ ।)

୬୮ । ବଡ଼ ବଡ଼ ଗଲେ ଫସରଫାଟି, ହୀନ ଅଇଲେ ବେସରବାଟି । (ଶକ୍ତିହୀନ ଦୁର୍ବଳ ବ୍ୟକ୍ତି ଗୁରୁ ଦାୟିତ୍ୱ ବହନ କରିବା ପାଇଁ ଆଗଭର ହେବା ।)

୬୯ । ବାଘ ଗୁଲି କି କୁକୁର ଲଢ଼େ ? (ଦୁର୍ବଳର ସବଳ ପ୍ରତି ଭୟ ।)

୭୦ । ବାଘ ଭୋକଲାକୁ ଛେଳି ଦୁର୍ବଳ । (ଲୋଭୀ ଅତ୍ୟାଚାରୀ ବ୍ୟକ୍ତିର ଦୁର୍ବଳ ଉପରେ ଅତ୍ୟାଚାର ପ୍ରତି ଉପଲକ୍ଷ୍ୟ-ବଚନ ।)

୭୧ । ବାଘ ବକୁରି (ଛେଳି) ଏକା ଘାଟରେ ପାଣି ପିଆଇବା । (ଖାଦ୍ୟ ଖାଦକ ଦୁହିଁଙ୍କୁ ଏକତ୍ର କରିବା ଭଳି ଅସୀମ ପରାକ୍ରମ ।)

୭୨ । ବାଘର ଦେହରୁ ଲୋମ ଟାଣିବା । (ଦୁର୍ବଳ ଲୋକର ସବଳ ଲୋକକୁ ଆଘାତ ବା ଅପମାନିତ କରିବା ଭଳି ଦୁଃସାହସ ।)

୭୩ । ବାଘ ସାଙ୍ଗରେ ମା' ମାଉସୀ ଖେଳିବା ।

୭୪ । ବାଘ ମଲେ ବିଲୁଆ ରଜା । (ସବଳ ଓ ଶକ୍ତିଶାଳୀ ଲୋକର ଅନୁପସ୍ଥିତିରେ ହୀନ ଦୁର୍ବଳ ବ୍ୟକ୍ତି ପ୍ରଭୁତ୍ୱ ବିସ୍ତାର କରିବା ।)

୭୫ । ବାନ୍ଧ ମାଇଲେ ସିଦ୍ଧେ ମରନ୍ତି । (ଦୈହିକ ବଳ ନିକଟରେ ବିଦ୍ୟା, ଜ୍ଞାନ, ତପସ୍ୟା ଓ ସାଧନା ହାରମାନେ ।)

Digitized by srujanika@gmail.com

୭୬ । ବଳେଇ ପଡ଼ିଲା ଅକଡ଼େ, ମୂଷା ମାଇଲା ଝୁପଡ଼େ । (ସବଳ ବ୍ୟକ୍ତି ଅକଳରେ ପଡ଼ିଥିବାବେଳେ, ସ୍ୱାନ ଦୁର୍ବଳ ବ୍ୟକ୍ତି ମଧ୍ୟ ଦାଉ ସାଧିବାକୁ ଛାଡ଼େ ନାହିଁ ।)

୭୭ । ବୀରଭୋଗ୍ୟା ବସୁନ୍ଧରା ।

୭୮ । ବୁଡ଼ି ବୁଡ଼ି ମଲେ ପାଣିକୁଆଳୀ, ଚୁଙ୍କାଇ ଖାଇଲେ ବକ । (ଜଣକର ଶ୍ରମଅର୍ଜିତ ଧନକୁ ଆଉ ଜଣେ ମାରନେବା ।)

୭୯ । ବେଙ୍ଗ ସାରୁଗଛ ମୂଳେ ଛଟି ଟେକାଇ କହେ ମୁଁ ରଜା । (ଦୁର୍ବଳ ବ୍ୟକ୍ତିର ବୃଥା ଆତ୍ମବଡ଼ିମା ।)

୮୦ । ବେଳ ପଡ଼ିଲେ ପାଳଦଉଡ଼ି ସାପ ପାଲଟେ । (ସୁବିଧା ପାଇଲେ ଦୁର୍ବଳ ବ୍ୟକ୍ତି ମଧ୍ୟ ସବଳ ବ୍ୟକ୍ତି ପ୍ରତି ଘୋର ବିପଦର କାରଣ ହୋଇଥାଏ ।)

୮୧ । ଜୋର ଯାର, ମୁଲକ ତାର । (ସବଳ ବ୍ୟକ୍ତି ସବୁଠାରେ ବିଜୟୀ ହୁଏ ।)

୮୨ । ରୁପା କବାଟକୁ ସୁନା ଶିକୁଳି । (ସମ୍ପଦ ଉପରେ ସମ୍ପଦ ।)

ଧର୍ମ, ଅଧର୍ମ ଓ ପାପ-ପୁଣ୍ୟ

୧ । ଅଧର୍ମ ବିତ୍ତ, ବଢ଼େ ବହୁତ, ଗଲାବେଳେ ଯାଏ ମୂଳ ସହିତ । (ଅନ୍ୟାୟ ଉପାୟରେ ଅର୍ଜିତ ସମ୍ପତ୍ତିର କ୍ଷଣସ୍ଥାୟିତ୍ୱ ସମ୍ବନ୍ଧରେ ସାମାଜିକ ନୀତିବାକ୍ୟ ।)

୨ । ଅରକ୍ଷିତକୁ ଦଇବ ସାହା । (ଭଗବାନ ଅସହାୟର ସହାୟ ।)

୩ । ଆତଙ୍କ କାଳେ ଯାଚନ୍ତି କୁକୁଡ଼ା / ଆତଙ୍କ ଗଲେ ଦଅନ୍ତି ନେଫଡ଼ା । (ବିପଦବେଳେ ଲୋକେ ମାନସିକ କରି ଦେବତାଙ୍କୁ ବଳି ଯାଚନ୍ତି; କିନ୍ତୁ ବିପଦ ପାରହୋଇଗଲେ ପ୍ରତିଶ୍ରୁତି ଭଙ୍ଗ କରିବା ପାଇଁ କୁଣ୍ଠିତ ହୁଅନ୍ତି ନାହିଁ ।)

୪ । ଉଖୁଡ଼ା ପାଇଲେ ପୁରାଣଶୁଣା ଶେଷ । (କେବଳ ପ୍ରସାଦ ପାଇବା ଲାଗି ଯେଉଁମାନେ ପୁରାଣ ଶୁଣିବାକୁ ଆସନ୍ତି ସେମାନଙ୍କ ପ୍ରତି ଉପଲକ୍ଷ୍ୟ-ବଚନ ।)

୫ । ଗୁପ୍ତ ଦାନର ଗୁଣ ବେଶି, ଗୁପ୍ତ ପାପର ଖୁଣ ବେଶି ।

୬ । ଥାଉଁ ନଖାଉ ପେଟକୁ, ଥୋଇଛୁ ଯାହା ଖଣ୍ଡକୁ / ଥୋଡ଼େ ନେଇ ଯା ବାଟକୁ, ଥିଲେ ଲାଗିବ ଘାଟକୁ । (ଧର୍ମାର୍ଥେ ଅର୍ଥ ବ୍ୟୟ ଏକାନ୍ତ ବାଞ୍ଛନୀୟ ।)

୭ । ଦେଇଥିଲେ ପାଇ, ବୁଣିଥିଲେ ଦାଇ / ପଡ଼ିଆଭୂମିରେ ଗୋଧନ ଚରଇ । (କାର୍ତ୍ତିକ ଓ ମାଘ ମାସରେ ଚକୁଳିଆ ପଣ୍ଡା ଗାଁ ଗାଁ ବୁଲି ଭିକ ମାଗିବା ବେଳେ ଏହି ଗୀତ ଗାଆନ୍ତି । ଦାନଶୀଳତା ମୁକ୍ତିର ଏକ ସୋପାନ ସଦ୍ଗୁଣ ।)

୮ । ଦେ ପଦେ ଦେବତା । (ଦାନଶୀଳ ବ୍ୟକ୍ତିଠାରେ ଦେବତା ସନ୍ତୁଷ୍ଟ ହୁଅନ୍ତି ।)

Digitized by srujanika@gmail.com

୯ । ଦେବାଠାରୁ ପୁଣ୍ୟ ନାହିଁ, ମାଗିବାଠାରୁ ସାନ ନାହିଁ ।

୧୦ । ଦେଲା ଧନ ନେବ ନାହିଁ, ପକାଇଲା ଛେପ ଚାଟିବ ନାହିଁ ।

୧୧ । ଧନ ଦେଖି ଦାନ କର, ଶରୀର ଦେଖି ଧର୍ମ କର ।

୧୨ । ଧର୍ମର ଗାଣ୍ଡିରେ ମେଖ । (ଧର୍ମପରାୟଣ ବ୍ୟକ୍ତିକୁ ଲୋକେ ହଇରାଣରେ ପକାନ୍ତି ।)

୧୩ । ଧର୍ମରୁ ଜୟ, ପାପରୁ କ୍ଷୟ ।

୧୪ । ଧର୍ମରୁ ସୁହୃଦ ନାହିଁ, ମଡ଼ା-ସଙ୍ଗୀରୁ ସଙ୍ଗୀ ନାହିଁ ।

୧୫ । ଧର୍ମକୁ ଆଖିମିଟିକା ମାରିବା । (ଧର୍ମକୁ ସାକ୍ଷୀ ରଖି ଅଧର୍ମାଚରଣ କରିବା ।)

୧୬ । ଧର୍ମ-ଡଙ୍ଗା ବୁଡ଼େ ନାହିଁ । (ଧର୍ମରେ ଚାଲିଲେ ମନୁଷ୍ୟର ପତନ ହୁଏ ନାହିଁ ।)

୧୭ । ପାପ ପାତାଳରୁ ବାହାରେ । (ପାପ ଲୁଚେ ନାହିଁ ।)

୧୮ । ପାପକୁ ପ୍ରାୟଶ୍ଚିତ୍ତ, ମଳକୁ ଜାଡସ୍ନାନ ।

୧୯ । ପାପ-ଧନ ପ୍ରାୟଶ୍ଚିତ୍ତରେ ଯାଏ । (ଅସତ୍ ଉପାୟରେ ଅର୍ଜିତ ଧନ ସ୍ଥାୟୀ ହୁଏ ନାହିଁ ।)

୨୦ । ପାପ ସୁନା ଖଡ଼ୁ ପିନ୍ଧାଏ ନାହିଁ । (ପାପ-ଅର୍ଜିତ ଧନରେ ମଙ୍ଗଳ ନାହିଁ ।)

୨୧ । ପାପ ଦେହରେ ପୁଣି କ୍ରୋଧ ରୋଗ ।

୨୨ । ଯେ କରେ ଧର୍ମ, ତାର ପୋଡ଼େ କର୍ମ ।

୨୩ । କେଉଁର ହାତର ପାପ ଭୂଜମାକୁ ନ ଯାଏ । (ଜଣକର ପାପ ଅନ୍ୟ ଜଣେ ଭୋଗ କରେ ନାହିଁ ।)

୨୪ । ତପୀ ଜପୀ ବ୍ରାହ୍ମଣୀଲୋ ଶ୍ରାଦ୍ଧ ଖାଇବୁ କାହିଁ, କୁମ୍ଭାରପୁଅ ହାଣ୍ଡି ଗଢ଼ିଛୁ ଛେପ ଲଗାଇ । (ମିଥ୍ୟା ବାହ୍ୟ ଧର୍ମାଚାର ପ୍ରତି କଟାକ୍ଷ-ବଚନ ।)

୨୫ । ଦେଉ ଦଆଇବ, ଦେଖା ଘରକୁ ବଢ଼ାଇ ଦେବ ।

୨୬ । ସବୁ କୁଆଁକୁ ଏକ ବୁଡ଼, ସବୁ ପାପକୁ କୁଳବୁଡ଼ ।

୨୭ । ନଖବାଳ ରଖି ଭାଲୁଏ କେବେ ଯୋଗୀ ହେଲେଣି,
ପାଣିରେ ଥାଇଣ ମାଛ ତ କେବେ ସ୍ୱର୍ଗେ ଗଲେଣି ।
(ନଖ, ବାଳ ନକାଟି, ସ୍ନାନ କରି ଧର୍ମ ଅର୍ଜନ କରିବାକୁ ଚେଷ୍ଟା କରୁଥିବା ଲୋକଙ୍କ ପ୍ରତି ବ୍ୟଙ୍ଗୋକ୍ତି ।)

୨୮ । ଲୋଭରୁ ପାପ, ପାପରୁ ମୃତ୍ୟୁ ।

୨୯ । ସବୁ କୁଆଡ ବୁଡ଼କେ ପାର । (ଧର୍ମ ନାମରେ ସ୍ନାନାଦ ବାହ୍ୟ ଆଚାର ଅନୁଷ୍ଠାନ ପ୍ରତି କଟାକ୍ଷ-ବଚନ ।)

୩୦ । ସବୁ ଖାଇ ପାଣିରେ ହାତ ଧୋଇ, ପାଣି ଖାଇ କାହିଁରେ ହାତ ଧୋଇ ?

Digitized by srujanika@gmail.com

୩୧ । ଖାଇବା-ହାତ ପୁଣ୍ୟ ବାଁ ହାତକୁ ଯାଏ ନାହିଁ । (ଜଣକର ପୁଣ୍ୟ ଆଉ ଜଣେ ଭୋଗ କରିପାରେ ନାହିଁ ।)

୩୨ । ଶିବ ମୁଣ୍ଡେ, ବ୍ରାହ୍ମଣ ତୁଣ୍ଡେ । (ଶିବଙ୍କର ଅଭିଷେକ ଓ ବ୍ରାହ୍ମଣ-ଭୋଜନ ଦ୍ୱାରା ଧର୍ମ ଅର୍ଜନ କରାଯାଏ ବୋଲି ଲୋକରେ ବିଶ୍ୱାସ ଅଛି ।)

୩୩ । ଧନଜନ ପରିବାର, କେହି ନୁହେଁ ଆପଣାର ।

୩୪ । ମାଳି ଗଡ଼େଇଲେ କି ପାପ ଛାଡ଼େ । (ଈଶ୍ୱରଭକ୍ତି ବିନା କେବଳ ମାଳା ଜପ ଦ୍ୱାରା ଧର୍ମ ଅର୍ଜନ ଆଶା ବୃଥା ।)

୩୫ । ବାଳିଆ ମାଛର କାଠ ନାହିଁ,
ବଇଷ୍ଣମଙ୍କର ଜାତି ନାହିଁ ।

୩୬ । ବାର ଜାତି ତେର ଗୋଳ
ବୈଷ୍ଣବ ହେଲେ ସବୁ ଗଲା ।

୩୭ । ପାପ ନାଶ କରେ ବଉଁଶ, ରକ୍ତ ନାଶ କରେ ଡାଉଁଶ, ବ୍ରତ ନାଶକରେ ଆଉଁଷ ।

ନାରୀ-ଚରିତ୍ର

୧ । ଏକ ରାଣ୍ଡ, ଦୁଇ ରାଣ୍ଡ, ତିନି ରାଣ୍ଡ ହେଲେ କମ୍ପଇ ବ୍ରହ୍ମାଣ୍ଡ । (ଏକାଧିକ ବିଧବା ଏକତ୍ର ହେଲେ ଅଶାନ୍ତି ଉପୁଜେ ବୋଲି ଲୋକାପବାଦ ଅଛି ।)

୨ । ଘଇତା ପଛକେ ମରୁ, ସଉତୁଣୀ ରାଣ୍ଡ ହେଉ । (ନିଜର କ୍ଷତି ଘଟାଇ ପ୍ରତିବେଶିନୀ ଉପରେ ଦାଉ ସାଧିବା ।)

୩ । ଚେତଲି ନାରୀ ସୁଖ ପାଏ, ନ ଚେତଲି ନାରୀ ଘରୁ ଯାଏ ।

୪ । ଗୁଇଚଲିଆ ବେଉସା, ଗୋଜକାରୁଣୀ ମାଇପଙ୍କ ଓଷା ପାଣି– ବୁଢ଼ାମାନଙ୍କ ମୁଣ୍ଡରେ ଖୋସା, —ସଖି ଗୋ ମନ୍ଦ ଏ ।

୫ । ଗ୍ରେତ୍ଟୀ ନୁହେଁ ମନମୋଟୀ ।

୬ । ଝିଅ ନୁହେଁ ସେ ଘିଅ, ତାକୁ ଗମ୍ଭୀର ଠିକାରେ ଥୁଅ ।

୭ । ଝିଅ, ଘିଅ, ରହିଲେ ଗନ୍ଧାଏ ।

୮ । ଝିଅ ଘରେ ରହିଲେ ଅଡ଼ୁଆ, ଘିଅ ଘରେ ରହିଲେ କଡ଼ୁଆ ।

୯ । ଝିଅ ନେଲେ ଘର ସରଇ ନାହିଁ, ବୋହୂ ନେଲେ ଘର ପୁରଇ ନାହିଁ ।

୧୦ । ଝିଅକୁ ମାରି ବୋହୂକୁ ଶିଖାନ୍ତି । (ଝିଅକୁ ଦଣ୍ଡ ଦେବା ଛଳରେ ବୋହୂକୁ ଶିକ୍ଷା ଦେବା ।)

Digitized by srujanika@gmail.com

୧୧ । ଝିଅକୁ କୋଉଁଠି ନେଲେ ଗଲା, ଯମ ନେଲେ ଗଲା । (ପୂର୍ବେ ଝିଅମାନେ ସ୍ୱାମୀଘରକୁ ଯାଇ ବାପଘରକୁ ଆଉ ପ୍ରାୟ ଫେରୁ ନ ଥିଲେ ।)

୧୨ । ଝିଅ ଦେଖିବ ଗୋଡ଼େଇ ପୋଡ଼େଇ, ବୋହୂ ଦେଖିବ ଆଢ଼େଇ ଆଢ଼େଇ ।

୧୩ । ଝିଅ ଝିଆଣୀ, ଦବାନବାଯାଏ ମୁହଁଗୁହାଣି ।

୧୪ । ଝିଅ ମରଣ, ପିତା ଉରଣ, ନ ମିଳେ ଋଣ, ଆଗେ ଦୁଃଖ ପଛେ ସୁଖ । (ଯୌତୁକ ପ୍ରଥାକୁ ଲକ୍ଷ୍ୟ କରି ଏହା କୁହାଯାଉଛି, ଝିଅର ମୃତ୍ୟୁ ଦୁଃଖକର ହେଲେହେଁ କନ୍ୟା-ପିତାକୁ ଯୌତୁକ ଦାୟରୁ ଅବ୍ୟାହତି ପ୍ରଦାନ କରିଥାଏ ।)

୧୫ । ଝୋଟକୁ ନିଆଁ ବାଇ । (ଯୁବକ ଯୁବତୀଙ୍କର ସହାବସ୍ଥାନ ପ୍ରତି କଟାକ୍ଷ-ବଚନ ।)

୧୬ । ଡରିକୁ ବିଶ୍ୱାସ ନାହିଁରେ ବଳା, ପାଖରେ ବସାଇ କାଟନ୍ତି ଗଳା ।

୧୭ । ଦୁହିତା ଦୁଇ କୁଳକୁ ହିତା, ଦୁଇ କୁଳକୁ ପିତା । (କନ୍ୟାର ସୁଗୁଣ ବା ଦୁର୍ଗୁଣ ଅନୁଯାୟୀ ପିତୃକୁଳ ଓ ଶ୍ୱଶୁରକୁଳର ସୁନାମ ବା ଦୁର୍ନାମ ଘଟିବାର ଦେଖାଯାଏ ।)

୧୮ । ଦୁଃଖ ପାଇଲା ବେଳର କଥା ଉଠିଆରି ବେଳକୁ ନ ଥାଏ । (ସନ୍ତାନ ଜନ୍ମ କରିବାର ଅଳ୍ପ କାଳ ପରେ ପ୍ରସବ କାଳର ବେଦନା ପାଶୋରି ଦେଇ ପ୍ରସୂତି ପୁନର୍ବାର ସଂସାର କରିବାକୁ ମନ ବଳାଏ ।)

୧୯ । ନିଆଁ ପାଖରେ କି ଜଉ ରହେ ? (ଯୁବକ-ଯୁବତୀଙ୍କର ସହାବସ୍ଥାନ ସମ୍ବନ୍ଧରେ ଉକ୍ତି ।)

୨୦ । ପଡ଼ୋଶୁଣୀ ପିଠା ଦେଖି ରବେଇ ଖବେଇ; ଘଷିଫଡ଼ାରେ ଗୁଡ଼ ଲଗେଇ ଭଡ଼ ଭଡ଼ ଗ୍ଭେବେଇ । (ପ୍ରତିବାସିନୀ ପ୍ରତି ଈର୍ଷା ପ୍ରକାଶ ।)

୨୧ । ବଅସ ବେଳେ ନଅଣ' ଘଇତା, ବୁଢ଼ୀଦିନେ ହରିମନ୍ଦିର ଚଉତା । (ବୃଦ୍ଧା ନାରୀର ଧର୍ମଭାବ ପ୍ରତି ବ୍ୟଙ୍ଗ ।)

୨୨ । ବାଂଝ, ପୁଆଡ଼େ ଯାଏ ସିଆଡ଼େ କରେ ସଞ୍ଜ ।

୨୩ । ମଉନମୁଣ୍ଡିକୁ ପରତେ ନାହିଁ ।

୨୪ । ମାଇକିନିଆ ଝିଅ ବୁଢ଼ୀ ଅସୁରୁଣୀ । (ଝିଅମାନେ ପୁଅମାନଙ୍କ ଅପେକ୍ଷା ଶୀଘ୍ର ଶୀଘ୍ର ବଢ଼ିଯିବା ସମ୍ବନ୍ଧରେ ପ୍ରବାଦ ।)

୨୫ । ମୂର୍ଖ ପୁଅ, ବିଧବା ଝିଅ, ବିନା ନିଆଁରେ ଦହନ୍ତି ଦେହ ।

୨୬ । ଯାହା ହାତରେ ଖାଇନାହିଁ ସେ ବଡ଼ ରାନ୍ଧୁଣୀ,
ଯାହା ସଙ୍ଗେ ଘର କରିନାହିଁ ସେ ବଡ଼ ଘରଣୀ ।

୨୭ । ଯେଝା ଘର ତାକୁ ମଥୁରାପୁରୀ, ଯେଝା ବର ତାକୁ ଶ୍ରୀକୃଷ୍ଣ (କନ୍ଦର୍ପ) ସରି । (ପ୍ରତ୍ୟେକ ନାରୀକୁ ପର ଘର-ବର ସୁନ୍ଦର ଦିଶେ ।)

୨୮ । ଯେବେ ପାଇଥାଏ ଘଇତା ବୁକୁ; ସଜ ହେଉଥାଏ ବାପଘରକୁ ।

୨୯ । ରଙ୍ଗତା ମାଳ, ପିନ୍ଧିଲେ ସୁନ୍ଦର ଦିଶେ କି ଗାଲୀ ?

Digitized by srujanika@gmail.com

୩୦ । ସଉତୁଣୀ ଉପରକୁ ମୃତ କୁକୁଡ଼ୁଆ ପକାଇବା ନ୍ୟାୟ । (ସପତ୍ନୀର ସ୍ୱାଭାବିକ ଈର୍ଷା ।)

୩୧ । ସଉତୁଣୀ ଥାଉ, ସଉତୁଣୀ-କଣ୍ଢା ନ ଥାଉ । (ସଉତୁଣୀର ସନ୍ତାନ ପ୍ରତି ଈର୍ଷା ।)

୩୨ । ସଙ୍ଗେ ଶୁଏ, କାନେ କହେ, ତା କଥା କ ଅନ୍ୟଥା ହୁଏ ? (ପତି ଉପରେ ସ୍ତ୍ରୀର ପ୍ରଭାବ ସମ୍ବନ୍ଧରେ ଉପଲକ୍ଷ୍ୟ ।)

୩୩ । ସାତ କଥାରେ ସତୀ ଭୁଲେ ।

୩୪ । ସାବତପୁଅର ସବୁ ଗୁହ । (ସପତ୍ନୀର ସନ୍ତାନ ପ୍ରତି ନାରୀର ଈର୍ଷା ।)

୩୫ । ନୁଖୁରା ମୁଣ୍ଡରେ ମହ୍ଣ, ବୁଢ଼ୀ ସୁନ୍ଥାଣି ଦେଖିବୁ କ'ଣ ? (ଦରିଦ୍ର ବୃଦ୍ଧା ନାରୀର ବିଳାସପ୍ରିୟତା ପ୍ରତି ବ୍ୟଙ୍ଗ ।)

୩୬ । ରଜା ମନ କଲେ ବର୍ଷେ ଛ' ମାସେ, ରାଣୀ ମନ କଲେ କ୍ଷଣକେ ।

୩୭ । ରଜା ହଏ ଚଣ୍ଡି, ଭଲେଇ ହଏ ରାଣ୍ଡୀ ।

୩୮ । ରାଜାଙ୍କୁ ଘାଏ ଘାଏ, ରାଣୀଙ୍କୁ ଯୁଗବୁଢ଼ ।

୩୯ । ରାଣ୍ଡ ଖାଣ୍ଡ ।

୪୦ । ରାଣ୍ଡ ସଭା ଖାଣ୍ଡ ସଭା ।

୪୧ । ରାଣ୍ଡେ ସେଇ ଘଇତା କରନ୍ତି, ବଂଶ ବୁଡ଼େଇ ମାରନ୍ତି ।

୪୨ । ରାଣ୍ଡକୁ କଅଁ ଆଇଁଷର ଚନ୍ତା ।

୪୩ । ବଚସିଆ ବଣି, ବ୍ରତାଗୃହୀ ବ୍ରାହ୍ମଣୀ, ବଡ଼ ବାଇଗଣକୁ ବେସରପାଣି—ଏଥି ଗୋଟି ଭଲ ଏ ।

୪୪ । ଯମକୁ ଭଗବାନ ସାତ ପୁଅ ଦିଅନ୍ତୁ, ଭଗାରୁଣୀକୁ ଗୋଟାଏ ନ ଦିଅନ୍ତୁ । (ଈର୍ଷା-ପରାୟଣା ପ୍ରତିବେଶିନୀର ଅନୁଭୂତି ।)

୪୫ । ଡାହୁକ ପିଉଛି ପାଣି, ମୋ କରମରେ ଏଇଆ ଥିଲା ନଅରୁଣ୍ଡୀ ସଉତୁଣୀ ।

୪୬ । ଗୁଡ଼ଉଳ ପଛକେ ଅଧୁଆ ହେଉ ପେଜ ବହୁଳଆ,
ଘଇତା ପଛକେ ସନ୍ତୁଆ ହେଉ, ଲୁଗା ହେଉ ଢଉଁରିଆ ।

୪୭ । ସ୍ତ୍ରୀ ଦଶା ପଥର ତଳେ, ପୁରୁଷର ଦଶା ପତର ତଳେ ।

୪୮ । ସ୍ତ୍ରୀଙ୍କୁ ନ ବୋଲ ଅବଳା, ନଶା ରାତିରେ କାଟିଦିଅନ୍ତି ଗଳା ।

୪୯ । ସ୍ତ୍ରୀଙ୍କ ନ ଯିବ ପରତେ, ଦଣ୍ଡିବ ମାନିବା ପର୍ଯ୍ୟନ୍ତେ ।

୫୦ । ମା' ଝିଅ ଦୁହେଁ ଦେଉଥଲେ ପଣିଲେ, ଯେଝା ଶୁଭ ଯେଝା ମନାସି ଆସିଲେ ।

୫୧ । ଛିଙ୍କି ପେଟତଳେ ଗାତ, ଧରିଥିଲ ସୁନାଫୁଲିଆ ହାତ, ଟେକାପାଣି ଟେକା ଭାତ ।

୫୨ । ଓଳପାଣି ଗଡ଼େ ପିଣ୍ଡା ତଳକୁ, ଝିଅ-ଜନମ ତ ପରଘରକୁ ।

୫୩ । ଦୁଇ ସଉତୁଣୀ କଳିକି, ଚୂନା ଗୁଡ଼ଉଳ ଖଳିକି ।

Digitized by srujanika@gmail.com

୫୪ । ଅଲାଜୁକୀ ଘରଣୀ ମରେ, ଲାଜକୁଳୀ ମାହାଣ୍ଟ (ବେଶ୍ୟା ।)
ତରତରିଆ ଗହକ ମରେ ସତକୁହା ବେପାରୀ ।

୫୫ । ଲାଜକୁଳୀ ଲତା । (ଲଜ୍ଜାଶୀଳା ନାରୀ ।)

୫୬ । ସାତ କଥାରେ ସତୀ ଭୁଲେ ।

୫୭ । କଅଁ ଲକଣ୍ଠି ସ୍ୱଧା,
ଘରକୁ ଗଲେ କଥା ନ କହନ୍ତି, ବାଟରେ ବଡ଼ ଶରଧା ।

୫୮ । କୁଅକୁ ଝର, ଝିଅକୁ ବର ।

୫୯ । ଖଣ୍ଡିଆ ଘର, ଭେଣ୍ଡିଆ ବର,
ହସ ମାଡ଼ୁଥାଏ କରକର,
ପଥର ଘର ବୁଢ଼ା ବର,
ଲୁହ ବୋହୁଥାଏ ଝରଝର ।

୬୦ । ଗୋଡ଼ମୁଡ ଆଗୁଆଲ,
କଥେ ଦ'କଥା କହନ୍ତି ବୋଉଲେ,
ସଙ୍ଗେ ସଙ୍ଗେ ଜଗୁଆଲ । (ଶାଶୁଘରେ ନାରୀର ଅବସ୍ଥା ।)

୬୧ । ଘଇତା ସୁଆଗ ଭଲରେ,
ଦିଅର ସୁଆଗ ଅଢେ଼ଇଦିନିଆ,
ମାଇପ ଆସିଲେ ଗଲାରେ ।

୬୨ । ଘରେ ନ ଜଳଇ ଚୂଲି, ଶାନ୍ତି ଆଡ଼େ ପାଟଫୁଲି । (ବୃଥା ଗର୍ବ)

୬୩ । ଚହକ ବୃଦ୍ଧ, କଥା କହୁଥାଏ କେତେ ସେ ଫାନ୍ଦ । (ଚତୁର ନାରୀ)

୬୪ । ଚେପଟାନାକୀ ଦନ୍ତବାଡ଼ିକ, ଅଇଁଠା ପତରେ ଖାଏ;
ଗୋଡ଼ରେ ଅଇଁଠା ଛୁଟିକା ପଡ଼ିଲେ ନଈକି ଗାଧୋଇ ଯାଏ ।
(ନିଷ୍ଠାପର ଛଳନା କରୁଥିବା ଅନାଗ୍ରହୀଣୀ ନାରୀ ।)

୬୫ । ଛନକ ଛଟା, ଛନ୍ନ ବେଲ ତା'ର ଖଦ ପାଲଟା, ମାଉସୀ ଦୁଆରେ ଥାଏ,
ନାକଟି ଅଗରେ ଚଟା କୁଟିଥାଏ ଅଘଷା ପାଟିରେ ଖାଏ ।

୬୬ । ଛପର ଘଇଁ, ଘଇତା ଘିନିଲ ଖଡ଼ୁ ପଟକ ପାଇଁ ।

୬୭ । ଦଣ୍ଡେ ରହରେ ପାଟି, ଶାଶୁ ଯିବ ଧାନ କୁଟି;
ଦଣ୍ଡେ ରହରେ ଜିଭ, ଶାଶୁ ତ ଗାଧୋଇ ଯିବ ।
(ଖାଦ୍ୟଲୋଲୁପା ନାରୀ ପ୍ରତି ଉପଲକ୍ଷ୍ୟ-ବଚନ ।)

Digitized by srujanika@gmail.com

୬୮ । ମାଇପ ପଛକେ କାଣୀ, ନାଁ କଟିକଆଣୀ,
ଝିଅଙ୍କ ନାକ ସୁନ୍ଦର, ବାହ୍ମାଙ୍କୁ ବାଜା ସୁନ୍ଦର,
ଗେଣ୍ଡ଼ି, ନା ଲୁଗା ପିନ୍ଧେ ସାତ ପେଣ୍ଡ଼ି,
ସବୁ ବାପ ଖାଇ କାନ୍ତର ଭଲ,
ସବୁ ପିଠାପଣା ଖାତର ଭଲ ।
(ଖାଦ୍ୟ ପଦାର୍ଥ ମଧ୍ୟରେ ଖାତ ପରି ନାରୀର ଆତ୍ମୀୟ ମଧ୍ୟରେ ସ୍ୱାମୀ ଶ୍ରେଷ୍ଠ ।)

ନାଁ-ଦିଆ ଓ ପ୍ରହେଳିକା

୧ । ଅମଞ୍ଜା ମଞ୍ଜା, ମଞ୍ଜି ନାହିଁ ତାର ଶୂନ୍ୟରେ ଗଜା । (ଛତୁ)
୨ । ଏଇଠି ଅଛୁ, ଏଇଠି ନାହିଁ । (ପବନ, ଗ୍ରୁଇ)
୩ । ଏଇଠି ଅଛୁ, ସାତ କଆବାଡ଼ ଡେଇଁପଡ଼ୁଛୁ । (ବିଜୁଳି)
୪ । ଓଳି ତଳେ କୋଳି ଗଛ ଝଡ଼ି ଝଡ଼ି ପଡ଼ଇ / ଷାଠିଏ ଟଙ୍କା ଦେଲେ ସେ ତ ନାହିଁ ନାହିଁ କରଇ । (ଆଖି)
୫ । କଣ୍ଠାରେ ଲତପତ ପାଚଲରେ ଟାଣ / ଯିଏ ଯେ କହି ନ ପାରେ ତାହା ବାପ ଖାଇ ଗୁଣ । (ହାଣ୍ଡି)
୬ । କୁଉଜା, କାନ୍ଥ ଆଉଜା । (ଶୀଳ)
୭ । କୁଉଜା, ଖଣ୍ଡେ ଦୂରଯାଏ ଲେଉଟି ଯାଇଣ ପୁଉଣି ଆସେ ଯୁଉଟି । (ମାଛ)
୮ । କେଁକରଟ, ପୋଖରୀ ଭିତରେ ଲାଗିଛୁ ନାଟ । ଚେମଣି ଚଢ଼େଇ ଧରିଛୁ ଟାଣି । ଶୁଖିଲା କାଠରୁ ବୋହୁଛୁ ପାଣି । (ତେଲଘଣା)
୯ । ଜଳକୁ କଣ୍ଟେ, ଶଙ୍ଖୁକୁ ଆଣ୍ଟେ, ସାଙ୍ଗ ହୋଇଥାଏ ଜଣେ,
ହଉ ପଛକେ ଗବ ଡମ୍ବିର ତାକୁ ନ ଗ୍ରୁଡ଼ିବ ଷଣେ । (ବାଡ଼ି)
୧୦ । ଟାହିଆ ଉପରେ ଟାହିଆ / ତିନି ମୁଣ୍ଡ ଦଶଗୋଡ଼ କହିଦବୁଟିରେ ବାଇଆ । (ହଳ)
୧୧ । ଟିକି ବାଛୁର ବେକରେ ପଘା । (ଛୁଞ୍ଚି)
୧୨ । ଟିକି ଚଢ଼େଇ, ଟିକକ ପାଣିରେ ବୁଡ଼ି ମରଇ । (ଲୁଣ)
୧୩ । ବରଷକେ ଥରେ ଖାଏ, ମୁହଁ ମାଡ଼ି ପଡ଼ିଥାଏ । (ଗ୍ରୁଳ)
୧୪ । ବାରବାଟୀ ତୋଟାଟେ, ଫୁଲ ଫୁଟିଛୁ ଗୋଟାଟେ । (ଜହ୍ନ)
୧୫ । ମଞ୍ଚ ମଣ୍ଡଳେ ମାନସିଂ, ତା ମୁଣ୍ଡେ ଅଛୁ ତିନି ଶିଙ୍ଗ । (ଚୁଲି)
୧୬ । ଯାଇଥିଲି ଉତ୍ତର, ଦେଖି ଆସିଲି ଫଳ ଉପରେ ପତର । (ସପୁରୀ)

Digitized by srujanika@gmail.com

୧୭ । ଯାଇଥିଲି ଓଲକଣା, ଦେଖି ଆସିଲି ଫଳ ଭିତରେ ବଡ଼ଚଣା । (କପା)
୧୮ । ସର୍ଗରୁ ପଡ଼ିଲା ଝୋକାଟେ, ତା' ମୁଣ୍ଡରେ ଠେକାଟେ । (ତାଳ)
୧୯ । ସର୍ଗରୁ ଆସିଲା ବ୍ରାହ୍ମଣ ଜଣେ, ତା' ଦେହରେ ପଇତା ଭରଣେ । (ହେଁସ)
୨୦ । ସପ୍ତ ଦର୍ଓଟି ସଉରୁଳି, ଫିଟେଇ ଦେଲେ ମଲ୍ଲୀ ଫୁଲ । (ନଡ଼ିଆ)
୨୧ । ସରୁ ସରୁ ଖୁଣ୍ଟି, ପିତଳର ଘଣ୍ଟି, ସ୍ୱର୍ଗଲୋକେ ବାଣ ମାଇଲେ, ଲଙ୍କା ଗଲା ଫାଟି । (କପା)
୨୨ । ହଳଦ ଗୁରୁଗୁରୁ ରାମ ରାଉତୁ, ଘରେ ଖାତ ନାହିଁ ପିଲା ଭଉତୁ । (ପାଚିଲା ପଣସ)
୨୩ । ଟିକି କନାଖଣ୍ଡି ଶୁଖଇ ନାହିଁ । (ଜଭ)
୨୪ । ହରଡ଼ ଚଢ଼େଇର ଅରଡ଼ ପକ୍ଷୀ, କେଉଁ ଚଢ଼େଇର ତିନଟା ଆଖି ? (ନଡ଼ିଆ)
୨୫ । ଏଡ଼କ ଟିକେ ସିପାହି ପିଲା, ପର୍ବତ ସଙ୍ଗେ ଲଢ଼େଇକଲା । (କୁରାଢ଼ି)
୨୬ । ମାଆଟା ଡେଙ୍ଗୀ ସରସର, ପୁଅଟା ଭୁସ୍କାଳଦର, ଝିଅଟା ଗୁଏଁ ଖର୍ ଖର୍ । (ତାଳଗଛ, ତାଳ, ତାଳପତ୍ର)
୨୭ । ରୁପା ବାଗି ବଶୁଥିସି, ଛୁଇଁଦେଲେ ଗଲା । (ସମ୍ବଲପୁରରେ ପ୍ରଚଳିତ; କୁଆପଥର ।)
୨୮ । ଗଛ ମହାମେରୁ, ପତର ମରୁ, ତାର ଫଳଟା ଗଣ୍ଠିଆ ଗୁରୁ । (ତେନ୍ତୁଳି)
୨୯ । ନହକା ନହକା ପତର ବଙ୍କା, ତା' ଫଳଟି ଷାଠିଏ ଟଙ୍କା । (ଧାନ)
୩୦ । କାଠର ବାଛୁରି, ପଥର ଗାଈ; ଯେତେ ଦୁହଁଥାଅ ପହ୍ନାଉଥାଏ । (ଚନ୍ଦନ କାଠ ଓ ପେଡ଼ା)
୩୧ । ବଣରେ ବଢ଼ଇ ବଣରେ ଛୁଡ଼ଇ ନଈକୂଳେ ତାର ବାସ;
ପୁଅ ମାଇପ ତାର ଗଡ଼ ଗଡ଼ ମଲେ ନାମ ତା ଧରମ ଦାସ । (ଡଙ୍ଗା)
୩୨ । ବ୍ରାହ୍ମଣ ନୁହେଁ ସକାଳୁ ଉଠେ, ଚଉକିଆ ନୁହେଁ ମାରେ କୁହାଟ;
ସନ୍ନ୍ୟାସୀ ନୁହଇ ବଣରେ ବାସ, ରାଜା ନୁହେଁ ମୋର ଶିରେ ମୁକୁଟ । (କୁକୁଡ଼ା)
୩୩ । ଗଛଟି ଲଣ୍ଡା, ଉପରେ ବସିଛୁ ଫକିର ପଣ୍ଡା । (ଚୂଲି ଓ ହାଣ୍ଡି)
୩୪ । ଆଜହୁଁ ଏତେ, ପାଣି ବରଷିଲେ ହେବୁ କେତେ । (ଛତୁ)
୩୫ । ସାତ ଚକଟା ପୋଳୁହ ଘଣ୍ଟା, ବଭୁତଭୂଷଣ ହ' ଗାଲ କଟା । (ବଡ଼ମାଛ)
୩୬ । ଜଳରେ ଜଳ ପ୍ରତିଷ୍ଠା, ମଳରେ ମଳ ପ୍ରତିଷ୍ଠା, ବ୍ରାହ୍ମଣେ ଖାଆନ୍ତି ଶୂଦ୍ର ଅଇଁଠା, ଶିବ ଖାଆନ୍ତି ବାଛୁରି ନାଳ, ଶ୍ରୀକୃଷ୍ଣଙ୍କ ମୁଣ୍ଡରେ ଶିଖଣ୍ଡୀ ଚୂଳ । (ଜଳାଶୟ ଗଙ୍ଗାଜଳଦ୍ୱାରା ପ୍ରତିଷ୍ଠା ହୁଏ, ବହୁଦେଶ ଯାଇ ଗୋବର ବା ମାଟି ଦ୍ୱାରା ହାତ ସଫା କରନ୍ତି, ବ୍ରାହ୍ମଣମାନେ ଶୂଦ୍ରଙ୍କ ଶ୍ରାଦ୍ଧରେ ଉତ୍ସର୍ଗୀକୃତ ଚାଉଳ ଖାନ୍ତି, ବାଛୁରି ପିଇବା ପରେ ଦୁହାଁ ହୋଇଥିବା ଦୁଧ ଶିବଙ୍କୁ ଭୋଗ ହୁଏ, ଶ୍ରୀକୃଷ୍ଣଙ୍କ ଶିଖାରେ ମୟୂର ଚୂଳ ଦିଆଯାଏ ।)

Digitized by srujanika@gmail.com

୩୭ । ସେ ନାଷ୍ଟି ସୁନାର ଆକାର, ସେ ନାଷ୍ଟି ବିଧବା ହୋଇଲା, ସ୍ୱାମୀ ତା' ବସି କାନ୍ଦୁଥିଲା । (କେତକୀ, ଚମ୍ପା)

୩୮ । କଟକରୁ ଆସିଲା ବାଗଲା ଘୋଡ଼ା, ଏକା ବିଆଣେ ହେଲା ହାଡ଼ା । (କଦଳୀ ଗଛ ।)

୩୯ । କାକଟପୁର ମଙ୍ଗଳା, ପିଲାବେଳେ ଲୁଗା ପିନ୍ଧେ ବଡ଼ ହେଲେ ଲଙ୍ଗଳା ? (ବାଉଁଶ ଗଛ ।)

୪୦ । ମାନୁ ଜନମ୍ ନେସି, ମାକେ ଛୁଇଁଲେ ମରଯାଇସି । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ; ଲୁଣ) ।

୪୧ । ଯାଇଥିଲି ଢେଙ୍କାନାଳ, ଦେଖି ଆସିଲି ଡିଙ୍କି ପଡ଼ୁଛି ମାଲକୁ ମାଲ,
କେଉଁ ରଜା ମନ୍ତ୍ରର କଲା, ଡିଙ୍କି ଭିତରେ ପାଣି ପଶିଲା । (ନଡ଼ିଆ)

୪୨ । ସ୍ବର ସ୍ବଲୁଣି ଚଳଉଛି, ଦୁଇ କୁଳ ହଲଉଛି ।
ଧଣ୍ଡ ସାପ ଖେଳୁଛି, ମାଣିକ ଦ୍ୱୀପ ଜଳୁଛି । (ହାଣ୍ଡି)

୪୩ । ଆମଗ୍ରା ଗଞ୍ଜ, ସୁନାର ଗଞ୍ଜ, ନେ ଲୋ ପରବାସି ।
ଯେଉଁ ପରବାର ପତର ନାହିଁ ସେ ପରବାକୁ ତରକାରି । (ଛତୁ)

୪୪ । ଏଣ୍ଡୁ ଅଇଲେ ବାପ ପୁଅ, ତେଣ୍ଡୁ ଅଇଲେ ଏକା;
ବାପ ଯାହାକୁ ନମସ୍କାର, ତାକୁ ପୁଅ ଗୋଡ଼ତଳେ ପକା । (ବାସୁଦେବ, କୃଷ୍ଣ, ଉଗ୍ରସେନ)

୪୫ । ଆସିଲା ଗଲାବେଳେ ଏକାକୀ, ଆଉ ବେଳେ ଥିବେ ଅନେକ ସାକ୍ଷୀ । (ଜୀବନ)

ନିଶାଦ୍ରବ୍ୟ ଓ ନିଶା-ସେବନ

୧ । ଗଞ୍ଜେଇ ଟିପୁଟିପୁ ଡାଲୁକ ହଲମ । (ମଉଜ ମଜଲିସ ଓ ନିଶାବାଜରେ ସମ୍ପୃକ୍ତି ହରାଇବା ।)

୨ । ଆପୁଆ ସ୍ବେର, ଗଞ୍ଜେଇଆ ଖେଳ, ଧୂଆଁ ପଢୁରିଆ ଘରେ ହଣ୍ଡ ଗୋଳ । (ମାଦକ ଦ୍ରବ୍ୟ ସେବନ ଦ୍ୱାରା ମନୁଷ୍ୟ ହିତାହିତ ଜ୍ଞାନଶୂନ୍ୟ ହୁଏ ।)

୩ । ଗଞ୍ଜେଇ ନିଶାରେ ମୂଷା ବିରାଡ଼ିକ ଚିହ୍ନି ନପାରିବା । (ନିଶାଖେଳରେ ଆପଣା ପକ୍ଷ ଓ ଶତ୍ରୁପକ୍ଷ ଚିହ୍ନି ନପାରିବା ।)

୪ । ମଦ ଖାଇ ମଦ ବୋଲାହେବା । (ନିଶାରେ ଚୁର୍ ହେବା)

୫ । ମଦ ଖାଇବ ବୋଲି କଣ ଦେହରେ ବୋଳି ହେବ ?

୬ । ନ ଡେଇଁବ କୂଅ, ନ ଖେଳିବ ଜୁଆ । (ଜୁଆ)

Digitized by srujanika@gmail.com

ନୃତ୍ୟ-ଗୀତ ଓ କାବ୍ୟ-କବିତା

୧ । ଅଧା ନିର୍ଲଜ୍ଜ ଗୀତ ଗାଏ, ଅଧା ପୋଡ଼ାମୁହିଁ ନାଚ ଯାଏ । (ସଙ୍କୋଚ ତ୍ୟାଗ ନ କଲେ ନୃତ୍ୟ-ଗୀତାଦିରେ ସଫଳତା ଲାଭ ଅସମ୍ଭବ ନୁହେଁ ।)

୨ । ଅଧା ବେହିଆ ନାଚଯାଏ, ଅଧା ବେହିଆ ପାଚଯାଏ ।

୩ । କଥା ହୁଁକୁ , ଗୀତ ମୁହଁକୁ । (ଶୁଣିବା ଲୋକ ହୁଁ କହିବା ଦ୍ୱାରା କଥକ ଏବଂ ଶ୍ରୋତାର ଉପସ୍ଥିତି ଦ୍ୱାରା ଗାୟକ ସ୍ୱ ସ୍ୱ କାର୍ଯ୍ୟରେ ଉତ୍ସାହିତ ହୁଅନ୍ତି ।)

୪ । କବିତୁଣ୍ଡ, ମେଣ୍ଢାମୁଣ୍ଡ । (ମେଣ୍ଢାମୁଣ୍ଡ ବଡ଼ ଟାଣ ଏବଂ କବିତୁଣ୍ଡ ଅତ୍ୟନ୍ତ ନିର୍ଭୀକ ।)

୫ । କବି ଆଗରେ କାବ୍ୟ ଶୁଣାଇବା ନ୍ୟାୟ । (କବିକୁ କାବ୍ୟ ଶୁଣାଇବା ହାସ୍ୟାସ୍ପଦ କଥା ।)

୬ । ଗାଆଣକୁ ଖା କହିଲେ ଖାଏ ନାହିଁ, ଡାହାଣୀକୁ ଖା କହିଲେ ଖାଏ ନାହିଁ । (ନିଜର ଗୁମର ପଦାରେ ପଡ଼ିଯିବା ଭୟରେ ।)

୭ । ନିର୍ଲଜ୍ଜ ଗାଏ, ସଲଜ୍ଜ ବାଏ; ଅଧା ଅଲାଜୁକ ନାଚ ନାଚ ଯାଏ । (ଗୀତ, ବାଦ୍ୟ ଓ ନୃତ୍ୟ ସମ୍ବନ୍ଧରେ ଉକ୍ତି ।)

୮ । ପଣେ ପାଇଲେ ଷଣେ ଖାଏ, କାହାଣେ ପାଇଲେ ବନଯାକ ବୁଲୁଥାଏ ।

୯ । ମନଫୁଲଣିଆ ଗୀତ ଗାଏ, ରସିକା ନାରୀ ବାପଘର ଯାଏ ।

୧୦ । ଯୋଗୀ ଗୀତରେ କ ଭଗଣ ।

୧୧ । ଗଛ ବଢ଼ିଲେ ବଢ଼ଇ ଗୁଡ଼ି, ନାଟୁଆ ବଢ଼ିଲେ ବଢ଼ଇ ଛଇ ।

୧୪ । ଚତୁରଙ୍ଗ ବଳ ଥାଟ, ସଖୀପଟ ଶୋଭା ନାଟ । (ଏ ଉଭୟ ଉତ୍କୃଷ୍ଟ ।)

ପର-ଆପଣା

୧ । ଆପଣା ବୁଦ୍ଧିରେ ଠାକୁର, ପର ବୁଦ୍ଧିରେ କୁକୁର ।

୨ । ଆପଣା ବୁଦ୍ଧିରେ ଯୋଗୀ ହେବ ପଛକେ ପର ବୁଦ୍ଧିରେ ରଜା ହେବ ନାହିଁ । (ପର ବୁଦ୍ଧିରେ ଚାଲିବା ଲୋକ ବିପଦରେ ପଡ଼େ ।)

୩ । ଆପଣା ଦେଶରେ ସ୍ୱକର କର କୁକୁର, ପର ଦେଶରେ ସ୍ୱକର କର ଠାକୁର ।

Digitized by srujanika@gmail.com

୪ । ଆପଣା ପୁନା ତ ଭେଣ୍ଡି, ପର ସଙ୍ଗେ କଣ୍ଆଁ ବାଲ ଧର୍ରାଧର । (ନିଜର ପୁତ୍ରକନ୍ୟା ବା ଆତ୍ମୀୟ ବ୍ୟକ୍ତିର ଅଯୋଗ୍ୟତା ହେତୁ କୌଣସି ବିବାଦ ଉପୁଜିଲେ ବୃଥାରେ ଅନ୍ୟ ସଙ୍ଗେ ଝଗଡ଼ା କରିବା ।)

୫ । ଆପେ ରାନ୍ଧେ ଆପେ ଖାଏ, ସୁଆଦ ସୁଆଦ ବୋଲୁଥାଏ । (ନିଜ କାର୍ଯ୍ୟରେ ପ୍ରଶଂସା ନିଜ ମୁଖରେ ବଖାଣିବା ।)

୬ । ଆପେ ଭଲ ତ ଦୁନିଆ ଭଲ । (ଅପରର ବ୍ୟବହାର ଅନେକ ସମୟରେ ନିଜର ବ୍ୟବହାର ଉପରେ ନିର୍ଭର କରେ ।)

୭ । ଆପଣା ଦୋଷରେ ଆପେ ମରି, ପର ଦୋଷରେ ବ୍ରହ୍ମହତ୍ୟା ।

୮ । ପର ପୁଅ ମଲା, ରୋଗ ବାହାରେ ବାହାରେ ଗଲା । (ନିଜ ଉପରୁ ବିପଦ ଏଡ଼ାଇବାକୁ ଯାଇ ଅପର ବ୍ୟକ୍ତିକୁ ମୃତ୍ୟୁମୁଖକୁ ଠେଲିଦେବା ।)

୯ । ପରଧନ ଗୁଡ଼ମୁଆଁ ପରି ।

୧୦ । ପର ପିଠା ବଡ଼ ମିଠା । (ପରଧନ ଅକୁଣ୍ଠିତ ଚିତ୍ତରେ ଆତ୍ମସାତ୍ କରିବା ଲୋକ ପ୍ରତି ଆକ୍ଷେପୋକ୍ତି ।)

୧୧ । ପର ହାଣିଲା କୋଡ଼ି ବାଆ ପରି ଲାଗେ । (ଅନ୍ୟର ପରିଶ୍ରମ ଆପଣାକୁ ଜଣା-ପଡ଼େ ନାହିଁ ।)

୧୨ । ପର ଲୁଗା ପିନ୍ଧି ଲହର-ପହର, ଦାମ ପୁଚ୍ଛିଲେ ଲାଜେ ମର ।

୧୩ । ପରବଳଦ ପରଶିଙ୍ଗା, ତା ବୋହୁଥାଏ ନରସିଂହା । (କୌଣସି ସ୍ୱାର୍ଥ ନ ଥିବାରୁ ଯତ୍ନହୀନ ହୋଇ ଅନ୍ୟ ପାଇଁ ଗଧ-ଖଟଣି ଖଟିବା ।)

୧୪ । ପର କେବେ ଆପଣାର ହୁଏ ?

୧୫ । ପର ଘରେ ପର ପଇଣୀ, ବେଳ କାଳ ଜାଣି ପାଏ ଭୋଗିଣୀ । (ତାକୁ ହାତଟେକା ଉପରେ ନିର୍ଭର କରିବାକୁ ହୁଏ ।)

୧୬ । ପର ପୁଅକୁ ପୁଅ କରି ଆଣି ତାକୁ ନ ବୋଲିବ ବାଳକ,
ଅଡ଼ୁଆ ସୂତାକୁ ଖିଅକ ପାଇଲେ ତାକୁ ନ ବୋଲିବ ସଳଖ ।
ଭୋଡ଼ାଣି କଂସାରୁ ଗୁଣ୍ଡାଏ ପଡ଼ିଲେ ତାକୁ ନ ବୋଲିବ ବେଲକ,
ଟୋପି ଟୋପି ମେଘ ବରଷିବ ଯଦି ତାକୁ ନ ବୋଲିବ ପାଳକ ।

୧୭ । ପର ଘରେ ଥାଇ ମାଗଣା ଗୃହ, ଭିକ ମାଗିଯାଇ ଖେଳିବା ପଶା,
ବାସିଧୋବ ଲୁଗା ପିନ୍ଧିଇ ଚଷା, ସାହୁର ପୁଅକୁ ଗୁରୁକାର ଆଶା, —
ଏସବୁ ପଛକୁ ଫସରଫସା ।

୧୮ । ପର ପୁଅ ପରମେଶ୍ୱର । (ପର ପିଲାକୁ ଈଶ୍ୱରସେବା ଜ୍ଞାନରେ ଯତ୍ନ କରିବ ।)

୧୯ । ପରର ଖାତେ କୁକୁର ମାଡ଼ । (ପରର ଧନ ଖାଇବା ପାଇଁ ପ୍ରତିଯୋଗିତା ।)

Digitized by srujanika@gmail.com

୨୦ । ପରର ଧାନକୁ ପରର ଳିଆ । (କି ବୁଧବାର କି ଗୁରୁବାର ପରଧନ ନିର୍ବିଘ୍ନରେ ଖର୍ଚ୍ଚ କରିବା ।)

୨୧ । ପର ଧନରେ ନୁହଁ ହଲିଇ, ଝାକର ମାରି ନେବ ଛଡ଼ାଇ । (ପର ଧନକୁ ଘେନି ଗର୍ବ କରିବା ଅନୁଚିତ; କାରଣ ତାହା ଅନିଶ୍ଚିତ ।)

୨୨ । ପର ଭୁଞ୍ଜା କି ଜାଣନ୍ତି ଗୁହଳର ମୂଳ ।

୨୩ । ପର ପଶେ, ଘର ନାଶେ ।

୨୪ । ପର ପୁଅ ବୁଡ଼ିମଲା, ମୁଁ ଦେଖୁଥିଲି ଟୁପ୍ କଲା । (ଅନ୍ୟକୁ ଘୋର ବିପଦରେ ପଡ଼ିବାର ଦେଖି ମଧ୍ୟ ନୀରବ ରହିବା ।)

୨୫ । ପରୋପଦେଶେ ପାଣ୍ଡିତ୍ୟ । (ନିଜ ଆଚରଣରେ ନ ଦେଖାଇ କେବଳ ଅନ୍ୟକୁ ଉପଦେଶ ଦେବାପାଇଁ ବଡ଼ ବଡ଼ କଥା କହିବା ।)

୨୬ । ଦୁଧ ଗୁଡ଼ ନେଇ, ନିମମୂଳେ ଥୋଇ, ନିମ କି ମଧୁର ହୋଇବ,
ଯେତେ ପରକାରେ ବୁଝାଇ କହିଲେ, ପର କି ଆପଣା ହୋଇବ ।

୨୭ । ପରଦାରି ମହାଭାରି ।

୨୮ । ପର ଯେ ପର, ବାହାରିଯାଏ ଦିନ ଦି'ପହର ।

୨୯ । ପର ମୁଣ୍ଡରେ ନଡ଼ିଆ ଭଙ୍ଗା ।

୩୦ । ପରକୁ କାହିଁକି ନିନ୍ଦୁ; ପର ପୁଅ ପରଦେଶୀୟା ବନ୍ଧୁ, କେତେ ବାହୁନାଇ କାନ୍ଦୁ ?

୩୧ । ମୁଣ୍ଡ ଦେଇଥିଲେ ଗୁଣ୍ଡ ଖାଏ, ପର ଦେଇଥିଲେ ଉଘଡ଼ୁଥାଏ ।

୩୨ । ବଥ ବଥାଏ, ନା ଆବୁ ବଥାଏ । (ମନୁଷ୍ୟର ଦୁଃଖ ପ୍ରତି ତାର ନିଃସମ୍ପର୍କୀୟ ଲୋକଙ୍କର ଉଦାସୀନତା ସମ୍ବନ୍ଧରେ କଟାକ୍ଷ-ବଚନ ।)

୩୩ । ଆକଟ କାମକୁ ଥିଇରି ଗଲି ତାକୁ ଜାଣିବ ପର;
ହାଇ ଘନ ଘନ କେଶ ମୁକୁଳା ତାକୁ ଜାଣିବ ନର ।

୩୪ । ହାକିମି ନ ଥାଇ ତାନ, ପର ପୁଅଠାରେ ମାନ । (ଏ ଉଭୟ ନିରର୍ଥକ ।)

୩୫ । ପର ଦୁଃଖ ଦେଖି ହସିବ ନାହିଁ, ପର ବଳ ତୁଚ୍ଛା କଷିବ ନାହିଁ । (ଉପଦେଶ)

୩୬ । ଦଶ ଦୋଷ ଯଦି ସହିପାରିବୁ, ବୋହୂ ଆଣିବୁ ଘରକୁ;
ହସିକରି ଯଦି କଥା କହିବୁ, ବଶ କରିବୁ ପରକୁ ।

୩୭ । ନିଜ ସଜ ସଜ, ପର ସଜ ଅସଜ । (ନିଜେ ଯେଉଁ ସବୁ ଯନ୍ତ୍ରପାତିରେ ଅଭ୍ୟସ୍ତ, ତହିଁରେ କାମ କରିବା ସହଜ ।)

୩୮ । ପର କହିଦେଲେ ଗଲା, ପାଣି ବୋହିଗଲେ ଗଲା ।

Digitized by srujanika@gmail.com

୩୯ । ପରକୁ କହନ୍ତି ଗୁଜଗାଜ; ଆପେ ଶୁଅନ୍ତି ଭଉଣୀ-ଜ୍ୱାଇଁ ଘେନି । (ଲୋକେ ନିଜର ଦୋଷ ନ ଦେଖି ଅନ୍ୟର ଦୋଷ ଦେଖାଇଥାନ୍ତି ।)

୪୦ । ପାଣି କେନ୍ଦୁରେ, ଆପଣା ମନକୁ ଆପେ ପୁଚ୍ଛିବେ ।

୪୧ । ନିଜ ଦୁଃଖକୁ ହାଣ୍ଡି ବାଉରି ନାହିଁ, ପର ଦୁଃଖ କଏ ପଚ୍ଛରେ ।

ପାରିବାରିକ ଜୀବନ

୧ । ଆଗ ପୁଅ ବାଘ । (ଜ୍ୟେଷ୍ଠ ପୁତ୍ର ସବୁ ପୁତ୍ରଙ୍କ ଅପେକ୍ଷା ବଳୁଆ ବା ଶ୍ରେଷ୍ଠ ବିବେଚିତ ହୋଇଥାଏ ।)

୨ । କୁଲକ୍ଷଣ ବେଳକୁ ଘୋଡ଼ାମୁହାଁ ପୁଅ ଜନ୍ମ ହୁଅନ୍ତି । (ଅଯୋଗ୍ୟ ପୁତ୍ର ।)

୩ । ରଜା ଗୋଜା ଝିଅଙ୍କ ବର, ଏ ଦୁହିଁଙ୍କ ନାହିଁ ଉତ୍ତର ।

୪ । ଜନ୍ମ ଦେଇଛୁ ବୋଲି କଣ କର୍ମ ଦେଇଛୁ ?

୫ । ଝିଅ ଦେଇଥିବ ଯେଉଁଠି, କଇଁପଡ଼ିଥିବ ସେଇଠି ।

୬ । ଝିଅ ଦେଇ ବାଡ଼-କାନଶିର ଶାଗକୁ ସର ନୁହେଁ ।

୭ । ଝିଅ ଝିଆଣୀ, ଦବା-ନବାଯାଏ ମୁହଁଗୁହାଣି ।

୮ । ଖଜଲି ଜୁଆଳି ଛୁଣ୍ଡିଲି ଯୋତ, ଝିଅ ମଲେ ଜୋଇଁ କାହାର ଗୋତ । (କନ୍ୟାର ମୃତ୍ୟୁ ପରେ ଜୋଇଁଠାରୁ ଆଦର କମିଯାଏ ।)

୯ । ଡରେ ଥରହର ନୁହଇ ସୁତ, ଡାକଇ ଯାହାକୁ ପାଖକୁ ତାତ ।

୧୦ । ଡମ୍ବ ଦିଅଣ କି ଆଇଁଷେ ଲେଖା । (ଅଳ୍ପବୟସ୍କ ଶିଶୁ ସଂସାରରେ ଜଣେ ବୋଲି ପରିଚିତ ହେବାର ଆଶା ବିଡ଼ମ୍ବନା ।)

୧୧ । ଅଣ୍ଟା ଯେବେ ଭିଡ଼ି ବସିବ ପାଖରେ ଥିବ ଶାଳୀ,
ସଉଦା ଯେବେ ଆଣି ବସିବ ମାଗିଲେ ଦିଏ ଗାଳି ।

୧୨ । ଦୁଃଖ କହିବାକୁ ମା' ନାହିଁ, ସୂତା କାଟିବାକୁ ଠା' ନାହିଁ ।

୧୩ । ଦେଲି ନାଶି, ହେଲି ପାରି । (କନ୍ୟାଦାୟରୁ ମୁକ୍ତିଲାଭ କରିବା ।)

୧୪ । ନଈ ବାଙ୍କ କି ଜୋଇଁ ବାଙ୍କ । (ବକ୍ରଗାମୀ ନଦୀପରି ଜୋଇଁଙ୍କର ହୃଦୟର ଭାବ ଜାଣି ତାଙ୍କୁ ସନ୍ତୁଷ୍ଟ କରିବା କଷ୍ଟକର ।)

୧୫ । ନଈ ଶୁଖିଲେ କି କରଇ ନାଆ, ଧନ ଶୁଖିଲେ କି କରଇ ମା' ।

୧୬ । ପିତା ମାତା ଅନ୍ଧ, ପ୍ରଜାପତି ସମ୍ବନ୍ଧ ।

୧୭ । ପିତା ବୁଝିଲା, ଲଗ୍ନ ସୁଝିଲା ।

Digitized by srujanika@gmail.com

୧୮ । ପୁଅ ସୁନା ବୋଲି କି ଗୁହ ସୁନା ? (ବାପ-ମା'ଙ୍କୁ ପୁଅ ସୁନ୍ଦର ଦିଶିଲେ ମଧ୍ୟ ତାର ଦୁର୍ଗୁଣ ସୁନ୍ଦର ଦେଖାଯାଏ ନାହିଁ ।)

୧୯ । ପୁଅ ଜଙ୍ଘରେ ହଗିଲେ କି ଜଙ୍ଘ କାଟିପକାଇବ ? (ପୁଅର ଦୋଷ ପିତାମାତା ସହିବା ଉଚିତ ।)

୨୦ । ପୁଅ ଯେବେ ଯୋଗ୍ୟ, ଧନ କାହିଁ ପାଇଁ ସଞ୍ଚୁ / ପୁଅ ଯେବେ ଅଯୋଗ୍ୟ, ଧନ କାହିଁ ପାଇଁ ସଞ୍ଚୁ । (ଯୋଗ୍ୟ ପୁତ୍ରକୁ ପିତୃସଞ୍ଚିତ ଧନ ଲୋଡ଼ା ନାହିଁ; ଅଯୋଗ୍ୟ ପୁତ୍ର ପିତୃସଞ୍ଚିତ ଧନ ନଷ୍ଟ କରିଦିଏ ।)

୨୧ । ପୁଅ ହାତେ ପିଠା ଦେଲେ ତିନି ଜଣ ସନ୍ତୋଷ । (ପିତା ମାତା ଓ ପୁଅ)

୨୨ । ଫଳ ଗଛକୁ ବୋଝ ନୁହେଁ । (ସନ୍ତାନ-ସନ୍ତତି ଯେତେ ଅଧିକ ହେଲେ ମଧ୍ୟ ମା'ର ଆଦର କମିଯାଏ ନାହିଁ ।)

୨୩ । ବର ତିରିଶ କନ୍ୟା ଦଶ । (ପୂର୍ବକାଳରେ ତିରିଶି ବର୍ଷ ବୟସ୍କ ପୁରୁଷ ସହିତ ଦଶବର୍ଷ ବୟସ୍କା କନ୍ୟାର ବିବାହ ଉପଯୁକ୍ତ ବିବେଚିତ ହେଉଥିଲି ।)

୨୪ । ବଳା ପାରିଲେ କଳା ଗୁଡ଼େ । (ପୁତ୍ର ଅର୍ଜନକ୍ଷମ ହେଲେ ପିତାମାତାଙ୍କ ଦୁଃଖର ଲାଘବ ହୁଏ ।)

୨୫ । ବାପ ଟଙ୍କାମୁଠାକେ ପୋଷିପାରେ, ମା' ଖୁଦମୁଠିକେ ପୋଷିପାରେ ।

୨୬ । ବାପ-ଥିଲା ପୁଅ ସଭାରେ ହାରେନା ।

୨୭ । ବାପ ମା' ଦିନା ଜନମ ଦେଇଛନ୍ତି, କରମ ତ ଦେଇନାହାନ୍ତି । (ମନୁଷ୍ୟର କର୍ମ ତା ନିଜ ଉପରେ ନିର୍ଭରଶୀଳ ।)

୨୮ । ବାପ ତେଲ ବିନେ ଲଣ୍ଡା, ପୁଅ ଗୁଳେଇ ବେଣି ରଖିଛି ।

୨୯ । ବାପକୁ ନ ମିଳେ ଖୁଦ, ପୁଅ ଲୋଡ଼ୁଥାଏ ଦୁଧ ।

୩୦ । ବାପ-ଥିଲା ପୁଅ ସଭାରେ ବାଘ ।

୩୧ । ବାପ-ଥିଲା ପୁଅ ସବୁଦିନେ ପିଲା ।

୩୨ । ବାର କଥାରେ ବାହା । (ବରପକ୍ଷ ଓ କନ୍ୟାପକ୍ଷ ମଧ୍ୟରେ ବହୁ ଆଲୋଚନା ପରେ ବିବାହ ସ୍ଥିର ହୁଏ ।)

୩୩ । ବାର ବରଷ ମଉଲା ପୋଷେ, ଖୁଡ଼ୁତା ଦେଖିଲେ ଜଙ୍ଘରେ ବସେ ।

୩୪ । ବାପି ପେଜ ଲାଗି ଚକ୍ଟି ଧରାଧରି ଝିଅ ଲୋଡ଼ୁଥାଏ ଘିଅ ।

୩୫ । ଭଉଣୀ ରାଣୀ ହେଲେ ଭାଇ ନୁହେଁ ରଜା / ଅତି ସେରନ୍ଧାରେ ବୋଲିବେ ରଜାଙ୍କ ପରଜା ।

୩୬ । ଭଗାର କାହିଁ, ନା ମା' ପେଟରେ । (ଭାଇର ଶତ୍ରୁତା ଆଚରଣ ପ୍ରତି ଲକ୍ଷ୍ୟ ।)

୩୭ । ଭାଇ-ଭଗାରରେ ଘର କରି, କିଏ ସେ ଅଛି ସତ ଧରି ?

୩୮ । ଭିନେ ହେଲା ଭାଇ, ପଡ଼ିଶାପଣକୁ ଯୋଗ୍ୟ ନୁହଇ ।

Digitized by srujanika@gmail.com

୩୯ । ଝିଅ ନୁହେଁ ଭଗାର; ହାଣ୍ଡି ନୁହେଁ ହଣ୍ଡାର ।

୪୦ । ଝିଅ କ ବାଣ୍ଟ, ମଡ଼ାକୁ କାଠ; ଘୋଡ଼ାକୁ ବାଟ, ଶୀତକୁ ମାଠ ।

୪୧ । ଝିଅ ସଙ୍ଗେ କରଇ କଳି, ଶ୍ରଣ୍ଡିଆ ଲୋକ ତାହାକୁ ବୋଲି ।

୪୨ । ଭଉଣୀ ଘରେ ଝିଅ, ଶ୍ୱଶୁର ଘରେ ଜୋଇଁ, ପର ଅଇଁଠା ଖାଇ ।

୪୩ । ମା'-ବାପଠାରୁ ସୋଦର ନାହିଁ, ଆଖୁ-ଗୁଡ଼ଠାରୁ ମଧୁର ନାହିଁ ।

୪୪ । ମା'ଛେଉଣ୍ଡ, ବାପଛେଉଣ୍ଡ; ସ୍ତ୍ରୀ ଠଉଁ ବଳ ଆଉ କ ଦଣ୍ଡ ।

୪୫ । ମା' ନ ଥିଲେ ମାଉସୀ, ଗାଈ ନ ଥିଲେ ମଇଁଷି ।

୪୬ । ମା' ନ ଥିଲେ ମାଉସୀ ପୋଷେ, ବାପ ନ ଥିଲେ ପିଉସା ପୋଷେ ।

୪୭ । ମା' ଗାଳି, ଦାଣ୍ଡଧୂଳି । (ମାତାର ଅଭିଶାପ ସନ୍ତାନଙ୍କ ଉପରେ ପଡ଼େ ନାହିଁ ।)

୪୮ । ମା' ଗାଳି ପାଣିର ଗାର, ବାପ ଗାଳି ବଜ୍ରର ଧାର ।

୪୯ । ମା'ର ଖୁଦ-କୁଣ୍ଡା, ବାପର ସୁନାମୁଣ୍ଡା ।

୫୦ । ମା' ଜାଣେ ସିନା ପୁଅର କଥା, ଗରଭ ଅନ୍ତର ପୋଡ଼େ ତାର ।

୫୧ । ମା'ର ଅଧା ମାଉସୀ, ବାପର ଅଧା ପିଉସୀ ।

୫୨ । ମାମୁଘର ଖିଚ, କୁମ୍ଭି ଘର ଖଳି । (ଉଭୟ ଉତ୍କୃଷ୍ଟ ।)

୫୩ । ମାମୁଘର ଦେଖିବା । (କାରାବାସ)

୫୪ । ଯାହାର ମା' ନାହିଁ, ତାର ନାଁ ନାହିଁ ।

୫୫ । ଯାହା ଖାଇବୁ ଖାଇଥା ବୋହୂ ଆସିବାଯାଏ,
ଯାହା ପିନ୍ଧିବୁ ପିନ୍ଧିଥା ଝିଅ ଯିବା ଯାଏ ।

୫୬ । ଶାଶୂ କଥା ଶାଶୂଠାରେ, ବୋହୂ କଥା ବୋହୂଠାରେ ।

୫୭ । ଶାଶୂ ମଲା, ବୋହୂ ବେଇଲା, ଯେଉଁ ଛନ୍ନ ପ୍ରାଣୀକି ସେହି ଛନ୍ନ ପ୍ରାଣୀ ।

୫୮ । ମା' ଆଗେ ଯେ ପୁଅକୁ ମାରେ, ତାକୁ ଜାଣିବ ବୋପା,
ଘର ଭିତରେ ଯେ ଦୁମ୍ ଦୁମ୍ ବୁଲେ, ତାକୁ ଜାଣିବ ଅପା ।

୫୯ । ଶାଶୂ ବୋହୂଙ୍କର ଠକାର କଳି, ଘରେ ଖାଆନ୍ତି ସରୁ ଚକୁଳି ।

୬୦ । ଶାଶୂ ଦୁର୍ଦ୍ଦଣ୍ଡ, ନଣନ୍ଦ ଖର, ଖୋଜୁଥାଏ ବୋହୂ ପଡ଼ିଆ ଘର ।

୬୧ । ସବୁ ତରତର ବିକାଯାଏ, ମଣିଷ ତରତର ସୁହା ନ ଯାଏ । (ମନୁଷ୍ୟର ଜୀବନ ସହିତ ସଂଶ୍ଳିଷ୍ଟ ବିଷୟଗୁଡ଼ିକ ସମ୍ବନ୍ଧରେ ନିଷ୍ପତ୍ତି ନେବାବେଳେ ଧୀର ସ୍ଥିର ଭାବରେ ବିଚାର କରିବା ଉଚିତ ।)

୬୨ । ଦେଢ଼ଶୁରକୁ ଆଡ଼ ଆଡ଼, ମଲାଶୁରକୁ ଗଲଜ ଗୁଡ଼ ।

୬୩ । ବରଜାତରେ ଜାତ ସୁନ୍ଦର, ଅଜା ପାଖରେ ନାତି ସୁନ୍ଦର ।

Digitized by srujanika@gmail.com

୭୪ । ବୁଢ଼ା ଶଶୁର, କଣା ଦେଢ଼ଶୁର,
ଝୋକା ମଲାଶୁର, ଗାଁର ଜୋଇଁ,
ଏମାନଙ୍କୁ ତେତେ ସମ୍ମାନ ନାହିଁ ।

ପୌରାଣିକ ପ୍ରବଚନ

୧ । ଅକାଳ କାଣ୍ଡ କପାଳେ ବାଜେ । (ପାଣ୍ଡୁ ରାଜା ମାଦ୍ରୀଙ୍କ ସହିତ ସହବାସ କରିବା ସମୟରେ ଋଷି ଅଭିଶାପରୁ ପାଷାଣ ଘର ଫୁଟି ଶୂନ୍ୟରୁ ଗୋଟିଏ କାଣ୍ଡ ଆସି ତାଙ୍କ ହୃଦୟରେ ବାଜନ୍ତେ ସେ ଅକାଳରେ ପ୍ରାଣତ୍ୟାଗ କଲେ । ଅପ୍ରତ୍ୟାଶିତ ଦୈବୀ ବିପଦ ପଡ଼ିବା ।)

୨ । ଅଘାସୁର ପରି ବଢ଼ୁଛୁ । (ଭାଗବତବର୍ଣ୍ଣିତ ଶ୍ରୀକୃଷ୍ଣଙ୍କ ଦ୍ୱାରା ନିହତ ଅଜଗର ବେଶଧାରୀ ଅଘାସୁର ସଦୃଶ ଶୀଘ୍ର ଶୀଘ୍ର ବଢ଼ିଯିବା ।)

୩ । ଆଉ ସେ ଭାବ ନାହିଁ ଲୋ ସଜନୀ, କୃଷ୍ଣ ଯମୁନା ପାର ହୋଇଗଲେଣି । (କୃଷ୍ଣ ଗୋପୀମାନଙ୍କୁ ଛାଡ଼ି ମଥୁରା ଚାଲିଯିବା ସମ୍ବନ୍ଧୀୟ ଉକ୍ତି ।)

୪ । ଇନ୍ଦ୍ର ଶହ ଶହ ଗଲେଣି, ଶଚୀ ଗୋଟିଏ ବସିଛି । (ଇନ୍ଦ୍ରଙ୍କର ପରିବର୍ତ୍ତନ ହୁଏ; କିନ୍ତୁ ଶଚୀ ସେହିପରି ରହିଥାନ୍ତି ।)

୫ । ଅତି ଦର୍ପେ ହତ ଲଙ୍କା । (ଲଙ୍କାର ଅଧୀଶ୍ୱର ରାବଣର ଅତ୍ୟଧିକ ଗର୍ବ ହେତୁ ତାର ପତନ ହେଲା ।)

୬ । କପୋତ ଯୋଗୁ କପୋତୀ ହେଲା ବନ୍ଧନ । (ଭାଗବତରେ ବର୍ଣ୍ଣିତ ଅଛି ଯେ ଏକ କପୋତ ଜାଲରେ ଧରାପଡ଼ିବା ଦେଖି କପୋତୀ ନିଜ ଇଚ୍ଛାରେ ଧରାଦେଇ ମୃତ୍ୟୁ-ବରଣ କଲା ।)

୭ । କର୍ଣ୍ଣ ମଲେ ପାଞ୍ଚ, ଅର୍ଜୁନ ମଲେ ପାଞ୍ଚ । (କୁନ୍ତୀ ଦେବୀ ନିଜର କାନୀନପୁତ୍ର କର୍ଣ୍ଣଙ୍କୁ ପାଣ୍ଡବମାନଙ୍କ ସପକ୍ଷରେ ମହାଭାରତ ଯୁଦ୍ଧରେ ଯୋଗ ଦେବାପାଇଁ ଅନୁରୋଧ କରିବାରୁ ସେ ତାହାଙ୍କୁ ନାସ୍ତି ବାଣୀ ଶୁଣାଇ କହିଲେ ଯେ ତୁମ୍ଭେ ପାଞ୍ଚ-ପାଣ୍ଡବଙ୍କ ଜନନୀ ରୂପେ ଖ୍ୟାତି ଲାଭ କରିଅଛ । କର୍ଣ୍ଣ ବା ଅର୍ଜୁନ ଯେ କେହି ମରନ୍ତୁ ପଛକେ ତୁମର ପୁତ୍ରସଂଖ୍ୟା ପାଞ୍ଚ ରହିବ ।)

୮ । କଂସ ଭଣ୍ଡାରେ ପୁଣି କୃଷ୍ଣ-କଥା । (କଂସ ଭଳି ଦୁଷ୍ଟ ଲୋକ ମୁହଁରୁ କୃଷ୍ଣକଥା ସଦୃଶ ଭଲ କଥା ଶୁଣାଯିବା ଦୁରାଶା ମାତ୍ର ।)

୯ । କନ୍ହେଇ ଛଡ଼ା କୀର୍ତ୍ତନ ନାହିଁ । (କୃଷ୍ଣଗୁଣ ଗାନ ହିଁ କୀର୍ତ୍ତନର ମୂଳ ଲକ୍ଷ୍ୟ । କୌଣସି କାର୍ଯ୍ୟ ବା ଅନୁଷ୍ଠାନର ମୂଳରେ ଥିବା ବ୍ୟକ୍ତି ପ୍ରତି ପ୍ରଯୁଜ୍ୟ-ବଚନ ।)

Digitized by srujanika@gmail.com

୧୦ । କାମ ପଡ଼ିଲା ବେଳେ ଭଗବାନ ଗଧ ପାଦ ଧରିଥିଲେ; ମଣିଷ କବା ଛାର ? (ମହାଭାରତରେ ବର୍ଣ୍ଣିତ ଅଛି ଯେ ଜରାସନ୍ଧକୁ ବଧ କରିବାକୁ ଯିବା ସମୟରେ ସଦର ଦରଜାରେ ଥିବା ଗଧ ବୋବାଳି ନ ଛାଡ଼ିବା ପାଇଁ ଶ୍ରୀକୃଷ୍ଣ ତା ମୁହଁରେ ଗୋଟିଏ ଶଙ୍ଖ ଗୁଞ୍ଜି ଦେଇଥିଲେ । ସେହିପରି ଦରକାର ପଡ଼ିଲେ ନୀଚ ଲୋକର ଦ୍ୱାରସ୍ଥ ହେବାକୁ ପଡ଼େ ।)

୧୧ । କାଳନେମିର ଲଙ୍କା ଭାଗ । (ହନୁମାନ୍ ଗନ୍ଧମାଦନ ପର୍ବତରୁ ମହୌଷଧ ଆଣି ଲକ୍ଷ୍ମଣଙ୍କୁ ବଞ୍ଚାଇବା ପୂର୍ବରୁ ତାଙ୍କୁ ବାଟରେ ଅଟକାଇଦେଲେ ରାବଣ କାଳନେମି ନାମକ ରାକ୍ଷସକୁ ଲଙ୍କାର ଅଧେ ଦେବ ବୋଲି କହିଥିଲା । କାଳନେମି ତାହାଁ କାର୍ଯ୍ୟସାଧନ ପୂର୍ବରୁ ଲଙ୍କାର କେଉଁ ଭାଗକ ନେବ ବୋଲି ବିଚାର କରିବସିଲା । ଅସାର କଳ୍ପନା ।)

୧୨ । କାଳିକାଙ୍କର ଏକ ମୁଣ୍ଡ, ବ୍ରହ୍ମାଙ୍କର ଚାରି ମୁଣ୍ଡ ।

୧୩ । କୀଚକ ବାହୁବଳେ ବିରାଟ ରାଜା । (ମହାଭାରତବର୍ଣ୍ଣିତ ବିରାଟ ରାଜାଙ୍କର ବାହୁବଳ ନ ଥିଲା; କିନ୍ତୁ ନିଜର ଶ୍ୟାଳକ କୀଚକର ଶାରୀରିକ ବଳକୁ ସମ୍ବଳ କରି ସେ ରାଜ୍ୟ ଚଳାଉଥିଲେ । ଅନ୍ୟର ପରାକ୍ରମ ବା ସାହସ ବଳରେ କୌଣସି ଅଯୋଗ୍ୟ ବ୍ୟକ୍ତି ସମ୍ପଦ ବା ଅଧିକାର ପାଇଲେ ଏହି ଉପମା ଦିଆଯାଏ ।)

୧୪ । କୁମ୍ଭକର୍ଣ୍ଣ ନିଦ୍ରା । (ରାବଣର ଭାଇ କୁମ୍ଭକର୍ଣ୍ଣ ବର୍ଷକଯାକ ଶୋଇରହିଥାଏ ଏବଂ ଖାଇବାପାଇଁ ବର୍ଷକରେ ଥରେ ଉଠେ । ଗାଢ଼ ନିଦ୍ରାଯାଉଥିବା ବ୍ୟକ୍ତି ପ୍ରତି ଉପଲକ୍ଷ୍ୟ-ବଚନ ।)

୧୫ । କୃଷ୍ଣ-ବଂଶ ବୋଲି ଗଉଡ଼େ ମାଫ୍ । (ବଂଶର ଦୋହି ଦେଇ ନିଜର ଅଛୋଟପଣିଆ ଜାହିର କରିବା ।)

୧୬ । କୌରବଙ୍କ ଖାଇ ପାଣ୍ଡବଙ୍କର ଗାଇବା । (ଜଣକର ଦାନା ଖାଇ ଗୋପନରେ ତାଙ୍କ ଶତ୍ରୁକୁ ସାହାଯ୍ୟ କରିବା ପ୍ରତି ଆକ୍ଷେପୋକ୍ତି ।)

୧୭ । ଖାଆନ୍ତି କୁରୁବଳଙ୍କର, ଯୁଝନ୍ତି ପାଣ୍ଡବଙ୍କର । (ଭୀଷ୍ମ ଦ୍ରୋଣାଦି ବୀରଗଣ କୌରବ-ମାନଙ୍କ ଅନ୍ନରେ ପାଳିତ ହେଉଥିଲେ ମଧ୍ୟ ପାଣ୍ଡବମାନଙ୍କର ସଦ୍‌ଗୁଣ ହେତୁ ତାଙ୍କ ପ୍ରତି ସେମାନଙ୍କର ସହାନୁଭୂତି ଥିଲା । ସେହିପରି ଗୋଟିଏ ପକ୍ଷରୁ ଅର୍ଥ ଗ୍ରହଣ କରି ଅନ୍ୟ ପକ୍ଷକୁ ପ୍ରକାରାନ୍ତରେ ସାହାଯ୍ୟ କଲେ ଏପରି କୁହାଯାଏ ।)

୧୮ । ଗଙ୍ଗା ବୋଇଲେ ଥିବ, ଗାଙ୍ଗୀ ବୋଇଲେ ଯିବ । (ଆଦର ପାଇଲେ ପ୍ରସନ୍ନ ଓ ଆଦର ନ ପାଇଲେ ଅପ୍ରସନ୍ନ ହେବା ବ୍ୟକ୍ତି ପ୍ରତି ପ୍ରଯୁଜ୍ୟ-ବଚନ ।)

୧୯ । ଗାନ୍ଧାରୀର ଘଇତା ଯେତେ ମଲେ, ଧୃତରାଷ୍ଟ୍ରର ମାଇପ ସେତେ ମଲେ । (ଉପଯୁକ୍ତ ପତ୍ନୀର ଉପଯୁକ୍ତ ସ୍ୱାମୀ ।)

Digitized by srujanika@gmail.com

୧୦ । ଗୁଣ୍ଡୁଚିମୂଷା ସେତୁବନ୍ଧ ବାନ୍ଧିବା ନ୍ୟାୟ । (କ୍ଷୁଦ୍ର ଗୁଣ୍ଡୁଚିମୂଷା ବିରାଟ ସେତୁ-ବନ୍ଧରେ ମାଟି ପକାଇଥିଲା। ଜଣେ ନିଷ୍ଠାପର ବ୍ୟକ୍ତିର କ୍ଷୁଦ୍ର ଉଦ୍ୟମ ଫଳରେ ବିରାଟ କାର୍ଯ୍ୟ ସାଧିତ ହୋଇପାରେ ।)

୧୧ । ଗୋପରେ ବଢ଼ିବା । (କୃଷ୍ଣ କଂସର ଅଜାଣତରେ ଗୋପରେ ବଢ଼ିବା ପରି ଅଲକ୍ଷ୍ୟରେ ଥିବା ।)

୧୨ । ଗୋ-ବଧ ପାତକ ମହାଦେବଙ୍କୁ ପାରିଯାଇନାହିଁ । (ମହାଦେବ ପୂଜା ପାଇଁ ରଖିଥିବା ଫୁଲ ଗୋଟିଏ ବାଛୁରି ଖାଇଯିବାରୁ ମହାଦେବ କ୍ରୋଧରେ ସେ ବାଛୁରିଟିକୁ ହତ୍ୟା କଲେ ଏବଂ ତାଙ୍କର ଏହି ପାପ ନିମନ୍ତେ ବାଛୁରିର ମୁଣ୍ଡଟି ତାଙ୍କ ହାତରେ ଲାଗି ରହିଲା । ପରେ ସେ ତପସ୍ୟାଦ୍ୱାରା ଏଥିରୁ ମୁକ୍ତ ହେଲେ ।)

୧୩ । ଘରଭେଦେ ରାବଣ ମଲା । (ରାବଣ ଏବଂ କୁମ୍ଭକର୍ଣ୍ଣଙ୍କ ମଧ୍ୟରେ ଗୃହ-ବିବାଦହିଁ ରାବଣର ମୃତ୍ୟୁର ପ୍ରଧାନ କାରଣ ।)

୧୪ । ଝିମିଟି ଖେଳରୁ ମହାଭାରତ । (ସାମାନ୍ୟ ଝିମାଣି ଖେଳରୁ ପାଣ୍ଡବ ଓ କୌରବ-ମାନଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇ ସେଥିରୁ ଭୀଷଣ ମହାଭାରତ ଯୁଦ୍ଧର ଉଦ୍ଭବ ହୋଇଥିଲା । ସେହିପରି ସାମାନ୍ୟ ବିଷୟ ବା ଘଟଣାରୁ ଦେଶକ୍ଷୟକାରୀ ଗୁରୁତର ବ୍ୟାପାରର ସୂତ୍ରପାତ ହୁଏ ।)

୧୫ । ତେରଦିନିଆ ଯମ । (ଅଳ୍ପକାଳସ୍ଥାୟୀ ପ୍ରଭୁତ୍ୱ ।)

୧୬ । ତ୍ରିଶଙ୍କୁ ଭଳି ନା ଏଣେ ନା ତେଣେ । (ବଶିଷ୍ଠଙ୍କ ଅଭିଶାପରେ ଶାପଗ୍ରସ୍ତ ହୋଇ ମହାରାଜ ତ୍ରିଶଙ୍କୁ ଚଣ୍ଡାଳ ଦେହ ଧାରଣ କଲେ । ବିଶ୍ୱାମିତ୍ର ସେହି ଚଣ୍ଡାଳ ଶରୀରରେ ତାଙ୍କୁ ସ୍ୱର୍ଗପ୍ରାପ୍ତି କରାଇବେ ବୋଲି କହି ଯଜ୍ଞ କରିବାରୁ ସେ ସ୍ୱର୍ଗରେ ଉପନୀତ ହେଲେ । କିନ୍ତୁ ଦେବତାମାନଙ୍କଦ୍ୱାରା ବାଧାପ୍ରାପ୍ତ ହୋଇ ସେ ମଧ୍ୟ-ସ୍ୱର୍ଗ ବା ଶୂନ୍ୟମାର୍ଗରେ ରହିଗଲେ । ସେହିପରି ଏଣେ ବା ତେଣେ କୌଣସି ଆଡ଼େ ନହେବା ଅବସ୍ଥାକୁ ତ୍ରିଶଙ୍କୁ ଅବସ୍ଥା କୁହାଯାଏ ।)

୧୭ । ଦାତାପଣେ କର୍ଣ୍ଣ । (କର୍ଣ୍ଣଙ୍କର ବଦାନ୍ୟତା ସମ୍ବନ୍ଧରେ ପୁରାଣମାନଙ୍କରେ ବହୁ ଗଳ୍ପ ଅଛି ।)

୧୮ । ଦାନେ କର୍ଣ୍ଣ, ମାନେ ଦୁର୍ଯ୍ୟୋଧନ । (ଦାନ ପାଇଁ କର୍ଣ୍ଣ ଏବଂ ଆତ୍ମସମ୍ମାନବୋଧ ପାଇଁ ଦୁର୍ଯ୍ୟୋଧନ ଖ୍ୟାତିଲାଭ କରିଥିଲେ ।)

୧୯ । ଦାରା-ବଇରୀରେ ରାମାୟଣ ଲଢ଼େଇ । (ସ୍ତ୍ରୀ ହେତୁ ରାମ-ରାବଣ ଯୁଦ୍ଧ ଭଳି ଭୀଷଣ ଯୁଦ୍ଧ ହେବା ।)

Digitized by srujanika@gmail.com

୩୦ । ଧୋବଣୀଟା କଥାରେ ରାମଚନ୍ଦ୍ର ସୀତାଙ୍କୁ ଉପେକ୍ଷା କରିଥିଲେ । (ଲଙ୍କାପୁରରେ ରହିଥିବା ସୀତାଙ୍କୁ ରାମଚନ୍ଦ୍ର ଗ୍ରହଣ କରିଥିବା ବିଷୟକୁ ଏକ ଧୋବଣୀ ସମାଲୋଚନା କରିବାରୁ ପ୍ରଜାରଞ୍ଜନ ଉଦ୍ଦେଶ୍ୟରେ ରାମ ସୀତାଙ୍କୁ ତ୍ୟାଗ କରିଥିଲେ । ସେହିପରି ଶୁଣାକଥାରେ ବିଶ୍ୱାସ କରି ଗୁରୁତର ଦଣ୍ଡବିଧାନ କରିବା ।)

୩୧ । ନୀଚ ପାଇଲେ ଅଧିକାର, ଋଷିଙ୍କି ବୁହାଇଲେ ଖର । (ନହୁଷ ରାଜା ଇନ୍ଦ୍ରତ୍ୱ-ପ୍ରାପ୍ତି ପରେ ଋଷିମାନଙ୍କୁ ଶିବିକା ବହନ କାର୍ଯ୍ୟରେ ନିଯୁକ୍ତ କରିଥିବା ବିଷୟ ସମ୍ବନ୍ଧୀୟ ଆକ୍ଷେପୋକ୍ତି ।)

୩୨ । ପଞ୍ଚ ଅଧ୍ୟାୟ ରାସ ଶୁଣି ନସରିଲାରେ କୃଷ୍ଣ ନାମ ପଚାରିବା । (ନିଜର ଅଜ୍ଞତାର ପରିଚୟ ଦେବା ।)

୩୩ । ଘରିଲ ଯୁଦ୍ଧରେ ଭୀମ ହାରେ । (ଭୀମ ଯେଉଁ ପର୍ବତ ଉପରେ ଜନ୍ମଗ୍ରହଣ କରିଥିଲେ ସେହି ପର୍ବତକୁ ପଦାଘାତ କରିବାରୁ ସେ ଅଭିଶାପ ଦେଇଥିଲା ଯେ ଯୁଦ୍ଧରେ ସେ ପ୍ରଥମେ ହାରିଯିବେ ।)

୩୪ । ବିଦୁରଙ୍କ ଘରେ ଭଗବାନ ଶାଗଭଜା ଖାଇବା ନ୍ୟାୟ । (ଭକ୍ତ ଯାହା କିଛି ଦେଲେ ବି ଭଗବାନ ତାହା ସାଦରେ ଗ୍ରହଣ କରିଥାନ୍ତି ।)

୩୫ । ବାପ କୁମ୍ଭ ଋଷି, ପୁଅ ଅଗସ୍ତି । (ପୁଅ ମହିମାରେ ବାପକୁ ବଳିଯିବା ।)

୩୬ । ଭାଇ ହିଂସାରେ ଲଙ୍କାଗଡ଼ ଜୟ । (ରାବଣ ଓ ବିଭୀଷଣଙ୍କ ବିବାଦରୁ ରାମଚନ୍ଦ୍ରଙ୍କ ଦ୍ୱାରା ଲଙ୍କା ଜୟ ସମ୍ଭବ ହେବା ପରି ଭ୍ରାତୃବିବାଦ ମନୁଷ୍ୟର ପତନର କାରଣ ହୋଇଥାଏ ।)

୩୭ । ଭୀମବଳ କୁନ୍ତୀଙ୍କୁ ଜଣା । (କୁନ୍ତୀ ଦେବୀ ଭୀମଙ୍କ ବଳ କେତେ ଜାଣିଥିବା ଭଳି ମା' ପୁଅର ଗୁଣାଗୁଣ ଜାଣିଥାଏ ।)

୩୮ । ଭୀଷ୍ମ ପ୍ରତିଜ୍ଞା । (ଭୀଷ୍ମ ଦାସ-ରାଜାର ସର୍ତ୍ତ ଅନୁଯାୟୀ ଚିରକୁମାର ବ୍ରତ ଅବଲମ୍ବନ କରିଥିଲେ ଏବଂ ଜୀବନର ଶେଷ ପର୍ଯ୍ୟନ୍ତ କୌଣସି ପ୍ରଲୋଭନ ତାଙ୍କୁ ଏଥିରୁ ଟଳାଇ ପାରିନଥିଲା ।)

୩୯ । ଭୁରିଶ୍ରବା ପାଗ ବାନ୍ଧୁ ବାନ୍ଧୁ ମହାଭାରତ ଯୁଦ୍ଧ ଶେଷ । (ଏକାନ୍ତ ଦୀର୍ଘସୂତ୍ରୀ ବ୍ୟକ୍ତି ପ୍ରତି କଟାକ୍ଷ-ବଚନ ।)

୪୦ । ନରେ ବା କୁଞ୍ଜରେ ଅଶ୍ୱତ୍ଥାମା ହତ । (ସତ୍ୟସନ୍ଧ ଯୁଧିଷ୍ଠିରଙ୍କୁ ଦ୍ରୋଣ ନିଜ ପୁତ୍ର ଅଶ୍ୱତ୍ଥାମାଙ୍କର ମୃତ୍ୟୁ-ସମ୍ବାଦ ପଚାରିବାରୁ ଯୁଧିଷ୍ଠିର ଦ୍ରୋଣପୁତ୍ର ଅଶ୍ୱତ୍ଥାମା ମରିନଥିବା ବିଷୟ ଜାଣିଥିଲେ; ଉଭୟ କୂଳ ରକ୍ଷା କରି ଏହିପରି ଉତ୍ତର ଦେଇଥିଲେ ।)

୪୧ । ପଥ ପଚାରି ପିତାଘର ଯିବ, ଆଉ ଅଯୋଧ୍ୟା ମନେ ନ କରିବ । (ସୀତାଙ୍କୁ ବନରେ ଛାଡ଼ିଦେଇ ଲକ୍ଷ୍ମଣ ସୀତାଙ୍କୁ କହିବା ଉକ୍ତି ।)

Digitized by srujanika@gmail.com

୪୨ । ଯେଉଁ ଗାଣ୍ଡିବ ହାତେ, ସେହି ଗାଣ୍ଡିବ ମାଥେ । (ଶ୍ରୀକୃଷ୍ଣ ତାହାଙ୍କ ତିରୋଧାନ ସମୟରେ ଅର୍ଜୁନଙ୍କଠାରୁ ବସ୍ତ୍ରକଳା ହରଣ କରିନେବାରୁ ଅର୍ଜୁନ ଯେଉଁ ଗାଣ୍ଡିବ ଧନୁ ହସ୍ତରେ ଧାରଣ କରି ଯୁଦ୍ଧ କରୁଥିଲେ, ତାହା ହାତରେ ଧରିବା ପାଇଁ ଅସମର୍ଥ ହୋଇ ମସ୍ତକରେ ବହନ କରିଥିଲେ ।)

୪୩ । ରାମ-ରାବଣ ଯୁଦ୍ଧ । (ଘୋର ଯୁଦ୍ଧ)

୪୪ । ମାଇଲା ରାବଣ ଆଣିଲା ସୀତା, ଏଥିପାଇଁ କିଆଁ ପୋଥି ସାତଟା ?

୪୫ । ଆରେ ରାବଣ, ଆପଣାଗ୍ରାଏଁ ହରାଇଲୁ ବଡ଼ପଣ ।

୪୬ । ରାବଣ ଦଶମୁଖରେ ଖାଇଲେ ଏକାପେଟକୁ ଯାଏ ।

୪୭ । ରାବଣ ଯେବେ ସୀତା ନ ନିଅନ୍ତା, ତେବେ କମିା ରାମାୟଣ ହୁଅନ୍ତା ?

୪୮ । ଲଙ୍କାରେ ଯେତେକ ଜନମ, ସମସ୍ତେ ବାଉନ ହାତ । (କୁଖ୍ୟାତ ଅଞ୍ଚଳ ବା ପରିବାରର ଲୋକଙ୍କଠାରେ ଅନୁରୂପ ଗୁଣର ପ୍ରକାଶ ।)

୪୯ । ଲଙ୍କାରେ ହରି-ଶବ୍ଦ । (ଦୁର୍ଦ୍ଦଶା ।)

୫୦ । ଶିଶୁପାଳ ବନାଇବା । (ଶିଶୁପାଳ କୁଣ୍ଡି ନଗରର ରାଜକନ୍ୟା ରୁକ୍ମିଣୀଙ୍କୁ ବିବାହ କରିବା ସ୍ଥିର ହୋଇଥିଲା । କିନ୍ତୁ ଦ୍ୱାରକାର ରାଜା ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ହରଣ କରି ନେଇଯିବାରୁ ଶିଶୁପାଳ ବ୍ୟର୍ଥ-ମନୋରଥ ଓ ଅପମାନିତ ହୋଇ ଫେରିଯାଇଥିଲା ।)

୫୧ । ଶିଖଣ୍ଡି କୁ ଦେଖିଲେ ଭୀଷ୍ମଙ୍କ ଦର୍ପ ହତ । (ଶିଖଣ୍ଡି ପୂର୍ବଜନ୍ମରେ ନାରୀ ଥିବାରୁ ଭୀଷ୍ମ ତାହାଙ୍କ ସହିତ ଯୁଦ୍ଧ କରିବାକୁ ନାସ୍ତି କରିଦେଇ ଅସ୍ତ୍ରତ୍ୟାଗ କରିଥିଲେ ।)

୫୨ । ଶିଖଣ୍ଡି କରି ଥୋଇବା । (ଅର୍ଜୁନ ଶିଖଣ୍ଡିଙ୍କୁ ଆଗରେ ରଖି କୌଶଳରେ ଭୀଷ୍ମଙ୍କୁ ପରାସ୍ତ କରିବା ପରି ଅନ୍ୟକୁ ନାମକୁମାସ୍ତେ ଆଗରେ ରଖି ନିଜେ କୌଶଳରେ କାର୍ଯ୍ୟସାଧନ କରିବା ।)

୫୩ । ସାତକାଣ୍ଡ ରାମାୟଣ ସରିବା ପରେ ସୀତା ମାଈ କି ଅଣ୍ଡିରା ପଚ୍ଚାରିବା । (ସମୁଦାୟ ବିଷୟଟି ଆମୂଳଚୂଳ ଶୁଣିସାରି ଏହାର ମୂଳ ଆଖ୍ୟାନ ବସ୍ତୁ ସମ୍ବନ୍ଧରେ ସଂପୂର୍ଣ୍ଣ ଅଜ୍ଞତା ପ୍ରକାଶ କରିବା ।)

୫୪ । ଦେଇ ମଲା ବଳି, ନ ଦେଇ ମଲା ରାବଣ;
ଦେଖି ମଲା କଂସ, ନ ଦେଖି ମଲା ଦଶରଥ ।

୫୫ । କୈକେୟୀ ରାଣୀ, ଭିତରେ ଭିତରେ କାଟୁଛି ବାଣୀ । (ରାମଙ୍କୁ ବନକୁ ପଠାଇବା ପାଇଁ କୈକେୟୀଙ୍କ ଷଡ଼ଯନ୍ତ୍ର ପ୍ରଣ୍ଠ କଟାକ୍ଷ-ବଚନ ।)

୫୬ । ଦୂତୀ ଖେଣ୍ଟେଇ, ରାଧିକାକୁ କୃଷ୍ଣ ଦେଲା ଭେଟେଇ ।

୫୭ । ପାଣିଯାକରେ ପଇଡ଼ ମିଠା, ସ୍ତ୍ରୀ ଶୋଭାବନ ରାଧିକା ମିଠା ।

Digitized by srujanika@gmail.com

୫୮ । ଭାଗ୍ୟ ଦୋଷରୁଁ ରାମଚନ୍ଦ୍ର ଗଲେ ବନବାସ,
ଭାଗ୍ୟ ଦୋଷରୁଁ ନଳରାଜା କାଟେ ଘୋଡ଼ା-ଘାସ ।
୫୯ । ଭାଗବତ ଅଧ୍ୟାକ ଗୌରୀ ନ ଶୁଣିଲେ କଣ ହେବ, ଶୁକଦେବ ଶୁଣନ୍ତୁ ।
୬୦ । କଂସ ଦର୍ପ ଗଲାଣି, ଜଗତ ରହନ୍ତୁ ।
୬୧ । ଗଙ୍ଗା ମାତା, ହିରଣ୍ୟ ବାପ, କଂସ ମାମୁ, କର୍ଣ୍ଣ ଭାଇ—ଏମାନଙ୍କର ଦୟାମାୟା ନାହିଁ ।

ପ୍ରୀତ ଓ ପ୍ରଣୟ

୧ । ଅତ୍ୟନ୍ତ ପ୍ରୀତ କରେ ଲଣ୍ଡଭଣ୍ଡ, ଅତ୍ୟନ୍ତ ପ୍ରୀତ ହଗେ ବାବୁ ମୁଣ୍ଡ । (ଅତ୍ୟଧିକ ପ୍ରୀତ ପରିଣାମରେ କ୍ଷତିକାରକ ।)
୨ । କାକୁଡ଼ି ପରାଏ ପୀରତ ଦେଖ, ବାହାରକୁ ଗୁଲ ଭିତର ଫାଙ୍କ । (କପଟ-ବନ୍ଧୁତା ।)
୩ । ଜଡ଼ା ତେଲ, ମେଣ୍ଢା ବାଳ । (ଅଭେଦ ପ୍ରୀତ)
୪ । ଜର କଲେ ହାତ ମଲ; ପରର ପୀରତ ଅଢ଼େଇଦିନିଆ, ମୁହଁ ମୋଡ଼ିଦେଲେ ଗଲ ।
୫ । ପିତା ଶାଗ ବୁଦ ବୁଦ, ଭାଇନା କା ସଙ୍ଗେ ପୀରତ କଲେ, ବନ୍ଧା ଦେଇ ସୁନା ମୁଦ ।
୬ । ପ୍ରୀତ ନ କରିବ ରାଣ୍ଡରେ, ଗୀତ ନ ଗାଇବ ଦାଣ୍ଡରେ, ମାଡ଼ ନ ମାରିବ ମୁଣ୍ଡରେ, ବିଶ୍ୱାସ ନ ଯିବ ଗଣ୍ଡରେ ।
୭ । ବାଲିବନ୍ଧ ଶଠ ପୀରତ, ଏ ଦୁହେଁ ଏକା ରୀତ । (ଉଭୟ ଅସ୍ଥାୟୀ ।)
୮ । ଯାହା ମନ ଯହିଁକି ରସେ, ତାହାପର ତାକୁ ଆନ ନ ଦିଶେ ।
୯ । ଯାହା ମନ ଯହିଁକି ରସେ, ତାକୁ କଅଁଫୁଲ ପରି ବାସେ ।
୧୦ । ଯାହା ମନ ଯହିଁକି ଯାଏ, ପଲଉ ଫିଙ୍ଗି ପଖାଳ ଖାଏ ।
(ମନୁଷ୍ୟର ରୁଚି-ଅରୁଚି, ଶ୍ରଦ୍ଧା ବା ଅଶ୍ରଦ୍ଧା ତାର ମନ ଉପରେ ନିର୍ଭର କରେ ।)
୧୧ । ଯାହାର ମନ ଯହିଁକି, ସାଗର ଲଙ୍ଘେ ତହିଁକି ।
୧୨ । ଯାହାର ଯାହାରେ ଭାବ ଥାଏ, ମୁଖ ଗୁହିଁଥିଲେ ଲଭ ଥାଏ ।
୧୩ । ଯିଏ ଯାହାର, ଶିଙ୍ଗା ବାହୁଙ୍ଗି ଘେନି ତାହାର ।
୧୪ । ଯାହାର ମନ୍ ଯେନ୍ କେ ରସ୍‌ସି; ମଛୀ ଫୁଲ ପରି ଦେହଟା ବାସ୍‌ସି । (ପଶ୍ଚିମ-ଓଡ଼ିଶାରେ ପ୍ରଚଳିତ ।)

Digitized by srujanika@gmail.com

୧୫ । ଦିନେ ଯାଇଥିଲି ଯମୁନାକୁ; ଘରେ ଛନ୍ତିଛନ୍ତି ବାହାରେ ମନ, କେମିତି ମୁଁ ଛିଁ ବି ନଖାନାକୁ ।

୧୬ । ଅକାଳ ଯୋଗୀ ସକାଳେ ? ନା ପଥ ବଡ଼ ଦୂର ।

୧୭ । ନଦୀ ତରଙ୍ଗ ? ନା ନାବିକା ଧୀର । (ନାୟକ-ନାୟିକା ମଧ୍ୟରେ ଗୁପ୍ତ ପ୍ରଣୟ ସୂଚନା ।)

୧୮ । ହାଇରେ ରସିକ ରସିଲୁ, ମଧୁ ମାଳତୀକୁ ଗୁଡ଼ ଦେଇ ଯା, ପୋକଶୁଙ୍ଗା ବଣେ ପଶିଲୁ । (ବ୍ୟଙ୍ଗୋକ୍ତି)

୧୯ । ପର ଦାର, ମହାଭାର । (ପରକୀୟା ପ୍ରୀତି ଦୁଃଖଦାୟକ ।)

୨୦ । ମନ ସ୍ୱୈରକୁ ପଲଙ୍କ ସୁପାତି, ଧନ ସ୍ୱୈରକୁ ଧକା;
ଚମ ସ୍ୱୈର (ଲମ୍ପଟ)କୁ ଦ'ଗାଲରେ କଲା, ଅଜଣା ସ୍ୱୈରକୁ ବକା ।

୨୧ । ମନ ନ ଆଇ ପୀରତି, ମନ ନ ଆଇ କୀରତି । (ଉଭୟ ଅବାଞ୍ଛନୀୟ ।)

୨୨ । ପିନ୍ଧିଅ ନ ଥାଇ ଗୁଣ, ପାଣି ନ ଥାଇ ଧାନ ।

୨୩ । ଅଡ଼େଇ ଦିନକୁ ବଢ଼ଇ ପ୍ରୀତି, କୁଆ ଯେମନଗଲି କଜଳପାତି ।

୨୪ । କଣ୍ଟକର ପେଡ଼ି, ଆଡ଼ ଭଙ୍ଗା ଚୁଡ଼ି ମାଣିକରେ ଯୋଡ଼ି ଯୋଡ଼ିରେ;
ତୁ ଗୁଡ଼ି ଯେଉଁ ମୁଁ ଗୁଡ଼ି ନେଉଁ, ଦଇବରେ ଛଡ଼ାଛଡ଼ିରେ ।

୨୫ । କଖାରୁ ସ୍ୱୈପି, ବେଳକାଳ ଜାଣି ଗଡ଼ିଲେ ଗୋପୀ ।

୨୬ । ଉଗ ବାର ବୋଡ଼ି ଥିଲି କ ନ ଥିଲି, ଗୀତ ବାର ବୋଡ଼ି ଥିଲି;
ଯେଉଁ ଦିନ ହାତ ଧଇଲି କାଳିଆ, ସବୁ ତ ପାସୋରଗଲି ରେ ।

୨୭ । ତୋର ମୋର ସାଙ୍ଗୀ;
ତୁ ଧଣଥିବୁ ଆଉଁଷ ଆଙ୍ଗିକା, ମୁଁ ଧଣଥିବ ଡାଙ୍ଗି ।

୨୮ । ଦେଖିଲେ ଡର ଖାଇଲେ ମର;
ତା ସଙ୍ଗେ କ ପୀରତି କର ?

୨୯ । ଦୋଲପୁନିଅଁ ଫଗୁ;
ଯେ ଯା'ର ସେ ତା'ର କହିଲି ଲୋକ ଲଘୁ ।

୩୦ । ପୁଅ ପରଗୁଣ କେମନ୍ତେ ଜାଣିବ, ବୁଢ଼ା ଦିନେ ଯେବେ ପୋଷେ;
ସ୍ୱାମୀ ପରଗୁଣ କେମନ୍ତେ ଜାଣିବ, ବୁଢ଼ୀ ଦିନେ ଯେବେ ରଷେ ।

୩୧ । ଖଲୁ ସଙ୍ଗେ କଲେ ଭାବ,
ନିଷ୍ଟୟ ଭାମ୍ପ ଡ଼ା ପାଇବ । (ଦୁଷ୍ଟ ଲୋକ ସଙ୍ଗେ ପ୍ରୀତି କଲେ ପରାଭବ ନିଶ୍ଚିତ ।

Digitized by srujanika@gmail.com

୩୩ । ମଣିଷ ସ୍ନେହ ହଆଦେଇ,
ଗୋରୁ ସ୍ନେହ ଲହାଲେହ ।

୩୨ । ଯାହା ମନ ଯାହାଠି ରସେ,
ପୋକସୁଦା ଫୁଲେ ଭଅଁର ବସେ ।

୩୪ । ପରୁର ସୁନା ଦଣ୍ଡିକ, ଗିମିଳ ତୁଲା ମାଣ୍ଡିକ,
ଘଣ୍ଟୀ ସାଙ୍ଗେ ପୀରତ କଲେ ନତ ଯାଉଥିବ ଫାଣ୍ଡିକ ।

ବନ୍ଧୁବାନ୍ଧବ ଓ ସାଇପଡ଼ଶା

୧ । ଆଲଆ ଲେଖାରେ ବାଲଆ ବନ୍ଧୁ । (ଲେଖାଯୋଖାରେ ଦୂର ସମ୍ପର୍କୀୟ ବନ୍ଧୁ ।)

୨ । ଆସ ଯା ନ କଲେ ବନ୍ଧୁ ପର ।

୩ । ଗାଁ ପରଗୁଣ ଧୋବାତୁଠରୁ ହସେ, ବନ୍ଧୁ ପରଗୁଣ ଅଧବାଟରୁ ହସେ, ଘରଯା ପରଗୁଣ ନତପ୍ରତ ଘସେ, ବୋହୂ ପରଗୁଣ ନତ ପରଷେ, ଶାଶୁ ପରଗୁଣ ପାଖରେ ବସେ, ପୁଅ ପରଗୁଣ ବାପକୁ ପୋଷେ ।

୪ । ଦାଏ ବଇରଠାରୁ ବଇର ନାହିଁ, ଦାଏ ବନ୍ଧୁଠାରୁ ବନ୍ଧୁ ନାହିଁ ।

୫ । ଦୂର ପର୍ବତ ସୁନ୍ଦର, ଦୂର ବନ୍ଧୁ ସୁନ୍ଦର । (ପର୍ବତର ଖାଲ-ଢିପ ଭଳି ମନୁଷ୍ୟର ଦୋଷ-ଦୁର୍ବଳତା ଜଣାପଡ଼େ ନାହିଁ ।)

୬ । ଦୂରେ ଥିଲେ ପଚ୍ଚରୁଥାଏ, ପାଖକୁ ଅଇଲେ କଥା ନ କହେ ।

୭ । ଦୂର ଲୋକ ପୂର ଖାଏ, ପାଖ ଲୋକ ବାସନା ପାଏ । (ସାନ୍ନିଧ୍ୟ ହେତୁ ଆଦର ଅଭ୍ୟର୍ଥନାରେ ଅବହେଳା ଦେଖାଏ ।)

୮ । ଧୋବା ସଙ୍ଗାତ, ଭଣ୍ଡାର ମିତ—ସଖି ଗୋ, ମନ୍ଦ ଏ ।

୯ । ନଈ ହଏ ଥଳ, ବନ୍ଧୁ ହଏ ବଳ ।

୧୦ । ପଡ଼ଶା ଆଗରେ ଘୃତର । (ଅବାଞ୍ଛନୀୟ, କାରଣ ପଡ଼ଶା ସବୁ ଜାଣେ ।)

୧୧ । ପଡ଼ଶା ନ ଥିବ ଯେଉଁଠି, ଡମ କାଢ଼ିବୁ ସେଇଠି । (ପ୍ରତିବେଶୀ ଗୃହର ସବୁ ହାଲଚାଲ ଉତ୍ତମ ରୂପେ ଜାଣିଥିବା ହେତୁ ବଢ଼େଇ କରି ବେଗି ଗୁଡ଼ାଏ କହିବା ଦ୍ୱାରା ମନୁଷ୍ୟ ହାସ୍ୟାସ୍ପଦ ହୁଏ ।)

୧୨ । ଯହିଁ ନ ଥିବ ରକତ ମିଶା, ତହିଁ ନ ଥିବ ସାଇପଡ଼ଶା । (ଯେଉଁ ଗ୍ରାମରେ ଆପଣାର କୁଟୁମ୍ବ ନ ଥାନ୍ତି, ସେ ଗ୍ରାମର ପଡ଼ୋଶୀମାନେ ନିଜର ହୋଇପାରନ୍ତି ନାହିଁ ।)

Digitized by srujanika@gmail.com

୧୩ । ଯେତେ ବନ୍ଧୁ ସବୁ କାତର (ସ୍ୱାମୀ) ତଳ । (ସ୍ୱାମୀ ହିଁ ନାରୀର ସର୍ବଶ୍ରେଷ୍ଠ ବନ୍ଧୁ ।)

୧୪ । ଯେବେ ଥିବ ଅଣ୍ଟାରେ ବଳ, ସଙ୍ଗାତ ମିତ ତା' ଦୁଆରେ ଠୁଳ । (ଧନ ଥିବାଯାଏ ବନ୍ଧୁବାନ୍ଧବର ଅଭାବ ରହେ ନାହିଁ ।)

୧୫ । ମୋତେ ନ ଅଣ୍ଟଇ ସାତକୁଳ, ଯାଇ ପଡ଼ୋଶୁଣୀ କଏ କଲ ?

୧୬ । ଯେବେ ପୂରଥାଇ ଡୋଲ, ସୁସାର ବଚନ ବୋଲ । (ଧନ ପାଇଲେ ସମସ୍ତେ ମଧୁର କଥା କହନ୍ତି ।)

୧୭ । ଶିଖ ଶିଖ ଯାଇପଡ଼ଶାରୁ ଶିଖ ।

୧୮ । ବଳଦ ପରଖ ବାଳ; ବନ୍ଧୁ ପରଖ ଦୁଃଖ ପଡ଼ିଲେ, ସଉଦା ପରଖ କାଳ ।

୧୯ । ପାଣିମାଠିଆର କମ, ମାଗନ୍ତା ଲୋକର ଭମ, ପଡ଼ଶା ଆଗରେ ଢମ, ପୋକଖିଆ ମୁଗଚମ, ବୋଲେ ଦନାଇ ଏ କେଉଁ ତାରତମ ।

୨୦ । ଦୂର ବନମାଳୀ ନିକଟ ବନା; କାହିଁ ଘର କାହିଁ ଚଉଦସୀମା । (ଦୂର ବନ୍ଧୁ ସୁନ୍ଦର ଦେଖ ।)

୨୧ । ମୋତେ ନ ଅଣ୍ଟେ ସାତ ଯାଇ ଗୋବର,
ପଡ଼ଶାଘରକୁ ଦେଉଛୁ ବଡ଼ ମହୁର ।

ବାଣିଜ୍ୟ ବ୍ୟବସାୟ

୧ । ଅଜାଡ଼ ଜ ବଣିଜ ଅଡ଼ୁଆ । (ଯାହାର ଯେଉଁଥିରେ ପ୍ରବେଶ ନାହିଁ, ସେ ତାହା ପାରେ ନାହିଁ ।)

୨ । ଅଟକେଲା ବଣିଆ ସଉଦା ଦଏ । (ଦୋକାନୀର ପଇସା ଗରାକଠାରେ ବାକି ଥିଲେ ସେ ବାକି ପଇସା ଆଦାୟ କରିବା ଆଶାରେ ବାକିଦାରକୁ ପୁଣି ସଉଦା କାଳରେ ଦଏ ।)

୩ । କାଣି କଉଡ଼ିକ ପିଠା ତାଳ, ଯିଏ ଆଙ୍କୁ ଦେଉଥିବ ରାଜକାଳ । (ଅନ୍ଧାରରେ ଠକିବା ସହଜ ।)

୪ । ଖଣ୍ଡିଏ ଧାନରେ ଉଣେଇଶ ତାମ୍ବି ପୋଲ, ଆଉ ତାମ୍ବିକ ଗୋଡ଼ମାଡ଼ି । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ଅସାଧୁ ଧାନ-ବ୍ୟବସାୟୀ ପ୍ରତି ପ୍ରଯୁଜ୍ୟ କଟାକ୍ଷ-ବଚନ ।)

୫ । ଗ୍ରୀଷ୍ମ ଭରତର ବଣିଜ ମଠ । (ବ୍ୟବସାୟ-ବାଣିଜ୍ୟରେ ଉନ୍ନତ କରିବାକୁ ସମୟ ଲାଗେ ।)

Digitized by srujanika@gmail.com

୬ । ତାମ୍ବି ସାନ, ବାଣ (ଖାଉ) ଟାଣ, କାହିଁ ନ ମିଳଲେ ଅମୁକ ଦୋକାନରୁ ଆଣ । (କମ୍ ଓଜନର ଜିନିଷ ଚଢ଼ା ଦରରେ ବିକି କରୁଥିବା ବ୍ୟବସାୟୀ ପ୍ରତି କଟାକ୍ଷ-ବଚନ ।)

୭ । ଦୁଆରମୁହଁରେ କିଣିବ, ଦୁଆରମୁହଁରେ ବିକିବ । (ଆପଣା ଦୁଆରମୁହଁରେ କୌଣସି ଜିନିଷ କିଣିଲେ ଶସ୍ତାରେ ମିଳେ ଏବଂ ବିକିଲେ ଅଧିକ ମୂଲ୍ୟ ମିଳେ ।)

୮ । ଦେ କଉଡ଼ି ଖା ପିଠା, ଏଥିପାଇଁ କିଆଁ ଦାନ୍ତନକୁଟା । (ଉଚିତ ମୂଲ୍ୟ ବିନିମୟରେ କୌଣସି ବସ୍ତୁ କ୍ରୟ କରିବା ସ୍ଥଳରେ ବୃଥା ତୋଷାମୋଦ ଅନାବଶ୍ୟକ ।)

୯ । ଧାନ ସେରକ ପାଇଁ ସାଇକି ଗଲି, କୁଳିକ ଚାଉଳ କୁକୁରକୁ ଦେଲି । (ଅଳ୍ପ ଲାଭ ଆଶା କରି ବେଶି କ୍ଷତି ସହିବା ।)

୧୦ । ଧାନ ମାଣକ ପାଇଁ ଚାଉଳ ମାଣକ ଚଟିଆକୁ ଦେବା । (ଅଳ୍ପ ଲାଭ ପାଇଁ ବହୁତ କ୍ଷତି ସହିବା ।)

୧୧ । ଧାନହେଁସରୁ କାଉ ଅଣ୍ଟେ ନେବା ନ୍ୟାୟ । (ବହୁ ଧନରୁ ସାମାନ୍ୟ ଅପଚୟ ହେବା ।)

୧୨ । ବଣିକ ଭାଙ୍ଗିଲେ ମିଳଇ ମୂଳ, ଚାଷ ଭାଙ୍ଗିଲେ ଯାଏ ଦୁ'କୂଳ ।

୧୩ । ବିନା ସୂତାରେ ହାଟ କରିବା । (ମୂଳଧନ ନଥାଇ ଲାଭ ଉଠାଇବା ।)

୧୪ । ଅକାଳେ ସକାଳେ କଲି ବେଉସା, ମୁଣ୍ଡରେ ପଡ଼ିଲା କୁରାଢ଼ି ପଶା । (ବ୍ୟବସାୟରେ ଅନଭିଜ୍ଞ ବ୍ୟକ୍ତି ହଠାତ୍ ବ୍ୟବସାୟ କଲେ କ୍ଷତିଗ୍ରସ୍ତ ହୋଇଥାଏ ।)

୧୫ । ବୁଲେଇ ବିକିଲେ ମାଣିକ ଭେଣ୍ଡି । (ଯାଚି କରି ବିକିଲେ ମୂଲ୍ୟବାନ୍ ବସ୍ତୁର ମୂଲ୍ୟ ହ୍ରାସ ପାଏ ।)

୧୬ । ବେପାରିଆ କାନ୍ଧ ସବୁବେଳେ ଚକଚକ ।

୧୭ । ଆପେ ବଣିଜ, ପୁତେ ଚାଷ । (ବାଣିଜ୍ୟ-ବ୍ୟବସାୟର ଦାୟିତ୍ୱ ନିଜେ ଗ୍ରହଣ ନ କଲେ କ୍ଷତିର ସମ୍ଭାବନା ବହୁତ ବେଶି ।)

୧୮ । ଯାଚିଲେ ମାଣିକ ଭେଣ୍ଡି, ମାଗିଲେ କପାମଞ୍ଜି କଉଡ଼ି । (ଯାଚି ବିକିବା ଦ୍ୱାରା ମୂଲ୍ୟବାନ୍ ପଦାର୍ଥର ମୂଲ୍ୟ ହ୍ରାସ ହୁଏ ଏବଂ ଗ୍ରହୀତା ଥିଲେ ମୂଲ୍ୟହୀନ ବସ୍ତୁ ଚଢ଼ା ଦରରେ ବିକାଯାଏ ।)

୧୯ । ଆଜି ନଗଦ, କାଲି ବାକି । (ବ୍ୟବସାୟରେ ନଗଦ କାରବାର ଅଧିକ ଲାଭଜନକ ।)

୨୦ । ଗଉଡ଼ୁଣୀ ଆପଣା ଦହିକି ଖଟା କହେ କି ? (ନିଜର ପଦାର୍ଥ ଯେତେ ଖରାପ ହେଲେ ମଧ୍ୟ କେହି ଖରାପ ବୋଲି କହନ୍ତି ନାହିଁ ।)

୨୧ । ଗାଁ ବଳଦଆ ବିକାଏ ନାହିଁ, ଯଦି ବିକାଏ କଉଡ଼ି ନାହିଁ ।

Digitized by srujanika@gmail.com

୧୨ । ବଣିଆ ଜାଣଇ ବଣିକ ଭାବ, ଯେଉଁ ବଣିଜରେ ଯେତେ ଲାଭ ।

୧୩ । ଏଥରକ ଗାର, ଆର ଥରକୁ ଧାର । (ବ୍ୟବସାୟୀ ନଗଦ କାରବାର ଉପରେ ଜୋର ଦିଅନ୍ତି ।)

୧୪ । ବଣିଜ ମିଠା ହେଉଥିଲେ ଲାଭ, ନ୍ୟାୟ ମିଠା ଦୟା ତା ସଙ୍ଗେ ଥିବ ।

ବାଲ୍ୟ, ଯୌବନ ଓ ଜରା

୧ । କାନ୍ତହୀନ ନବଯଉବନ, ତା ଜୀବନଟା ବୃଥା; ମାତୃହୀନ ଶିଶୁ-ଜୀବନ ତା ଜୀବନଟା ବୃଥା ।

୨ । ଚଳଯାଉଥିଲେ ଲମ୍ବ ହେଉଥାଏ, ବୁଢ଼ୀ ହେଉଥିଲେ ଡମ ହେଉଥାଏ । (ଚଳିଯିବା ଲୁଗା ଲମ୍ବ ହେଲାଭଳି ବୁଢ଼ାକାଳରେ ଲୋକେ ପ୍ରୌଢ଼ି ପ୍ରଦର୍ଶନ କରିବାର ଦେଖାଯାଏ ।)

୩ । ଚୁଇଁ ଖଡ଼ା ଭାତକୁ ଅଡ଼ୁଆ, ବୁଢ଼ାବୁଢ଼ୀ ବାଟକୁ ଅଡ଼ୁଆ ।

୪ । ଛେଉଣ୍ଡକୁ ପାଳେ ବାପର ମା, ନଇଲେ ମା'ର ମା' । (ପିତୃମାତୃହୀନ ଶିଶୁକୁ ପିତାମହୀ ବା ମାତାମହୀ ପାଳନ କରନ୍ତି ।)

୫ । ତଳ ବରଡ଼ା ଖସୁଛୁ, ଉପର ବରଡ଼ା ହସୁଛୁ, ମଝି ବରଡ଼ା ଥାଇ ବୋଇଲା ମୋ ଦିନକାଳ ଆସୁଛୁ । (ବାର୍ଦ୍ଧକ୍ୟ, ଯୌବନ ଏବଂ ଶୈଶବ ଅବସ୍ଥା ସମ୍ବନ୍ଧରେ ଉପଲକ୍ଷ୍ୟ ।)

୬ । ଧନ ଯଉବନ ଜୁଆର ପାଣି, ସବୁବେଳେ ନ ଥାଏ ଉଜାଣି । (ଧନ ଓ ଯୌବନ ଉଭୟେ ଅଚିରସ୍ଥାୟୀ ।)

୭ । ନ ମରୁ ବାଳ ଜନନୀ, ନ ମରୁ ବୁଢ଼ା ଘରଣୀ । (ବାଲ୍ୟକାଳରେ ମାତାକୁ ହରାଇବା ସନ୍ତାନ ଏବଂ ବୃଦ୍ଧାବସ୍ଥାରେ ସ୍ତ୍ରୀହରାଇବା ବ୍ୟକ୍ତି ଅତ୍ୟନ୍ତ ଦୁଃଖ ପାନ୍ତି ।)

୮ । ନିଆଁ ପାଖରେ କି ଜଉ ରହେ ? (ଯୁବକ-ଯୁବତୀଙ୍କର ସହାବସ୍ଥାନ ସମ୍ବନ୍ଧରେ ଉକ୍ତି)

୯ । ପିଲାରେ ପିଲାରେ କଥାରେ ଦ୍ୱନ୍ଦ୍ୱ, ତରୁଣେ ତରୁଣେ କଥାରେ ଛନ୍ଦ,
ରସିକେ ରସିକେ କଥାରେ ହସ, ବୁଢ଼ାରେ ବୁଢ଼ାରେ କଥାରେ କାଶ ।

୧୦ । ବାଳ ପାଚଲେ ବୋଲନ୍ତି ମଉସା, ପଙ୍କ ଚପିଲେ ପାଆନ୍ତି ଗଣ୍ଡଶା ।

୧୧ । ବୁଢ଼ା ଶେଉଳକୁ ଚେଙ୍ଗ ଭୁଲାଏ । (ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ବୁଦ୍ଧି ଲୋପପାଏ ।)

Digitized by srujanika@gmail.com

୧୨ । ଭାତକୁ ଅଡ଼ୁଆ ଖଡ଼ା, ବାଟକୁ ଅଡ଼ୁଆ ବୁଢ଼ା ।

୧୩ । ଭାତ ମକ୍‌ମକାଏ କ ବୟସ ମକ୍‌ମକାଏ । (ଭାବଭଙ୍ଗୀ ଓ ଚାଲିଚଳନ । ସ୍ତ୍ରୀ ଓ ପୁରୁଷର ବୟଃପ୍ରାପ୍ତିର ସୂଚନା ଦିଏ ।)

୧୪ । ମୁଣ୍ଡବାଳ ଲମ୍ବ ଲମ୍ବ ପାଚିଲେ ଉପୁଡ଼ିଯାଏ, ଆଖିବାଳ ସାନ ବୁଢ଼ାକାଳେ ଶୋଭାପାଏ ।

୧୫ । କାକୁଡ଼ିଆ ଘାସକୁ ବୁଢ଼ା ବଳଦ ଛିଣ୍ଡାଇ ଖାଇପାରେ ନାହିଁ ।

୧୬ । ଖାଇଲେ ବୁଢ଼ା ବଅସର ହୁଏ । (ବୃଦ୍ଧକାଳରେ ସ୍ୱାସ୍ଥ୍ୟ ଖାଇବା ପିଇବା ଉପରେ ନିର୍ଭର କରେ ।)

୧୭ । ଦାରିଦ୍ର୍ୟ ଘୋଟଇ ଯୁବା ବୟସ, ଦୁଃଖୀ ଦେଖିଲେ ଯେ କରେ ନିର୍ଘଣ,
ବୁଦ୍ଧି ବୋଲଣ ତାହାଙ୍କୁ କହୁ, କହେ ଦନାଇ ଏ ନିନ୍ଦା ନୁହଇ ।

୧୮ । ଟୋକାଙ୍କୁ ସୁନ୍ଦର ବସନ୍ତ ପଞ୍ଚମୀ, ଟୋକୀଙ୍କୁ ସୁନ୍ଦର ନେତ,
ବୁଢ଼ୀଙ୍କି ସୁନ୍ଦର ରାଇ ଦାମୋଦର, ବୁଢ଼ାଙ୍କୁ ସୁନ୍ଦର ଗୀତ ।

୧୯ । ନୁଖୁରା ମୁଣ୍ଡରେ ମହଣ, ବୁଢ଼ୀ ସୁହାଗୀ ଦେଖିବୁ କଣ ?

୨୦ । ଯାହା ନୋହୁଛୁ ବାଳକାଳେ, ତାହା ନୋହିବ ପାଚିଲା ବାଳେ ।

୨୧ । ଯୁବତୀ ନାରୀକି ବାପଘର ପିତା, ଟୋକୀଙ୍କୁ ପିତା ଯେ ବୁଢ଼ା ଘଇତା ।

୨୨ । ସତୁରି, ତେଜଯାଏ ଉତୁରି; ଅଶୀ, ପିଣ୍ଡାରେ ରହେ ବସି;
ନବେ, ଆରପୁର କଥା ଭାବେ; ଶଏ, ଆଖିରୁ ଲେଞ୍ଜରା ବହେ ।

୨୩ । ଅଶୀ ବରଷରେ ହେଉ ନାଶଯାଏ, କଷି ନାଶ ଯାଏ କୁହୁଡ଼ି ପାତେ;
ବସି ଖାଇଲେ ଧନ ନାଶ ଯାଏ, ଶସ୍ୟ ନାଶ ଯାଏ ହାତୁଁ ଦିହାତେ ।

୨୪ । କାଣୀ କୁଜୀ କଣ ଦେଇବ ଝିଅ;
ବଅସ ଅଇଲେ ଶୁହିବ ଦିହ ।
(ଯୌବନରେ ଅତି କୁତ୍ସିତ ନାରୀ ମଧ୍ୟ ସୁନ୍ଦର ଦିଶେ ।)

୨୫ । ବଅସ ମାଇପ ବଇରୀ । ବଳ ବୟସ ଥିଲାବେଳେ, ମହାନଦୀ ଯିବ ପହଁରି ।

୨୬ । ଲିପିଲେ ପୋଛିଲେ କୁଡ଼ ସୁନ୍ଦର,
ଖାଇଲେ ପିଇଲେ ବୁଢ଼ ସୁନ୍ଦର ।

୨୭ । ଲେଉଟିଆ ଶାଗ ପଟାଳି ପଟାଳି, ତହିଁ ମାଡ଼ିଗଲା କାକର
ମୁଁ ତ ଅଟଇ ଯୁବା ବୟସୀ, କେତେ ରହୁଁଥାଅ ନାଗର ।

୨୮ । ଭୋକେ ସୁଆଦ, ବୟସ ସୁନ୍ଦର ।

(ଭୋକ ବେଳେ ସବୁ ସୁଆଦ ଲଗେ ଏବଂ ଯୌବନରେ ସମସ୍ତେ ସୁନ୍ଦର ଦିଶନ୍ତି ।)

୨୯ । ଯୁବତୀ କନିଆକୁ ବୁଢ଼ା ବର, ଧରି ମାରି ବାନ୍ଧ କର ।

Digitized by srujanika@gmail.com

ବିଶେଷୋକ୍ତି

୧। ଅଠାକାଣ୍ଡିଆରେ ପକାଇବା ।

୨। ଅଠାକାଠିରେ ପଡ଼ିବା । (କେଳା ପକ୍ଷୀ ଧରିବା ପାଇଁ ଯେଉଁ ନଳ ବ୍ୟବହାର କରେ, ତାର ଅଗ୍ରଭାଗରେ ଏକ ଅଠାଯୁକ୍ତ କାଠି ଥାଏ । ପକ୍ଷୀର ପର ସେହି କାଠିରେ ଲାଗିଯିବାରୁ ସେ ଆଉ ଉଡ଼ି ନ ପାରି ଅଟକିଯାଏ । ତଦ୍ରୂପ କୌଣସି ବିଷମ ପଡ଼ିବା ।)

୩। ଅଧ ନଈକୁ ପେଲିଦେବା । (କୌଣସି ବ୍ୟକ୍ତିକୁ ଅତର୍କିତଭାବରେ ବିପଦରେ ପକାଇବା ।)

୪। ଅନ୍ଧ ଥରେ ବାଡ଼ି ହଜାଏ । (ଦ୍ୱିତୀୟ ଥରକୁ ସେ ସାବଧାନ ହୋଇଯାଏ ।)

୫। ଆଲୁଆ ଭଳିବା । (କିଂକର୍ତ୍ତବ୍ୟ-ବିମୂଢ଼ ହେବା ।)

୬। ଆଲ୍ ବୋଇଲେ କାଲ୍ ଶୁଭିବା । (ଏକ ବିଷୟ କହିଲେ ଅନ୍ୟ ବିଷୟ ଶୁଣାଯିବା ।)

୭। ଉପରୁମୁହାଁ ଓଟ । (ଉଦ୍ଧତ ସ୍ୱଭାବଯୁକ୍ତ ।)

୮। ଅକଲ ଗୁଡ଼ୁମ୍ ହେବା । (ବୁଦ୍ଧି ନ ଦିଶିବା)

୯। ଅଠର ଶହ ବାଆଷଠିଆ । (ଅତ୍ୟନ୍ତ ପୁରୁଣାକାଳିଆ ।)

୧୦। ଶାଗିକ ଲୋଭ, ପେଡ଼ିକ ଲୋଭ ।

୧୧। କୋଶଳା କଅଁରିକ ମେଘନାଦ ପାଚେରି ।
(ଅତି ସାମାନ୍ୟ କାର୍ଯ୍ୟ ପାଇଁ ବିରାଟ ଆୟୋଜନ ।)

୧୨। ଠିଆ ହୋଇ ଗୋଡ଼ ଲମ୍ବାଇଲେ କଣ୍ଟୁଡ଼ ପଡ଼ିବା ସାର ।

୧୩। ଫମ୍ପା ମାଠିଆର ଶବ୍ଦ ବେଶୀ ।
(ଇଂରାଜୀ ପ୍ରବଚନର ଅନୁବାଦ—ନିର୍ଗୁଣ ଲୋକ ବେଶି ପାଣ୍ଡିତ୍ୟ ଜାହିର କରିଥାଏ ।)

୧୪। ଫୁଲ ମହିରଗରେ ଶିମିଳି ଫୁଲ ଗଛ । (ଶିମିଳି ଫୁଲ ସୁଗନ୍ଧହୀନ ।)

୧୫। ବଳେ ନ ସାଧିଲେ କଳେ ସାଧିବ । (କଳ-କୌଶଳ)

୧୬। ବାନ୍ଧଲା ଘୋଡ଼ା ଘାସ ଖାଏ । (ବାଧ୍ୟ ହୋଇ)

୧୭। ମଡ଼ା ଉପରେ ଚଉଆର । (ଅନାବଶ୍ୟକ)

୧୮। ମୁହଁ ସମ୍ଭାଳି କଥା କହିବା । (ବାକ୍ୟରେ ସଂଯମ ଆଚରଣ କରିବା ।)

୧୯। କୁହାମୁଣ୍ଡା କପିଳା । (କୁହାଳିଆ ଲୋକ ।)

Digitized by srujanika@gmail.com

୨୦ । ଗଧ ଚନ୍ଦନକାଠ ବୋହିବା ।
(ଗଧ ଚନ୍ଦନକାଠର ମର୍ଯ୍ୟାଦା ନ ଜାଣିବା ପରି ଅଯୋଗ୍ୟ ବ୍ୟକ୍ତି ମୂଲ୍ୟବାନ୍ ବସ୍ତୁର ଦାୟିତ୍ୱ ଗ୍ରହଣ କରିବା । (ସଂସ୍କୃତ ପ୍ରବଚନର ଅନୁବାଦ ।)

୨୧ । ଗଙ୍ଗାଜଳ ନେଇ ଗୋବର ଗାଡ଼ିଆରେ ପକାଇବା । (ମୂଲ୍ୟବାନ୍ ବସ୍ତୁର ଅପବ୍ୟବହାର ।)

୨୨ । ଆଖି ଥାଉଁ ଥାଉଁ ଅନ୍ଧ । (ଅନ୍ୟମନସ୍କତା ହେତୁ ଦେଖି ନ ପାରିବା ।)

୨୩ । ଆଖି ଛୁଇଁ କହିବା । (ଶପଥ କରିବା)

୨୪ । ଆଖି ନ ଫିଟୁଣୁ ମହାଭାରତ । (ଅତି ବାଲ୍ୟବୟସରୁ ବଡ଼ ବଡ଼ କଥାରେ ମୁଣ୍ଡ ପୁରାଇବା ।)

୨୫ । ଆମ୍ବ କଆଁରରେ ପଶିବା । (ସବୁ ଆମ୍ବ ଗଛ ସମାନ ଦେଖି କେଉଁଟି ନେବ ନିର୍ଣ୍ଣୟ କରି ନ ପାରିବା ।)

୨୬ । ଆଜିର ମନ୍ତ୍ର କାଲିକ ବଇଦ । (ଅଭିଜ୍ଞତାରୁ ଶିକ୍ଷାଲାଭ କରି ଯେକୌଣସି ବିଷୟରେ ଅଭିଜ୍ଞ ହେବା ।)

୨୭ । ଆରେ ଭମଣା, ବୁଲି ବୁଲି କରି ସେହି ଅଗଣା । (ଏକ ବିଷୟର ପୁନରାବୃତ୍ତି ।)

୨୮ । ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା । (ଏକ ବିଷୟ ଅନୁସନ୍ଧାନ କରୁ କରୁ ଅନ୍ୟ ଏକ ଗୂଢ଼ ରହସ୍ୟ ପ୍ରକାଶ ପାଇବା ।)

୨୯ । ଇନ୍ଦ୍ର-ଚନ୍ଦ୍ର ନ ମାନିବା । (ଗର୍ବରେ ସ୍ଫୀତ ହୋଇ ଅନ୍ୟମାନଙ୍କୁ ବେଖାତିର କରିବା ।)

୩୦ । ଉଠ କହିଲେ ଉଠିବା, ବସ୍ କହିଲେ ବସିବା । (ଆଜ୍ଞାନୁବର୍ତ୍ତୀ ହେବା ।)

୩୧ । ଊଣେଇଶି ବିଶ୍ ତଫାତ୍ । (ଅତି ସାମାନ୍ୟ ପ୍ରଭେଦ ।)

୩୨ । ଏ କାନରେ ପଶି ସେ କାନରେ ବାହାରିଯିବା । (ମନୋଯୋଗ ଦେଇ ନ ଶୁଣିବା କିମ୍ବା କଥା ଅନୁଯାୟୀ କାର୍ଯ୍ୟ ନ କରିବା ।)

୩୩ । ଏ କାନରୁ ସେ କାନ ନ ହେବା । (ଗୁପ୍ତ ରଖିବା ।)

୩୪ । ଏକା ମାଘକେ ଶୀତ ଯାଏ ନାହିଁ ।
(କୌଣସି ଅସୁବିଧା ସବୁଦିନ ପାଇଁ ଏକାବେଳକେ ଦୂର ହୋଇଯାଏ ନାହିଁ ।)

୩୫ । ଏକା ଲାଉର ମଞ୍ଜି । (ସମାନ ସ୍ୱଭାବବିଶିଷ୍ଟ ବ୍ୟକ୍ତି ।)

୩୬ । ଏକା ତୁଣ୍ଡରେ ଉଆ ଉସୁନା । (ଜଣେ ଲୋକ ଗୋଟିଏ ପ୍ରକାର କଥା କହି ଭିନ୍ନ ସମୟରେ ସମ୍ପୂର୍ଣ୍ଣ ଭିନ୍ନ ମତପୋଷଣ କରିବା ।)

୩୭ । ଏକା ଢେଳାରେ ଯୋଡ଼ାଏ ଆମ୍ବ ଝଡ଼ାଇବା । (ଏକସଙ୍ଗରେ ଦୁଇଟି କାର୍ଯ୍ୟ ସାଧନ କରିବା ।)

Digitized by srujanika@gmail.com

୩୮ । ଏକୁ ଆରେକ ବଳିଆର । (ଯେଉଁଠି ଜଣେ ଅନ୍ୟ ଜଣକଠାରୁ ଅଧିକ ଶକ୍ତିଶାଳୀ ।)

୩୯ । ଏଣ୍ଡ ମାଇଲେ ଗୋହତ୍ୟା, ତେଣ୍ଡ ମାଇଲେ ବ୍ରହ୍ମହତ୍ୟା । (ଦୋ-ଘାଇ ବା ଦୋ-ସନ୍ଧରେ ପଡ଼ି କର୍ତ୍ତବ୍ୟ ନିର୍ଣ୍ଣୟରେ ଅକ୍ଷମ ହେବା ।)

୪୦ । ଏ ପୁନିଅଁରେ ସେ ପିଠା ନାହିଁ । (କୌଣସି ବସ୍ତୁ ଉପସ୍ଥିତ ଘଟନାରେ ଅନୁପଯୋଗୀ ହେବା ସ୍ଥଳେ କୁହାଯାଏ ।)

୪୧ । କଟା ଘା'ରେ ଚୂନ (ଲୁଣ) । (କଷ୍ଟ ବା ଅପମାନ ଉପରେ ଆହୁରି ଅପମାନ ବା ଯନ୍ତ୍ରଣା ଦେବା ।)

୪୨ । କଣ୍ଠ କୋଇଲି ମଳଦ୍ୱାର । (ଅତ୍ୟନ୍ତ କର୍କଶ କଣ୍ଠ ।)

୪୩ । କନ୍ୟା ଦେଖା ବାଇଗଣ ବିକା ଏକା ହାଟରେ ହେବା ନ୍ୟାୟ । (ଏକ ସ୍ଥାନକୁ ଯାଇ ଦୁଇ ଉଦ୍ଦେଶ୍ୟ ସାଧନ କରିବା ।)

୪୪ । ଏକସଙ୍ଗରେ ଦୁଇଟି ଚଢ଼େଇ ମାରିବା । (ଇଂରାଜୀ ପ୍ରବଚନର ଅନୁବାଦ । ଏକା ସାଧନରେ ଦୁଇଟି ଉଦ୍ଦେଶ୍ୟ ସାଧନ କରିବା ।)

୪୫ । କପାଳରେ କାଉ ଉଡ଼ିବା । (ଭାଗ୍ୟ ଖରାପ ହେବା ।)

୪୬ । କାଉ ବସାରେ ଡମଣା । (ଶାନ୍ତିପ୍ରିୟ ବ୍ୟକ୍ତି ଘରେ ଗୋଳମାଳ କରିବା ।)

୪୭ । କାକର ଧରି ଘଡ଼ା ପୁରାଇବା । (ବୃଥା ଚେଷ୍ଟା ।)

୪୮ । କାନ୍ଧରେ ଯୁଆଳି ଚଢ଼ିବା । (ଦାୟିତ୍ୱ ଗ୍ରହଣ କରିବା ।)

୪୯ । କାଠିକର ପାଠ । (ଯାହା ଅତ୍ୟନ୍ତ କଷ୍ଟସାଧ୍ୟ ।)

୫୦ । କାଠି ପାଞ୍ଚଣ ଛୁଆଁଇ ନ ଦେବା । (କୌଣସି ଅଧିକାର ନ ଦେବା ।)

୫୧ । କାନମୁଣ୍ଡ ଆଉଁସି ଘରକୁ ଫେରିଯିବା । (କୌଣସି ବ୍ୟକ୍ତିଠାରୁ ଲାଭ ପାଇବା ଆଶାରେ ଆସି ହତାଶ ହୋଇ ଫେରିଯିବା ।)

୫୨ । କାନରେ ଗଣ୍ଠି ପକାଇବା । (ସଂକଳ୍ପ କରିବା ।)

୫୩ । କାନ କାଟିଲେ ବଚନ ନ ବାହାରିବା । (ଧୀର ସ୍ଥିର ବ୍ୟକ୍ତି ପ୍ରତି ପ୍ରଯୁଜ୍ୟ ବଚନ ।)

୫୪ । କାନରେ ତେଲ ପକାଇବା । (ନ ଶୁଣିଲେ ଏହା କୁହାଯାଏ ।)

୫୫ । କାଲ ଆଗରେ ମୂଳା ଖ୍ୱାଇବା ନ୍ୟାୟ । (ମୂଳା ଖ୍ୱାଇବାର ଶବ୍ଦ କାଲକୁ ଶୁଭେ ନାହିଁ । ସେହିପରି ଯେଉଁଥିରେ ଯାହାର ପ୍ରବେଶ ନାହିଁ ସେ ସମ୍ବନ୍ଧରେ ତାହା ଆଗରେ କହିଲେ ସେ କିଛି ବୁଝେ ନାହିଁ ।)

୫୬ । କାଲ ଠାର କାଲ-ମା' ଜାଣେ । (ଯାହା ସାଙ୍ଗରେ ଯେ ସର୍ବଦା କାରବାର କରୁଥାଏ, ସେ କିଛି ନ କହିଲେ ମଧ୍ୟ ଭାବଭଙ୍ଗୀରୁ ତାର ଉଦ୍ଦେଶ୍ୟ ଓ କାର୍ଯ୍ୟ ଉତ୍ତମ ରୂପେ ବୁଝିପାରେ ।)

୫୭ । କୁଆଡ଼କା ପାଣି କୁଆଡ଼େ ଯାଉଛି ଦେଖ । (ଘଟନାର ଗତି ଲକ୍ଷ୍ୟ କରିବା ।)

୫୮ । କୁଣକୁ ମୋଟ, ବେଣାକୁ ସରୁ । (ଯାହା ଯେଉଁଥିକି ଯୋଗ୍ୟ ନୁହେଁ ।)

Digitized by srujanika@gmail.com

୫୯ । କୁସୁମ ପରଶେ ପଟ ଗ୍ରନ୍ଥରେ । (ଫୁଲର ସାହଚର୍ଯ୍ୟ ହେତୁ କଦଳୀ ପାଟୁକା ଭଗବାନଙ୍କ ମସ୍ତକରେ ସ୍ଥାନ ପାଇବାପରି ମହତ୍ତ୍ୱ ଲୋକର ସଙ୍ଗ ହେତୁ ନୀଚ ଲୋକ ମଧ୍ୟ ଉଚ୍ଚ ସ୍ଥାନ ପାଏ ।)

୬୦ । କୁମ୍ଭଡ଼ ପହଁରିବା । (କୁମ୍ଭଡ଼ ପହଁରିବାକୁ ଚେଷ୍ଟା କରି ଲୋକ ଯେପରି ବୁଡ଼ମ୍ବିତ ହୁଏ, ସେହିପରି ବୃଥାରେ ଭ୍ରମି ହେବା ।)

୬୧ । କୂଅ-ବେଙ୍ଗ । (କୂଅରେ ଥିବା ବେଙ୍ଗପରି ବାହାର ଦୁନିଆର ଖବର ରଖୁ ନ ଥିବା ସଙ୍କୀର୍ଣ୍ଣଚେତା ଲୋକ ।)

୬୨ । କଲା କନା ବୁଲାଇବା । (ସର୍ବସ୍ୱ ଲୁଟିନେବା ।)

୬୩ । କେଉଁ ଗାଈର ଗୋବର । (ଅତି ସାଧାରଣ ବ୍ୟକ୍ତି ।)

୬୪ । କେରାଣ୍ଡି ଗୁଣ୍ଡି ଶେଉଳ ଧରିବା । (ଅଧିକ ଲାଭ ଆଶାରେ ପ୍ରଥମେ କିଛି ବ୍ୟୟ ବା ତ୍ୟାଗ କରିବା ।)

୬୫ । କୋଡ଼ିକରେ ବୋଡ଼ିଏ ସତ । (ଯେଉଁ କଥାର ବେଶି ଭାଗ ଅସତ୍ୟ ।)

୬୬ । କୋଟିକରୁ ଗୋଟିଏ ଊଣା । (କୋଟିକରୁ ଗୋଟିଏ କମ୍ କରିବା, କମ୍ ନକରିବା ସଙ୍ଗେ ସମାନ ।)

୬୭ । କୋଳି ଖାଇ କୋଳି ମଞ୍ଜି ପୋତିବା । (କୌଣସି ପଦବୀ ବା ସ୍ଥାନରେ ପୁରୁଷାନୁକ୍ରମେ ଚିରକାଳ ରହିବାର ଆଶା ପୋଷଣ କରିବା ।)

୬୮ । ଖଡ଼ା ବଡ଼ି ଥୋଡ଼, ଥୋଡ଼ ବଡ଼ି ଖଡ଼ା । (ଏକ ବିଷୟର ପୁନରାବୃତ୍ତି ।)

୬୯ । ଖଡ଼ିକ ନୁହେଁ କି ପେଡ଼ିକ ନୁହେଁ । (ଯାହା କୌଣସି କାର୍ଯ୍ୟରେ ଲାଗିପାରିବ ନାହିଁ ।)

୭୦ । ଖଣ୍ଡାଧାରରେ ଚାଲିବା । (ନ୍ୟାୟ ଅନ୍ୟାୟ ପ୍ରତି ତୀକ୍ଷ୍ଣଦୃଷ୍ଟି ରଖି ଚାଲିବା ।)

୭୧ । ଖତଗଦାକୁ ଆଖି ଦେବା । (ଘୃଣ୍ୟ ଜଘନ୍ୟ ବସ୍ତୁ ପ୍ରତି ଲାଳାୟିତ ହେବା ।)

୭୨ । ଖତଗଦାରେ ପଦ୍ମ ଫୁଟିବା । (ଅନୁନ୍ନତ, ଅଶିକ୍ଷିତ ପରିବାର, ଗ୍ରାମ ବା ଅଞ୍ଚଳରେ ଅସାଧାରଣ ଗୁଣସମ୍ପନ୍ନ ପ୍ରତିଭାବାନ୍ ବ୍ୟକ୍ତିର ଆବିର୍ଭାବ ।)

୭୩ । ଖାଇବା ପତରରେ ଧୂଳି ଦେବା । (କୌଣସି ବ୍ୟକ୍ତିର ଜୀବିକାରେ ବାଧା ଦେବା ।)

୭୪ । ଖୋଜିବା ବାଟ ହଜାରେ, ହଜିବା ବାଟ ଗୋଟିଏ । (କୌଣସି ବସ୍ତୁ ହଜିଗଲେ ଲୋକ ନାନା ସ୍ଥାନରେ ଅନୁସନ୍ଧାନ କରିଥାଏ ।)

୭୫ । ଖୋଳ ପର୍ବତ, ମାର ମୂଷା । (ସାମାନ୍ୟ ଫଳ ପାଇବା ପାଇଁ ବିଶେଷ ପରିଶ୍ରମ ବା ଆୟୋଜନ କରିବା ।)

୭୬ । ଗଛରୁ ପଡ଼ିଲା ମଲା ନ୍ୟାୟ । (ସଫା ସଫା କଥା)

୭୭ । ଗଜଦନ୍ତରେ ସୁନାଗୁଆଣି । (ଦୁଇଟି ମୂଲ୍ୟବାନ୍ ପଦାର୍ଥ ବା ବସ୍ତୁର ମିଳନ ।)

Digitized by srujanika@gmail.com

୭୮ । ଗଲା ମଲା ଏକା କଥା । (ନିରୁଦ୍ଦିଷ୍ଟ ବ୍ୟକ୍ତି ଓ ମୃତ ବ୍ୟକ୍ତି ଉଭୟ ସମାନ ।)

୭୯ । ଗଲା କଥା ଗଲାଣି । (ଅତୀତପାଇଁ ଅନୁଶୋଚନା ଅନୁଚିତ ।)

୮୦ । ଗାଣ୍ଡିମୁଣ୍ଡା ପିନ୍ଧିବା ଲୋକ ମୁଣ୍ଡିବାକୁ ବାଡ଼ ରଖିଥାଏ ।

୮୧ । ଗାର କାଟୁ କାଟୁ ଠ । (ବିନା ଆୟାସ ଓ ଉଦ୍ୟମରେ କୌଣସି କାର୍ଯ୍ୟ ହୋଇଯିବା ।)

୮୨ । ଗାଲ ଚିପିଲେ ଦୁଧ ବାହାରିବା ନ୍ୟାୟ । (ଅଳ୍ପ ବୟସ୍କ ବ୍ୟକ୍ତି ପ୍ରତି ବୟସ୍କମାନଙ୍କର ଆକ୍ଷେପୋକ୍ତି ।)

୮୩ । ଗାଲ ଫୁଲାଇବା । (ରୁଷ୍ଟହେବା)

୮୪ । ଗୁଡ଼ଘର ପିମ୍ପୁଡ଼ି ଖାଇଯିବା । (ଅତ୍ୟନ୍ତ ଜରୁରୀ ପରିସ୍ଥିତି ।)

୮୫ । ଗୁହର ଦୁଇପିଠି ସମାନ । (ଯାହା ନୀଚ ଓ ଘୃଣ୍ୟ ତାହାକୁ ଯେଉଁ ଦିଗରୁ ବିଗ୍ଭର କଲେ ମଧ୍ୟ ସେହି ଏକା କଥା ।)

୮୬ । ଗୋଟିଏ ଗୁଉଳରେ ଗଢ଼ା । (ସୁନ୍ଦର ନଖୁଣ ଚେହେରା ।)

୮୭ । ଗୋଟିଏ ଡେମ୍ଫର ଦୁଇଟି ଫୁଲ । (ରୂପ ଓ ଗୁଣରେ ଦୁଇଜଣ ସମାନ ହୋଇଥିଲେ ଏହି ଉପମା ଦିଆଯାଏ ।)

୮୮ । ଗୋଟିଏ ହାତରେ ତାଳି ବାଜେ ନାହିଁ । (କଳହ ବା ବିବାଦ ପାଇଁ ଦୁଇପକ୍ଷ ଲୋଡ଼ା ହୁଏ ।)

୮୯ । ଗୋଟିଏ ହାଟରେ କିଣି ଆଉ ଗୋଟିଏ ହାଟରେ ବିକ ଦେବା । (ଅତିଶୟ ବୁଦ୍ଧିମାନ୍ ଓ ସିଆଣା ଲୋକ ।)

୯୦ । ଗୋଡ଼ ଲମ୍ବାଇବା । (କୌଣସି ବସ୍ତୁ ଦେବା ବା କାର୍ଯ୍ୟ କରିବାପାଇଁ ଅତ୍ୟଧିକ ସର୍ତ୍ତ ଆରୋପ କରିବା ।)

୯୧ । ଗୋଦରା କୋଡ଼େ ଯେତେ, ମାଡ଼େ ସେତେ । (ଗୋଟିଏ ଦିଗରୁ କାର୍ଯ୍ୟରେ ଅଗ୍ରସର ହେଉଥିବାବେଳେ ନିଜର ଅସାବଧାନତା ବା ଅପାରଗତାବଶତଃ ସେଥିରେ ଅନ୍ୟ ଦୃଷ୍ଟିରୁ ବହୁ ଦୋଷତ୍ରୁଟି ରହିଗଲେ ଏହି ଉଦାହରଣ ଦିଆଯାଏ ।)

୯୨ । ଘଣ୍ଟ ଘୋଡ଼ାଇବା । (ନିଜର ସାହାଯ୍ୟ ସମର୍ଥନ ଦ୍ୱାରା ଅନ୍ୟକୁ ସକଳ ପ୍ରକାର ବିପଦ-ଆପଦରୁ ରକ୍ଷା କରିବା ।)

୯୩ । ଘଡ଼ିକେ ଘୋଡ଼ା ଛୁଟିବା । (ଘନ ଘନ ପରିବର୍ତ୍ତନ ଘଟିବା ।)

୯୪ । ଘାସ କାଟି ଯାଇ ପରିଗ୍ରପଣ । (ଅନଧିକାର ଚର୍ଚ୍ଚା ।)

୯୫ । ଚକେ ଗଲେ ବାରହାତ । (ଏକସମୟ କୌଣସି ପ୍ରକାରେ ଅତିକ୍ରମ କରିଗଲେ ପୁଣି କିଛିକାଳ ନିର୍ଦ୍ଦିଷ୍ଟରେ କଟିଯିବା ସମ୍ଭାବନା ।)

୯୬ । ଚଟୁ ଆଇଁଷ, ବେଣ୍ଟ ନିରାମିଷ । (ବସ୍ତୁର ଏକ ଅଂଶ ଦୋଷମୁକ୍ତ ହୋଇଥିବା ସ୍ଥଳେ ଅନ୍ୟ ଏକ ଅଂଶ ଦୋଷମୁକ୍ତ ହେବା ଭଳି ଅସମ୍ଭବ କଥା ।)

Digitized by srujanika@gmail.com

୯୭ । ଚଣ୍ଡୁ ଉପରେ ଟଣକର ଘା । (କଷ୍ଟ ଉପରେ ଆହୁରି କଷ୍ଟ ଦେବା ।)

୯୮ । ଚମ-ଉକୁଣି ପରି ଲାଗିରହିବା । (କୌଣସି ବିଷୟରେ ଜିଦ୍‌ଧରି ବସିବା ।)

୯୯ । ଚୁହିଁ ଜଳକା । (ଚୁହିଁକରି ମଧ୍ୟ ଦେଖି ନ ପାରିବା ।)

୧୦୦ । ଚିହ୍ନା ବ୍ରାହ୍ମଣର ପଇତା ଦରକାର ନାହିଁ । (ପରିଚିତ ଲୋକଙ୍କୁ ଚିହ୍ନିବା ପାଇଁ ବାହ୍ୟ ନିଦର୍ଶନ ପ୍ରୟୋଜନ ।)

୧୦୧ । ଚେମଡ଼ ଚଣ୍ଡ । (କଷ୍ଟସହିଷ୍ଣୁ ବ୍ୟକ୍ତି ।)

୧୦୨ । ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ ? (ନିଜକୁ ଅଜ୍ଞ ବୋଲି ଛଳନା କରୁଥିବା ବ୍ୟକ୍ତିକୁ ବୁଝାଇବା କଷ୍ଟକର ।)

୧୦୩ । ଚେଙ୍ଗ ରାଣୀକୁ ବେଙ୍ଗ ରାଣୀ । (ଦୁଇଜଣ ବ୍ୟକ୍ତି ପରସ୍ପରକୁ ଦେଖିନପାରିବା ସ୍ଥଳରେ ପ୍ରଯୁଜ୍ୟ ।

୧୦୪ । ଛଅକୁ ନଅ ଲଗାଇ କହିବା । (ଅତିରଞ୍ଜିତ କରି କହିବା ।)

୧୦୫ । ଛଣକୁ ଖେଣ୍ଟ, ପାଳକୁ ଲମ୍ବ । (ସାନବଡ଼ କୌଣସି କାମକୁ ନ ପାଇବା ।)

୧୦୬ । ଛଣ ନୁହେଁ କି ପାଳ ନୁହେଁ । (ଅଯୋଗ୍ୟ ବ୍ୟକ୍ତି ।)

୧୦୭ । ଛାଇକ ଛତା, ପାଣିକ ଜୋତା । (ବ୍ୟଙ୍ଗୋକ୍ତି—ଅନାବଶ୍ୟକ ବସ୍ତୁ ।)

୧୦୮ । ଛାଇକ ଛ' ନାତ ମାରିବା । (କାଳ୍ପନିକ ପଦାର୍ଥକୁ ବାସ୍ତବ ବୋଲି ମନେକରି ତାଉ ସାଧିବା ପାଇଁ ଚେଷ୍ଟା କରିବା ।)

୧୦୯ । ଛାଇ ପଡ଼ିଲେ ନାହିଁ ଡେଇଁବା । (ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ଘୋର ମତଭେଦ ଓ ମନୋମାଳିନ୍ୟ ଥିଲେ ଏହା କୁହାଯାଏ ।)

୧୧୦ । ଛୁଇଁଲେ ଛଅ ଘା । (ଯାହା ଏତେ ସୂକ୍ଷ୍ମ ଯେ ତାହାକୁ ଛୁଇଁବା ମଧ୍ୟ ବିପଜ୍ଜନକ ।)

୧୧୧ । ଛୁଞ୍ଚ ମାଛ ପରଖ । (ତନ୍ନତନ୍ନ କରି ପରୀକ୍ଷା କରିବା ।)

୧୧୨ । ଛେନାରୁ ଟେପା ଛଡ଼ାଇବା । (ଟିକିନିଖି ବିଷୟରେ ସୀମା ଅତିକ୍ରମ କରିବା ।)

୧୧୩ । ଛେପ ଛ'ନଣ୍ଡା ପକାଇବା । (କୁରୂପ ବା ଅସୁନ୍ଦର ବ୍ୟକ୍ତି ପ୍ରତି ଘୃଣା ପ୍ରକାଶ କରିବା ।)

୧୧୪ । ଛେଣ୍ଟ କାନ କୁଆଡ଼କୁ ପାଏ ନାହିଁ । (କୌଣସି ବିଷୟର ମୂଳ ଅଟକଳ କମ ହୋଇଗଲେ ତାହା କେଉଁ କାମକୁ ଆସେ ନାହିଁ ।)

୧୧୫ । ଛେଣ୍ଟା ଗୋଡ଼ ଖାଲରେ । (ନିଜର କୌଣସି ଶାରୀରିକ ବା ଚାରିତ୍ରିକ ଦୁର୍ବଳତା ହେତୁ ଅସୁବିଧାରେ ପଡ଼ିବା ।)

୧୧୬ । ଜର ବାଉଳାରେ ଡାଟିଆ କାମୁଡ଼ିବା । (ଜଣକ ଉପରେ ରାଗ କରି ଆଉ ଜଣକୁ ଦଣ୍ଡ ଦେବା ।)

୧୧୭ । ଜାଡ଼ୀଠାର ଜାଡ଼ୀ-ମା' ଜାଣେ । ('କାଳଠାରୁ କାଳ-ମା' ଜାଣେ' ଦେଖ ।)

Digitized by srujanika@gmail.com

୧୧୮ । ଜାଡ ଗଲା, ପେଟ ପୂରିଲା ନାହିଁ । (ଅବାଞ୍ଛନୀୟ କାର୍ଯ୍ୟ କରି ମଧ୍ୟ ଉଦ୍ଦେଶ୍ୟ ସିଦ୍ଧି ନ ହେବା ।)

୧୧୯ । ଜିଭ କାମୁଡ଼ି ପକାଇବା । (କୌଣସି ଅପ୍ରୀତିକର ବା ଅବାଞ୍ଛନୀୟ କଥା କହିବାକୁ ଯାଇ ନିଜକୁ ରୋକିନେବା ।)

୧୨୦ । ଜିଗରୁ ଗିଧ କାଢ଼ିବା । (ଖିନ୍‌ଭିନ୍ କରି ବିଗ୍ରହ କରିବା ।)

୧୨୧ । ଜିଗ ଫୁଟିଲେ ବାସ୍ନା ଆସିବା । (ଗୁପ୍ତକଥା ସହଜରେ ଜାଣିପାରିବା ।)

୧୨୨ । ଜୁଇ ଗାତକୁ ପେଲିଦେବା । (ଘୋର ବିପଦ ମୁଖକୁ ଠେଲିଦେବା ।)

୧୨୩ । ଝିଣ୍ଟିକା ମାରି ବଣି ପୋଷିବା । (ବଡ଼ ଜୀବ ଗୋଟିକୁ ପୋଷିବା ନିମିତ୍ତ ବହୁ କ୍ଷୁଦ୍ର ଜୀବ ହତ୍ୟା କରିବା ।)

୧୨୪ । ଟିକି ଚଢ଼େଇକି ବେସରବଟା । (ସାମାନ୍ୟ କାର୍ଯ୍ୟ ପାଇଁ ବିଶେଷ ଆୟୋଜନ ।)

୧୨୫ । ଠିଆ-ଠାକୁର (କିଛି କାର୍ଯ୍ୟ ନ କରି ଠିଆହୋଇ ରହିଥିବା ଆଳସ୍ୟପରାୟଣ ବ୍ୟକ୍ତି ପ୍ରତି ଆକ୍ଷେପୋକ୍ତି ।)

୧୨୬ । ଡମ୍ବ କାଞ୍ଜିଆ ହୋଇଯିବା । (ବିଶେଷ କ୍ଷତି ହେବା ।)

୧୨୭ । ଡହରେ ବିଲୁଆ ଡେଇଁବା ।

୧୨୮ । ଡହରେ ବାଇ ବାଇଗଣ ରୋଇବା । (ବଂଶ ଲୋପ ପାଇବା ।)

୧୨୯ । ଡିଙ୍କି ମୁଣ୍ଡରେ ଗୁହାଳ । (କୌଣସି କାର୍ଯ୍ୟ ବା ଘଟଣା ପରିସମାପ୍ତି ବା ଚରମରେ ପହଞ୍ଚିବା, ଅତ୍ୟନ୍ତ ଜରୁରୀ ପରିସ୍ଥିତି ।)

୧୩୦ । ଢୋକେ ପି, ଦଣ୍ଡେ ଜି । (ଅସ୍ଥାୟୀ ପ୍ରତିକାର ବା ଅବଲମ୍ବନ ଉପରେ ନିର୍ଭର କରି ଚଳିବା ।)

୧୩୧ । ଢୋଲ ଭିତରେ ମୂଷା । (ଗୋପନରେ ଆଖି ଆଢ଼ୁଆଳରେ ରହିଥିବା ଶତ୍ରୁ ବା ଦୁର୍ନୀତି ।)

୧୩୨ । ଢୋଲ ପିଟିବା । (ପ୍ରଚାର କରିବା)

୧୩୩ । ତନ୍ତୀ ଘରର କଣ୍ଡା । (କଣ୍ଡା ପରି ବାରମ୍ବାର ଏପଟ ସେପଟ ହେବା ।)

୧୩୪ । ତମ୍ବାପାତିଆରେ ମୁଣ୍ଡ ବାନ୍ଧିବା । (ତପସ୍ବୀ ହେବା ପାଇଁ ଦୁରାଶା ପୋଷଣ କରିବା ।)

୧୩୫ । ତଷୁ କୁଟିବା । (ଅସାର କାର୍ଯ୍ୟରେ ବୃଥାରେ ସମୟ ନଷ୍ଟ କରିବା ।)

୧୩୬ । ତାଳ ଗଛକୁ ବାଳ ଫୋପଡ଼ ମାରିବା । (ତାଳ ଭଳି ଡେଙ୍ଗା ଗଛକୁ ବାଳଭଳି ସରୁ ଓ ସୂକ୍ଷ୍ମ ଫୋପଡ଼ ମାରି ତାଳ ଝଡ଼ାଇବାର ଦୁରାଶା ।)

୧୩୭ । ତାଳୁରେ ତେନ୍ତୁଳିଆ ବିଛା କାମୁଡ଼ିବା । (ଘୋର ଚିନ୍ତାଗ୍ରସ୍ତ ହେବା)

୧୩୮ । ତନ ସେଣାରେ ପାଣି ଉଠିବା । (ବହୁ ଲୋକସାଧ୍ୟ ବିଷୟ ।)

Digitized by srujanika@gmail.com

୧୩୯ । ଢନକୁଣ୍ଡରେ ଛେଳି କୁକୁର । (ଏକାଧିକ ବ୍ୟକ୍ତି ସତ୍ୟକୁ ମିଥ୍ୟା, ଭଲକୁ ମନ୍ଦ ବୋଲି କହିଲେ ସଂସାରଲୋକେ ତାକୁ ମିଥ୍ୟା ବା ମନ୍ଦ ବୋଲି ଗ୍ରହଣ କରନ୍ତି ।)

୧୪୦ । ଢନପାଞ୍ଜିରୁ ଯିବା । (ସମସ୍ତ ଅବଲମ୍ବନ ହରାଇବା ।)

୧୪୧ । ଢଲକୁ ତାଲ କରିବା । (ସାମାନ୍ୟ ବିଷୟକୁ ବଡ଼ ବୋଲି ଚିତ୍ରଣ କରିବା ।)

୧୪୨ । ଢଲକୁ ତାଲ ପ୍ରଭେଦ । (ଅତି ଶ୍ରେଷ୍ଠ ଓ ବଡ଼ ଜିନିଷ ମଧ୍ୟରେ ପ୍ରଭେଦ ।)

୧୪୩ । ଢଲ ପକାଇବାକୁ ଠାବ ନାହିଁ । (ବହୁ ଲୋକଙ୍କର ସମାଗମ ବିଷୟରେ ଅତିରଞ୍ଜିତ ଉକ୍ତି ।)

୧୪୪ । ତୁଣ୍ଡ ସୁତୁଣ୍ଡ ହେବା । (କଥା କାର୍ଯ୍ୟରେ ପରିଣତ ହେବା ।)

୧୪୫ । ତେପନ ପୁରୁଷ ଉଖାଳିବା । (ପୂର୍ବପୁରୁଷଙ୍କର ଗୋତ୍ର ଖୋଳିବା ।)

୧୪୬ । ତେଲ ତେଲ, ପାଣି ପାଣି । (ଅସମାନଧର୍ମୀ ଦୁଇ ବ୍ୟକ୍ତିଙ୍କର ମିଳନ ଅସମ୍ଭବ ।)

୧୪୭ । ଥାଳି ମାରଦେଲେ ଥାଳି ଗଳିଯିବା । (ବହୁଲୋକ ସମାଗମ ।)

୧୪୮ । ଦଅଁ ଗଢ଼ୁ ଗଢ଼ୁ ମାଙ୍କଡ଼ । (ଭଲ କଥା କରୁ କରୁ ତାହା ଅପଦାର୍ଥରେ ପରିଣତ ହେବା ।)

୧୪୯ । ଦଅଁଙ୍କ ଅମୁଣିଆ । (ଦଅଁଙ୍କ ପାଇଁ ରଖାଯାଇଥିବା ଭୋଗ ପରି ଯାହା ସ୍ପର୍ଶ କରିବା ନିଷିଦ୍ଧ ।)

୧୫୦ । ଦ' ଆଖିରେ ଦେଖି ନ ପାରିବା । (ବୈରଭାବ ପୋଷଣ କରିବା ।)

୧୫୧ । ଦ' ମୁଣ୍ଡ ସମାନ । (କୌଣସି ବିଷୟରେ ଆଦ୍ୟମ ଅନ୍ତିମ ଅବସ୍ଥା ସମାନ ହେଲେ ଏହି ଉଦାହରଣ ଦିଆଯାଏ ।)

୧୫୨ । ଦହର ମଳି । (ଦେହର ମଳି ପରି ଯାହା ଅବିଚ୍ଛେଦ୍ୟ ।)

୧୫୩ । ଦୁଇ ନାବରେ ଗୋଡ଼ ଦେଇ ମଝିନଈରେ ବୁଡ଼ି ମରିବା । (ଦୁଇ ବ୍ୟକ୍ତି ବା ପକ୍ଷକୁ ଆଶ୍ରା କରିବା ଲୋକ ଶେଷରେ ହଇରାଣ ହୋଇଥାଏ ।)

୧୫୪ । ଦୂର ଦୂର କରିବା । (ପାଖରେ ରଖାଇ ନ ଦେବା ।)

୧୫୫ । ଦେଖୁଚୁ ଚନ୍ଦନ, ପୋଛୁଚୁ କାଠ । (ଚନ୍ଦନଘୋରା ସରି ଚନ୍ଦନକାଠରୁ ପୋଛି-ଯାଇ ପେଡ଼ି ଉପରେ ରଖାଯାଇଥିବାର ଦେଖି ମଧ୍ୟ ପୁନର୍ବାର ଉକ୍ତ ଶୁଖିଲା ଚନ୍ଦନ-କାଠକୁ ଚନ୍ଦନ ପାଇବା ଆଶାରେ ପୋଛିବା ଦୃଶ୍ୟ ।)

୧୫୬ । ଧରାକୁ ସରା ମନେକରିବା । (ଗର୍ବରେ ସ୍ଫୀତ ହେବା ।)

୧୫୭ । ଧୀର ପାଣି ପଥର କାଟେ । (ଧୀରସ୍ଥିର ଭାବରେ କାର୍ଯ୍ୟ କଲେ ମନୁଷ୍ୟ ଶେଷରେ ସଫଳ ହୁଏ ।)

୧୫୮ । ନଈ ନ ଦେଖୁଣୁ ନଙ୍ଗଳା । (କୌଣସି ସମସ୍ୟା ବା ବିପଦର ସମ୍ମୁଖୀନ ହେବା ପୂର୍ବରୁ ଅତ୍ୟନ୍ତ ବ୍ୟତିବ୍ୟସ୍ତ ହେବା ।)

Digitized by srujanika@gmail.com

୧୬୯ । ନଈବଢ଼ିକି ଢଅଁଙ୍କ ଗୁଣ । (ଢଅଁଙ୍କ ଦ୍ୱାନ୍ଦ୍ୱ ଦେଲେ ନଈବଢ଼ି ଗ୍ରୁଡ଼ ନ ଯିବାପରି କେବଳ ଢଅଁଙ୍କ ଗୁଣ ପକାଇଲେ ବିପଦ ଆପେ ଆପେ ଚାଲିଯିବ ନାହିଁ ।)

୧୭୦ । ନଈପୁଅକୁ ବାଲିବନ୍ଧ । (ପଣ୍ଡ ଶ୍ରମ ।)

୧୭୧ । ନଡ଼ିଆର କେଉଁ ଶିରରେ ପାଣି । (ନଡ଼ିଆ ଭିତରକୁ କେଉଁ ଶିରରେ ପାଣି ପଶୁଛି ଜାଣିବା ଅସମ୍ଭବ, ସେହିପରି ମନୁଷ୍ୟର ଅନ୍ତର୍ଗତଭାବ ବୁଝିବା କଠିନ ।)

୧୭୨ । ନ ଦେଖିଲା ଓଳି ଛଫଡ଼ା, କାଟି ପକାଇଲେ ପାଞ୍ଚ ଫଡ଼ା । (ଶୁଣା କଥାରେ ଅତିରଞ୍ଜନ ଥିବା ସ୍ୱାଭାବିକ ।)

୧୭୩ । ନାକ ଅଗରେ ରାଗ । (ଅଳ୍ପକରେ କ୍ରୁଦ୍ଧ ହେବା ବ୍ୟକ୍ତି ।)

୧୭୪ । ନାକରେ କନ୍ଦାଇବା । (ଅତ୍ୟନ୍ତ ପୀଡ଼ା ଦେବା ।)

୧୭୫ । ନାଁକୁ ଛଅଗୁଣ୍ଡା ଖାଇବା । (ଈର୍ଷାରେ ଅଧିକ ଦାବି କରିବା ।)

୧୭୬ । ନାଁରେ କୁକୁର ପାଳିବା । (କୌଣସି ଲୋକକୁ ଆହ୍ୱାନ ଦେଇ ଏପରି କୁହାଯାଇଥାଏ ।)

୧୭୭ । ନାହିରେ ତେଲ ଦେଇ ଶୋଇବା । (ନିଶ୍ଚିନ୍ତ ହେବା ।)

୧୭୮ । ନାନା ମୁନିଙ୍କର ନାନା ମତ । (ଏକ ବିଷୟରେ ବିଭିନ୍ନ ଲୋକେ ବିଭିନ୍ନ ମତ ପୋଷଣ କରିଥାନ୍ତି ।)

୧୭୯ । ନାହି ଲୁଚେଇବା । (ନିଜର ଆର୍ଥିକ ଅବସ୍ଥାକୁ ନ୍ୟୂନ କରି ପ୍ରକାଶ କରିବା ।)

୧୮୦ । ନାଁରେ ପାଣି ଛଡ଼ାଇବା । (କୌଣସି ବ୍ୟକ୍ତିର ଶୁଭ ମନାସି ଦେବତାଙ୍କ ନାଁରେ ଉତ୍ସର୍ଗ କରିବା ।)

୧୮୧ । ନାକରେ ଦଉଡ଼ି ଦେଇ ଘୋଷାରିବା । (ଅତ୍ୟନ୍ତ ହଇରାଣ କରିବା ।)

୧୮୨ । ନିଆଁ ଗିଳା । (କଠୋରପନ୍ଥୀ ।)

୧୮୩ । ନିଆଁରେ ପାଣି ପଡ଼ିବା । (ଉତ୍ତେଜନା ଶାନ୍ତ ହେବା ।)

୧୮୪ । ନିଆଁରେ ମୁତିବା । (କୌଣସି ବିଷୟରେ ଏକ ନିର୍ଦ୍ଦିଷ୍ଟ ଲୋକକୁ ନିଷେଧ ବା ବର୍ଜିତ କଲେ ଏପରି କୁହାଯାଇଥାଏ ।)

୧୮୫ । ନିଜ ଶିଙ୍ଗରେ ନିଜେ ମାଟି ଖୋଳିବା । (ଆତ୍ମନିର୍ଭରଶୀଳ ହେବା ।)

୧୮୬ । ନିଶ-ପାଣିରେ କି ଶୋଷ ଯାଏ । (ଆବଶ୍ୟକତା ତୁଳନାରେ ଅତି ନଗଣ୍ୟ ।)

୧୮୭ । ନେଡ଼ି ଗୁଡ଼ି କହୁଣିକି ବୋହିଯିବା । (ଉପଯୁକ୍ତ ସମୟ ବା ସୁଯୋଗ ଅତୀତ ହୋଇଯିବା ।)

୧୮୮ । ପର୍ବତକୁ ଢେକା ମାରିବା । (ହୀନବଳ ବ୍ୟକ୍ତି ମହା ପରାକ୍ରମଶାଳୀ ବ୍ୟକ୍ତିକୁ ଆକ୍ରମଣ କରିବା ଭଳି ହାସ୍ୟାସ୍ପଦ କଥା ।)

୧୮୯ । ପର୍ବତର ମୂଷିକ ପ୍ରସବ । (ବିରାଟ ଆୟୋଜନରୁ ସାମାନ୍ୟ ଫଳପ୍ରାପ୍ତି ।)

୧୯୦ । ପାଞ୍ଚ ଆଙ୍ଗୁଳି ପାଟିରେ ପୂରାଇବା । (ଅତ୍ୟଧିକ ଲୋଭ ।)

Digitized by srujanika@gmail.com

୧୮୧ । ପାଟକନାରେ ପୋଛୁବା (ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନେବା ।)

୧୮୨ । ପାଟିରୁ ଲାଳ ଗଡ଼ାଇବା । (ଲୋଭ କରିବା ।)

୧୮୩ । ପାଟିରେ ବାଟୁଳି ନ ବାଜିବା । (ଅନର୍ଗଳ ଭାବରେ କହିଯିବା ।)

୧୮୪ । ପାଟିରେ ବାଡ଼ବତା ଦେବା । (ବାକ୍-ସ୍ୱାଧୀନତା ଖର୍ବ କରିବା ।)

୧୮୫ । ପାଟିରେ କଣ ବେଙ୍ଗ ବନ୍ଧା ହୋଇଛି କି ? (ନିରୁତ୍ତର ବ୍ୟକ୍ତି ପ୍ରତି ଉପଲକ୍ଷ୍ୟ ବଚନ ।)

୧୮୬ । ପାଡ଼ ଗଲେ ଉଶ୍ୱାସ । (ଗୁରୁ ଦାୟିତ୍ୱରୁ ସାମୟିକ ମୁକ୍ତି ମିଳିଲେ ମଧ୍ୟ ମନୁଷ୍ୟକୁ ହାଲୁକା ବୋଧହୁଏ ।)

୧୮୭ । ପାଣିରେ ଗାର । (ଯାହାର କଥା ଆଦୌ ବିଶ୍ୱାସ ବା ନିର୍ଭରଯୋଗ୍ୟ ନୁହେଁ ।)

୧୮୮ । ପାସଙ୍ଗରେ ନ ପକାଇବା । (ନ୍ୟୂନ ମନେକରିବା ।)

୧୮୯ । ପିଣ୍ଡା ଓଲୁ । (ଯେ ବାହାରର ଖବର ରଖେ ନାହିଁ ।)

୧୯୦ । ପିଳେହି ପାଣି ହୋଇଯିବା । (ଭୀତତ୍ରସ୍ତ ହେବା ।)

୧୯୧ । ପୁଣି ଚୁଙ୍ଗୁଡ଼ିକ ପନିକ ଲୋଡ଼ା । (ସାମାନ୍ୟ କାର୍ଯ୍ୟପାଇଁ ବିଶେଷ ଆଡ଼ମ୍ବର ନିଷ୍ପ୍ରୟୋଜନ ।)

୧୯୨ । ପେଟରୁ ପଡ଼ି ପତର ସିଇଁବା । (ଶୈଶବାବସ୍ଥାରୁ କର୍ମକୁଶଳତା ପ୍ରକାଶ କରିବା ।)

୧୯୩ । ପେଡ଼ି କି ନୁହେଁ କି ଖଡ଼ିକ ନୁହେଁ । (ଯାହା କୌଣସି କାର୍ଯ୍ୟରେ ଲାଗେ ନାହିଁ ।)

୧୯୪ । ପୋଡ଼ା ଘା'ରେ ଚୂନ, ପଚ୍ଚ ଘା'ରେ ଲୁଣ । (କଷ୍ଟ ଉପରେ କଷ୍ଟ ।)

୧୯୫ । ପ୍ରଣବ ଅଶୁଦ୍ଧ । (ମୂଳରୁ ଭୁଲ ।)

୧୯୬ । ଫଟା କାନ୍ଥରେ କାଦୁଅ ଲେସିବା । (ମିଳାଇଦେବାର ବୃଥା ପ୍ରୟାସ ।)

୧୯୭ । ଫୁଟ୍କରେ ଉଡ଼ାଇଦେବା । (ଆଦୌ ଗୁରୁତ୍ୱ ଆରୋପ ନ କରିବା ।)

୧୯୮ । ବସିଲାଠାରୁ ଉଠିଆସିବା । (ବିଳମ୍ବ ନକରି ତତ୍କ୍ଷଣାତ୍ ଆସିବା ।)

୧୯୯ । ବସ କହିଲେ ବସିବା, ଉଠ କହିଲେ ଉଠିବା । (ଅତ୍ୟଧିକ ଆଜ୍ଞାନୁବର୍ତ୍ତିତାର ଚିହ୍ନ ।)

୨୦୦ । ବହୁ ମଣିଷରେ ମୂଷା ମରେ ନାହିଁ ।

୨୦୧ । ବହୁ ସନ୍ନ୍ୟାସୀରେ ଭଜନ ନାଶ । (ବହୁ ଲୋକଙ୍କ ଉପରେ କାର୍ଯ୍ୟର ଦାୟିତ୍ୱ ନ୍ୟସ୍ତ ହେବାଦ୍ୱାରା ନାନା ବିଶୃଙ୍ଖଳା ଉପୁଜି କାର୍ଯ୍ୟସିଦ୍ଧିରେ ବିଘ୍ନ ଘଟେ ।)

୨୦୨ । ବାଆକୁ ବତା । (ଗୁରୁତର ବିପଦ ସମ୍ମୁଖରେ ସାଧାରଣ ସତର୍କତା ଅବଲମ୍ବନ ।)

୨୦୩ । ବାଇଗଣ ଗଛକୁ ଆଙ୍କୁଡ଼ି ବଢ଼ାଇବା । (ଖର୍ବକାୟ ବ୍ୟକ୍ତି ପ୍ରତି କଟାକ୍ଷ-ବଚନ ।)

୨୦୪ । ବାଇଗଣ ବାଡ଼ିକୁ ଗାଈମୁଣ୍ଡ ଜଗୁଆ । (ଜଣକୁ ନିମିତ୍ତ ମାତ୍ର କରି ଲକ୍ଷ୍ୟ ସାଧନ କରିବା ।)

Digitized by srujanika@gmail.com

୨୦୫ । ବାଡ଼ି ଭାଙ୍ଗିବ ନାହିଁ, ସାପ ମରିବ ନାହିଁ । (ଦୁଇ କୂଳକୁ ସୁହାଇଲା ଭଳି କାର୍ଯ୍ୟ କରିବା ।)

୨୦୬ । ବାପା-ଗ୍ରାଣ ଭିର୍କି ଗିଲ । (ଅସାଧ୍ୟ ସାଧନ ପାଇଁ ବଳାତ୍କାର କରିବା ।)

୨୦୭ । ବାରଦ୍ୱାର ଶୁଣ୍ଡି ପିଣ୍ଡା ହେବା । (ଆଶ୍ରୟସ୍ଥାନ ହେବା ।)

୨୦୮ । ବଡ଼ କାନ ବଡ଼ ମୁହଁରେ ଯିବା । (ବହୁ ଆଶା ପୋଷଣ କରିଯିବା ।)

୨୦୯ । ବାଳ ପୋଡ଼ିଲେ ପାଉଁଶ ନୁହେଁ କି ଅଙ୍ଗାର ନୁହେଁ । (କୌଣସି କାମକୁ ଆସେ ନାହିଁ ।)

୨୧୦ । ବାହା ହୋଇନାହିଁ ବୋଲି କଣ ବରଜାତପଣେ ଯାଇନାହିଁ । (କୌଣସି ବିଷୟରେ ସାମାନ୍ୟ ଅଭିଜ୍ଞତା ଥିବା ବ୍ୟକ୍ତିର ଉକ୍ତି ।)

୨୧୧ । ବାହାବେଳେ ବାଇଗଣ ରୁଆ । (ଅତ୍ୟନ୍ତ ଅସମୟରେ କାର୍ଯ୍ୟାରମ୍ଭ କରିବା ।)

୨୧୨ । ବିଷଦାନ୍ତ ଭାଙ୍ଗିଯିବା । (ଅନିଷ୍ଟ କରିବାର ଶକ୍ତି ଲୋପ ପାଇବା ।)

୨୧୩ । ବିଲୁଆ ବିଚାର । (ବୃଥା କଳ୍ପନା-ଜଳ୍ପନା ।)

୨୧୪ । ବିଲେଇ ଆଖି ବୁଜି ଦୁଧ ପିଇବା । (ସମସ୍ତେ ଜାଣିଥିଲେ କେହି ଜାଣିନାହାନ୍ତି ବୋଲି ବିଚାରି ନିଜର ସ୍ୱାର୍ଥସାଧନ କରିଯିବା ।)

୨୧୫ । ବିଲେଇ କପାଳକୁ ଶିକା ଛିଡ଼ିବା । (ସ୍ୱାର୍ଥ ସାଧନପାଇଁ ଅପୂର୍ବ ସୁଯୋଗ ମିଳିଯିବା ।)

୨୧୬ । ବିନ୍ଦୁ ବିସର୍ଗ ନ ବୁଝିବା । (ଅର୍ଥଗ୍ରହଣ କରିବାକୁ ସଂପୂର୍ଣ୍ଣ ଅସମର୍ଥ ହେବା ।)

୨୧୭ । ବୁଡ଼ିଗଲା ଲୋକର କୁଟାଖିଅକୁ ଆଶ୍ରା । (ବିପନ୍ନ ବ୍ୟକ୍ତିର ଅସହାୟତା ପ୍ରତି ଲକ୍ଷ୍ୟ ।)

୨୧୮ । ବୁଝିବାକୁ ଖମ୍ବଆଳୁ । (ପ୍ରକୃତ ବିଷୟ ନ ବୁଝି ଅବିଚାର କରିବା ।)

୨୧୯ । ବୁଦ୍ଧି ଭଦ୍ରଖ ଯିବା । (ବୁଦ୍ଧି ଲୋପ ପାଇବା ।)

୧୨୦ । ବେଙ୍ଗ ପେଟରେ କଣ ଘିଅ ପଚିବ । (କୌଣସି ବିଷୟ ଗୁପ୍ତ ରଖି ନ ପାରିବା କିମ୍ବା ଗୁରୁଦାୟିତ୍ୱ ବହନ କରି ନ ପାରିବା ବ୍ୟକ୍ତି ପ୍ରତି କଟାକ୍ଷ-ବଚନ ।)

୧୨୧ । ବେଙ୍ଗ ଉପରେ କୋରଡ଼ା / ବେଢ଼ ଉପରେ ଟେଙ୍କେର ଘା । (ଦୁଃଖ ଉପରେ ଦୁଃଖ ବା ଦଣ୍ଡ ଉପରେ ଦଣ୍ଡ ।)

୨୨୨ । ବେଦର ଗାର । (ବେଦବାକ୍ୟ ସଦୃଶ ଅଲଙ୍ଘନୀୟ ।)

୨୨୩ । ଭଣ୍ଡାର ଜଳାରେ ଯିବା । (ବ୍ୟର୍ଥ ହେବା)

୨୨୪ । ଭଲ ଲୋକରେ ଭଣ୍ଡିଆ ହେବା । (ଅପଦସ୍ତ ହେବା)

୨୨୫ । ଭାତହାଣ୍ଡିରୁ ଗୋଟାଏ ଚିପିଲେ ସିଦ୍ଧ । (ଅଂଶବିଶେଷର ପରୀକ୍ଷାଦ୍ୱାରା ସମୁଦାୟ ବିଷୟର ସତ୍ୟାସତ୍ୟ ନିରୂପିତ ହୁଏ ।)

୨୨୬ । ଭଲରେ ଭେଲ । (ଭଲ ଭିତରେ ମନ୍ଦ ।)

୨୨୭ । ମଣି କାଞ୍ଚନ ସଂଯୋଗ । (ଦୁଇଟି ଉପଯୁକ୍ତ ବସ୍ତୁର ମିଳନ ।)

୨୨୮ । ମଲା ପୁଅ ମଧୁସୂଦନ । (ମଲା ପିଲା ବାପ-ମା'ଙ୍କ ଦୃଷ୍ଟିରେ ସବୁବେଳେ ସୁନ୍ଦର ।)

Digitized by srujanika@gmail.com

୧୨୯ । ମରିବାକୁ ଫୁରୁସତ ନାହିଁ । (ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତ ।)
୧୩୦ । ମଲ୍ଲୀ କ ଚମ୍ପା ପାଟି ନ ଫିଟାଇବା । (ନୀରବତା ଅବଲମ୍ବନ ।)
୧୩୧ । ମହୁରଗଡ଼ୁ ଯାଇ କାନ୍ତାରରେ ପଡ଼ିବା । (ଗୋଟିଏ ବିପଦରୁ ଯାଇ ଅନ୍ୟ ଏକ ବିପଦରେ ପଡ଼ିବା ।)
୧୩୨ । ମାଙ୍କଡ଼ ହାତେ ଶାଳଗ୍ରାମ, ହଲାଇ ହଲାଇ ନିଏ ପ୍ରାଣ । (ଅଯୋଗ୍ୟ ବ୍ୟକ୍ତି ହାତରେ ମୂଲ୍ୟବାନ ବସ୍ତୁର ଦୁର୍ଦ୍ଦଶା ।)
୧୩୩ । ମାଗି ଆଣିଲି ଛଅଣ ସୋଡ଼କାଏ । (ଯଥେଷ୍ଟ ନୁହେଁ ।)
୧୩୪ । ମାଛକୁ ମ ନ କହିବା । (ଏକାନ୍ତ ନିରୀହ ବ୍ୟକ୍ତିର ଚରିତ୍ର ।)
୧୩୫ । ମାଛି ମରିଯିବା । (ଘୋର ନୀରବତା ।)
୧୩୬ । ମାଛି ପଡ଼ିଲେ ନବ ଖଣ୍ଡ । (କଡ଼ା ନିରାପତ୍ତା ବ୍ୟବସ୍ଥା ।)
୧୩୭ । ମାଛ ତେଲରେ ମାଛ ଭଜିବା । (ପରଠାରୁ ଧନ ଆଣି ସେହି ଧନ ସାହାଯ୍ୟରେ ତାର ଅନିଷ୍ଟସାଧନ କରିବା ।)
୧୩୮ । ମାଡ଼କୁ ମହାଦେବ ଡରନ୍ତି । (ଦୁଷ୍ଟ ଲୋକକୁ ସମସ୍ତେ ଭୟ କରନ୍ତି ।)
୧୩୯ । ମଣିଷ ଚରେଇବା । (ନିଜ ବୁଦ୍ଧିବଳରେ ନେତୃତ୍ୱ ଦେବା ।)
୧୪୦ । ମୁଣ୍ଡଖାଳ ଭୂଇଁରେ ମାରିବା । (କଠିନ ପରିଶ୍ରମ କରିବା ।)
୧୪୧ । ମୁଣ୍ଡରେ ତେନ୍ତୁଳିଆ ବଗ୍ର କାମୁଡ଼ିବା । (ଘୋର ଦୁଶ୍ଚିନ୍ତାରେ ପଡ଼ିବା ।)
୧୪୨ । ମୁଣ୍ଡକୁ ହାତ ପାଇବା । (ଆତ୍ମନିର୍ଭରଶୀଳ ହେବା ।)
୧୪୩ । ମୁଣ୍ଡରେ ବସାଇବା । (ଅତ୍ୟନ୍ତ ଆଦର କରିବା ।)
୧୪୪ । ମୁଣ୍ଡରେ କୁଆ ଉଡ଼ିବା । (ଭାବୀ ବିପଦର ସୂଚନା ।)
୧୪୫ । ମୁହଁରୁ ପାଣି ଗୁଡ଼ିଯିବା । (ଲାଜ-ସଂକୋଚ ତ୍ୟାଗ କରିବା ।)
୧୪୬ । ମୁହେଁ ମୁହେଁ ହାଣି ଦେବା । (ଜବାବ ଦେବା ।)
୧୪୭ । ମୁହଁରେ ଭୂଣ୍ଡି ବାନ୍ଧିବା । (ବାଧ୍ୟ ହୋଇ ନୀରବତା ଅବଲମ୍ବନ କରିବା ।)
୧୪୮ । ମୁହଁରେ ବାଡ଼ବତା ଦେବା । (ଜବରଦସ୍ତ ପାଟି ବନ୍ଦ କରିବା ।)
୧୪୯ । ମାନ୍ଧାତା ଅମଳ । (ମାନ୍ଧାତା ତ୍ରେତୟା ଯୁଗରେ ରାମଚନ୍ଦ୍ରଙ୍କ ପୂର୍ବପୁରୁଷ ଥିଲେ । ଅତ୍ୟନ୍ତ ପ୍ରାଚୀନ କାଳ ।)
୧୫୦ । ମନ ଘର ଧରିବା । (ନଜର ଭୁଲ ବୁଝିପାରିବା ।)
୧୫୧ । ମୁହଁ ଓଳଆ କରିବା । (ମନ ଦୁଃଖ କରିବା ।)
୧୫୨ । ମୂଷା ପୂରେଇ ଡୋଳ ସେଇଁବା । (ଗୋପନରେ ଶତ୍ରୁକୁ ପ୍ରଶ୍ରୟ ଦେବା ।)
୧୫୩ । ଯମ ଅଇଁଠା । (ବହୁ ସନ୍ତାନ ମରି ଶେଷକୁ ବଞ୍ଚିରହିଥିବା ସନ୍ତାନ ।)
୧୫୪ । ଯାତ୍ରା ଦେଖା, କଦଳୀ ବିକା ଏକ ବାଟରେ ଦୁଇ କାର୍ଯ୍ୟ ।

Digitized by srujanika@gmail.com

୧୫୫ । ଯେଉଁ ଡାଳ ଧଋଲେ ସେ ଡାଳ ଭାଙ୍ଗିବା । (ସବୁ ଦିଗରୁ ଅକୃତକାର୍ଯ୍ୟ ବା ସହାୟଶୂନ୍ୟ ହେବା ।)

୧୫୬ । ରକ୍ତ-ଚାଉଳ ଚୋବାଇବା (କ୍ରୋଧରେ ଅଧୀର ହେବା ।)

୧୫୭ । ଲମ୍ବ ପଣତ୍ତ ଗୋଡ଼ଆଡ଼କୁ ପାଏ । (କୌଣସି ଯୋଜନା ପ୍ରସ୍ତୁତ କଲାବେଳେ ଭବିଷ୍ୟତର ଆବଶ୍ୟକତା ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ ।)

୧୫୮ । ଲୁହା କୋଟଟକୁ କମାର କୋଟଟ । (ଯେଉଁଠାରେ ଉଭୟ ପକ୍ଷ ନଚ୍ଛୋଡ଼ବନ୍ଧା ।)

୧୫୯ । ଲୁହ ନ କାଢ ରକ୍ତ କାଢବା । (ସୀମାତୀତ ଦୁଃଖବ୍ୟେଗ କରିବା ।)

୧୬୦ । ଲୁହା ଜାଣି କମାର ପାଣି ଦିଏ । (ଲୋକ ଅନୁଯାୟୀ ବ୍ୟବହାର ।)

୧୬୧ । ଶଗଡ଼ ଗଲାଣି; କେଁ ରହିଛି । (କୌଣସି ଘଟନା ଘଟିଯିବା ପରେ ଅଡ଼ୁଆ ବା ଗୋଲମାଲ ଲାଗିରହେ ।)

୧୬୨ । ଶଗଡ଼ଗୁଲାରେ ଚାଲିବା । (ପରଂପରା ଅନୁସରଣ କରିବା ।)

୧୬୩ । ଶିବ ନିର୍ମାଲ୍ୟ । (ଶିବଙ୍କ ନିର୍ମାଲ୍ୟ ପରି ଯାହା ନିଷିଦ୍ଧ ।)

୧୬୪ । ସଜ ମାଉଁସରେ ପୋକ ପକାଇବା । (ସାଧୁ ବ୍ୟକ୍ତିଠାରେ କଳଙ୍କ ଆରୋପ କରିବା ।)

୧୬୫ । ସବୁ ସୁନ୍ଦର ମୁହଁ ବାନ୍ଦର । (ବାନରମୁହଁ ଭଲ କଲା ବା ଅସୁନ୍ଦର ।)

୧୬୬ । ସମୁଦ୍ରକୁ ଗଣ୍ଡେ ପାଣି । (ପ୍ରୟୋଜନ ତୁଳନାରେ ଅତି ନଗଣ୍ୟ ।)

୧୬୭ । ସରଗ ଦି'ଆଙ୍ଗୁଳ ଦିଶିବା । (ଗର୍ବରେ ସ୍ଫୀତ ହେବା ।)

୧୬୮ । ସାଉଁଟିଲ କାଣ୍ଡ କି ଯୁଦ୍ଧକୁ ପାଏ । (ସୁସଂଗଠିତ, ସୁପରିକଳ୍ପିତ ପ୍ରସ୍ତୁତି ଓ ପ୍ରଯତ୍ନ ବିନା ଯୁଦ୍ଧପରି ଏକ ବିରାଟ କାର୍ଯ୍ୟର ସଫଳ ପରିସମାପ୍ତି ଅସମ୍ଭବ ।)

୧୬୯ । ସାନ୍ତ କହିଛି, ପାଚିଲା ଧାନରେ ମଇ ଦେଉଛି । (ଅନ୍ୟର ନିର୍ଦ୍ଦେଶରେ ଅନ୍ଧଭାବରେ କୌଣସି ଅବାଞ୍ଛନୀୟ କାର୍ଯ୍ୟ କରିବା ।)

୧୭୦ । ସାତସମୁଦ୍ର ତେରନଈ ପାରି । (ବହୁ ଦୂରବର୍ତ୍ତୀ ସ୍ଥାନ ।)

୧୭୧ । ସାତ ଜଣଙ୍କ ଠେଙ୍ଗା ଏକ ଜଣକୁ ବୋଝ । (ଦାୟିତ୍ୱର ସମବଣ୍ଟନ କାର୍ଯ୍ୟର ସଫଳ ସମାପ୍ତିର ସହାୟକ ।)

୧୭୨ । ସାରୁ ଭିତରେ ମାରୁ । (ଉପରକୁ ସହଜ ଓ ସରଳ ଜଣାପଡ଼ୁଥିବା ବିଷୟ ଭିତରେ ବିପଦ ବା ଜଟିଳତା ପ୍ରତି ଉପଲକ୍ଷ୍ୟ-ବଚନ ।)

୧୭୩ । ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ । (ଦୋନାବୋଡ଼ିଆ ନୀତି, କୌଣସି ନିଷ୍ପତ୍ତିରେ ନ ପହଞ୍ଚିବା ।)

୧୭୪ । ସାତ ସପନ । (ଏକାନ୍ତ ଦୁର୍ଲଭ ।)

୧୭୫ । ସରଗରୁ ତୋଳାଆଣିବା । (ଅତ୍ୟଧିକ ଅତିରଞ୍ଜନ ।)

Digitized by srujanika@gmail.com

୧୭୬ । ସିଅକ୍ଷର ବିବର୍ଜିତ । ('ସିଦ୍ଧିରସ୍ତୁ' ଏହି ବାକ୍ୟର ମୂଳ ଅକ୍ଷର ଜାଣି ନ ଥିବା ମୂର୍ଖ ବ୍ୟକ୍ତି ।)

୧୭୭ । ସିଧା ଆଙ୍ଗୁଠିରେ ଘିଅ ବାହାରେ ନାହିଁ । (ବିନା ଶ୍ରମରେ କାର୍ଯ୍ୟସାଧନ କଷ୍ଟକର ହୁଏ ।)

୧୭୮ । ସୁଧାର ଗାଈର ବାଛୁରି ମରେ । (ନିରୀହ ଲୋକ ବିପଦରେ ପଡ଼ିବାର ଦେଖାଯାଏ ।)

୧୭୯ । ହଗିବ ନାହିଁ କି ପହଣ୍ଡ ଛାଡ଼ିବ ନାହିଁ । (କୌଣସି ନିଷ୍ପତ୍ତି ନ କରିବା, ନିଜେ କୌଣସି ସୁବିଧା ଭୋଗ ନ କରି ଅନ୍ୟକୁ ମଧ୍ୟ ସେଥିରୁ ବଞ୍ଚିତ କରିବା ।)

୧୮୦ । ହଜିଲା ବଳଦ ଖୋଜିଲା ଠେଇଁ । (ଖୋଜିବା ସ୍ଥାନରେ ହଜିବା ଜିନିଷ ଅକ୍ଲେଶରେ ପ୍ରାପ୍ତ ହେବା ।)

୧୮୧ । ହଳିଲା ପାଣିକି ଗୋଡ଼ ନ ବଢ଼ାଇବା । (ଗୋଳମାଳ ଭିତରକୁ ନ ଯିବା ।)

୧୮୨ । ହାତରୁ ଖସିଲେ ଅଣବାହୁଡ଼ା । (ସୁଯୋଗ ଥରେ ଛାଡ଼ିଦେଲେ ପୁଣି ପାଇବା ଅସମ୍ଭବ ।)

୧୮୩ । ହାତେ ଶଙ୍ଖା, ଦର୍ପଣଦେଖା ।

୧୮୪ । ହାତେ ପାଞ୍ଜି ମଙ୍ଗଳବାର । (ହାତରେ ଉପାୟ ଥାଉଁ ଥାଉଁ ବୃଥାରେ ଧନ୍ଦ ହେବା ।)

୧୮୫ । ହାତେ ମାପି ଖଣ୍ଡେ ଗିଳିବା । (ଅତ୍ୟନ୍ତ ସାବଧାନତା ଅବଲମ୍ବନ କରିବା ।)

୧୮୬ । ହାତରୁ ଖାଇ ବଣିଜ ଶିଖିବା / ହାତରୁ ଖାଇ ଘୋଡ଼ା ଆଗରେ ଡେଇଁବା / ହାତରୁ ଖାଇ ଗଣ୍ଡି ର ବୋହିବା । (ନିଜର କ୍ଷତି ଘଟାଇ ଅନ୍ୟର କାର୍ଯ୍ୟ କରିବା ।)

୧୮୭ । ହାତରୁ ଗଲେ କହୁଣି ଚଟାଚଟି । (ଉପଯୁକ୍ତ ସମୟରେ କାର୍ଯ୍ୟ ନ କରି ପଶ୍ଚାତ୍ତାପ କରିବା ।)

୧୮୮ । ହାତରେ ଖଡ଼ା ନ ସିଝିବା । (ଅକର୍ମଣ୍ୟ ଲୋକ ।)

୧୮୯ । ହାତକୁ ଦୁଇ ହାତ ହେବା । (ବିବାହ କରିବା ।)

୧୯୦ । ହାତର ପାଞ୍ଚ । (ହାତରେ ରଖିଥିବା ବିଶିଷ୍ଟ କ୍ଷମତା ।)

୧୯୧ । ହାତୀ ପାଦ଼ିବ ପାଦ଼ିବ ଫୁସ୍ । (କୌଣସି ଧନୀ ବା ଶକ୍ତିଶାଳୀ ଲୋକଠାରୁ ଆଶାନୁରୂପ ଫଳପ୍ରାପ୍ତି ନ ହେବା ।)

୧୯୨ । ହାତୀଦାନ୍ତରେ ସୁନା ଗୁଆଣି । (ସମ୍ପଦ ଉପରେ ସମ୍ପଦପ୍ରାପ୍ତି ।)

୧୯୩ । ହିତେ ବିପରୀତ । (ସମସ୍ତ ସମୟରେ ହିତ କରିବାକୁ ଯାଇ ଫଳ ବିପରୀତ ହୋଇଥାଏ ।)

୧୯୪ । କ୍ଷୀର ନୀର ସମ୍ପର୍କ । (ଗାଢ଼ ବନ୍ଧୁତ୍ୱ ।)

୧୯୫ । ହେଙ୍ଗୁ ଶୁଙ୍ଘାଇବା । (ଠକିଦେବା)

Digitized by srujanika@gmail.com

୨୧୬ । ହେଁସ ଗୁଳା ବାଣି ଲେଉଟ ପଉଟ । (ହେଁସ-ବାଣି ପରି ବାରମ୍ବାର ଏପଟ ସେପଟ ହେବା ।)
୨୧୭ । ହାତଗୋଡ଼ କଥା କହିବା । (ଦୁଷ୍ଟ ପ୍ରକୃତିର ପିଲା ପ୍ରତି ଉପଲକ୍ଷ୍ୟ-ବଚନ ।)
୨୧୮ । ହକ କଥାରେ କଥାଁ ଠକ ଠକ ? (ଉଚିତ କଥାରେ ଆପତ୍ତି କରିବା ।)

ବୃତ୍ତି ଓ ଧନ୍ଦା

୧ । କାକ-ସ୍ନାନ, ଗଧ-ଭୋଜନ, କୁକୁର ଧାଉଡ଼ି, ତେବେ ଯାଇ ଖାଇବ ସରକାର ଘର କଉଡ଼ି । (ସରକାରୀ ଚାକିରିଆଙ୍କ କଠିନ ପରିଶ୍ରମ ପ୍ରତି ଆକ୍ଷେପୋକ୍ତି ।)
୨ । କୋଶେ ଗଲେ ପୋଷେ ମିଳେ । (ଦୂର ଦେଶରେ ଚାକିରି କଲେ ନିଜ ଗ୍ରାମ ଅପେକ୍ଷା ସେଠାରେ ଅଲବତ୍ ଅଧିକ ଅର୍ଥ ଉପାର୍ଜନ ହେବ ।)
୩ । ଚାକର କୁକୁର ସମାନ । (କୁକୁର ପରି ଚାକର ବିନା ପ୍ରତିବାଦରେ ଲାଞ୍ଛନା ସହ୍ୟ କରେ ।)
୪ । ଚାକିରି ତାଳଗଛ ଛାଇ, ଆଜି ଅଛି କାଲି ନାହିଁ । (ତାଳଗଛ ଛାଇପରି ଚାକିରିର ସ୍ଥାୟିତ୍ୱ ଖୁବ୍ କମ୍ ।)
୫ । ଚାକିରି କରି ଫେର୍ ବୋଲଣା । (ପରାଧୀନତା ସଙ୍ଗେ ଅପମାନ ।)
୬ । ତେଲୀ, ଗୁଡ଼ିଆ, ବାର ମାସରେ ବାର କୁଡ଼ିଆ । (ତେଲ ଓ ଗୁଡ଼ ବ୍ୟବସାୟ ଉପଲକ୍ଷରେ ଏମାନେ ବହୁ ଦୂରସ୍ଥାନ ଭ୍ରମଣ କରନ୍ତି ।)
୭ । ତେଲୀ ଘରେ ପୁଣି ଅନ୍ଧାର ।
୮ । ଦାସୀଙ୍କି ସୁନ୍ଦର ନାଟ, ଯୋଗୀଙ୍କି ସୁନ୍ଦର ମଠ;
କେଳାଙ୍କୁ ସୁନ୍ଦର ହାଟଚମଟ, ରଜାଙ୍କୁ ସୁନ୍ଦର ହାଟ,
ଗୁରୁଙ୍କୁ ସୁନ୍ଦର ଚାଟ, ନଈକି ସୁନ୍ଦର ଘାଟ ।
୯ । ଧାନ କୁଟା ବଡ଼ ଦୁଃଖରେ, ପାଣି ଅଣା ବଡ଼ ସୁଖରେ,
ଦଣ ମାଇପିରେ କଥା ବାରତା ପଡ଼ିଥାଏ ସୁଖ-ଦୁଃଖରେ ।
୧୦ । ଧୋବା ଘରେ ନାହିଁ ବାର ବରତ, ନିତି କାଚିଲେ ନିତି ଭାତ ।
୧୧ । ଧୋଡି ବୁଣେ ଭୂଲିଆ, ପିନ୍ଧେ ଲେଙ୍ଗଡ଼ା । କେଉଟ ଧରେ ମାଛ, ଖାଏ କଙ୍କଡ଼ା ।
୧୨ । ନଈକୂଳିଆ ଶାହାଡ଼ା, କୁଶଗୋଟିଆ ବ୍ରାହ୍ମଣ, ଖାଲୋଇପିଠିଆ କେଉଟ, ଗାଁ-ଗୋଠିଆ ଗଉଡ଼, ଏ ଚାରିଙ୍କର ନାହିଁ ବରକତ ।
୧୩ । ନିତି ଆଣି ନିତି ଖାଏ, ସେ ଲୋକ କ ବନ୍ଧୁଘର ଯାଏ । (ଶ୍ରମିକର ଜୀବନରେ ଅବସର ନାହିଁ ।)

Digitized by srujanika@gmail.com

୧୪ । ନୂଆ ଯୋଗୀ ଭିକେ ବାଇ, ପାଉ କି ନପାଉ ବୁଲୁଥାଇ ।

୧୫ । ପଇଡ଼ ବଇଦ ମଦ-ଘଡ଼ା, କାମ ସରିଲେ ଗଡ଼ଗଡ଼ା ।

୧୬ । ଅବାଣି କାଟଇ ଝୋଟ, ଠାଏ ସରୁ ଠାଏ ମୋଟ । (ବାଣି କାଟି ଜାଣିନଥିବା ଲୋକର ବାଣି କାଟିବା ।)

୧୭ । ଆଳେ ମୂଳୁଚା, ଗାଈ ରଖିଆ / ତୋ ପାଇଁ ଆଣିବ କପଡ଼ା ଛତା ।

୧୮ । ଏକା ହୋଇ କରି ତପସ୍ୟା କରିବ
ଦୁଇଜଣ ମିଶି ପଢ଼ିବ ପାଠ,
ତିନି ଜଣ ମିଶି ସଙ୍ଗୀତ କରିବ
ଚାରି ଜଣ ମିଶି ଚାଲିବ ବାଟ,
କୃଷି ଆରମ୍ଭିବ ପାଞ୍ଚଜଣ ମିଶି
ବହୁ ଲୋକ ମିଶି କରିବ ରଣ ।

୧୯ । ପାନତିର କେଁ ଡାଲୁଖସା, ଗୁଡ଼ର କେଁ ବେହରନ୍ ବସା । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ପ୍ରବଚନ । ପାଣିଗୁହାଳ ସ୍ତ୍ରୀଲୋକ ମୁଣ୍ଡରେ ଖୋଷା ପାରିବା କିମ୍ବା ଦିନମଜୁରିଆ ସଙ୍ଗରେ ବସି କାଳକ୍ଷେପ କରିବା ସମ୍ଭବପର ନୁହେଁ ।)

୨୦ । ଫାଟେ ଲୁଟେ, ଧୋବାର ଯାଉଛି କେତେ ?

୨୧ । ବଣିଆ ଜାଣଇ ବଣିଜ ଭାବ, ଯେଉଁ ବଣିଜରେ ଯେତେ ଲାଭ ।

୨୨ । ବଣିଆ ଜାଣେ ବଣିଜର ଭାବ, ମାଳି ଜାଣେ ଫୁଲ ବେଶ,
ଚିତ୍ରକର ଜାଣେ ରୂପର ବେଭାର, କେଳା ଜାଣେ ଦେଶଘୋଷ ।

୨୩ । ବଣିଆ ପାଉଁଶ ଫୁଙ୍କି ସୁନା ଗୁଣେ ।

୨୪ । ବାର ସାଆନ୍ତରେ ଘର, କାହାକୁ କରିବ ପର । (ଏକାଧିକ ପ୍ରଭୁଙ୍କ ଅଧୀନସ୍ଥ ଭୃତ୍ୟର ହଟହଟା ହେବାର ଉକ୍ତି ।)

୨୫ । ବେଠିଆଟାଏ, ତାକୁ ପୁଣି କୋଠିଆଟାଏ । (ହାସ୍ୟାସ୍ପଦ କଥା ।)

୨୬ । ବେଠି କରି କି ବୋଲଣା, କାଞ୍ଜି ହୋଇ କି ଅଲଣା ।

୨୭ । ଭଣ୍ଡାରି ସବୁରି ଗୋଡ଼ ଧୁଏ, ଭଣ୍ଡାରି ଗୋଡ଼ ଅଧୁଆ ରହେ ।

୨୮ । ଭଣ୍ଡାରି ବାଡ଼ିରେ ସମସ୍ତେ ଠାକୁର ।

୨୯ । ମଠ ଚାକରିଆ ହୋଇବୁ, ଭେକ-ଆତୁରିଆ ନୋହିବୁ;
ଘଣ୍ଟା ବାଜିବାକୁ ଚାହିଁବୁ, ମଠ ମଠ କରି ଖାଇବୁ,
ମଠଟି ଭିତରେ ମାଠଟି ଘୋଡ଼େଇ କାଠଟି ପରି ଶୋଇବୁ ।
(ଆମ ଦେଶର ସଦାବ୍ରତ ମଠମାନଙ୍କରେ ଚାକରି କରୁଥିବା ବ୍ୟକ୍ତିକୁ ବାଲ୍ୟରେ ଖାଇବାକୁ ମିଳିଥାଏ ।)

Digitized by srujanika@gmail.com

୩୦ । ମାଛ ଖାଇବ ଇଚ୍ଛିଣି, ଗୁରୁକର କରିବ ପୁଲସି ।
୩୧ । ମାଲୀକ ଛେଳି ଅଡ଼ୁଆ ।
୩୨ । ମାଲି ଘରର ଛେଳି, କୁମ୍ଭାର ଘର ଘୋଡ଼ା;
ତନ୍ତ୍ରୀ ଘରର ମାଙ୍କଡ଼ ଉନହେଁ ଘରପୋଡ଼ା ।
୩୩ । ମୂଲିଆ ଚେଙ୍ଗପୋ (ବାପୁଡ଼ା) ମାନକଲା, ଆପଣା ପେଟରକ ହାନିକଲା । (ଧନ ମଜୁରିଆ ପକ୍ଷରେ ମାନ-ଅଭିମାନ କ୍ଷତିକାରକ ।)
୩୪ । ଯଜମାନ ଘରେ ଜନ୍ମିଲେ ଲଭ । (ପୁରୋହିତର ଅନୁଭୂତ ।)
୩୫ । ଯାହାର କାମ ତାକୁ ସାଜେ, ଅନ୍ୟ ଲୋକଠେଇଁ ଲଠି ବାଜେ । (ଅନଭ୍ୟସ୍ତ ଲୋକ ନୂତନ କାର୍ଯ୍ୟରେ କ୍ଷତିଗ୍ରସ୍ତ ହୁଏ ।)
୩୬ । ଯାହାର କର୍ମ ବିଲମ୍ବିତ, ସୁନାରି ବଣିଆ ତା ମିତ । (ସୁନାରି ଓ ବଣିଆଙ୍କ ସଙ୍ଗେ ବନ୍ଧୁତା ସର୍ବଦା କ୍ଷତିକାରକ ହୋଇଥାଏ ।)
୩୭ । ଯାହାର ମାଙ୍କଡ଼ ସେ ନଚାଇ ଜାଣେ । (ଯାହା ଯାହାର ବୃତ୍ତି ସେ ତାକୁ ଉତ୍ତମ ରୂପେ ଜାଣେ ।)
୩୮ । ଯେଉଁ ଲୋକ ଖେଳି ଜାଣେ, ସେ କାଣିକଉଡ଼ିରେ ଖେଳେ । (କୌଣସି ବିଷୟରେ ଅଭିଜ୍ଞ ବ୍ୟକ୍ତି ଅଳ୍ପ ସାଧନରେ ମଧ୍ୟ କାର୍ଯ୍ୟ ତୁଲାଇ ନିଏ ।)
୩୯ । ଯୋଗୀ ଘରେ କି ଡିଙ୍କି ?
୪୦ । ଯୋଗୀ ଗୀତରେ କି ଭଣିତ ?
୪୧ । ଯୋଗୀର ନାକ ଯୁଆଡ଼େ ଅନୁକୂଳ ସିଆଡ଼େ । (ଭିକ୍ଷାଜୀବୀ ବ୍ୟକ୍ତି ପକ୍ଷରେ ସ୍ଥାନ ଓ ସମୟର ଅନୁକୂଳତା ବିଚାର୍ଯ୍ୟ ନୁହେଁ ।)
୪୨ । ଯୋଗୀ ଯୁଆଡ଼େ ଯୋଗିଆଣୀ ସିଆଡ଼େ, (ସ୍ତ୍ରୀ ସ୍ୱାମୀର ଅନୁଗମନ କରିଥାଏ ।)
୪୩ । ରାନ୍ଧଣା ବଡ଼ ଗଞ୍ଜଣା, ପାଣି ଅଣା ବଡ଼ ସୁଖ;
ଦଣ୍ଡେ ଯିବ ପହଣ୍ଡେ ଆସିବ, ବୁଲୁଥିବ ପାଞ୍ଚମୁଖ ।
୪୪ । ରାନ୍ଧି ନ ଜାଣି ହାଣ୍ଡିର ଦୋଷ ।
୪୫ । ରାନ୍ଧଣା ବଡ଼ ଗଞ୍ଜଣା, ଧାନକୁଟା ବଡ଼ ଦୁଃଖ;
ଯାଉଣ୍ଡି ଆସୁଣ୍ଡି ମୁହଁ ବୁହାବୁହି ପାଣିଅଣା ବଡ଼ ସୁଖ ।
୪୬ । ଲାଜୁଆ ବ୍ରାହ୍ମଣ, କାଣୁଆ ଘୋର,
ଗାଁ ମଝିରେ ଯେବେ ଆଇ ଜୋଡ଼;
କମାରର ଯେବେ ମୁହଁରେ ଥୋଡ଼
କହେ ଦନାଇ ତାଙ୍କ ମୁହଁ ପୋଡ଼ ।
୪୭ । ଲେଙ୍ଗୁଟି ପିନ୍ଧାଙ୍କ ପାଗପଟୁକା ଗୋଲାମକୁ ବଡ଼ପଣ, ମାଗିଖିଆଙ୍କର ତଟ୍ଟୁଘୋଡ଼ା ଏ ବଡ଼ ବିଡ଼ମ୍ବଣ ।

Digitized by srujanika@gmail.com

୪୮ । ସମସ୍ତେ ଯଦି ଯୋଗୀ ଭିକ ଦେବ କିଏ ?
୪୯ । ସିପେଇରେ ନାଁ ଲେଖେଇ ଲଢ଼େଇ କି ଡରିବା ।
୫୦ । ସୁଇ ସୁନାରି ସୁଆର, ଏ ତିନହେଁ ନୁହନ୍ତି କାହାର । (ସୁଇ = କୁମ୍ଭାର)
୫୧ । ସୁନାରି ଠୁକୁରୁ ଠୁକୁରୁ କମାର ପାହାରେ ।
୫୨ । ସୂତା ଅଡ଼ୁଆ ତନ୍ତୀ କାଢ଼େ । (ଯାହାର ଯାହା ବ୍ୟବସାୟ ସେ ତାର ସମସ୍ୟାର ସମାଧାନ କରିବା ପାଇଁ ସମର୍ଥ ।)
୫୩ । ହାରଜଣା ଛତ୍ରିଙ୍କ ବେଭାର । (ହାରିବା ଓ ଜିଣିବା ଉଭୟକୁ ସମାନ ଭାବରେ ଗ୍ରହଣ କରେ ।)
୫୪ । ସାହୁକାର ମିଠା ସୁଧ ଗୁଣ୍ଡିଲେ, କାଞ୍ଜି ମିଠା ତହିଁ ମୂଳା ପଡ଼ିଲେ ।
୫୫ । ଧୀର କଥାରେ ବଇରି ବଶ, ଧୀର ବୁଦ୍ଧିରେ ବେପାରେ ଯଶ ।
୫୬ । ଅଣ୍ଟା ସୁଖ ଶାଳୀ, କହିଲେ ଯେବେ ସହେ; ସଉଦା ସୁଖ କାଳି, ନମାଗୁଣ୍ଡ ଯେବେ ଢ଼ଏ ।

ଚରିତ୍ରହୀନା ନାରୀ

୧ । ଦାସିକ ମାଦଳିସ୍ଥା (ଖଣ୍ଡୁଆ) ସାକ୍ଷୀ । (କୌଣସି ବ୍ୟକ୍ତି ସ୍ୱଗୋଷ୍ଠୀଭୁକ୍ତ ଅନ୍ୟ ବ୍ୟକ୍ତି ନିମନ୍ତେ ପ୍ରମାଣ ଦେବା ।)
୨ । ଦାସି ଅରଜନ ଭଡ଼ୁଆ ଖାଏ, ଦାସି ନାଚ ନାଚ ମରୁଥାଏ । (ନିଜର ଶ୍ରମର ଫଳ ଦଳଭୁକ୍ତ ଅପେକ୍ଷାକୃତ କମ୍ ପରିଶ୍ରମୀ ଲୋକ ଭୋଗ କରିବା ।)
୩ । ଦାସି ଘରେ ଖଣ୍ଡୁଆ ରଜା ।
୪ । ଦାସିଙ୍କ ସୁନ୍ଦର ଖଣ୍ଡୁଆ, ରଜାଙ୍କ ସୁନ୍ଦର ଗଡ଼ୁଆ । (ଗଡ଼ୁଆ = ଗଡ଼ରେ ବାସ କରୁଥିବା ଲୋକ)
୫ । ଦାସି ମନ ଧନରେ, ଶୁଆ ମନ ବନରେ ।
୬ । ଦାସି ଅର୍ଜି ଅର୍ଜି ମରେ, ବଣିଆ ଫୁଙ୍କରେ ଉଡ଼ାଇ ଦିଏ । (ଦାସିଙ୍କ ଦୁଃଖ ଅର୍ଜିତ ଧନ ଅଳଙ୍କାର ଗଢ଼ିବାରେ ଶେଷ ହୁଏ ।)
୭ । ଦାସି କାହାର ମାଇପ ନୁହଁ ଗଣ୍ଡିଆ କାହାର ଘଇତା ?
୮ । ନିକମାଦାସି କି କରେ ବସି, ମୁଖ ଦେଖୁଥାଏ ଦର୍ପଣେ ହସି ।
୯ । ପଣକ ଦାସି ନିତି ଖାଏ, କାହାଣକ ଦାସି ଉପାସ ଶୁଏ ।
୧୦ । ପାସି ଶକଟା, ଯୁଆରଙ୍ଗ, ପଶାନ୍ୟାୟବଳ, ବେଶ୍ୟାସଙ୍ଗ;
ଏ ଛଅ ରସରେ ଯେ ପୁଅ ଥାଏ, ଲୋକରେ ସେ ଚୋରର ଖାଏ ।

Digitized by srujanika@gmail.com

୧୧ । ଫଟା ମୃଦଙ୍ଗକୁ ଜଡ଼ାଗାମୁଛ, କାଣୀ ଦାସୀ ଭଙ୍ଗି ନାଚୁଛି

୧୨ । ରଜା, ବର, ବାଇ; ଏ ତିନିଙ୍କି ଦେଖି ଯାଇ ।

୧୩ । ବେଶ୍ୟା ପୀରତି, ବୁଢ଼ୀ ସୁରତି; ଲୁଚୁରି ବଳଡା ଯେଉଁ ଆଳତି ।
ଚଉ ଦୁଢ଼ ଗୁଡ଼ ଯେଉଁ କୀରତି, କହେ ଦନାଇ ଏ ନିକୁଛ ଅତି ।

୧୪ । ଶାଳୀ ବଢ଼ିଲେ ବଢ଼ଇ ଝାମ୍ପ, ଦାସୀ ବଢ଼ିଲେ ବଢ଼ଇ ଛଇ ।

୧୫ । ବାର ନାରୀ ଯେବେ ହୁଅଇ କାଣୀ, ଶାସ୍ତ୍ର ହୋଇ ଅର୍ଥ ବୁଝଇ ଜାଣି;
ସଙ୍ଗୀତ ପିଲର ନ ଥିଲେ ଠାଣି, ଦନେଇ ଏ ଗାନ ଛନ୍ଦେ ନ ଗଣି ।

୧୬ । ପଦ୍ମ ଯୋଗୁ ପୋଖରୀ, ରୂପ ଯୋଗୁ ମାଇକିନିା ।

ଭାବ-ବିନିମୟ ଓ କଥାଭାଷା

୧ । ଆପକଥା, କାଟେ ମଥା । (କଥା ଠିକ୍‌ଭାବରେ କହିନଜାଣି ଲୋକ ଅନେକ ସମୟରେ ନିଜର ଦୁଃଖ ଓ ବିନାଶର କାରଣ ହୋଇଥାଏ ।)

୨ । ଆପକଥା, ଲୋକବ୍ୟଥା । (ପ୍ରକାଶ ଶକ୍ତିର ଅଭାବ ହେତୁ ଲୋକ ଅନେକ ସମୟରେ ଅନ୍ୟର ଦୁଃଖର କାରଣ ହୋଇଥାଏ ।)

୩ । କଥାକେ ଦଣ୍ଡପାଟ, କଥାକେ ମୁଣ୍ଡ କାଟ । (ମଧୁର କଥାରେ ରାଜ୍ୟ ବା ପୁରସ୍କାର ମିଳେ ଏବଂ କର୍କଶ ଭାଷାଯୋଗୁ ମୁଣ୍ଡକାଟ ଶାସ୍ତି ମଧ୍ୟ ମିଳେ ।)

୪ । କଥାଟାକୁ ଲଥାଟାଏ । (କଥା ସଙ୍ଗରେ ଯୋଡ଼ାଯାଇଥିବା ଅର୍ଥହୀନ ଆଲଙ୍କାରିକ ଶବ୍ଦ ଯଥା 'ଘର ଫର' 'ବାଘ ଫାଗ' ଇତ୍ୟାଦି ।)

୫ । କଥା କହୁଥିବ ଜଗି, ଗୃହକୁ ଥିବଟି ସଙ୍ଗୀ ।
କେବେ ନୋହିବାର ରୋଗୀ—ସଖି ଗୋ, ଭଲ ଏ । (କଥ କହିବାରେ ସାବଧାନ ହେଲେ ମନୁଷ୍ୟ ଅସୁବିଧାରେ ପଡ଼େ ନାହିଁ ।)

୬ । କଥା ରସକୁ, ଫୁଲ ବାସକୁ । (ଫୁଲର ବାସ୍ନାପରି କଥାର ରସମୟତ୍ୱ ମନରେ ଆନନ୍ଦର ସଂଚ୍ଚାର କରିଥାଏ ।)

୭ । କହି ଜାଣିଲେ କଥା ସୁନ୍ଦର, ବାନ୍ଧି ଜାଣିଲେ ମଥା ସୁନ୍ଦର । (କଥାର ସୌନ୍ଦର୍ଯ୍ୟ ପ୍ରକାଶଭଙ୍ଗୀର ଯଥାର୍ଥତା ଉପରେ ନିର୍ଭର କରେ ।)

୮ । କହି ଜାଣିଲେ କଦଳୀ ମୁଣ୍ଡା ବିକାଯାଏ, କହି ନ ଜାଣିଲେ ମାଗୁର ମାଛ ଗୁହିଁ ରହିଥାଏ । (ବକ୍ତାପନର ଚମତ୍କାରିତା ଗରାଖକୁ ପ୍ରଭାବିତ କରେ ।)

୯ । କହି ଜାଣିଲେ ପୁଇ ଚୁଙ୍ଗୁଡ଼ି ବିକାଯାଏ,
କହି ନ ଜାଣିଲେ କଖାରୁ ଗଡ଼ଗଡ଼ହୁଥାଏ ।

Digitized by srujanika@gmail.com

୧୦ । କହି ଜାଣିଲେ ବାର ହାତ କାକୁଡ଼ିର ତେର ହାତ ମଞ୍ଜି । (କଥାର ଚତୁରତା ବଳରେ ଅବାସ୍ତବକୁ ବାସ୍ତବ ଓ ମିଥ୍ୟାକୁ ସତ୍ୟ ବୋଲି ପ୍ରତିପାଦିତ କରିବା ।)

୧୧ । କହିପୋଛି ଜାଣେ ଯେ ପଗୃ ଚୁଙ୍ଗୁଡ଼ି ବିକେ ସେ । (ବିଜ୍ଞାପନର ଚମତ୍କାରିତାରେ ମୁଗ୍ଧ ହୋଇ ଲୋକେ କ୍ରୟ କରନ୍ତି ।)

୧୨ । କହି ଦେଉଥାଏ ପରକୁ, ବୁଦ୍ଧି ନ ଆସଇ ଘରକୁ । (ଅନ୍ୟକୁ ଉପଦେଶ ଦେବା ସହଜ; କିନ୍ତୁ ନିଜେ କାର୍ଯ୍ୟରେ ପରିଣତ କରିବା କଷ୍ଟ ।)

୧୩ । କହି ନ ଜାଣିଲେ କଥା ଅଡ଼ୁଆ, ଧରି ନ ଜାଣିଲେ ସୂତା ଅଡ଼ୁଆ । (ଭାବକୁ କଥାରେ ପ୍ରକାଶ କରିବାରେ ସାବଧାନତା ଅବଲମ୍ବନ କରିବା ଉଚିତ ।)

୧୪ । ଖା, ଭୁଞ୍ଜ୍, ଗିଳ—ଏକା କଥା ନୁହେଁ । (ଅର୍ଥ ଏକ ହେଲେହେଁ ପ୍ରକାଶଭଙ୍ଗୀରେ ତାରତମ୍ୟ ଅଛି ।)

୧୫ । ଗଲି ଆଇଲି, ଯାହା ଦେଖିଥିଲି ତାହା କହିଲି । (ନିଜର କୌଣସି ମତାମତ ନ ଦେଇ ପ୍ରତ୍ୟକ୍ଷ ଘଟନା ବର୍ଣ୍ଣନା ।)

୧୬ । ଗୋଡ଼ ଖସିଲେ ଜଣେ ମରେ, ତୁଣ୍ଡ ଖସିଲେ ବଂଶ ମରନ୍ତି । (କଥା କହି ନ ଜାଣିବା ଫଳରେ ବହୁଲୋକ ହଟହଟା ହୁଅନ୍ତି ।)

୧୭ । ଠାକୁର ନ ସପ୍ନେଇଲେ ଭୋଗ ପାଆନ୍ତି ନାହିଁ । (ନିଜର ମନୋଭାବ ବ୍ୟକ୍ତ ନ କଲେ କେହି ଘରେ ଯାଚି ଆଣି ଦେଇଯିବା ସମ୍ଭବ ନୁହେଁ ।)

୧୮ । ଢୋଲ ବାଇଦ କୋଶେ, ତୁଣ୍ଡ ବାଇଦ ସହସ୍ର କୋଶ । (ମୁଖରୁ ମୁଖ ହୋଇ କଥା ଶୀଘ୍ର ବ୍ୟାପିଯାଏ ।)

୧୯ । ତୁଟିଲା କଥା, କାଟିଲା ମଥା । (ଆଉ ଯୋଡ଼ି ହୁଏ ନାହିଁ ।)

୨୦ । ତୁଣ୍ଡ କରେ ଲଣ୍ଡଭଣ୍ଡ । (କଥାରେ ସଂଯମ ଆଚରଣ କରି ନ ପାରିଲେ ମନୁଷ୍ୟ ଅନ୍ୟର ଅସନ୍ତୋଷର କାରଣ ହୋଇଥାଏ ।)

୨୧ । ତୁଣ୍ଡ ଫିଟିଲେ ଦୁଃଖ ଯାଏ ।

୨୨ । ତୁଣ୍ଡ ଫିଟିଲେ ମୁଣ୍ଡ ରହେ । (ହୃଦୟର ଭାବ ପ୍ରକାଶ କରିବା ଦ୍ୱାରା ମନୁଷ୍ୟ ଅନେକ ସମୟରେ ଦୁଃଖ ଓ ବିପଦରୁ ରକ୍ଷାପାଏ ।)

୨୩ । ତୁଣ୍ଡୀ ବାନ୍ଧିଲେ କି ପାଟି ବନ୍ଦ ହୁଏ ।

୨୪ । ତୁମେ ଯାକୁ କହ ଗାଈ ବଳଦ, ଆମେ ତାକୁ କହୁ କଂସା ଲୋଟା । (ଏକ ବିଷୟକୁ ଦୁଇ ପକ୍ଷ ବିଭିନ୍ନ ରୂପରେ ଚର୍ଚ୍ଚା କରିଥାଆନ୍ତି ।)

୨୫ । ଭୁଞ୍ଜ, ଗିଳ, ଖା; ମଣୋହି ଯୋଗାଣ ଠା । (ବିଷୟବସ୍ତୁ ଏକ ହେଲେହେଁ ପ୍ରକାଶ ଭଙ୍ଗୀର ନୂତନତ୍ୱ ହେତୁ ତାହା ଶ୍ରୋତାକୁ ବିଭିନ୍ନ ଭାବରେ ପ୍ରଭାବିତ କରିଥାଏ ।)

୨୬ । ମାପ ନ ଥାଇ କଥା, ତେଲ ନ ଥାଇ ମଥା । (କଥାରେ ସଂଯମ ଆଚରଣ ଏକାନ୍ତ ବାଞ୍ଛନୀୟ ।)

Digitized by srujanika@gmail.com

୨୭ । ମୁଖ ଫିଟିଲେ ଦୁଃଖ ଯାଏ ।

୨୮ । ଯେଉଁ ଯେଉଁ ଦେଶରେ ଯେଉଁ ଯେଉଁ ବୋଲ, କାହିଁ ବୋଲନ୍ତ ମୁଗଡଅଣ କାହିଁ ବୋଲନ୍ତ ଡାଲ । (ଏକ ବସ୍ତୁ ବା ଭାବକୁ ପ୍ରକାଶ କରିବାପାଇଁ ଏକ ଭାଷାରେ ଅଞ୍ଚଳ ଭେଦରେ ବିଭିନ୍ନ ଶବ୍ଦ ଥିବାର ଦେଖାଯାଏ ।)

୨୯ । ଶଏ ଭାଖା, ଏକ ଲେଖା । (ଶଏ ଥର କହିବା କଥା ଥରେ ଲେଖିବା ସଙ୍ଗେ ସମାନ ।)

୩୦ । ନ ଜାଣି ଯେ କଥା କହେ ତା ମୁଣ୍ଡରେ ଟାକର, ନ ଜାଣି ଯେ ସାକ୍ଷୀ ହୁଏ ତା ମୁଣ୍ଡରେ ଟାକର । (ନ ବୁଝି ନ ଶୁଝି କଥା କହିବାଦ୍ୱାରା ମନୁଷ୍ୟ ବିପଦରେ ପଡ଼େ ।)

୩୧ । ଗୁଣ୍ଡ ନ କରିବ ନାଟେ, ଗୁପ୍ତ ନ କହିବ ଘାଟେ ।

୩୨ । ଅଣ ବାହୁଡ଼ା ରୁକୁଣା ରଥ, ଅଣ ବାହୁଡ଼ା ଶର;
ଅଣ ବାହୁଡ଼ା ତୁଣ୍ଡର କଥା, ଅଣ ବାହୁଡ଼ା ଝର ।

ମାନବ ପ୍ରକୃତି ଓ ମନସ୍ତତ୍ତ୍ୱ

୧ । ଅଭ୍ୟାସ ଦ୍ୱିତୀୟ ପ୍ରକୃତି ।

୨ । ଅରଣ୍ୟ କଣ୍ଟା ଦେଇବେ ଗୋଜା । (ପ୍ରତିଭା ଭଗବଦ୍‌ଦତ୍ତ ।)

୩ । ଆଶା ବୈତରଣୀ ନଦୀ । (ମନୁଷ୍ୟର ଆଶାର ସୀମା ନାହିଁ ।)

୪ । ଆଶା କରିଥା ଆଶ୍‌ଲ; ଭୋର ମାମୁ ଯାଇଛୁ ଭଟଲ । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ।)

୫ । ଆଶା କରିଥିଲି ମଲ୍ଲୀକ, ମଲ୍ଲୀ ପୁଅ ବେଇଦେବ କାଳିକ । (ଅଭୀଷ୍ଟିତ ବିଷୟ ପ୍ରାପ୍ତିପାଇଁ ଆଶାୟୀ ହୋଇ ରହିବା ।)

୬ । ଏ ମନ ଭାବୁଥାଇ ଯାହା କାଳେ ପ୍ରାପତ ହୁଏ ତାହା । (ସଫଳତା ପାଇଁ ଅଭିଳାଷ ପୋଷଣର ଆବଶ୍ୟକତା ରହିଅଛି ।)

୭ । ଓଳ ଯେଡ଼ିକ ଚୋଳ, ପଲମ ଯେଡ଼ିକ ସବୁଚକୁଳ । (ମାଟି ଗୁଣେ କୋଳ ଖଟା ବା ମିଠା ଏବଂ ପଲମ ଯେଡ଼ିକ ଚକୁଳ ସରୁ ବା ମୋଟ ହେବାପରି ମନୁଷ୍ୟ ପ୍ରକୃତି ବଂଶାନୁଗୁଣ ଓ ପାରିବାରିକ ପରିପାର୍ଶ୍ୱ ଦ୍ୱାରା ପ୍ରଭାବିତ ହୋଇଥାଏ ।)

୮ । କଥା କହୁଥାଏ ଭରମକୁ, ଭିତରେ ଭିତରେ ଯାହା ହେଉଥାଏ ସାକ୍ଷୀ ଦେଉଥାଏ ମରମକୁ । (ମରମର ବେଦନା ପ୍ରକାଶ କରି ନ ପାରି ଲୋକଦେଖାଣକୁ କଥାବାର୍ତ୍ତା କରିବା ।)

Digitized by srujanika@gmail.com

୯ । କାଣି ଆଙ୍ଗୁଠି ବଢ଼ିଲେ କି ବୁଢ଼ା ଆଙ୍ଗୁଠି ସରିହେବ । (ପ୍ରତ୍ୟେକ ଜୀବନ୍ତ ବସ୍ତୁର ବିକାଶ ସୀମାବଦ୍ଧ ।)

୧୦ । କୁହାଯାଉଥାଏ ସିନା, ତୁହାଇ ତୁହାଇ ପୁଟ ଦେଉଥିଲେ ଲୁହାଟା କି ହେବ ସୁନା । (ମନୁଷ୍ୟର ମୂଳ ପ୍ରକୃତି ସହଜରେ ବଦଳେ ନାହିଁ ।)

୧୧ । ଖାଇଲେ ଖାଇଲୁ ଦ' କୋରଡ଼ା ମନ ଓଳମାନା ମେଣ୍ଟିଲା ।

୧୨ । ଗଛ ବଢ଼ିଲେ କି କୁଆଁଳ ହୁଏ । (ଗଛ ଗଛ ଯେତିକି ବଢ଼ିବାର କଥା ତାହାଠାରୁ ଅଧିକ ବଢ଼ିବା ସମ୍ଭବପର ନୁହେଁ; ସେହିପରି ପ୍ରତ୍ୟେକ ମନୁଷ୍ୟର ବିକାଶର ସୀମା ବଂଶାନୁଗୁଣ ଦ୍ୱାରା ନିର୍ଦ୍ଦିଷ୍ଟ ।)

୧୩ । ଗାଁ ଭିନ୍ ଭିନ୍ ମୁନୁଷ ଏକା । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ । ମନୁଷ୍ୟର ପ୍ରକୃତି ସର୍ବତ୍ର ସମାନ ।)

୧୪ । ଗୋରୁ ମାଇଲେ ମଲି, ଗୋରୁକୁ ମାଇଲେ ମଲି । (କର୍ତ୍ତବ୍ୟ ନିରୂପଣ କରି ନ ପାରି ଘୋର ମାନସିକ ଦ୍ୱନ୍ଦ୍ୱରେ ପଡ଼ିବା ।)

୧୫ । ଗାଣ୍ଡି କନା ମୁଣ୍ଡରେ ବାନ୍ଧିବା । (କ୍ରୋଧୀ ଓ ଏକଜିଦିଆ ଲୋକ ପ୍ରତି ଉପଲକ୍ଷ ବଚନ ।)

୧୬ । ଗୋରସରେ ପୋଡ଼ିଥିବା ଲୋକ ଦହି ଦେଖିଲେ ଡରେ । (ତତଲା ଦୁଧରେ ହାତ ପୋଡ଼ି ପକାଇଥିବା ବ୍ୟକ୍ତି ଦହି ଦେଖିଲେ ଡରେ ।)

୧୭ । ଘା ଶୁଖେ ଚିହ୍ନ ମେଣ୍ଟେ ନାହିଁ । (ଲାଞ୍ଛନା ଜନିତ ଅପମାନର ସ୍ମୃତି ମନରୁ ପୋଛି ହୋଇଯାଏ ନାହିଁ ।)

୧୮ । ଘୁଙ୍ଗା ଯାହା ସପନ ଦେଖେ, ମନ କଥା ମନରେ ରଖେ । (ମୂକ ବ୍ୟକ୍ତିର ଅନୁଭବ ।)

୧୯ । ଘୁଷୁରି ପ୍ରକୃତି ପଙ୍କେ ଲୋଟେ, ମଣିଷ ପ୍ରକୃତି ମଳେ ଭୁଟେ । (ଯାହାର ଯାହା ପ୍ରକୃତି ତାହା ସହଜରେ ବଦଳେ ନାହିଁ ।)

୨୦ । ଘୁଷୁରି କି ଜାଣେ ପାଚିଲା କଦଳୀର ସୁଆଦ । (ଅଯୋଗ୍ୟ ବ୍ୟକ୍ତି ପ୍ରତି ଉତ୍ତମ ବ୍ୟବହାର କଲେ ସେ ତାର ମୂଲ୍ୟ ବୁଝି ନ ପାରି ସେଥିପ୍ରତି ଅନାଦର ପ୍ରକାଶ କରେ ।)

୨୧ । ଘୁଷୁରି ଘୁଷୁରି ଭୁଇଁରେ ନାକ, ତେବେ ଯାଉନାହିଁ ଖୋଇଲୁ ଗୃକ । (ମନୁଷ୍ୟର ପ୍ରକୃତି ଓ ଅଭ୍ୟାସ ସହଜରେ ବଦଳେ ନାହିଁ ।)

୨୨ । ଘୋଡ଼ାର ଚାବୁକ ମାଡ଼ ଘୋଡ଼ା ଜାଣେ । (ଯାହାର ଦୁଃଖ, ନିଜ ବ୍ୟତୀତ ଅନ୍ୟ ଜଣେ ଅନୁଭବରେ ଆଣି ପାରେନାହିଁ ।)

୨୩ । ଚିତ୍ତ ଗୁଣେ ବରକତ ମିଳେ । (ମନ ଅନୁଯାୟୀ ଫଳ ମିଳେ ।)

୨୪ । ଚିତ୍ତ ଯେବେ ଦୃଢ଼ ତେବେ ଦାଣ୍ଡ ସାଇରେ ଘର ।

Digitized by srujanika@gmail.com

୨୫ । ଚନ୍ଦ୍ରା ଖାଏ ଗଣ୍ଡି, ଲୁଣ ଖାଏ ହାଣ୍ଡି ।

୨୬ । ଜୀବ ଅଛୁ, ଜୀବଥିବା ଯାଏ ଲୋଭ ଅଛୁ ।

୨୭ । ଜୀବରେ ହତ୍ୟା, ମାଉଁସରେ କାରଣ ନାହିଁ । (ବିନା ଲାଭରେ ଗୁରୁତର ଅପରାଧ କରିବା ।)

୨୮ । ଝାଡ଼ର କଣ୍ଟା କିଏ ଗୁଜକାଇ ଥାଏ ? (ପ୍ରକୃତି ଭଗବଦ୍ ଦତ୍ତ ।)

୨୯ । ଟୁପୁ ଟୁପୁ ପାଣି ପଥର କାଟେ, ଟୁପୁ ଟୁପୁ କଥା ଅନ୍ତର କାଟେ ।

୩୦ । ଠିକ ନ ଶିଖିଲେ ମଣିଷ ପଶୁ । (ପଶୁ ସହଜ ପ୍ରବୃତ୍ତିଦ୍ୱାରା ପରିଚାଳିତ ହୁଏ; କିନ୍ତୁ ମନୁଷ୍ୟ ଅଭିଜ୍ଞତାରୁ ଶିକ୍ଷା ଲାଭକରି ତଦନୁଯାୟୀ ଜୀବନକୁ ନିୟନ୍ତ୍ରଣ କରିଥାଏ ।)

୩୧ । ଠେକ କହେ ବେକାରେ, ଭୁ କେଉଁ ମଣିଷରେ ଲେଖାରେ । (ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ପ୍ରକୃତିଗତ ଭେଦ ପରିଲକ୍ଷିତ ହୁଏ ।)

୩୨ । ଡାଉଁଶ ପିଇଲେ ରକତ ଢାଳେ, ତା' ଠାରେ ହେବ କି ମାଉଁସ ପଳେ । (ଜୀବର ଆକୃତି ଓ ଗଠନ ତାର ପ୍ରକୃତି ବା ବଂଶାନୁଗୁଣଦ୍ୱାରା ନିୟନ୍ତ୍ରିତ ହୋଇଥାଏ ।)

୩୩ । ଢଳଗଳ (ଜଳଗଳା) ବନ, ଭଲଗଲା ମନ ଲେଉଟି ଆସେ କି ଆଉ ?

୩୪ । ଗୁଳିଯାଉଥାଏ ଶରମକୁ, କଥା କହୁଥାଏ ଭରମକୁ, ଭିତରେ ଭିତରେ ଯାହା ହେଉଥାଏ ସାକ୍ଷୀ ଦେଉଥାଏ ଧରମକୁ ।

୩୫ । ଢିଙ୍କି ସ୍ୱର୍ଗକୁ ଗଲେ ମଧ୍ୟ ଧାନ କୁଟିବ । (ମନୁଷ୍ୟ ଯେତେ ବଡ଼ ପଦବୀ ପ୍ରାପ୍ତ ହେଲେ ମଧ୍ୟ ତାର ବୃତ୍ତି ବା ଅଭ୍ୟାସ ଛାଡ଼େ ନାହିଁ ।)

୩୬ । ତୋ ମନ ତୋତେ ଫଳୁ । (ମନୁଷ୍ୟ ନିଜର ମନ ଅନୁଯାୟୀ ଫଳ ଭୋଗକରେ ।)

୩୭ । ଦାଣ୍ଡରେ ପଥର ଝୁଣ୍ଟି ଘରେ ଶିଳ ଭାଙ୍ଗୁଛି । (ବାହାରେ ଆଘାତପ୍ରାପ୍ତ ବା ଅପମାନିତ ହୋଇ ଘରେ ବିନାକାରଣରେ କଳହ ସୃଷ୍ଟି କରିବା ।)

୩୮ । ଦୁ' ଗୋଡ଼ିଆଙ୍କୁ ବିଶ୍ୱାସ ନାହିଁ । (ମନୁଷ୍ୟକୁ ବିଶ୍ୱାସ ନ କରିବା ।)

୩୯ । ଧନ ଯାଏ, କଥା ରହେ । (ଧନ ଦାନକର କଥା ବହୁ କାଳକୁ ମନେ ରହେ ।)

୪୦ । ଦିଲ୍ ଖୁସ୍ ତ ଦୁନିଆ ଖୁସ୍ । (ନିଜ ମନ ଖୁସି ଥିଲେ ମନୁଷ୍ୟ ଦୁନିଆର ପ୍ରତ୍ୟେକ ଲୋକକୁ ପ୍ରୀତିପ୍ରଦ ଚକ୍ଷୁରେ ଦେଖେ ।)

୪୧ । ଧାନ ପେଟରୁ ବାଲୁଙ୍ଗା ଜାତ ହେବା । (ସଦ୍‌ଗୁଣଯୁକ୍ତା ମା'ଠାରୁ ଅଯୋଗ୍ୟ ସନ୍ତାନ ଜାତ ହେବା ।)

୪୨ । ନ ପଢ଼ି ପଣ୍ଡିତ । (ବୁଦ୍ଧିଆ ଲୋକ ।)

୪୩ । ପଡୁଡ଼ି ମସିଣାରେ ଶୋଇ ଲକ୍ଷେ ଟଙ୍କାର ସ୍ୱପ୍ନ ଦେଖିବା । (ଦିବା ସ୍ୱପ୍ନ

Digitized by srujanika@gmail.com

୪୪ । ପାଞ୍ଚ ମନ ପଚଶ ପ୍ରକୃତ । (ବ୍ୟକ୍ତିଭେଦରେ ସ୍ୱଭାବର ଭିନ୍ନତା ।)

୪୫ । ପାଞ୍ଚ ଆଙ୍ଗୁଠି ସମାନ ନୁହେଁ । (ଜଗତରେ ସାନ-ବଡ଼, ସବଳ-ଦୁର୍ବଳ ଇତ୍ୟାଦି ଭେଦ ରହିବା ସ୍ୱାଭାବିକ ।)

୪୬ । ପାଣ୍ଡୁ ! ତୁମେ ଯହିଁ ପାଇଁ ଲସର ପସର ଆମେ ସେହି କଥା ଜାଣୁ । (ଲୋକର ଭାବଭଙ୍ଗୀ ଓ ଚାଲିଚଲଣରୁ ତାର ମନୋଗତ ଭାବର କଳନା କରିହୁଏ ।)

୪୭ । ପିତା ଗୁଣେ ପୁତା । (ପିତାର ଆକୃତି-ପ୍ରକୃତିର ପ୍ରଭାବ ସନ୍ତାନଠାରେ ଦୃଷ୍ଟ ହୁଏ ।)

୪୮ । ପ୍ରକୃତି ମଲେ ଯାଏ ।

୪୯ । ବାସ୍ନା ଚଢ଼େଇର କି ଯାଏ, ବା କଲେ ବସା ଦୋହଲୁଥାଏ । (ସଂସାରର ଦୁଃଖ-ଜଞ୍ଜାଳ ପ୍ରତି ଶିଶୁସୁଲଭ ଅନାସ୍ଥା ପ୍ରଦର୍ଶନ ।)

୫୦ । ବନସ୍ତ କଣ୍ଟା ମୂଳରୁ ଗୋଜା । (ପ୍ରତିଭା ପ୍ରକୃତିଦତ୍ତ ।)

୫୧ । ବନ ପୋଡ଼ିଗଲେ ସମସ୍ତେ ଜାଣନ୍ତି, ମନ ପୋଡ଼ିଗଲେ କିଏ ଜାଣିବ ? (ମନୁଷ୍ୟ ମନର ଅବ୍ୟକ୍ତ ବେଦନା ଅନ୍ୟ ପକ୍ଷରେ ହୃଦୟଙ୍ଗମ କରିବା ସମ୍ଭବ ନୁହେଁ ।)

୫୨ । ବାପ ଜାଣି ପୁଅ, ମା' ଜାଣି ଝିଅ । (ପୁଅଠାରେ ବାପର ଏବଂ ଝିଅଠାରେ ମା'ର ଗୁଣ ଓ ରୂପର ଅଧିକ ସାମଞ୍ଜସ୍ୟ ଲକ୍ଷିତ ହୁଏ ।)

୫୩ । ମଣିଷ ବସିଲେ ଜଣାଯାଏ, ସୁନା କଷିଲେ ଜଣାଯାଏ । (ଚାଲିଚଲଣରୁ ମନୁଷ୍ୟର ପ୍ରକୃତି ଜଣାଯାଏ ।)

୫୪ । ମଣିଷ ଗୋଟିକେ ପ୍ରକୃତି ଗୋଟିଏ ।

୫୫ । ମଣିଷର ସବୁ କହିବ, ମରମ କହିବ ନାହିଁ ।

୫୬ । ମନତତ୍ତ୍ୱ କଲେ ଗଡ଼ିଆ ଗଙ୍ଗା । (ବସ୍ତୁର ପବିତ୍ରତା ମନୁଷ୍ୟର ମନ ଉପରେ ନିର୍ଭର କରେ ।)

୫୭ । ମନ ଭାଙ୍ଗିଲେ ଗ୍ଲେପରା, ହାଣ୍ଡି ଭାଙ୍ଗିଲେ ଖପରା ।

୫୮ । ମନକୁ ଜିଣିଲେ ମୁନି ।

୫୯ । ମା' ପେଟ, କୁମ୍ଭା ଉହା । (ଭଲ ମନ୍ଦ ସବୁ ଏଥିରୁ ବାହାରେ ।)

୬୦ । ଯାଆଁଳା ପୁଅ, ଗୋଟିକ ଥୋଇ ଗୋଟିଏ ନିଅ । (ଯାଆଁଳା ପିଲାମାନଙ୍କ ଆକୃତି ଓ ପ୍ରକୃତିଗତ ଗଭୀର ସାମଞ୍ଜସ୍ୟ ଲକ୍ଷିତ ହୁଏ ।)

୬୧ । ଯାହା ପୁଅକୁ ସାପ କାମୁଡ଼େ, ତା ମା' ପାଳ ଦଉଡ଼ି ଦେଖିଲେ ଡରେ ।

୬୨ । ଯାହା ପୁଅକୁ କୁମ୍ଭୀର ଖାଏ, ତା ମା' ଢେଙ୍କି ଦେଖିଲେ ଡରେ । (ପୂର୍ବ ଅଭିଜ୍ଞତାର ସ୍ମୃତି ହେତୁ ଭୟର ପ୍ରକୃତ କାରଣ ନ ଥାଇ ମଧ୍ୟ ଅଯଥା ଭୟ ପ୍ରକାଶ କରେ ।)

୬୩ । ଯାହା ନୋହିଛୁ ବାଳ କାଳେ, ତାହା ନୋହିବ ଯାବତ କାଳେ ।

Digitized by srujanika@gmail.com

୬୪। ଯାହା ବାପ ଚଢ଼େ ଘୋଡ଼ା, ତା ପୁଅ ଚଢ଼େ ଥୋଡ଼ା ଥୋଡ଼ା । (ପିତାର ସଦ୍‌ଗୁଣାବଳୀ ଓ କୃତିତ୍ୱ ପରିପାର୍ଶ୍ୱ ପ୍ରଭାବରୁ ପୁତ୍ରଠାରେ ଅଳ୍ପ ବହୁତ ପରିମାଣରେ ଦେଖାଯାଇଥାଏ ।)

୬୫। ଯେତେ କହିଲେ ଭାଗବତ, ତୋଷ ନୁହଇ ମୋର ଚିତ୍ତ । (ମନୁଷ୍ୟର ଆଶା-ଆକାଙ୍‌କ୍ଷାର ସୀମା ନାହିଁ ।)

୬୬। ରାଗ ପରମ ଚଣ୍ଡାଳ । (କ୍ରୋଧରେ ମନୁଷ୍ୟ ହିତାହିତଜ୍ଞାନ ହରାଇ ବସେ ।)

୬୭। ଲବକୁଶ ଦୁହେଁ ଯାଆଁଳା ଭାଇ, ସାନ ବଡ଼ ବାରି ହୁଅଇନାହିଁ । (ଯାଆଁଳା ପିଲାଙ୍କର ଆକୃତିରେ ଯଥେଷ୍ଟ ସାମଞ୍ଜସ୍ୟ ଲକ୍ଷିତ ହୁଏ ।)

୬୮। ଶାଳଗ୍ରାମର ବସିବା ଶୋଇବା ସମାନ । (ବାହ୍ୟ ଭାବଭଙ୍ଗୀରୁ ଅନ୍ତରର ଭାବ ପ୍ରକାଶ ନ ପାଇବା ।)

୬୯। ଶିଖେଇ ଦେଲି ବୁଦ୍ଧି, ମାଗି ଆଣିଲି ଡହଣ ।

୭୦। ସଂକୀର୍ତ୍ତନ ବେଳେ ହାଉଡ଼ାଟା ମଝିଆଁ କରିହଏ । (ଉତ୍ତେଜନାର ବଶବର୍ତ୍ତୀ ହୋଇ ମୂକ ବାବଦୂକ ହୁଏ ।)

୭୧। ମନ ଫାଟିଲେ କି ଯୋଡ଼ି ହୁଏ ? ଭୂଇଁ ଫାଟିଲେ କି କୋଡ଼ି ହୁଏ ।

୭୨। କହିବୁ ଏମନ କଥା, ପଛେ ନ ଭାଳିବୁ, ଲୋକେ ଖୁସି ହେବେ, ଶତ୍ରୁ ଏ ପୋଡିବେ ମଥା ।

୭୩। ମନ ଲୋଡ଼ୁଛି, ମନ ଲୋଡ଼ିଲେ କିଏ ଦେଉଛି ? (ମନୁଷ୍ୟର ସବୁ ଆଶା ପୂରଣ ହୁଏ ନାହିଁ ।)

୭୪। ଗୋଟିକିଆ ପୁଅ ଖେଳେ ନାହିଁ, ଖଣ୍ଡିକିଆ କାଠ ଜଳେ ନାହିଁ ।

୭୫। ଯା ହେବ ପଛେ ହେଉ; ଭୁଲନ୍ତା ମନ, ଚଳନ୍ତା ପାଣି ଲେଉଟି ନ ଆସେ ଆଉ ।

୭୬। ଯେ ଯହିଁକି ଡରେ, ସେ ତହିଁକି ମରେ ।

୭୭। ସପନ କଥାକୁ ସତ ମଣିଅଛୁ ବାଆକୁ ବାନ୍ଧିଛୁ ଫାଶୀ;
ସରଗ ତରାକୁ ଆଗ କରିଅଛୁ ସେ କି ପଡ଼ିବ ଖସି ?
(ମନୁଷ୍ୟର ଉଚ୍ଚାଭିଲାଷର ସୀମା ନାହିଁ ।)

୭୮। ଦୁକୁ ଦୁକୁ ଆମ୍ବ, ନଈ ଅତଡ଼ାରେ ଘର । (ଉଭୟରେ ଦୃଢ଼ତାର ଅଭାବ ।)

Digitized by srujanika@gmail.com

ମାତ୍ରାଜ୍ଞାନ ଓ ପରିମିତବୋଧ

୧। ଅତି ଲୋଭେ ତନ୍ତ୍ରୀ ମରେ। (ତନ୍ତ୍ରୀ ଜାତିର ଅତ୍ୟଧିକ ଲୋଭ ସମ୍ବନ୍ଧରେ ଉକ୍ତ।)

୨। ଅତି ପରିଚୟେ ଗୌରବ ନଷ୍ଟ। (ଅତ୍ୟଧିକ ବନ୍ଧୁତା ବା ଆତ୍ମୀୟତା ସମ୍ମାନ ହାନି-କାରକ।)

୩। ଅତି ଭକ୍ତି ଚୋରର ଲକ୍ଷଣ। (ଅତ୍ୟଧିକ ବିନୟ ଉଗ୍ରତାର ପରିଚାୟକ।)

୪। ଅତି ଲେମ୍ବୁ ଚପୁଡ଼ିଲେ ପିତା । (କୌଣସି ବିଷୟରେ ମାତ୍ରା ଅତିକ୍ରମ କରିବା ଗର୍ହିତ ଅଟେ।)

୫। ଅତି ସିଆଣା କାଉ ଗୁହ ଖାଏ । (ଅତି ବୁଦ୍ଧିମାନ୍ ବ୍ୟକ୍ତି ଶେଷକୁ ଠକାମିରେ ପଡ଼େ।)

୬। ଅତି ବେହିଆ ନାଚ ଯାଏ, ଅତି ବେହିଆ ପାଚ ଯାଏ।

୭। ଅତି ନିର୍ଲଜ୍ଜ ଗୀତ ଗାଏ, ଅତି ପୋଡ଼ାମୁହାଁ ନାଚ ଯାଏ । (ସଂକୋଚ ତ୍ୟାଗ ନ କଲେ ନୃତ୍ୟଗୀତାଦିରେ ସଫଳତା ସମ୍ଭବପର ନୁହେଁ।)

୮। ଅତି ଭଲ ନୁହେଁ ଚବର ଚବର, ଅତି ଭଲ ନୁହେଁ ଚୁପ୍,
ଅତି ଭଲ ନୁହେଁ ବର୍ଷା ବାଦଲ, ଅତି ଭଲ ନୁହେଁ ଧୂପ। (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ପ୍ରବଚନ।)

୯। ଅତି ମଧୁର କୀର ଖାଏ। (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ପ୍ରବଚନ। ଅତି ମିଠା ପଦାର୍ଥରେ ପୋକ ଲାଗନ୍ତି।)

୧୦। ଅତି ସୁକୁମାରୀ ରାଜଦୁହିତା, କରମରେ ଅଛୁ ଯୋଗୀ ଘରିତା । (ଅତି ସୁକୁମାରୀ କନ୍ୟା ପ୍ରତି ଭର୍ତ୍ସନାମୂଳକ ବାକ୍ୟ।)

୧୧। ଅତି ନଉଛଣା ଅନ୍ଧାର ରାତି, ଅତି ନଉଛଣା ଗୋଲାପ ଜାତି।

୧୨। ଆଡିକା ମାପକୁ ପଲମ । (ସମାନୁପାତ)

୧୩। ଚତୁର ହେଲେ ଲୁଚର ହୁଏ, ଅତି ଚତୁର ବିଷ୍ଠା ଖାଏ। (ଅତି ଚତୁର ବ୍ୟକ୍ତି ବେଳେ ବେଳେ ବିପତ୍ତିରେ ପଡ଼ନ୍ତି।)

୧୪। ଅତି ଅଲକ୍ଷଣା ନାଲଠା କୁଣିଆ, ଦିନେ ଛଡ଼ା ଦିନେ ଆସେ;
ଅତି ଅଲକ୍ଷଣୀ ବୁଢ଼ାବରକୁ ଯେ କର୍କଶ ବଚନ ଭାଷେ।

୧୫। ଲକ୍ଷେ ବାତୁଳକ ପଟେ କାଣ୍ଡ।

୧୬। ଯେତିକ ଚୂନାକୁ ସେତିକ ପିଠା।

୧୭। ଯେତିକ ଗୁଡ଼କୁ ସେତିକ ମଧୁର।

୧୮। ଅତି ସୁଆଦ ପୋକ ଖାଏ, ଅତି ସୁଆଦ ଲୋକେ ଖାଏ।

Digitized by srujanika@gmail.com

ମୂର୍ଖ ଓ ପଣ୍ଡିତ

୧। ଓଲୁ ନାଁ ଓଲୁଙ୍କ ବୁଲୁଗୁବୁଦ୍ଧା । (କପଟ ମୂର୍ଖଲୋକ ।)

୨। ଗଜ ମୂର୍ଖ ଚଳଣା ଗୈର, ଅର୍ଣ୍ଣି ନ ପୂରଲେ ଆଦ୍ଧୁର ତୋଳ । (ମୂର୍ଖ ଓ ନବୋଧ ବ୍ୟକ୍ତି ପ୍ରତି ଉପଲକ୍ଷ୍ୟ ବଚନ ।)

୩। ଗୁଣ ଦ୍ୟନ୍ତେ ଧନୁ ବଙ୍କା, ଚନ୍ଦ୍ର ବଙ୍କା ଦନେ ଦନେ,
ତେନ୍ତୁଳି ସର୍ବଦା ବଙ୍କା, ମୂର୍ଖ ବଙ୍କା ସବୁଦନେ । (ମୂର୍ଖ ଲୋକଙ୍କୁ ବୁଝାଇ ବାଟକୁ ଆଣିବା କଠିନ ।)

୪। ମୂର୍ଖକୁ ଠେଙ୍ଗା ବୁଝାଏ । (କେବଳ ବଳ ପ୍ରୟୋଗ କର ମୂର୍ଖ ଲୋକକୁ ସାବାଡ଼ କରବା ସମ୍ଭବ ।)

୫। ମୂର୍ଖକୁ ମହାଦେବ ଡରନ୍ତି ।

୬। ମୂର୍ଖଠାରୁ ଶୁଖିଲା କାଠ ସହସ୍ରେ ଗୁଣେ ଭଲ ।

୭। ମୂର୍ଖ ପୁଅ ବଧବା ଝିଅ, ବନା ନିଆଁରେ ଦହନ୍ତି ଦେହ ।

୮। ଶାଗ ଗିମିଳି କପା କାଠ, ମୂର୍ଖ ସଙ୍ଗେ ନ ଚ୍ଲବ ବାଟ,
ଯେବେ ମୂର୍ଖ ସଙ୍ଗେ ଚ୍ଲବ ବାଟ, କନ୍ଧୁଣି ଖାଇବ ରଟରାଟ ।

୯। ଶହେ ଜଣ ମୂର୍ଖଙ୍କୁ ବୁଝେଇବ; କନ୍ତୁ ଜଣେ ପଣ୍ଡିତକୁ ବୁଝାଇବା କାଠିକର ପାଠ । (ମୂର୍ଖଲୋକ ସରଳବଶ୍ୱାସୀ ହୋଇଥିବା ହେତୁ କୌଣସି ମତବାଦକୁ ସହଜରେ ଗ୍ରହଣ କରନ୍ତି ।)

୧୦। ଧାଡିଏ ଶୋଳକ ପଢ଼େ ଶୁଆ, ବଲେଇ ଦେଖିଲେ ଅଗ୍ରଭୁଆ । (ବପଦବେଳେ ବଡ଼ ପଣ୍ଡିତର ବୁଦ୍ଧି ମଧ୍ୟ ଲୋପ ପାଏ ।)

୧୧। ସାତଟା ମାଇପଙ୍କୁ ବୁଝେଇବ, ଗୋଟାଏ ମୂର୍ଖକୁ ବୁଝେଇ ପାରବନାହିଁ । (ମୂର୍ଖଲୋକ ଅନେକ ସମୟର ଏକଜିଦିଆ ।)

୧୨। ଅଳପ ଲୋକର ବହୁତ ଗରୁ, ଧଣ୍ଡ ସାପ ପ୍ରାୟ ଟେକନ୍ତି ମେରୁ । (ଅଳ୍ପ ଜ୍ଞାନୀ ଲୋକେ ବେଶି ବାହାଦୁର ଦେଖାନ୍ତି ।)

୧୩। ଅଳ୍ପ ବଦ୍ୟା ଭୟଙ୍କରୀ ।

୧୪। ଅଳ୍ପଜ୍ଞକୁ ମରଣ ନାହିଁ, ସଭାରେ ବସିଛୁ ଗୋଡ଼ଲମ୍ବାଇ ।

୧୫। ଆପଣା ଗୁଏ କ ସୁନ୍ଦର ପଣ; ବାସନା ଥିଲେ ବକଶଇ ଗୁଣ ।

୧୬। କରଣ ନଢ଼ିଆ ରଜା ବ୍ରାହ୍ମଣ, ମୂରୁଖ ହେଲେ ଅକାରଣ ।

Digitized by srujanika@gmail.com

୧୭। ଠାରରେ ଚେତଇ ପଣ୍ଡିତ ସୁଜନ, ମୂର୍ଖକୁ ଚେତାଏ ଗଳଦ (ତଣ୍ଡିଆ);
ହଣାରେ ଚେତଇ କଦଳୀ ନଡ଼ିଆ ଘଣାରେ ଚେତଇ ବଳଦ ।

୧୮। ବଳଦକୁ ସଲଖେ ହଳ ଲଙ୍ଗଳ ଲେ, ହୁଡ଼କୁ ସଲଖେ କୋଡ଼ ।
ମୂର୍ଖକୁ ସଲଖେ କହୁଣୀ ଉହଲେ, ଛଚନ୍ଦା ସଲଖେ ଗୋଡ଼ ।

୧୯। ମାଆ ଗୁରୁଙ୍କର ରାଗ ମୁହୂର୍ତ୍ତେ, ମାଇପର ରାଗ ଦିନେ;
ଜୀବ ଥିବାଯାଏ ମୂରୁଖ କୁକୁର, ରାଗ ନୁହଇ ଭିନ୍ନେ ।

୨୦। ଫୁଲ ଯୋଗରୁ ଗନ୍ଧ, ପଣ୍ଡିତ ଯୋଗୁଁ ସନ୍ଧ ।

୨୧। ପିଠାକୁ ମନ୍ତ୍ରର କୁଆଣି, ପଣସ ମନ୍ତ୍ରର ପାଚଲା କଦଳୀ, ମୂରୁଖ ମନ୍ତ୍ରର କହୁଣି ।
(ମୂର୍ଖକୁ ମାଡ଼ ନ ଦେଲେ ସେ ସାଧ ହୁଏ ନାହିଁ ।)

ଯାନଯାତ୍ରା, ପର୍ବପର୍ବାଣି ଓ ଓଷା-ବ୍ରତ

୧। ଅଗି ଜଳଲା, ଶୀତ ଟଳଲା, ବୋଲ ହରି ବୋଲ । (ମାଘ ମାସ ପୂର୍ଣ୍ଣିମାଦିନ ଉତ୍କଳର ସର୍ବତ୍ର ଅଗ୍ନ୍ୟୁତ୍ସବ ଅନୁଷ୍ଠିତ ହୁଏ ।)

୨। ଆ କା ମା ବଇ, ପାନ ଗୁଆ ଖାଇ; ପାନ ଗୁଆ ତୋର, ମାସକ ଧର୍ମ ମୋର । (କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରେ ସ୍ନାନଶେଷରେ ସ୍ତ୍ରୀ-ପୁରୁଷ ଓ ବାଳକ-ବାଳିକାଗଣ ପାନ ଖିଲ ଗଙ୍ଗାଦେବୀଙ୍କୁ ଉପହାର ଦେଇ ଏହି ବାକ୍ୟ ଉଚ୍ଚାରଣ କରନ୍ତି । ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ଏହି ଚାରି ମାସରେ ପ୍ରତ୍ୟୁଷରେ ସ୍ନାନ କଲେ ଧର୍ମ ହୁଏ ।)

୩। ଗଜ ମଣ୍ଡା, ତାକୁ ଖାଇଲେ ହେବ ଭେଣ୍ଡା । (କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ଓ ଚତୁର୍ଦ୍ଦଶୀ ବଡ଼ଓଷାରେ ନାନା ସ୍ୱାଦିଷ୍ଟ ପୁରରେ ପୂର୍ଣ୍ଣ ମଣ୍ଡାପିଠା ତିଆରି ହୁଏ ।)

୪। ଜଣକର ଓଷା, ପାଞ୍ଚଜଣଙ୍କର ଆଶା ।

୫। ଦୋଳରେ ଦୋଳଗୋବିନ୍ଦ, ବିଜୟ କରନ୍ତି ପରମାନନ୍ଦ । (ଫାଲ୍‌ଗୁନ ଶୁକ୍ଳ ଦଶମୀଠାରୁ ଦଶ ଦିନ ପର୍ଯ୍ୟନ୍ତ ଉତ୍କଳର ପୁରପଲ୍ଲୀରେ ଦୋଳଯାତ୍ରା ଅନୁଷ୍ଠିତ ହୁଏ । ରାଧାକୃଷ୍ଣ ଯୁଗଳମୂର୍ତ୍ତିଙ୍କୁ ବିମାନରେ ବସାଇ ଗୀତ-ବାଦ୍ୟ-ନୃତ୍ୟ ଓ ଘୋଷଣି ସହ ମେଲଣ ସ୍ଥାନକୁ ନିଆଯାଏ । ଯାତ୍ରା ଶେଷରେ ଯମୁନା ସ୍ନାନ ପରେ ଦେବ ବିଗ୍ରହମାନେ ସିଂହାସନରେ ବିଜେ କରନ୍ତି ।)

୬। ଧୂଳିଆ ଗୁଣ୍ଡିଚା, କାଦୁଆ ଚନ୍ଦ୍ରା । (ଆଷାଢ଼ ମାସ ଶୁକ୍ଳ ଦ୍ୱିତୀୟାରେ ଜଗନ୍ନାଥ ମହାପ୍ରଭୁଙ୍କ ଗୁଣ୍ଡିଚାଯାତ୍ରା ଅନୁଷ୍ଠିତ ହୁଏ । ଜଗନ୍ନାଥ, ଦେବୀ ସୁଭଦ୍ରା ଓ ବଳଦେବ

Digitized by srujanika@gmail.com

ଦିନ ଦିଅଁ ଦିନ ରଥରେ ବସି ଗୁଣ୍ଡିଚା ମନ୍ଦିରକୁ ବିଜେ କରନ୍ତି ଏବଂ ବାହୁଡ଼ା ଦଶମୀକୁ ରଥରେ ବସି ଶ୍ରୀମନ୍ଦିରକୁ ଫେରି ଆସନ୍ତି ।)

୭ । ଉକୁଣି ମୁଣ୍ଡେ କି ଖୋଷା, ଓଳେଇ ଗୁଣ୍ଡେ କି ଓଷା ?

୮ । ବଡ଼ଓଷାରେ ଗଜ ମଣ୍ଡା,
ଖିରସା ପାଣିରେ ମରିଚ ଗୁଣ୍ଡା ।

୯ । ପାଇଲେ ଖା, ନୋହିଲେ ପାର୍ବଣରେ ଖା । (ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ଦୁର୍ଗାପୂଜା ବା ଦଶହରା ପର୍ବ ଅନୁଷ୍ଠିତ ହୁଏ । ଏହାର ଅନ୍ୟ ନାମ ପାର୍ବଣ ।)

୧୦ । ପିତୃମେଇଠାରୁ ପିତୃପୁରୁଷ ନିରାଶ ।

୧୧ । ପୁଅର ପୁଅ ନାତି, ମାରିବ ଖପର କାତି;
ଝିଅର ପୁଅ ନାତି ସରଗେ ଜାଳିବ ବତି ।
(ଆଶ୍ୱିନ ମାସ ପିତୃ ପକ୍ଷରେ ପିତୃକୁଳ ଓ ମାତୃକୁଳର ପୂର୍ବପୁରୁଷମାନଙ୍କୁ ଶ୍ରାଦ୍ଧ ଦିଆଯାଏ । ଏଥିପାଇଁ ପିତୃମେଇ ବା ଦୀପାବଳୀ ହେଉଛି ବର୍ଷର ଶେଷଦିନ । ଏହାପରେ ବର୍ଷକ ପର୍ଯ୍ୟନ୍ତ ପିତୃପୁରୁଷଙ୍କ ଶ୍ରାଦ୍ଧ ଆଉ ନାହିଁ ।)

୧୨ । ମକର ଦିନ ହୁଏ ବକର । (ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ହୁଏ । ଉତ୍କଳର ବିଭିନ୍ନ ସ୍ଥାନରେ ମକରମେଳା ଏବଂ ମନ୍ଦିରମାନଙ୍କରେ ମକର ବେଢ଼ା ଅନୁଷ୍ଠିତ ହୁଏ ।)

୧୩ । ଶ୍ରୀପଞ୍ଚମୀ କି ଶିଶୁ ପଶେ । (ନବ ବସନ୍ତର ଆଗମନରେ ଧରିତ୍ରୀବକ୍ଷରେ ନବ ଜୀବନର ସଞ୍ଚାର ହୁଏ ।)

୧୪ । ପଣା, ଆମ୍ବ ପାଚେ ବଣା କଣା । (ମହାବିଷୁବ ସଂକ୍ରାନ୍ତି ଉତ୍କଳରେ ପଣା ସଂକ୍ରାନ୍ତି ନାମରେ ପରିଚିତ । ଏହିଠାରୁ ହିନ୍ଦୁ ନବବର୍ଷର ଆରମ୍ଭ ହୁଏ ।)

୧୫ । ରଜ ସଜବାଜ ମଉଜ । (ରଜସଂକ୍ରାନ୍ତି ଉତ୍କଳର ଏକ ପ୍ରଧାନ କୃଷି-ପର୍ବ । ଏହି ସମୟରେ ବର୍ଷାଗମ ହେତୁ ପୃଥିବୀ ଉତ୍ପାଦନକ୍ଷମ ହୁଏ । ଏଣୁ ପୃଥିବୀ ରଜସ୍ୱଳା ହେଲା ବୋଲି କୁହାଯାଏ । ଏହି ଉତ୍ସବ ଉତ୍କଳରେ ମହାସମାରୋହରେ ପାଳିତ ହୁଏ ।)

୧୬ । ଆହା ମୋ ନନ୍ଦ କୋଳେ ଗୋବିନ୍ଦ, ବାଜେ ଶଙ୍ଖ ଭେରି ତୂରୀ ତ୍ରିଭୁବନ ଆନନ୍ଦ । (ଭାଦ୍ରବମାସ କୃଷ୍ଣାଷ୍ଟମୀ 'ଜନ୍ମାଷ୍ଟମୀ' ରୂପରେ ସମସ୍ତ ଭାରତରେ ମହାସମାରୋହରେ ପାଳିତ ହୁଏ । ଏହି ତିଥିରେ ଭଗବାନ ଶ୍ରୀକୃଷ୍ଣ ଧରାଧାମରେ ଅବତୀର୍ଣ୍ଣ ହୋଇ ପୃଥିବୀକୁ ପାପତାପରୁ ଉଦ୍ଧାର କରିଥିଲେ ।)

୧୭ । ଓଷା କଲେ ବେଲ ଭୁକ୍ତ, ଘର କଲେ ଖଙ୍ଗେ ଛାଲ୍ ।

Digitized by srujanika@gmail.com

୧୮। ଶ୍ରୀପଞ୍ଚମୀରେ ପୁଅ, କୁମାର ପୂର୍ଣ୍ଣିମୀ ଝିଅ; ଚଇତ ମାସରେ ପାଟୁଆ, ଫଗୁଣ ଦୋଳରେ ନାଟୁଆ। (ଶ୍ରୀପଞ୍ଚମୀରେ ପୁଅମାନେ ଏବଂ କୁମାର ପୂର୍ଣ୍ଣିମାରେ ଝିଅମାନେ ନୂଆ ଲୁଗା ପିନ୍ଧନ୍ତି। ଫାଲ୍‌ଗୁନ ମାସରେ ଦୋଳଯାତ୍ରା ଏବଂ ଚୈତ୍ରମାସରେ ପାଟୁଆ ଯାତ୍ରା ଅନୁଷ୍ଠିତ ହୁଏ।

୧୯। ମାଘ ସପ୍ତମୀ ଖସାଯାଉ, ଶୀମ୍ବ ରାଇତା ପାଖେ ଥାଉ। (ମାଘସପ୍ତମୀରେ କୋଣାର୍କ ନିକଟବର୍ତ୍ତୀ ଚନ୍ଦ୍ରଭାଗାରେ ବୁଡ଼ ପକାଇ ପ୍ରାତଃ ସୂର୍ଯ୍ୟ ଦର୍ଶନକଲେ ମହାପୁଣ୍ୟ ଲାଭ ହୁଏ।)

ରଜା ଓ ପ୍ରଜା

୧। ଅବୁଝାମଣା ରଜାକୁ ପାଲଚଣ୍ଡା ମନ୍ତ୍ରୀ। (ଯେଉଁଠି ଉଭୟ ରାଜା ଓ ମନ୍ତ୍ରୀ ଅଯୋଗ୍ୟ।)

୨। ଅଦା ପରଜା, ଛେଚିଲେ ରସ ବାହାରେ। (ପ୍ରଜାଙ୍କ ପ୍ରତି ଅତ୍ୟାଚାର କଲେ ସେମାନଙ୍କଠାରୁ କର ଆଦାୟ ହୁଏ।)

୩। ଅବିବେକୀ ରାଜାଠାରେ ବୁଦ୍ଧିର ଇଚ୍ଛା; ମାଟି ଘୋଡ଼ା ଚଢ଼ି ଯୋଜନ ଯିବାର ବାଞ୍ଛା। (ମୂର୍ଖ ରାଜାଠାରୁ ସୁବିଚାର ଏବଂ ମାଟି ଘୋଡ଼ା ଚଢ଼ି ଦୂର ପଥ ଯାତ୍ରା ଉଭୟ ଦୁରାଶା ମାତ୍ର।)

୪। ଆଳି ରାଇଜରେ ଭଳେ ନିଶାପ, ଫାଟରେ କୁମ୍ଭୀର ଖାଏ। (ଅବୁଝାମଣା ରାଜାର ବିଚାର।)

୫। ଖାଇବ ସଅଳ, ପିନ୍ଧିବ ମଇଳ, ଦାଣ୍ଡ ଘର ଖଣ୍ଡି ଅଛୁଆ କର;
ଅଧେ ଆପଣା ଅଧେ ପର, ତେବେ ଓଡ଼ିଶାରେ କରିବ ଘର। (ଅତ୍ୟାଚାରୀ ରାଜାଙ୍କ ଅମଳରେ ପ୍ରଜାଙ୍କ ଅବସ୍ଥା।)

୬। ଗଡ଼ଜାତରେ ଯେବେ କରିବୁ ଘର, ଦାଣ୍ଡ ଘର ଖଣ୍ଡି ଅଛୁଆ କର। (ଗଡ଼ଜାତ ରାଜାଙ୍କ ଅତ୍ୟାଚାର ଭୟରେ।)

୭। ଗୁଡ଼ ପିତୃକାର୍ଯ୍ୟ, କର ରାଜକାର୍ଯ୍ୟ।

୮। ଘୋଡ଼ାକୁ ଚିହ୍ନିବ ନିଃଶ୍ୱାସୁଁ, ସାପକୁ ଚିହ୍ନିବ ଉଶ୍ୱାସୁଁ;
ଗୁଣୀ କି ଚିହ୍ନିବ ମାନେ, ରଜାକୁ ଚିହ୍ନିବ ଦାନେ।

୯। ଝଡ଼େଇ ଖାଇଲା ବରକୋଳି ଗଛ, ଡରେଇ ଖାଇଲା ପୋଖରୀର ମାଛ। (ଜମିଦାର ଓ ପ୍ରଜାଙ୍କ ସମ୍ବନ୍ଧ ବିଷୟରେ କଥିତ ବଚନ।)

Digitized by srujanika@gmail.com

୧୦ । ଦେଶ ମେଳକ ରଜା ନ ପାରେ । (ଦେଶରେ ସମସ୍ତେ ବିଦ୍ରୋହୀ ହେଲେ ତାହା ଦମନ କରିବା ରଜାଙ୍କ ପକ୍ଷରେ କଷ୍ଟକର ହୋଇପଡ଼େ ।)

୧୧ । ନଅର ମଶା ହାତୀକୁ ଗିଳେ । (ରଜା ବା ଶାସକଙ୍କ ଆଶ୍ରିତ ସାମାନ୍ୟ ବ୍ୟକ୍ତିର ପରାକ୍ରମ ସମ୍ବନ୍ଧରେ କଟାକ୍ଷ ବଚନ ।)

୧୨ । ରଜା ପୁଅକୁ ଝଳା ଅପୁର୍ବ ।

୧୩ । ରଜା ଗୋଳା (ଅବୁଝାମଣା ବା ଏକଜିଦିଆ ।)

୧୪ । ରଜା ପୁଅ ଗଧ ବାଛିଲେ ଭଲ, ବଜାରେ ନୁହନ୍ତି ଘୋଡ଼ାକୁ ଭୁଲ ।

୧୫ । ରଜା ଘରେ ଚାକର ଖଟି, ବରଷକେ ଥରେ ଦି' ଦିନ ଛୁଟି ।

୧୬ । ରଜା ଘର ଘିଅ, ପଣତ ପସାର ନିଅ ।

୧୭ । ରଜା ଆଗେ ସତ କହିବ, ମାଇପ ଆଗେ ମିଛ କହିବ ।

୧୮ । ରଜାର ନଅଣ୍ଟ, ପ୍ରଜାର ହାନି । (ପ୍ରଜାକୁ ଅଧିକ କର ଦେବାକୁ ପଡ଼େ ।)

୧୯ । ରାଜା ପୁଅ ତେଜା ।

୨୦ । ରାଜା ପୁଅ ଯୋଗୀ ହେଲେ ତା ରାଜା-ବୁଦ୍ଧି ଛାଡ଼େନାହିଁ, ଯୋଗୀ ପୁଅ ରାଜା ହେଲେ ତା ଯୋଗୀ ବୁଦ୍ଧି ଛାଡ଼େନାହିଁ ।

୨୧ । ରଜା ପୁଅ ସଙ୍ଗେ ଶୁଖୁଆ ବଣିଜ ବାଇ ।

୨୨ । ରାଜା ଘରେ ଦଇବ ପାଣ । (କୋଷ୍ଠୀ ନ ଦେଖି ବିବାହ କରିବା ପ୍ରତି ଉପଲକ୍ଷ୍ୟ ।)

୨୩ । ରାଜା ହୋଇ ପରଜା ଡଣ୍ଡେ, ରାଣ୍ଡ ହୋଇ ଦେହକୁ ମଣ୍ଡେ,
ଗିରସ୍ତ ହୋଇ ପତ୍ନୀକି ଦଣ୍ଡେ, ସାଧୁ ହୋଇ ଖାତକକୁ ତଣ୍ଡେ—ସଖି ଗୋ, ମନ୍ଦ ଏ ।

୨୪ । ରାଜ ଦୃଷ୍ଟି, ଯମ ଦୃଷ୍ଟି ।

୨୫ । ରାଜା କହିଲେ ହରଷେ, ମନ୍ତ୍ରୀ ବୁଝଁୁ ବୁଝଁୁ ଗଲା ବରଷେ ।

୨୬ । କପା କର୍ପୂର ଏକା ରାହ, ଅବୁଝାମଣା ରାଜ୍ୟକୁ କମା ଯାଉ ।

୨୭ । ରଜା ପାଇଛି ଜାଣି, ହେଙ୍ଗୁ ମରିଚ ପାଣି ।

୨୮ । ରଜା ରାଣୀକି, କଣା କାଣୀକି ।

୨୯ । ନବାବ ବାସ୍ତବ ବାସ୍ତବ କହିଲେ ଭାତ ନ ମିଳିଲେ ପଲଉ ଖା । (ଅବୁଝାମଣା ବାସ୍ତବ ।)

୩୦ । ଯହିଁ ରାଜା ତହିଁ କଟକ । (କଟକ-ରାଜଧାନୀ ।)

Digitized by srujanika@gmail.com

ରୋଗ ଓ ସ୍ୱାସ୍ଥ୍ୟ

୧ । ଅଳ୍ପ ମୋଟ ପୁଅ ହଗଣା ସହେ । (ସୁସ୍ଥ ସବଳ ଶିଶୁକୁ ଝାଡ଼ା ରୋଗ ଧରିଲେ, ସହଜରେ ବାଧେ ନାହିଁ ।)

୨ । ଅଳ୍ପରରୁ ରୋଗ, ଆକାଶରୁ ମହରଗ । (ପେଟ ଗୋଳମାଳରୁ ରୋଗ ଏବଂ ଅନାବୃଷ୍ଟି ହେତୁ ଦୁର୍ଭିକ୍ଷ ହୁଏ ।)

୩ । ଅନ୍ତ୍ରେ ଭକ୍ତ ଦନ୍ତ୍ରେ ଲୁଣ, ପେଟ ପୂରିବ ଉନଗୁଣ,
ମଥାରେ କାପଡ଼, ପାଦରେ ତେଲ, ବଇଦ ସଙ୍ଗତେ କରିବ ଗେଲ । (ଏହି ସବୁ ଅଭ୍ୟାସ ନିରୋଗ ସ୍ୱାସ୍ଥ୍ୟ ପାଇଁ ଏକାନ୍ତ ଆବଶ୍ୟକ ।)

୪ । ଆହାର ଗ୍ରାସ, ଜଗି ନ ରହିଲେ ଯମର ଭେଟ । (ଅପସ୍ମାର ରୋଗାକ୍ରାନ୍ତ ବ୍ୟକ୍ତିକୁ ନ ଜଗିଲେ ମୂର୍ଚ୍ଛା ଯାଇ ମୃତ୍ୟୁ ହେବାର ସମ୍ଭାବନା ରହିଅଛି ।)

୫ । ଏହି ଦେହ ଫେର ଏମନ୍ତ ହୋଇ ହାତୀକୁ ପାରଇ ବାନ୍ଧି;
ଏହି ଦେହ ଫେର ଏମନ୍ତ ହୋଇ ମୂଷାକୁ ନ ପାରେ ଛନ୍ଦି । (ଦେହରେ ବଳ ଥିଲାବେଳେ ମନୁଷ୍ୟ ଅସାଧ୍ୟ ସାଧନ କରିପାରେ । ପୁନର୍ବାର ଦେହ ଦୁର୍ବଳ ହୋଇଗଲେ ସେହି ମନୁଷ୍ୟ ଅତି ସାମାନ୍ୟ କାର୍ଯ୍ୟ କରିବା ପାଇଁ ମଧ୍ୟ ଅକ୍ଷମ ହୁଏ ।)

୬ । ଓର ଉଣ୍ଡି ବସିଥା, ବେଳ ଦେଖି ହଗିଯା । (ନିୟମିତ ଭାବରେ ଝାଡ଼ାଯିବା ସ୍ୱାସ୍ଥ୍ୟର ଅନୁକୂଳ ।)

୭ । କୋଣେ ଯାଆ, ଧୋଓ ପାଆ, ପୋଷେ ଖାଆ, ଯେଣେ ଇଚ୍ଛା ତେଣେ ବୁଲୁଥା । (ବାଟ ଚାଲି ଟିକିଏ ବିଶ୍ରାମପରେ ପରିମିତ ଆହାର କଲେ ସ୍ୱାସ୍ଥ୍ୟ ଭଲ ରହେ ।)

୮ । ଖଣ୍ଡି ଖଣ୍ଡି କାଶ, ଖର ନିଃଶ୍ୱାସ—ସଖି ଗୋ, ମନ୍ଦ ଏ । (ଆସନ୍ନମୃତ୍ୟୁର ଲକ୍ଷଣ ।)

୯ । ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଧାଇଁଲେ ବଢ଼ଇ ବାୟୁ, ଖାଇ ବସିଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ ।

୧୦ । ଖାଇବ ସଅଳ, ଶୋଇବ ଆଗେ, ଉଠିବ ସଅଳ, ଚାଲିବ ବେଗେ ।

୧୧ । ଖାଇବ ପିତା, ଗାଇବ ଗୀତା; ତେବେ ହୋଇବ ଜଗତ ଜିତା । (ସ୍ୱାସ୍ଥ୍ୟ ପାଇଁ ପିତା ଓ ଆତ୍ମାର ସଦ୍‌ଗତି ପାଇଁ ଗୀତା ପାଠ ଆବଶ୍ୟକ ।)

୧୨ । ଖାଇ ହଗା, ଯାଚ ମଗା; ଏ ଦୁଇଟା ହତଭଗା । (ଖାଇସାରି ଝାଡ଼ାଯିବା ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ନୁହେଁ ।)

Digitized by srujanika@gmail.com

୧୩ । ଖୁଁ ଖୁଁ କାଶ, ଖର ନିଃଶ୍ୱାସ, ଖର ଜନ୍ତୁ ଥିବା ଘରେ ବାସ, ଖଣ୍ଡ ଗାଁରେ ଗୃଷ— ସଖି ଗୋ, ମନ୍ଦ ଏ ।

୧୪ । ଗୋଦର, କୋଷ; ଏ ଦୁହିଁଙ୍କି ନାହିଁ ବିଶ୍ୱାସ । (ଜଳବାୟୁ ପ୍ରଭାବରୁ କେତେବେଳେ ଆକ୍ରମଣ କରିବ ଠିକଣା ନାହିଁ ।)

୧୫ । ଗୋରସ ଆମିଷ, ଏକାଠେଇଁ ବିଷ ।

୧୬ । ଛ' ମାସର ବଳ, ଦିନକର ଜର । (ଦିନକର ଜରରେ ଛ' ମାସର ସଞ୍ଚିତ ବଳ ଚାଲିଯାଏ ।)

୧୭ । ଛେଳି ମାଉଁସ ବାତକୁ ଭଲ, ପିତକୁ ଭଲ । (ଦୁଇ ଉଦ୍ଦେଶ୍ୟ ସାଧନକାରୀ ଏକ ବିଷୟ ।)

୧୮ । ଜାମୁ ଜଳାଙ୍ଗ କପା କାଠି, ସ୍ୱାଲୁ ନ କରିବ ଦାନ୍ତ କାଠି,
ଯେବେ କରିବ ବଳେ, ତେବେ ପକେଇ ତଳେ । (ଦାନ୍ତକାଠି ନିର୍ବାଚନ ସମ୍ବନ୍ଧରେ ଡାକଋଷି ବଚନ ।)

୧୯ । ଜିଭ ଲୁଡ଼ୁବୁଡ଼ୁ ଛାଡ଼ିବ ନାହିଁ, ପେଟ ହଗା ଖଣ୍ଡି ଛାଡ଼ିବ ନାହିଁ । (ସ୍ୱାସ୍ଥ୍ୟ ପାଇଁ ଖାଦ୍ୟରେ ସଂଯମ ଆଚରଣ ଏକାନ୍ତ ଆବଶ୍ୟକ ।)

୨୦ । ତେଲ ଲଗାଇବ ଆବାଖାବା, ଖାଇ ବସିବ ଆଗା;
ଶୋଇଥିବ ଚିତ୍ ହୋଇ ମାଡ଼ି ବସିଥିବ ଜାଗା । (ବନ୍ଧୁ ଲୋକଙ୍କ ମେଳରେ ତେଲ ଲଗାଇବା, ଶୋଇବା ଓ ଖାଇବା ସମ୍ବନ୍ଧରେ ଉପଦେଶ ।)

୨୧ । ତୋଳା ଧଇଲେ ଗୋଳା ହୋଇଯିବା । (ବିଶେଷ ଯତ୍ନନେବା ସତ୍ତ୍ୱେ ପିଲାର ସ୍ୱାସ୍ଥ୍ୟରେ ଉନ୍ନତି ନ ଘଟିଲେ ଏହା କୁହାଯାଏ ।)

୨୨ । ଦିନେ ସାଧି ଅପେ ମରି, ନିତି ସାଧି ପରେ ମାରି । (ଯେ ପ୍ରତିଦିନ ନିୟମିତ ଭାବରେ ବ୍ୟାୟାମ କରେ ସେ ବଳବାନ୍ ହୋଇ ଶତ୍ରୁକୁ ଜୟ କରେ; କିନ୍ତୁ ଯେ ଦିନେ ମାତ୍ର କଠିନ ବ୍ୟାୟାମ କରେ ସେ ରୋଗାକ୍ରାନ୍ତ ହୋଇ ନିଜେ କଷ୍ଟ ପାଏ ।)

୨୩ । ନିଦ ନ ଜାଣେ କଣ୍ଟାବୁଦା, ଭୋକ ନ ଜାଣେ କଞ୍ଚାପୋଡ଼ା ।

୨୪ । ନିମ୍ବ ପିତା, ଦେହକୁ ଖାଇ ।

୨୫ । ପିତା ଚିଉଣ, ଦେହକୁ ଗୁଣ ।

୨୬ । ଦାରୁରେ ନ ଯାଏ, ଦୂବରେ ଯାଏ ।

୨୭ । ଦାରୁ ପାରେ ନାହିଁ, ଦୂବ ପାରେ । (ବଡ଼ ବଡ଼ ଦାମିକା ଔଷଧରେ ଯେଉଁ ରୋଗ ଭଲ ହୁଏ ନାହିଁ, ତାହା ସାମାନ୍ୟ ଚୁଟୁକା ଔଷଧରେ ବେଳେ ବେଳେ ଭଲ ହୋଇଯାଏ ।)

୨୮ । ବଗଡ଼ା ଭାତ, ନିଶରେ ହାତ । (ବଗଡ଼ା ଅକାଣ୍ଡିଆ ଚାଉଳର ଭାତ ପୁଷ୍ଟିକାରକ ।)

Digitized by srujanika@gmail.com

୨୯ । ବହୁଳ କପା, ପତଳା ଗୃଷ; ପିଲାକୁ ଏଲୁଡ଼ଶାଳେ ଧଇଲେ କାଶ; କହେ ଦନାଇ ନ କରବ ଆଶ ।

୩୦ । ବାଉଁଶ ଫୁଲିଲେ ମରେ, ମଣିଷ ବୁଲିଲେ ମରେ ।

୩୧ । ଭୋକ ରଖି ଖା, ଭୋକ ଦେଖି ଖା, ଚଉଷଠି ରୋଗର ପାଶେ ନ ଯା ।

୩୨ । ଭାଙ୍ଗ (ଧୂଆଁ ପତ୍ର) ଫସ୍କା ହେଲେ ଗଲା, ମଣିଷ ଭୁସକା ହେଲେ ମଲା । (ପଶ୍ଚିମ ଓଡ଼ିଶାରେ ପ୍ରଚଳିତ । ଫସକା-ଗମଗା, ଭୁସ୍କା-ମୋଟା ।)

୩୩ । ମଲ ଦହକୁ ବଳ, ମଲ ଦହକୁ କାଳ । (କୋଷ୍ଠ ପରିଷ୍କାର ହେଲେ ଦହ ଭଲ ରହେ ଏବଂ ବହୁତ ଝାଡ଼ା ହେଲେ ସ୍ୱାସ୍ଥ୍ୟହାନି ଘଟେ ।)

୩୪ । ମଲ୍ଲୁ ଖୋଳୁଥିଲା କାକର ପାଣି, ବଇଦ ବୋଇଲା ଦେ ଚୋରୁଣି । (ଦୁଷ୍ଚିକିତ୍ସାର ଏକ ଦୃଷ୍ଟାନ୍ତ ।)

୩୫ । ମାଥେ କାପଡ଼ ପାଏ ତେଲ, ବଇଦ ସଙ୍ଗତେ କରିବ ଗେଲ ।

୩୬ । ରୁଚ୍ନ ନ ରୁଚ୍ ଖାଇବ ପିତା, ବୁଝ ନ ବୁଝ ଗାଇବ ଗୀତା ।

୩୭ । ରୋହ ପିଉ, ଶୋଥକୁ ହିତ ।

୩୮ । ଷାଠିଏ ହାତ ମଇ ଆସି ଦା' ବେଣ୍ଟରେ ରହିଲାଣି । (ଅତ୍ୟନ୍ତ ଦୁର୍ବଳ ଓ କ୍ଷୀଣକାୟ ହୋଇଯିବା ।)

୩୯ । ସକାଳ ଗାଧୁଆ ପଖାଳ ଖିଆ ଦହରେ ଯେବେ ଯାଏ;
ଶାଳୀ ସଙ୍ଗରେ ହାସ ପରିହାସ କହିଲେ ଯେବେ ସହେ ।

୪୦ । ହରି ରଖେ କି ହରିଡାଳ ରଖେ । (ରୋଗୀର ଘୋର ସଙ୍କଟାପନ୍ନ ଅବସ୍ଥାରେ ଈଶ୍ୱର ରଖନ୍ତି କମ୍ବା ହରିଡାଳ ଭସ୍ମ ବଞ୍ଚାଏ ।)

୪୧ । ହାତ ନୁଡ଼ୁବୁଡ଼ୁ କହୁଣି ଖାଏ, କଉ ନୁଡ଼ୁବୁଡ଼ୁ ହଗି ଧାଏଁ ।

୪୨ । ଖାଇବ ଡାହାଣେ ଶୋଇବ ବାଆଁ, ଭାତ ଝଡ଼ିଯିବ ଆପଣାଗାଁ । (ଦକ୍ଷିଣ ଓ ବାମ ନାସାପୁଡ଼ାରେ ନିଃଶ୍ୱାସ ଯାଉଥିବା ସମୟରେ ।)

୪୩ । ଟୋପା ଟୋପା ବର୍ଷା ବାଟ ବଗାଡ଼େ, ଟୁପ୍ ଟାପ୍ କଥା ବଗାଡ଼େ ଘର; ଟୁପ୍‌ଟାପ୍ କଥା ସଭା ବଗାଡ଼େ; ଟାକୁ ଟାକୁ ଖିଆ ବଗାଡ଼େ ଜର ।

୪୪ । କୁଆକୁ ମାରବ ଛୁଆ ବେଳୁ, ରୋଗକୁ ମାରବ ନୂଆ ବେଳୁ, ବାଳୁଙ୍ଗା ମାରବ ପୁଆ ବେଳୁ ।

୪୫ । ପୁଆଣ୍ଡ ଖାଇଲେ ପଣସ, ଶୁଖୁଆ, ଡାଲ, ଜାଣିବ ପିଲାର ପୁରିଲା କାଳ ।

୪୬ । ସଞ୍ଜେ ସକାଳେ ନିଦ ଯାଏ,ତାର ପଇସା ବଇଦ ଖାଏ ।
(ସକାଳ ସନ୍ଧ୍ୟାରେ ନିଦ୍ରାଯିବା ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ ।)

Digitized by srujanika@gmail.com

ଲୋକ-ଗଳ୍ପ

୧। କଣ୍ଢଆ ବି ଗଲା, କଚ୍ଛମ ବି ଗଲା। (କଇଁଛ ଧରିଲା ଗାମୁଛାରେ ବାନ୍ଧିରଖିଥିବା କଇଁଛ ଗାମୁଛା ସହିତ ପଳାଇଯିବା ପରି ଏକାଥରେ ଦୁଇଟି ବସ୍ତୁ ହରାଇବା।)

୨। କାଉ ହଗିଦେଇ ଚମ୍ପଟ, ବଗ୍ଗିରି ବଗ ଧରାପଡ଼ିଲା। (ଗଛତଳେ ଶୋଇଥିବା ଶିକାରୀ ଉପରେ ବିଷ୍ଠା ତ୍ୟାଗ କରି କାଉ ଉଡ଼ି ପଳାଇ ଯିବା ପରେ ଶିକାରୀ ଗଛ ଉପରେ ବଗଟିଏ ବସିଥିବାର ଦେଖି ତାକୁ ଦୋଷୀ ବୋଲି ବିଚାରି ମାରିଲା, ଅନ୍ୟର ଅପରାଧ ନିମିତ୍ତ ଆଉ ଜଣେ ନିର୍ଦ୍ଦୋଷ ବ୍ୟକ୍ତି ଦଣ୍ଡ ଭୋଗକରିବା।)

୩। କାଉ ବସାରେ କୋଇଲି ଡିମ୍ବ ଦେଇ ନିଶ୍ଚିନ୍ତ ହେବା।
(କୋଇଲି ନିଜେ ଡିମ୍ବ ଫୁଟାଇ ପାରେନାହିଁ। ସେ ତାହାର ଡିମ୍ବକୁ କାଉ ବସାରେ ରଖି ଦେଇ ଆସେ ଏବଂ କାଉ ଉକ୍ତ ଡିମ୍ବକୁ ନିଜର ଡିମ୍ବ ବିଚାରି ଫୁଟାଏ। ଅନ୍ୟର ଅଜାଣତରେ ନିଜର ଦାୟିତ୍ୱ ଅନ୍ୟ ଉପରେ ଅର୍ପଣ କରି ନିଜେ ନିଶ୍ଚିନ୍ତ ରହିବା।)

୪। କାଉରେ, ବେଲ ପାଚିଲା, ନାଁ ମୋର କି ଗଲା।
କାଉରେ ଆମ୍ବ ପାଚିଲା, ନାଁ ମୋର ଯେ ଦୁଃଖ ଗଲା।
(କାଉ ବେଲର ଟାଣ ଖୋଳପା ଚଞ୍ଚୁରେ ଫୁଟାଇ ପାରେନାହିଁ। ସେହିପରି କୌଣସି ଲୋକ କୌଣସି ବିଷୟରୁ ଲାଭ ଉଠାଇବାକୁ ଅସମର୍ଥ ହେଲେ ଏହି ଉପଲକ୍ଷ୍ୟ ଦିଆଯାଏ।)

୫। ଖାଲେଇ ଗଲା, ମାଳେଇ ବି ଗଲା। (କେଉଟ ଖାଲେଇରେ ପୂରାଇ ରଖିଥିବା ମାଛ ଏବଂ ମାଳକରି ଗୁନ୍ଥି ରଖିଥିବା ମାଛ ପଳାଇଯିବା କାହାଣୀକୁ ଲକ୍ଷ୍ୟ କରି ଏହା କୁହାଯାଇଥାଏ। ସବୁ ଆଶା ଲୋପ ପାଇବା।)

୬। ଗଣ୍ଡି ଘୋଡ଼ା ବେଇବା ନ୍ୟାୟ। (ରଜା ପୁଅ ତେଲି ଘଣାର ଗଣ୍ଡିରେ ତାର ଘୋଡ଼ାକୁ ବାନ୍ଧିଦେଇ ରାତିରେ ତେଲି ଘରେ ବିଶ୍ରାମ ନେଇଥିଲା। ସକାଳେ ତେଲି ଘର ଲୋକେ ତାଙ୍କ ଘଣାର ଗଣ୍ଡି ଘୋଡ଼ା ବେଇଛି ବୋଲି କହି ଘୋଡ଼ାଟିକୁ ଦାବି କଲେ। ଅସମ୍ଭବ କଥା।)

୭। ଠାକୁର ଘରେ କିଏ ରେ? ନାଁ, ମୁଁ କଦଳୀ ଖାଇ ନାହିଁ।
(ଚୋରକୁ କେହି ପ୍ରଶ୍ନ କରିବା ପୂର୍ବରୁ ସେ ନିଜର ନିର୍ଦ୍ଦୋଷତା ପ୍ରମାଣ କରିବା ନିମିତ୍ତ ଆଗବଳି କଥା କହି ଧରାପଡ଼ିବା।)

୮। ଝିଅ—ଆଣିଏ ପାଣିକି ଗଲେ ବାପା ପଦୁ ଘୁଞ୍ଚି ଘୁଞ୍ଚି ଯାଉଛି।
କୁମ୍ଭୀର—କାନ୍ଦିଲେ କି ହେବ କନ୍ଦ୍ରବଦନା ମା ତ ନାରଙ୍ଗ ଖାଇଛି।
(ଲକ୍ଷ୍ୟସ୍ଥଳ ଦୂରରୁ ଆହୁରି ଦୂରକୁ ଚାଲିଯିବା)

Digitized by srujanika@gmail.com

୯ । ବର୍ରାଢ଼ ବେକରେ ଘଣ୍ଟି ବାନ୍ଧୁଛୁ କିଏ ? (କୌଣସି ଦୁଃସାହସିକ କାର୍ଯ୍ୟରେ ହାତ ଦେବାକୁ ଦ୍ୱିଧା ବୋଧ କରିବା ।)

୧୦ । ସାତ ଚକୁଳି ଚଉଦ ଚେଁ, ଶାଶୂ ବୋଇଲେ ଜୋଇଁ ସର୍ବଜ୍ଞେ, କାଦୁଅ ଚପୁ ଚପୁ ପାଇଲି ଫାଳ, ରାଜାଙ୍କ ହାତରେ ମଲ (ମଲ୍ଲୀ) । (ଗୋଟିଏ ଗଳ୍ପ ଅଛି ଯେ ଜଣେ ଚଷା ଯୁବକ ଶଶୁର ଘରକୁ ଯାଇ ଦାଣ୍ଡ ବଖରାରେ ବସିଥାନ୍ତି । ଆର ବଖରାରେ ଶାଶୂ ଚକୁଳିପିଠା କରୁଥାନ୍ତି । ଜୋଇଁ ଚକୁଳି ପିଠା ଲେଉଟାଇବାର ଚେଁ ଶବ୍ଦ ଗଣୁଥାନ୍ତି । ଚଉଦଟି ଚେଁ ଶବ୍ଦ ଶୁଣି ଜୋଇଁ ଜାଣିପାରିଲେ ଯେ ଶାଶୂ ୭ଟି ଚକୁଳି ପିଠା କରିଛନ୍ତି । ତା'ପରେ ଶାଶୂ ସାତଟିଯାକ ପିଠା ଜୋଇଁଙ୍କୁ ଖାଇବାକୁ ଦେବାରୁ ଜୋଇଁ କହିଲେ ସବୁଯାକ ପିଠା ତ ମୋତେ ଦେଲ, ତୁମେ କଣ ଖାଇବ । ଏଥିରୁ ଶାଶୂ ମନେକଲେ ଯେ ଜୋଇଁ ତାଙ୍କର ସର୍ବଜ୍ଞ । ଇତି ମଧ୍ୟରେ ତାଙ୍କର ଶଳା ଓ ଶଶୁର ବିଲରେ ହଳ ବୁଲାଇବାକୁ ଯାଇ ଲଙ୍ଗଳରୁ ଲୁହା ହଜାଇ ଦେଇ ଆସିଥିଲେ । ଶାଶୂଙ୍କଠାରୁ ଜୋଇଁଙ୍କର ସର୍ବଜ୍ଞତା ବିଷୟ ଶୁଣି ତାଙ୍କୁ ହଜିଲା ଲଙ୍ଗଳ ଲୁହା କଥା କହିଲେ । ଏଣେ ଜୋଇଁ ରାତିରେ ବିଲକୁ ଯାଇ କାଦୁଅ ଚପି ଚପି ଲଙ୍ଗଳ ଲୁହାଟି ଖୋଜି ଆଣି ସେମାନଙ୍କର ଅଜାଣତରେ ଲଙ୍ଗଳ ଲୁହାଟି ଦୁଆର ମୁହଁରେ ରଖିଦେଲେ । ହଜିଲା ଲଙ୍ଗଳ ଲୁହା ଫେରିପାଇ ସେମାନଙ୍କର ପୂରା ବିଶ୍ୱାସ ହୋଇଗଲା ଯେ ଜୋଇଁ ପ୍ରକୃତରେ ସର୍ବଜ୍ଞ । ଏକଥା ଗାଁ ସାରା ରାଷ୍ଟ୍ର ହୋଇଗଲା । ସେଠାକାର ରାଜା ଏକଥା ଶୁଣି ଜୋଇଁଙ୍କ ସର୍ବଜ୍ଞତା ପରୀକ୍ଷା କରିବାପାଇଁ ହାତରେ ଗୋଟିଏ ମଲ୍ଲୀଫୁଲ ଧରି ପଚାରିଲେ—"ମୋ ହାତରେ କଣ ଅଛି କହ, ନୋହିଲେ ମୁଣ୍ଡ କାଟ ହେବ ।" ଜୋଇଁ ଉପରୋକ୍ତ ପଦଗୁଡ଼ିକ ଗୁଣି ହୋଇ ଶେଷକୁ କହିଲା ଏଥର ରାଜାଙ୍କ ହାତରେ ମଲ (ମଲ୍ଲୀ) । ରାଜା ଭାବିଲେ ଯେ ସେ ମଲ୍ଲୀ ବୋଲି କହିଲା । ଏଥିରେ ସେ ସନ୍ତୁଷ୍ଟ ହୋଇ ତାହାଙ୍କ ମୁଣ୍ଡରେ ସର୍ବଜ୍ଞଶାଢ଼ି ବାନ୍ଧିଦେଲେ ।)

୧୧ । ସେରକ ପୂରିଲା, ମାଣକ ପୂରିଲା ଉଠରେ ପୁତା ଉଠ । (ଏକ କପୋତୀ ତାର ପୁଅ ଓ ଝିଅଙ୍କୁ ମାଣେ ଲେଖାଏଁ ଧାନ ଦେଇ ଚାଉଳ କରି ଆଣିବାକୁ କହିଲା । ଝିଅ ମାଣର ତଳେ ଚଷ୍ଟ ଏବଂ ଉପରେ ଚାଉଳ ରଖି ଆଣି ଦେଲା; କିନ୍ତୁ ପୁଅ ଚଷ୍ଟୁତକ ଫୋପାଡ଼ିଦେଇ କେବଳ ଚାଉଳ ଆଣିଦେଲା । ପୁଅର ଚାଉଳ କମ୍ ହୋଇଥିବାର ଦେଖି କପୋତୀ ପୁଅର ମୁଣ୍ଡକୁ ଢେଙ୍କି ପାହରାଣିରେ କୁଟିଦେଲା । ତା'ପରେ ସେ ଝିଅର ଚାଉଳମାଣ ତଳେ ଅଜାଡ଼ି ଦେଖିଲା ଯେ ମାଣ ତଳେ ଚଷ୍ଟୁ ଅଛି । ନିଜର ଭୁଲପାଇଁ ଅନୁତପ୍ତ ହୋଇ ସେ ଉପରୋକ୍ତ ବାକ୍ୟ ଉଚ୍ଚାରଣ କରି ମୃତ ପୁତ୍ର ପାଇଁ ବିଳାପ କରିବାକୁ ଲାଗିଲା ।)

Digitized by srujanika@gmail.com

୧୨ । ଏକ ସଲାମି ନ କରି ଦୋସଲାମି କରିବା । (ଏକଦା ରାଜା ପୁଅ ଘୋଡ଼ା ଚଢ଼ି ରାସ୍ତାରେ ଯାଉଥିଲା । ପଥ ମଧ୍ୟରେ ଏକ ଶୃଗାଳ ତାଙ୍କୁ ଅଭିବାଦନ କଲା; କିନ୍ତୁ ରଜା ପୁଅ ଗ୍ରୁର୍ ଶୃଗାଳକୁ ପ୍ରତି-ନମସ୍କାର ଜଣାଇବା ଉଚିତ ମନେ କଲାନାହିଁ । ରାଜା ପୁଅ ସେଦିନ ରାତିରେ ଘୋଡ଼ାଟିକୁ ଏକ ତେଲିର ଘଣା ଗଣ୍ଡିରେ ବାନ୍ଧି ଦେଇ ସେଠାରେ ବିଶ୍ରାମ କଲା । ତହିଁ ପରଦିନ ତେଲିଘର ଲୋକେ ଘୋଡ଼ାଟିକୁ ନିଜର ବୋଲି ଦାବି କରି ଘୋଡ଼ା ଉପରେ ନିଜର ଅଧିକାର ପ୍ରମାଣିତ କରିବାପାଇଁ ରଜା ପୁଅକୁ କହିଲେ । ପଥ ମଧ୍ୟସ୍ଥ ଶୃଗାଳଟି ଛଡ଼ା ରଜା ପୁଅର ଆଉ କେହି ସାକ୍ଷୀ ନଥିଲେ । ରଜା ପୁଅ ଅଗତ୍ୟା ବାଧ୍ୟ ହୋଇ ଯେଉଁ ଶୃଗାଳକୁ ଘୋର ଅପମାନିତ କରିଥିଲା, ତାକୁ ବହୁ ଅନୁନୟ ବିନୟ କରି ତେଲି ଘରକୁ ଆଣିଲା ଏବଂ ଶୃଗାଳର ସାକ୍ଷ ଅନୁଯାୟୀ ଘୋଡ଼ା ଫେରିପାଇଲା । ଯାହାର ଯାହା ପ୍ରାପ୍ୟ ତାହା ତାକୁ ନ ଦେଇ ପରେ ଅବସ୍ଥାଚକ୍ରରେ ପଡ଼ି ବାଧ୍ୟ ହୋଇ ଦୁଇ ଗୁଣରେ ଶୁଝିବା ।)

୧୩ । ବସି ଖାଇଲେ ନଇ ବାଲି ସରେ ।

୧୪ । ହାଡ଼ ପରି ଅର୍ଜିବ, ସାଆନ୍ତ ପରି ଖାଇବ ।

୧୫ । ଭାର୍ଯ୍ୟା ଆଗରେ ମିଛ କହିବ, ରାଜା ଆଗରେ ସତ କହିବ ।
(ଦରିଦ୍ର ବ୍ରାହ୍ମଣକୁ ସନ୍ନ୍ୟାସୀର ଉପଦେଶ ଗଳ୍ପର ସାରାଂଶ ।)

ଲୋକ-ଚରିତ୍ର

୧ । ଅନ୍ଧ ଗାଁକୁ ଏକଆଖିଆ ରଜା । (ମୂର୍ଖ ଅଥବା ଅଯୋଗ୍ୟ ଲୋକଙ୍କ ପାଖରେ ଅଳ୍ପଜ୍ଞ ବ୍ୟକ୍ତି ନିଜର ବାହାଦୁରି ଦେଖାଏ ।)

୨ । ଆଖି କଜଳ ସହି ହୁଏ, ଟିରିକ (ଗୁହ୍ୟଦ୍ୱାର) କଜଳ ସହି ହୁଏ ନାହିଁ । (ପ୍ରତିବେଶୀ ବା ଶତ୍ରୁ ସ୍ଥାନୀୟ ବ୍ୟକ୍ତି ଗୁହ୍ୟଦ୍ୱାର ବା ଅସ୍ଥାନରେ କଜ୍ଜ୍ୱଳ ଦେଲେ ଦର୍ଶକ ତାହା ଆଦୌ ବରଦାସ୍ତ କରିପାରେ ନାହିଁ । ପ୍ରତିବେଶୀର ବିଳାସ ମନୁଷ୍ୟ ପକ୍ଷରେ ଅସହ୍ୟ ।)

୩ । ଆଖି ନ ଫିଟୁଣୁ ମହାଭାରତ । (ଅତି ବାଲ୍ୟ ବୟସରୁ ବଡ଼ ବଡ଼ କଥାରେ ମୁଣ୍ଡ ପୂରାଇବା ।)

୪ । ଆଗତ ଲୁହା, ପରଗାଈ ଦୁହାଁ, ଏ ଦୁହେଁ ସମାନ । (ଉଭୟ ବିଶ୍ୱାସର ଅଯୋଗ୍ୟ ।)

୫ । ଆଗଚଲା, ପର ଗାଈ ଦୁହାଁ, ଖାପପେଲା, ନାଥ ବୋଲେ କିଏଁ ଥାଉଁ ଥାଉଁ ମଲା । (ଏମାନେ ଲୋକଙ୍କୁ ବିପଦରେ ପକାନ୍ତି ।)

Digitized by srujanika@gmail.com

୬ । ଆପଦ ପଡ଼ିଲେ ଗୋସେଇଁଙ୍କୁ ଡାକସ୍ତ । (ଯେଉଁ ଲୋକ ତାହାର ହିତାକାଂକ୍ଷୀ ବନ୍ଧୁମାନଙ୍କୁ ଅନ୍ୟ ସମୟରେ ପଚାରେ ନାହିଁ ଅଥଚ ବିପଦବେଳେ ସେମାନଙ୍କର ଦ୍ୱାରସ୍ଥ ହୁଏ ।)

୭ । ଆପଣା ସ୍ୱାର୍ଥିକ ବଣି ଚଢ଼େଇ । (ଅତ୍ୟନ୍ତ ସ୍ୱାର୍ଥପର ବ୍ୟକ୍ତି ।)

୮ । ଆରେ ରେ, ଯେତେବେଳେ ଯେ । (ସୁବିଧାବାଦୀ ବ୍ୟକ୍ତି ।)

୯ । ଉଠି ନ ପାରି ମାରେଙ୍ଗା । (ଅପାରଗ ଲୋକ ମୁହଁଭଡ଼ଙ୍ଗ ଦେଖାଇବା ।)

୧୦ । ଉପରେ ପଡ଼, କଣାରୁ ବଡ଼ । (ଅନ୍ୟ ଉପରେ ନିଜର କର୍ତ୍ତୃତ୍ୱ ବିସ୍ତାର କରିବା ।)

୧୧ । ଏକ ତୁଣ୍ଡରେ ଉଆ ଉଣୁନା । (ଜଣେ ଲୋକ ଗୋଟିଏ ପ୍ରକାର କଥା କହି ଭିନ୍ନ ସମୟରେ ବିପରୀତ ମତପୋଷଣ କରିବା ।)

୧୨ । ଏକା ଲଉର ମଞ୍ଜି । (ସମାନ ସ୍ୱଭାବବିଶିଷ୍ଟ ବ୍ୟକ୍ତି ।)

୧୩ । ଏ ଘର ମାଉସୀ, ସେ ଘର ପିଉସୀ । (ଯେଉଁ ଲୋକ ଉଭୟ ପକ୍ଷରେ ଥାଏ ।)

୧୪ । ଏସା କରେଙ୍ଗା, ତେସା କରେଙ୍ଗା; ସିପେଇ ଦେଖିଲେ ଶୋଇ ପଡ଼େଙ୍ଗା । (ହିନ୍ଦୀ ମିଶା ବ୍ୟଙ୍ଗୋକ୍ତି ।)

୧୫ । କଙ୍କଡ଼ାକୁ ଗୋଳ ପାଣି ସୁହାଏ । (ଅସାଧୁ ବ୍ୟକ୍ତି ଗୋଳମାଳିଆ କାରବାରକୁ ଭଲ ପାଏ ।)

୧୬ । କହିଲା ଲୋକକୁ ଯୁଦ୍ଧ ନଆସେ । (ଯେଉଁ ଯୁଦ୍ଧରେ ସହସ୍ର ସହସ୍ର ଲୋକ ପ୍ରାଣ ହାଅନ୍ତି ତାହା ସେ ଅକ୍ଳେଶରେ ବର୍ଣ୍ଣନା କରିଯାଏ ।)

୧୭ । କହିବା ଲୋକ ବଡ଼ ନୁହେଁ, ସହିବା ଲୋକ ବଡ଼ ।

୧୮ । କହେ ଯେ କରେ ନାହିଁ, କରେ ଯେ କହେ ନାହିଁ ।

୧୯ । କହି କମଳୀ । (ଯେଉଁ ସ୍ତ୍ରୀଲୋକ କେବଳ ବଡ଼ ବଡ଼ କଥା କହେ; କିନ୍ତୁ କାର୍ଯ୍ୟରେ କିଛି କରେ ନାହିଁ ।)

୨୦ । କହୁ ଯେଡ଼େ, ନୋହୁ ତେଡ଼େ । (ଯାହାର କଥା ଓ କାର୍ଯ୍ୟରେ ସାମଞ୍ଜସ୍ୟ ନାହିଁ ।)

୨୧ । କଂସାରି ଘର ପାରି, ତାକୁ କୁଳ ଠାଉଁ ଠାଉଁ ଡରି । (ନିର୍ଭୀକ ଅଭିଜ୍ଞ ବ୍ୟକ୍ତି ସାମାନ୍ୟ ଭୟ ପ୍ରଦର୍ଶନରେ ଭୀତ-ଚକିତ ନ ହେବା ।)

୨୨ । କାଉ କୋଇଲି ଏକା ବର୍ଣ୍ଣ, ରାବବେଳେ ଭିନ୍ନ ଭିନ୍ନ । (ଲୋକର ପ୍ରକୃତି ତାହାର ଚେହେରାରୁ ନୁହେଁ, ତାହାର କାର୍ଯ୍ୟ ଓ ବ୍ୟବହାରରୁ ହିଁ ଜଣାଯାଇଥାଏ ।)

୨୩ । କାଉ ତୁଣ୍ଡରେ ପୁଣି କୃଷ୍ଣ କଥା । (ଦୁରାଶା । ଶୁଆ କୃଷ୍ଣ କୃଷ୍ଣ କହେ, କାଉ କହେ ନାହିଁ ।)

୨୪ । କାଉଁରିଆ କାଠି, ଭାଙ୍ଗିବ ପଛକେ ନଇଁବ ନାହିଁ । (ଦୃଢ଼ପ୍ରତିଜ୍ଞ ଟାଣୁଆ ଲୋକ ।)

୨୫ । କାଣୀ ବିରାଡ଼ି ଉପରକୁ କୁଜା ଅସରପା ଟାଣ । (ଯେ ଦୁର୍ବଳ ସେ ତାହାଠାରୁ ଆହୁରି ଦୁର୍ବଳ ବ୍ୟକ୍ତି ଉପରେ ନିଜର ପ୍ରତାପ ଦେଖାଏ ।)

Digitized by srujanika@gmail.com

୨୬ । କାମ ସରିଲେ ମେର ମୁହଁ ଖୋଲା । (ସ୍ୱାର୍ଥ ସିଦ୍ଧି ପରେ ଲୋକେ ଉପକାରୀର ଉପକାରକୁ ଭୁଲିଯାଇ ତାକୁ ଆଡ଼େଇ ଦିଅନ୍ତି ।)

୨୭ । କାଲିକା ଯୋଗୀ, ମୁଣ୍ଡରେ ଜଟା । (ଅଳ୍ପ ଦିନ ହେଲା ଘର ଗୃହସ୍ଥି ବାବାଜି ହୋଇଥିବା ଲୋକର ଜଟା ଦେଖିଲେ ଜାଣିବ ଯେ ସେ ଜଟା କୃତ୍ରିମ ଜଟା । ସେହିପରି ଅନଭିଜ୍ଞ ବ୍ୟକ୍ତି ବଡ଼ ବଡ଼ କଥା ଶୁଣାଇଲେ ଏହି ଉପମା ଦିଆଯାଏ ।)

୨୮ । କାଲି ଡରକା ଯାଇଛୁ, ନିଦରୁ ଉଠି ଧାଇଁଛୁ । (ପୂର୍ବ ଅନୁଭୂତିରୁ ସାବଧାନ ହେବା ।)

୨୯ । କାହା ମୁହଁରେ ଯୁଇ ଫୁଟେ, କାହା ମୁହଁରେ ମନ୍ଦାରଙ୍ଗା ଛୁଟେ । (ଦୁନିଆରେ ମଧୁର ଭାଷୀ ଓ କର୍କଶଭାଷୀ ଉଭୟ ପ୍ରକାର ଲୋକ ଦେଖାଯାନ୍ତି ।)

୩୦ । କାହାର ଘର ପୋଡ଼େ, କିଏ ନିଆଁ ପୁହାଏ । (ଜଣକର ବିପଦରୁ ଅନ୍ୟ ଜଣେ ଲାଭ ଉଠାଇବା ।)

୩୧ । କୁମ୍ଭୀରକୁ ଗୋଳିଆ ପାଣି ସୁହାଏ । (କୁମ୍ଭୀର ଗୋଳିଆ ପାଣିରେ ଆତ୍ମଗୋପନ କରି ଶିକାରକୁ ଧରିବାକୁ ଚେଷ୍ଟା କରେ । ସେହିପରି ଅସାଧୁ ବ୍ୟକ୍ତି ଗୋଳମାଳିଆ ପରିସ୍ଥିତିର ସୁଯୋଗ ନେଇ ଲାଭଉଠାଏ ।)

୩୨ । କୁଆ କାନ ନେଇଗଲା ବୋଲି ଶୁଣି, କାନ ନ ଦେଖି କୁଆ ପଛରେ ଗୋଡ଼ାଇବା । (ଶୁଣାକଥାରେ ଭୁଲିଯାଇ କାର୍ଯ୍ୟ କରିବା ।)

୩୩ । କୁମ୍ଭାର ବଳଦ ମାଟି ଗାଡ଼ିଆ ପର୍ଯ୍ୟନ୍ତ । (କୁମ୍ଭାର ଘର ବଳଦ ପରି ଯାହାର କାର୍ଯ୍ୟର ପରିସର ଅତ୍ୟନ୍ତ ସୀମାବଦ୍ଧ ।)

୩୪ । କୂଅରେ ବେଙ୍ଗ ପଡ଼ିଲେ ସମସ୍ତେ ଟେକାଏ ଟେକାଏ ମାରନ୍ତି । (କୌଣସି ବ୍ୟକ୍ତିର ଅସହାୟ ଅବସ୍ଥାର ସୁଯୋଗ ନେଇ ତା ପ୍ରତି ଅତ୍ୟାଚାର କରିବା ।)

୩୫ । କେମ୍ପା କରଣ, ଗ୍ରେଟ ଘୋଡ଼ା, ଖନା ଓଳିଲ, ହାକିମ ଭେଡ଼ା—ସଖି ଗୋ, ମନ୍ଦ ଏ ।

୩୬ । ଖଣ୍ଡିଆ ମହାଦେବଙ୍କୁ ଡରେ ନାହିଁ । (ଯେ ଦୁନିଆରୁ ଅଲଗା ସେ କାହାରିକୁ ଭୟ କରେନାହିଁ ।)

୩୭ । ଖଡକୁଡ଼କୁ ଆଖି ଦେବା ନ୍ୟାୟ । (ଘୃଣ୍ୟ ଜଘନ୍ୟ ବିଷୟ ପ୍ରତି ଲାଳାୟିତ ହେବା ।)

୩୮ । ଖାଇ ନନ୍ଦା ପତର ହଗା । (ଅକୃତଜ୍ଞ ବ୍ୟକ୍ତି ।)

୩୯ । ଖାଇ ପାଳୁଆ । (ଠକ, ପ୍ରବଞ୍ଚକ ।)

୪୦ । ଖୁଣି ଯାଉ, ଗର୍ଜନ ତାର । (ଆପଣା ପୁଅକୁ ଶତ୍ରୁ ଭ୍ରମରେ ହତ୍ୟା କରିବା ପିତା ସମ୍ବନ୍ଧରେ ଉକ୍ତି ।)

୪୧ । ଗଉଡ଼ର ଗୁହାଳ ଧୋଇ, ମୋଚିର ବାହାଘର । (ଜଣକର ବିପଦରୁ ଆଉ ଜଣେ ଲାଭ ଉଠାଇବା ।)

Digitized by srujanika@gmail.com

୪୨ । ଗରଜିଲା ବାଘ କି ମଣିଷ ଖାଏ । (ଯେଉଁମାନେ ମୁହଁରେ କଡ଼ା କଡ଼ା କଥା କହନ୍ତି ସେମାନଙ୍କ ଅନ୍ତର ନିଷ୍ଠୁର ନୁହେଁ ।)

୪୩ । ଗିଧର ଦୃଷ୍ଟି ସହସ୍ର କୋଶ । (ଶାଗୁଣା ବହୁଦୂରରୁ ମଢ଼ର ସନ୍ଧାନ ପାଇଲା ପରି ଲୋଭୀ ଲୋକର ଦୃଷ୍ଟି ଦୂରପ୍ରସାରୀ ଅଟେ ।)

୪୪ । ଗୁହ କାଢ଼ି କଅଁ ନାକରେ ହାତ ? (ହୀନ କାର୍ଯ୍ୟ କରି ତହିଁ ପ୍ରତି ଘୃଣା ପ୍ରକାଶ କରିବା ।)

୪୫ । ଗୁହ କୁଣ୍ଡା ଆଣି ଘରେ ପୂରାଇବା । (ଅତିଶୟ ଲୋଭ ।)

୪୬ । ଗୋବର ସାଉଁଟି ନ ଯାଇ ଗାଣ୍ଠୁଆ ଫୋପାଡ଼ିବା ।

୪୭ । ଗୋରୁ ଲାଙ୍ଗୁଡ଼ ଧରି ବୈତରଣୀ ପାରି ହୋଇଯିବା । (ପହଁରି ଜାଣି ନଥିବା ଲୋକ ଗୋରୁଲାଞ୍ଜଧରି ନଦୀ ପାରି ହୋଇଯିବା ପରି ଅନ୍ୟର ଆଶ୍ରା ଧରି ଉଦ୍ଧାର ପାଇଯିବା ।)

୪୮ । ଗୋରୁମୁଣ୍ଡ ଥାପି କପା ତୋଳିବା । (ବନ୍ୟଜନ୍ତୁମାନଙ୍କୁ ହୁରୁଡ଼ାଇବା ପାଇଁ ଗୋରୁମୁଣ୍ଡ ଥାପିଲାପରି ଅନ୍ୟକୁ ଆଗରେ ଥୋଇ ନିଜର ସ୍ୱାର୍ଥ ସାଧନ କରିଯିବା ।)

୪୯ । ଗୋରୁ ମାରି ଶାଗୁଣା ପୋଷିବା । (ଉପକାରୀ ବ୍ୟକ୍ତିର ଅନିଷ୍ଟ ସାଧନ କରି ଅପକାରୀ ବ୍ୟକ୍ତିର କଲ୍ୟାଣ ସାଧନ କରିବା ।)

୫୦ । ଘର ପଛକେ ପୋଡ଼ୁ, ମୂଷା କେଞ୍ଚେ ପାଇଲେ । (ସାମାନ୍ୟ ଉପକାର ପାଇଁ ବିରାଟ କ୍ଷତି ବରଣକରିବା ।)

୫୧ । ଘର ଭିତରେ ଦାଣ୍ଡି ନଚାଇବା । (ଘର ଭିତରେ ନାନା ଅନାଗ୍ରହ ଓ ଅଳିଯାକୁ ପ୍ରଶ୍ରୟ ଦେବା ।)

୫୨ । ଘରର କେହି ନୁହେଁ, ଧାନ ହେଁସରେ କୁଆ ବସେଇ ଦଉନି । (ଅନଧିକାର ଚର୍ଚ୍ଚା ।)

୫୩ । ଘର ମୁହାଁ, ଶ୍ୱେର ମୁହାଁ, ମାଈ ମୁହାଁ, ଭାତ ମୁହାଁ; ଏ ନୁହନ୍ତି କାହାଁ । (ଏମାନେ ଜୀବନରେ ଉନ୍ନତି କରିପାରନ୍ତି ନାହିଁ ।)

୫୪ । ଘର ବୁଡ଼ି ପାଣି ଆଣୁ ଏ ହେଲାଣି, କଣା କହୁଚି ମେଘ ଦୁଲୁକୁଛି । (ଆସନ୍ନ ବିପଦ ପ୍ରତି ସଚେତନ ନ ହେବା ।)

୫୫ । ଘରେ କୁଲା ଦେଇ ଓପା, ଦାଣ୍ଡରେ ବସି ନିଶରେ ଘିଅ ହାତ ମାରୁଛି ।

୫୬ । ଘରେ ନାହିଁ ଖୁଦ ପାଏ, ଝୁଲୁଣା ଯୋଚି ହଗିବେ ଯାଏ ।

୫୭ । ଘାସ କାଟି ଯାଇ ପରଗୁପଣ । (ଅନଧିକାର ଚର୍ଚ୍ଚା ।)

୫୮ । ଘୁଷୁରିକି କାହିଁ ପାଚିଲା କଦଳୀ, ଅନ୍ଧ ହାତେ ରତ୍ନ ମୁଦି,
ପେଚ୍ଚା ଚଢ଼େଇକି ସୁବର୍ଣ୍ଣ ପଞ୍ଜୁରି, କୋରଡ଼ ସୁମରି କାନ୍ଦି ।
(ଅଯୋଗ୍ୟ ବ୍ୟକ୍ତି ହାତରେ ମୂଲ୍ୟବାନ୍ ବସ୍ତୁ ଅର୍ପଣ କଲେ ସେ ତାର ମୂଲ୍ୟ ବୁଝେନାହିଁ ।)

୫୯ । ଚଢ଼େଇ ଚରଗୁଣୀର ପେଟକଥା ଜାଣିବା ବ୍ୟକ୍ତି । (ଅତ୍ୟନ୍ତ ଚତୁର ବ୍ୟକ୍ତି ।)

Digitized by srujanika@gmail.com

୬୦ । ଚତୁରେ ଚତୁରେ କୋଳାକୋଳି । (ଦୁଇ ଚତୁର ବ୍ୟକ୍ତିଙ୍କର ଛଳନାପୂର୍ଣ୍ଣ ମିଳନ ।)

୬୧ । ଚରଣଚଟିଆ ପ୍ରକୃତି । (ତୋଷାମଦକାରୀ ବ୍ୟକ୍ତି ।)

୬୨ । ଘୃଣଦଉଡ଼ିକଟା । (ସମସ୍ତ ସମ୍ପର୍କ ଛିନ୍ନକରିଥିବା ବ୍ୟକ୍ତି ।)

୬୩ । ଘୃଣଦଉଡ଼ିକଟାଙ୍କର ସଂସାରରେ କାହାରିକୁ ଡରନାହିଁ । (ସଂସାରର ସମସ୍ତ ସମ୍ପର୍କ ଛିନ୍ନକରିଥିବା ଲୋକ କାହାରିକୁ ଭୟ କରେ ନାହିଁ ।)

୬୪ । ଛେନା ଗୁଡ଼ଖିଆ ମାଦଳ ବଜା । (ଚିନ୍ତାଶୂନ୍ୟ ସୁଖୀ ଲୋକ ।)

୬୫ । ଗ୍ରେଷ୍ଟ ମୁହେଁ ବଡ଼ କଥା । (ଅଶୋଭନୀୟ)

୬୬ । ଗ୍ରେଷ୍ଟଲୋକର ଗ୍ରେଷ୍ଟକଥା ।

୬୭ । ଜଗତି ଉପରେ ବସିଲେ କୁଆ, ଗରୁଡ଼ ବୋଲି କି ହୋଇବ କୁହା । (ନୀଚପ୍ରକୃତିର ଲୋକ ଯେତେ ପଦବୀ ପ୍ରାପ୍ତ ହେଲେ ମଧ୍ୟ ତାର ପ୍ରକୃତିର ପରିବର୍ତ୍ତନ ହୁଏ ନାହିଁ ।)

୬୮ । ଜଳଜଳା କାଠ ଜଳଇ ନାହିଁ, ଥରେ ଜଳିଲେ ନିଭଇ ନାହିଁ । (ନିର୍ଲଜ ବ୍ୟକ୍ତି)

୬୯ । ଜାଲ ଛିଣ୍ଡା ମାଛକୁ ଟୋକେଇ କୁଦାଏ । (ଯେଉଁ ମାଛ ଜାଲ ଛିଣ୍ଡାଇ ପଳାଇ ଥାଏ, ଟୋକେଇରୁ ଡେଇଁ ପଳାଇବା ତା ପକ୍ଷରେ ଅତି ସାମାନ୍ୟ କଥା । ଅତି ଦକ୍ଷ ଓ ଚତୁର ବ୍ୟକ୍ତି ।)

୭୦ । ଅଲାଜୁକ ଗଲା ମରିବାକୁ, ତାକୁ ତିନି ଜଣ ଗଲେ ଧରିବାକୁ । (ନିର୍ଲ୍ଲଜ ବ୍ୟକ୍ତି)

୭୧ । ଡମ ନଗର ଭାଙ୍ଗିଲେ ଚମ୍ପା କମାର ମନ୍ତ୍ରୀ । (ସର୍ବନାଶବେଳକୁ ଅଯୋଗ୍ୟ ବ୍ୟକ୍ତି ପରାମର୍ଶଦାତା ରୂପେ ନିଯୁକ୍ତ ହୁଏ ।)

୭୨ । ଢିଙ୍କିଶାଳ କଥା ନ ଜାଣି ଢେଙ୍କାନାଳ କଥା କହିବା । (ଘରକଥା ନ ଜାଣି ଦୂର ଦେଶର କଥା ପରିବେଷଣ କରିବା ।)

୭୩ । ଢେଙ୍କାକୁ ବାଟ ପଗ୍ଭରି ପଗ୍ଭରି ଯିବା । (ବୁଦ୍ଧିମାନ୍ ଲୋକପାଇଁ କୌଣସି ସ୍ଥାନ ଅଜଣା ନୁହେଁ ।)

୭୪ । ଢୋଲ ଖାଏ ମାଡ଼, ହାଣ୍ଡି ଖାଏ କଉଡ଼ି । (ଜଣେ କଷ୍ଟ ଭୋଗ କରିବା ଏବଂ ଆଉ ଜଣେ ସେହି କଷ୍ଟର ସୁଖମୟ ଫଳ ଭୋଗ କରିବା ।)

୭୫ । ତୁ ଗୁହାରି କରୁଛୁ ଯାହାକୁ, ମୁଁ ତ ଜୁଆଇଁ କରିଛି ତାହାକୁ । (ଜଣକ ବିରୁଦ୍ଧରେ ଅନ୍ୟ ଜଣେ ଏକ ତୃତୀୟ ବ୍ୟକ୍ତିଙ୍କ ସମ୍ମୁଖରେ ନ୍ୟାୟ ବିଗ୍ଭର ପାଇଁ ଆବେଦନ କରିଥିବା ସ୍ଥଳେ ସେହି ତୃତୀୟ ବ୍ୟକ୍ତିକୁ ଅଭିଯୁକ୍ତ ବ୍ୟକ୍ତି ଆଗରୁ ହାତ କରିଥିବାର ଦୃଷ୍ଟାନ୍ତ ।)

୭୬ । ତେଲ ତେଲ ଗଲେ ମିଳି, ପିଢ଼ଆକୁ ଦେଲେ ଅଲଗା କରି । (ତିନି ଜଣ ମଧ୍ୟରୁ ଦୁଇଜଣ ମିଳିଯାଇ ତୃତୀୟ ବ୍ୟକ୍ତିକୁ ଅନ୍ତର କରିଦେବା ।)

Digitized by srujanika@gmail.com

୭୭ । ଚୋର ଦେଖି, ମୋର ତେଉଁଲା ଡାହାଣ ଆଖି । (ଅନ୍ୟର ଶ୍ରୀବୃଦ୍ଧି ଦେଖି ଲାଳାୟିତ ହେବା ।)

୭୮ । ତୋ ହଳ ଧାନ ମୋତେ ଦେ, ମୋ ଘରେ ତୁ ଗୃହି ରହ । (ନିଜର ସମସ୍ତ ଅଧିକାର ଅପରକୁ ଅର୍ପଣ କରିଦେଇ ତାର ଅଧୀନତା ସ୍ୱୀକାର କରିବା ।)

୭୯ । ଦାଣ୍ଡ କଲା ଘରକୁ ଆଣିବା ।

୮୦ । ଦାନ ଉପରେ ଦକ୍ଷିଣା ଦିଅ, ଆଉ ଛଅ କୋଣ ପନ୍ଦ୍ରଅାଇ ଦିଅ । (ବିନା ଖରଚରେ ସବୁ କଥା ଅପର ବ୍ୟକ୍ତିଠାରୁ ଦାନ ସୂତ୍ରରେ କରାଇ ନେବା ପାଇଁ ଇଚ୍ଛା କରୁଥିବା ବ୍ୟକ୍ତି ପ୍ରତି କଟାକ୍ଷ ବଚନ ।)

୮୧ । ଦିନେ ମାଇଲେ ଘା, ଚଇତ୍ର ବୈଶାଖ ଯା ।

୮୨ । ଦିହରେ ପାଳ ବଢ଼ିଆ ବାନ୍ଧି ବଡ଼ ହେବା । (ଦୁର୍ବଳ ବ୍ୟକ୍ତି ଦେହରେ ପାଳ ବଢ଼ିଆ ଗୁଡ଼ାଇ ସବଳ କରିବାପାଇଁ ଚେଷ୍ଟା କରିବା ପରି ଅଯୋଗ୍ୟ ବ୍ୟକ୍ତିକୁ ଅଯଥା ପ୍ରଶଂସାକରି ଯୋଗ୍ୟ ବୋଲି ପ୍ରତିପାଦିତ କରାଇବାର ହାସ୍ୟାସ୍ପଦ ଚେଷ୍ଟା ।)

୮୩ । ଦୁଧ ଖାଇବ ଯେ, ନାତ ସହିବ ସେ । (କୌଣସି ବ୍ୟକ୍ତିଠାରୁ ଯେ ଉପକାର ପାଇଥାଏ ଉକ୍ତ ବ୍ୟକ୍ତିଦ୍ୱାରା ତାର ସାମାନ୍ୟ କ୍ଷତି ହେଲେ ତାହା ସହିବାକୁ ପଡ଼େ ।)

୮୪ । ଦୁଧ ଗୁଡ଼ ନେଇ ନିମ୍ବ ମୂଳେ ଦେଇ, ଆଖୁ ସ୍ବରପାଖେ ରୋଇବ, ଖଣ୍ଡରେ ଧୋଇବ, ଫେଣାରେ ମୋହିବ, ତେବେ ନିମ୍ବ କ ମଧୁର ହୋଇବ ? (ଦୁଷ୍ଟ ପ୍ରକୃତିର ଲୋକ ଯେତେ ଭଲ ବ୍ୟବହାର ପାଇଲେ ମଧ୍ୟ ତାର ମନ୍ଦ ପ୍ରକୃତି ଛାଡ଼େ ନାହିଁ ।)

୮୫ । ଦୁଧ ଉତୁରିଲେ ଚୁଲିକୁ, ମଣିଷ ଉତୁରିଲେ ଗାତକୁ । (ଦୁଧ ହାଣ୍ଡିରୁ ଉତୁରି ପଡ଼ି ନଷ୍ଟ ହେବାପରି ଗର୍ବସ୍ଫୀତ ଲୋକ ବିନାଶ ପ୍ରାପ୍ତ ହୁଏ ।)

୮୬ । ଦୁଧ ଘଡ଼ି ହାତରେ ଥିଲେ ଲୋକ ମଦ ବୋଲି କହନ୍ତି । (ଦୁର୍ଜନ ଲୋକର ସଂସର୍ଗ ଫଳରେ ସୁଜନ ବ୍ୟକ୍ତିର ମଧ୍ୟ ଦୁର୍ନାମ ରଟେ ।)

୮୭ । ଦେଖା ସୁନ୍ଦର କଖାରୁ ବଢ଼ି । (ବେଶଭୂଷା ଓ ଆକୃତିରୁ ବାହାରକୁ ଯୋଗ୍ୟ ବ୍ୟକ୍ତି ପରି ଦେଖାଯିବା ପ୍ରକୃତ ଅଯୋଗ୍ୟ ବ୍ୟକ୍ତି ।)

୮୮ । ଦେହକୁ ପଡ଼ିଲେ ପୁଅକୁ ପକା । (ଆପଣା ଉପରେ ବିପଦ ପଡ଼ିଲେ ପୁଅକୁ ସୁଦ୍ଧା ବିପଦ ମୁହଁକୁ ଠେଲିଦେଇ ନିଜେ ଆତ୍ମରକ୍ଷା କରିବା ।)

୯୦ । ଧାନ ହେଁସରେ କେହି ନୁହଁ, କୁଆ ହୁରୁଡ଼ାଇବାରେ ବାକି ନାହିଁ ।

୯୧ । ନ ଦେଖିଲେ ଝୁରୁଥାଏ, ଦେଖିଲେ କଥା ନ କହେ ।

୯୨ । ନାଟର ଗୁରୁ ଗୋବର୍ଦ୍ଧନ । (ସବୁ ଅନିଷ୍ଟର ମୂଳ କାରଣ ।)

୯୩ । ନିତି ଦେଖି ଯେ ପଗୃରୁଥାଏ, ତା'ଠାରେ କି ଭରସା ଥାଏ ।

Digitized by srujanika@gmail.com

୯୪ । ପଇଡ଼ ବଇଦ ମଦ ବଡ଼ା, କାମ ସରିଲେ ଗଡ଼ଗଡ଼ା । (ସ୍ୱାର୍ଥସାଧନ ଉତ୍ତାରୁ ଲୋକେ ଆଉ ପଚ୍ଛରନ୍ତି ନାହିଁ ।)

୯୫ । ପାଣି ଯୁଆଡ଼େ ଛତା ସିଆଡ଼େ । (ସୁବିଧାବାଦୀ ବ୍ୟକ୍ତିର ଲକ୍ଷଣ ।)

୯୬ । ପିମ୍ପୁଡ଼ି ଧାପରୁଖା ଉପରେ ଚଢ଼ିଲେ ତାକୁ ସ୍ୱର୍ଗ ଦି' ଆଙ୍ଗୁଳ ଦିଶେ । (ଶ୍ରେଷ୍ଠ ଲୋକ ବଡ଼ପଦ ପାଇଲେ ଗର୍ବରେ ସ୍ଫୀତ ହୁଏ ।)

୯୭ । ପିମ୍ପୁଡ଼ିଙ୍କଠାରେ ପକ୍ଷୀ ଲାଗିଲେ ମରନ୍ତି, ଦଅଁ ଦେବତା ନ ମାନନ୍ତି ।

୯୮ । ପିମ୍ପୁଡ଼ି ଗାଣ୍ଡିରେ ପକ୍ଷୀ ଲାଗିଲା । (ଗର୍ବରୁ ମୃତ୍ୟୁ)

୯୯ । ପୁଅ କେତେ କରୁଥାଇ ସ୍ଥିତର, ବାପ ବିକୁଥିଲା ଚୁଙ୍ଗୁଡ଼ି ଶୁଖୁଆ, ମା' ବିକୁଥିଲା ପତର । (ଦରିଦ୍ର ପରିବାରରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ବଡ଼ାଇ କରିବା ।)

୧୦୦ । ପୁଅ ନାହିଁ ପୁଅ ପେଟରେ, ପୁଅର ବାପ ଖଡ଼ୁ ଗଢ଼ାଉଛି, ଗୋପାଳପୁର ହାଟରେ ! (ଅନିଶ୍ଚିତ ଭବିଷ୍ୟତ ପାଇଁ ବିରାଟ ଆୟୋଜନ ।)

୧୦୧ । ପୋତା ମୁହାଁ ମଣିଷ, ପୋତା ମୁହାଁ ବଳଦ—ସଖି ଗୋ, ମନ୍ଦ ଏ ।

୧୦୨ । ଫଁ ଫଁ ବଳଦ ମାରେ ନାହିଁ । (ବାହାରକୁ କଡ଼ା କଡ଼ା କଥା କହିବା ଲୋକ ନିଷ୍ଠୁର ନୁହନ୍ତି ।)

୧୦୩ । ବଢେଇ ହୁଏ ପରକୁ, ବୁଦ୍ଧି ନ ଆସଇ ଘରକୁ ।

୧୦୪ । ବର ଘର ମାଉସୀ, କନ୍ୟା ଘର ପିଉସୀ । (ଉଭୟ ପକ୍ଷରେ ଥିବା ଲୋକ ପ୍ରତି କଟାକ୍ଷ-ବଚନ ।)

୧୦୫ । ବର ଝାଡ଼ି, ଯେଣୁ ପବନ ତେଣେ ଆଉଜା । (ସୁବିଧାବାଦୀ ବ୍ୟକ୍ତି ।)

୧୦୬ । ବହୁ ଆଗେ ଶାଶୁର କଥା, ଶାଶୁ ଆଗେ ବହୁର କଥା । (ଚୁଗୁଲି କରିବା ।)

୧୦୭ । ବାଘର ପୁଣି ଗୋ-ବଧରେ ପ୍ରାୟଶ୍ଚିତ୍ତ ବିଧି । (ଭଣ୍ଡତା)

୧୦୮ । ବାପ ଦେହୁରି, ପୁଅ ପୂଜାରୀ, ଗଣ୍ଡି ମୁଣ୍ଡ ସବୁ ତାଙ୍କର । (ଗୋଟିଏ ପରିବାରର ଲୋକ କୌଣସି ଅନୁଷ୍ଠାନରୁ ସବୁ ଫାଇଦା ଉଠାଇବା ପ୍ରତି ଆକ୍ଷେପୋକ୍ତି ।)

୧୦୯ । ବାର ବରଷ ପାଣିରେ (ମାଟିରେ) ପଡ଼ିଲେ କାଇଁଚର କେତ୍ୟାତ ଯାଏ ନାହିଁ । (ପ୍ରତିକୂଳ ପରିସ୍ଥିତିରେ ପ୍ରତିଭାବାନ୍ ବ୍ୟକ୍ତିର ପ୍ରତିଭା ମ୍ଳାନ ହୁଏ ନାହିଁ ।)

୧୧୦ । ବିଲେଇ ହାତରେ ମାଛ ଦେଲେଇବା । (ଖାଦକ ହସ୍ତରେ ଖାଦ୍ୟର ରକ୍ଷଣା-ବେକ୍ଷଣ ଦାୟିତ୍ୱ ନ୍ୟସ୍ତ କରିବା ।)

୧୧୧ । ବିରାଡ଼ି-ବୈଷ୍ଣବ (କପଟାଚାରୀ ବ୍ୟକ୍ତି ।)

୧୧୨ । ବାଲିଙ୍ଗି ବାଇଶ କାହାଣ ଅଠପଣ । (ବାହାପିଆ ଲୋକ ପ୍ରତି କଟାକ୍ଷ-ବଚନ ।)

୧୧୩ । ବିରାଡ଼ି (ବିଲେଇ) ହାତରେ ଶୁଖୁଆ ପୋଡ଼ା । (ଖାଦକ ହସ୍ତରେ ଖାଦ୍ୟର ଦାୟିତ୍ୱ ଅର୍ପଣ ।)

Digitized by srujanika@gmail.com

୧୧୪ । ବଗ୍ଡ଼ି ଅଣପୁରୁଷା ଦେଖି, ମୂଷା କରମ କରୁଛୁ ବସି । (ପ୍ରଭୁ ଅଯୋଗ୍ୟ ହୋଇଥିଲେ ଅଧୀନସ୍ଥ ଲୋକେ ନାନା ବିଶୃଙ୍ଖଳା ସୃଷ୍ଟି କରନ୍ତି ।)

୧୧୫ । ବିଷମ ଲୋକର ହଡ଼ା, ତାକୁ ଥିର ଥିର କର ଅଡ଼ା । (ଦୁଷ୍ଟ ଲୋକର ଜନକଙ୍କୁ ଅତି ସାବଧାନତାର ସହିତ କାରବାର କରିବାକୁ ହୋଇଥାଏ ।)

୧୧୬ । ବୁଢ଼ିରେ ବୁଢ଼ି ନାଁ ବଳେଇ ପଡ଼ୁଯାଉଛୁ କୁନ୍ଦ । (ଅତି ଚତୁର ବ୍ୟକ୍ତି ପ୍ରତି ବ୍ୟଙ୍ଗୋକ୍ତି ।)

୧୧୭ । ବୁଦ୍ଧି ଥିଲେ ବାପ ଘରେ ପୁଅ । (ବ୍ୟଙ୍ଗୋକ୍ତି)

୧୧୮ । ବେଙ୍ଗୁଆ ଘରେ ଅଲଜ୍ଜକ କୁଣିଆ ।

୧୧୯ । ବେଙ୍ଗୁଆ ଗାଣ୍ଡିରେ ବଥ ହେଲା, ବେଙ୍ଗୁଆ କହେ ମୋତେ ଗ୍ରହ ଲାଗିଲା ।

୧୨୦ । ବେଙ୍ଗୁଆ କଣ ଗଛରେ ଫଳନ୍ତି ?

୧୨୧ । ଭଲ ବେଳକୁ ସମସ୍ତେ, ମନ୍ଦବେଳକୁ କେହି ନୁହନ୍ତି ।

୧୨୨ । ମାଇଲା ଘରେ ଭୂତ ନ ପଶେ । (ଦୁଷ୍ଟ ଲୋକକୁ ଭୂତ ମଧ୍ୟ ଭୟ କରେ ।)

୧୨୩ । ମାଇଁକୁ ଲୋଭ, ମାମୁଁକୁ ଲୋଭ । (ଉଭୟ ପଦାର୍ଥରେ ଆଶା ।)

୧୨୪ । ମାଇଁ ଗୋ ମାଇଁ, ପସରାଯାକ ତୋର, ଛୁଇଁବୁ ନାହିଁ । (ମୁହଁରେ କହିଲେ ମଧ୍ୟ କାର୍ଯ୍ୟତଃ କୌଣସି ଅଧିକାର ନ ଦେବା ।)

୧୨୫ । ମାଗଲେ ମହାପାତ୍ରେ, ଗୃହିଁଥିଲେ ଜଳକା । (ଜଣେ ଗୃହିଁରହିଥିବା ବେଳେ ଅନ୍ୟ ଜଣେ ଲୁଟି ଖାଇଯିବା ।)

୧୨୬ । ମୁଁ ତ ଖାଏ ମୋର ଭାତ, ତୋର କିଆଁ ଗାଲରେ ହାତ । (ଈର୍ଷାପରାୟଣ ବ୍ୟକ୍ତି ପ୍ରତି କଟାକ୍ଷ ବଚନ ।)

୧୨୭ । ମୂଲକୁ ନଥା, ମୁକୁ ପଉଥା । (ନିଃସ୍ୱ ଲୋକର ବାହାଦୁରି) ।

୧୨୮ । ମୁହେଁ ମୁହେଁ ମୁହାଁଣ, ପଛ କଲେ ହରଣ । (ମୁହଁ ଉପରେ ବୋଧକୁ ହଁ-ହାଁ ମାରି ପଛକୁ ହରଣ କରିବା ।)

୧୨୯ । ମୁହେଁ କହିଲେ ମନ ଧରା, ପଛେ କହିଲେ ଗ୍ରେପର ।

୧୩୦ । ମୋ ଦାନାପାଣି କାହା ଘରେ, ମୁଁ ଯାଇଥିଲି ବାହା ଘରେ ।

୧୩୧ । ମୋର ନିଶ ନାହିଁ ମୋ ବନମାଳିଆ ଭାଇର ନିଶ ଅଛି । (ଶକ୍ତିହୀନ ବ୍ୟକ୍ତିର ନିଜ ଭାଇ ବିରାଦରଙ୍କର କ୍ଷମତା ଓ ପ୍ରତିପତ୍ତିକୁ ଆଳ କରି ବୃଥା ଗର୍ବ ପୋଷଣ କରିବା ।)

୧୩୨ । ଯାଗ ଦେଖି ଯାଇ, ଦେଉଳେ ପରିଗ୍ରହଣ କରିବା । (ଅନଧିକାର ଚର୍ଚ୍ଚା ।)

୧୩୩ । ଯାହାର ବାହାଘର ସେ ଖେଳୁଛି ପଶା, ଧାଇଁ ବୁଲୁଛନ୍ତି ସାଇପଡ଼ିଶା । (ବେପରୁଆ ମନୋବୃତ୍ତି ।)

୧୩୪ । ଯେ ଯାହାକୁ ଦେଖି ନ ପାରେ, ଉଆଁସ ରାତିରେ ଉକୁଣି ମାରେ ।

୧୩୫ । ଯେ ଘର ପୋଡ଼େ, ସେ କି ଚୁଅ ବାଉଁଶ ଗଣେ ?

Digitized by srujanika@gmail.com

୧୩୬ । ଯେଉଁ କଥା ଯାହାକୁ ଧରାଧର । (ପ୍ରତ୍ୟେକ ନିଜ ନିଜ ସମସ୍ୟାରେ ଖାଗ୍ରହାନ୍ତ ।)

୧୩୭ । ରଜାର ପରଜା ନୁହେଁ କି ସାହୁର ଖାତକ ନୁହେଁ । (ସ୍ୱାଧୀନଚେତା ବ୍ୟକ୍ତି ।)

୧୩୮ । ରାଜା ପୁଅ ସଙ୍ଗେ ଶୁଖୁଆ ବଣିଜ ଭାଇ ।

୧୩୯ । ରାଣ୍ଡୀ ପୁଅ ଅନନ୍ତା । (ଅଭିଭାବକଶୂନ୍ୟ ବେପରୁଆ ଯୁବକ ।)

୧୪୦ । ଲଙ୍ଗଳା ମହାଦେବଙ୍କୁ ଡରନ୍ତି ନାହିଁ । (ନିଃସ୍ୱ ବ୍ୟକ୍ତିର ନିର୍ଭୀକତା ପ୍ରତି ଉପଲକ୍ଷ୍ୟ ।)

୧୪୧ । ଶାଗଖିଆକୁ ପେଜପିଆ ଦେଖି ନ ପାରିବା । (ଏକ ଦରିଦ୍ର ବ୍ୟକ୍ତି ଅପର ଦରିଦ୍ର ବ୍ୟକ୍ତି ପ୍ରତି ଈର୍ଷା ପୋଷଣ କରିବା ।)

୧୪୨ । ଷାଠିଏଟି ମଇଁଷି ନାଁ ଦୁଧ-ରଙ୍କ ।

୧୪୩ । ହଡ଼ା ବେଦନା କୁଆ ନ ଜାଣେ, ଠକ ଠକ କରି ଠେଙ୍ଗୁଣି ହାଣେ । (ନିଜର ସ୍ୱାର୍ଥ ସାଧନରେ ବୁଡ଼ି ରହି ଅନ୍ୟର ଦୁଃଖ ନ ବୁଝିବା ।)

୧୪୪ । ହସନ୍ତି ମନରେ ନ ଥାଏ ଦୟା, ହୃଦୟ ଭିତରେ କରନ୍ତି ମାୟା,
ହେରେଷା ବୋଲିଣ ତାହାଙ୍କୁ କହି, କହେ ଦନାଇ ଏ କଥା ନୁହଇ ।

୧୪୫ । ହାଟ ସରିଲେ ଯେଝାର ବାଟେ । (ସ୍ୱାର୍ଥ ସାଧନ ପରେ ନିଜ ନିଜ ରାସ୍ତା ଦେଖିବା ।)

୧୪୬ । ହାଡ଼ ପାଇଁ କୁକୁର ମାଡ଼ । (ସାମାନ୍ୟ ସୁବିଧା ପାଇଁ ପରସ୍ପର ଭିତରେ କଳି-ଗୋଳ ।)

୧୪୭ । ହାତରେ ନାହିଁ ଧନ, ରଜା ଝିଅକୁ ମନ (ପୁଅ ବାହା କରି ମନ) । (ନିର୍ଦ୍ଧନ ବ୍ୟକ୍ତିର ଉଚ୍ଚାଶା ପୋଷଣ ।)

୧୪୮ । ହାତୀ କାଦୁଅରେ ପଡ଼ିଲେ ବେଙ୍ଗ ଗୋଇଠାମାରେ । (ସବଳ ବ୍ୟକ୍ତି ଅକଳରେ ପଡ଼ିଥିବାବେଳେ ଅତି ଦୁର୍ବଳ ବ୍ୟକ୍ତି ମଧ୍ୟ ତାର ପ୍ରତିଶୋଧ ନିଏ ।)

୧୪୯ । ହାତୀ ମରିପଡ଼ିଲେ ପୁରୁଷେ ଉଚ୍ଚ । (ମୃତ୍ୟୁ ପରେ ମଧ୍ୟ ମହତ ଲୋକର ଆଭିଜାତ୍ୟ ବା ଗୌରବ ନଷ୍ଟ ହୁଏ ନାହିଁ ।)

୧୫୦ । କୁଆ ଧାନ ଝୋକିବା ଦେଖି ବଗ ଧାନ ଝୋକିବା ନ୍ୟାୟ । (ଗୁଣୀ ଓ ସମର୍ଥ ଲୋକର କାର୍ଯ୍ୟକୁ ନିର୍ଗୁଣ ଓ ଅସମର୍ଥ ଲୋକ ଅନୁକରଣ କରିବା ।)

୧୫୧ । ଲୁଚିଛି ନାଁ ଗୋଡ଼ ଦିଓଟି ଦିଶୁଛି । (ଯେତେ ଘୋଡ଼ାଇଲେ ମଧ୍ୟ ଲୋକର ଦୋଷ-ତ୍ରୁଟି ପଦାକୁ ଫୁଟି ବାହାରେ ।)

୧୫୨ । ବୁଝି ବିଚାରି କାର୍ଯ୍ୟ କଲେ, ପ୍ରମାଦ ନ ପଡ଼ଇ ଭଲେ । (ବିଚାରବନ୍ତ ଲୋକ ବିପଦରେ ପଡ଼େ ନାହିଁ ।)

୧୫୩ । ଅଖିଳ ମଖିଳ ଚଉ ଯାର; ପଦ୍ମପର ପୂତ ତାର ।

୧୫୪ । ଅଗା ବଗା ଖଗା; ତିନିହେଁ ତିନି ଅଲଗା ।

୧୫୫ । ଅଦିନେ ଖାଇଚ ଦହି; ଗାଁଯାକ ଗଲ୍ କହି ।

୧୫୬ । ଅନ୍ଧାର ଘରେ କାଣୀ ଚମକେ, ଯାହା ପାଉଥି ଅଣ୍ଟିରେ ଯାକେ ।

Digitized by srujanika@gmail.com

୧୫୭ । ଅଲାଜୁକ ଘର ମଣ୍ଡାଣ, ପୋକ ନ ପକାଏ ଝିଣ୍ଟାଣ ।

୧୫୮ । ଆଉଁଶିଲ, ପାଉଁଶିଲ କୁକୁରକୁ, କୁକୁର ଚେଙ୍ଗପୋ ମୂଢ ପକେଇଲା-ଉପରକୁ । (ସ୍ନେହର ଅପବ୍ୟବହାର ।)

୧୫୯ । ଆଗତ କନ୍ଧ, ବଡ଼ ପଣ୍ଡା ଘର ବୁଜୁଲା ବୋହୁ ।

୧୬୦ । ଆଗୁଲ ଚଳେ, ପଛୁଲ ବୋଲେ, ମଝୁଲ ବନ୍ଧୁ ଦରଶନ କରେ ।

୧୬୧ । ଆଜ ଖୁଦ ଜାଉ, କାଲ ଅଇଁଠା; ପଅଚଦ୍ଦନକୁ ଦାଣ୍ଡ ଅଇଁଠା ।

୧୬୨ । ଆମ୍ବ ପତର ମୋଡ଼କା ମୋଡ଼କା, ପଣସ ପତର କାହାଳୀ,
ଭିତରେ ଭିତରେ କାବଡାବସା, ଯା ଫଡ଼ ଫଡ଼ ବାହାର ।

୧୬୩ । ଆରେ ବ୍ରାହ୍ମଣ ଯେଡ଼େ କନ୍ଧ ତେଡ଼େ ନୋନ୍ଧ;
କର୍ପୂର ବୋଲି କୁଆ ଗୁହ ଖାଉ ।

୧୬୪ । ଉଦାର ଗୌଣ୍ଡ ପାନ ଖାଏ, ଙ୍କେର ଆସିଲେ ନଦେ ଶୁଏ ।

୧୬୫ । କହିଲେ କହିବ ଚମ କହୁଛ, ଢ'କଲେ ଘିଅ ବୋହିଯାଉଛୁ ।

୧୬୬ । ଘୋଡ଼ାକୁ ବାତ ଧଇଲା, ସାହାଣି ଚଡ଼ୁ ଖାଇଲା । (ବିନା ଅପରାଧରେ ଦଣ୍ଡ ଭୋଗ ।)

୧୬୭ । ଜାଣି ଥିଲକ, ଅଧେ ସୁନା ଅଧେ ପିତଳ ବୋଲି ମୁଁ, ନିକଚ ପକେଇ ତୁଳି ଥିଲି କ ? (ଲୋକର ଚରିତ୍ର ସମ୍ବନ୍ଧରେ ସଠିକ ଧାରଣା କରିବା କଠିନ ।)

୧୬୮ । ଦୟା ନାହିଁ କ ମାୟା ନାହିଁ, ମିଛେ ବୋଲୁଥାଏ ଭାଇ ଭାଇ ।

୧୬୯ । ମାଗି ଖାନ୍ତ ଖୁଦ କୁଣ୍ଡା, ଯାଚଲେ ନ ଖାନ୍ତ ଛେନା ମଣ୍ଡା ।

୧୭୦ । ଲାଜ ନ ଥିଲେ ମଚ,
କାଞ୍ଜିପାଣି ହାଣ୍ଡିରେ ଆମ୍ବିଲ ନ ଥିଲେ ଅମ୍ବୁଲ ଦଖଣ୍ଡ ଭଚ ।

୧୭୧ । ଲାଜ ନ ଥାଏ ଲାଜଉଥାଏ, ଫଟା ମୃଦଙ୍ଗକୁ ବଜଉଥାଏ ।

୧୭୨ । ନହଣ ମୁଗୁର ବାଉସି, ଛେଦଖେଇ ଦେବ ଫାରଶୀ । (ପୂର୍ବେ ଫାର୍ସି କୋର୍ଟ କଚେରିର ଭାଷା ଥିଲା ।)

୧୭୩ । ଶିବା ଅରଜେ ଭୋପା ଖାଏ, ଢନ ପାଣି ପଚ ଯାଏ ।

୧୭୪ । ସମଦ୍ରେ ଭଲ, ହଗୁର ମୁତୁର ପାରୁଡ଼ ପଲ । (ଯେଉଁଠି ଭଲମନ୍ଦର ବିଗ୍ଭର ନାହିଁ ।)

୧୭୫ । ଲୋଭରୁ ଲୋଭ, ଲୋଭରୁ ପାପ, ପାପରୁ ମୃତ୍ୟୁ ।

୧୭୬ । ଆପେ ମର ସଙ୍ଗେ କେଡ଼ । ବିପନ୍ନ ବ୍ୟକ୍ତି ଅନ୍ୟମାନଙ୍କୁ ସମଦଶାପନ୍ନ ହେବାକୁ ଇଚ୍ଛା କରିବା ।)

Digitized by srujanika@gmail.com

ଶାସନ ଓ ଶୃଙ୍ଖଳା

୧। ଅବୋଲକରା ଭଣ୍ଡାରକ ପଖା ଭଙ୍ଗା ସାଆନ୍ତ ।

୨। ଉଞ୍ଚାଇଥିବୁ ମାରିବୁ ନାହିଁ, ଗୋଡ଼ାଇଥିବୁ ଧରିବୁ ନାହିଁ । (ଲୋକମାନଙ୍କୁ ଶାସନ କରିବାର ପ୍ରକୃଷ୍ଟ ଉପାୟ ।)

୩। ଏକ କାନରୁ ଦୁଇ କା'ନ ହେଲେ ମନ୍ତ୍ରଭେଦ । (କୌଣସି ଗୁପ୍ତତଥ୍ୟ ଜଣକରୁ ଅଧିକ ଲୋକର କାନରେ ପଡ଼ିଲେ କଥାଟା ଫୁଟି ଯାଇଆଡ଼େ ପ୍ରଘଟ ହୋଇଯାଏ ।)

୪। ଏ ବର୍ଷର ମାଗଣ ଆର ବର୍ଷକୁ କର ।

୫। ଘଡ଼ିକ ହାକମୀ ପାହାଡ଼ ଚୋଡ଼େ । (ଅଳ୍ପକାଳ କ୍ଷମତାରେ ଥିବା ଲୋକ ତାର ପ୍ରତାପ ଦେଖାଇବା ପାଇଁ ଚେଷ୍ଟା କରେ ।)

୬। ଗୋଦରା କୋଡ଼େ ଯେତେ ମାଡ଼େ ସେତେ । (ଗୋଟିଏ ଦିଗରୁ କାର୍ଯ୍ୟରେ ଅଗ୍ରଗତି ହେଉଥିବାବେଳେ ଅସାବଧାନତା ବା ଅପାରଗତାବଶତଃ ସେଥିରେ ଅନ୍ୟ ଦୃଷ୍ଟିରୁ ବହୁତ ଦୋଷ ତ୍ରୁଟି ରହି ଯିବା ।)

୭। ଖୋଳ ପର୍ବତ ମାର ମୂଷା । (ସାମାନ୍ୟ ଫଳ ପାଇବା ପାଇଁ ବିଶେଷ ପରିଶ୍ରମ ବା ଆୟୋଜନ କରିବା ।)

୮। ଆରେ ଡମଣା, ବୁଲ ବୁଲ କର ସେହି ଅଗଣା । (କୌଣସି ନୂତନ ପଦକ୍ଷେପ ନେବାରେ ଅସମର୍ଥ ହେବା ।)

୯। ଚମଡ଼ା ।) :ଣ କ କୁଣ୍ଡ ଜାଣେ । (ଯିଏ ଯେଉଁ କାମର ଦାୟିତ୍ୱ ନେଇଛି ସେ ସେକଥା ବୁଝୁ ।)

୧୦। ଗୃପ ପଡ଼ିଲେ ବାପ ବୋଲେ । (ଅନେକ ସମୟରେ ଗୃପ ପ୍ରୟୋଗ ଦ୍ୱାରା କାର୍ଯ୍ୟ ସାଧନ କରିବାକୁ ହୋଇଥାଏ ।)

୧୧। ଷଡ଼ କାନ ମନ୍ତ୍ରଭେଦ । (ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ଆବଦ୍ଧ ଗୁପ୍ତ କଥା ତୃତୀୟ ବ୍ୟକ୍ତି ଜାଣିଲେ କଥାଟା ପ୍ରଘଟ ହୋଇଯାଏ ।)

୧୨। ଜଳରେ ବାସ କରି କୁମ୍ଭୀର ସଙ୍ଗେ ବାଦ । (ଅଧୀନସ୍ଥ ବ୍ୟକ୍ତି ପକ୍ଷରେ ଉପରିସ୍ଥ କର୍ମଗୃହମାନଙ୍କର ବିରୋଧାଚରଣ ବିପଜ୍ଜନକ ଅଟେ ।)

୧୩। ଠିଗ୍ରା କ ଜାଣେ ବୋଝର ଗରୁ । (ସାହାଯ୍ୟକାରୀ ବ୍ୟକ୍ତି କାର୍ଯ୍ୟର ଦାୟିତ୍ୱ ବୁଝନ୍ତି ନାହିଁ ।)

୧୪। ଢୁଆ ଧରିବାକୁ ପାଞ୍ଚଜଣ, ଗୀତ ବୋଲିବାକୁ ଜଣେ । (ନେତା ଜଣେ, ଅନୁଚର ଅନେକ ।)

Digitized by srujanika@gmail.com

୧୫ । ଡରକଲା କୁଆ ଗହ୍ନେ ବରଷ ବଞ୍ଚେ । (ସାବଧାନ ହେଲେ ସହଜରେ ବିପଦ ପଡ଼େନାହିଁ ।)

୧୬ । ଡଷ୍ଣ କୁଟିଲେ କ ଚାଉଳ ମିଳିବ ? (ଉପଯୁକ୍ତ ପନ୍ଥା ନିର୍ଣ୍ଣୟ କରି ନ ପାରିଲେ କାର୍ଯ୍ୟ-ସିଦ୍ଧି ଅସମ୍ଭବ ।)

୧୭ । ତୁଣ୍ଡ କରେ ଲଣ୍ଡଭଣ୍ଡ । (ବାକ୍ୟରେ ସଂଯମ ଆଚରଣ ନ କରିପାରିଲେ ମନୁଷ୍ୟ ଅନ୍ୟର ଅସନ୍ତୋଷଭାଜନ ହୁଏ ।)

୧୮ । ତୋ ମୁହଁକୁ ନା ତୋ ଗୋସେଇଁ ମୁହଁକୁ । (ହିନ୍ଦୀ ପ୍ରବଚନର ଅନୁକରଣରେ ରଚିତ । ପ୍ରଭୁ ବା ପ୍ରଧାନ ବ୍ୟକ୍ତିର ଉପରୋଧରେ ଲୋକେ ଆଶ୍ରିତ ବ୍ୟକ୍ତିର ଉପକାର ସାଧନ କରିଥାନ୍ତି ।)

୧୯ । ଥୋଡ଼ା ଥୋଡ଼ା ହୁକୁମତି ନବାବପଣା ସଙ୍ଗେ ସରି । (ଅଳ୍ପ ଅଳ୍ପ ଅଧିକାର ସୁଖଦାୟକ ।)

୨୦ । ଦାସେ ଓଲଟି ଗଧ ଚଢ଼ିବା । (ପ୍ରକୃତ ଦୋଷୀ ନିର୍ଦ୍ଦୋଷ ବ୍ୟକ୍ତିକୁ ଉକ୍ତ ଦୋଷରେ ଅଭିଯୁକ୍ତ କରିବା ।)

୨୧ । ଦିଅଁଙ୍କ ଗଛରେ କୁରାଢ଼ି ଲଗାଇବା । (ଗୁରୁଜନଙ୍କର କଠୋର ସମାଲୋଚନା କରିବା ।)

୨୨ । ଦୁଷ୍ଟକୁ ବୁଝାଏ ଠେଙ୍ଗା ।

୨୩ । ଧରି, ବାନ୍ଧ, ପକା—ଏ ତିନିହେଁ ଏକା ।

୨୪ । ନାଇକ ଜାଣି ପାଇକ ଉଠିଆ । (ଉପରିସ୍ଥ କର୍ମଚାରୀ କଡ଼ାହେଲେ ଅଧୀନସ୍ଥ ଲୋକେ ତତ୍ପର ହୁଅନ୍ତି ।)

୨୫ । ନାକ କାଟିଲେ ମୁହଁରେ ପଡ଼େ ।

୨୬ । ନାକ ଧରି ଟାଣିଲେ ମୁହଁ ଆଗ ଆପେ ଆପେ ଆସେ । (ପ୍ରଧାନ ବ୍ୟକ୍ତିକୁ ଜବତ କଲେ ଅନ୍ୟ ଲୋକେ ବଳେ ବଳେ ଅଧିଆରକୁ ଆସନ୍ତି ।)

୨୭ । ନାଚଲା ବେଳକୁ ଗୋଡ଼ ଫରକେଟା । (ଆଗରୁ ଦମ୍ଭ ପ୍ରକାଶ କରି ଅସଲ କାର୍ଯ୍ୟବେଳକୁ ଅପାରଗତା ପ୍ରଦର୍ଶନ କରିବା ।)

୨୮ । ନାକରେ ତେଲ ଦେଇ ଶୋଇବା । (ନିଶ୍ଚିନ୍ତ ହୋଇ ରହିବା ।)

୨୯ । ପର ବଳଦ ପର ଶିଙ୍ଗା, ତା ବୋହୁଥାଏ ନରସିଂହା । (ନିଜର କୌଣସି ସ୍ୱାର୍ଥ ନ ଥିବାରୁ ସହାନୁଭୂତି ହୀନ ହୋଇ ଅନ୍ୟ ପାଇଁ ଗଧ ଖଟଣି ଖଟିବା ।)

୩୦ । ପାଞ୍ଚ ବରଷର ପୁଅ କହିଲେ ପଚାଶ ବରଷର ପୁଅ ମାନେ । (ଅଳ୍ପବୟସ୍କ ବ୍ୟକ୍ତିର ମତାମତ ବିଚାରଯୋଗ୍ୟ ।)

୩୧ । ପାଳଗୋଛର ଅଗମୂଳ ନାହିଁ । (ଶୃଙ୍ଖଳାହୀନ କାର୍ଯ୍ୟ ।)

୩୨ । ପେଲିଲା କୁକୁର କ ପାରିଧି କରେ । (ବାଧ୍ୟବାଧକତାରେ କାର୍ଯ୍ୟ ସିଦ୍ଧ ହୁଏ ନାହିଁ ।)

Digitized by srujanika@gmail.com

୩୪ । ବଗ ବେକରେ ଠିଙ୍କି । (ଦୁର୍ବଳ ବ୍ୟକ୍ତି ଉପରେ ଗୁରୁ ଭାର ନ୍ୟସ୍ତ କରିବା ।)

୩୫ । ବଡ଼ ନାଆ ଯେଉଁ ବାଟେ, ସାନ ନାଆ ସେହି ବାଟେ । (ସାନମାନେ ସର୍ବଦା ବଡ଼-ମାନଙ୍କର କାର୍ଯ୍ୟକଳାପ ଓ ରୀତିନୀତି ଅନୁସରଣ କରିଥାନ୍ତି ।)

୩୬ । ବୋହୁଯାଉଥାଏ ସୁଅମୁହଁରେ ପିମ୍ପୁଡ଼ି ଗାତରେ ଲାଗେ । (ଅନ୍ୟ ଦିଗରେ ବହୁତ ଅର୍ଥ ଖର୍ଚ୍ଚ ହେଉଥିବାବେଳେ ଅତି ସାମାନ୍ୟ ବିଷୟରେ ବ୍ୟୟକୁଣ୍ଠତା ପ୍ରକାଶ କରିବା ।)

୩୭ । ବ୍ରହ୍ମା ବଲବଲେଇଲେ ବେଦ । (ପଦସ୍ଥ ବ୍ୟକ୍ତି ଯାହା କହନ୍ତି ପଛକେ ତାକୁ ବେଦବାକ୍ୟ ଭଳି ଅଲଙ୍ଘନୀୟ ବୋଲି ମନେକରିବା ।)

୩୮ । ଭଣ୍ଡାର ହାତରେ ପଡ଼ିଛି ଚୁଟି, ଯେତିକି ଓଟାରେ ତେତିକି ଉଠି । (କୌଣସି ବ୍ୟକ୍ତିର ସମ୍ପତ୍ତି ଆୟତ୍ତରେ ରହିବା ।)

୩୯ । ବହୁ ମଣିଷରେ ମୂଷା ମରେ ନାହିଁ ।

୪୦ । ବହୁ ସନ୍ନ୍ୟାସୀରେ ଭଜନ ନାଶ । (ବହୁ ଲୋକଙ୍କ ଉପରେ କାର୍ଯ୍ୟର ଦାୟିତ୍ୱ ନ୍ୟସ୍ତ ହେବା ଦ୍ୱାରା ନାନା ବିଶୃଙ୍ଖଳା ଉପୁଜି କାର୍ଯ୍ୟସିଦ୍ଧିରେ ବିଘ୍ନ ଘଟେ ।)

୪୧ । ଭରୁଡ଼ିରେ ତ୍ରିଭୁବନ ଜୟ ।

୪୨ । ଭୁକିଲା କୁକୁର କାମୁଡ଼େ ନାହିଁ । (ଯେଉଁମାନେ କଥାରେ ବେଶି ଗର୍ଜନ-ତର୍ଜନ କରନ୍ତି, ସେମାନେ କାର୍ଯ୍ୟତଃ ବେଶି ଅନିଷ୍ଟ କରନ୍ତି ନାହିଁ ।)

୪୩ । ମନବୋଧ ଚଉତିଶା ପଢ଼ାଇବା । (କାର୍ଯ୍ୟରେ କିଛି ନ କରି ବୃଥା ସାନ୍ତ୍ୱନା ଦେବା ।)

୪୪ । ମଲା ହଡ଼ାର ଦାନ୍ତ ଗଣିବା । (କ୍ଷମତାରେ ନ ଥିବା ବ୍ୟକ୍ତିର ଅଯଥା ସମାଲୋଚନା କରିବା ।)

୪୫ । ମାଡ଼କୁ ମହାଦେବ ଡରନ୍ତି । (ବଳପ୍ରୟୋଗକୁ ସମସ୍ତେ ଭୟ କରନ୍ତି ।)

୪୬ । ମାଡ଼ ସର୍ବ ଜାଣେ । (ମାଡ଼ଦ୍ୱାରା କାର୍ଯ୍ୟସାଧନ କରିବା ।)

୪୭ । ମାଡ଼ଖିଆ ମହାଦେବ, ମାଡ଼ ଖାଇଲେ ବର ଦେବ । (ମାଡ଼ ଧମକ ଦେଇ କାମ ହାସଲ କରିବା ।)

୪୮ । ମାଡ଼ୁଆ ଠାକୁରକୁ କଦୁଣିଆ ପୂଜାରି । (ଯେଉଁଠାରେ ଉଭୟପକ୍ଷ ସମାନ ।)

୪୯ । ମାଣ୍ଡିଆ ଜାଉ ଖୋଇବ ଯେ, ଗଡ଼ଅଧରେ ହଗେଇ ନେବ ସେ । (ମନ୍ଦ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିବା ଲୋକକୁ ତାର ଫଳାଫଳର ଦାୟିତ୍ୱ ଗ୍ରହଣ କରିବାକୁ ହେବ ।)

୫୦ । ମାରେ ତ ହାତୀ, ଲୁଟେ ତ ଭଣ୍ଡାର । (ଅତ୍ୟନ୍ତ ପରାକ୍ରମଶାଳୀ ଶତ୍ରୁକୁ ଦମନ କରିବାରେ କୃତିତ୍ୱ ଅଛି ।)

୫୧ । ମୂଷା ପୂରେଇ ଢୋଲ ସେଇଁବା । (ଗୋପନରେ ଶତ୍ରୁକୁ ପ୍ରଶ୍ରୟ ଦେବା ।)

Digitized by srujanika@gmail.com

୫୨ । ଯେ ନିଆଁ ଗିଳିବ, ସେ ଅଙ୍ଗାର ହଗିବ । (ଦୁଃସାହସିକ କାର୍ଯ୍ୟ କଲେ ତାର ଫଳାଫଳ ଭୋଗକରିବାକୁ ହେବ ।)

୫୩ । ଯେଝା ଘଡ଼ିକ ସେ ରଜା । (ସମସ୍ତ ଯେନି ପ୍ରତ୍ୟେକ ଲୋକ ନିଜ ନିଜର କର୍ତ୍ତୃତ୍ୱ ଦେଖାନ୍ତି ।)

୫୪ । ଶିବ ମଥାରେ ସାପ ରଜା । (କ୍ଷମତାଶାଳୀ ଲୋକର ଆଶ୍ରୟ ପାଇଲେ ଅତି ସାମାନ୍ୟ ବ୍ୟକ୍ତି ମଧ୍ୟ ନିଜର ପ୍ରତିପତ୍ତି ବିସ୍ତାର କରେ ।)

୫୫ । ଶୋଇଲା ପୁଅର ଭାଗ ନାହିଁ । (ନିଜର ଦାବୀ ଉପସ୍ଥାପିତ ନ କଲେ କେହି ଯାଚିକରି ଦିଅନ୍ତି ନାହିଁ ।)

୫୬ । ଶିଖଣ୍ଡି କରି ଥୋଇବା । (ଅନ୍ୟକୁ ନାମକୁମାତ୍ର ଆଗରେ ରଖି କୌଶଳରେ ନିଜର ସ୍ୱାର୍ଥସାଧନ କରିବା ।)

୫୭ । ସବୁ ଚୋର, କାହିଁରେ ହାତ ଦେବୁନି । (ପ୍ରକୃତ ଅଧିକାର ନ ଦେବା ।)

୫୮ । ସବୁ ଶିରଯାକ ବେକରେ ରୁଣ୍ଡ (ଲୋଟ୍) । (ସବୁ କ୍ଷମତା ଏକ ଜାଗାରେ ଠୁଳ ହେବା ।)

୫୯ । ସାତହାତ ମଇ, ଖଣ୍ଡେ କଉିଁଆ କଲାରେ ଆୟତ୍ତ ।

୬୦ । ହଗିବ ନାହିଁ କି ପହଣ୍ଡ ଛାଡ଼ିବ ନାହିଁ । (ନିଜେ କୌଣସି ସୁବିଧା ଭୋଗ ନ କରି ଅନ୍ୟକୁ ସେଥିରୁ ବଞ୍ଚିତ କରିବା ।)

୬୧ । ହାକମ ଯାଏ, ହୁକୁମ ନ ଯାଏ । (ହୁକୁମ ବା ନିୟମର ସ୍ଥାୟିତ୍ୱ ବେଶି ।)

୬୨ । ହାତ ଲେଉଟାଇଲେ ପୃଥିବୀ ଲେଉଟେ । (ଅତ୍ୟନ୍ତ ପରାକ୍ରମଶାଳୀ ବ୍ୟକ୍ତି ।)

୬୩ । ଖଇର ନ ଥାଇ ପାନ, ହାକମ ନ ଥାଇ ଡାନ, ପରପୁଅଠାରେ ମାନ । (ନିରର୍ଥକ)

୬୪ । ଯେସାକୁ ତେସା, ହାରାମଜାଦାକୁ ଟାଙ୍ଗି ଆପଣା ।

୬୫ । ଆକଟ ନ ଥିଲେ ଆପଣେ ମରି, କୁଳକୁଟୁମ୍ବକୁ ଉଚ୍ଛନ୍ନ କରି । (ଶୃଙ୍ଖଳା ଅଭାବ ବ୍ୟକ୍ତି ତଥା ପରିବାର ପକ୍ଷରେ କ୍ଷତିକାରକ ।)

୬୬ । ମାଡ଼ଭୟରେ ମାଙ୍କଡ଼ ନାଚ କରେ । (ଶାରୀରିକ ଦଣ୍ଡର ଭୟ ଦେଖାଇ କାର୍ଯ୍ୟ ହାସଲ କରିବା ।)

୬୭ । ମାଇଲା ଘରେ ଭୂତ ରହେ ନାହିଁ । (ମାଡ଼ଭୟରେ ।)

Digitized by srujanika@gmail.com

ଶିକ୍ଷା ଓ ସଂସ୍କୃତି

୧ । ଅବଧାନକୁ କୁଣ୍ଡା ଦେଇ ପାଠ ପଢ଼ିବା । (ଅବଧାନେ ଦକ୍ଷିଣା ସ୍ୱରୂପ କୁଣ୍ଡା ପାଇଥିବାରୁ ପିଲଙ୍କୁ ମନ ଦେଇ ପଢ଼ାନ୍ତି ନାହିଁ; ଫଳରେ ପିଲ ମୂର୍ଖ ହୁଏ ।)

୨ । ଅମର ଜୁମର ନଠେଇ ଘୋଷ, ଆଉସବୁ ପାଠ ଗ୍ଭଲରେ ଖୋସ । (ପ୍ରାଚୀନ କାଳରେ ଅମରକୋଷ ଏବଂ ଜୁମର ବ୍ୟାକରଣ ଅଧ୍ୟୟନ ଉପାଦେୟ ବିବେଚିତ ହେଉଥିଲ ।)

୩ । ଏକା ଗ୍ଭହାଳର ପାଠ, ଏକା ଅବଧାନ ଗ୍ଭଟ । (ଦୁଇଜଣ ଲୋକ ସମାନ ମତ, କୌଶଳ ବା ଗ୍ଭତୁରୀ ପ୍ରୟୋଗ କରିବା ।)

୪ । ଅଳ୍ପବିଦ୍ୟା ଭୟଙ୍କରୀ ।

୫ । କାଖବାଳିଆ ଗ୍ଭଟକୁ, କାଠଫାଳିଆ ପାହାର । (ବୟସ୍କ ଗ୍ରଷକୁ ଶାରୀରିକ ଦଣ୍ଡ ଦେଇ ଗୁରୁ ନିଜେ ହାସ୍ୟାସ୍ପଦ ହୁଅନ୍ତି ।)

୬ । କାଠିକଠାରୁ କାଠିହଳା । (କାଠି ଗଣନାର ଶେଷସୀମା । ସେଠାରୁ ଆଉ ଗଣନା ନାହିଁ ।)

୭ । ଘରଦିଅଁ ନ ପୂଜି ପର ଦିଅଁ ପୂଜିବା । (ନିଜ ସଭ୍ୟତା ଓ ସଂସ୍କୃତିରେ ଯାହା ଉତ୍କୃଷ୍ଟ ତାହା ପ୍ରତି ଅବହେଳା ପ୍ରଦର୍ଶନ କରିବା ।)

୮ । ଘୋଷବିଦ୍ୟା ବଳବିଦ୍ୟା ।

୯ । ଘୋଷା ବଳଦ । (ଘୋଷି ଘୋଷି ମନେରଖିବା ବ୍ୟକ୍ତିପ୍ରତି ବ୍ୟଙ୍ଗୋକ୍ତି ।)

୧୦ । ଗ୍ଭଟଘର ପୁଅ ଗ୍ଭଟ, ଭ୍ରଟଘର ପୁଅ ଭ୍ରଟ । (ପିଲାର ଚରିତ୍ର ତାର ପାରିବାରିକ ପରିପାର୍ଶ୍ୱ ଉପରେ ନିର୍ଭରଶୀଳ ।)

୧୧ । ଗ୍ଭଟଘର ପୁଅ ବାଟେ ବାଟେ ଯାଏ । (ମହତ ଘରର ପିଲା ଅସଦାଚରଣ କରେ ନାହିଁ ।)

୧୨ । ଛତୁଉଠା କାଠ, ନିଶ-ଦାଢ଼ିଉଠା ପାଠ । (ଯଥାସମୟରେ ବିଦ୍ୟାରମ୍ଭ ନ କଲେ ତାହା କ୍ଷତିକାରକ ହୋଇଥାଏ ।)

୧୩ । ତପା, ଜପା, ଖେପା, ଗେଙ୍ଗା / ଯାଙ୍କ ଦେହ ପାଠ ନୁହେଁ ଲେ ବୋପା । (ଯେ ତପସ୍ୟା କରେ, ଯେ ମାଳ ଜପେ, ଯେ ଆସ୍ଫାଳନ କରେ ଏବଂ ଯେ ସର୍ବଦା ପେଟଚିନ୍ତା କରୁଥାଏ, ସେମାନଙ୍କ ଦ୍ୱାରା ପାଠ ହୁଏ ନାହିଁ ।)

୧୪ । ଦେଖା-ଶିଖା ଏକାଦଶୀ । (ଅନ୍ଧ ଅନୁକରଣ ଶିକ୍ଷା ପକ୍ଷରେ ଅନୁକୂଳ ନୁହେଁ ।)

୧୫ । ଦୋଳଯାଏ ଖଡ଼, ବିଷୁଯାଏ ପାଠ ।

Digitized by srujanika@gmail.com

୧୬ । ନକଲରେ ଅକଲ କି ? (ମୌଳିକତା ନ ଥାଇ ଅନ୍ଧ ଅନୁକୃତ ସମାଜରେ ଆଦୃତ ହୁଏ ନାହିଁ ।)

୧୭ । ପଦାଭୁଇଁରେ ଗଡ ଦାରୁ । (ମୂର୍ଖ-ରାଜ୍ୟରେ ଅଳ୍ପ ପାଠୁଆଲୋକ ମହାପଣ୍ଡିତ ରୂପେ ପରିଗଣିତ ହୋଇଥାଏ ।)

୧୮ । ପାଠ ବଡ଼ ନା ଶାଠ ବଡ଼ । (ଶାଠ = ବୁଦ୍ଧି, ଚତୁରତା)

୧୯ । ପାଠପଢ଼ା ବଡ଼ ଦୁଃଖ, ଦୁଧ-ଭାତ ବଡ଼ ସୁଖ ।

୨୦ । ପାଠ ଦେଖାଏ ବାଟ ।

୨୧ । ପୋଥିଗତ ବିଦ୍ୟା, ପରହସ୍ତ ଧନ । (ଉଭୟ କୌଣସି କାର୍ଯ୍ୟରେ ଲାଗେନାହିଁ ।)

୨୨ । ପୋଥି ବାଇଗଣ ନା ବାଡ଼ି-ବାଇଗଣ । (ପୋଥିରେ ଅଙ୍କିତ ବାଇଗଣର ଚିତ୍ର ଭଳି ଯାହା ବାସ୍ତବ ଜୀବନରେ କୌଣସି ପ୍ରୟୋଜନରେ ଆସେନାହିଁ ।)

୨୩ । ପୋଥିରେ ଡୋର ବନ୍ଧାହେବା । (ଶିକ୍ଷା ସମାପ୍ତି)

୨୪ । ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ । (ମହାଭାରତ ଗ୍ରନ୍ଥରେ ଭାରତବର୍ଷର ସଭ୍ୟତା, ସଂସ୍କୃତି, ଗ୍ରୁଲଚଲନ ଆଦି ସବୁ ବିଷୟର ବର୍ଣ୍ଣନା ଅଛି ।)

୨୫ । ଯାହା ବାପ ଚଢ଼େ ଘୋଡ଼ା, ତା ପୁଅ ଚଢ଼େ ଥୋଡ଼ା ଥୋଡ଼ା । (ପିତାର ସଦ୍‌ଗୁଣାବଳୀ ଓ କୃତିତ୍ୱ ପୁତ୍ରଠାରେ ଅଳ୍ପ ବହୁତ ପରିମାଣରେ ଦେଖାଯାଏ ।)

୨୬ । ଗ୍ରନ୍ଥ ପାଠପଢ଼ା, ଅବଧାନରୁ ଜଡ଼ା ।

୨୭ । ଶୁଦ୍ଧ ଅଶୁଦ୍ଧ ପୂରାଇ ପଢ଼ିବ, ଲେଖନକାର ଦୋଷ ନ ଧରିବ ।

୨୮ । ଶୁଷ୍କି ମରି କାଠ, କାନ୍ଥ ଭିତରେ ଫାଟ, କାଖବାଲୁଆ ଗ୍ରୁଟ—ସଖି, ମନ୍ଦ ଏ ।

୨୯ । ଶାଠ ନ ଥାଇ ପାଠ, ମଞ୍ଜି ନ ଥାଇ କାଠ, ନାହା ନ ଥାଇ ଘାଟ, ହେରୁ ନ ଥାଇ ଗ୍ରୁଟ, ଲୋକ ନଥାଇ ନାଟ—ବୋଲେ ଦନାଇ ଏସବୁ ଅପାଠ ।

୩୦ । ସି ଅକ୍ଷର ବିବର୍ଜିତ । (ନିରକ୍ଷର ବ୍ୟକ୍ତି)

୩୧ । ହର ଗୁଣ ଫେଡ଼ ମିଶା, ଆଉ ସବୁ ପାଠ ଫସରଫସା । (ମିଶାଣ, ଫେଡ଼ାଣ, ଗୁଣନ ଏବଂ ହରଣ—ଏହି ମୂଳ ଗ୍ରରି ସୂତ୍ର ଉପରେ ଦଖଲ ଥିଲେ ଗଣିତବିଦ୍ୟା ଅଧ୍ୟୟନ ସୁଗମ ହୁଏ ।)

୩୨ । ପୁଅ, ଛତ୍ରୁ, ଛତା—ଛତିରି ହେଲେ ଅକାରଣ ।

୩୩ । ପୁଅ, କୂଅ, ଧନୁ, ଗୁଣ, (ଦଉଡ଼ି) ନ ଥିଲେ ପୋଛ ମନ ।

୩୪ । ପୁଅ ହୋଇ ବାପ ପାଖ ନ ମାଡ଼େ, ପାଠ ଗ୍ରଡ଼ି ପୁଣି ଗାରେଡ଼ି ପଢ଼େ, ଗୁରୁଜନଙ୍କୁ ଯେ ଦେଖାଏ ଠେଙ୍ଗା, ବୋଲେ ଦନାଇ ଏ କୁଳବାଲୁଙ୍ଗା ।

୩୫ । ହାଟ ଭିତରେ ବ୍ରହ୍ମଜ୍ଞାନ । (ଉପଯୁକ୍ତ ବାତାବରଣ ବିନା ବ୍ରହ୍ମଜ୍ଞାନ ଭଳି କଠିନ ବିଷୟର ଅଧ୍ୟୟନ ସମ୍ଭବପର ନୁହେଁ ।)

Digitized by srujanika@gmail.com

୩୬ । ଗୃହ ପରଖ ମଢରେ, ନାଗର ପରଖ ରଢରେ ।
ରତନ ପରଖ ଘଢରେ, ଲେଖା ପରଖ କଢରେ ।
୩୭ । ଦାଣ୍ଡକୁ ସୁନ୍ଦର ନାଟ, ଓଷ୍ଠାକୁ ସୁନ୍ଦର ଗୃହ;
ରଜାକୁ ସୁନ୍ଦର ଖଟ, ଖୀରକୁ ସୁନ୍ଦର ଆଟ ।
୩୮ । ଆକୁ ବାରପଲ, ସାରୁ ବାରପଲ, ବାର ବାର ପଲ ଚବଣ ପଲ । ('ର' ଧ୍ୱନି ଏବଂ 'ଲ' ଧ୍ୱନିର ଶୁଦ୍ଧ ଉଚ୍ଚାରଣ ପାଇଁ ଉଦ୍ଦିଷ୍ଟ ।)
୩୯ । କେମ୍ପା କରଣ, ଗ୍ରେଷ୍ଠ ଘୋଡ଼ା, ଖନା ଅବଧାନ, ଗୃକର ଭେଢ଼ା;
ଅଣ୍ଡାଧର୍ପର ଯେଉଁ ପାଣିକଢ଼ା, କହେ ଦନାଇ ଏ କରମଛଡ଼ା ।
୪୦ । ଜୀବନରେ ରଖି ଶତ୍ରୁକୁ ସାଧିବ, ଜମିକୁ ସାଧିବ କମଣରେ;
ଅଭ୍ୟାସବଶରେ ବିଦ୍ୟାକୁ ସାଧିବ, ବିଷକୁ ସାଧିବ ମାରଣରେ ।
୪୧ । ମନରେ ରଖିବା ପାଠ, ଉଇ ନ ଧରିବା କାଠ ।
୪୨ । ଖ୍ରେକେ ବଙ୍ଗାଳୀ ଗୀତ ଗାଏ, ଖ୍ରେକେ ଓଡ଼ିଆ ପାନ ଖାଏ ।
୪୩ । ପାଠକୁ ରସେ, ନ ପଢ଼ି ନ ଶୁଣି ଗୃଳରେ ଖୋସେ ।
୪୪ । ଯାହାକୁ ମାରେ ଗୁରୁ ଗୋଇଠା; ଅନ୍ଧାର ଘରେ ଜଳେ ବଇଠା । (ଶିକ୍ଷକଙ୍କର ଶାସନ ମାନି ଚଳିଲେ ଗ୍ରାତ୍ର ଭବିଷ୍ୟତ ଜୀବନରେ ଉନ୍ନତି କରିଥାଏ ।)
୪୫ । ପଢ଼ିଲେ ଶୁଣିଲେ ଦୁଧଭାତ, ନ ପଢ଼ିଲେ ମିଳେ ଠେଙ୍ଗା ନାତ ।

ସମାଜତନ୍ତ୍ର ଓ ସାମାଜିକ ମୂଲ୍ୟବୋଧ

୧ । କହିବା ଲୋକ ବଡ଼ ନୁହେଁ, ସହିବା ଲୋକ ବଡ଼ ।
୨ । ଗୁଣିଆ ନ ଡାକଲେ ଡାହାଣୀ ନ ଗ୍ରଡ଼େ ।
୩ । ଗୁହକୁ ମାଇଲେ ମୁହଁକୁ ପଡ଼େ । (ନୀଚ ଲୋକର ସମାଲୋଚନା କଲେ ନିଜେ ସମାଲୋଚିତ ହେବାର ସମ୍ଭାବନା ଅଛି ।)
୪ । ଗୁହର ଦୁଇ ପିଠି ସମାନ । (ଯାହା ନୀଚ ଓ ଘୃଣ୍ୟ, ତାହାକୁ ଯେଉଁ ଦିଗରୁ ବିଗ୍ରର କଲେ ମଧ୍ୟ ସେହି ଏକା କଥା ।)
୫ । ଗୋଇଠା ଖାଇ ଗୋଇଠା ମାରିବା ଗୋଡ଼କୁ ଆଉଁସିବା । (ତୋଷାମୋଦ କରିବା ।)
୬ । ଗୋଠ ମାତଲେ ଖଣ୍ଡିଆ (ବୁଢ଼ା) ମାତନ୍ତି । (କୌଣସି ଦଳ ବା ଗୋଷ୍ଠୀ ଅନ୍ତର୍ଗତ ଦୁର୍ବଳ ଓ ଅସମର୍ଥ ଲୋକେ ଅନ୍ୟମାନଙ୍କ ଦେଖାଦେଖି ମାତିଉଠନ୍ତି ।)
୭ । ଗୋବର ଗୋଡ଼କୁ ଫୁଲଚନ୍ଦନ । (ଅଯୋଗ୍ୟ ଅପାତ୍ରରେ ଅର୍ଘ୍ୟ ପ୍ରଦାନ ।)

Digitized by srujanika@gmail.com

୮ । ଗୋଦରାଜ ଶ୍ରୀବନ୍ତୀ (ଶ୍ରୀମନ୍ତୀ) କହିଲେ ସେ ଗୋଡ଼କୁ ବୁଲେଇ ବୁଲେଇ ପକାଏ। (ଅପାତ୍ରରେ ସମ୍ମାନ ଅର୍ପଣ କଲେ ସେ ଗର୍ବରେ ଫୁଲିଉଠେ ।)

୯ । ଗୋବଧ ପାତକ ଗରୁଡ଼ ମୁଣ୍ଡରେ ଯାଏ । (ନିଜ କୃତ ପାପ ଅନ୍ୟ ମୁଣ୍ଡରେ ଲଦି ପ୍ରାୟଶ୍ଚିତ୍ତରୁ ନିଷ୍କୃତି ଲଭିବା ।)

୧୦ । ଘର ଦେଖ, ବର ଦେଖ, କାନ୍ଥ ଖୋଲି କୁଳ ଦେଖ । (କନ୍ୟାର ବିବାହ ସମ୍ବନ୍ଧରେ ଆମ ସମାଜରେ ପ୍ରଚଳିତ ବିଧି ।)

୧୧ । ଚଢ଼ାଣି ମାଛର ମୁଣ୍ଡରେ ବାଡ଼ି । (ସମାଜରେ ଅଗ୍ରଗାମୀ ବ୍ୟକ୍ତିକୁ ପ୍ରଥମେ ଦୁଃଖ-କଷ୍ଟ ଭୋଗ କରିବାକୁ ପଡ଼ିଥାଏ ।)

୧୨ । ଚ୍ରୈଟ ଲୋକ ବଡ଼ ପଦ ପାଏ, ହଗିଗଲେ ଗୀତ ଗାଏ । (ନୀଚ ଲୋକ ଉଚ୍ଚ ପଦର ଅପବ୍ୟବହାର କରେ ।)

୧୩ । ଜାନ୍ ଯାଉ, ମାନ୍ ଥାଉ । (ଜୀବନ ପଣ କରି ନିଜର ସମ୍ମାନ ରକ୍ଷା କରିବା ।)

୧୪ । ଜୁଆ ଶତରଂଜ ପାରିରଙ୍ଗ, ପଶା ନ୍ୟାସୁବଲ, ବେଶ୍ୟା ସଙ୍ଗ / ଏ ଛଅ ରସରେ ଯେଉଁ ପୁଅ ଥାଏ, ଭୋକେ ମରି ଝାଡ଼ର ଖାଏ ।

୧୫ । ତୁଳସୀ ଗଛ ଖତକୁଢ଼ରେ ଥିଲେ ମଧ୍ୟ ଶୁଦ୍ଧ । (ନୀଚ କୁଳଜାତ ପ୍ରତିଭାବାନ୍ ବ୍ୟକ୍ତି ସର୍ବଥା ପୂଜନୀୟ ।)

୧୬ । ତେଲଘଡ଼ି ଯାହାର ଗଡ଼ିଗଲା ସେ କହିଲା ମୋର ଗଲା; ନଡ଼ିଆ ପସରା ଯାହାର ଗଡ଼ିଗଲା ସେ କହିଲା ମୋର ଗଲା । (କୌଣସି ପରିବର୍ତ୍ତନ ଦ୍ୱାରା ଯାହାର ପ୍ରକୃତ କ୍ଷତି ହୁଏ ସେ ଦୁଃଖ କରେ; ଯାହାର କିଛି କ୍ଷତି ହୋଇ ନଥାଏ ସେ ବି ଦୁଃଖ କରେ ।)

୧୭ । ଦଳ ଛଡ଼ାଇଲେ କିଏ ? କଉ ଖାଇଲେ କିଏ ? (ଜଣକର ଶ୍ରମର ଫଳ ଅନ୍ୟ ଜଣେ ଭୋଗ କରିବା ।)

୧୮ । ଦଲେଇ ଅଇଲେ ମୂଳରୁ ଗା । (କୌଣସି ବିଶିଷ୍ଟ ବ୍ୟକ୍ତିର ଉପସ୍ଥିତି ହେତୁ କଥିତ ବିଷୟର ପୁନରାବୃତ୍ତି କରିବା ।)

୧୯ । ଦାଉ ସାଧିବ ବେଳ ଦେଖି । (ସୁବିଧା ଦେଖି ପ୍ରତିଶୋଧ ନେବା ।)

୨୦ । ଦାଣ୍ଡରେ ପୁଅ ବେଇ ଡାହାଣୀକୁ ଡର । (ପ୍ରକାଶ୍ୟରେ କୌଣସି ଦାୟିତ୍ୱ ଗ୍ରହଣକରି ସମାଲୋଚନାକୁ ଭୟ କରିବା ।)

୨୧ । ଦାତାର ଘିଅ ସରୁଛି, ସ୍ୱାହା ସ୍ୱାହା କଲାବେଳକୁ ବ୍ରାହ୍ମଣର ଜୀଭ ଛିଣ୍ଡିପଡ଼ୁଛି । (ଜଣକର ଧନ ସରୁଥିବାବେଳେ ଭାରପ୍ରାପ୍ତ କର୍ମଚାରୀ ଖର୍ଚ୍ଚ କରିବାକୁ କୃପଣତା ପ୍ରକାଶ କରିବା ।)

୨୨ । ଦିନେ ଖାଇଲେ ଲୁହେଁଟି ଗଣ୍ଡି, ଝୁରି ମରୁଥାଏ ପୁରୁବ ଖଣ୍ଡି । (ଅସ୍ଥାୟୀ ସୁଖର କୁଫଳ ।)

Digitized by srujanika@gmail.com

୨୩ । ଦୀପତଳ ଅନ୍ଧାର । (ଯେଉଁଠି ସଭ୍ୟତାର ଚରମ ବିକାଶ; ତାର ଅତି ନିକଟରେ ଘୋର ଦାରିଦ୍ର୍ୟ ବା ଅସଭ୍ୟତାର ନିଦର୍ଶନ ଦେଖିବାକୁ ମିଳିଥାଏ ।)

୨୪ । ଦୁଇ ଜଣଙ୍କର କଳି ଲଗିଲେ ତିନି ଜଣକୁ ଲାଭ । (ଦୁଇ ଜଣଙ୍କର ବିବାଦରେ ନିରପେକ୍ଷ ତୃତୀୟ ବ୍ୟକ୍ତିର ଲାଭ ହୋଇଥାଏ ।)

୨୫ । ଦେଇଥିଲେ ପାଇ, ବୁଣିଥିଲେ ଦାଇ, ପଡ଼ିଆ ଭୂମିରେ ଗୋଧନ ଚରାଇ । (କାର୍ତ୍ତିକ ଓ ମାଘ ମାସରେ ଚକୁଳିଆ ପଣ୍ଡା ଗାଁ-ଗାଁ ବୁଲି ଭିକ ମାଗିବାବେଳେ ଏହି ଗୀତ ଗାଆନ୍ତି ।)

୨୬ । ଦେଖା-ଶିଖା ଓଡ଼ଣା ।

୨୭ । ଦେଖା-ଶିଖା ଓଡ଼ଣା, ବିଲେଇ କଡ଼ମା ଖାଇ । (ଅନ୍ୟର ଅନ୍ଧ-ଅନୁକରଣ ।)

୨୮ । ଦେଢ଼ଶୁରକୁ ଆଡ଼ ଆଡ଼, ମଲାଶୁରକୁ ରାଇଜ ଗ୍ରୁଡ଼ । (ଆମ ଓଡ଼ିଆ ସମାଜରେ ଦେଢ଼ଶୁର ଭାଇବୋହୂ ଓ ମଲାଶୁର-ଭଣିଜାବୋହୂଙ୍କ ମଧ୍ୟରେ ଦେଖାଦେଖି ବା ଆଳାପ-ଆଲୋଚନା ନିଷିଦ୍ଧ ।)

୨୯ । ଧନ ଯେଉଁଠି, ମନ ସେଇଠି । (ଆମ ସମାଜରେ ସମସ୍ତେ ଧାନ ପଛରେ ଗୋଡ଼ାଇବାର ଦେଖାଯାଏ ।)

୩୦ । ଧାନ ଥିବା ପୁଆଳକୁ ସମସ୍ତେ ଝାଡ଼ନ୍ତି ।

୩୧ । ଧୋବଧାଉଳିଆ ଗ୍ରେଶ କରନ୍ତି, ରଙ୍କୁଣୀ ଦେଖିଲେ ମାରି ଗୋଡ଼ାନ୍ତି । (ଗରିବ ଉପରେ ସମସ୍ତେ ଜୁଲମ କରନ୍ତି ।)

୩୨ । ନାଟୁଆଠାରୁ ଦନ୍ଦୁଡ଼ିଆ ଖର । (ଦନ୍ଦୁଡ଼ିଆ—ଯେ ମଶାଲ ଦେଖାଏ । ନେତାଙ୍କଠାରୁ ଅନୁଚରଗଣ ଚଞ୍ଚଳ ଗ୍ଲନ୍ତି ।)

୩୩ । ନାନା ମୁନିଙ୍କର ନାନା ମତ । (ସମାଜରେ କୌଣସି ବିଷୟରେ ବିଭିନ୍ନ ମତ ପ୍ରକାଶ ପାଇଥାଏ ।)

୩୪ । ପରର ଭାତେ କୁକୁର ମାଡ଼ ।

୩୫ । ପରର ଧାନକୁ ପରର କୁଳିଆ । (ପରଧନ ନିର୍ଦ୍ଦିଗ୍ଧରରେ ଖର୍ଚ୍ଚ କରିବା ।)

୩୬ । କାଗିଜ ଆଗ୍ୱର ଜରକୁ, ଆଦର ଗୌରବ ବରକୁ,
କର୍ଥଁ ଲ ବଚନ ପରକୁ, ଗରୁଆ ଲଦନ ଖରକୁ । (ଖର—ଗଧ)

୩୭ । ପାଞ୍ଚ ମିଶିପରେ ପାଞ୍ଚ କଥା, ପାଞ୍ଚ ମାଇପିରେ ପଚଶ କଥା ।

୩୮ । ଆମ୍ବ ବଉଳ, ମାଛ ମଞ୍ଜି, ଖଟୁଆ ଗୁଣ୍ଡ, ନାହାକ ପାଞ୍ଜି—ଏଥିରେ ସତ କେତେ, ମିଛ କେତେ ?

୩୯ । ପରଧନ ନ ପଶିଲେ ଘର ପୁରଇ ନାହିଁ ।

୪୦ । ପରଘରେ ଖାଇ ମାଗଣା ଲୁଷା, ଭିକ ମାଗିଯାଇ ଖେଳିବା ପଶା, ବାପିଧୋବ ଲୁଗା ପିନ୍ଧିଇ ଚଷା, ସାହ୍ନି ବାପୁଡ଼ାକୁ ଭୁକାର ଭାଷା—ଏସବୁ ପରର ଫସରଫସା ।

Digitized by srujanika@gmail.com

୪୧ । ଭମ ପସରକୁ ସୁଆଁ ଜାଉ, କଲେଇ ଦହଲ ଦୁହାଁହେଉ ।
୪୨ । ଭୁଚ୍ଛାକୁ ସୁଁ ସାଁ; ଲୁଣ ଥିଲେ ଚଉଦ ପାଆ ।
୪୩ । ପାଣିମାଠିଆର କମ, ମାଗନ୍ତା ଲୋକର ଜମ,
ପଡ଼ଣା ଆଗରେ ଉମ, ପୋକଖିଆ ମୃଗଚମ—
ବୋଲେ ଦନାଇ ଏ କେଉଁ ତାରତମ ?
୪୪ । ବାହ୍ମାଘର ନୁହେଁ, ବୁହାଘର । (ଆମ ଦେଶରେ ବିଭାଘର ଅତ୍ୟନ୍ତ ବ୍ୟୟ-ସାପେକ୍ଷ ।)
୪୫ । ବାହ୍ମାହାଣ୍ଡି ଯେତେ ମଲ ମଲ ନୁହେଁ, ଡାଲବୋହୁ ସେତେ ମଲମଲ । (ଦାୟିତ୍ୱ ବହନ କରିଥିବା ଭଳି ଦେଖାଇହେବା ଲୋକଙ୍କ ପ୍ରତି ଆକ୍ଷେପୋକ୍ତି ।)
୪୬ । ବିଭା ସରଲେ ବେଦ ମୁହଁ ପୋଡ଼ା । (କାର୍ଯ୍ୟସିଦ୍ଧି ପରେ ସାଧନ ପ୍ରତି ଅନାଦର ।)
୪୭ । ଭଗାରି ନ ଥିଲେ ଯାହାକାଳି ଭଗାରି ।
୪୮ । ଭାଇ-ଭଗାରିରେ ଘର କର, କିଏ ସେ ଅଛୁ ସତ ଧର ।
୪୯ । ଭାତ ଥିଲେ କେତେ ଭାଇରୁଆ ଆସନ୍ତି ।
୫୦ । ଭାତ ନାହିଁ ଯାର, ନାତ ନାହିଁ ତାର । (ଧନହୀନ ବ୍ୟକ୍ତି ଦୁର୍ବଳ ।)
୫୧ । ଭୁତ ହୋଇ ଲଗିବା, ଗୁଣିଆ ହୋଇ ଝାଡ଼ିବା ।
୫୨ । ଭୋଗ କରିବାକୁ ଜଣେ, ଖଟି ମରୁଥାନ୍ତି ପଣେ ।
୫୩ । ମାଛ ମାରି ହାତ ଗନ୍ଧେଇବା । (କ୍ଷୁଦ୍ର ଦୁର୍ବଳ ପ୍ରାଣୀର ଅନିଷ୍ଟ ସାଧନର ନିରର୍ଥକତା ।)
୫୪ । ମାରେ ସିପାହି, ନାମ ସର୍ଦ୍ଦାରର । (ହିନ୍ଦୀ ପ୍ରବଚନର ଅନୁବାଦ ।)
୫୫ । ମାଗିବାଠାରୁ ହୀନ ନାହିଁ, ଯାଚିବାଠାରୁ ପୁଣ୍ୟ ନାହିଁ ।
୫୬ । ଯାହାକୁ ସାତ ପାଞ୍ଚ ମିଳି ନାଗିବେ, ତାକୁ ରଖି ନ ପାରିବେ ଦଇବେ ।
୫୭ । ଯାହାର ଲୁଣ ଖାଇବ, ତାର ଗୁଣ ଗାଇବ ।
୫୮ । ଯେଉଁ ଲୋକ ପାଇକ ସାଜେ, ତା ମୁଣ୍ଡରେ ଠେଙ୍ଗା ବାଜେ ।
୫୯ । ଯେ ଯେଉଁ ଗାତ ଖୋଳେ, ସେ ସେହି ଗାତରେ ପଡ଼େ । (ଅନ୍ୟକୁ ବିପଦରେ ପକାଇବାକୁ ଚେଷ୍ଟା କଲେ ନିଜେ ବିପଦରେ ପଡ଼ନ୍ତି ।)
୬୦ । ଯେ ତୋତେ ମାଇଲା ରୁ ତାକୁ ମାର; ନାଥ ବୋଲେ ପୁତା ନାହିଁ ବିଗ୍ରର ।
୬୧ । ଷଣ୍ଡବଳଦକୁ କର୍ମ ନାହିଁ ।
୬୨ । ରୋପିଲା ଗଛକୁ କୃଷ୍ଣ ନ ପାଏ ।
୬୩ । ଲଗାଣିଆ ଗଛ ବଳ ମାଗେ ।
୬୪ । ଶିଳଶିଳପୁଆ ଗଗନେ ଉଡ଼ ହନ୍ତି, ଶିମିଳି ତୁଳା କହୁଛି ମୋତେ ରଖ ।
୬୫ । ଶୋଇଲା ପୁଅର ଭାଗ ନାହିଁ ।

Digitized by srujanika@gmail.com

୬୬ । ଶୋଇଲା କୁକୁର ଶୋଇକରି ରହେ । (ନିଜର ଦାବି ଉପସ୍ଥାପିତ ନ କଲେ କେହି ଯାଚି କରି ଦିଅନ୍ତି ନାହିଁ ।)

୬୭ । ସାତ ପାଞ୍ଚଙ୍କ ଠେଙ୍ଗା ଏକ ଜଣକୁ ବୋଝ ।

୬୮ । ବଡ଼ଲୋକଙ୍କୁ ସାତଖୁଣ ମାଫ । (ସମାଜର ଉପର ସ୍ତରର ବ୍ୟକ୍ତିମାନେ ଅନେକ ସମୟରେ ଦୋଷ କରି ମଧ୍ୟ କ୍ଷମତା ପ୍ରଭାବରୁ ଖସିଯିବାର ଦେଖାଯାଏ ।)

୬୯ । ସ୍ୱର୍ଗକୁ ନିଶୁଣି ନାହିଁ, ବଡ଼ଲୋକକୁ ଉତ୍ତର ନାହିଁ । (ଧନୀ ଓ ପ୍ରତିପତ୍ତିଶାଳୀ ଲୋକର ପ୍ରତିରୋଧ କରିବା ସାଧାରଣ ଲୋକ ପକ୍ଷରେ ସମ୍ଭବ ନୁହେଁ ।)

୭୦ । ହାଡ଼ ପାଇଁ କୁକୁର ମାଡ଼ । (ସାମାନ୍ୟ ସୁବିଧାପାଇଁ ପରସ୍ପର ଭିତରେ କଳିଗୋଳ କରିବା ।)

୭୧ । ହାତୀ ଶୁଣ୍ଢରୁ କଲେ ଖସିପଡ଼ିଲେ ପିମ୍ପୁଡ଼ିକ ସହସ୍ରେ ବରଷ । (ଧନୀ ଲୋକର ସମ୍ପଦର ସାମାନ୍ୟ ଅଂଶ ସହସ୍ର ସହସ୍ର ଗରିବ ଲୋକଙ୍କର ଜୀବନଧାରଣ ପାଇଁ ଯଥେଷ୍ଟ ।)

୭୨ । ହାତୀ ଗଲେ ବଜାର, କୁକୁର ଭୁକେ ହଜାର । (ଦରିଦ୍ର ଓ ଦୁର୍ବଳ ଲୋକଙ୍କ ପ୍ରତିରୋଧକୁ ଧନୀ ଓ ପ୍ରତିପତ୍ତିଶାଳୀ ଲୋକେ ଖାତିର କରନ୍ତି ନାହିଁ ।)

୭୩ । ଆସିଲ ଏକା, ଯିବ ଏକା, ସାଙ୍ଗରେ ନ ଯିବେ ଘଟି ଆଟିକା ।

୭୪ । ଅଶ୍ୱ ଅସ୍ତ୍ର ଅବଳା, ଉଧାର ନ ଦେବୁରେ ବଳା ।

୭୫ । ଆସନ୍ତା ଆସିବ, ଯାଆନ୍ତା ଯିବ, ମୋ ଦୁଆରୁ କେହି ନ ଫେରିବ ।

୭୬ । ବାରମାସଯାକ ପରକୁ ଦେବ, ମୁଁ କାହାରିକୁ ଆଶ ନ କରିବି ।

୭୭ । ନିଜ ଘରେ କୁଟି ଖାଇବ ଧାନ, ନିଜ ବଳ ବୁଝି କାଢ଼ିବ ତାନ ।

୭୮ । ନିତି ମାଗନ୍ତାକୁ ଦିଅନ୍ତି ନାହିଁ, ନିତି ମଲାକୁ ଗୁହାନ୍ତି ନାହିଁ ।

୭୯ । ପରପୁଅକୁ ଯେ ଆପଣାର କରେ ତାକୁ ଯେ ଜାଣିବ ଲୋକ;
ହଳ ଫିଙ୍ଗା ପରେ ଚୋରଣି-କଂସା, ତାକୁ ଯେ ଜାଣିବ ଚୋକ ।

୮୦ । ଏଇଟି କହୁଳ ଖାଇବା,
ଏଇଟି କହୁଳ କାହୁଁ ଆଣିବା ?
ଏଇଟି କହୁଳ ଋଣ କରିବା,
ଏଇଟି କହୁଳ କାହୁଁ ଶୁଝିବା ?
ବୁଢ଼ା ମିଆଁ ଥାଇ ବୋଇଲା—ଖାଇବା ପିଇବା, ଫୂର୍ତ୍ତିକରି ଉଡ଼ିଯିବା ।
(ପାଞ୍ଚ ଆଙ୍ଗୁଠି ମଧ୍ୟରେ କଥାବାର୍ତ୍ତା ଛଳରେ ଏଥିରେ ଭୌତିକବାଦର ବା ଚାର୍ବାକ୍-ଦର୍ଶନର ପ୍ରତିପାଦନ କରାଯାଇଛି ।)

୮୧ । ଧନ ଜନ ପରିବାର, କେହି ନୁହେଁ ଆପଣାର ।
ଏ ସଂସାର ମାୟା-କଳ୍ପିତ । ଏକମାତ୍ର ସତ୍ୟ କେବଳ ପରଂବ୍ରହ୍ମ ।

Digitized by srujanika@gmail.com

୮୨ । ରାମ ନାମ ସତ୍ୟ ହେ । (ଶବବାହକମାନଙ୍କର ଉକ୍ତି ।)

୮୩ । ଘିଅ ପେଟରେ ଘିଅ ପଶେ, ଟାଙ୍ଗରା ମୁଣ୍ଡରେ ବୋଝ ବସେ ।
(ଧନୀ ଅଧିକ ଧନୀ ଓ ଦରିଦ୍ର ଦରିଦ୍ରତର ହୁଏ ।)

୮୪ । ଜଗ ଜଗ ନାଗ, ଯେ ପାଇଲା ତାର ।

୮୫ । ଜଗିଥିବ ଭଗିଆ; ମାର ନେ ଭଗିଆ ।

୮୬ । ଦେ ପାଟି, ଖା ପିଠି;
ଝାଡ଼ଝୁଡ଼ି ହୋଇ ଯା ଉଠି ।
(ଖାଇବାକୁ ପାଇ ଦଣ୍ଡ ମିଳିଲେ ସୁହାଯାଏ ।)

୮୭ । ମାଗି ଖାଆନ୍ତି, ସାଙ୍ଗରେ କୁକୁର ପଣେ ଥାଆନ୍ତି ।

୮୮ । ମାଇଲାଠେଇଁ ଭୟ ଥାଏ, ଖାଇଲାଠେଇଁ ଆଶା ଥାଏ ।

୮୯ । ସହସ୍ରେ ଛୁଞ୍ଚିରେ ଦା ନୁହେଁ, କି ସହସ୍ରେ ମୂଲିଆରେ ଗାଁ ନୁହେଁ ।

୯୦ । ଅକାଳେ ବୈରାଗୀ ପଥର ବୁହେ ।

୯୧ । ଦାଣ୍ଡ ପଖା ଦାଣ୍ଡରେ ଗଲା; ଦେଖିଲା ଲୋକଙ୍କୁ କଆଁ ଲଜ ମାଡ଼ିଲା ?

୯୨ । ପିତଳ ମାଠିଆ ଧୋଇଲେ ଶୁଦ୍ଧ, ମାଟି ମାଠିଆ ଧୋଇଲେ ମାଗ । (ଅନାଚାର କରି ଧନୀ ଲୋକ ଖସିଯାଏ; କିନ୍ତୁ ଦରିଦ୍ର ଲୋକ ନିନ୍ଦିତ ଓ ଦଣ୍ଡିତ ହୁଏ ।)

୯୩ । ଲିଆକୁ ଗୁଡ଼ ସାକ୍ଷୀ । (କୌଣସି ଦଳର ଲୋକ ସେହି ଦଳଭୁକ୍ତ ଅପର ବ୍ୟକ୍ତି ସପକ୍ଷରେ ସାକ୍ଷ୍ୟ ଦେବା ।)

୯୪ । ଶୁଦ୍ଧ କହିଲେ ଭାଇ ଭଗାର ।

ହାସ୍ୟ ଓ ବ୍ୟଙ୍ଗ

୧ । ଅନଳ ନଳ, ଓଦା କଞ୍ଚା ସବୁ ଜଳ । (ଅଗ୍ନିର ସର୍ବଭକ୍ଷତ୍ୱ ପରି ଯାହାର ଖାଇବାରେ କୌଣସି ବାରଣ ନ ଥାଏ ।)

୨ । ଅଲଜୁକ ଗଲା ମରିବାକୁ, ତାକୁ ତିନି ଜଣ ଗଲେ ଧରିବାକୁ ।

୩ । ଅଲଜୁକକୁ ମରଣ ନାହିଁ, ସଭାରେ ବସିଛି ଗୋଡ଼ ଲମ୍ବାଇ ।

୪ । ଆପଣାଗ୍ରାଏଁ କି ସୁନ୍ଦରପଣ, ବାସନା ଥିଲେ ବକଣଇ ଗୁଣ ।

୫ । ଆଣରେ ପିଲାଏ ମୁଷାମାଟି, ମେଘ ଯାଉ ଫସରଫାଟି । (ମେଘ ଉଠାଇବା ସମୟରେ ପିଲାମାନେ କୌତୁକରେ ବୋଲିବା ଗୀତ ।)

୬ । ଏଇଁକି ଏତେ, ମୁଣ୍ଡ ନାଇ ଗୋଡ଼ କରୁଡ଼ କେତେ ।

Digitized by srujanika@gmail.com

୭। ଓଳୁଅ ଛୁଆରେ ବଣଘାରୁକୁ; ତୁ ତ ଗଲୁ, ମୁଁ ତ ଗଲୁ, ସାଙ୍ଗ ହୋଇଯିବା ବାହାଘରକୁ । (ଦୁଇ ଦୁଷ୍ଟ ବା ମନ୍ଦ ପ୍ରକୃତର ଲୋକ ଏକତ୍ର ହେଲେ ଭଲ କାର୍ଯ୍ୟରେ ବିଘ୍ନ ଘଟେ ।)

୮। ଗୋଟିକଯାକ ତୁଳସୀ । (ବହୁଦୋଷଯୁକ୍ତ ବ୍ୟକ୍ତି ପ୍ରତି ବ୍ୟଙ୍ଗୋକ୍ତି ।)

୯। ଘିଅ ଖାଇ ଗୋରସରେ ଆଞ୍ଚେଇହେବା । (ଅତ୍ୟଧିକ ପ୍ରୌଢ଼ି ପ୍ରଦର୍ଶନ କରୁଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗୋକ୍ତି ।)

୧୦। ଘିଅଖିଆ ଦେହ ତରଳି ପଡ଼ୁଛି । (ଅତ୍ୟଧିକ ଝାଳ ବୋହୁଥିବା ବ୍ୟକ୍ତି ପ୍ରତି କଟାକ୍ଷ ବଚନ ।)

୧୧। ଘୁଷୁରୁ ଘୁଷୁରୁ ଖୁରାରେ, କାଳିଆ ମାଣବୁ ପରାରେ । (ଅକ୍ଷମ ଲୋକର ଟାଣପଣ ପ୍ରତି ବ୍ୟଙ୍ଗୋକ୍ତି ।)

୧୨। ଗ୍ରାଇକ ଛତା ପାଣିକ ଜୋତା । (ହାସ୍ୟାସ୍ପଦ କଥା ।)

୧୩। ଛି ବୋଇଲେ କୁକୁର ବାର ବର୍ଷ ପାଣି ଛୁଇଁବ ନାହିଁ । (କୁକୁର ପରି ଇତର ଶ୍ରେଣୀ ପ୍ରାଣୀର ମଧ୍ୟ ଆତ୍ମସମ୍ମାନବୋଧ ଅଛି ।)

୧୪। ଜହ୍ନି ଫୁଲ ପରି ଆୟୁଷ ପା, ସଞ୍ଜେ ଫୁଟି ସକାଳେ ଯା । (ବ୍ୟଙ୍ଗ ଆଶିଷ)

୧୫। ଜାଣି ଘୋଡ଼ାର ଶିଙ୍ଗ ନାହିଁ, ଶିଙ୍ଗ ଥିଲେ ମଣିଷ ରଖନ୍ତା ନାହିଁ ।

୧୬। ଯାଚ କଲ୍ୟାଣ, ମାଗି ଓଳଗି । (ଉଭୟ ସମ୍ମାନ ହାନିକର ।)

୧୭। ଢାଉଁ ଢାଉଁ ଢାଉଁ ବାଜଇ ଢୋଲ, ବାହାର ଚକ୍‌କଣ ଭିତର ପୋଲ । (ଉପରେ ଦୋଷଶୂନ୍ୟ ଜଣାପଡ଼ୁଥିବା ବହୁତ ଦୋଷଯୁକ୍ତ ବ୍ୟକ୍ତି ପ୍ରତି କଟାକ୍ଷ-ବଚନ ।)

୧୮। ଢାଳ ଢାଳ କରି କାଢ଼ୁଛି ପାଣି, କଙ୍କାଳ ଖାଉଛି ଉନ କହୁଣି ।

୧୯। ତୁଣ୍ଡିକୁ କ ହୁଲହୁଲି ଦୁକାଳ । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ପ୍ରବଚନ— ତୁଣ୍ଡ ଥିଲେ ହୁଲହୁଳିର ଅଭାବ ରହିବ ନାହିଁ ।)

୨୦। ଦଣ୍ଡବତ ମାଲମାଲ ଖଡ଼ାପତ୍ର ନ ଦଅନ୍ତେ । (ମୁହଁରେ ଭକ୍ତି ଦେଖାଇ କାର୍ଯ୍ୟତଃ କିଛି ନ ଦେବା ।)

୨୧। ଦାସିକ ଡାଲି ଗ୍ରଉଲ, ବ୍ରାହ୍ମଣକୁ ଜାବଡ଼ା । (ଚରିତ୍ରହୀନ ବ୍ୟକ୍ତିର ସମାଦର ହେଉଥିବାବେଳେ ସାଧୁବ୍ୟକ୍ତିର ଅବମାନନା ହେବାଭଳି ବିଡ଼ମ୍ବନା ।)

୨୨। ଧନ୍ୟ ସେ ପ୍ରଜାପତି, ବରକୁ କନ୍ୟା ଘଟାଘଟି ।

୨୩। ନ ଦେଖିଲି ପୁଅ ଦେଖ—ନା, କହିଁଛ କାଢ଼ିଛି ବେକ ।

୨୪। ନାମ ବଡ଼ା, ଦର୍ଶନ ଥୋଡ଼ା ।

୨୫। ନିଜେ ରାନ୍ଧି ନିଜେ ଖାଏ, ସୁଆଦ ସୁଆଦ ହୋଇଥାଏ ।

Digitized by srujanika@gmail.com

୨୬। ନିର୍ଲଜ୍ଜ ଲଉ, ଟେକଟାଏ ଦେଲେ ପିଢ଼ାକୁ ଯାଉ, ମାଡ଼ ମାଡ଼ ଫଳୁ ଥାଉ ।

୨୭। ନିଜେ ଗୁରୁ, ନିଜେ ଚେଲା ।

୨୮। ନିଶୁଆ ଚେଲା, ଯାଉଥା ପେଲା । (ଭଲମନ୍ଦ ବିଚାର ନ କରି ଯେ ଆଗକୁ ବଢ଼ିଯାନ୍ତି ।)

୨୯। ପରଧନ ଗୁଡ଼ମୁଆଁ ପରି ।

୩୦। ପର ପିଠା, ବଡ଼ ମିଠା । (ପରଧନ ଅକୁଣ୍ଠିତ ଚିତ୍ତରେ ଆତ୍ମସାତ୍ କରିବା ଲୋକ ପ୍ରତି ବ୍ୟଙ୍ଗୋକ୍ତି ।)

୩୧। ପର ହାଣିଲା କୋଡ଼ି ବାଆ ପରି ଲାଗେ । (ଅନ୍ୟର କଠିନ ପରିଶ୍ରମ ଜଣାପଡ଼େ ନାହିଁ ।)

୩୨। ଫଟାରସିକ, କଖାରୁ ଫୁଲକୁ ପାରୁଡ଼ା ପୋକ ।

୩୩। ଫାଟେ ଭୁଟେ, ଧୋବାର ଯାଉଛି କେତେ ?

୩୪। ଫୁଟିଲା ଆଖିରେ ମରିଚ ଘଷା । (ବୃଥା ଶ୍ରମ)

୩୫। ବଉଁଶଖିଆ ଭୂଆ ବିରାଡ଼ି, ପେଟର ପିଲାକୁ ଦିଏଟି ମୋଡ଼ି । (ଆତ୍ମୀୟମାନଙ୍କର ଅନିଷ୍ଟ ଘଟାଇବା ବ୍ୟକ୍ତି ପ୍ରତି ବ୍ୟଙ୍ଗୋକ୍ତି ।)

୩୬। ବଡ଼ ବଡ଼ ଗଲେ ଫସରଫାଟି, ସାନ ଅଇଲେ ବେସରବାଟି ।

୩୭। ବଣଦେଶିଆ ବନ୍ଧୁ, ଖିର ଆଣିନି ଥୋର ଆଣିନି, ଆଣିଛି ଘୁଷୁରିକେନ୍ଦୁ ।

୩୮। ବାହ୍ମାପିଆଙ୍କର ଖିଆଟି; ବାହାରେ କାଢ଼ନ୍ତି ଡିମ ବାରବୋଡ଼ି, ଘରେ ନ ଜଳଇ ବତି ।

୩୯। ବିଜୁଆତି, ବାଇଡଙ୍କର ନାତି ।

୪୦। ବିଲୁଆ ନନା, ଘର ପୋଡ଼ିଗଲା ପଛକୁ ଅନା ।

୪୧। ବୁଦ୍ଧିରେ ବୁଦ୍ଧି, ନାଁ ବଳେଇପଡ଼ିଯାଉଛି ବୁଦ୍ଧ । (ଅତି ଚତୁର ବ୍ୟକ୍ତି ପ୍ରତି ବ୍ୟଙ୍ଗୋକ୍ତି ।)

୪୨। ବୁଲି ବୁଲି ଖାଇଲି ମାସେ, ମୋ ଘରେ କୁଣିଆ ଦିଣ ପଚୃଶେ ।

୪୩। ଭଣଜା କୁଳନନ୍ଦନ, ହଗିଦେଲେ ଗୁହ ଚନ୍ଦନ ।

୪୪। ମଦନ ଖଟୁଆ; ପାନ ନାହିଁ, ଗୁଆ ନାହିଁ ଖାଲି ବଟୁଆ ।

୪୫। ମନେ ମନେ ହୁଆ ଖାଇବା ।

୪୬। ମନେ ମନେ କାଣୀ ପିଠା ଖାଉଛି ।

୪୭। ମନ ଲୋଡ଼ୁଛି, ମନ ଲୋଡ଼ିଲେ କିଏ ଦେଉଛି ।

୪୮। ମାଛ ଧରି ଆଣିଲେ ବାପ ମୋର, ସାପ କାମୁଡ଼ିଲେ କରମ ତୋର ।

୪୯। ମାଡ଼ ଭରଣ ପାହୁଲାଏ ।

୫୦। ମାଡ଼ଖିଆ ମହାଦେବ, ମାଡ଼ ଖାଇଲେ ବର ଦେବ ।

Digitized by srujanika@gmail.com

୫୧ । ମୋ ପୁଅ ବଡ଼ ପାଣବାର, ଆଣେ ଋଣ ଦିଏ ଉଧାର ।

୫୨ । ଯାଉଥିବ ଆସୁଥିବ ନ କରିବ ପର, ଦାଣ୍ଡରେ ଖୋଇ ହାତରୁ ଖାଇ କରିଦେବ ଘର ।

୫୩ । ଯାଚଲେ ନ ରୁଚେ ମଣ୍ଡା ଗଇଁଠା, ମାଗି ଖାଉଥାଏ ବାସି ଅଇଁଠା ।

୫୪ । ରଥ ବାଜପେୟୀ ଝିଅ, ଆଣିଛ, ନେଇଛ, ଘର ଥୋଇଛ, ବେଦରେ ବ୍ୟାପିଛ ପୁଅ ।

୫୫ । ରୂପ ସୁନ୍ଦର ବୋଲି କଣ ଗୁହ୍ଟିବ ?

୫୬ । ଲେଙ୍ଗୁଟି ପିନ୍ଧାଙ୍କ ପାଗପଟୁକା, ଗୋଲାମଙ୍କୁ ବଡ଼ପଣ,
ମାଗଖିଆଙ୍କର ଭଟୁ ଘୋଡ଼ା ଏ ବଡ଼ ବଡ଼ମ୍ଭନ ।

୫୭ । ଶୁଣ୍ଡିର ସାକ୍ଷୀ ମାତାଲ ।

୫୮ । ଷଣ୍ଢ ମହାଦେବଙ୍କର, ଗାଈ ସହଦେବଙ୍କର, ବଳଦ ବାପୁଡ଼ା କାହାର ନୁହେଁ ।

୫୯ । ସାକୁଳା ସୂତା, ଗଜମୁକୁତା ।

୬୦ । ସୁଆଗରେ ଗଣ୍ଡି ନାହିଁ, ଛୁଣ୍ଡି ଯାଉଛୁ ରଟରଟ । (ଉପରଠାଉରିଆ ଦେଖାଣିଆ ସ୍ନେହ ପ୍ରତି କଟାକ୍ଷ-ବଚନ ।)

୬୧ । ହଜିଲା ଗାଈ ବ୍ରାହ୍ମଣକୁ ଦାନ । (ଯାହା ପାଇବାର ଆଶା ନାହିଁ, ତାହା ଅନ୍ୟକୁ ଦାନ କରି ପ୍ରଶଂସା ଲାଭ କରିବା ।)

୬୨ । ହାଇରେ ରସିକ ଭଲା ରସିଲୁ, ମଧୁମାଳତୀକୁ ଛାଡ଼ିଦେଇ ଯା ପୋକଶୁଙ୍ଘା ବଣେ ପଶିଲୁ ।

୬୩ । ଗୁଡ଼ କିଣିଥିଲି ଅଢ଼େଇଏ;
ପୁଅ ବାହାକଲି, ଝିଅ ବାହାକଲି, ଅଧୁର ବଳିଲା ସଢ଼େଇଏ ।
କରିଥିଲି ଯେଉଁ ପିଠାମାନ; ଦୋଅଣି ସିଉକରୁ ସାନ ସାନ;
ବର ବରଜାତ ସନ୍ତୋଷ ହୋଇଲେ ବାଟୁଳିରୁ ସାନ ନାନମାନ (ଘିଅ ଛଣା ପିଠ) ।

୬୪ । ଅରକ ସର, ବାଂଝ ମାଇପ କୁଳକୁ ଶିଷ ।

୬୫ । ଏକାଦଶୀ ଦିନ ଏଗାର ବଖତ, ଦ୍ୱାଦଶୀ ଦିନ ଉଲଗି;
ତ୍ରୟୋଦଶୀ ଦିନ ଡାମ୍ପଡ଼ା ଶୁଖୁଆ, ଖାଉଥାନ୍ତି ସନ୍ନ୍ୟାସୀ ।

୬୬ । କଉପୂନିଆଙ୍କ ଧନ୍ଦା, କଲେଣ୍ଟା ମାଇପ ରନ୍ଧା,
କରକରୁ ଭୁଇଁ ଫନ୍ଦା—ସଖି ଗୋ, ବଡ଼ ମନ୍ଦ ଏ ।
ଖାରିଆ ଖଡ଼ାକୁ ନବାତ, କହୁ ନ ଭାବିବ ସଙ୍ଗାତ !

Digitized by srujanika@gmail.com

୬୮ । ଗଣେଶପେଟା, ହଗି ନ ଜାଣିଲେ ଦାନ୍ତରେ କୁଟା ।

୬୯ । ରୂପ ନାହିଁ, କାନ୍ତ ମାଡ଼ିପଡ଼ୁଛି; ବାହା ନାହିଁ ବଦ ଛୁଞ୍ଚିପଡ଼ୁଛି ।

୭୦ । ଗୃଉଲ କୁଟିଲ ମାଣେ,
ଛଅ କୋଡ଼ି କଲ୍ ନଅ କୋଡ଼ି କଲ
କୁଲା ପୋଛୁ କର ଦ’ କୋଡ଼ି କଲ୍
ଖାଇ ବେହେରଙ୍କୁ ପୋଡ଼ପିଠା ଦେଲ,
ଲୋକେ ବୋଲାଇଲ୍ ଜଣେ ।

□□□

Digitized by srujanika@gmail.com